# ମିଖାଇଲ୍ ଶୋଲଖଭ୍

# ମଣିଷର ଭାଗ୍ୟ

## ଓ ଅନ୍ୟାନ୍ୟ ଗଳ୍ପ

## ମିଖାଇଲ୍ ଶୋଲଖଭ୍

# ମଣିଷର ଭାଗ୍ୟ

## ଓ ଅନ୍ୟାନ୍ୟ ଗଳ୍ପ

ପ୍ରଗତି ପ୍ରକାଶନ

ମସ୍କୋ

М. Шолохов

# СУДЬБА ЧЕЛОВЕКА

*на языке ория*

М, 1981

ଅନୁବାଦ – ବୈଷ୍ଣବ ଚରଣ ପରିଡ଼ା

ମୁଖ୍ୟ ପରିବେଶକ –
ନବଯୁଗ ଗ୍ରନ୍ଥାଳୟ
ବକ୍ସକବାଟି ରୋଡ
କଟକ – ୧

ПОГАШЕНО

ଓଡ଼ିଆ ଅନୁବାଦ © ପ୍ରଗତି ପ୍ରକାଶନ, ୧୯୮୧

ВСЕСОЮЗНАЯ ГОСУДАРСТВЕННАЯ
БИБЛИОТЕКА
ИНОСТРАННОЙ ЛИТЕРАТУРЫ

ସୋଭିଏତ ୟୁନିଅନରେ ମୁଦ୍ରିତ ।

Ш $\frac{70302-725}{014(01)-81}$ 799—81

4702010200

## ସୂଚୀ ପତ୍ର

କଳାଜାଇ . . . . . . . . . . . . . . . . . . . . ୭
ଗାଈଆଳ . . . . . . . . . . . . . . . . . . . . ୨୫
ବେଧଛୁଆ . . . . . . . . . . . . . . . . . ୪୬
ନୀଳ ଷ୍ଟେପୀ . . . . . . . . . . . . . . . . . . ୯୪
ଘୋଡ଼ାଛୁଆ . . . . . . . . . . . . . . . . . . . ୧୧୬
ପର ପୁଅ . . . . . . . . . . . . . . . . . . . . ୧୨୬
ମଣିଷର ଭାଗ୍ୟ . . . . . . . . . . . . . . . . . ୧୬୩

# ‘ଧନ୍ ଟୀରଂର କାହାଣୀମାଳା’ରୁ

୧୯୦୫ରେ ମୋର ଜନ୍ମ ... ଦନ୍ ତୀରରେ ଗୃହ ଯୁଦ୍ଧର ଘମାଘଟା ।

୧୯୨୦ରେ ସେନା ବାହିନୀରେ ଯୋଗ ଦେଲି, ଦନ୍ ଅଞ୍ଚଳରେ ଏଣେତେଣେ ବୁଲିବାକୁ ହେଲା । ଅନେକ ଦିନ ଧରି କାମ କଲି ବଳକା ଶସ୍ୟ ଆଦି ସଂଗ୍ରହ ଅଭିଯାନରେ । ୧୯୨୨ ପର୍ଯ୍ୟନ୍ତ ଦନ୍ ଅଞ୍ଚଳର ଶାସନକାରୀ ଦସ୍ୟୁ ଦଳଙ୍କ ପଛେ ପଛେ ଧାଇଁବାକୁ ହେଲା, ସେମାନେ ବି ଆମ ପଛେ ପଛେ ଧାଇଁଲେ ...

ମିଖାଇଲ୍ ଶୋଲଖଭ୍
(“ଆତ୍ମଜୀବନୀ”ରୁ)

# ଜଳାଜାଇ

୧

ଟେବୁଲ ଉପରେ ସବୁ ଖେଳେଇ ହୋଇ ପଡ଼ିଛି – ପୋଡ଼ା ବାରୁଦ ଗନ୍ଧ ବାହାରୁଥିବା କେତେଟା କାର୍ତ୍ତୁଜ୍ ଖୋଳ, ଛେଳି ମାଂସର ଖଣ୍ଡେ ହାଡ଼, ଗୋଟାଏ ସାମରିକ ମାନଚିତ୍ର, ସୈନ୍ୟ ଚଳନାର ରିପୋର୍ଟ, ପୁଳାଏ ରୁଟି ଆଉ ପିତଳ କୁନ୍ଦବସା ଗୋଟାଏ ଲଗାମ । ଲଗାମଟାରୁ ଫାଟି ପଡ଼ୁଛି ଘୋଡ଼ାର ଉଷୁମୁଳିଆ ଝାଳ ଗନ୍ଧ । କାନ୍ଥକୁ ଲାଗି ପଡ଼ିଛି ଅଚଞ୍ଚା ଆବୁଡ଼ା ଖାବୁଡ଼ା ବେଞ୍ଚଟାଏ । ସନ୍ତସନ୍ତିଆ କାନ୍ଥରେ ଫୁଟି ଉଠିଥିବା ଛତିଆସବୁ ବେଞ୍ଚ ଉପରକୁ ଯେମିତି ମାଡ଼ି ଆସିଲା ପରି ଲାଗୁଛି । ବେଞ୍ଚ ଉପରେ ଝରକା ଏରୁଣ୍ଡିକୁ ପିଠି ଭରା ଦେଇ ବସିଛନ୍ତି ତରୁଣ ସ୍କ୍ୱାଡ୍ରନ୍ କମାଣ୍ଡର ନିକଲାଇ କଶେଭୋଇ । ଅବଶ ଅସାଡ଼ ଆଙ୍ଗୁଳିଗୁଡ଼ିକରେ ଧରିଛନ୍ତି ପେନ୍‌ସିଲଟିଏ । ସାମ୍ନା ଟେବୁଲ ଉପରେ ମେଲେଇ ହୋଇ ପଡ଼ିଛି କେଇ ଖଣ୍ଡ ପୁରୁଣା ପ୍ରାଚୀର ପତ୍ର ଆଉ ଅଧାପୂରଣ ହୋଇଥିବା ଘରକଟା ଗୋଟିଏ ମୋଟା କାଗଜ ଫର୍ମ । ଫର୍ମର ଗୋଟିଏ ଘରେ ଲେଖା ହୋଇଛି : କଶେଭୋଇ, ନିକଲାଇ, ସ୍କ୍ୱାଡ୍ରନ୍ କମାଣ୍ଡର, କ୍ଷେତ ମଜୁରିଆ, ଯୁବ କମ୍ୟୁନିଷ୍ଟ ।

“ବୟସ” ଘରେ ଆସ୍ତେ ଆସ୍ତେ ସେ ପେନ୍‌ସିଲରେ ଲେଖି ଦେଲା ଦୁଇଟି ଅଙ୍କ – “୧୮” ।

ନିକଲାଇର କାନ୍ଧ ଦୁଇଟା ଖୁବ୍ ଚଉଡ଼ା । ଦେଖିଲେ ମନେ ହୁଏ ବୟସ ଅଠରରୁ ବେଶି ହେବ । ଆଖି କୋଣର ଚମଡ଼ାସବୁ କୁଞ୍ଚି ହୋଇ ଆସିଲାଣି, ବୁଢ଼ାଙ୍କ ପରି ପିଠିଟା ଟିକେ ନଇଁ ଆସିଛି । ଦିହ ଆଉ ମୁହଁରେ ବୟସର ଛାପ ।

ସ୍କ୍ୱାଡ୍ରନ୍‌ର ସୈନ୍ୟମାନେ ତାକୁ ଥଟା କରି କହନ୍ତି – “ଏକଦମ୍

ପିଲଟାଏ, ବିଲ୍‌କୁଲ କଣ୍ଢା" । କିନ୍ତୁ ଏଥି ସଙ୍ଗେ ସଙ୍ଗେ ତାରିଫ କରି ଆଉରି କହନ୍ତି, "ତା ଭଳି ପିଲ କୋଟିକରେ ଗୋଟିଏ ମିଳିବା କଷ୍ଟକର, ଦିଦିଟା ଦସ୍ୟୁ ବାହିନୀକୁ ଏକେବାରେ ଖତମ୍ କରି ଦେଲ, ଏ ପକ୍ଷରୁ ଜଣେ ହେଲେ ଖୁଣ୍ ହେଲେ ନାହିଁ! ଦିନେ ଦିଦିନ ନୁହଁ, ଛ' ମାସ ଧରି ଗୋଟାଏ ସ୍କ୍ୱାଡ୍ରନ୍‌କୁ ଧରି ସେ ଯୁଦ୍ଧ କରିଛି । ଯେ କୌଣସି ଅଭିଜ୍ଞ କମାଣ୍ଡରଠାରୁ ସେ କୌଣସି ଗୁଣରେ କମ୍ ନୁହଁ!"

ବୟସଟା ତା'ର ମୋଟେ ଅଠର ବୋଲି ନିକଲଇକୁ ଲଜ ଲଗେ । ତେଣୁ, ବୟସ ଘରଟାକୁ ପୂରଣ କରିବାକୁ ଗଲ ବେଳେ ସବୁବେଳେ ତା ପେନ୍‌ସିଲଟା ଅଟକି ଯାଏ ଘୃଣାରେ । ରାଗରେ ଗାଲ ଦିଇଟା ଲଲ ହୋଇ ଉଠେ । ନିକଲଇର ବାପା ଥିଲେ କସାକ୍, ତେଣୁ ସେଇ ସୂତ୍ରରେ ସିଏ ବି କସାକ୍ । ସ୍ୱପ୍ନ ଦେଖିଲ ପରି ପିଲ ଦିନର କଥା ତା'ର ମନରେ ଭାସି ଉଠେ । ନିକଲଇକୁ ପାଞ୍ଚ ଛଅ ବର୍ଷ ବେଳେ ବାପା ତା'ର ତାକୁ ତାଙ୍କ ଯୁଦ୍ଧ ଘୋଡ଼ା ଉପରେ ବସାଇ ଦେଇ ବଡ଼ ପାଟିରେ କହୁଥିଲେ: "କେଶରକୁ ଭଲ କରି ଧରିଥିବୁ ପୁଅ!" ମା ହାଣ୍ଡିଶାଳ ଦୁଆର ମୁହଁରେ ଠିଆ ହୋଇ ମୁରୁକି ମୁରୁକି ହସୁଥାନ୍ତି । ଘୋଡ଼ାର ସଳଖ ପିଠି ଉପରେ କୁନି କୁନି ଗୋଡ଼ ଦୁଇଟି ତା'ର ବନ୍ଧନୀ ଯୋଡ଼ିଏ ପରି ଭିଡ଼ି ହୋଇ ରହିଥାଏ । ବାପା ଧରିଥାନ୍ତି ଘୋଡ଼ାର ଲଗାମଟାକୁ । ମାଙ୍କ ମୁହଁଟି ଝାଉଁଳି ଆସି, ଆଖିରୁ ତରା ଖସି ପଡ଼େ, ସେ ବଲବଲ କରି ଖାଲି ଚାହିଁ ରହନ୍ତି ।

ସେସବୁ ଅନେକ ଦିନ ତଳର କଥା । ଜର୍ମାନ୍‌ମାନଙ୍କ ସହିତ ଯୁଦ୍ଧ କରୁ କରୁ ବାପା ତା'ର ନିଖୋଜ ହୋଇ ଗଲେ । ପାଣିରେ ବୁଡ଼ି ଗଲେ ମଣିଷକୁ ଯେମିତି ଦେଖି ହୁଏ ନି, ସେଇ ପରି ତାଙ୍କର ଆଉ କୌଣସି ପତା ମିଳିଲ ନାହିଁ । ତା' ପରେ ନିକଲଇର ମା ବି ବିଦାୟ ନେଲେ ଇହଧାମରୁ । ଉତ୍ତରାଧିକାର ସୂତ୍ରରେ ବାପାଙ୍କର କେତେକ ଗୁଣ ଆଣିଛି ନିକଲଇ । ବାପ ପରି ତା'ର ଅଛି ଅକଳନ୍ତି ସାହସ ଏବଂ ଘୋଡ଼ାମାନଙ୍କ ପ୍ରତି ସ୍ନେହ । ବାପାଙ୍କ ଦିହରେ ତା'ର କଳାଜାଇଟିଏ ଥିଲ । ନିକଲଇ ଗୋଡ଼ର ଠିକ୍ ବଳାଗଣ୍ଠି ଉପରକୁ ମଧ୍ୟ ଅଛି ପାରା ଡିମ ପରି କଳାଜାଇଟିଏ । ନିକଲଇକୁ ପନ୍ଦର ବର୍ଷ ହେଲ ପର୍ଯ୍ୟନ୍ତ ଘରେ



ଘରେ ବୁଲି ସେ କ୍ଷେତରେ ମୂଲ ଲଗୁଥିଲ । ଥରେ ତାଙ୍କ ଗାଁ ବାଟ ଦେଇ ଲଲ ଫୌଜର ଏକ ସେନାଦଳ ଯାଉଥିଲ ବେଳେ ସେ ସେମାନଙ୍କ ସହିତ ଯୋଗ ଦେଇ ଦେଲ । ଦିହରେ ଗୋଟାଏ ଲମ୍ବା କୋଟ୍ ଚଢ଼ାଇ ଗ୍ଲଲିଲ ଭ୍ରାଙ୍ଗେଲ୍‌ଙ୍କ ସାଙ୍ଗରେ ଲଢ଼ିବା ପାଇଁ । ଗତ ଖରା ଦିନେ ଥରେ ଦନ୍ ନଈରେ ନିକଲଇ ତା'ର ସାମରିକ କମିସାରଙ୍କ ସହିତ ଗାଧୋଉଥିଲ । କମିସାରଙ୍କ ମୁଣ୍ଡଟା କମାଣ ଗୋଳା ଆଘାତରେ ଡାବଦା ପଡ଼ି ଯାଇଥାଏ । ତେଣୁ ମୁଣ୍ଡ ଥରେଇ, ଥଙ୍ଗ ଥଙ୍ଗ ହୋଇ କଥା କହନ୍ତି । ନିକଲଇ ଗୋଡ଼ର କଳାଜାଇଟା ହଠାତ୍ ପଡ଼ି ଗଲ ତାଙ୍କ ଆଖିରେ । ଖରାସିଝା କାନ୍ଧ ଦୁଇଟିକୁ ତା'ର ଥାପୁଡ଼ାଇ ଥାପୁଡ଼ାଇ କମିସାର ଥଙ୍ଗ ଥଙ୍ଗ ହୋଇ କହିଲେ:

"ନିକଲଇ, ତୁତ ବ ଡ଼ ଭାଗ୍ୟବାନରେ! ଲୋକେ କହନ୍ତି କଳାଜାଇ ଥିଲେ ମଣିଷ ଭାଗ୍ୟବାନ ହୁଏ ।"

ଧଳା ଚକ୍ ଚକ୍ ବତିଶ୍ ଦାନ୍ତକୁ ଦେଖାଇ ଦେଇ ପାଣି ଭିତରେ ବୁଡ଼ି ଗଲ ନିକଲଇ । କିଛି କ୍ଷଣ ପରେ ମୁଣ୍ଡ ଟେକି ନାକ ସୁଁ ସୁଁ କରି କହିଲ:

"ସେସବୁ ବାଜେ କଥା ଭାଇ! ପିଲଟି ବେଳୁତ ବାପାମାଙ୍କୁ ହରାଇଛି । ପର ଘରେ ମୂଲ ଲଗି, ମୁଣ୍ଡ ଝାଳ ତୁଣ୍ଡରେ ମାରି ପେଟ ପୋଷି ଆସିଲି—ଭାଗ୍ୟବାନ ନୁହଁ ଆଉ କ'ଣ?"

ତା' ପରେ ଦନ୍ ନଈର ହଳଦିଆ ବାଲିଚରା ଆଡ଼କୁ ପହଁରି ପହଁରି ଆଗେଇ ଗଲ ନିକଲଇ ।

## ୨

ଦନ୍ ନଈର ତିଖ ଚଢ଼ା ଉପରେ ନିକଲଇର ସୈନ୍ୟ ଶିବିର । ଝରକା ବାଟରେ ଦେଖା ଯାଏ ଦୂର ନଈ କୂଳେ କୂଳେ ବିସ୍ତୀର୍ଣ୍ଣ ଦିଗହଜା ସବୁଜ ବିଛାଣି ଆଉ ପାଲିସ୍‌କରା ଇସ୍‌ପାତ ପରି ଚକ୍ ଚକ୍ ପାଣି । ଝଡ଼ ରାତିରେ ଉଚ୍ଚ ତଟଭୂମିରେ ଉଛୁଳ ଦନ୍‌ର ଅଧିର ଢେଉସବୁ ଆସି ପିଟି ହୁଏ, ନିକଲଇର କୁଡ଼ିଆ ଝରକାର ଝିଲିମିଲି ଯନ୍ତଣାରେ କଇଁ

କହିଁ ହୋଇ କାନ୍ଦିଲା ଭଳି ଶବ୍ଦ କରେ । ନିକଲାଇର ମନେ ହୁଏ, କୁଡ଼ିଆ ଚଳର ଫାଟ ଦେଇ ଲୁଚି ଲୁଚି ପାଣି ଯେମିତି ପଶି ଆସୁଛି – ଉପରକୁ ଫୁଲି ଫୁଲି ଉଠିଲା ବେଳେ କୁଡ଼ିଆଟି ଦୋହଲି ଯାଉଛି ।

ଅନେକ ଥର ସେ ଭାବିଲାଣି, କୁଡ଼ିଆଟିକୁ ଛାଡ଼ି ଦେଇ ଛାଉଣିର ଅନ୍ୟ ଘରକୁ ଚାଲି ଯିବ । କିନ୍ତୁ ତାକୁ ଫୁର୍‌ସତ୍ ମିଳୁ ନି, ଖାଲି ଭାବିବା ସାର ହେଉଛି । ଆଉ କେଇ ଦିନ ପରେ ଶୀତ ଋତୁ ଆସି ଯିବ । ଦିନେ ସକାଳେ ବାରଣ୍ଡାରେ ଆସି ଛିଡ଼ା ହେଲା ନିକଲାଇ । ବହଳ କୁହୁଡ଼ିରେ ଚାରି ଆଡ଼ ଢାଙ୍କି ହୋଇ ପଡ଼ିଥାଏ । ଲୁହା ଗୁବମରା ବୁଟ୍‌ର ଖଟ୍ ଖଟ୍ ଶବ୍ଦରେ କ୍ଷୀଣ ନିସ୍ତବ୍ଧତାକୁ ଭାଙ୍ଗି ନିକଲାଇ ଆଗେଇ ଗଲା ଚେରି ଗଛର ଛୋଟ ବଗିଚାଟି ଭିତରକୁ । ଆଖି ଲୁହରେ ଛଳଛଳ ହେଲା ପରି ଶିଶିର ଭିଜା ବହଳ ଘାସ । ଘାସ ଉପରେ ଚିତ୍ ହୋଇ ଶୋଇ ପଡ଼ିଲା ନିକଲାଇ । ପାଖ ଘରର ମାଲିକାଣୀର ଗୁହାଳରୁ ଗାଈ ଦୁହିଁବାର ଶବ୍ଦ ଭାସି ଆସୁଥାଏ । ମାଲିକାଣୀ ଗାଈଟିକୁ ଧୀର ସ୍ଥିର ଭାବେ ଛିଡ଼ା ହେବାକୁ କହୁଛି ଏବଂ ବାଛୁରୀଟି ତା'ର ଦାବି ଜଣାଇ ଗମ୍ଭୀର ଗଳାରେ ରଡ଼ି ଛାଡ଼ୁଛି । ମାଲିକାଣୀ ଗାଈ ଦୁହିଁଲା ବେଳେ ଭାଣ୍ଡରେ କ୍ଷୀରସବୁ ପଡ଼ୁଛି ଚର୍ ଚର୍ ହୋଇ ।

ନିକଲାଇ କୁଡ଼ିଆର ଫାଟକଟି କଟ୍ କଟ୍ କରି ଉଠିଲା । ଜଗୁଆଳୀ କୁକୁରଟା ସଙ୍ଗେ ସଙ୍ଗେ ଡାକି ଉଠିଲା ଭୋ ଭୋ କରି ।

“କମାଣ୍ଡର ଭିତରେ ଅଛନ୍ତି ?” ପ୍ଲାଟୁନ୍ ସର୍ଜନ ଜଣେ ପଚାରିଲେ ।

କହୁଣିରେ ଭରା ଦେଇ ଉଠି ପଡ଼ିଲା ନିକଲାଇ ।

“ହଁ ଅଛି, ଖବର କ'ଣ ?”

“ଗାଁରୁ ଖବର ନେଇ ଲୋକ ଜଣେ ଆସିଛନ୍ତି । କହୁଛନ୍ତି, ଗୋଟାଏ ଦସ୍ୟୁ ବାହିନୀ ସାଲ୍ସ ଜିଲ୍ଲାରେ ପଶିଛନ୍ତି । ଗ୍ରୁଣିନ୍ସ୍କି ରାଷ୍ଟ୍ର ଖମାରଟିକୁ ସେମାନେ କାଳେ ଦଖଲ କରି ନେଲେଣି ...”

“ତାଙ୍କୁ ମୋ ପାଖକୁ ନେଇ ଆସ ।”

ଖବର ଆଣିଥିବା ଲୋକ ଜଣକ ତାଙ୍କ ଘୋଡ଼ାଟିକୁ ଭିଡ଼ି ଭିଡ଼ି ଘୋଡ଼ାଶାଳ ଆଡ଼କୁ ନେବାକୁ ଚେଷ୍ଟା କରୁଥିଲେ । ଘୋଡ଼ାଟି କିନ୍ତୁ



ଧଇଁସଇଁ ହୋଇ ଝାଳନାଳରେ ଆଣ୍ଡିଏ ହୋଇ ପଡ଼ିଥାଏ । ଅଗଣା ମଝିରେକି ଆଗ ଗୋଡ଼ ଦିଇଟାକୁ ଭାଙ୍ଗି ଧସାଇ ହୋଇ ଗଲା ପରି ପଡ଼ି ଗଲା । ତା' ପରେ ଗୋଟାଏ କଡ଼କୁ ଗଡ଼ିପଡ଼ି ଲମ୍ବା ଦୀର୍ଘ ଶ୍ୱାସଟାଏ ପକାଇଲା ପଶୁଟା । ପରେ ପ୍ରାଣଟା ତା'ର ଛାଡ଼ି ଗଲା ସେଇଠି । ନିର୍ଜୀବ ଜଳଜଳିଆ ଆଖି ଦିଇଟା ତା'ର ଚାହିଁ ରହିଲା ଜଗୁଆଳୀ କୁକୁର ଆଡ଼କୁ । କୁକୁରଟା ଏତେ ରାଗି ଯାଇଥିଲା ଯେ ଭୁକି ବି ପାରୁ ନଥାଏ । ଘୋଡ଼ାଟି ମରି ଯିବା ପଛରେ ଏକ କାରଣ ଥିଲା । ଖବର ଆଣିଥିବା ଲୋକଟି ହାତରେ ଯେଉଁ ଚିଠିଟି ଆସିଥିଲା, ସେଥିରେ ଛକ ପଡ଼ିଥିଲା ତିନୋଟି । ତା' ଅର୍ଥ ବ୍ୟାପାରଟା ଖୁବ୍ ଜରୁରୀ । ଘଣ୍ଟାକୁ ପ୍ରାୟ ତିରିଶ ମାଇଲ ବେଗରେ ଘୋଡ଼ା ଛୁଟାଇ ଏକାନିଶ୍ୱାସକେ ସେ ଖବର ନେଇକି ଆସିଥିଲା ।

ନିକଲାଇ ପଢ଼ିଲା ଗାଁ ଚେୟାର୍‌ମ୍ୟାନ୍‌ଙ୍କ ଚିଠିଟି । ଚେୟାର୍‌ମ୍ୟାନ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି । କ'ଣ ଗୋଟାଏ ଭାବୁ ଭାବୁ ଆଗ କୋଠରୀ ଭିତରକୁ ପଶି ଗଲା ସେ । କମରରେ ତରବାରିଟାକୁ ଭିଡ଼ୁ ଭିଡ଼ୁ ମନେ ମନେ ଭାବୁଥିଲା, “ପୁଣି ଗୋଟାଏ ଦସ୍ୟୁ ଦଳ ! ଭାବୁଥିଲି କୁଆଡ଼କୁ ଯାଇ ପାଠ ସାଠ ଦିଅକ୍ଷର ପଢ଼ିବି, ପୁଣି ... କମିସାର କଥାରେ କଥାରେ କହୁଥିଲେ ମୋର ଲଜ୍ଜିତ ହେବାର କଥା ... ସ୍କ୍ୱାଡ୍ରନ୍‌ର କମାଣ୍ଡର ହୋଇ ବି, ଠିକ୍ କରି ଧାଡ଼ିଏ ହେଲେ ଲେଖି ପାରୁ ନି ... କିନ୍ତୁ ସେଟା କ'ଣ ମୋ ଦୋଷ ? ଗାଁ ଗିର୍ଜାର ଚାଟଶାଳୀ ଦୁଆର ମାଡ଼ିବାର ସୁଯୋଗ ତ ମୋତେ ମିଳି ନାହିଁ । କମାଣ୍ଡର ସତରେ ଗୋଟାଏ ମଜାଦାର ଲୋକ ... କିନ୍ତୁ ହେଲେ କ'ଣ ହେବ, ପୁଣି ଗୋଟାଏ ଦଳ ଆସି ପହଞ୍ଚି ଗଲେଣି ... ପୁଣି ସେଇ ଲଢ଼ାଇ, ପୁଣି ସେଇ ରକ୍ତ ... ମଣିଷ ଅତିଷ୍ଠ ହୋଇ ପଡ଼ିଲାଣି ...”

ବନ୍ଧୁକରେ ଗୁଳି ଭରୁ ଭରୁ ନିକଲାଇ ବାହାରକୁ ଚାଲି ଆସିଲା । ମୁଣ୍ଡ ଭିତରେ ଭାବନାଗୁଡ଼ାକ ତା'ର ଦୌଡ଼ା ଧାଆଁ କରିବାରେ ଲାଗିଥାନ୍ତି – ଆବୁଡ଼ା ଖାବୁଡ଼ା ସଡ଼କ ଉପରେ ଘୋଡ଼ା ପଲ ଛୁଟିଲା ପରି : “ସହରକୁ ଯାଇ ପାରିଲେ, ଲେଖା ପଢ଼ା କିଛି କରି ହୁଅନ୍ତା ... ଏଥର କୌଣସିମତେ ଯାଇ ପଢ଼ିବାକୁ ହେବ ...”

ଘୋଡ଼ାଶାଳ ଆଡ଼କୁ ଆଗେଇ ଗଲା ବେଳେ ମରି କି ପଡ଼ିଥିବା ଘୋଡ଼ାଟି ଉପରେ ନିକଲାଇର ନଜର ପଡ଼ି ଗଲା । ଧୂଳିଧୂସର ନାକ ପୁଡ଼ା ଭିତରୁ କଳା ରେଶମୀ ଫିଟା ପରି ରକ୍ତର ଧାର ଦୁଇଟି ବହି ଯାଉଛି । ଆଖି ଫେରାଇ ନେଲା ନିକଲାଇ ।

୩

ସୀମାହୀନ ଷ୍ଟେପୀ ଉପରେ ବାଇଜଡ଼ା ଆଉ କାଠକନ୍ଦମୂଳର ବୁଦୁବୁଦୁକିଆ ଜଙ୍ଗଲ । ଭିତରେ ତା'ର ଅସଂଖ୍ୟ କୁଦ ଆଉ ପବନ ସାଉଁଳା ଗାଡ଼ିଗୁଳା ପଡ଼ିଥିବା ସଡ଼କଟିଏ । ସଡ଼କ ଆଉ କୁଦଗୁଡ଼ିକ ଉପରକୁ ମାଡ଼ି ଆସିଛନ୍ତି ବଣୁଆ ମୂଷା ଭରା କୁଞ୍ଚିକୁଞ୍ଚିକିଆ ଗଛବୁଛସବୁ । ଆଗେ ପାଳଖଳାକୁ ସଡ଼କରେ ପାଳ ବହିବା କାମରେ ସଡ଼କଟି ବ୍ୟବହୃତ ହେଉଥିଲା । ଷ୍ଟେପୀର ଚାରି ଆଡ଼େ ଏହି ଭଳି ଅସଂଖ୍ୟ ପାଳଖଳା ବିଛୁଡ଼ି ହୋଇ ରହିଥାଏ । ଦେଖିଲେ ମନେ ହୁଏ, ଫିକା ହଳଦି ରଙ୍ଗର ଜମାଟବନ୍ଧା ଅମ୍ବର ପଥରର ବଡ଼ ବଡ଼ ଖଣ୍ଡଟିଏ ଲେଖା ଯେମିତି ଝକ୍ ଝକ୍ କରୁଛି । ଆଉ ସେଇ ଦିଗ୍‌ବଳୟ ତଳେ ଓଟର କୁଜ ପରି ଯେଉଁଟା ଦେଖା ଯାଉଛି, ସେଟା ହେଉଛି ସେଇ ବଡ଼ ସଡ଼କ । ଧାଡ଼ି ଧାଡ଼ି ହୋଇ ଟେଲିଗ୍ରାଫ୍ ଖୁଣ୍ଟସବୁ ପାଖରେ ତା'ର ଗୋଟିକ ପରେ ଗୋଟିଏ ଲମ୍ବା ଲମ୍ବା ପାଦ ପକାଇ ମାଡ଼ି ଯାଇଛନ୍ତି କାର୍ତ୍ତିକର ସଫେଦ କୁହୁଡ଼ିବୋଳା ଅସ୍ୱଚ୍ଛତା ମଧ୍ୟକୁ—ଗୋହିରୀ ପରେ ଗୋହିରୀ, ମାହାରା ପରେ ମାହାରା ପାର ହୋଇ । ସେହି ଖୁଣ୍ଟଗୁଡ଼ାକର କରେ କରେ ଚକ୍ ଚକ୍ କରୁଥିବା ବଡ଼ ସଡ଼କ ଦେଇ କସାକ୍ ସର୍ଦ୍ଦାର ତା'ର ଦସ୍ୟୁ ଦଳ—ପ୍ରତିବିପ୍ଳବୀ ବାହିନୀକୁ ଆଗେଇ ନେଉଛି । ପଚାଶ ଜଣ ସରିକି ହେବେ ସେମାନେ, ସମସ୍ତେ କସାକ୍, ଦନ୍ କିମ୍ବା କୁବାନ୍ ଅଞ୍ଚଳର ଲୋକ । ସୋଭିଏତ୍ ରାଜର ବିରୋଧୀ ସେମାନେ । ଖୁଆଡ଼ରୁ ପଳାଇ ଯାଇଥିବା ହେଟାଙ୍କ ପରି ତିନି ଦିନ ହେଲା ସେମାନେ ଏଣେତେଣେ ଧାଉଁଛନ୍ତି—କେତେବେଳେ ସଡ଼କ ଉପରେ ତ, ଆଉ କେତେବେଳେ ଷ୍ଟେପୀର ଅପନ୍ତରା ଭିତରେ । ସେମାନଙ୍କୁ ଧରିବା ପାଇଁ



ସେମାନଙ୍କ ପିଛା ଧରିଛନ୍ତି ନିକଲାଇ କଶେଭୋଇର ସେନାଦଳଟି ।

ଖୁବ୍ ଦୁର୍ଦ୍ଧର୍ଷ ଏହି ଦସ୍ୟୁ ଦଳଟା । ସେମାନେ ସମସ୍ତେ ଏକଦା ସୈନ୍ୟ ବାହିନୀରେ ଥିଲେ, ସମସ୍ତେ ଅଭିଜ୍ଞ । ତଥାପି କସାକ୍ ସର୍ଦ୍ଦାର ଖୁବ୍ ହୁସିଆର ସହକାରେ ଆଗଉଛି—ଘୋଡ଼ାର ପାଦାନିରେ ଛିଡ଼ା ହୋଇ ତନ୍ନତନ୍ନ କରି ଦେଖୁଛି ଷ୍ଟେପୀର ସୀମାହୀନ ବିଛାଣିକୁ । ଆଖି ଦୁଇଟା ତା'ର ସଚେତନ ହାତ ଦୁଇଟି ପରି ଚାରି ଆଡ଼କୁ ଯେମିତି ଅଣ୍ଡାଳି ଅଣ୍ଡାଳି ଯାଉଛି । ଦନ୍ ନଈର ଆର ପାରିରେ ଅନେକ ଦୂରକୁ ମାଡ଼ି ଯାଇଥିବା ଜଙ୍ଗଲର ନୀଳାଭ ପ୍ରାନ୍ତଟା ଆଉ କେତେ ମାଇଲ ରହିଲା—ହିସାବ କରୁଛି ମନେ ମନେ ସେ ।

ହେଟା ପଲ ପରି ଛପି ଛପି ସେମାନେ ହଟି ଯାଉଛନ୍ତି ଆଉ ସେମାନଙ୍କ ପଛେ ପଛେ ଅନୁସରଣ କରି ଚାଲିଛନ୍ତି ନିକଲାଇର ସେନାଦଳଟି ।

ଦନ୍ ପାରିର ଷ୍ଟେପୀ ଉପରେ ଖେଳି ଯାଇଛି ଗ୍ରୀଷ୍ମର ଅପୂର୍ବ ସମ୍ଭାର । ନିବିଡ଼ ନୀଳ ନିର୍ମଳ ଆକାଶ ତଳେ ଗହମ କେଣ୍ଡାର ଲହରୀ—ଖାଣ୍ଟି ରୂପାର ଝୁମୁକା ପରି ପବନରେ ଝୁମୁ ଝୁମୁ ଶୁଭୁଛି । ଏ ହେଉଛି ଗହମ ପାଚିବା ପୂର୍ବର ଦୃଶ୍ୟ । ଗାର୍ନୋଭ୍‌କା ଅଞ୍ଚଳର ବଡ଼ ଗହମ କେଣ୍ଡାସବୁ ଏହି ସମୟରେ ଧୀରେ ଧୀରେ କଳା ଧରି ଆସେ—ସତର ବର୍ଷର ଗଜା ଟୋକା ପରି ଫୁଲି ଫୁଲିକା । ତା' ପରେ ବଢ଼ନ୍ତ କେଣ୍ଡାଗୁଡ଼ିକ ହଠାତ୍ ଲମ୍ବି ଯାଏ ଆଉରି ଉପରକୁ, ମଣିଷକୁ ସତେ ଯେମିତି ଉଚ୍ଚତାରେ ଟପି ଯିବେ ସେମାନେ ।

ବାଲିଆଂଶିଆ ଢାଲୁ ନଈଚର ଆଉ ନଈକୂଳିଆ ସବୁ ପଟିଗୁଡ଼ିକରେ ଦାଢ଼ିଆ କସାକ୍ ଚାଷୀମାନେ ଯଅ ବୁଣିଛନ୍ତି । ଏହିସବୁ ଜମିରେ ଭଲ ଫସଲ କେବେ ହୁଏ ନାହିଁ—ମାଣେ ଜମିରେ ଛଅ ଗୌଣୀ ଯଅ ଫଳିବା କାଠିକର ପାଠ । କିନ୍ତୁ କସାକ୍‌ମାନେ ପ୍ରତିବର୍ଷ ଏହି ଜମିକୁ ଚଷି ଯଅ ବୁଣନ୍ତି । କାରଣ ଏହି ଯଅରୁ ସେମାନେ ତିଆରି କରନ୍ତି ଏକ ପ୍ରକାର ମଦ । ତରୁଣୀର ଆଖି ଲୁହଠାରୁ ସେ ମଦ ହେଉଛି ଆଉରି ସ୍ୱଚ୍ଛ । ଶହ ଶହ ବର୍ଷ ଧରି ସେମାନଙ୍କ ମଧ୍ୟରେ ଏହି ପ୍ରଥା ରହି ଆସିଛି । ସେମାନଙ୍କ ବାପ ଗୋସାପ ସାତ ପୁରୁଷ ଧରି ସେମାନେ ମଦ ପିଇବାକୁ

ଭଲ ପାଇ ଆସିଛନ୍ତି । ସେଇଥି ପାଇଁ ଦନ୍ କସାକ୍ ବାହିନୀର ବିରାଟ ପତାକାରେ ଅଙ୍କା ହୋଇଛି ଗୋଟାଏ ମଦ ପିମ୍ପା ଉପରେ ଅଣ୍ଟାଭରା ଦେଇ ବସିଥିବା ଜଣେ ମାତାଲ କସାକ୍‌ର ଛବି । ଶରତ ଋତୁରେ କସାକ୍ ପଡ଼ା ଆଉ ଗାଁସବୁ ଏହି ଅରଣା ମଦର ନିଶା ଆଉ ଗନ୍ଧରେ ମାତାଲ ହୋଇ ଉଠେ । ଉଇଲୋ ଗଛର ବାଡ଼ ଉପରେ କସାକ୍‌ଙ୍କ ମୁଣ୍ଡର ନାଲି ଟହଟହ ଟୋପିସବୁ ଟଳମଳ ହୋଇ ଦୋହଲେ ।

ଠିକ୍ ଏଇଥି ଯୋଗୁଁ କସାକ୍ ସର୍ଦ୍ଦାର ସଂଯତ ହୋଇ ରହି ପାରେ ନାହିଁ ଏବଂ ଠିକ୍ ଏଇଥି ଯୋଗୁଁ କମାଣ ଚଳାଳୀମାନେ ସେମାନଙ୍କ ସ୍ପ୍ରିଙ୍ଗ୍‌ଲଗା କମାଣବୁହା ଗାଡ଼ିରେ ଟଳୁଥାନ୍ତି ।

ଆଜିକୁ ସାତ ବର୍ଷ ହେବ କସାକ୍ ସର୍ଦ୍ଦାର ତା ଗାଁ ମାଟି ମାଡ଼ିନି । ପ୍ରଥମ ମହାଯୁଦ୍ଧ କାଳରେ ଜର୍ମାନ୍‌ମାନଙ୍କ ହାତରେ ବନ୍ଦୀ ହୋଇଥିଲା ସେ । ସେଠୁ ମୁକୁଳି ଭ୍ରାଙ୍ଗେଲ୍ ବାହିନୀରେ ଯୋଗ ଦେଇଛି । ତା' ପରେ ଯାଇଛି ଖରା ଝରା ସେହି କନ୍‌ଷ୍ଟାଣ୍ଟିନୋପଲ୍‌କୁ । କଣ୍ଟା ତାରବେଢ଼ା ବନ୍ଦୀ ଶିବିରରେ ସଢ଼ିଛି ସେ । ଲୁଣଖିଆ ତିନି କୋଣିଆ ପାଲଲଗା ଆଲକାତରାବୋଳା ତୁରସ୍କର ଛୋଟ ଛୋଟ ବୋଇତରେ ତା'ର ଦିନ ବି କଟିଛି, କୁବାନ୍‌ର କାଣ୍ଡସର ନଳ ବଣରେ ସେ ବୁଲିଛି । ଶେଷରେ ଫେରି ଆସି ସର୍ଦ୍ଦାର ହୋଇଛି କସାକ୍ ବାହିନୀରେ ଏବେ ।

ପଛକୁ ଚାହିଁଲେ ଏ ହେଉଛି କସାକ୍ ସର୍ଦ୍ଦାରର ଜୀବନ । ଏହି ଜୀବନ ହୃଦୟଟାକୁ ତା'ର ପଥର ପରି କଠିନ କରି ଦେଇଛି – ଷ୍ଟେପୀର କାଦୁଅ ପାଟରେ ପଡ଼ିଥିବା ବଳଦ ଖୁରାର ଦାଗସବୁ ଖରା ଖାଇ ଯେମିତି ପଥର ପାଲଟି ଯାଇଥାଏ । ଭିତରଟା ତା'ର କିନ୍ତୁ ସବୁବେଳେ ଗୋଟାଏ ଅବୋଧ୍ୟ ଯନ୍ତ୍ରଣାରେ ଜୁହୁଳୁଥାଏ । ପ୍ରତିଟି ମାଂସପେଶୀରେ ସେ ପୀଡ଼ା ଅନୁଭବ କରେ । ଯେତେ ଚେଷ୍ଟା କଲେ ବି ସେ ଏହି ପୀଡ଼ାଟାକୁ ପାସୋରି ପାରେ ନା । ମଦ ନିଶା ଭିତରେ ନିଜକୁ ହଜାଇ ଦେଇବି ସେ ନିଜକୁ ସେ ପୀଡ଼ାରୁ ମୁକ୍ତ କରି ପାରି ନି । ତଥାପି ସେ ମଦ ପିଏ – ଦିନଟିଏ ବି ବାଦ୍ ଯାଏ ନା । ଦନ୍ କୂଳେ କୂଳେ ସୂର୍ଯ୍ୟକୁ ତୃଷାର୍ତ୍ତ ପେଟ ଦେଖାଇ ପଡ଼ି ରହିଛି ଷ୍ଟେପୀର କଳା ମାଟି । ଉପରେ ତା'ର ହସନ୍ତ ଯଅ ଫୁଲର ମନମତାଣିଆ ଗନ୍ଧରେ ସର୍ଦ୍ଦାର ମାତାଲ ହୋଇ



ପଡ଼େ । ଦୂରଦେଶୀସ୍ୱାମୀ, ବାଦାମୀ-ଅଧରୀ ଗାଁ ସ୍ତ୍ରୀ ଲୋକମାନେ ଝରଣାର ଜଳଠାରୁ ସ୍ୱଚ୍ଛ ମଦ ତିଆରି କରି ଦିଅନ୍ତି ସର୍ଦ୍ଦାର ପାଇଁ ।

## ୪

ସେଦିନ ବଡ଼ି ଭୋରୁ ସେ ବର୍ଷ ପ୍ରଥମ ବରଫ ପଡ଼ିଲା । କଇଁ ଫୁଲର ଚଟକା ଚଟକା ପତର ଉପରେ ସଫେଦ ବରଫକଣାସବୁ ରୂପା ପରି କରି ଉଠିଲା ଝଲମଲ । ସକାଳୁ ଲୁକିଚ୍ ବିଛଣାରୁ ଉଠି ଦେଖିଲା ତା' ମିଲ୍‌ର ଚକା ଉପରେ ଅଭ୍ର ପରି ପତଳା ବରଫକଣାସବୁ ବିଛାଇ ହୋଇ ପଡ଼ିଛି ।

ଲୁକିଚ୍ ସେଦିନ ସକାଳୁ ପିଠିରେ କ'ଣ ଗୋଟାଏ ପୀଡ଼ା ଅନୁଭବ କରୁଥିଲା । ହୁତୁହୁତିଆ ଏ ପୀଡ଼ାଟା ହେତୁ ଗୋଡ଼ ଦୁଇଟା ତା'ର ଲାଗୁଥିଲା ଲୁହା ପରି ଓଜନିଆ । ମନେ ହେଉଥିଲା ମାଟି ସାଙ୍ଗରେ ସେ ଦୁଇଟା ଯେମିତି ଲାଗି ଯାଇଛି । ମିଲ୍ ଭିତରେ ଗୋଡ଼ ଘୋଷାରି ଘୋଷାରି ଏପାଖ ସେପାଖ ହେଉଥାଏ ସେ । ମନେ ହେଉଥାଏ ହାଡ଼ରୁ ମାଂସଗୁଡ଼ାକ ଯେମିତି ଖସି ପଡ଼ୁଛି । ଯଅଧୂଆ ମେସିନ୍ ତଳୁ ପଲେ ମୂଷା ଛୁଆ ବାହାରି ଆସିଲେ । ବଲବଲ କରି ପେଳୁଆ ଆଖିରେ ସେଗୁଡ଼ାକ ଅନାଇ ରହିଲେ ଲୁକିଚ୍‌କୁ । ଛାତ ବରଗା ଉପରେ ପାରାଟିଏ ଆନନ୍ଦରେ ଗୁମୁରି ଉଠିଲା । ଷ୍ଟେପୀର ଦୋଅଂଶା ମାଟିରେ ଗଢ଼ା ହେଲା ଭଳି ଦିଶେ ବୁଢ଼ା ଲୁକିଚ୍‌ର ନାକ ପୁଡ଼ା ଦୁଇଟି । ବୁଢ଼ା ନାକ ପୁଡ଼ାରେ ଅନୁଭବ କରୁଥିଲା ଦନ୍ ନଈର ଚେକ୍‌ଟା ମାଟିର ଆମ୍ବିଳିଆ ଗନ୍ଧ ଆଉ ଯଅ କ୍ଷେତର ମିଠାଳିଆ ବାସନା । କାଠ ଗଦାରୁ ଝରୁଥିବା ଜଳର ଶବ୍ଦଟା ବୁଢ଼ାକୁ ଲାଗୁଥାଏ ବଡ଼ ବିରକ୍ତିକର – ମୁହଁର ଅଡ଼ୁଆ ମଡ଼ୁଆ ଦାଢ଼ିଗୁଡ଼ାକରେ ହାତ ବୁଲାଉ ବୁଲାଉ ସେ କ'ଣ ଗୋଟାଏ ଭାବି ଚାଲିଥାଏ ।

ମିଲ୍‌କୁ ଲାଗି ମହୁମାଛି ପୋଷା ହୋଇଥିବା ଚାଳିଆ ତଳେ ଲୁକିଚ୍ ଢଳି ପଡ଼ିଲା ଟିକେ ଥକା ମେଣ୍ଟାଇବା ପାଇଁ । ବଡ଼ ଲମ୍ବା ମେଣ୍ଢା ଚମଡ଼ା କୋଟ୍ ଭିତରେ ବୁଢ଼ାକୁ ନିଦ ଆସି ଗଲା । ପାଟିଟା ତା'ର ଉପରକୁ

ଆଁ ହୋଇ ରହିଥାଏ । ପାଟି କୋଣରୁ ଉଷୁମ ନାଳର ଧାରଟିଏ ଦାଢ଼ି ଉପରକୁ ଗଡ଼ି ଆସିଲା । ବୁଢ଼ା ଲୁକିଚ୍‌ର ଛୋଟ କୁଡ଼ିଆଟି ଉପରେ ଗୋଧୂଳିର ପତଳା ଅନ୍ଧାର ଢାଙ୍କି ହୋଇ ଆସୁଥାଏ । ମିଲ୍‌ଟି କୁହୁଡ଼ିର ଧୂଧିଆଳୀ ପରଦା ତଳେ ଲୁଚି ଗଲା ପରି ଲାଗୁଥାଏ ...

ନିଦ ଭାଙ୍ଗି ଗଲା ପରେ ବୁଢ଼ା ଦେଖିଲା, ଜଙ୍ଗଲ ଭିତରୁ ଦୁଇ ଜଣ ଅଶୁଆର ତା' ଆଡ଼କୁ ଆସୁଛନ୍ତି । ବୁଢ଼ା ଘୋଷାରି ଘୋଷାରି ହୋଇ ମହୁପୋକଗୁଡ଼ିଆରୁ ବାହାରି ଆସିଲା ବେଳେ ସେମାନଙ୍କ ଭିତରୁ ଜଣେ ବଡ଼ ପାଟିରେ କହିଲା :

"ଏ ବୁଢ଼ା, ଇଆଡ଼େ ଆଏ !"

ସନ୍ଦେହମିଶା ଆଖିରେ ଚାହିଁ ଅଟକି ଗଲା ଲୁକିଚ୍ । ଦେଶରେ ଗଣ୍ଡଗୋଳ ଲାଗିଲା ଦିନୁ, ଗତ କେତେ ବର୍ଷ ଧରି ସେ ଏହି ଭଳି ଅନେକ ବନ୍ଧୁକଧାରୀ ଲୋକଙ୍କୁ ଦେଖିଛି । ଏମାନେ ଘରେ ପଶି, ପଚରା ଉଚୁରା ନକରି ଅଟାଠାରୁ ଆରମ୍ଭ କରି ନଡ଼ା କୁଟା ପର୍ଯ୍ୟନ୍ତ ଯାହା ପାଆନ୍ତି ନେଇ ଯାଆନ୍ତି । ସେମାନଙ୍କ ପ୍ରତି ବୁଢ଼ା ଲୁକିଚ୍‌ର ବଡ଼ ଘୃଣା ।

"ଆବେ ବୁଢ଼ା ଓଲୁ, ଚାହିଁଛୁ କ'ଣ, ବାହାରି ଆ !"

ହାତ ତିଆରି ମହୁ ଫେଣା ବାକ୍ସଗୁଡ଼ିକ ମଧ୍ୟରୁ ଶୁଖିଲା ଓଠକୁ କାମୁଡ଼ି ଲୁକିଚ୍ ନୀରବରେ ବାହାରି ଆସିଲା । ଆଗନ୍ତୁକମାନଙ୍କଠାରୁ ଟିକିଏ ଦୂରରେ ଛିଡ଼ା ହୋଇ ଚାହିଁଲା ସାବଧାନରେ ସେମାନଙ୍କୁ ।

"ଆମେ ଲାଲ ଫୌଜର ଲୋକ ... ଆମକୁ ଭୟ କର ନା ବୁଢ଼ା", ନରମ ଗଳାରେ କସାକ୍ ସର୍ଦ୍ଦାର କହିଲା । "ଆମେ ଗୋଟାଏ ଦସ୍ୟୁ ଦଳକୁ ଖୋଜି ଖୋଜି ଯାଉଛୁ । ଆମ ଦଳର ଅନ୍ୟ ସାଥୀମାନେ ଆମ ଆଗେ ଆଗେ ଚାଲି ଆସିଲେ ... ତୁ ସେମାନଙ୍କୁ ଏ ବାଟେ ଯିବାର ଦେଖିଛୁ କି ?"

"ହଁ, ଦଳେ କିଏ ଏହି ବାଟ ଦେଇ ଗଲେ ବାବୁ ।"

"କେଉଁ ଆଡ଼କୁ ଗଲେ ?"

"ସେ କଥା ମୁଁ କହି ପାରିବି ନି ।"

"ସେମାନଙ୍କ ମଧ୍ୟରୁ କେହି ଏ ମିଲ୍ ପଛରେ ଅଛନ୍ତି କି ?"



"ନା, ଏଠି କେହି ନାହାନ୍ତି", ଚୁମ୍ବକରେ ଉତ୍ତର ଦେଇ ବୁଢ଼ା ମୁହଁ ବୁଲାଇ ଦେଲା ।

"ଟିକିଏ ରହ, ବୁଢ଼ା !" ଜିନ ଉପରୁ ଧଡ଼୍‌କିନା ତଳକୁ ଡେଇଁ ପଡ଼ିଲା ସର୍ଦ୍ଦାର । ମଦ ନିଶାରେ ସେ ଟଳମଳ ହେଉଥାଏ, ଗୋଡ଼ ଦିଟା ବାଙ୍କି ହୋଇ ଯାଉଥାଏ । ନିଶ୍ୱାସରେ ଚୂଲେଇ ମଦର ଭସ୍‌ଭସ୍ କଡ଼ା ଗନ୍ଧ । ସର୍ଦ୍ଦାର କହିଲା : "ବୁଝିଲୁ ବୁଢ଼ା, ଆମେ କମ୍ୟୁନିଷ୍ଟଗୁଡ଼ାଙ୍କୁ ଖତମ୍ କରି ଦେବାକୁ ବାହାରିଛୁ ... ମନେ ରଖିଥା !.. ଆମେ କିଏ, ସେ କଥା ଜାଣିବାର ତୋ'ର ଦରକାର ନାହିଁ !" ସର୍ଦ୍ଦାର କହୁଁ କହୁଁ ଟଳି ପଡ଼ିଲା ଏବଂ ହାତରୁ ଖସି ଗଲା ଲଗାମଟା । "ତୋ କାମ ହେଉଛି, ସତୁରିଟା ଘୋଡ଼ାଙ୍କ ପାଇଁ ଦାନା ତିଆରି କରିବା, କାହା ଆଗରେ କିଛି କହିବୁ ନାହିଁ ... ବୁଝିଲୁ ? ଦାନା କେଉଁଠି ରଖିଛୁ ?"

"ମୋ ପାଖରେ ମୁଠାଏ ବି ଦାନା ନାହିଁ", ଅନ୍ୟ ଆଡ଼କୁ ଚାହିଁ ଲୁକିଚ୍ ଉତ୍ତର ଦେଲା ।

ସେ ଗୋଲାରେ କ'ଣ ଅଛି ?"

"ଖାଲି ଚଷୁଗୁଡ଼ାଏ ... ଗୋଟାଏ ହେଲେ ଦାନା ନାହିଁ !"

"ଆଚ୍ଛା, ଇଆଡ଼କୁ ଆ ।"

ସର୍ଦ୍ଦାର ବୁଢ଼ାର କୋଟ୍ କଲରକୁ ଝିଙ୍କି ଧରି ଆଷୁରେ ଧକା ମାରି ମାରିକା ନେଇ ଗଲା ନୂଆଁଣିଆ ପୁରୁଣା ଗୋଲଘର ଆଡ଼କୁ । ଗୋଇଠାଟାଏ ମାରି ଦେଲା କ୍ଷଣି ଦୁଆରଟା ଖୋଲି ଗଲା । ଗୋଲାରେ ଠେସମରା ହୋଇ ଭର୍ତ୍ତି ହୋଇଛି ଗହମ ଆଉ ବାଜରା ।

"ଆବେ ବୁଢ଼ା, ଏଗୁଡ଼ାକ ଦାନା ନୁହଁ ତ ଆଉ କ'ଣ ?"

"ହଁ ପୁଅ ଏଗୁଡ଼ାକ ହେଉଛି ଦାନା ... ଏତିକି ମାତ୍ର ମୋର ସମ୍ବଳ, ଖାଇବା ପାଇଁ ରଖିଛି । ବର୍ଷ ସାରା ତୁଣ୍ଡଝାଳ ମୁଣ୍ଡରେ ମାରି ଏତକ ସାଇତିଛି । ତୁମେ ଯାକୁ ଘୋଡ଼ାଙ୍କୁ ଦେବାକୁ କହୁଛ ..."

"ତା ଅର୍ଥ ତୁ କହୁଛୁ, ଆମ ଘୋଡ଼ାମାନେ ନଖାଇ ଉପାସରେ ରହିବେ ? ତା ହେଲେ, ତୁ ସେ କମ୍ୟୁନିଷ୍ଟମାନଙ୍କ ପକ୍ଷରେ, ନା ? ତେବେ ତୁ ଗୁଳି ଖାଇବାକୁ ଚାହୁଁଛୁ ?"

"ନା, ମୋତେ ରକ୍ଷା କର ପୁଅ ! ମୁଁ ତମର କି କ୍ଷତି କରିଛି

ବାପ ?" ବୁଢ଼ା ମୁଣ୍ଡରୁ ତା'ର ପୁରୁଣା ଟୋପିଟାକୁ କାଢ଼ି ଆଣ୍ଠୁ ଉପରେ ଥୋଇ ସର୍ଦ୍ଦାରର ଟାଆଁଶିଆ ହାତଟାକୁ ଧରି ଚୁମାଟିଏ ଦେବାକୁ ଚେଷ୍ଟା କଲା ...

"କହ ତୁ କମ୍ୟୁନିଷ୍ଟମାନଙ୍କୁ ଭଲ ପାଉକି ନା ?"

"ମୋତେ ମାଫ୍ କର ପୁଅ, ମୋର ସେ ଘୁଅଖିଆ କଥା ପାଇଁ ମୋତେ ମାଫ୍ କର, ମୋତେ ମାର ନା ବାପ", ବୁଢ଼ା ଥରି ଥରି ସର୍ଦ୍ଦାରର ଗୋଡ଼ ତଳେ ପଡ଼ି ଗଲା ।

"ତା ହେଲେ, ହଲପ୍ କରି କହୁଛୁ, ତୁ କମ୍ୟୁନିଷ୍ଟଙ୍କ ପକ୍ଷରେ ନହୁଁ... କେବେହେଲେ ସେମାନଙ୍କ ପକ୍ଷକୁ ଯିବୁ ନାହୁଁ କହୁଛୁ! ସେ ମାଟିକି ଖାଇ କହ !.."

ବୁଢ଼ା ହାତରେ ମାଟି ମୁଠାଏ ଉଠାଇ ଆଣି ପାକୁଆ ପାଟିରେ ପୁରାଇ ଦେଲା । ଆଖିରୁ ତା'ର ଝରି ପଡ଼ିଲା ଲୁହ ଟୋପା କେଇଟି ।

"ଆଚ୍ଛା, ଏଥର ତୋତେ ବିଶ୍ୱାସ କଲି, ଉଠ ଏଥର ବୁଢ଼ା !"

ଲୁକିଚ୍‌ର ଗୋଡ଼ ଦୁଇଟି ଲଠି ପାଇଟି ଯାଇଥାଏ । ଅସହାୟ ଭାବେ ବୁଢ଼ା ଉଠିବାକୁ ଚେଷ୍ଟା କଲା ବେଳେ ସର୍ଦ୍ଦାର ହସି ଉଠିଲା । ଏତିକିବେଳେ ଅନ୍ୟ ଅଶ୍ୱାରମାନେ ଘୋଡ଼ା ଛୁଟାଇ ଆଗେଇ ଆସିଲେ । ଗୋଲରୁ ଗହମ ଆଉ ବାଜରା ଓଳିଆସବୁ ବାହାର କରି ଘୋଡ଼ାମାନଙ୍କ ଗୋଡ଼ ତଳେ ଆଣି ଢାଳି ଦେଲେ । ଅଗଣାରେ ବିଛାଇ ହୋଇ ଗଲା ସୁନେଲି ଶସ୍ୟର ଗାଲିଚ୍ଛଟିଏ ଯେମିତି ।

୪

ସୂର୍ଯ୍ୟ ଉଠିବା ଆଗରୁ ସେଦିନ କୁହୁଡ଼ିବୋଳା ଆକାଶଟା ବଡ଼ ବିଷଣ୍ଣ ଆଉ ଆର୍ଦ୍ର ଆର୍ଦ୍ର ଲାଗୁଥାଏ ।

ବୁଢ଼ା ଲୁକିଚ୍ ସମସ୍ତ ପ୍ରହରୀଙ୍କର ଦୃଷ୍ଟିକୁ ଫାଙ୍କି ଦେଇ ଜଙ୍ଗଲ ବାଟେ ଛୁଟିଲା ଗାଁକୁ । ଲୁକିଚ୍ ଛଡ଼ା ସେ ବାଟଟି ଆଉ କେହି ଜାଣନ୍ତି ନାହିଁ । ସକାଳର ପ୍ରତୀକ୍ଷାରେ ବଣବୁଦାସବୁ ସଂତର୍ପଣରେ ଚୋଳଉଥାନ୍ତି ।

ବୁଢ଼ା ଛୋଟାଇ ଛୋଟାଇ କୌଣସିମତେ ପବନଚକ୍କା - କଳଟା ପାଖରେ ଯାଇ ପହଞ୍ଚିଲା । ଗୋଚରଟା ପାର ହୋଇ ଗୋଟାଏ ଗଳି



ଭିତରକୁ ଯାଉଛି ହଠାତ୍ ଆଖିରେ ତା'ର ପଡ଼ିଲା କେତେ ଜଣ ଅଶ୍ୱାରଙ୍କ ଝାପ୍‌ସା ଝାପ୍‌ସା ମୂର୍ତ୍ତି ।

"କିଏ ଯାଉଛ ?" ନୀରବତା ଭାଙ୍ଗି ଶୁଣାଗଲା ଗୋଟାଏ ଜରୁରି ପ୍ରଶ୍ନ ।

"ମୁଁ... ଉଁ ..." ବୁଢ଼ା ଅଟକି ଯାଇ ଖନି ଖନି ଗଳାରେ ଉତ୍ତର ଦେଲା । ଭୟରେ ଦେହଟା ତା'ର ଏଣେ କମ୍ପିବାରେ ଲାଗିଥାଏ ।

"କିଏ ତୁମେ ? ତୁମ ଛାଡ଼ପତ୍ର କାହିଁ ? ଏଠି କ'ଣ କରୁଛ ?"

"ଏଇ ପାଖ ମିଲ୍‌ର ମାଲିକ ମୁଁ... ଗାଁକୁ ଯାଉଛି, କାମ ଅଛି ।"

"ଗାଁରେ କ'ଣ ଦରକାର ? ଚାଲ କମାଣ୍ଡରଙ୍କ ପାଖକୁ ଆଗେ ଚାଲ !" ଜଣେ ଅଶ୍ୱାର ଲୁକିଚ୍ ଆଡ଼କୁ ଘୋଡ଼ାଟାକୁ ଝପଟାଇ ଆଣି କହିଲା ।

ଘୋଡ଼ାର ଉଷୁମ ଓଠର ସ୍ପର୍ଶ ବୁଢ଼ା ଅନୁଭବ କଲା ବେକ ଉପରେ । ପାଖୁପର୍ଯ୍ୟନ୍ତ ଛୋଟାଇ ଛୋଟାଇ ଚାଲିଲା ଗାଁ ଆଡ଼କୁ ପଡ଼ିଥିବା ସଡ଼କ ଦେଇ ।

ଗୋଟାଏ ଚଉକ ଉପରେ ସେମାନେ ଯାଇ ଅଟକିଲେ । ସାମ୍ନାରେ ଟାଇଲଛିଆ ଘରଟିଏ । ଅଶ୍ୱାର ଜଣକ ବିରକ୍ତିକର ଶବ୍ଦଟାଏ କରି ଘୋଡ଼ା ପିଠିରୁ ଓହ୍ଲାଇ ପଡ଼ିଲା । ଘୋଡ଼ାଟିକୁ ବାଡ଼ରେ ଖଟାଇ ଦେଇ ଶିଡ଼ିରେ ଉଠି ଗଲା ବେଳେ ବାରଣ୍ଡାକୁ ତରବାରିଟା ତା'ର ଝଣ୍ ଝଣ୍ କରି ଉଠୁଥାଏ ।

"ମୋ ପଛେ ପଛେ ଆସ !.."

ଝରକା ଫାଙ୍କରେ ଭିତରର ଆଲୁଅ ଦିଶୁଥାଏ । ସେମାନେ ଘର ଭିତରକୁ ପଶି ଗଲେ ।

ତମାଖୁର କଡ଼ା ଗନ୍ଧରେ ଛିଙ୍କି ପକାଇଲା ଲୁକିଚ୍ । ଘରର ସାମ୍ନା କୋଣକୁ ଚାହିଁ ଛାତି ଉପରେ ହାତ ମାରି ସ୍ମରଣ କଲା ସେ ଯିଶୁଙ୍କୁ ।

"ଏ ବୁଢ଼ାକୁ ଧରି ଆଣିଛି, ଗାଁ ଆଡ଼କୁ ଯାଉଥିଲା !"

ଟେବୁଲ ଉପରକୁ ନଇଁ ଆସିଥିବା କ୍ଳାନ୍ତ ମୁଣ୍ଡଟିକୁ ଉପରକୁ ଟେକି କମାଣ୍ଡର ପ୍ରଶ୍ନ କଲେ :

୨•

"କେଉଁଠିକି ଯାଉଥିଲ ?" ଜଣରେ ତାଙ୍କର ଦୃଢ଼ତା ସାଙ୍ଗକୁ କ୍ଳିଷ୍ଟଭାବ ଫୁଟି ଉଠୁଥାଏ ।

ଆନନ୍ଦରେ ଉତ୍ଫୁଲ୍ଲ ହୋଇ କେଇ ପାଦ ଆଗେଇ ଆସିଲା ଲୁକିଚ୍ ।

"ତୁମେ, ପୁଅ ! ଆମ ନିଜ ଲୋକ ! ମୁଁ ଭାବୁଥିଲି ସେ ଦୁସ୍‌ମନ୍‌ଗୁଡ଼ାକ ପୁଣି... ଏତେ ଡରି ଯାଇଥିଲି ନା ପଚାରିବାକୁ ଭୟ କରୁଥିଲି । ମୁଁ ହେଉଛି ସେଇ ମିଲ୍ ମାଲିକ । ମନେ ଅଛି, ମିତ୍ରୋଖା କଟାଇ ଦେଇ ଗଲା ବେଳେ, ମୋ ମିଲ୍‌କୁ ଆସିଥିଲ । ମୁଁ ଦୁଧ ପିଇବାକୁ ଦେଇଥିଲି, ମନେ ପଡ଼ୁଛି, ପୁଅ ?.."

"ଆଚ୍ଛା, ତୁମର କ'ଣ କହିବାର ଅଛି କୁହ ?"

"କ'ଣ କହିବି ପୁଅ ! କାଲି ରାତିରେ ସେହି ଡକାଏତ ଦଳଟା ଆସି ମୋ ମିଲ୍‌ରେ ପଶି ଗଲେ । ଗୋଲାରେ ଥିବା ସମସ୍ତ ଶସ୍ୟକୁ ବୋହି ନେଇ ଖୁଆଇ ଦେଲେ ସେମାନଙ୍କ ଘୋଡ଼ାଙ୍କୁ !.. ମୋତେ ମାରି ଦେବାକୁ ବସିଥିଲେ ବାପ !.. କିନ୍ତୁ ତାଙ୍କ ସର୍ଦ୍ଦାର ମୋତେ ମାଟି ଖୁଆଇ ହଲପ୍ କରାଇ କହିଲା ତାଙ୍କ ଲୋକ ବୋଲି କହିବାକୁ ।"

"ସେମାନେ ଏବେ କେଉଁଠି ?"

"ଏବେ ବି ସେଇଠି ଅଛନ୍ତି । ସାଙ୍ଗରେ ଭୋଦ୍‌କା ଧରି ଆସିଛନ୍ତି ସେମାନେ । କି ଅପରିଚ୍ଛନିଆ ଲୋକଗୁଡ଼ାକ, ମୋ ସେ ସଫା ସୁତୁରା ଘରଟା ଭିତରେ ପଶି ଢକଢକ କରି ପିଇବାରେ ଲାଗିଛନ୍ତି । ମୁଁ ଦୌଡ଼ି ଦୌଡ଼ି ଆସିଛି ଆପଣଙ୍କୁ ଖବର ଦେବାକୁ । ହଜୁର ସେମାନଙ୍କ ପାଇଁ ବିହିତ ବ୍ୟବସ୍ଥା କରନ୍ତୁ ।"

"ସମସ୍ତଙ୍କୁ କୁହ ଘୋଡ଼ାରେ ସଜିଲି ହେବାକୁ !" ବୁଢ଼ା ଆଡ଼କୁ ଚାହିଁ, ଟିକିଏ ମୁରୁକି ହସି ନିକଲାଇ ବେଞ୍ଚରୁ ଉଠି ପଡ଼ିଲା । ଅବଶ ହାତ ଦୁଇଟିକୁ ପୂରାଇ ଦେଲା ତା'ର ସେହି ଲମ୍ବା କୋଟ୍ ପକେଟରେ ।

୬

ସେତେବେଳକୁ ଭୋର ହୋଇ ଆସିଥାଏ ।

ଅନେକ ଦିନ ଧରି ନିକଲାଇକୁ ରାତିରେ ନିଦ ନାହିଁ, ଲାଲ ଟକ୍ ଟକ୍ ଗାଲ ଦୁଇଟି ପାଣ୍ଡୁଆ ପଡ଼ି ଯାଇଛି । ଘୋଡ଼ା ଝପଟାଇ ସେ ଛୁଟି ଗଲା କମାଣଖଞ୍ଜା ଗାଡ଼ି ଆଡ଼କୁ ।



"ଆକ୍ରମଣ କଲା ବେଳେ ସେମାନଙ୍କ ଡାହାଣ ଆଡ଼୍ରୁ ଗୁଳି ଚଳାଇବାକୁ ହେବ । ତେଣୁ ଆମକୁ ଆଉ ପାଖକୁ ଯିବାକୁ ପଡ଼ିବ !"

ହୁକୁମ୍ ଦେଲା ପରେ ନିକଲାଇ ପୁଣି ଘୋଡ଼ା ଛୁଟାଇ ଫେରି ଆସିଲା ତା'ର ସୈନ୍ୟ ଦଳଟି ପାଖକୁ । ସୈନ୍ୟମାନେ ସେତେବେଳକୁ ସଜିଲ ହୋଇ ଯାଇଥାନ୍ତି ।

ଲୁଗୁଡ଼ିଆ ଲୁଗୁଡ଼ିଆ ଓକ୍ ଗଛର ଧାଡ଼ି ପଛକୁ ବଡ଼ ସଡ଼କ ଉପରେ ଦଳେ ଘୋଡ଼ସବାର ଦେଖା ଗଲେ । ପ୍ରତ୍ୟେକ ଧାଡ଼ିରେ ଥାନ୍ତି ଗ୍ଭରି ଜଣ କରି । ମଝିରେ ଥାଏ କମାଣଲଗା ଗାଡ଼ିଗୁଡ଼ିକ ।

"ଲଗାଓ !" ଚିତ୍କାର କରି ଉଠିଲା ନିକଲାଇ । ପଛଆଡ଼େ ଅନେକ ଘୋଡ଼ା ଟାପୁର ଶବ୍ଦ, କ୍ରମଶଃ ଅଧିକରୁ ଅଧିକ ଶୁଣାଯାଉଥାଏ । ନିକଲାଇ ଗ୍ଭବୁକଟାଏ ବସାଇ ଦେଲା ଘୋଡ଼ା ପିଠିରେ ।

ଜଙ୍ଗଲ ଧାରରୁ ଭାସି ଆସୁଥାଏ କମାଣର ପାଗଳ ପ୍ରଳାପ । ବଡ଼ ସଡ଼କ ଉପରେ ଘୋଡ଼ସବାର ସୈନ୍ୟମାନେ ପରେଡ-ପଡ଼ିଆରେ ଦୌଡ଼ିଲା ପରି ଏକସାଙ୍ଗରେ ପ୍ରତିଆକ୍ରମ ପାଇଁ ପ୍ରସ୍ତୁତ ହୋଇ ଗଲେ ।

* * *

ପାହାଡ଼ ମୁଣ୍ଡିଆର ଗହଳିଆ ଗଛବୁଦା ଭିତରୁ ବାହାରି ଆସିଲା ଗଧିଆଟାଏ । ଚମରେ ତା'ର ମେଞ୍ଚା ମେଞ୍ଚା ଗୁଟୁଚିଆ । ମୁଣ୍ଡ ଉପରକୁ ଟେକି ଟିକିଏ ଛିଡ଼ା ହୋଇ ଯାଇ ଗୁଳି ଗୋଳାର ଆବାଜ ଶୁଣିଲା ଜନ୍ତୁଟା । ଅଳ୍ପ ଦୂରରେ ଗୁଳି ଗୋଳା ଗ୍ଭଲିଥାଏ । ଉତ୍ତାଳ ଲହରୀର ଗର୍ଜନ ପରି ଭାସି ଆସୁଥାଏ ଯୁଦ୍ଧର ଉନ୍ମତ୍ତ କୋହାଟ ।

ପାହାଡ଼ ଆର ପାଖ ବୁଦା ଗହଳି ଭିତରୁ 'ଢୋ' କରି ଗୋଟାଏ ଗୋଳାର ଆବାଜ ଶୁଣାଗଲା । ଶୁଷ୍କ ଜମି ଉପର ଦେଇ ଫେରି ଆସିଲା ତା'ର ପ୍ରତିଧ୍ୱନି ।

ତା' ପରେ ଅନେକଗୁଡ଼ାଏ ଗୁଳିର ଆବାଜ—ଢୋ-ଢା, ଢୋ-ଢା !.. ପୁଣି ସେହି ଢୋ-ଢା, ଢୋ-ଢା ପ୍ରତିଧ୍ୱନି !..

ହେଟାଟା କିଛି ସମୟ ଛିଡ଼ା ହୋଇ ଆସ୍ତେ ଆସ୍ତେ ଗୋହିରିର ନାଁଅଜଣା ହଳଦିଆ ଘାସର ଗହଳି ଭିତରକୁ ପଶି ଗଲା...

ଜିନର ପାଦାନ ଉପରେ ଛିଡ଼ା ହୋଇ ପଡ଼ି କସାକ୍ ସର୍ଦ୍ଦାର ଚିତ୍କାର କରି ଉଠିଲା : "ଛାଡ଼ ନାହିଁ, କମାଣ ଛାଡ଼ ନାହିଁ, ବଣ ଭିତରକୁ ନେଇ ଯାଅ !"

କିନ୍ତୁ ଦସ୍ୟୁ ଦଳର କମାଣ ଗାଡ଼ି ଚଳାଳୀ ଆଉ କମାଣ ଗୁଳକମାନେ ଅବିରାମ ଗୁଳି ଗୋଳା ଆଘାତରେ ଛିନ୍ନଛତ୍ର ହୋଇ ପଡ଼ିଥିଲେ । ଯିଏ ଯୁଆଡ଼େ ପାରୁଥିଲେ ଧାଉଁଥିଲେ ଏଣେତେଣେ ।

ଧାଉଁ ଧାଉଁ ଘୋଡ଼ାର ମୁହଁଟାକୁ ପଛକୁ ବୁଲାଇ ନେଇ କସାକ୍ ସର୍ଦ୍ଦାର ଚାହିଁଲା । ଲାଲ ଫୌଜର ଜଣେ ସୈନିକ ତଲୱାର ବୁଲାଇ ବୁଲାଇ ତା' ଆଡ଼କୁ ଘୋଡ଼ା ଛୁଟାଇ ଧାଇଁ ଆସୁଛି । ଦେହରେ ପିନ୍ଧିଥିବା କୋଟ୍‌ର ପଛଟା ତା'ର ଉଡ଼ୁଥାଏ ପବନରେ ଡେଣା ଯୋଡ଼ାଏ ପରି । ଗଳାରେ ଝୁଲୁଥିବା ନଜରନଲି ଓ ଛେଳି ଚମର ପୋଷାକ ଦେଖି କସାକ୍ ସର୍ଦ୍ଦାରର ମନେ ହେଲା ଲୋକଟା ଲାଲ ଫୌଜର ସାଧାରଣ ସୈନିକ ନୁହଁ । ଘୋଡ଼ାର ଲଗାମଟାକୁ କଷି ଧରିଲା ସର୍ଦ୍ଦାର । ଦୂରରୁ ଠଉରେଇ ନେଲା, ଲୋକଟା ଟୋକାଟାଏ, ମୁହଁରେ ଦାଢ଼ି ଉଠି ନି । ମୁଣ୍ଡକୁ ତା'ର ଖୁଣ୍ ଚଢ଼ି ଗଲା । ନିଆଁବାଣ ପରି ଛୁଟି ଗଲା ସେ ନିକଲାଇ ଆଡ଼କୁ । ଛାମୁଆଁ ପବନରେ ଆଖି ଦିଇଟା ତା'ର କୁଞ୍ଚି ହୋଇ ଯାଉଥାଏ । କମର ପେଟିରୁ ପିସ୍ତଲ କାଢ଼ି ସର୍ଦ୍ଦାର ଚିତ୍କାର କରି ଉଠିଲା ବେଳେ ଘୋଡ଼ାଟା କୁଦି ଉଠି ପଛକୁ ହଟି ଆସିଲା :

"ଆ, ନିଲ୍ଲଜ୍ମା କୁତ୍ତା, ଆ ! ଉଡ଼ାଇ ଦେଉଛି ଆ ... ଏକା ଫୁଙ୍କାକେ ଉଡ଼ାଇ ଦେବି !.."

ସାମ୍ନାରେ ତା'ର ଭୟଙ୍କର ହୋଇ ମାଡ଼ି ଆସୁଥିବା ସେହି କଳା ପୋଷାକଟା ଆଡ଼କୁ ଲକ୍ଷ୍ୟ କରି ଗୁଳି ଚଳାଇ ଦେଲା ସର୍ଦ୍ଦାର । ଘୋଡ଼ାଟା ୪୦ ହାତ ଖଣ୍ଡ ଆଗକୁ ଛୁଟି ଯାଇ ପଡ଼ି ଗଲା ମାଟି ଉପରେ । ନିକଲାଇ କିନ୍ତୁ ତା'ର ଲମ୍ବ କୋଟ୍‌ଟାକୁ ଫିଙ୍ଗି ଦେଇ ସର୍ଦ୍ଦାର ଆଡ଼କୁ ଗୁଳି ଚଳାଇ ଧାଇଁ ଆସିଲା ... ପାଖକୁ ଆଉରି ପାଖକୁ ...

ଗଛବୃଛ ଉହାଡ଼ରେ କିଏ ଜଣେ ଜନ୍ତୁଟାଏ ପରି ଆର୍ତ୍ତନାଦ କରି ଚୁପ୍ ହୋଇ ଗଲା । ଏତିକିବେଳେ ମେଘ ଆଡ଼ୁଆଳରେ ସଙ୍ଗେ ସଙ୍ଗେ ମୁହଁ ଲୁଚାଇ ଦେଲା ସୂର୍ଯ୍ୟ । ଷ୍ଟେପୀ ଭୂଇଁ, ବଡ଼ ସଡ଼କ ଆଉ ଖରତର



ହାଉଆରେ ପତ୍ରଝରା ଗଛବୃଛ ଉପରେ ନଇଁ ଆସିଲା କଳା ମେଘର ମହଲବୋଳା ଛାଇ ।

"ଏକେବାରେ ମେଅଢ଼ ଟୋକାଟାଏ, ଗୋଟାଏ ପାଗଳ କୁକୁର । ମୃତ୍ୟୁ ତୋର ପାଖେଇ ଆସିଲାଣି ରହ !" ସର୍ଦ୍ଦାର ନିଜକୁ ନିଜେ ଫୁସ୍ ଫୁସ୍ ହୋଇ କହି ପକାଇଲା । ଅପେକ୍ଷା କଲା ନିକଲାଇର ଗୁଳି ସରି ଯିବା ପର୍ଯ୍ୟନ୍ତ । ଗୁଳି ସରି ଯିବା କ୍ଷଣି ଘୋଡ଼ାର ଲଗାମଟାକୁ କୋହଳ କରି ନେଇ ଛଞ୍ଚାଣ ପରି ଝାମ୍ପି ପଡ଼ିଲା ତା ଉପରକୁ ।

ଜିନ ଉପରୁ ତଳକୁ ଝୁଙ୍କି ଆସି ସର୍ଦ୍ଦାର ତା'ର ଉନ୍ମୁକ୍ତ ତରବାରିରେ ଲଗାଇ ଦେଲା ଗୋଟାଏ ଘ୍ୱେଟ । ତରବାରି ଆଘାତରେ ଟଳି ପଡ଼ୁଥିବା ଏକ ଦେହର ସ୍ପର୍ଶ ସେ ହଠାତ୍ ଅନୁଭବ କଲା । ଅତି ବିନୀତ ଭାବେ ଦେହଟି କ୍ଷଣକରେ ଲେଟି ଗଲା ମାଟି ଉପରେ । ସଙ୍ଗେ ସଙ୍ଗେ ଘୋଡ଼ା ଉପରୁ ଡେଇଁ ପଡ଼ି ସର୍ଦ୍ଦାର ମୃତ ନିକଲାଇ ଗଳାରୁ ନଜରନଲିଟିକୁ ଛିଡ଼ାଇ ନେଇ ଗୋଡ଼କୁ ତା'ର ଚାହିଁ ଦେଲା । ମୃତ୍ୟୁ ଯନ୍ତ୍ରଣାରେ ଗୋଡ଼ ଦୁଇଟି ଛଟଛଟ ହେଉଥାଏ । ଏଣିକି ତେଣିକି ଚାହିଁ ସର୍ଦ୍ଦାର ବସି ପଡ଼ିଲା ତା ମୃତ ଶତ୍ରୁର ଗୋଡ଼ରେ ଲାଗିଥିବା ନରମ ଚମଡ଼ାର ଜୋତା ହଳକ ଖୋଲି ନେବା ପାଇଁ । ନିକଲାଇର ଆଣ୍ଠୁ ଉପରେ ଗୋଡ଼ ଭରା ଦେଇ ଅତି ନିପୁଣତାର ସହିତ ବାହାର କରି ନେଲା ଗୋଟିଏ ପଟ ଜୋତା ।

କିନ୍ତୁ ଆର ପାଦର ଜୋତାଟା ଖୋଲିଲା ନାହିଁ, ମୋଜାଟା ଅଠା ପରି ସଟି ଯାଇଥିଲା ସେଥିରେ । ରାଗ ତମ୍‌ତମ୍ ହୋଇ ସର୍ଦ୍ଦାର ଗୋଟାଏ ଝୁଙ୍କରେ ଜୋତାଟାକୁ ଟାଣି ଦେଲା । ଜୋତା ଆଉ ମୋଜା ଏକାଠି ବାହାରି ଆସିଲା ପାଦରୁ । ହଠାତ୍ ଆଖିରେ ତା'ର ପଡ଼ି ଗଲା ଗୋଇଠି ଉପରେ କଳାଜାଇଟିଏ । ଦେଖିବାକୁ ପାରା ଡିମ ପରି ଛୋଟ । ମନଟା କାହିଁକି ସଙ୍ଗେ ସଙ୍ଗେ ଏକ ଅଜଣା ଆଶଙ୍କାରେ ଶୀତେଇ ଉଠିଲା । ମୃତ ଦେହଟାକୁ ଟେକିକି ଦେଖିବା ପାଇଁ ହାତ ତା'ର ଆଗେଇଲା ନାହିଁ । ଖୁବ୍ ସଂତର୍ପଣରେ ଧୀରେ ଧୀରେ ନିକଲାଇର କଇଁଥା-ଶୀତଳ ମୁହଁଟିକୁ ତା ଆଡ଼କୁ ବୁଲାଇ ଧରିବାକୁ ଚେଷ୍ଟା କଲା ସର୍ଦ୍ଦାର । ମୁହଁରୁ ଗଳଗଳ ହୋଇ ବାହାରି ଆସୁଥିବା ରକ୍ତରେ ହାତ ଦୁଇଟା ତା'ର ଭିଜି ଗଲା । ଘଡ଼ିକ ପାଇଁ ମୁହଁକୁ ତା'ର ସେ ଚାହିଁ ରହିଲା । ଚଉଡ଼ା ଚଉଡ଼ା କାନ୍ଧ

ଦୁଇଟିକୁ ଅସ୍ୱସ୍ତିରେ ଭିଡ଼ି ଧରି ଭଙ୍ଗା ଭଙ୍ଗା ଗଳାରେ ଚିତ୍କାର କରି ଉଠିଲା :

"ମୋ ପୁଅ ! ମୋ ନିକଲଇ ... ମୋରି ରକ୍ତ ମାଂସ ..."

ମୁହଁରେ ତା'ର ଘୋଟି ଗଲା ଏକ କଳାଛାଇ ଏବଂ ସେ ପୁଣି ଚିତ୍କାର କରି ଉଠିଲା :

"ପୁଅ, ଥରୁଟିଏ କହ କେମିତି ଏସବୁ ହେଲା ? କାହିଁକି ଏସବୁ ଘଟିଲା ?"

ମୃତ ଆଖି ଦୁଇଟିକୁ ଚାହିଁ ଲମ୍ବ ହୋଇ ପଡ଼ି ଗଲା ସର୍ଦ୍ଦାର । ରକ୍ତାକ୍ତ ଆଖି ପତା ଦୁଇଟିକୁ ଟେକି ଦେଇ ନିକଲଇର ନିଶ୍ଚଳ ଦେହଟାକୁ ସେ ହଲାଇ ଦେଲା ... କିନ୍ତୁ କ'ଣ ହେବ ... ନେଳିଆ ଜିଭଟି ତା'ର ଜାବି ହୋଇ ଯାଇଥାଏ – ସତେ ଯେମିତି ତା'ର ଭୟ ହେଉଥାଏ, କାଳେ ପାଟିରୁ କିଛି ଗୋଟାଏ ଗୁରୁତ୍ୱପୂର୍ଣ୍ଣ, ଦାମୀ କଥା ବାହାରି ଯିବ ।

ସର୍ଦ୍ଦାର ପୁଅକୁ ଜାବୁଡ଼ି ଧରି ଶୀତଳ ହାତ ଦୁଇଟିରେ ତା'ର ଚୁମା ଦେଲା । ନିଜ ପିସ୍ତଲର ନଳିଟାକୁ ଚାପି ଧରିଲା ଦାନ୍ତରେ । ଶୀତଳ ଇସ୍ପାତ ନଳିଟା ପାଟି ଭିତରେ ପଶି ଗଲା କ୍ଷଣି ଗୁଳି ଟିପି ଦେଲା ...

* * *

ସୂର୍ଯ୍ୟ ବୁଡ଼ି ଗଲା ପରେ ଆକାଶରେ ନଇଁ ଆସିଲା ମହଳ ସଞ୍ଜ । ଗଛବୁଛ ଗହଳିରେ ଲୁଚିଥିବା ଅଶ୍ୱାରୋହୀମାନେ ଧୀରେ ଧୀରେ ବାହାରି ଆସିଲେ । ପବନରେ ଶୁଣାଗଲା ସେମାନଙ୍କ କଣ୍ଠସ୍ୱର, ଘୋଡ଼ାମାନଙ୍କର ହେଁ ହେଁ ଶବ୍ଦ ଆଉ ପାଦାନିର ଝଣ୍ ଝଣ୍ ଆବାଜ । ସର୍ଦ୍ଦାରର ନୁଖୁରା ମୁଣ୍ଡ ଉପର ଦେଇ ଅନିଳାରେ ଉଡ଼ି ଗଲା ଶାଗୁଣାଟାଏ – ଉପରକୁ ଉଠି ଯାଇ ହେମନ୍ତର ମଇଳା ଧୂସର ଆକାଶରେ କୁଆଡ଼େ ମିଳାଇ ଗଲା ।

୧୯୨୪

# ଗାଇଆଳ

୧

ଆଜିକି ଷୋଳ ଦିନ ହେଲା ପୂର୍ବେଇ ଝାଞ୍ଜି ପିଟୁଛି । ଧୂସର, ଖରାପୋଡ଼ା ଷ୍ଟେପୀ ଉପର ଦେଇ, ଧଳା ଧଳା, ଫଟା ଫଟା ଲୁଣା ପାଟ ଉପରୁ ବହି ଆସୁଛି ହୁତୁହୁତିଆ ଝାଞ୍ଜି ପବନ ।

ମାଟି ପୋଡ଼ି କଳା ପାଲଟି ଗଲଣି, ଘାସସବୁ ମୋଡ଼ା ମୋଡ଼ା ହୋଇ ହଳଦିଆ ମାରି ଯାଇଛି । ବଡ଼ ସଡ଼କ କଡ଼ରେ ଥିବା କୂଅସବୁ ଶୁଖି ଠକ୍ ଠକ୍ ହୋଇ ଗଲଣି । ମାଟିର ଶିରା ପ୍ରଶିରା ଦରାଣ୍ଡିଲେ ବି ପାଣି ଟୋପାଏ ନାହିଁ । ପତର ଭିତରୁ ଉଙ୍କି ମାରୁଥିବା ଗହମ କେଣ୍ଡାସବୁ ଝାଉଁଳି ବୁଢ଼ାଙ୍କ ପରି ନଇଁ ପଡ଼ିଛନ୍ତି ।

ନିଦୁଆଳୀ ଅବଶ ଗାଁଟି ଦେହରେ ଶିହରଣ ତୋଳି ଦିପହରଟାରେ ଢଙ୍ ଢଙ୍ ହୋଇ ବାଜି ଉଠିଲା ପିତଳର ଘଣ୍ଟାଟାଏ ।

ମୁହଁକଳା ତାତି । ଚାରି ଆଡ଼େ ନୀରବତା । ମଝିରେ ମଝିରେ ନୀରବତା ଭାଙ୍ଗି ଯାଉଛି ବାଡ଼ କଡ଼େ କଡ଼େ ଧୂଳି ଉଡ଼ାଇ ଯାଉଥିବା ଲୋକଙ୍କ ପାଦ ଶବ୍ଦରେ । ଆଉ କେବେ କେବେ ଶୁଣାଯାଉଛି ବୁଢ଼ାମାନେ ବାଡ଼ି ଠକ୍ ଠକ୍ କରି ଯାଉଥିବାର ଆବାଜ ।

ଘଣ୍ଟା ଡାକୁଛି ସେମାନଙ୍କୁ ଗାଁ ସଭାକୁ ଯିବା ପାଇଁ । ସଭାରେ ଆଲୋଚନାର ବିଷୟ ହେଉଛି ଜଣେ ଗାଇଆଳର ନିଯୁକ୍ତି ।

କାର୍ଯ୍ୟକାରୀ କମିଟି ଅଫିସ୍ ଆଲୋଚନାରେ ସରଗରମ ହୋଇ ଉଠିଛି । ତମାଖୁ ଧୂଆଁରେ ରୁନ୍ଧି ହୋଇ ଯାଇଛି ଘରଟା ।

ଟେବୁଲ ଉପରେ ପେନ୍‌ସିଲ୍ ଠକ୍ ଠକ୍ କରି ଚେୟାରମ୍ୟାନ୍ ସଭାରମ୍ଭ କଲେ ।

"ବନ୍ଧୁଗଣ, ଆମ ପୁରୁଣା ଗାଇଆଳ କହୁଛନ୍ତି, ସେ ଆଉ ଆମ

ଗାଈ ବାଛୁରୀଙ୍କୁ ଜଗା ରଖା କରି ପାରିବେ ନାହିଁ । ତାଙ୍କୁ ଯେଉଁ ଦରମା ଦିଆଯାଉଛି, ସେଟା ତାଙ୍କୁ ପୋଷଉ ନାହିଁ ବୋଲି ସେ କହୁଛି । ତେଣୁ ଆମେ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ପ୍ରସ୍ତାବ କରୁଛୁ ତାଙ୍କ ଜାଗାରେ ଗ୍ରିଗରି ଫ୍ରଲୋଭଙ୍କୁ ନିଯୁକ୍ତି ଦିଆଯାଉ । ସିଏ ଆମରି ଭିତରୁ ଜଣେ, ଆମରି ପରି ସିଏ ବି ବଢ଼ିକୁଢ଼ି ମଣିଷ ହୋଇଛି । ସେ ଅରକ୍ଷିତ, ବାପମା ଛେଉଣ୍ଡ । ଯୁବ କମ୍ୟୁନିଷ୍ଟ ଲୀଗ୍‌ର ସେ ଜଣେ ସଦସ୍ୟ ... ଆପଣମାନେ ଜାଣନ୍ତି ଗ୍ରିଗରିର ବାପା ଥିଲେ ଜଣେ ମୋଚି । ଗ୍ରିଗରି ଏଇନେ ତା ଭଉଣୀ ପାଖରେ ରହୁଛି ଏବଂ ପେଟ ପୋଷିବାକୁ ସେମାନଙ୍କର ଅନ୍ୟ କୌଣସି ଉପାୟ ନାହିଁ । ତେଣୁ ବନ୍ଧୁଗଣ, ମୋର ଧାରଣା ଆପଣମାନେ ସମସ୍ତେ ଗ୍ରିଗରିର ଅବସ୍ଥା ପ୍ରତି ସୁବିଚାର କରି ଆମ ଗାଈଆଳ ହିସାବରେ ତାଙ୍କୁ ନିଯୁକ୍ତି ଦେବେ ।"

ବୃଦ୍ଧ ନେଷ୍ଟେରଭ୍‌ଙ୍କ ପକ୍ଷରେ ପ୍ରସ୍ତାବଟା ବଡ଼ ଅସହ୍ୟ ବୋଧ ହେଉଥିଲା । ସେ ଅସ୍ତବ୍ୟସ୍ତ ହୋଇ ତାଙ୍କ ଲେଗ୍‌କୋଗ୍ଟ ପିନ୍ଧିକୁ ଏଣିକି-ତେଣିକି ହଲାଇ କହିଲେ :

"ସେ ଆମ କାମକୁ ପାଇବ ନାହିଁ ... ଆମର ତ ଗାଈ ବାଛୁରୀ ମିଶି ଗୋଟାଏ ଗୋଠେ । ସେ କ'ଣ ବା କରିବ !.. ଆଖ ପାଖରେ ତ ଏଠି ଘାସ ପଡ଼ିଆ ନାହିଁ । ସେମାନଙ୍କୁ ଅନ୍ୟ ଆଡ଼େ ନେଇ ଚରାଇବାକୁ ହେବ । ସେସବୁ କାମ ସେ କେବେ କରି ନି, ତାଙ୍କୁ ଦାୟିତ୍ୱ ଦେଲେ ଶରତ ପଡ଼ିବା ଆଗରୁ ଅଧେ ବାଛୁରୀ ମରି ହଜି ଯାଇଥିବେ ..."

ଚତୁର ମିଲ୍ ମାଲିକ ଇଗ୍‌ନାତ୍ ବୁଢ଼ା, ମୁହଁରେ ହସ, ପେଟରେ ବିଷ ରଖି – କହିଲା :

"କାର୍ଯ୍ୟକାରୀ କମିଟିର ବିନା ସାହାଯ୍ୟରେ ବି ଆମେ ଜଣେ ଭଲ ଗାଈଆଳ ଖୋଜି ବାହାର କରି ପାରିବା । ସମସ୍ୟାଟା ତ ଆମର, ସେମାନଙ୍କର ନୁହଁ ... ଯାହାକୁ ତାହାକୁ ରଖି ଦେଲେ ଚଳିବ ନାହିଁ । ଦେଖି ଶୁଣି ରଖିବାକୁ ହେବ । ଲୋକଟି ବୁଢ଼ା ହୋଇଥିବ, ବିଶ୍ୱାସୀ ହୋଇଥିବ – ତା' ଛଡ଼ା ଗୋରୁ ଗାଈଙ୍କ କାମ ଜାଣିଥିବା ଦରକାର ..."

"ଠିକ୍ କହିଛ ଲୋକେ ..." କିଏ ଜଣେ କହି ଉଠିଲେ ।

"କିନ୍ତୁ ଆପଣମାନେ ବୁଢ଼ା ଜଣେ ରଖିଲେ ତ ଆହୁରି ହଇରାଣରେ



ପଡ଼ିବେ । ବାଛୁରୀଗୁଡ଼ାକ ମରି ହଜି ଯିବାର ସମ୍ଭାବନା ତା ଦ୍ୱାରା ବେଶି ... ସେ ଆଗ କଥା ଆଉ ଏବେ ନାହିଁ । ଘରି ଆଡ଼େ ଗୋର ଡକାଏତଙ୍କ ସଂଖ୍ୟା ବଢ଼ି ଗଲଣି ..." ଚେୟାର୍‌ମ୍ୟାନ୍ ଦୃଢ଼ତାର ସହିତ ଏତକ କହି ଆଶାୟୀ ଆଖିରେ ସମସ୍ତଙ୍କୁ ଅନାଇ ରହିଲେ । ହଠାତ୍ ପଛରେ ବସିଥିବା କିଏ ଜଣେ ତାଙ୍କୁ ସମର୍ଥନ ଜଣାଇ କହିଲା :

"ନା, ନା, ବୁଢ଼ା ରଖୁଆଳ ଦେଇ ସେ କାମ ହେବ ନି ... ଆମ ବାଛୁରୀଗୁଡ଼ିକ ବେଶି ବଡ଼ ନୁହନ୍ତି, ସବୁଗୁଡ଼ାକ ବର୍ଷିକିଆ । ଚବିଶ ଘଣ୍ଟା ସେମାନଙ୍କ ପଛେ ପଛେ କୁକୁର ପରି ଲାଗି ରହିବାକୁ ପଡ଼ିବ । କେବେ ଯଦି ସେଗୁଡ଼ାକ ହୁରୁଡ଼ି ଯାଆନ୍ତି ତେବେ ତାଙ୍କୁ ସମ୍ଭାଳୁ ସମ୍ଭାଳୁ ତୁମ ବୁଢ଼ାର ପାଡ଼ ବାହାରି ପଡ଼ିବ ..."

ହସରେ ଘରଟା ଉଛୁଳି ପଡ଼ିଲା, କିନ୍ତୁ ବୁଢ଼ା ଇଗ୍‌ନାତ୍ ନଛୋଡ଼ ବନ୍ଧା । ଫୁସ୍ ଫୁସ୍ କରି ପଛରୁ କହିଲା :

"ଏଥିରେ କମ୍ୟୁନିଷ୍ଟମାନଙ୍କର କିଛି କରିବାର ନାହିଁ ... ବିପଦ ଆପଦ ପାଇଁ ଭଗବାନ ତ ଅଛନ୍ତି ..." ଏତକ କହି ଦେଇ ବୁଢ଼ା ସଇତାନ୍ ଟାଙ୍ଗରା ମୁଣ୍ଡରେ ହାତ ବୁଲାଇବାକୁ ଲାଗିଲା ।

ଚେୟାର୍‌ମ୍ୟାନ୍ କିନ୍ତୁ ଯଥୋଚିତ ଦୃଢ଼ତା ପ୍ରକାଶ କରି କହିଲେ :

"ଏସବୁ ଆଜେ ବାଜେ କଥା ଏଠି ଚଳିବ ନାହିଁ, ଭାଇମାନେ ... ସେପରି କଲେ ... ଆପଣମାନଙ୍କୁ ... ସଭା ଛାଡ଼ି ଚାଲି ଯିବାକୁ ମୁଁ କହିବି ..."

ତା' ପର ଦିନ ସକାଳୁ ଚିମ୍‌ନିରୁ ଚିକ୍‌କଣ ମେଞ୍ଚା ମେଞ୍ଚା ତୂଳା ପରି ବହଳ ଧୂଆଁ ବାହାରି ପଡ଼ିଆ ଉପରେ ନଇଁ ନଇଁ ଖେଳିବାକୁ ଲାଗିଲା । ଗ୍ରିଗରି ଦେଢ଼ଶହ ଗାଈ ବାଛୁରୀ ଗାଁ ଦାଣ୍ଡରେ ଅଡ଼ାଇ ଅଡ଼ାଇ ଚାଲିଲା ପାଉଁଶିଆ ପାହାଡ଼ତଳି ଆଡ଼କୁ ।

ଷ୍ଟେପୀର ତୃଣଭୂଇଁରେ ଧୂସର ପାହାଡ଼ୀ ମୂଷାଙ୍କର ଗାତସବୁ ଛାଇ ହୋଇ ଯାଇଛି । ବାଟୋଇମାନଙ୍କୁ ସତର୍କ କରି ଦେବା ପାଇଁ ମୂଷାମାନେ ଦୂରରୁ ଚେଁ ଚେଁ କରିବାରେ ଲାଗିଛନ୍ତି । ପାଣି ପହାରର ଘାସ ଗହଳୀରୁ ଫଡ଼୍ ଫଡ଼୍ ହୋଇ ଉଡ଼ି ଆସୁଛନ୍ତି ଅସଂଖ୍ୟ ବଗ ଓ

ଡେଣାଚିଆ । ସୂର୍ଯ୍ୟ କିରଣରେ ସେମାନଙ୍କ ରୁପେଲି ପରସବୁ ଚକ୍ ଚକ୍ କରୁଛି ।

ଖୁଧାର ଗୋରୁ ପଲଟି ଚରି ଚରି ଯାଉଛନ୍ତି । କଅଁଳ ଧୂଳି ଉପରେ ଟପ୍ ଟପ୍ ବର୍ଷାର ଦାଗ ପରି ଆଙ୍କି ହୋଇ ଯାଉଛି ବାଛୁରୀମାନଙ୍କ ଦିଫାଳିଆ ଖୁରାଇ ଦାଗସବୁ ।

ଗ୍ରିଗରିକୁ ସାହାଯ୍ୟ କରୁଛି ତା'ର ଭଉଣୀ ଦୁନ୍ୟାତ୍କା । ସେ ତା'ର ସହକାରୀ ଗାଈଆଳୀ । କଳାଛାଇ ଭରା ଖରାସିଝା ଗାଲ ଦୁଇଟି ତା'ର ହସରେ ଫୁଲି ଉଠୁଥାଏ । ହସୁଥାଏ ତା'ର ଓଠ ଆଉ ଆଖି ଦୁଇଟି ମଧ୍ୟ । ମନେ ହୁଏ ଦୁନ୍ୟାତ୍କାର ସର୍ବାଙ୍ଗ ଯେପରି ହସରେ ଉଛୁସି ଉଠୁଛି : ସେ ବା ହସିବ ନି କାହିଁକି, ମାତ୍ର ସତରଟି ବସନ୍ତ ସେ ଦେଖିଛି । ସତର ବର୍ଷରେ ସବୁ କିଛି ସୁନ୍ଦର ଦିଶେ : ତା ଭାଇର ମଉଳା ଉଦାସ ମୁହଁ, ଷ୍ଟେପୀ ଉପରେ ଘାସ ଟୁଙ୍ଗି ଟୁଙ୍ଗି ଯାଉଥିବା କୁନି କୁନି ଫୁଲିଲା ଫୁଲିଲା କାନ ଉଠା ବାଛୁରୀ ଦଳ ତାକୁ ସୁନ୍ଦର ଦିଶନ୍ତି । ଏପରିକି ଆଜି ଆଉ କାଲି ପାଇଁ ଖାଇବାକୁ ରୁଟି ଦିଫଡ଼ା ନଥିଲେ ବି ତାକୁ ଏକ କୌତୁକ ପରି ଲାଗୁଛି ସବୁ କିଛି ।

ଗ୍ରିଗରି କିନ୍ତୁ ହସି ପାରୁ ନି । ତା'ର ମଳିଛିଆ ଟୋପି ତଳେ ଘଣି ହୋଇ ଯାଉଛି ହାଡ଼ୁଆ କପାଳର ରେଖାସବୁ । ଆଖି ଦୁଇଟିରେ ଭରି ଯାଇଛି କ୍ଳାନ୍ତି । ବୟସ ତା'ର ମାତ୍ର ଉଣେଇଶି, କିନ୍ତୁ ମନେ ହେଉଛି ଉଣେଇଶି ବର୍ଷରୁ ଅଧିକ କାଳ ସେ ଭୋଗ କଲାଣି, ଅନେକ କିଛି ଅମଳେଇଲାଣି ।

ସଡ଼କ ଉପର ଦେଇ ଧୀରେ ଧୀରେ ଆଗେଇ ଚାଲିଛନ୍ତି ତା'ର ଗାଈ ବାଛୁରୀ ପଲଟି । ମନେ ହେଉଛି କଟୁରୀକଟା ମଲା ମଲା ଘାସ ଯେପରି ସଡ଼କ ଉପରେ ସଜ୍ଜା ହୋଇଛି ।

ପଛରେ ପଡ଼ି ଯାଇଥିବା ବାଛୁରୀ କେଇଟାକୁ ଗ୍ରିଗରି ଶୁଖୁରିଟାଏ ମାରି ଦେଇ ଦୁନ୍ୟାତ୍କା ଆଡ଼କୁ ଚାହିଁ କହିଲା :

"ଅଶ୍ୱିଣ-କାର୍ତ୍ତିକ ବେଳକୁ ଆମେ ଅନେକ ଗହମ ଜମାଇ ପାରିଥିବା ଦୁନ୍ୟା । ତା' ପରେ ଆମେ ସହରକୁ ଚାଲି ଯିବା । ମୁଁ ଶ୍ରମିକ ସ୍କୁଲରେ ପଢ଼ିବି, ଆଉ ତୋ ପଢ଼ା ପଢ଼ିର ମଧ୍ୟ କିଛି ଗୋଟାଏ



ବ୍ୟବସ୍ଥା କରି ଦେବି ... ସହରରେ ଯେଉଁ ବହି ଚାହିଁବୁ ସେ ବହି ମିଳିବ । ସହର ଲୋକ ଆମ ପରି ଘାସ ଆଉ ଭୁଷିମିଶା ରୁଟି ଖାଆନ୍ତି ନାହିଁ । ସେମାନେ ଖାଆନ୍ତି ଭଲ ରୁଟି ।"

"ସେଠିକି ଯିବା ପାଇଁ ... ପଇସା ପାଇବା କେଉଁଠୁ ?"

"କେଡ଼େ ବୋକୀଟାଏ ତୁ ... ସେମାନେ ଆମ ଦରମା ବାବଦକୁ ପରା କୋଡ଼ିଏ ପୌଟି ଗହମ ଦେବେ – ସେଇଥିରୁ ତୋର ପଇସା ହୋଇ ଯିବ ... ଆମେ ପ୍ରତି ପୌଟିକୁ ଏକ ରୁବଲରେ ବିକି ଦେବା । ତା' ଛଡ଼ା ଆମକୁ ତ କିଛି ବାଜରା ଆଉ ଘସି ମଧ୍ୟ ମିଳିବ । ତାକୁ ବିକି ଦେଲେ ସେଥିରୁ ବି କିଛି ପଇସା ଆସି ଯିବ ।"

ଗ୍ରିଗରି ହଠାତ୍ ଅଟକି ଗଲା ସଡ଼କ ଉପରେ । ଗାଈଅଡ଼ା ବାଙ୍ଗରେ ଧୂଳି ଉପରେ ଗାର କାଟି କାଟି ହିସାବ କରିବାକୁ ଲାଗିଲା ।

"ସେସବୁ ତ ପରେ ହେବ, ଆଜି ଖାଇବା କ'ଣ, ଗ୍ରିଶା ? ଟୁକୁରାଏ ହେଲେ ରୁଟି ତ ଥଳିଆରେ ନାହିଁ ..."

"ମୋ ଥଳିରେ ପରା ଖଣ୍ଡେ ବାସି ପିଠା ପଡ଼ିଛି !"

"ସେତକ ଖାଇ ଦେଲା ପରେ, କାଲିକି ପୁଣି କ'ଣ କରିବା ?"

"କାଲି କୋଠଖମାରରୁ କେହି ହେଲେ ଜଣେ ଆମ ପାଖକୁ ଅଟା ଘେନିକି ଆସିବେ ... ଆସିଲା ବେଳେ ଚେୟାର୍‌ମ୍ୟାନ୍ ମୋତେ କହିଥିଲେ ..."

ଦିପହରର ନିଆଁଝରା ଖରାରେ ଦିହମୁଣ୍ଡ ପୋଡ଼ି ଯାଉଥାଏ । ଗ୍ରିଗରିର ଅଖାଚଟିଆ ମୋଟା ଜାମାଟା ଝାଳରେ ଭିଜି ଦେହରେ ସଟି ଗଲାଣି ।

ଗୋରୁଗୁଡ଼ାକ ହାଲିଆ ହୋଇ ଧିମେଇ ଧିମେଇ ଚାଲୁଥାନ୍ତି । ମାଛି ଡାଆଁଶସବୁ ବାଛୁରୀଗୁଡ଼ାକୁ ଫୁଟାଇ ପକାଉଛନ୍ତି । ଗୋରୁଙ୍କର ବୋବାଳି ସାଙ୍ଗକୁ ମାଛି ଡାଆଁଶଙ୍କ ଗଣ୍ ଗଣ୍ ଶବ୍ଦରେ ଟିକେ ଚଞ୍ଚଳ ହୋଇ ଉଠୁଥାଏ ଦେହଅସହା ଗୁଳୁଗୁଳିଆ ପବନଟା ।

ସଞ୍ଜ ନଇଁ ଆସିଲା ବେଳକୁ ସେମାନେ ଗୋରୁ ରହିବାର ବଡ଼ ଖୁଆଡ଼ ପାଖରେ ଗାଈ ବାଛୁରୀକୁ ନେଇ ପହଞ୍ଚାଇ ଦେଲେ । ଖୁଆଡ଼ ପାଖକୁ ଲାଗିକି ଗୋଟିଏ ଗାଡ଼ିଆ ଆଉ ଗୋଟିଏ ନଡ଼ାଛିଆ ଚାଳଘର । ବର୍ଷା ପାଣି ଖାଇ ନଡ଼ାସବୁ ଅଧା ପଚି ଯାଇଛି ।

ଗ୍ରିଗରି ଗାଈ ବାଛୁରୀଗୁଡ଼ିକୁ ଅଡ଼ାଇ ଆଣି ଖୁଆଡ଼ ଆଗରେ ଏକାଠି କଲା । ଖୁଆଡ଼ର ଧଡ଼ାଟାକୁ ଖୋଲି ସେଗୁଡ଼ିକୁ ଗଣି ଗଣିକି ଖୁଆଡ଼ ଭିତରେ ଭରି ପୁଣି ବନ୍ଦ କରି ଦେଲା ଧଡ଼ାଟିକୁ ।

୨

ଗଡ଼ିଆ ଧାରକୁ ଲଗି ଢିପ ଜାଗା ଖଣ୍ଡେ । ଗୋଟାଏ ବିରାଟ ଫୁଲୁକା ଚଣା ମଞ୍ଜି ପରି ଦୂରରୁ ଢିପଟି ଦିଶେ । ଗ୍ରିଗରି ଏବଂ ଦୁନ୍ୟା ଉଭୟ ମିଳି ଢିପ ଉପରେ ନୂଆ କୁଡ଼ିଆଟିଏ ତିଆରି କଲେ । ଝାଟି ମାଟିରେ କାନ୍ଥ କରି ଉପରେ ତା'ର ଉଭୟ ମିଳି ଲେପି ଦେଲେ ଗୋବର । ଗ୍ରିଗରି ଘାସ ମାସ ଦେଇ ଘରଟାକୁ ଛେଇ ଦେଲା ।

ତହିଁ ଆର ଦିନ କୋଠଖମାରର ଚେୟାରମ୍ୟାନ୍ ଘୋଡ଼ାରେ ଆସି ସେମାନଙ୍କ ପାଖରେ ପହଞ୍ଚିଲେ । ସାଙ୍ଗରେ ସେମାନଙ୍କ ପାଇଁ ଆଣିଥିଲେ ଅଧପୌଟିଏ ମକା ଅଟା ଆଉ ବସ୍ତାଏ ବାଜରା ।

କୁଡ଼ିଆର ପିଣ୍ଡାରେ ଚେୟାରମ୍ୟାନ୍ ପିଠି ମାଡ଼ିଦେଇ ତଳେ ବସି ପଡ଼ି ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରାଇଲେ ।

"ଗ୍ରିଗରି ତମେ ବଡ଼ ଭଲ ପିଲା । ଅଶିଣ - କାର୍ତ୍ତିକ ପର୍ଯ୍ୟନ୍ତ ଏ ଗାଈ ବାଛୁରୀ କେଇଟାଙ୍କୁ ଜଗା ରଖା କରୁଥା । ତା' ପରେ ମୁଁ ତୁମକୁ ଆମ ଜିଲ୍ଲା କେନ୍ଦ୍ରକୁ ନେଇ ଯିବି । ସେଠି ତୁମ ପଢ଼ା ଶୁଣାର କିଛି ଗୋଟାଏ ବ୍ୟବସ୍ଥା ହୋଇ ଯିବ ... ଶିକ୍ଷା ବିଭାଗରେ ମୋର ଜଣେ ବନ୍ଧୁ ଅଛନ୍ତି । ସେ ତୁମକୁ ଏ ଦିଗରେ ସାହାଯ୍ୟ କରିବେ ..."

ଆନନ୍ଦରେ ଲାଲ ପଡ଼ି ଆସିଲା ଗ୍ରିଗରିର ମୁହଁଟି । ଚେୟାରମ୍ୟାନ୍ ଯିବାକୁ ବାହାରିଲା ବେଳେ ସେ ଘୋଡ଼ା ପିଠିକୁ ଉଠିବା ପାଇଁ ପାଦାନିଟିକୁ ସଜାଡ଼ି ଧରିଥିଲା । ହାତକୁ ତାଙ୍କର ଚିପି ଧରି ଜଣାଇଥିଲା ଅନ୍ତରଭରା କୃତଜ୍ଞତା । ଚେୟାରମ୍ୟାନ୍ ବିଦାୟ ନେଇ ଘୋଡ଼ା ଛୁଟାଇ ଚାଲି ଯାଇଥିଲେ । ଗଲା ବେଳେ ଘୋଡ଼ା ଟାପୁରକୁ ଉଠୁଥିବା କୁଣ୍ଡିକୁଣ୍ଡିକିଆ ଧୂଳି ପଟଳକୁ ଚାହିଁ ରହିଥିଲା ଗ୍ରିଗରି ।



ନୀରସ ରୁକ୍ଷ ଷ୍ଟେପୀ ଭୂଇଁଟା ସୂର୍ଯ୍ୟ ଉଇଁଲା ବେଳେ ଏବଂ ବୁଡ଼ିଲା ବେଳେ ଯକ୍ଷ୍ମାରୋଗୀ ପରି ଲାଲ ଟକ୍ ଟକ୍ ଦିଶେ ଏବଂ ନିଆଁଝରା ଖରା ବେଳେ ଅଣନିଶ୍ୱାସୀ ହୋଇ ପଡ଼େ । ଗ୍ରିଗରି ସେ ଦିନ ପିଠି ମାଡ଼ି ଶୋଇ ଶୋଇ ଦେଖୁଥିଲା ଫିକା ଫିକା କୁହୁଡ଼ିଢଙ୍କା ନୀଳାଭ ପାହାଡ଼କୁ । ତାକୁ ଲାଗୁଥିଲା ଷ୍ଟେପୀର ବି ଜୀବନ ଅଛି । ଅସୁମାରି ଘର ବାଡ଼ି, ଗାଁ ଗଣ୍ଡା ଆଉ ସହରର ଭାରାରେ ପ୍ରାଣଟା ତା'ର ଧକ୍‌ଧକ୍ କରୁଛି, ତାକୁ କଷ୍ଟ ହେଉଛି । ବସୁଧା ଅଣଆକଣ୍ଠ ହୋଇ ନିଶ୍ୱାସ ମାରି ପାରୁ ନି ଏବଂ ଅନେକ ଗହୀରରେ, ମାଟିର ମୋଟା ଆବରଣ ତଳେ କେଉଁଠି ଅଧିର ଆବେଗରେ ଚଞ୍ଚଳ ହୋଇ ଉଠୁଛି ସଂପୂର୍ଣ୍ଣ ନୂଆ ଏକ ଅଜ୍ଞାତ ଜୀବନ ।

ଦିନ ଦିପହରଟାରେ ବି ଗୋଟାଏ ଅଜଣା ଭୟ ମନକୁ ତା'ର କାହିଁକି ଛୁଇଁ ଗଲା ।

ଆକାଶଛୁଆଁ ପାହାଡ଼ର ଧାଡ଼ିକୁ ଆଖି ତା'ର ମାପି ଚାଲିଥାଏ । ସାମ୍ନାରେ ଭାସି ଉଠୁଥାଏ ତହ ତହ ଖରାର ନାଚ ଆଉ ଧୂସର ଘାସ ଉପରେ ଝୁପୁ ଝୁପୁକିଆ ଗୋରୁ ପଲ । ଗ୍ରିଗରିର ମନଟା ନିଃସଙ୍ଗତାରେ ଭରି ଉଠିଲା, ମନେ ହେଲା ଗୁଡ଼ି ଫଡ଼ାକରୁ କଟା ଟୁକୁରାଟି ପରି ସେ ଏ ଦୁନିଆରୁ ଯେପରି ବିଚ୍ଛିନ୍ନ ।

ସବୁ ଦିନ ପରି ସେଦିନ ଶନିବାର ସଞ୍ଜ ବେଳେ ଗ୍ରିଗରି ଗୋରୁ ବାଛୁରୀ ଧରି ଫେରିଲା ଖୁଆଡ଼କୁ । ଦୁନ୍ୟାଟ୍‌କା ଚୁଲୀ ଲଗାଇ କିଛି ବାଜରା ଆଉ ପାଳଙ୍ଗ ସାଗ ଭାଜୁଥାଏ ।

ଚୁଲୀ ପାଖରେ ବସି ପଡ଼ିଲା ଆସି ଗ୍ରିଗରି । ଗାଈରଖା ଡାଙ୍ଗରେ ଫୁରୁକି ବାସୁଥିବା ଘଷି ପଡ଼ାଗୁଡ଼ାକୁ ନିଆଁ ଆଡ଼କୁ ମୁହାଁଇ ଦଉଁ ଦଉଁ କହିଲା :

"ଗ୍ରିଶାଙ୍କାର ବାଛୁରୀଟିକୁ ରୋଗ ଧରି ପକାଇଛି, ତାକୁ ଖବର ଦେବାକୁ ପଡ଼ିବ ..."

ଏକ ବେପରୁଆ ନିଧଡ଼କ ଗଳାରେ ଦୁନ୍ୟାଟ୍‌କା କହିଲା, "ଗାଁକୁ ଯାଇ ମୁଁ କହି ଆସିଲେ କ'ଣ ହେବ ନାହିଁ ?.."

"ନା, ତୁ ଗଲେ ଚଳିବ ନାହିଁ । ମୁଁ ଏକଲା ଏ ବାଛୁରୀଗୁଡ଼ାକୁ

ସମ୍ଭାଳି ପାରିବି ନାହିଁ ..." ଟିକିଏ ଚୁପ୍ ମାରି ଯାଇ ଗ୍ରିଗରି ହସି ହସି କହିଲା, "ତୋତେ ଏଠି ଏକୁଟିଆ ଏକୁଟିଆ ଲାଗୁଛି ନା କ'ଣ, ଆରେ ?"

"ହଁ, ଏକୁଟିଆ ଲାଗୁଛି ଭାଇ ... ଏ ନିଛାଟିଆ ଷ୍ଟେପୀଟାକୁ ମାସେ କାଳ ହେବ ଆସିଲେଣି, ଜଣକ ଛଡ଼ା ଦିଜଣଙ୍କ ମୁହଁ ତ ମୋ ଆଖିରେ ପଡ଼ିଲା ନାହିଁ । ସାରା ଗରମ କାଳଟା ଯଦି ଏଠାରେ ରହିବା, ତେବେ କଥା କହିବାକୁ ବି ଭୁଲି ଯିବା ..."

"କଷ୍ଟେ ମଷ୍ଟେ ଟିକେ ପଡ଼ି ରହିବାକୁ ହେବ ଦୂନ୍ୟା ... ଅଶିଣ-କାର୍ତ୍ତିକ ବେଳକୁ ଆମେ ଚାଲି ଯିବା ସହରକୁ । ସେଠି ସ୍କୁଲ ଅଛି, ପାଠ ପଢ଼ିବା । ପାଠ ପଢ଼ା ଶେଷ ହୋଇ ଗଲେ ପୁଣି ଫେରି ଆସିବା ଏଇଠିକୁ, ଏଇ ଷ୍ଟେପୀ ଭୂଇଁକୁ । ଏଠି ନୂଆ ରକମର ଚାଷ ବାସ କରି ରହିବା । ଏଠି ତ ସମସ୍ତେ ମୂର୍ଖ, ଅଗୁଆଁର ... ଦିଧାଡ଼ି ଲେଖିବାକୁ ପଢ଼ିବାକୁ କାହାରି ଭାଗ୍ୟରେ ଯୋଟେନି ... ବହି ଖଣ୍ଡେ ଆଖିରେ ପଡ଼ିବା ତ ସାତ ସପନ ..."

"ସମସ୍ତଙ୍କ ପରି ଆମେ ତ ମୂର୍ଖ ... ଆମକୁ କିଏ କାହିଁକି ପଢ଼ାଇବାକୁ ଯିବ ?"

"ନା, ସେମାନେ ଆମକୁ ପଢ଼ାଇବେ । ମୁଁ ଗାଁରେ ଥିଲା ବେଳେ ଲେନିନ୍‌ଙ୍କର ବହିଟିଏ ପଢ଼ିଥିଲି । ବହିଟି ଥିଲା ଆମ ପାର୍ଟି ସଂପାଦକଙ୍କ ପାଖରେ । ଲେନିନ୍ ସେଥିରେ ଲେଖିଛନ୍ତି ସର୍ବହରାମାନେ ଦେଶ ଶାସନ କରିବେ । ତେଣୁ ଗରିବ ଲୋକମାନଙ୍କୁ ଲେଖା ପଢ଼ା ଶିଖିବାକୁ ହିଁ ହେବ ।"

ଗ୍ରିଶା ଆଣ୍ଠୁ ମାଡ଼ି ସିଧା ହୋଇ ବସି ପଡ଼ିଲା । ସୂର୍ଯ୍ୟାସ୍ତର ଲାଲ ଆଲୋକରେ ଝଲସି ଉଠିଲା ତା'ର ଗାଲ ଦିଓଟି ।

"ଆମ ଦେଶକୁ ଶାସନ କରିବାକୁ ହେଲେ, ଆମକୁ ପଢ଼ିବାକୁ ହେବ । ସହରରେ ଶ୍ରମିକମାନେ ଶାସନ କରୁଛନ୍ତି । ଜାଣିଛୁ, ଖାଲି ଆମ ଗାଁରେ ନୁହଁ, ଅଧିକାଂଶ ଗାଁର ଚେୟାରମ୍ୟାନ୍ ହେଉଛନ୍ତି ଧନୀ ..."

"ମୁଁ ଘର ଓଳା, ଧୂଆ ଧୋଇ କାମ କରି ଟଙ୍କା ରୋଜଗାର କରିବି, ତୁ ପଢ଼ାପଢ଼ି କରିବୁ", ଦୂନ୍ୟା କହିଲା ।

ଘାସି ଖଣ୍ଡଗୁଡ଼ିକ କୁହୁଳି ଉଠି ଦାଉ ଦାଉ ହୋଇ ଜଳୁଥିଲା ଏବଂ ବେଳେ ବେଳେ ଧପ୍‌କିନା ନିଆଁ ଶିଖାଟା ଡେଇଁ ଉଠୁଥିଲା ଉପରକୁ ।



ନିଛାଟିଆ ଷ୍ଟେପୀ ଭୂଇଁଟା ସେତେବେଳେ ଢୋଳଉଥାଏ ଛାଇ ନିଦରେ ।

୩

ଜିଲା କେନ୍ଦ୍ରକୁ ଯିବା ବାଟରେ ଜଣେ ସିପାଇ ଗ୍ରିଗରିକୁ ଖବରଟିଏ ଦେଇ ଗଲା । ପାର୍ଟି ଶାଖାର ସଂପାଦକ ପଲିତଭ୍ ଖବର ଦେଇଛନ୍ତି ଗାଁକୁ ଯାଇ ତାଙ୍କୁ ଦେଖା କରିବାକୁ ।

ଜାଙ୍ଗୁଲୁ କୁଙ୍ଗୁଲୁ ରାତି ନପାହୁଣୁ ଗ୍ରିଗରି ଗାଁକୁ ବାହାରି ପଡ଼ିଲା । ଛାଇ ନେଉଟିଲା ବେଳକୁ ପାହାଡ଼ ଉପରୁ ଦେଖାଗଲା ଗାଁର ଘଣ୍ଟାଲଗା ଉଚ୍ଚ ବୁରୁଜ ଆଉ ଘରି ପାଖରେ ତା'ର ନୂଆଁଣିଆ ଗୁଳଘରସବୁ ।

ଚାଲି ଚାଲି ଗ୍ରିଗରିର ଗୋଡ଼ ଯୋଳାଇ ପଡ଼ୁଥାଏ । ଥକାମରା ହୋଇ ସିଧା ସଳଖ ସେ ଛୁଟିଲା ଗାଁ ଚଉକକୁ ।

ଗାଁ କ୍ଲବଟି ଗାଁର ପାଦ୍ରିଙ୍କ ଘରେ ଥାଏ । ନଡ଼ାବୁଣା ନୂଆ ମଶିଣା ଉପର ଦେଇ ବଡ଼ ବଖରାଟି ଭିତରକୁ ପଶି ଗଲା ଗ୍ରିଗରି ।

ଝରକାର ଝିଲିମିଲି ସବୁ ବନ୍ଦଥାଏ, ଘରଟା ଲାଗୁଥାଏ ଅନ୍ଧାରୁଆ । ଝରକା ପାଖରେ କାଠ କେଇ ଖଣ୍ଡ ନେଇ ଚଉକାଠ ତିଆରିରେ ଲାଗି ପଡ଼ିଥାନ୍ତି ପଲିତଭ୍ ।

ହାତ ମିଳାଇବା ପାଇଁ ଝାଳ ଜରଜର ହାତଟିକୁ ବଢ଼ାଇ ଦେଇ ପଲିତଭ୍ ହସ ହସ ମୁହଁରେ କହିଲେ, "ସବୁ ଖବର ମୁଁ ପାଇଛି । ସେଥି ପାଇଁ ତୁମେ ବ୍ୟସ୍ତ ହୁଅ ନା ! ଜିଲା କେନ୍ଦ୍ରରେ ମଧ୍ୟ ମୁଁ ଖୋଜ ନେଇଛି । ତେଲକଳ ପାଇଁ ସେମାନେ କେତେ ଜଣ ଲୋକ ଚାହିଁଥିଲେ, କିନ୍ତୁ ଏତେ ଲୋକ ଯାଇ ପହଞ୍ଚି ଗଲେ ଯେ ବାର ଜଣ ଅଧିକ ହୋଇ ପଡ଼ିଲେ ... ତୁମେ ଅଶିଣ-କାର୍ତ୍ତିକ ପର୍ଯ୍ୟନ୍ତ ସେ ଗାଇ ବାଛୁରୀ କେଇଟାଙ୍କୁ ଦେଖୁଥାଅ, ତା' ପରେ ଆମେ ତୁମକୁ ସ୍କୁଲକୁ ପଠାଇ ଦେବୁ ।"

"ଏ କାମ କରିବାକୁ ହେଲେ, ଅନ୍ୟ କାମ ମୋତେ ଛାଡ଼ି ଦେବାକୁ ହେବ ... ଗାଁର ଧନୀ ଚାଷୀମାନେ ମୋତେ ଗାଇଆଳ ହିସାବରେ ରଖିବାକୁ ଚାହାନ୍ତି ନାହିଁ ... ସେମାନେ କହୁଛନ୍ତି, ମୁଁ ଯୁବ କମ୍ୟୁନିଷ୍ଟ ଲୀଗର ସଭ୍ୟ, ଧର୍ମଦ୍ରୋହୀ, ଭଗବାନ ମାନେ ନା । ବାଛୁରୀ

ଚରାଇଲ ବେଳେ ଭଗବାନଙ୍କୁ ଡାକୁ ନାହିଁ ...” ଗ୍ରିଗରି ମୁହଁରେ ଖେଳି ଗଲା ଚେନାଏ ହସମିଶା ବିଷାଦ ।

ପଲିତଭ୍ ରନ୍ଧାମରା କାଠଗଣ୍ଡଗୁଡ଼ାକୁ ହାତରେ ଏଡ଼ାଇ ଦେଇ ଝରକାର ଏବୁଣ୍ଡି ଉପରେ ବସି ପଡ଼ିଲେ । ଗ୍ରିଗରିର ମୁହଁକୁ ତାଙ୍କର ଝାଳଭିଜା ବହଳ ଭୂରୁ ତଳୁ ନିରିଖାଇ କି କହିଲେ :

“ଗ୍ରିଗରି, ତୁମେ ଶୁଖି କି କୁଟା ଖଣ୍ଡ ପରି ଦିଶିଲଣି ... ସେଠି ଖାଇବା ପିଇବାକୁ କ’ଣ କିଛି ମିଳୁ ନି ?”

“ଖୁବ୍ ମିଳୁଛି ।”

କିଛି ସମୟ ଉଭୟ ଚୁପ୍ ମାରିଗଲେ ।

“ଆସ, ଆମ ଘରକୁ ଯିବା ଗ୍ରିଗରି । ଜିଲ୍ଲା କେନ୍ଦ୍ରରୁ ଆମ ପାଖକୁ କିଛି ବହିପତ୍ର ଆସିଛି । ତୁମକୁ କିଛି ନୂଆ ବହି ଦେବି ।”

କବରଖାନା ଆଡ଼କୁ ପଡ଼ିଥିବା ରାସ୍ତା ଦେଇ ସେମାନେ ଆଗେଇଲେ । ମାଇ କୁକୁଡ଼ାଗୁଡ଼ିଏ ପାଉଁଶ ଗଦା ଉପରେ ଝାଡ଼ିଝୁଡ଼ି ହୋଇ ପର ସଫା କରୁଥାନ୍ତି । କେଉଁଠି କୂଅରେ ଲଗା ଅରଟଟାଏ କଟ କଟ କରି ଉଠିଲା । ତା’ ପରେ ଗୋଟାଏ ଅସ୍ୱସ୍ତିକର ନୀରବତା ଖେଳି ଗଲା ଚାରି ଆଡ଼େ ।

“ଆଜି ରହିଗଲେ କେମିତି ହୁଅନ୍ତା ଗ୍ରିଗରି ? ରାତିକୁ ଆମ ମିଟିଂ ବସୁଛି । ପିଲାମାନେ ପଚାରୁଥିଲେ – “ଗ୍ରିଶା ଆଜିକାଲି କ’ଣ କରୁଛି ?” ସମସ୍ତଙ୍କ ସହିତ ଦେଖା ସାକ୍ଷାତ ହୋଇ ଯିବ ... ଆନ୍ତର୍ଜାତିକ ପରିସ୍ଥିତି ଉପରେ ମୁଁ କହିବି । ତା’ପରେ ରାତିଟା ମୋ ପାଖରେ ରହି, କାଲି ପୁଣି ଚାଲି ଯିବ । କ’ଣ କହୁଛ ?”

“ନା, ରାତିରେ ରହି ପାରିବି ନାହିଁ । ଦୁନ୍ୟାଟ୍କା ସେଠି ଏକୁଟିଆ ଗାଈ ବାଛୁରୀଗୁଡ଼ାକୁ ସମ୍ଭାଳି ପାରିବ ନାହିଁ । ସଭା ସାଙ୍ଗ ହେବା ପରେ ରାତିଏ ରାତିଏ ମୁଁ ଚାଲି ଯିବି ।”

ପଲିତଭ୍ଙ୍କ ପିଣ୍ଡାଟା ଖୁବ୍ ଥଣ୍ଡା ଲାଗୁଥାଏ ।

ଶୁଖିଲା ଆତଫଳର ମିଠା ମିଠା ବାସନା ସାଙ୍ଗକୁ କାନ୍ଥରେ ଝୁଲୁଥିବା ଘୋଡ଼ାର ଜିନ ଓ ଲଗାମର ବିକଟିଆ ଝାଳ ଗନ୍ଧରେ ଫାଟି ପଡ଼ୁଥାଏ ଘରଟା ।



ଘର କୋଣକୁ ପିମ୍ପାରେ ପିମ୍ପେ ଗହମରୁ ତିଆରି ତୋରାଣି ଏବଂ ପାଖକୁ ଲଗି ତା’ର ନୁଆଁଣିଆ ଖଟରେ ବିଛଣା ।

“ଏଇ ହେଉଛି ମୋର ସେହି ନିଛାଟିଆ ବସା ଘର । ଭିତରଟା ଖୁବ୍ ଗରମ ...”

ପଲିତଭ୍ ନଇଁ ପଡ଼ି ଅତି ଯତ୍ନରେ ମଇଳା ଲାଇଲେନ୍ ଚାଦର ତଳୁ “ପ୍ରାଭ୍ଦା”ର କେତୋଟି ପୁରୁଣା ସଂଖ୍ୟା ଆଉ ଦୁଇଟି ବହି କାଢ଼ିଲେ ।

ଗ୍ରିଗରି ହାତକୁ ସେଗୁଡ଼ିକୁ ବଢ଼ାଇ ଦେଇ ଗୋଟିଏ ସାତସିଆଁ ଅଖା ମୁଣି ବାହାର କଲେ । ମୁଣିଟିକୁ ଟିକେ ଝାଡ଼ିଝୁଡ଼ି ଦେଇ ମୁହଁଟାକୁ ତା’ର ଖୋଲି ଦେଲେ ଏବଂ ଗ୍ରିଗରିକୁ କହିଲେ :

“ଧର ୟାକୁ ...”

ଗ୍ରିଗରି ମୁଣିର କାନିଟାକୁ ଧରିଥାଏ, କିନ୍ତୁ ଆଖି ତା’ର ଲାଖି ରହିଥାଏ ବହି ଆଉ ଖବରକାଗଜ ଉପରେ ।

ବସ୍ତାରୁ ଆଞ୍ଜୁଳା ଆଞ୍ଜୁଳା କରି ମଇଦା କାଢ଼ି ପଲିତଭ୍ ମୁଣିରେ ଅଧମୁଣିଏ ଭରି ଦେଲେ । ମୁଣିଟାକୁ ଟିକିଏ ହଲହଲି କରି ରଖି ଦେଇ ପଶି ଗଲେ ଘରର ସାମ୍ନା ବଖରାଟିକୁ ।

ଘୁଷୁରି ଚର୍ବି ଦିଖଣ୍ଡ ଶୁଖିଲା କୋବି ପତ୍ରରେ ଗୁଡ଼ାଇ ମୁଣି ଭିତରେ ଆଣି ଭରି ଦେଲେ ପଲିତଭ୍ ଏବଂ ଟିକିଏ କଡ଼ା ଗଳାରେ କହିଲେ :

“ଗଲା ବେଳେ ସଙ୍ଗରେ ନେଇ ଯିବ !”

ଗ୍ରିଗରିର ମୁହଁଟା ଲାଲ ପଡ଼ି ଆସିଲା । କହିଲା, “ମୁଁ କ’ଣ ଏତେଗୁଡ଼ାଏ ନେଇ ପାରିବି ...”

“ହଁ, ନେଇ ପାରିବ ।”

“ନା, ମୁଁ ପାରିବି ନାହିଁ ...”

“କି ଅଜବ୍ ପିଲା ତମେ ”, ପଲିତଭ୍ ବଡ଼ ପାଟି କରି କହି ଉଠିଲେ । ମୁହଁଟା ତାଙ୍କର ଶୁଖିଲା ପଡ଼ିଗଲା । କଡ଼ା ଦୃଷ୍ଟିରେ ଗ୍ରିଗରିକୁ ଚାହିଁ ପୁଣି କହିଲେ, “ତମେ ପରା ନିଜକୁ କମ୍ରେଡ୍ ବୋଲି କହୁଛ ! ଖାଇବାକୁ ନପାଇ, ଶୁଖି ଶୁଖି ମରିବ, ମୁହଁ ଫିଟାଇ କାହାକୁ କହିବ ନାହିଁ ! ନେଇ ଯାଅ ମୁଁ କହୁଛି, ନ ନେଲେ ତମର ମୋର ଏତିକି, ବୁଝିଲ ...”

"ତୁମର ଶେଷ ସମ୍ବଳଟକ ନେବାକୁ ମୁଁ ଚାହେଁ ନା..."

"ମୋର ଶେଷ ସମ୍ବଳ ! କିଏ କହିଲା ତମକୁ ?" ଟିକିଏ ନରମ କଣ୍ଠରେ ଏପରି କହିଲେ ପଲିତର୍ । ଗ୍ରିଗରି ଅଭିମାନରେ ମୁଣ୍ଡଟିକୁ ବାନ୍ଧିଲା ବେଳେ ସେ ତା ମୁହଁକୁ ଚାହିଁ ରହିଥିଲେ ।

ସଭା ସାଙ୍ଗ ହେଲା ବେଳକୁ ରାତି ପାହି ଆସୁଥିଲା ।

ଗ୍ରିଗରି ସାଙ୍ଗେ ସାଙ୍ଗେ ଚାଲିଲା ଷ୍ଟେପୀ ଆଡ଼କୁ । ଓଜନିଆ ମଇଦା ଥଳିଟା କାନ୍ଧକୁ ତା'ର ଦାବି ଦେଉଥାଏ ଏବଂ କଳାପୋଡ଼ା କରୁଥାଏ ଗୋଡ଼ ପାପୁଲିର ଫୋଟକାଗୁଡ଼ାକ । ଗ୍ରିଗରିର ସେସବୁ ପ୍ରତି କିନ୍ତୁ ନଜର ନଥାଏ, ଆନନ୍ଦ ମିଶା ମନୋବଳ ନେଇ ଦୃଢ଼ ପଦକ୍ଷେପରେ ସେ ଆଗେଇ ଚାଲିଥାଏ ସେହି କ୍ଷୁଦ୍ରମାନ ଉଷା ଆଡ଼କୁ ।

୪

ବଡ଼ିସକାଳୁ ଦୁନ୍ୟାତ୍କା ଗୋବର ଗୋଟେଇବା ପାଇଁ କୁଡ଼ିଆରୁ ବାହାରିଲା ବେଳେ ଦେଖିଲା ଗ୍ରିଗରି ଖୁଆଡ଼ ଆଡ଼ୁ ଛୁଟିଛି । ଗ୍ରିଗରିର ହାବ ଭାବ ଦେଖି ତା'ର ମନେ ହେଲା, ଗୋଟାଏ କିଛି ଅଘଟଣ ଘଟି ଯାଇଛି ନିଶ୍ଚୟ ।

"କ'ଣ ହୋଇଛି କି ?"

"ଗ୍ରିଶାଙ୍କାର ବାଛୁରୀଟା ମରି ଯାଇଛି... ତା'ର ଆଉ ତିନିଟା ବି ସେଇ ରୋଗରେ ପଡ଼ିଛନ୍ତି ।" ଗ୍ରିଗରିର ଛାତି ଭିତରୁ ବାହାରି ଆସିଲା ଦୀର୍ଘଶ୍ୱାସଟାଏ । "ଦୁନ୍ୟା, ତୁ ଗାଁକୁ ଯାଇ ଗ୍ରିଶାଙ୍କାକୁ ଜଣାଇ ଦିଏ, ଅନ୍ୟମାନଙ୍କୁ ବି କହ ଏଠିକି ଆସିବାକୁ । କହିବୁ, ସେମାନଙ୍କ ବାଛୁରୀକୁ ରୋଗ ଧରିଛି ।"

ଚଦରଟାକୁ ଦେହରେ ଗୁଡ଼େଇ ନେଇ ପାହାଡ଼ ଉପର ଦେଇ ଗାଁ ଆଡ଼କୁ ଛୁଟି ଚାଲିଲା ଦୁନ୍ୟା । ପଛ ଆଡ଼େ ତା'ର କୁଡ଼ିଆ ଥିବା କୁଦ ଉପରକୁ ସକାଳର ସୂର୍ଯ୍ୟ ଧୀରେ ଧୀରେ ଉଠି ଆସୁଥିଲା ।

ଉଭଣୀର ଯିବା ବାଟକୁ ଚାହିଁ ରହିଥିଲା ଗ୍ରିଗରି । ଦୂର ପାହାଡ଼ୀ ପଥରେ କ୍ରମଶଃ ଲୁଚି ଗଲା ଦୁନ୍ୟା, ଗ୍ରିଗରି ଆସ୍ତେ ଆସ୍ତେ ଫେରି ଆସିଲା ଖୁଆଡ଼ ଭିତରକୁ ।



ଗାଇ ବାଛୁରୀଗୁଡ଼ିକ ଗହିରକୁ ଚାଲି ଯାଇଥାନ୍ତି । ଖୁଆଡ଼ ଭିତରେ ପଡ଼ି ରହିଥାନ୍ତି ତିନୋଟି ଅସୁସ୍ଥ ବାଛୁରୀ । ଛାଇ ନେଉଟିଲା ବେଳକୁ ତିନୋଟି ଯାକ ମରି ଗଲେ ।

ଗ୍ରିଗରି ଆଉ ଥୟ ଧରି ପାରିଲା ନାହିଁ । ଦୌଡ଼ି ଯାଇ ଗୋରୁ ପଲଟାକୁ ଅଡ଼ାଇ ଆଣି ଖୁଆଡ଼ରେ ଭର୍ତ୍ତି କରି ଦେଲା । ଇତି ମଧ୍ୟରେ ଆଉରି ଦିଟା ବାଛୁରୀ ରୋଗରେ ପଡ଼ି ଯାଇଥିଲେ...

ଗଡ଼ିଆ ପାଖ ସନ୍ତସନ୍ତିଆ କାଦୁଅ ଭିତରେ ବାଛୁରୀଟାଏ ଗଳି ପଡ଼ିଲା । ତହଲ ବିକଳ ହୋଇ ସେ ବୋବାଳି ଛାଡ଼ୁଥାଏ । ଜୁଳୁ ଜୁଳୁ ଆଖି ଦୁଇଟି ତା'ର ଛଳ ଛଳ ହୋଇ ଉଠିଥାଏ ଲୁହରେ । ବାଛୁରୀଟିର ବିକଳ ଦେଖି ଗ୍ରିଗରିର କହରା ଗାଲ ଦୁଇଟି ଦେଇ ଝରି ପଡ଼ିଲା ଲୁଣିଆ ଲୁହର ଦୁଇଟି ଧାର ।

ସଞ୍ଜ ନଇଁଲା ବେଳକୁ ଦୁନ୍ୟାତ୍କା ଫେରି ଆସିଲା । ସାଙ୍ଗରେ ତା'ର ଆସିଥିଲେ ବାଛୁରୀ ମାଲିକମାନେ...

ବୁଢ଼ା ଆର୍ତ୍ୟୋମିଚ୍ କାଠ ପାଲଟି ଯାଇଥିବା ତା ମଲା ବାଛୁରୀଟାକୁ ବାଡ଼ିରେ ଢିଅଟାଏ ମାରି କହିଲା, "ଆରେ, ଏତ ମଡ଼କ ଛଡ଼ା ଆଉ କିଛି ନୁହଁ । ଗୋଠ ଯାକ ଗାଇ ବାଛୁରୀ ସବୁ ମରି ପଦା ହୋଇ ଯିବେ ।"

ମଲା ବାଛୁରୀଗୁଡ଼ିକ ଦେହରୁ ଛାଲ ବାହାର କରି ନେଇ ହାଡ଼ ମାଂସଗୁଡ଼ାକ ଗଡ଼ିଆ ପାଖରେ ସେମାନେ ପୋତି ଦେଲେ । ଶୁଖିଲା କଳା ମିଚ୍‌ମିଚ୍ ମାଟିର ଆଉ ଗୋଟିଏ ନୂଆ ଢିପ ପୁଣି ମୁଣ୍ଡଟେକି ଉଠିଲା ।

ତହିଁ ଆର ଦିନ ସକାଳୁ ପୁଣି ଗାଁକୁ ଧାଇଁଲା ଦୁନ୍ୟାତ୍କା । ଏକା-ବେଳକେ ଆଉରି ସାତଟା ବାଛୁରୀ ରୋଗରେ ପଡ଼ିଗଲେ...

ଦିନ ପରେ ଦିନ ସେଇ ଏକା ରକମର ଦୁଃଖକର ଘଟଣା ଘଟି ଚାଲିଥାଏ । ଖୁଆଡ଼ଟା କ୍ରମଶଃ ଖାଲି ହୋଇ ଆସିଲା । ତା ସାଙ୍ଗରେ ଖାଲି ଲାଗିଲା ଗ୍ରିଶାର ହୃଦୟ ଭିତରଟା । ଦେଢ଼ ଶହ ଗାଈ ବାଛୁରୀଙ୍କ ମଧ୍ୟରୁ ମାତ୍ର ପଚାଶଟା ବଞ୍ଚିଥାନ୍ତି । ବାଛୁରୀମାନଙ୍କ ମାଲିକମାନେ ଗାଡ଼ିରେ ଆସନ୍ତି, ଛାଲ ବାହାର କରି ନେଇ ରକ୍ତ ବଳବଳ ହାଡ଼

ମାଂସକୁ ପଡ଼ିଆରେ ପୋଡି ଦେଇ ପୁଣି ଗାଡ଼ିରେ ଚାଲି ଯାଆନ୍ତି । ଖୁଆଡ଼ରେ ଥାଇ ବାଛୁରୀଗୁଡ଼ାକୁ ଭର୍ତ୍ତି କରିବା ଦିନକୁ ଦିନ କଠିନ ହୋଇ ପଡ଼ିଲା । ରକ୍ତର ବାସନାରେ ବାଛୁରୀଗୁଡ଼ାକ ଭୟଭୀତ ହୋଇ ବୋବାଳି ଛାଡ଼ିଲେ । ଅଦୃଶ୍ୟରେ ମୃତ୍ୟୁ ଯେପରି ଗ୍ରାସ କରିବାରେ ଲାଗିଥିଲା ସେମାନଙ୍କୁ ।

ମନମରା ହୋଇ ବଡ଼ିସକାଳୁ ଗ୍ରିଗରି ଖୁଆଡ଼ର ଦଦରା ଅଡ଼ାଟାକୁ ଖୋଲି ଗାଈ ବାଛୁରୀଙ୍କୁ ଚରାଭୁଇଁକୁ ଅଡ଼ାଇ ନିଏ । ଗଲା ବେଳେ ପ୍ରତିଦିନ ତାକୁ ସେହି ଦରଶୁଖା ମାଟିର ଢିପଗୁଡ଼ାକୁ ପାରି ହୋଇ ଯିବାକୁ ପଡ଼େ ।

ଦିନ ସାରା ସଢ଼ା ମାଂସର ଦୁର୍ଗନ୍ଧରେ ନାକ ଫାଟି ପଡ଼େ । ତରଳା ଗାଈ ବାଛୁରୀଗୁଡ଼ାକର ଖୁରାଉଠା ଧୂଳି, ହତାଶିଆ ହମ୍ବାରଡ଼ି ଆଉ ଷ୍ଟେପୀ ଉପରେ ଧିମେଇ ଧିମେଇ ଯାଉଥିବା ସୂର୍ଯ୍ୟର ଦିହଜଳା ଖରା ପ୍ରାଣଟାକୁ ଅଥୟ କରି ଦିଏ ।

ଇତି ମଧ୍ୟରେ ଗାଁରୁ ଦଳେ ବନ୍ଧୁକବାଲା ଶିକାରୀ ଆସି ଖୁଆଡ଼ ପାଖରେ ପହଞ୍ଚିଲେ । ମଡ଼କକୁ ଖୁଆଡ଼ରୁ ତଡ଼ିବା ପାଇଁ ଖୁଆଡ଼ ଚାରି ପାଖରେ ନାଛି ଦେଇ ଗଲେ ଗୁଳିସବୁ । କିନ୍ତୁ କିଛି ଫଳ ମିଳିଲା ନାହିଁ । ପୁଣି ଗୋଟାକ ପରେ ଗୋଟାଏ ବାଛୁରୀ ସେଇ ପରି ମରି ପଡ଼ିଲେ । ଖୁଆଡ଼ଟା କ୍ରମଶଃ ଶୂନ୍ୟ ହୋଇ ଆସିଲା ।

ଗ୍ରିଗରି ଦିନେ ଦେଖିଲା ମଡ଼ପୋତା କୁନ୍ଦଗୁଡ଼ାକ ମଧ୍ୟରୁ କେତେଟାକୁ କିଏ ଖେଳେଇ ମେଳେଇ ପକାଇଛି । ଢିପର ଆଖ ପାଖରେ ମାଂସଲଗା ହାଡ଼ଗୁଡ଼ାକ ବିଛୁଡ଼ି ହୋଇ ପଡ଼ିଛି ଏଣେତେଣେ । ବାଛୁରୀଗୁଡ଼ାକ ରାତିରେ ଭୟରେ କୁଙ୍କୁରି କାଙ୍କୁରି ହୋଇ ଅଣନିଶ୍ୱାସୀ ହୋଇ ପଡ଼ୁଛନ୍ତି ।

ରାତି ଅଧ ବେଳକୁ ଗୋଟାଏ ବଣୁଆ ଜନ୍ତୁର ରଡ଼ି ଶୁଭୁଛି । ଖୁଆଡ଼ ଭିତରେ ଗାଈ ବାଛୁରୀଗୁଡ଼ାକ ଧଡ଼ଧାଡ଼ ହୋଇ ବାଡ଼ ଭାଙ୍ଗି ପଳାଇ ଆସୁଛନ୍ତି ଗ୍ରିଗରିର ଗୁଳିଆ ଭିତରକୁ । ଗୁଳିଆ ଭିତରେ ଜଳୁଥିବା ନିଆଁ ପାଖରେ ମାଡ଼ି ମୁଡ଼ି ହୋଇ ସାଁ ସାଁ ନିଶ୍ୱାସ ମାରୁଛନ୍ତି ଆଉ ଆଶ୍ୱାସରେ ପାକୁଳି କରୁଛନ୍ତି ।



ଗ୍ରିଗରି ଏସବୁର କାରଣ କ'ଣ ବୁଝି ପାରିଲା ନାହିଁ । ଦିନେ ରାତିରେ କୁକୁରଗୁଡ଼ାକ ଭୋ ଭୋ କରି ଉଠିଲେ । ଗ୍ରିଗରିର ନିଦ ଭାଙ୍ଗି ଗଲା । ଧିଅରେ କୋଟ୍‌ଟା ଗଳାଇ ଦେଇ ଗୁଳିଆ ବାହାରେ ଆସି ଛିଡ଼ା ହେଲା ସେ । ବାଛୁରୀଗୁଡ଼ାକ ଚାରି ପାଖରେ ତା'ର ଘେରି ଯାଇ ସେମାନଙ୍କ କାକରିଆ ଦେହକୁ ତା' ଦେହରେ ଘଷିବାକୁ ଲାଗିଲେ ।

ଗୁଳିଆର ଦୁଆର ପାଖରେ କିଛି ସମୟ ଛିଡ଼ା ହୋଇ ଶୁସୁରି ମାରି କୁକୁରଗୁଡ଼ାକୁ ଡାକ ପକାଇଲା ଗ୍ରିଗରି । ପାଖରେ ଥିବା ସାପୁଆ ପାଟ ନାମକ ଗହୀର ଭିତରୁ ପଲେ ହେଟା ଗଳା ଫଟାଇ ଚିତ୍କାର କରି ଉଠିଲେ । ସାଙ୍ଗେ ସାଙ୍ଗେ ପାହାଡ଼ ପାଖର କଣ୍ଟା ବୁଦା ଭିତରୁ ଆଉ ଗୋଟାଏ ହେଟା ବୋବାଳି ଛାଡ଼ିଲା ... ।

ଗ୍ରିଗରି ଘର ଭିତରକୁ ପଶି ଯାଇ ସାଙ୍ଗେ ସାଙ୍ଗେ ଜଳାଇ ଦେଲା ଦୀପଟାକୁ ।

"ଦୁନ୍ୟା, ଶୁଣି ପାରୁଛୁ ତ ?"

ରାତି ସାରା ହେଟାଗୁଡ଼ାକ ସେହି ଭଳି ରଡ଼ି ଛାଡ଼ୁଥାନ୍ତି । ଆକାଶରେ ସିନ୍ଦୂରା ଫାଟି ତାରାସବୁ ମଉଳିଲା ପରେ ଯାଇ ସେମାନଙ୍କ ବୋବାଳି ବନ୍ଦ ହେଲା ।

## ୫

ସେ ଦିନ ସକାଳୁ ଆସି ପହଞ୍ଚି ଗଲେ ମିଲ୍ ମାଲିକ ଇଗ୍‌ନାତ୍ ଆଉ ମିଖେଇ ନେସ୍ତେରଭ୍ । ଗ୍ରିଗରି କୁଡ଼ିଆ ଭିତରେ ବସି ତା କୋତା ସିଲାଇ କରୁଥାଏ । ବୁଢ଼ା ଯିଏଁ କୁଡ଼ିଆ ଭିତରକୁ ସିଧା ପଶି ଗଲେ । କୁଡ଼ିଆର ମାଟି ଚଟାଣ ଉପରେ କେଉଁଠୁ ଗଳି ଆସି ଖରା ମଳାଏ ପଡ଼ିଥାଏ । ମୁଣ୍ଡରୁ ଟୋପିଟାକୁ କାଢ଼ି ମୁହଁରେ ତେରଛାଇ କି ପଡ଼ିଥିବା ଖରା ଆଡ଼କୁ ଧରିଲା ଇଗ୍‌ନାତ୍ । ଘର କଣରେ ଝୁଲୁଥିବା ଲେନିନ୍‌ଙ୍କ ଛୋଟ ଛବିଟିକୁ ଚାହିଁ ଛାତି ଉପରେ କ୍ରୁଶ ଚିହ୍ନଟିଏ ଆଙ୍କିବାକୁ ବୁଢ଼ା

ହାତ ଉଠାଇଲା । କିନ୍ତୁ ସାଙ୍ଗେ ସାଙ୍ଗେ ସେ ବୁଝି ପାରିଲା ଛବିଟା କ'ଣ । ହାତଟାକୁ ଫେରାଇ ଆଣି ଝଟ୍‌କିନା ପକେଟ୍‌ରେ ଭରି ଦେଲା ଏବଂ ଥୁକରି ପକାଇ ଦେଲା ଛେପ ଲଣ୍ଡାଏ ।

"ଘରେ ଦିଅଁ ଦେବତାଙ୍କ ଛବିଟାଏ ରଖିନୁ !.."

"ନା", ଗ୍ରିଗରି ଉତ୍ତର ଦେଲା ।

"ସେ କୋଣରେ କା ଛବି ଟାଙ୍ଗିଛୁ !"

"ଲେନିନ୍‌ଙ୍କର ।"

"ତା ହେଲେ କାରଣଟା ଠିକ୍ ଏଥର ଧରା ପଡ଼ିଗଲା ... ଈଶ୍ୱର ଯେଉଁଠି ନାହାନ୍ତି, ସେଠି ତ ରୋଗ ରହିବ ... ସେଇଥି ଯୋଗୁ ଆମ ବାଛୁରୀଗୁଡ଼ାକ ମରି ଯାଉଛନ୍ତି ... ହେ ଭଗବାନ, ହେ ଈଶ୍ୱର, ତୁମେ ହିଁ ରଖିଲାବାଲା ..."

"ନା, କେଳେ, ସେଥି ପାଇଁ ନୁହଁ । ପଶୁ ଡାକ୍ତର ଆସୁ ନାହିଁ ବୋଲି ବାଛୁରୀସବୁ ମରୁଛନ୍ତି ।"

"ଆଗେ ତ ଆମର ଏ ଡାକ୍ତର ଫାକ୍ତର ନଥିଲେ, ଆମେ ବେଶ ଚଳୁଥିଲୁ ... ତୁମେ ସବୁ ଆଜି ବେଶି ପଣ୍ଡିତ ହୋଇ ଯାଇଛ ନା ... ତୁମର ସେ କପାଳରେ ପାପ ବସା ବାନ୍ଧିଣି, ସେଟାକୁ ଭଗବାନଙ୍କ ପାଖରେ ବେଶି କରି ଲଗାଅ, ସବୁ ଠିକ୍ ହୋଇ ଯିବ । ଆଉ ଡାକ୍ତରର ଦରକାର ପଡ଼ିବ ନାହିଁ ।"

ମିଖେଇ ନେଷ୍ଟେରଭ୍ ଆଖି ଦିଟାକୁ କଟମଟ କରି ଗର୍ଜ୍ଜି ଉଠିଲା । "ହଟା ସେ ଧର୍ମଦ୍ରୋହୀର ଛବିଟାକୁ ସେଠୁ, ହଟା ସେ ପବିତ୍ର ଜାଗାରୁ । ତୋରି ପାଇଁ, ତୋ ପରି ମ୍ଲେଚ୍ଛ ଅପକର୍ମାଗୁଡ଼ାଙ୍କ ପାଇଁ ଆଜି ଏ ଦଶା ଘଟିଛି । ଆମର ବାଛୁରୀସବୁ ମରିଛନ୍ତି ।"

ଗ୍ରିଶାର ମୁହଁରେ ଖେଳି ଗଲା ଗୋଟାଏ କଳା ଛାଇ ।

"ସେସବୁ ହାକିମି ତମ ଘରେ ଦେଖାଇବ ... ମୋ ଘରେ ସେସବୁ ଚଳିବ ନାହିଁ... ସେ ହେଉଛନ୍ତି ସର୍ବହରାଙ୍କ ନେତା..."

ମିଖେଇର ମୁଣ୍ଡରୁ ଏକେବାରେ ଖୁଣ୍ଟ୍ ଚଢ଼ି ଗଲା । ରାଗରେ ଲାଲ ପଡ଼ି ଯାଇ ଚିତ୍କାର କରି କହିଲା :

"ତୁ ହେଉଛୁ ଆମ ଶୂକର– ଆମ କଥା ମୁତାବକ ତୁ ଚଳିବୁ...



ତୋତେ ଆମେ ହାଡ଼େ ହାଡ଼େ ଚିହ୍ନିଲୁଣି, ଏଥର ତୋ'ର ଗଉଁ ଛଡ଼ାଇ ଦେଉଛୁ ରହ । ତୋ' କାମ ଶୀଘ୍ର ବଢ଼ି ଯିବ ଏଥର ।"

ଆଉ ବେଶି ଉଚ୍ଚ ବାଚ ନକରି ମୁଣ୍ଡରେ ଟୋପି ଦେଇ ସେମାନେ ଘରୁ ବାହାରି ଗଲେ ।

ଦୁନ୍ୟାଟ୍‌କା ଭୟଭୀତ ହୋଇ ଭାଇ ଆଡ଼କୁ ଚାହିଁ ରହିଲା ।

ତହିଁ ଆର ଦିନ କମାରଘର ତିଖନ୍ ଆସି ପହଞ୍ଚିଲା ତା' ବାଛୁରୀକୁ ଦେଖିବା ପାଇଁ ।

ତିଖନ୍ ଗ୍ରିଶାର ଚୁଲିଆ ପାଖରେ ବସି ପଡ଼ି ପିକାଟାଏ ଲଗାଇଲା । ମୁହଁରେ ତା'ର ଫୁଟି ଉଠୁଥାଏ ଗୋଟାଏ ଦୁଃଖମିଶା ହସ :

"ଆମ ଅବସ୍ଥା ତ କହିଲେ ନସରେ ଗ୍ରିଶା ... ସେମାନେ ଚେୟାର୍‌ମ୍ୟାନ୍‌ଙ୍କୁ ତଡ଼ି ଦେଇଛନ୍ତି, ମିଖେଇ ନେଷ୍ଟେରଭଙ୍କ ଜ୍ୱାଇଁ ଏବେ ନୂଆ ଚେୟାର୍‌ମ୍ୟାନ୍ । ମନ ଇଛା ସବୁ କରି ଚାଲିଛନ୍ତି ... ଗତ କାଲି ଜମି ଭାଗ ବଣ୍ଟା ହେଉଥିଲା । ଗରିବଙ୍କ ବାଣ୍ଟରେ ଭଲ ଟୁକୁରା ଖଣ୍ଡେ ପଡ଼ି ଗଲା କ୍ଷଣି ପୁଣି ନୂଆ କରି ବଣ୍ଟା ହେଉଥାଏ । ଏଥର ସେହି ବଡ଼ବଡ଼ିଆମାନେ ପୁଣି ଆମ ପିଠିରେ ସବାର ହେବେ, ହାକିମି ଚଳାଇବେ ... ଭଲ ଭଲ ଜମିସବୁ ତାଙ୍କ ହାତକୁ ଯିବ । ଆମ ଭାଗରେ ପଡ଼ିବ ଖାଲି ବାଲିଚର ଆଉ ଲୁଣାପଟି କେଇ ଖଣ୍ଡ ... ଆଜିକାଲି ଏହିସବୁ ଚାଲିଛି ଗ୍ରିଗରି ..."

ରାତି ଅଧ ଯାଏ ଗ୍ରିଗରି ନିଆଁ ପାଖରେ ବସିଥାଏ । ଅଙ୍ଗାର ଖଣ୍ଡକରେ ଗେରୁଆ ଚଉଡ଼ା ମକା ପତର ଉପରେ ଲେଖି ଚାଲିଥାଏ କ'ଣ ସବୁ । ସେ ଲେଖୁଥାଏ ଗାଁରେ କ'ଣ ସବୁ ଘଟୁଛି, ଜମିସବୁ କେମିତି ଅନ୍ୟାୟ ଭାବେ ବଣ୍ଟା ବୁଣ୍ଟା ହେଉଛି । ପଶୁ ଡାକ୍ତରକୁ ନଡାକି, ବନ୍ଧୁକ ମାରି କିପରି ବାଛୁରୀ ମଡ଼କ ହଟାଇବାକୁ ଚେଷ୍ଟା କରାଗଲା । ତା' ପରେ ଆଜେ ବାଜେ ହରଫ୍‌ରେ ଲେଖା ଶୁଖିଲା ପତର ପୁଳାଟିକୁ ତିଖନ୍ ହାତକୁ ବଢ଼ାଇ ଦେଇ ଗ୍ରିଗରି କହିଲା :

"ତମେ ଯଦି ଜିଲ୍ଲା କେନ୍ଦ୍ରକୁ କେବେ ଯିବ, ପଚାରିବ "କ୍ରାସ୍ନାୟା ପ୍ରାଭ୍‌ଦା" ଖବରକାଗଜ ଅଫିସ୍ କେଉଁଠି । ସେଇ ଅଫିସ୍‌ରେ ଏତକ

ଦେଇ ଦେବ ... ମୁଁ ମୋ ପାଣ୍ଠୁପର୍ଯ୍ୟନ୍ତ ପରିଷ୍କାର କରି ଲେଖିଛି । ପଥରଗୁଡ଼ିକୁ ମୋଡ଼ାମୋଡ଼ି କରିବ ନାହିଁ । ଅଙ୍ଗାର ଲେଖା ଦାଗଗୁଡ଼ିକୁ ଲିଭାଇବ ନାହିଁ ..."

ଟିଖନ୍ ତା'ର ଲୁହାପିଟା ବିଣ୍ଡିବସା କଳା କଳା ଆଙ୍ଗୁଳିଗୁଡ଼ିକରେ ପଥର ଫୁଲାଟିକୁ ଅତି ଯତ୍ନରେ ନେଇ ଠିକ୍ ତା'ର କଲିଜା ଉପରେ, ଛାତି ପକେଟ୍‌ରେ ରଖିଲା । ଗଲା ବେଳେ ହସ ହସ ମୁହଁରେ କହି ଗଲା :

"ମୁଁ ନିଶ୍ଚୟ ଜିଲା କେନ୍ଦ୍ରକୁ ଯିବି । ସେଠି ତ ସୋଭିଏତ୍ ରାଜ ଚାଲିଛି ... ବାଟ ମୋଟେ ପଚାଶ କୋଶ, ଯିବାକୁ ତିନି ଦିନ ଲାଗି ଯିବ । ସପ୍ତାହକ ଭିତରେ ମୁଁ ଫେରି ଆସିବି । ତା' ପରେ ତୋ ସହିତ ଦେଖା ହେବ ..."

୬

ଶରତ ଆସି ଯାଇଛି । ସାଙ୍ଗରେ ଆଣିଛି ତୁହାକୁ ତୁହା ବର୍ଷା ଆଉ କଳାମେଘୀ ଆକାଶ ।

ଦିନେ ବଡ଼ି ସକାଳୁ ଦୁନ୍ୟାଚ୍‌କା ଗାଁକୁ ଯାଇଥାଏ ଖାଇବା ପାଇଁ ଜିନିଷପତ୍ର ଆଣିବାକୁ ।

ପାହାଡ଼କାନ୍ଥି ତଳେ ବାଛୁରୀମାନେ ଚରୁଥାନ୍ତି । କାନ୍ଧରେ ମେଣ୍ଢା ଛାଲର ଜାମାଟାଏ ପକାଇ ବାଛୁରୀ ପଲର ପଛେ ପଛେ ଚାଲିଛି ଗ୍ରିଗରି । ସଡ଼କ କଡ଼ରୁ ବଣୁଆ ଫୁଲର ମଉଳା ପେଣ୍ଡାଟାଏ ଆଣି ହାତରେ ଦଳି ଦଳି କ'ଣ ସବୁ ଭାବି ଚାଲିଥାଏ ସେ । ମୁହଁରେ ଢାଙ୍କି ହୋଇ ପଡ଼ିଥାଏ ଚିନ୍ତାର କଳା ଛାଇଟିଏ । ଶରତର ଶୀତଳ ସଞ୍ଜ ନଇଁ ଆସୁଥାଏ ଧୀରେ ଧୀରେ । ଦୁଇ ଜଣ ଅଶ୍ୱାରୋହୀ ପାହାଡ଼ ଉପର ଦେଇ ଆସୁଥିବାର ଦେଖାଗଲା ।

ଘୋଡ଼ା ଦୁଇଟି ଟପ୍ ଟପ୍ ଶବ୍ଦ କରି ସବାର ଦିଜଣଙ୍କୁ ଘେନି ଆଗେଇ ଆସୁଥିଲେ ଗ୍ରିଗରି ଆଡ଼କୁ ।

ଗ୍ରିଶା ସେମାନଙ୍କୁ ଚିହ୍ନି ପାରିଲା । ଜଣେ ଥିଲେ ନୂଆ ଚେୟାରମ୍ୟାନ୍—ମିଖେଇ ନେସ୍ତେରଭ୍‌ଙ୍କ ଜୁଆଇଁ, ଆଉ ଜଣେ ମିଲ୍ ମାଲିକ ଇଗ୍ନାତ୍‌ର ପୁଅ ।



ଘୋଡ଼ା ଦୁଇଟିଙ୍କ ମୁହଁରୁ ଫେଣ ବାହାରି ପଡ଼ୁଥାଏ ।

"କିରେ ଗାଇଆଳ ଟୋକା, ଖବର କ'ଣ ?"

"କ'ଣ କୁହନ୍ତୁ ।"

"ତୋତେ ଦେଖିବାକୁ ଆସିଛୁ ..."

ଚେୟାରମ୍ୟାନ୍ ଜିନ୍ ଉପରେ ଭରା ଦେଇ ଅବଶ ଆଙ୍ଗୁଳିରେ କୋଟ୍‌ର ବୋତାମକୁ ଥଙ୍ଗ ଥଙ୍ଗ ହୋଇ ଖୋଲିବାକୁ ଲାଗିଲେ । କୋଟ୍ ଭିତରୁ ହଳଦିଆ ଖବରକାଗଜ ଖଣ୍ଡେ ବାହାର କରି ସାମ୍ନାରେ ଧରି ପଚାରିଲେ :

"ତୁ ଯାକୁ ଲେଖିଛୁ, ନା ?"

ଗ୍ରିଗରିର ଆଖି ଆଗରେ ନାଚି ଉଠିଲା ମକା ପଥର ଉପରେ ଅଙ୍ଗାରରେ ଲେଖା ସେହି ଅକ୍ଷରଗୁଡ଼ିକ । ଜମି ବଣ୍ଟରା ଆଉ ବାଛୁରୀ ମଡ଼କର ସେହି କଥାସବୁ ।

"ଆମ ସାଙ୍ଗରେ ଚାଲେ ।"

"କୁଆଡ଼େ ?"

"ଏଇ ସେ ଗୋହିରି ଆଡ଼କୁ ... ତୋ' ସାଙ୍ଗରେ କେତେକ କଥା ଅଛି ..." ଚେୟାରମ୍ୟାନ୍‌ଙ୍କ ନୀଳ ଓଠ ଦିଓଟି ନାଚି ଉଠୁଥାଏ ଏବଂ ଆଖିରେ ଉକୁଟି ଉଠୁଥାଏ ଧମକମିଶା କୁଟିଳତା ।

ଗ୍ରିଗରି ହସି ଉଠିଲା :

"ଏଇଠି କୁହନ୍ତୁ ।"

"ତୁ ଚାହୁଁଛୁ ଏଇଠି କହିବାକୁ ... ତେବେ କହୁଛି ..."

ପକେଟ୍‌ରୁ ରିଭଲଭରଟା ବାହାର କରି ପକାଇଲେ ଚେୟାରମ୍ୟାନ୍ । ଅରଣା ଘୋଡ଼ାର ଲଗାମଟାକୁ ଓଟାରି ଆଣି ଗର୍ଜି ଉଠିଲେ :

"ତୁ ଏସବୁ ଖବରକାଗଜକୁ ଲେଖିଛୁ, ବଦ୍ମାସ୍ କାହାଁକା ?"

"ଲେଖିଲି କ'ଣ ହେଲା ?.."

"କ'ଣ ହେଲା ବତଉଛି, ତୋ ପାଇଁ ମୋର ବିଚାର ହେବ ! ଆଉ ଦିନେ ପୁଣି ଏମିତି ଲେଖିବୁ ?.. କହ ବଦ୍ମାସ୍ କାହାଁକା !.."

ଗ୍ରିଗରିର ଉତ୍ତରକୁ ଅପେକ୍ଷା ନକରି ତା'ର ନିଷ୍ଠୁପ୍ ମୁହଁ ଉପରେ ଗୁଳିଟାଏ ସିଧା ଛାଡ଼ି ଦେଲେ ଚେୟାରମ୍ୟାନ୍ ।

ପଛକୁ ହଟି ଯାଇଥିବା ଘୋଡ଼ାର ଟାପୁ ତଳେ ପଡ଼ି ଗଲା ଗ୍ରିଗରି । ମୁହଁଟି ତା' ଥରଟିଏ ମାତ୍ର ଧକାଇ ଉଠିଲା । ହାତରେ ମୁଠାଏ ଢସରା ଓଦା ଘାସକୁ ଛିଡ଼ାଇ ଆଣି ତା' ପରେ ନିଶ୍ଚୁପ୍ ହୋଇ ଗଲା ସେ ।

ଭଗ୍ନାଟ୍ରର ପୁଅ ଘୋଡ଼ା ପିଠିରୁ ଫଟ୍‌କିନା ଡେଇଁ ପଡ଼ିଲା ତଳକୁ । ଗ୍ରିଗରିର ରକ୍ତ ଉବୁକି ଉଠୁଥିବା ପାଟି ଭିତରେ ଆଣି ଭର୍ତ୍ତି କରି ଦେଲା ମୁଠାଏ କଳା ମାଟି ...

* * *

କେଡ଼େ ବିସ୍ତୀର୍ଣ୍ଣ, ସୀମାହୀନ ଏଇ ଷ୍ଟେପୀ ଭୂଇଁ । ମଣିଷ ତାକୁ କେବେ କଳନା କରି ପାରି ନି । କେତେ ସଡ଼କ କେତେ ଚଲାବାଟ ତା' ଉପରେ ହଜି ଯାଉଛି । ଶରତର କଳା ମିଚି ମିଚି ଅରମା ରାତି ଗର୍ଜୁଛି ଆଜି । ଘୋଡ଼ା ଟାପୁର ଚିହ୍ନସବୁ କଚଡ଼ା ବର୍ଷାରେ ଧୋଇ ହୋଇ ମାଟି ସାଙ୍ଗରେ ମିଳାଇ ଯିବ ...

## ୭

ବର୍ଷା ଝିପିଝିପି ପଡ଼ୁଛି । ଘରି ଆଡ଼େ ଛାଇ ଛାଇକିଆ ଅନ୍ଧାର । ଷ୍ଟେପୀ ଉପରେ ପଡ଼ିଛି ସଡ଼କଟିଏ ।

ପିଠିରେ ଥଳିଟିଏ ଜଅ ଅଟାର ରୁଟି ଆଉ ହାତରେ ଗୋଟିଏ ଚଉକଶିଆ ଠେଙ୍ଗା ଥିଲେ ଷ୍ଟେପୀ ଉପରେ ଯିବା କଷ୍ଟକର ନୁହଁ ।

ଦୁନ୍ୟାତ୍‌କା ସେଇ ନିଛାଟିଆ ସଡ଼କ ଉପରେ ଆଗେଇ ଚାଲିଛି । ହେମାଳିଆ ଦମକା ପବନ ଚିରି ପକାଉଛି ତା'ର ଧଣିଆ ବ୍ଲାଉଜ୍ ଖଣ୍ଡକୁ – ବେଳେବେଳେ ପଛ ଆଡ଼ୁ ଧକା ମାରି ଆଗକୁ ଠେଲି ଦେଉଛି ।

ଘରି ଆଡ଼େ ତା'ର ବିଛେଇ ହୋଇ ପଡ଼ିଛି ନିଶୂନ, ନିର୍ଜନ ଷ୍ଟେପୀ ଭୂଇଁ । ଅନ୍ଧାରଟା କ୍ରମଶଃ ଡାଙ୍କି ହୋଇ ଆସୁଛି ।

ସଡ଼କର ଅଳ୍ପ ଦୂରରୁ ଦିଶୁଛି ସେହି ମାଟି କୁଦଟା ଉପରେ ଛିଡ଼ା ହୋଇଥିବା ତା'ର ସେହି କୁଡ଼ିଆଟି । ବତାସରେ ଛପରଟା କୁଆଡ଼େ ଉଡ଼ି ଯାଇଛି ।



ମାତାଲ ପରି ଟଳିଟଳି କୁଡ଼ିଆ ଆଡ଼କୁ ଚାଲିଥିଲା ଦୁନ୍ୟାତ୍‌କା । ତଳକୁ ଦବି ଯାଇଥିବା କବର ପାଖରେ ହଠାତ୍ ମୁହଁମାଡ଼ି ପଡ଼ିଗଲା ସେ ।

ରାତି ସେତେବେଳକୁ ...

ରେଲ ଷ୍ଟେସନକୁ ପଡ଼ିଥିବା ଗାଡ଼ିଗୁଳାଚିରା ସଡ଼କ ଉପରେ ଦୁନ୍ୟାତ୍‌କା ପହଞ୍ଚି ଯାଇଥିଲା ।

ଚାଲିବାଟା ତା ପକ୍ଷରେ ଖୁବ୍ କଷ୍ଟକର ହେଉ ନି । ପିଠିରେ ପଡ଼ିଥିବା ଥଳିରେ ଅଛି ଫଡ଼ାଏ ମାତ୍ର ଜଅ ରୁଟି, ଭାଇ ଗ୍ରିଗରିର ଅଖାପାଲିଆ ସେହି ଜାମା ଖଣ୍ଡକ ଆଉ ବହି ଖଣ୍ଡେ । ଷ୍ଟେପୀର ଧୂଳି ମାଟି ପୃଷ୍ଠାଗୁଡ଼ିକୁ ତା'ର ଖାଇ ଗଲଣି ।

ଛାତି ଭିତରେ ଦୁଃଖଟା କୁହୁଳି ଉଠି ଆଖି ଛଳ ଛଳ ହୋଇ ଆସେ, ସଡ଼କ କଡ଼ର ନିଛାଟିଆ ଜାଗା ଦେଖି ବସି ପଡ଼େ ଦୁନ୍ୟାତ୍‌କା । ଥଳି ଭିତରୁ ମୋଟା ମଇଳା ଜାମାଟିକୁ କାଢ଼ି ମୁହଁରେ ଚାପି ଧରି, କଅଁ କଅଁ ହୋଇ ସେ କାନ୍ଦେ । ଗ୍ରିଗରିର ଝାଳ ଗନ୍ଧରେ ପୂରି ଉଠେ ତା'ର ନାକ ... ଅନେକ ସମୟ ନିଶ୍ଚଳ ହୋଇ ପଡ଼ି ରହେ ସେ ମାଟି ଉପରେ ...

ଆଗେଇ ଚାଲିଛି ଦୁନ୍ୟାତ୍‌କା, ମାଇଲ ପରେ ମାଇଲ ରହି ଯାଉଛି ତା'ର ପଛକୁ । ଷ୍ଟେପୀର ବୁଦା ଭିତରୁ ଭାସି ଆସୁଛି ହେଟାମାନଙ୍କର ବିଭତ୍ସ ଚିତ୍‌କାର – ଦୁର୍ବିସହ ଜୀବନ ବିରୁଦ୍ଧରେ ସେମାନେ ଯେପରି ପ୍ରତିବାଦ ଜଣାଉଛନ୍ତି । ଦୁନ୍ୟାତ୍‌କା କିନ୍ତୁ ଦୃଢ଼ ପଦରେ ଆଗେଇ ଚାଲିଛି ସଡ଼କ ଦେଇ । ସେ ଯାଉଛି ସହରକୁ ଯେଉଁଠି କାଏମ୍ ହୋଇଛି ସୋଭିଏତ୍ ରାଜ, ଯେଉଁଠି ଗରିବ ସର୍ବହରାମାନେ ପାଠ ପଢ଼ୁଛନ୍ତି । ଭବିଷ୍ୟତରେ ସେହିମାନେ ଦେଶକୁ ଶାସନ କରିବେ ।

ଲେନିନ୍ ତାଙ୍କ ବହିରେ ଏ କଥା ଲେଖିଛନ୍ତି ।

୧୯୨୫

# ବେଧନ୍ତୁଆ

ମିଶା ସ୍ୱପ୍ନ ଦେଖୁଥିଲା – ଜେଜେ ତା'ର ଚେରୀ ଗଛର ଡାହିଟାଏ ଉଞ୍ଚାଇ ଉଞ୍ଚାଇ ତା' ଆଡ଼କୁ ଆସୁଛନ୍ତି ଏବଂ ରାଗରେ ତାକୁ ଧମକାଇକି କହୁଛନ୍ତି :

"ଆ, ଏଠିକି ଆ ! ପିଟି ପିଟି ତୋ ଚମଡ଼ାଟାକୁ ଉଭାରି ଦେଉଛି ଆଜି !.."

"କାହିଁକି ଜେଜେ ?" ମିଶା ପଚାରିଲା ।

"ତୁ ହୁଳହୁଳା ଭାଡ଼ିକୁ ସେ ଚିଡିରି ମିଡିରିଆ ମୁରୁଗିର ଡିମଗୁଡ଼ାକୁ ଚୋରି କରିଛୁ, ନା ! ଚରକିରେ ଖେଳିବା ପାଇଁ ତୁ ଏସବୁ କରିଛୁ ନିଶ୍ଚୟ !.."

"ନାଇଁ ଜେଜେ, ଏ ବର୍ଷ ଥରେ ହେଲେ ମୁଁ ସେ ଚରକି ପାଖକୁ ଯାଇ ନି ।" ମିଶା ଡରରେ ଚିଡ଼ି ଉଠି କହିଲା ।

କିନ୍ତୁ ଜେଜେ ଦାଢ଼ିରେ ହାତ ବୁଲେଇ ନେଇ ମାଟିରେ ଗୋଡ଼କୁ ଜଗଡ଼ି କହିଲେ :

"ବଜ୍ଜାତ୍ କାହାଁକା, ଖୋଲ ତୋ ପ୍ୟାଣ୍ଟ, ଆଜି ଚମଡ଼ା ଉଭାରି ଦେବି !"

ଚିହିରା ଛାଡ଼ି ଉଠିଲା ମିଶା, ନିଦଟା ତା'ର ଭାଙ୍ଗି ଗଲା । ଛାତିଟା ଖାଲି ତା'ର ଉଠ ପଡ଼ ହେଉଥାଏ, ସତେ ଯେମିତି ଛାଟିଆ ପାହାରଟା ତା ଦିହରେ ବସିଛି । ଅତି ହୁସିଆରରେ ସେ ବାଁ ଆଖିକୁ ଖୋଲି ଏଣିକି ତେଣିକି ଅନିଷା କଲା । ଘରି ଆଡ଼ ଫରସ୍ତ ଦିଶୁଥାଏ । ଝରକା ସେ ପାଖରେ ସକାଳର ଉଷୁମ ଆଲୁଅ । ଫାଟକ ପାଖରେ କେଇଜଣ ଲୋକଙ୍କର କଥାବାର୍ତ୍ତା । ମିଶା ମୁଣ୍ଡ ଟେକି ଅନାଇଲା । ମା ତା'ର



ଖୁସିରେ କ'ଣ ସବୁ କହି, ହସି ହସି ବେଦମ୍ ହୋଇ ଯାଉଛନ୍ତି । ଜେଜେ ଖୁଁ ଖୁଁ ହୋଇ କାଶୁଛନ୍ତି । ଆଉ ଜଣେ କିଏ ଛିଡ଼ା ହୋଇଛନ୍ତି ସେଠି, ଗଳାଟା ତାଙ୍କର ଗଣଗଣିଆ ଶୁଭୁଛି ।

ମିଶା ଆଖି ମଳି ମଳି ଚାହିଁଲା ଭଲକି – କବାଟଟା ଖୋଲି ଯାଇ ପୁଣି ବନ୍ଦ ହୋଇ ଗଲା । ଜେଜେ ଦୁଲୁକି ଦୁଲୁକି ପଶି ଆସିଲେ କୋଠରୀ ଭିତରକୁ । ଚଷମାଟା ତାଙ୍କର ନାକ ଉପରେ ଖାଲି ନାଚିବାରେ ଲାଗିଥାଏ । ମିଶା ଭାବିଲା ପାଦ୍ରି ବୋଧେ ଆସିଛନ୍ତି । ଇଷ୍ଟର ପର୍ବ ସମୟରେ ପାଦ୍ରି ଆସିଲେ, ଜେଜେ ତା'ର ଦୁଲୁକି ଦୁଲୁକି ଯିବା ଆସିବା କରନ୍ତି । କିନ୍ତୁ ପାଦ୍ରିଙ୍କ ବଦଳରେ ଆଉ ଜଣେ କିଏ ଲମ୍ବା ଚଉଡ଼ା ଚେହେରାବାଲା ସୈନ୍ୟ । ଦେହରେ ତାଙ୍କର ଲମ୍ବା କଳା କୋଟ୍ ଏବଂ ମୁଣ୍ଡରେ ଫିତାଲଗା ଟୋପି । ମା ତାଙ୍କର ଗଳାରେ ହାତ ଭିଡ଼ି ଆନନ୍ଦରେ କହିଁ କହିଁ ହୋଇ କାନ୍ଦିବାକୁ ଲାଗିଲା ।

ଅଜଣା ସୈନିକ ଜଣକ ମାର ହାତ ଦୁଇଟିକୁ ଗଳାରୁ ଛଡ଼ାଇ ଦେଇ ବଡ଼ ପାଟିରେ ପଚାରିଲେ :

"ମୋ ପୁଅ କାହିଁ ?"

ମିଶା ଭୟରେ କମ୍ବଳଟାକୁ ଘୋଡ଼ି ହୋଇ ପଡ଼ିଲା ।

"ମିନ୍ୟୁଶ୍କା, ଉଠି ପଡ଼ ବାବା, ତୋ ବାପ ଯୁଦ୍ଧରୁ ଫେରିଛନ୍ତି ରେ !"

ମିଶା ମୁହଁ କାଢ଼ିବା ଆଗରୁ ସୈନ୍ୟ ଜଣକ ଆଖିପିଛୁଡ଼ାକେ ତା'କୁ ବିଛଣାରୁ ଟେକି ଆଣିଲେ । ଆଦରରେ ଛାତ ପର୍ଯ୍ୟନ୍ତ ଫିଙ୍ଗି ଦେଇ ପୁଣି ହାତରେ ଧରି ବୁକୁରେ ଚାପି ଧରିଲେ । ମିଶାର ଗାଲ, ଓଠ ଆଉ ଆଖିରେ ଦାବି ଦେଇ ଘଷିଲେ ତାଙ୍କ ନାଲି ନିଶଟାକୁ । ନିଶଟା ମିଶାକୁ ଓଦା ଆଉ ଲୁଣିଆ ଲାଗୁଥିଲା । ସେ ପଳାଇ ଯିବାକୁ ଚେଷ୍ଟା କଲା କିନ୍ତୁ ପାରିଲା ନାହିଁ ।

"ଆରେ ବାଃ, କେଡ଼େ ସୁନ୍ଦର ବଲ୍ଶେଭିକ୍‌ଟାଏ ହୋଇ ଗଲୁଣି !.. ଆଉ କେଇ ଦିନ ଭିତରେ ତୋ ବାପକୁ ତୁ ଟପି ଯିବୁ ଦେଖୁଛି !.. ହୋ-ହୋ-ହୋ !.." ବାପ ତା'ର ଜୋରରେ ହସି ଉଠି ମିଶାକୁ ଧରି ଖେଳିବାରେ ଲାଗିଲେ । କେତେବେଳେ ହାତ ପାପୁଲିରେ ବସାଇ ଚରକି

ପରି ବୁଲି ପଡ଼ୁଥାନ୍ତି ତ ଆଉ କେତେବେଳେ ଛାତ ପର୍ଯ୍ୟନ୍ତ ଫିଙ୍ଗି ଦେଇ ଧରି ପକାଉଥାନ୍ତି ।

ମିଶା ତା ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥାଏ ବାପାଙ୍କ ଆଦର ସହିବାକୁ । ଢେଙ୍କେଙ୍କ ଭଳି ଆଖି ତରାଟି ଦେହଟାକୁ ସେ ଶକ୍ତ କରି ନେଲା ଏବଂ ବାପାଙ୍କ ନିଶ ହଳକୁ ହାତରେ ଧରି କହିଲା :

"ମୋତେ ଛାଡ଼ି ଦିଅ, ବାପା !"

"ନା, ଛାଡ଼ିବି ନାହିଁ !"

"ଛାଡ଼ି ଦିଅ, ମୁଁ ପରା ବଡ଼ ହୋଇ ଗଲିଣି ! ତୁମେ ମୋତେ ଛୋଟ ଛୁଆଙ୍କ ପରି କ'ଣ ଗେଲ କରୁଛ !.."

ବାପା ତା'ର ବସି ପଡ଼ିଲେ, ମିଶାକୁ ଆଣ୍ଠୁ ଉପରେ ବସାଇ ହସି ହସି କହିଲେ :

"କେତେ ବର୍ଷ ତୋତେ ହେଲାଣି ରେ ?"

"ଆଠ ବର୍ଷ ପୂରିଛି", ବାପାଙ୍କୁ କଟମଟ କରି ଚାହିଁ ମିଶା କହିଲା ।

"ତୋର ଖିଆଲ ଅଛି, ଦୁଇ ବର୍ଷ ତଳେ ମୁଁ ଆସିଥିଲି ? ତୋତେ ଜାହାଜ ତିଆରି କରି ଦେଉଥିଲି, ଆମେ ଦିହେଁ ପୋଖରୀରେ ଜାହାଜ ଭସାଉଥିଲେ ?"

"ହଁ, ମନେ ଅଛି !.." ମିଶା ଝଟ୍‌କିନା ଉତ୍ତର ଦେଇ ବାପାଙ୍କ ଗଳାରେ ତା' କୁନି ହାତ ଦୁଇଟିକୁ ଛନ୍ଦି ଦେଲା ।

ତା' ପରେ ଜମିଉଠିଲା ବାପ ପୁଅଙ୍କ ମଧ୍ୟରେ ଖେଳଟା । ବାପା ମିଶାକୁ କାନ୍ଧରେ ବସାଇ, ତା ଗୋଡ଼କୁ ଧରି କୋଠରୀ ଭିତରେ ନାଚିବାକୁ ଲାଗିଲେ । କେତେବେଳେ ଡେଇଁଥାନ୍ତି ତ ଆଉ କେତେବେଳେ ଘୋଡ଼ା ପରି ହେଁ ହେଁ ହେଉଥାନ୍ତି । ମିଶା ଆନନ୍ଦରେ ଧଇଁ ସଇଁ ହୋଇ ପଡ଼ିଲା । ମା ତାଙ୍କ ଜାମାର ହାତଟାକୁ ଟାଣୁ ଟାଣୁ ବଡ଼ ପାଟିରେ କହିଲେ :

"ଆରେ, ଯା, ବାହାରେ ଖେଳିବୁ !.. କଥା କ'ଣ ଶୁଭୁ ନି ଦୁଷ୍ଟ ! ମୁଁ କହୁଛି ପରା, ତୁ ବାହାରେ ଖେଳିବୁ ଯା !" ତା' ପରେ ସ୍ୱାମୀଙ୍କୁ କହିଲେ : "ତା'କୁ ଛାଡ଼ି ଦିଅ, ଫମା ! ଛାଡ଼ି ଦିଅ ତାକୁ !.. ମୋତେ ଟିକେ ଆଖି ପୂରାଇ ଦେଖିବାକୁ ଦିଅ ! ଦୁଇ ବର୍ଷ ହେଲା ତମକୁ



ଟିକେ ଦେଖି ନି, ଆଖି ଦୁଇଟା ଯେମିତି ଅନ୍ଧ ହୋଇ ଗଲା ପରି ଲାଗୁଛି । ତୁମେ ସେ ପିଲଟା ସାଙ୍ଗରେ ଏକେବାରେ ଲାଗି ପଡ଼ିଛ !"

ବାପା ମିଶାକୁ ତଳକୁ ଓହ୍ଲାଇ ଦେଇ କହିଲେ :

"ଯା, ତୋ ସାଙ୍ଗମାନଙ୍କ ସହିତ ଖେଳିବୁ । ଖେଳିକି ଆସିଲେ ତୋ ପାଇଁ ଭଲ ଜିନିଷ ଆଣିଛି ଦେବି ।"

ମିଶା କବାଟ ଖୋଲି ବାହାରି ଆସିଲା । ପ୍ରଥମେ ଭାବିଲା ସେ କବାଟ ପାଖରେ ଛିଡ଼ା ହୋଇ ଶୁଣିବ— ବାପା ମା କ'ଣ କଥା ହେଉଛନ୍ତି । କିନ୍ତୁ ତା' ଖିଆଲ ପଡ଼ି ଗଲା, ବାପା ଘରକୁ ଆସିବା ଖବରଟା ତ ସାହି ପିଲମାନେ ଜାଣନ୍ତି ନାହିଁ । ସାଙ୍ଗେ ସାଙ୍ଗେ ସେ ଡିଆଁଟାଏ ମାରି ଦେଲା । ଫଳ ବଗିଚା ବାଟେ ଆଳୁ ଗଛଗୁଡ଼ାକୁ ଦଳି ଚକଟି ଛୁଟିଲା ପୋଖରୀ ଆଡ଼କୁ ।

ପୋଖରୀ ଭିତରକୁ କୁଦାଟାଏ ମାରି ଦେଇ ମଇଳା ପଙ୍କୁଆ ପାଣିରେ ଦୁଇ ତିନିଟା ବୁଡ଼ ମାରି ଦେଲା ଏବଂ ବାଲିରେ ଆସି ଗଡ଼ିଲା । ତା' ପରେ ବାଲି ବାଲୁ ବାଲୁ ଧିଅଟାକୁ ପାଣିରେ ଧୋଇ ନେଇ ଉଠି ଆସିଲା ତୋଠକୁ । ପାଇଜାମା ପିନ୍ଧିବା ପାଇଁ ଗୋଟିଏ ଗୋଡ଼ ଗଳାଇ ଆଉ ଗୋଟିଏ ଗୋଡ଼ ଗଳାଉଛି, ଆସି ପହଞ୍ଚି ଗଲା ପାଦ୍ରିଙ୍କ ପୁଅ ଭିତ୍ୟା ।

"ମିଶା ଟିକେ ରହି ଯା ! ଆଏ ଆଉ ଥରେ ଦିହେଁ ଗାଧୋଇବା । ତା' ପରେ ଆମ ଘରକୁ ଯାଇ ଖେଳିବା । ତୁ ଏଥର ଆମ ଘରକୁ ଗଲେ ମୋ ମା ଆଉ କିଛି କହିବ ନାହିଁ ।"

ଖସି ଯାଉଥିବା ପାଇଜାମାଟାକୁ ବାଆଁ ହାତରେ ଧରି କାନ୍ଧରେ ଫିତାଟାକୁ ବାନ୍ଧୁ ବାନ୍ଧୁ ମିଶା ଅନ୍ୟମନସ୍କ ହୋଇ କହିଲା :

"ମୁଁ ତୋ ସହିତ ଖେଳିବି ନାହିଁ । ତୋ କାନ ଗନ୍ଧଉଛି !.."

ଭିତ୍ୟା ସାଙ୍ଗେ ସାଙ୍ଗେ ଆଖି ଦିଟାକୁ ତରାଟି, ଜାମାଟାକୁ କାନ୍ଧରୁ କାଢ଼ି ପକାଇ କହିଲା :

"ଏଟା ହେଉଛି ଗୋଟେ ଗଣ୍ଡମାଳା ରୋଗରେ ମୂର୍ଖ ! ତୁ ତ କସାକ୍ ଛୁଆ ନହୁଁ, ଏସବୁ ଜାଣିବୁ କେମିତି ! ତୋ ମା ତ ତୋତେ କେଉଁଠି ବାଡ଼ କଡ଼ରେ ଜନ୍ମ କରିଛି !.."

4—2648

"ତୁ ଯେମିତି ଦେଖିଥିଲୁ ?"

"ମୁଁ ଶୁଣିଛି । ଆମ ରୋଷେଇଆ ମୋ ମାଙ୍କୁ କହୁଥିଲା ।"

ମିଶା ଗୋଡ଼ ଆଙ୍ଗୁଳିରେ ମାଟି ଉଖାରୁ ଉଖାରୁ ଭିତ୍ୟାର ପାଦରୁ ତାଳୁ ପର୍ଯ୍ୟନ୍ତ ଚାହିଁ ଗଲା ।

"ତୋ ମା ହେଉଛି ଗୋଟେ ମିଛେଇ । ମୋ ବାପା ତ ଯୁଦ୍ଧରେ ଲଢ଼ୁଛନ୍ତି, ତୋ ବାପା ଅନ୍ୟର ଲହୁକୁ ଶୋଷୁଛନ୍ତି ଆଉ ବସି ବସି ପରଧନ ଲୁଟୁଛନ୍ତି !.."

"ବେଧଡ଼ୁଆ !" ପାଦ୍ରିଙ୍କ ପୁଅ ଆଖି ଛଳ ଛଳ କରି କହିଲା ।

ମିଶା ତୋଠରୁ ପଥର ଖଣ୍ଡେ ଯେତେବେଳେ ଉଠାଇ କି ଧରିଲା, ପାଦ୍ରି ପୁଅର ଆଖି ଛଳ ଛଳ ବନ୍ଦ ହୋଇ ଗଲା । ସେ ମୁରୁକିହସା ଦେଇ କହିଲା :

"ମୋତେ ମାର ନା ମିଶା, ରାଗ କର ନା । ତୁ ମାଗିବୁ ଯଦି ମୋ ଛୁରିଟା ତୋତେ ଦେଇ ଦେବି ! ଭଲ ଲୁହାରେ ମୁଁ ସେଟାକୁ ତିଆରି କରିଛି !"

ଭିତ୍ୟାର କଥା ଶୁଣି ଖୁସିରେ ଝଲସି ଉଠିଲା ମିଶାର ଆଖି ଦୁଇଟି । ପଥରଟାକୁ ସେ ଫିଙ୍ଗି ଦେଲା ତଳକୁ । କିନ୍ତୁ ହଠାତ୍ ତା ମନେ ପଡ଼ି ଗଲା ତା ବାପାଙ୍କ ଘର ଫେରିବା କଥା । ସାଙ୍ଗେ ସାଙ୍ଗେ ମୁହଁରୁ ତା'ର ବାହାରି ପଡ଼ିଲା :

"ମୋ ବାପା ତୋ ଛୁରିଠୁ ଆଉରି ବଢ଼ିଆ ଛୁରି ଆଣିଛନ୍ତି ଲଢ଼େଇରୁ !"

"ଆରେ ଯା, ମିଛ କଥା କହୁଛୁ ।" ଭିତ୍ୟା ବିଶ୍ୱାସ କଲା ନାହିଁ ।

"ତୁ ନିଜେ ମିଛୁଆ !.. ଆଣିଛନ୍ତି ବୋଲି କହୁଛି ମାନେ ସେ ଆଣିଛନ୍ତି !.. ତା' ଛଡ଼ା ଗୋଟେ ବନ୍ଧୁକ ମଧ୍ୟ ..."

"ତା' ହେଲେ ତୁମେ ତ ଏଥର ବଡ଼ ଲୋକ ହୋଇ ଗଲ", ଈର୍ଷାରେ ହସି ଦେଇ ଭିତ୍ୟା କହିଲା ।

"ଏ ଛଡ଼ା ବାପାଙ୍କର ଗୋଟେ ଫିତାଲଗା ଟୋପି ବି ଅଛି । ସେଥିରେ ତୋ ବହିରେ ଯେମିତି ଲେଖା ହୋଇଛି ନା, ସେମିତି ଲେଖା ହୋଇଛି ।"



ଏଥର ଉତ୍ତର ଦେବା ପାଇଁ ଭିତ୍ୟାକୁ ଟିକେ ଭାବିବାକୁ ପଡ଼ିଲା । କପାଳଟା ତା'ର କୁଞ୍ଚି ହୋଇ ଗଲା ଏବଂ ଅନ୍ୟମନସ୍କ ଭଳି ପେଟ ଥାପୁଡ଼ାଇ କହିଲା :

"ମୋ ବାପା ତ ଶୀଘ୍ର ବଡ଼ ପାଦ୍ରି ହୋଇ ଯିବେ, ଆଉ ତୋ ବାପା – ଯେମିତି ଗାଈ ରଖୁଥିଲା, ସେମିତି ଗାଈ ରଖିବ । ଏଥର ହେଲା ତ ?.."

ମିଶା ଛିଡ଼ା ହୋଇ ହୋଇ ଥକି ପଡ଼ିଥିଲା । ତା'ର ଆଉ ଧୈର୍ଯ୍ୟ ନଥିଲା ଭିତ୍ୟା ସାଙ୍ଗରେ ଯୁକ୍ତି କରିବାକୁ । ସେ ମୁହଁ ବୁଲାଇ ନେଇ ଘରକୁ ଚାଲିଲା । ପାଦ୍ରି ପୁଅ ପଛରୁ ତା'ର ଡାକ ପକାଇଲା :

"ମିଶା, ତୋ ସହିତ କଥା ଅଛି, କଥା ଅଛି !"

"କ'ଣ ଅଛି, କହ !"

"ମୋ ପାଖକୁ ଆ !.."

ପାଖକୁ ଆସି ମିଶା ସନ୍ଦେହରେ ତାକୁ ଚାହିଁ ରହିଲା :

"କ'ଣ କହିବୁ ପରା କହ ।"

ବାଲି ଉପରେ ଟେଁଟେଇଁଆ ଗୋଡ଼ରେ ନାଚି ନାଚି, ମୁରୁକିହସା ଦେଇ ଭିତ୍ୟା ବଡ଼ ପାଟିରେ କହିଲା :

"ତୋ ବାପା କମ୍ୟୁନିଷ୍ଟ । ତୁ ମଲା ପରେ ସ୍ୱର୍ଗକୁ ଗଲେ, ଭଗବାନ ତୋତେ କହିବେ : 'ତୋ ବାପ ଥିଲା କମ୍ୟୁନିଷ୍ଟ, ତେଣୁ ତୁ ନରକକୁ ଯିବୁ !'.. ତା' ପରେ ଯମଦୂତମାନେ ନରକକୁ ନେଇ ତତଲା କଡ଼େଇରେ ତୋତେ ପକାଇ ଦେବେ !.."

"ତୁ ଭାବୁଛୁ, ତୋତେ ଯମଦୂତମାନେ ଛାଡ଼ି ଦେବେ ?"

"ମୋ ବାପ ତ ପାଦ୍ରି !.. ତୁମେଗୁଡ଼ା ମୂର୍ଖ ଅଗୁଆଁର, ସେସବୁ କଥା କ'ଣ ବୁଝିବ ?.."

ମିଶା ଭୟ ପାଇ ଗଲା । ପଛକୁ ବୁଲି ପଡ଼ି ଚୁପ୍‌ଚାପ୍ ଛୁଟିଲା ଘରକୁ ।

ତାଙ୍କ ବାଡ଼ ପାଖରେ ପହଞ୍ଚିଲା ପରେ ପାଦ୍ରି ପୁଅ ଆଡ଼କୁ ହାତ ଉଞ୍ଚାଇ କହିଲା :

"ମୁଁ ଯାଉଛି ମୋ ଜେଜେଙ୍କୁ ପଚାରିବି । ତୁ ଯଦି ମିଛ କହିଥିବୁ, ତେବେ ଆମ ହତା ମଡ଼ାଇ ଦେବି ନାହିଁ !"

ବାଡ଼ଟାକୁ ଡେଇଁ ମିଶା ଘର ଭିତରକୁ ଦୌଡ଼ି ଗଲା । ଆଖି ଆଗରେ ତା'ର ନାଚୁଥିଲା ତତଲା ତେଲ କଡ଼େଇ ଆଉ ସେଥିରେ ସେ କେମିତି ଭଜା ହେଉଛି... କଡ଼େଇ ଭିତରେ ସେ ପଡ଼ିଛି ଏବଂ ଦୁଧ ଫୁଟିଲା ପରି ଘରି ପାଖରେ ତା'ର ଫେଣସବୁ ଉଠୁଛି । ଭୟରେ ମିଶାର ଦେହଟା ଶୀତେଇ ଉଠିଲା । ଜଲଦି ତା'କୁ ଜେଜେଙ୍କ ପାଖକୁ ଯିବାକୁ ହେବ ଏବଂ ସବୁ କଥା ବୁଝିବାକୁ ପଡ଼ିବ ...

ଫାଟକ ପାଖରେ ଦେଖିଲା ଘୁଷୁରିଟାଏ ବାଡ଼ ଧିଅରେ ଗୋଟାଏ ଅର୍ଗଳରେ ଅଟକି ଯାଇଛି । ମୁଣ୍ଡଟା ଅର୍ଗଳ ଭିତରେ, ଦେହଟା ବାହାରେ । ତା' ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି ମୁଣ୍ଡଟାକୁ କାଢ଼ି ଆଣିବା ପାଇଁ । ଖୁରାରେ ମାଟିକୁ ଠେସ ଦେଇ, ଟିକି ଲାଞ୍ଜଟିକୁ ବିଞ୍ଚି ସେ ଭିଡ଼ି ଭାଡ଼ି ହେଉଛି । ମିଶା ଭାବିଲା ଘୁଷୁରିଟାକୁ ଅର୍ଗଳରୁ ବାହାର କରି ଦେବ । କିନ୍ତୁ ବେକଟା ତା'ର ଅର୍ଗଳରେ ଏକେବାରେ ଅଟକି ଯାଇଥାଏ ଏବଂ ସେ ଚିଲେଇବାରେ ଲାଗିଥାଏ । ମିଶା ତା ପିଠି ଉପରେ ବସି ପଡ଼ିଲା । ଘୁଷୁରିଟା ଏତେ ଜୋରରେ ଠେସଟାଏ ମାରି ଦେଲା ଯେ ଅର୍ଗଳଟା ଭାଙ୍ଗି ଦିଖଣ୍ଡ ହୋଇ ଗଲା । ସାଙ୍ଗେ ସାଙ୍ଗେ ସେ ଅଗଣା ଆଡ଼କୁ ମାରିଲା ଚିଲାଟାଏ । ମିଶା ତା ପେଟରେ ଛନ୍ଦି ଦେଇଥାଏ ଗୋଡ଼ ଦିଟାକୁ । ଘୁଷୁରିଟା ଏତେ ଜୋରରେ ଦୌଡ଼ୁଥାଏ ଯେ ମିଶାର ବାଳଗୁଡ଼ାକ ପବନରେ ଲହରି ପରି ଉଡ଼ିବାକୁ ଲାଗିଥାଏ । ଅଗଣା ପାଖରେ ମିଶା ଘୁଷୁରି ପିଠିରୁ ଡୁଦାଟାଏ ମାରି ଦେଇ ଓହ୍ଲାଇ ପଡ଼ିଲା । ଘରି ଆଡ଼କୁ ଆଖି ପକାଇ ଦେଖିଲା– ଜେଜେ ପିଣ୍ଡା ଉପରେ ଛିଡ଼ା ହୋଇଛନ୍ତି ଆଉ ତା' ଆଡ଼କୁ ଆଙ୍ଗୁଳି ଦେଖାଇ କହୁଛନ୍ତି :

"ଇଆଡ଼କୁ ଟିକେ ଆସିଲ, ବାବୁ !"

ଜେଜେ ଏମିତି କାହିଁକି ଡାକୁଛନ୍ତି ମିଶା ବୁଝି ପାରିଲା ନାହିଁ । ଏଟିକି ବେଳେ ତା ମନରେ ପଡ଼ିଗଲା ସେହି ତତଲା କଡ଼େଇ କଥା । ସାଙ୍ଗେ ସାଙ୍ଗେ ସେ ଦୌଡ଼ି ଗଲା ଜେଜେଙ୍କ ପାଖକୁ ।

"ଜେଜେ ସ୍ୱର୍ଗରେ କ'ଣ ସଇତାନସବୁ ଅଛନ୍ତି ?"



"ରହ, ତୋତେ ସଇତାନ ଦେଖାଇ ଦେଉଛି !.. ପାଜି, ଛାଟିଆରେ ପାହାରଟାଏ ବସି ଗଲେ, ତୋ ସଇତାନ ବାହାରି ପଡ଼ିବ !.. ତୁ ସେ ଘୁଷୁ ପିଠିରେ ଚଢ଼ିଥିଲୁ କାହିଁକି ?.."

ଜେଜେ ମିଶାର ଚୁଟିକି ଧରି, ତା ମାକୁ ଡାକ ପକାଇଲେ : "ଟିକେ ବାହାରକୁ ଆସି ତୁମ ପୁତ୍ରମଣିର କୀର୍ତ୍ତି ଦେଖ !"

ମା ଘର ଭିତରୁ ବାହାରି ଆସିଲେ ।

"ପିଲାଟାକୁ ମାରୁଛ କାହିଁକି ? କ'ଣ ହୋଇଛି ?"

"କ'ଣ ହୋଇଛି ? ପୁଅ ଘୁଷୁରି ପିଠିରେ ବସି ଅଗଣାରେ ହାଉଆ ଖାଉଛି । ଧୂଳିରେ ସେ କ'ଣ ହୋଇଛି ଦେଖୁଛ !.."

"ଆଏଁ, ଏ ଗାଭିଲୀ ଘୁଷୁରିଟା ଉପରେ ବସୁଛି !" ମା ମୁଣ୍ଡରେ ହାତ ଦେଇ କହିଲେ ।

ମିଶା ନିଜ ସପକ୍ଷରେ କ'ଣ କହିବାକୁ ଯାଉଥିଲା, ଜେଜେ କିନ୍ତୁ ତାଙ୍କ ଅଣ୍ଟାରୁ କମର ପଟିଟାକୁ ଖୋଲି ବାଆଁ ହାତରେ ପାଇଜାମାକୁ ଭିଡ଼ି ଧରିଲେ । ଡାହାଣ ହାତରେ ମିଶାର ମୁଣ୍ଡଟାକୁ ଦିଆଣ୍ଟୁ ମଝିରେ ପୂରାଇ ଦେଇ କମର ପଟିଟାକୁ ଉଞ୍ଚାଇ କି କହିଲେ :

"କହ, ପୁଣି ଆଉ ଦିନେ ସେ ଘୁଷୁରି ଉପରେ ଚଢ଼ିବୁ ନାହିଁ !.."

ମିଶା ଜୋରରେ ଚିତ୍‌କାର କରି ଉଠିଲା । ଜେଜେ ପୁଣି ଧମକେଇ କି କହିଲେ :

"ଆରେ ବଦ୍‌ମାସ ! ତୁ ତୋ ବାପକୁ କ'ଣ ଟିକେ ଆସକତ ମେଣ୍ଟାଇବାକୁ ଦେବୁ ନାହିଁ ! ସେ ପରା ହାଲିଆ ହୋଇ ଘରକୁ ଫେରିଛି । ଟିକିଏ ଶୋଇଛି କି ନାହିଁ, ତୁ ଚିଲାଇବାକୁ ଆରମ୍ଭ କରି ଦେଲୁ !"

ମିଶାର ଚୁପ୍ ହୋଇ ଯିବା ଛଡ଼ା ଅନ୍ୟ ଉପାୟ ନଥିଲା । ଜେଜେଙ୍କୁ ମାରିବା ପାଇଁ ଲଡିଟାଏ ଉଠାଇଥିଲା କିନ୍ତୁ ସେଟା କାର୍ଯ୍ୟକାରୀ ହେଲା ନାହିଁ । ମା ସାଙ୍ଗେ ସାଙ୍ଗେ ତାକୁ ଟାଣି ଟାଣି ଘର ଭିତରକୁ ନେଇ ଗଲେ :

"ବସ୍ ଏଇଠି ସଇତାନ ବସ୍ !.. ଏମିତି ମାଡ଼ ଦେବି ଯେ ଜେଜେଙ୍କ ମାଡ଼କୁ ବି ପାସୋରି ପକାଇବୁ !.."

ଜେଜେ ଦାଣ୍ଡଘର ବେଞ୍ଚ ଉପରେ ବସି ମିଶା ଆଡ଼କୁ ବେଳେ ବେଳେ ଆଖି ପକାଉଥିଲେ ।

ମିଶା ଜେଜେ ଆଡ଼କୁ ମୁହଁ କରି ଛିଡ଼ା ହୋଇଥିଲା । ଆଖିର ଶେଷ ଲୁହ ଟୋପାକ ପୋଛି, କବାଟ ଦିହରେ ପିଠିଟାକୁ ସଟାଇ ଦେଇ କହିଲା :

"ଲୁହ ଜେଜେ... ତମକୁ ମୁଁ ଦେଖି ଦେଉଛି !"

"ଆରେ ପାଜି, ତୁ ତୋ ଜେଜେଙ୍କୁ ଧମକଉଛୁ ?"

ଜେଜେ କମର ପଟିଟାକୁ ଅଣ୍ଟାରୁ ଖୋଲି ପୁଣି ଯେତେବେଳେ ଧରିଲେ, ମିଶା କବାଟଟାକୁ ଟିକେ ମେଲା କରି ଦେଲା ।

"କ'ଣ ତୁ ମୋତେ ଧମକଉଛୁ ?" ଜେଜେ ପଗ୍ରରିଲେ ।

ମିଶା ସାଙ୍ଗେ ସାଙ୍ଗେ ଲୁଚି ଗଲା କବାଟ ପଛରେ । ଜେଜେଙ୍କ ଗତିବିଧିକୁ ଦେଖିବା ପାଇଁ କବାଟଟାକୁ ଦର ଆଉଜା କରି ରଖିଲା ଏବଂ କବାଟ ଫାଙ୍କରେ ଉଙ୍କି ମାରି କହିଲା :

"ଲୁହ ଜେଜେ, ଆଉ କିଛି ଦିନ ଯାଉ !.. ତୁମ ଦାନ୍ତସବୁ ପଡ଼ି ଗଲେ କିଏ ତମକୁ ଗ୍ରେବେଇ କି ଦେବ ଲୁହ ! ମୁଁ କିନ୍ତୁ ଗ୍ରେବେଇ କି ଦେବି ନାହିଁ !.. ତମେ ବି ମୋତେ ଗ୍ରେବେଇ କି ଦେବାକୁ କହିବ ନାହିଁ !"

ଜେଜେ ବାରଣ୍ଡାକୁ ଆସି ଦେଖିଲେ, ବାଡ଼ି ପଟ ଛଣପଟ କିଆରୀରେ ମିଶାର ମୁଣ୍ଡ ଆଉ ନେଳିଆ ପାଇଜାମା ଦିଶୁଛି । ଦାଢ଼ି ତଳେ ଓଠର ହସକୁ ଲୁଚ୍ଇ ଜେଜେ ବାଡ଼ି ଉଞ୍ଚାଇ ମିଶାକୁ ଭୟ ଦେଖାଇଲେ ।

* * *

ମିଶାର ବାପା ମିଶାକୁ ଡାକୁଥିଲେ ମିଙ୍କା ବୋଲି । ମିଶାର ମା ଡାକୁଥିଲେ ମିନ୍ୟୁଶ୍କା । ଜେଜେ ଖୁସି ଥିଲା ବେଳେ ପାଜି ବୋଲି ଡାକନ୍ତି । କିନ୍ତୁ ରାଗରେ ବହଳ ଧୂସର ଭ୍ରୂ ଦୁଇଟି ଲଗି ଗଲା ବେଳେ ଡାକୁଥିଲେ : "ମିଖାଇଲେ ଫମିଚ୍ । ଇଆଡ଼କୁ ଟିକେ ଆଏ, ତୋ କାନଟା ଗଲ ଗଲ ହେଉଛି ନା କ'ଣ !"



କିନ୍ତୁ ଅନ୍ୟ ସମସ୍ତେ—ଗାଁର ଚୁଗୁଲିଖୋର ସାଇପଡ଼ିଶା, ପିଲାଛୁଆ ଏବଂ ଗାଁ ଲୋକେ ଡାକୁଥିଲେ, ମିଶ୍କା କିମ୍ବା ବେଧଛୁଆ ବୋଲି।

ମିଶାର ମା ବାହା ହେବା ଆଗରୁ ମିଶା ତାଙ୍କ ପେଟରେ ଥିଲା । ଗାଁର ଗାଈ ରଖୁଆଳ ଫମାକୁ ସେ ବାହା ହେବାର ମାସକ ପରେ ଜନ୍ମ ହୋଇଥିଲା ମିଶା । ତେଣୁ କରି ଏ ଅପବାଦଜନକ ବେଧଛୁଆ କଥାଟି ସବୁଦିନ ପାଇଁ ମିଶାର ନାଆଁ ସହିତ ରହି ଯାଇଛି ।

ମିଶା ଦେଖିବାକୁ ଥିଲା ଟିକେ ଲୁଗୁଡ଼ିଆ, ଗେଡ଼ା । ପ୍ରଥମ ବସନ୍ତରେ ମୁଣ୍ଡର ବାଳଗୁଡ଼ିକ ତା'ର ସୂର୍ଯ୍ୟମୁଖୀର ପାଖୁଡ଼ା ପରି ହଳଦିଆ ପଡ଼ି ଯାଉଥିଲା । ଜ୍ୟେଷ୍ଠର ସୂର୍ଯ୍ୟ ସେଗୁଡ଼ିକୁ ଭିଣି ଦେଉଥିଲା ତୂଳା ପରି, ଲେମଶ ଏକ ଝାଡ଼ଣ ପରି ସେସବୁ ନୁଖୁରା ଏବଂ କର୍କଶ ଦିଶୁଥିଲା । ଗାଲ ଦୁଇଟି ତା'ର ଥିଲା ଘରଚଟିଆର ଡିମ ପରି ଦାଗଭରା । ଖରାରେ ବୁଲି ବୁଲି ମିଶାର ନାକ ଉପର ଚମଡ଼ା ଉଠି ଯାଇଥିଲା । କିନ୍ତୁ ବଙ୍କାଗୋଡ଼ିଆ ମିଶାର ଆଖି ଦୁଇଟି ଥିଲା ସୁନ୍ଦର, ଆକାଶ ପରି ନୀଳ । ଗୋଟାଏ ଦୁଷ୍ଟାମିର ଭାବ ସବୁବେଳେ ସେଥିରୁ ଫୁଟି ବାହାରୁଥିଲା । ନଈରେ ଭାସୁଥିବା ଦରବସା ବରଫ ଟୁକୁରା ପରି ଆଖି ଦୁଇଟି ଚିକ୍ ଚିକ୍ କରୁଥାଏ ଦରବୁଜା ପତା ଦୁଇଟି ମଧ୍ୟରୁ ।

ମିଶାର ଏହି ଆଖି ଦୁଇଟି ଆଉ ତା'ର ସେହି ଖୁଲୁବୁଲିଆ ଭାବଟା ବାପାକୁ ତା'ର ଖୁବ୍ ଭଲ ଲାଗୁଥିଲା । ଯୁଦ୍ଧରୁ ଫେରିଲା ବେଳେ ସେ ତା ପାଇଁ ଆଣିଥିଲେ ମହୁମିଶା ଟାଣଟାଣୁଆ ପିଠା ଆଉ ଅଳ୍ପ ଘୋରି ଯାଇଥିବା ହଳେ ବୁଟ୍ ଜୋତା । ଜୋତା ହଳଟିକୁ ମା ତଉଲିଆରେ ଗୁଡ଼ାଇ ସିନ୍ଦୁକରେ ରଖି ଦେଇଥିଲେ। କିନ୍ତୁ ପିଠାଟାକୁ ମିଶା ସେହି ଦିନ ସଞ୍ଜ ସୁଦ୍ଧା ହାତୁଡ଼ିରେ ପିଟି ଶେଷ ଟୁକୁରାଟିକୁ ବି ଗର୍ଭସ୍ଥ କରି ଦେଇଥିଲା ।

ପର ଦିନ ସକାଳୁ ସୂର୍ଯ୍ୟ ଉଠିଲା ବେଳକୁ ମିଶା ବିଛଣାରୁ ଉଠିଲା । ଚୁଲୀରେ ବସିଥିବା ଲୁହା ଡାଳରୁ ଟିକେ ଉଷୁମ ପାଣି ଅଧୁଆ ମୁହଁରେ ମାରି ଦେଇ ଖରା ପୁହିଁବାକୁ ବାହାରି ଗଲା ଖଳା ଆଡ଼କୁ ।

ମା ଦାଣ୍ଡରେ ଗୋରୁ ଗାଈଙ୍କ କାମ କରୁଥାନ୍ତି । ଜେଜେ ଦାଣ୍ଡ ପିଣ୍ଡାରେ ବସିଥାନ୍ତି । ମିଶା ଯାଉଥିଲା ବେଳେ ଜେଜେଙ୍କ ଆଖି ତା ଉପରେ ପଡ଼ିଗଲା ।

"ଏ ପାଜି, ଗଲୁ ସେ ଖଳା ଘରେ ଦେଖି ଆସିବୁ, କୁକୁଡ଼ାଟାଏ ଜଗ କରୁଛି, ଡିମଟାଏ ଦେଇଛି ନା କ'ଣ ?"

ଜେଜେଙ୍କୁ ଖୁସି କରିବା ପାଇଁ ମିଶା ସବୁବେଳେ ତିଆର । ଉରୁଣ୍ଡି ଉରୁଣ୍ଡି ପଶି ଗଲା ଖଳା ଘର ତଳକୁ ଏବଂ ଏଣେତେଣେ ଦରାଣ୍ଡିବାକୁ ଲାଗିଲା । ଗଲା ବେଳେ ପଛକୁ ଅନାଉଥାଏ, ଜେଜେ ତା ଆଡ଼କୁ ଅନାଉଛନ୍ତି କି ନାହିଁ । ବାଡ଼ କଡ଼ରେ ପହଞ୍ଚିଲା ବେଳକୁ ମିଶାର ଗୋଡ଼ରେ ବିଛୁଆଟିଗୁଡ଼ାକ ଲାଗି ଜଳା ପୋଡ଼ା କରୁଥାଏ । ଜେଜେ ଏଣେ ମିଶାକୁ ଚାହିଁ ଚାହିଁ ବ୍ୟସ୍ତ ହୋଇ ପଡ଼ିଥିଲେ । ଶେଷକୁ ବୁଢ଼ା ଯାଇ ପଶିଲେ ଖଳା ଘରେ । ଚାରି ଆଡ଼େ କୁକୁଡ଼ା ଗୁଅ ମେଞ୍ଚା ମେଞ୍ଚା । ଦେହରେ ସେଗୁଡ଼ାକ ଲାଗି ଯାଉଥାଏ । ଭିତରଟା ଅନ୍ଧାର କିଟି ମିଟି । ନଇଁ ନଇଁ ଅଣ୍ଟାଳି ଅଣ୍ଟାଳି ଗଲା ବେଳେ ମୁଣ୍ଡଟା କଡ଼ି ଧିଅରେ ବାଜି ଯାଉଥାଏ ଠୁଠା । ବୁଢ଼ା ରାଗି ମାଗି ଶେଷରେ ଆର ପାଖରେ ଯାଇ ପହଞ୍ଚିଲେ ।

"ଆରେ ଓଲୁ ମିଶା, କେତେବେଳ ଯାଏ ସେ ଡିମଟାକୁ ଖୋଜୁଥିବୁ!.. କୁକୁଡ଼ା କ'ଣ ସିଆଡ଼େ ଡିମ ଦିଏ ? ଦେଇଥିଲେ ଏହି ପଥର ପାଖରେ ଦେଇଥାନ୍ତା । ରେ, ମିଶା, କୁଆଡ଼େ ଗଲୁ ରେ ସଇତାନ ?"

କିନ୍ତୁ କୌଣସି କିଛି ଉତ୍ତର ମିଳିଲା ନାହିଁ । ବୁଢ଼ା ଭାଡ଼ି ତଳୁ ବାହାରି ଆସିଲେ । ପେଣ୍ଡରୁ କୁକୁଡ଼ା ଗୁହଗୁଡ଼ାକୁ ଝାଡ଼ି ଝୁଡ଼ି ଅନ୍ଦିଷା କଲେ ପୋଖରୀ ଆଡ଼କୁ । ସତକୁ ସତ ମିଶା ଯାଇ ସେଠି ନାଟ ଲଗାଇଛି । ବୁଢ଼ା ଦିକ୍ ହୋଇ ହାତ ଛିଆଡ଼ି ଫେରି ଆସିଲେ...

ପୋଖରୀ ହୁଡ଼ାରେ ମିଶାକୁ ଘେରି ଯାଇ ସାଇପିଲାମାନେ ପଚାରୁଥିଲେ :

"ତୋ ବାପ ଯୁଦ୍ଧକୁ ଯାଇଥିଲେ ପରା ?"

"ହଁ ଯାଇଥିଲେ ।"

"ଯୁଦ୍ଧରେ କ'ଣ କରୁଥିଲେ ?"

"କ'ଣ କରୁଥିଲେ – ଯୁଦ୍ଧ କରୁଥିଲେ ..."

"ମିଛ କଥା !.. ଭଳୁଣି ମାରୁଥିଲେ, ରୋଷେଇ ଘରେ ହାଡ଼ ଚୁଚୁମୁଥିଲେ !.."



ପିଲାମାନେ ଠୋ ଠୋ ହୋଇ ହସି ଉଠିଲେ । ମିଶା ଆଡ଼କୁ ଆଙ୍ଗୁଳି ଦେଖାଇ ନାଚିବାକୁ ଲାଗିଲେ ସେମାନେ । ରାଗ ଆଉ ଅପମାନରେ ମିଶାର ଆଖି ଦୁଇଟି ଲୁହରେ ଛଳ ଛଳ ହୋଇ ଆସିଲା । ଏହି ସମୟରେ ପାଦ୍ରି ପୁଅ ଭିତ୍ୟା ଛାଡ଼ି ଦେଲା ଆଉ ଗୋଟାଏ ବାଣ ।

"ତୋ ବାପ ପରା କମ୍ୟୁନିଷ୍ଟ ?.."

"ମୁଁ ଜାଣେ ନା ..."

"ମୁଁ କିନ୍ତୁ ଜାଣେ ସେ କମ୍ୟୁନିଷ୍ଟ । ସେ ତାଙ୍କ ଆତ୍ମାଟାକୁ ସଇତାନକୁ ଦେଇ ଦେଇଛନ୍ତି ବୋଲି ମୋ ବାପା ଆଜି କହୁଥିଲେ । ତା' ଛଡ଼ା, ବାପା ଆଉରି କହୁଥିଲେ, ସବୁ କମ୍ୟୁନିଷ୍ଟଙ୍କୁ ଶୀଘ୍ର ଫାଶି ଦିଆଯିବ !.."

ପିଲାମାନେ ସମସ୍ତେ ଚୁପ୍ ମାରି ଗଲେ । ମିଶାର ଛାତିଟା ଦବି ଗଲା ପରି ଲାଗିଲା । ତା ବାପକୁ ଫାଶି ଦିଆଯିବ ? କିନ୍ତୁ କାହିଁକି ?

ଦାନ୍ତ ରଗଡ଼ି ମିଶା କହି ପକାଇଲା :

"ମୋ ବାପାଙ୍କ ପାଖରେ ବଡ଼ ବନ୍ଧୁକ ଅଛି । ସେଥିରେ ସେ ସବୁ ଜମିଦାରଙ୍କୁ ମାରି ଉଡ଼ାଇ ଦେବେ !"

ଭିତ୍ୟା ଆଗକୁ ପାଦଟିଏ ଆଗେଇ ଯାଇ ଦାଣ୍ଡରେ କହିଲା :

"ନା, ସେ କିଛି କରି ପାରିବେ ନାହିଁ । ମୋ ବାପା ତ ତୋ ବାପାଙ୍କୁ ଆଶୀର୍ବାଦ କରିବେ ନାହିଁ । ଆଶୀର୍ବାଦ ନପାଇଲେ ସେ କିଛି କରି ପାରିବେ ନାହିଁ, ବୁଝିଲୁ !.."

ଦୋକାନଦାର ପୁଅ ପ୍ରୋଶ୍‌କା ମିଶା ଛାତିକୁ ଆଙ୍ଗୁଳିରେ ଢିଅଟାଏ ମାରି ଦେଇ କହିଲା :

"ତୁ ଆଉ ତୋ ବାପର ସେ ପଟିଆରାଗୁଡ଼ା ଦେଖା ନା । ବିପ୍ଳବ ବେଳେ ତୋ ବାପ ପରା ମୋ ବାପାଙ୍କ ଦୋକାନରୁ ଜିନିଷପତ୍ର କାଢ଼ି ନେଇଥିଲା । ମୋ ବାପା ସେତେବେଳେ କ'ଣ କହିଥିଲେ ଜାଣିଛୁ ? ସେ କହିଥିଲେ, 'ସରକାର ବଦଳି ଗଲେ, ଏ ଗାଈଆଳ ପମାକୁ ପ୍ରଥମେ ମୁଁ ସାବାଡ଼ କରିବି !..'"

ପ୍ରୋଶ୍‌କାର ଭଉଣୀ ନାତାଶ୍‌କା ମାଟିରେ ଗୋଡ଼ଟାକୁ ଜଗୁଡ଼ି ଦେଇ କହି ଉଠିଲା :

"ଅନେଇଛ କ'ଣ ରେ, ଏଥର ଦି'ଟା ବଳେଇ ଦିଅ !"

"ଏ କମ୍ୟୁନିଷ୍ଟ ବଗକୁ ଲଗାଅ !.." ଆଉ ଜଣେ ପିଲା ଇଶାରା ଦେଇ କହିଲା ।

"ବେଧଡ଼କ ଅ !.."

"ପ୍ରୋଶ୍‌କା, ଏଥର ପିଲାକୁ ଟିକେ ତରା ଦେଖାଇ ଦିଏ ତ !"

ପ୍ରୋଶ୍‌କା ସାଙ୍ଗେ ସାଙ୍ଗେ ବାଡ଼ିଟାକୁ ବୁଲାଇ ମିଶାର କାନ୍ଧରେ କଷିକି ପାହାରଟାଏ ଲଗାଇ ଦେଲା । ପାଦ୍ରି ପୁଅ ଏତିକି ବେଳେ ମିଶାର ଗୋଡ଼ଟାକୁ ଟାଣି ଆଣିଲା, ମିଶା ପଡ଼ିଗଲା ଚିତ୍‌କାତ ହୋଇ ।

ପିଲାମାନେ ଚିତ୍କାର କରି ତା ଉପରେ ଚଢ଼ି ଗଲେ । ନାତାଶା ତା ସରୁ ଗଳାରେ ଚେଞ୍ଚେଇ ଉଠି ମିଶାର ବେକଟାକୁ ନଖରେ ଆମ୍ପୁଡ଼ି ପକାଇଲା । ଆଉ ଜଣେ କିଏ ମିଶାର ପେଟରେ ଫଟ୍‌କିନା ବସାଇ ଦେଲା ନାତଟାଏ ।

ମିଶା ଜୋରରେ ଠେସାଟାଏ ମାରି ପ୍ରୋଶ୍‌କାକୁ ତଳକୁ ଲେଉଟାଇ ଦେଲା ଏବଂ ନିଜେ ଛିଡ଼ା ହୋଇ ପଡ଼ିଲା । ଶିକାରୀ ହାତରୁ ପଳାଉଥିବା ଠେକୁଆ ପରି ମିଶା ଭୟରେ ଧାଇଁଲା ଘରକୁ । ତା ପଛରେ ପିଲାମାନେ ଶୁଖୁରି ମାରିବାକୁ ଲାଗିଲେ, କିଏ ଜଣେ ଢେଲାଟାଏ ଫିଙ୍ଗି ଦେଲା । କିନ୍ତୁ ତା ପଛରେ କେହି ଦଉଡ଼ିଲେ ନାହିଁ ।

ମିଶା ଏକେବାରେ ବଗିଚାର ସେ ଗହଳିଆ ଛଣପଟ ଗଛ ଆଢ଼ୁଆଳରେ ନିଶ୍ୱାସ ମାରିଲା । ଛଣପଟର ସବୁଜ ପତରସବୁ ମୁଣ୍ଡ ଉପରକୁ ତା'ର ନଇଁ ଆସି ଢାଙ୍କି ଦେଇଥାନ୍ତି । ମହକିଉଠା ଓଦା ମାଟି ଉପରେ ବସି ମିଶା ବେକରୁ ନହୁଗୁଡ଼ାକ ପୋଛୁ ପୋଛୁ କାନ୍ଦି ପକାଇଲା । ଉପରୁ କେଉଁଠୁ ଗହଳ ଗଛପତ୍ର ଭିତର ଦେଇ ଚେନାଏ ଖରା ଆସି ପଡ଼ୁଥାଏ ମିଶାର ଆଖିରେ । ମିଶାର ଗାଲ ଉପରେ ବହି ଆସିଥିବା ଲୁହ ଧାରକୁ ସେ ମା ଭଳି ସ୍ନେହରେ ଶୋଷି ନେଲା । ମନେ ହେଉଥିଲା ମିଶାର ଢୁଙ୍କିଢୁଙ୍କିକିଆ ନାଲି ବାଳକୁ ସେ ଯେମିତି ଚୁମା ଦେଉଛି ।

ମିଶା ଅନେକ ସମୟ ଧରି ବସି ରହିଲା ସେଇଠି । ଆଖିରୁ ଲୁହ



ଶୁଖି ଗଲା ପରେ ସେ ଉଠିଲା । ଦିହରେ ଲାଗିଥିବା ଧୂଳି ମାଟିକୁ ଝାଡ଼ି ଝୁଡ଼ି ଦେଇ ଘରକୁ ଗ୍ଲଲିଲା ଧୀରେ ଧୀରେ ।

ବାପା ଗ୍ଲଳ ଘରେ ବସି ଗାଡ଼ି ଚକରେ ତେଲ ଦେଉଥାନ୍ତି । ଟୋପିଟା ତାଙ୍କର ଖସି ଆସିଥାଏ ପିଠି ଉପରକୁ । ଟୋପିର ଫିତାଗୁଡ଼ିକ ତଳକୁ ଝୁଲୁଥାଏ । ଧଳା ଗାରିଗାରିକିଆ ନୀଳ ଜାମାଟିଏ ସେ ପିନ୍ଧିଥାନ୍ତି । ମିଶା ଛପି ଛପି ଗାଡ଼ି ପାଖକୁ ଯାଇ ଚୁପ୍ କରି ଛିଡ଼ା ହେଲା । କିଛି ସମୟ ପରେ, ମନରେ ସାହସ ବାନ୍ଧି ବାପାଙ୍କ ହାତକୁ ଧରି ଫୁସ୍ ଫୁସ୍ କରି ପଗ୍ଲରିଲା :

"ବାପା, ତମେ ଯୁଦ୍ଧରେ କ'ଣ କରୁଥିଲ ?"

ନାଲିଆ ନିଶ ହଳକ ତଳେ ହସ ଫୁଟାଇ ବାପା ଉତ୍ତର ଦେଲେ :

"ଯୁଦ୍ଧରେ ଲଢ଼ାଇ କରୁଥିଲି, ପୁଅ !"

"କିନ୍ତୁ, ସେମାନେ ... ଆମ ସାଇପିଲାମାନେ କହୁଛନ୍ତି ତୁମେ କାଳେ ଉକୁଣି ମାରୁଥିଲ !.."

ଲୁହମିଶା କୋହରେ ମିଶାର ଗଳାଟା ବନ୍ଦ ହୋଇ ଗଲା । ବାପା ହସି ଦେଇ ମିଶାକୁ ହାତରେ ଟେକି ନେଲେ ।

"ସେମାନେ ମିଛ କହୁଛନ୍ତି ! ମୁଁ ପରା ଜାହାଜରେ ଥିଲି ରେ । ଦରିଆରେ ଯେଉଁ ବଡ଼ ଜାହାଜ ଯାଏ, ସେଇ ଜାହାଜରେ । ମୁଁ ସେଇଥିରେ ଥିଲି, ତା'ପରେ ଗଲି ଯୁଦ୍ଧକୁ ।"

"କାହା ସହିତ ଲଢ଼ାଇ କଲ, ବାପା ?"

"ସେଇସବୁ ବଡ଼ବଡ଼ିଆ ଧନୀଙ୍କ ସାଙ୍ଗରେ, ପୁଅ ! ତୁ ଏବେ ଖୁବ୍ ଛୋଟ ତ, ତେଣୁ ତୋ ପାଇଁ ମୋତେ ଲଢ଼ାଇ କରିବାକୁ ପଡ଼ିଥିଲା । ତୁ ଜାଣି ନୁ, ସେମାନେ ପରା ତୋ ବିଷୟରେ ଗୀତଟିଏ ଗାଉଥିଲେ !"

ବାପ ହସି ଉଠିଲେ । ମିଶା ଆଡ଼କୁ ଗ୍ଲହିଁ ଗୋଡ଼ରେ ତାଳ ଦେଇ ଗାଇବାକୁ ଲାଗିଲେ :

ମିଶାରେ ମିଶା ମୋ ସରଗ ଶଶି !
ଯୁଦ୍ଧକୁ ଯିବାକୁ ବସ ନା ରୁଷି,
ତୋ ପାଇଁ ତୋ ବାପ କରିବେ ଯୁଦ୍ଧ ।
ତାଙ୍କ ବେଳ ବୁଡ଼ିଲାଣି ହେଲେଣି ବୃଦ୍ଧ,

ଜୀବନେ ତୋ ପୁଅ ଏବେ ସକାଳ ,

ବହୁ ଆସିବାର ହୋଇ ନି ବେଳ ...

ମିଶା ତା'ର ସବୁ ଦୁଃଖ ଅପମାନକୁ ପାସୋରି ଦେଇ ଠୋ ଠୋ ହୋଇ ହସି ଉଠିଲା । ତାକୁ ହସ ଲାଗୁଥିଲା ତା' ବାପର ସେହି ହୁଳୁଡ଼ା ନାଲି ନିଶ ହଳକୁ ଦେଖି । ନିଶଟା ଛିଡ଼ା ହୋଇ ଯାଇଥିଲା ଲମ୍ବା ଲମ୍ବା ସେହି ସରୁ ଗଛଗୁଡ଼ାକ ପରି , ମିଶାର ମା ଯେଉଁଥିରେ ଛାଞ୍ଚୁଣୀ ତିଆରି କରନ୍ତି । ନିଶ ତଳେ ଓଠ ଦିଅଟି ଉପର ତଳ ହେଲା ବେଳେ ତା'କୁ ଆଉରି କୌତୁକ ଲାଗୁଥାଏ । ପାଟିଟା ଖୋଲି ଗଲା ବେଳେ ତା' ଭିତରେ ଗୋଟାଏ ଗାତ ରହିଛି ବୋଲି ସେ ଭାବୁଥିଲା ।

"ତୁ ଏଥର ଯାଆ ମିଶା ," ବାପ କହିଲେ । "ମୁଁ ଏବେ ଗାଡ଼ିଟାକୁ ସଜାଡ଼ି ନିଏ । ରାତିରେ ଶୋଇଲା ବେଳେ ତୋତେ ଯୁଦ୍ଧ କଥା କହିବି !"

* * *

ସୀମାହୀନ ଷ୍ଟେପୀର ନିଛାଟିଆ ରାସ୍ତା ପରି ଦିନଟା ଖୁବ୍ ଲମ୍ବା ଲାଗୁଥାଏ । ଅନେକ ବେଳ ପରେ ସୂର୍ଯ୍ୟ ମଉଳି ଆସି ପଶ୍ଚିମରେ ବୁଡ଼ିଗଲା । ଗୋରୁ ଗାଈସବୁ ଗାଁ ଦାଣ୍ଡରେ ଗୋଠରୁ ବାହୁଡ଼ିଲେ । ଗୋଧୂଳିର ଧୂଳି ପଟଳସବୁ ବସି ଗଲା କ୍ରମଶଃ । ଅନ୍ଧାରବୋଳା ଆକାଶରେ ପ୍ରଥମ ସଞ୍ଜୁଆ ତାରାଟି ଲୁଚେଇ ଲୁଚେଇ ଚାହିଁଲା ପୃଥିବୀକୁ ।

ମିଶାର ମନଟା ଜମାରୁ ଥୟ ହେଉନଥାଏ । ତା'କୁ ଲାଗୁଥାଏ ମା ଯେମିତି ଜାଣି ଶୁଣି ଡେରି କରୁଛନ୍ତି । ଦୁଧ ଦୁହିଁବା ଆଉ ଛାଣିବାକୁ ଏତେ କ'ଣ ସମୟ ଲାଗେ ! ଭଣ୍ଡାର ଘରୁ ବାହାରୁ ବାହାରୁ ତାଙ୍କୁ ଘଣ୍ଟାଏ ଲାଗି ଯାଉଛି ! ମିଶାର କିନ୍ତୁ କରିବାର କିଛି ଗରା ନଥାଏ । ସେ ଖାଲି ଛାଟି ପିଟି ହେଲା ପରି ଟହଲ ମାରୁଥାଏ ଏପାଖ ସେପାଖ ।

"ମା , ଖାଇବାକୁ ଦବୁନି , ନା କ'ଣ ?"

"ଭୋକ ହେଲାଣି କି ରେ ? ରହ , ମୁଁ ନେଇକି ଯାଉଛି !"

ମିଶା କିନ୍ତୁ ଲାଗି ରହିଥାଏ ତାଙ୍କ ପଛେ ପଛେ । ସେ ଯୁଆଡ଼କୁ ଗଲେ ମିଶା ତାଙ୍କ ପିଛା ଧରିଥାଏ – ଭଣ୍ଡାର ଘରଠାରୁ ରୋଷେଇ ଘର ପର୍ଯ୍ୟନ୍ତ ଜୋକ ପରି ଲାଗି ରହିଥାଏ , କାନିକୁ ଧରି ଓହଳି ପଡ଼ୁଥାଏ ।



"ମା-ଆ , ଖା-ଇ-ବାକୁ ଦି-ଏ !.."

"କହିଲି ତ ଦଉଛି , ଉଠୁ ସେ ବାଟକୁ ... ପେଟରେ ଯଦି ନିଆଁ ଲାଗିଛି , ଯା ରୁଟି ଖଣ୍ଡେ ଆଣି ଖା !"

ମିଶା କ'ଣ ଚୁପ୍ ହେବା ପିଲା । ପୁଣି ସେହି ପରି ସେ ଲାଗି ରହିଥାଏ । ମା ଦିକ୍ ହୋଇ ଗାଲରେ ଚାପୁଡ଼ାଟାଏ ବସାଇ ଦେଲେ , କିନ୍ତୁ କିଛି ଫଳ ହେଲା ନାହିଁ ।

ଟେବୁଲକୁ ଖାଇବା ଜିନିଷ ଆସିବା ସାଙ୍ଗେ ସାଙ୍ଗେ ମିଶା ତରବରରେ ତା' କାମରେ ଲାଗି ପଡ଼ିଲା । ଗବ ଗାବ କରି ଦିଗୁଣ୍ଡାରେ ଖାଇବା ଶେଷ କରି ପଶି ଗଲା ଶୋଇବା ଘରକୁ । ପାଇଜାମାଟାକୁ ଖୋଲି ଫିଙ୍ଗି ଦେଲା ସିନ୍ଦୁକ ଉପରକୁ । ଫଟ୍‌କିନା ବିଛଣା ଉପରକୁ ଉଠି ଯାଇ ମାଙ୍କ ରେଜେଇଟାକୁ ଘୋଡ଼ି ହୋଇ ପଡ଼ିଲା । ରେଜେଇଟିକୁ ମା ଟୁକୁରା ଟୁକୁରା ରଙ୍ଗରଙ୍ଗିଆ କନା ପକାଇ ତିଆରି କରିଥିଲେ । ବିଛଣାରେ ଶୋଇ ରହି ମିଶା ଚାହିଁ ରହିଲା ବାପା କେତେବେଳେ ଆସିବେ , ତାକୁ ଯୁଦ୍ଧ ଗପ କହିବେ ।

ଜେଜେ ଠାକୁରଙ୍କ ଆଗରେ ଆଣ୍ଠୁ ମାଡ଼ି ଗୁଣୁଗୁଣୁ ହୋଇ ପ୍ରାର୍ଥନା କରୁଥାନ୍ତି । ମିଶା ମୁଣ୍ଡ ଟେକି ଜେଜେଙ୍କୁ ଚାହିଁଲା । ଜେଜେ ବଡ଼ କଷ୍ଟରେ ପିଠି ନୁଆଇଁ , ବାଁ ହାତ ଭରା ଦେଇ ତଳେ ମୁଣ୍ଡିଆଟିଏ ମାରିଲା ବେଳକୁ ମିଶା କହୁଣିରେ ଠକ୍ କରି ପିଟି ଦେଲା କାନ୍ଥକୁ !..

ଜେଜେ ପୁଣି ଥରେ ଗୁଣୁଗୁଣୁ ହୋଇ ଭୂଇଁରେ ଠକ୍‌କିନା ମୁଣ୍ଡିଆଟିଏ ମାରିଲେ । ମିଶା ବି ପୁଣି କାନ୍ଥକୁ ଠକ୍‌କିନା ଆବାଜ କରି ଦେଲା । ଜେଜେ ଚିଡ଼ି ଉଠିଲେ :

"ତୋତେ ଦେଉଛି ରହ ବଦ୍‌ମାସ । ହେ ଭଗବାନ କ୍ଷମା କର ! ପୁଣି ଯଦି ସେମିତି କରିବୁ , ତୋ ଆଦତ୍ ଏକେବାରେ ଛଡ଼ାଇ ଦେବି , କହୁଛି !"

ଆଉ ଟିକେ ଡେରି ହୋଇଥିଲେ ଜେଜେ ନାତିଙ୍କ ମଧ୍ୟରେ ଖଣ୍ଡ ଯୁଦ୍ଧ ଲାଗି ଯାଇଥାନ୍ତା । ବାପା ହଠାତ୍ ଘର ଭିତରକୁ ପଶି ଆସିଲେ ।

"ତୁ ସେଠି କ'ଣ କରୁଛୁ ମିଶା ?" ବାପା ପଚାରିଲେ ।

"ମୁଁ ପରା ମାଙ୍କ ପାଖରେ ସବୁ ଦିନେ ଶୁଏଁ !"

ବାପା ଚୁପ୍‌କିନା ଶେଜରେ ବସି ପଡ଼ି ନିଶ ଆଉଁଷିଲେ । କିଛି କ୍ଷଣ ପରେ ଗହୀରିଆ ନିଶ୍ୱାସଟାଏ ମାରି କହିଲେ :

"ମୁଁ ତୋ ବିଛଣା ଜେଜେଙ୍କ ପାଖରେ କରି ଦେଇ ଆସିଛି ..."

"ନା , ମୁଁ ଜେଜେଙ୍କ ପାଖରେ ଶୋଇବି ନାହିଁ ।"

"ଜାହିଁକି ?.."

"ତାଙ୍କ ନିଶରୁ ପିଙ୍କା ଗନ୍ଧ ବାହାରୁଛି !"

ବାପା ପୁଣି ଦୀର୍ଘଶ୍ୱାସଟାଏ ପକାଇ ନିଜ ନିଶରେ ହାତ ମାରିଲେ ।

"ନାଇଁ ପୁଅ , ତୁ ଜେଜେଙ୍କ ପାଖରେ ଶୋଇ ପଡ଼ିବୁ ଯା ..."

ମିଶା ରେଜେଇରେ ମୁଣ୍ଡକୁ ଢାଙ୍କି ମିଟିମିଟି କରି ଗ୍ୱହିଁ ଅଭିଯୋଗ କଲା :

"କାଲି ପରା ତମେ ମୋ ଜାଗାରେ ଶୋଇଥିଲ ; ଆଜି ପୁଣି ଶୋଇବାକୁ ଗ୍ୱହୁଁଛ ... ନିଜେ ଯାଇ ଜେଜେଙ୍କ ପାଖରେ ଶୋଇ ପଡ଼ !"

ଏତକ କହି ମିଶା ଉଠି ବିଛଣାରେ ବସି ପଡ଼ିଲା ଏବଂ ବାପାଙ୍କ ମୁଣ୍ଡକୁ ହାତରେ ଟାଣି ଆଣି କାନରେ ଫୁସ୍ ଫୁସ୍ କରି କହିଲା :

"ବାପା , ତୁମେ ଜେଜେଙ୍କ ପାଖରେ ଶୋଇ ପଡ଼ । ମା ତମ ପାଖରେ ଶୋଇବ ନାହିଁ , ତୁମ ନିଶରୁ ସିଗାରେଟ୍ ଗନ୍ଧ ବାହାରୁଛି !"

"ଆଚ୍ଛା , ଭଲ କଥା , ମୁଁ ଯାଉଛି ଜେଜେଙ୍କ ପାଖରେ ଶୋଇ ପଡ଼ିବି । କିନ୍ତୁ ଆଉ ଯୁଦ୍ଧ ଗପ କହିବି ନାହିଁ ।"

ବାପା ଉଠି ପଡ଼ି ଜେଜେଙ୍କ ଘରକୁ ଗ୍ୱଲିଲେ ।

"ବାପା !"

"ପୁଣି କ'ଣ ହେଲା ?"

"ନାଇଁ , ଏଇଠି ଶୋଇ ପଡ଼ ..." ଦୀର୍ଘଶ୍ୱାସ ପକାଇ ମିଶା ଉଠି ପଡ଼ିଲା , "ମୋତେ ଯୁଦ୍ଧ ଗପ କହିବ ତ ?"

"ହଁ , କହିବି ।"

ମିଶା ପାଇଁ ଗୋଟିଏ ପାଖକୁ ଜାଗା ରଖି ଜେଜେ ବିଛଣାରେ ଶୋଇ ପଡ଼ିଲେ । ଟିକକ ପରେ ବାପା ଆସିଲେ ଘର ଭିତରକୁ । ବେଶ୍ କ୍ଷଣେ ବିଛଣା ପାଖକୁ ଟାଣି ଆଣି ବସିଲେ ଏବଂ ତାଙ୍କ ସେଇ କଡ଼ା ସିଗାରେଟ୍‌ରୁ ଗୋଟିଏ ଧରାଇଲେ ।



"କଥାଟା ହେଉଛି ... ଆମ ଢିଙ୍କିଶାଳ ପାଖକୁ ଲଗି ଦୋକାନୀର ଯେଉଁ ଜମି ଥିଲା , ତୋର ମନେ ଅଛି ?.."

ବାପାଙ୍କ କଥା ଶୁଣି ମିଶା ମନେ ପକାଇଲା । ହଁ ତ , ଢିଙ୍କିଶାଳ ପାଖ ସେ ଗହମ କିଆରୀର ଧାଡ଼ି ଧାଡ଼ିକିଆ ଉଚ୍ଚ ଗହମ ଗଛ ଭିତରେ ସେ କେତେ ଦୌଡ଼ୁଥିଲା । ଗହମର ମିଠା ବାସନାରେ ପୁରି ଉଠୁଥିଲା ନାକ ତା'ର । ଢିଙ୍କିଶାଳର ପଥର ପାଚିରୀ ଉପରକୁ ଉଠି ଯାଇ ଗହମ କିଆରୀକୁ ସେ ଝପାଟାଏ ମାରି ଦିଏ । ଗହମ ଗଛସବୁ ଥିଲା ମିଶାଠାରୁ ଆଉରି ଉଚ୍ଚ ଉଚ୍ଚ । ମିଶା ତା ଭିତରେ କୁଆଡ଼େ ଲୁଚି ଯାଉଥିଲା ଏବଂ ମୋଟା ମୋଟା କଳା ଗହମ କେଣ୍ଡାସବୁ ତା ଗାଲରେ ବାଜି ସଲସଲ ଲାଗୁଥିଲା । ଗହମ କ୍ଷେତର ଧୂଳି ମାଟିର ବାସନା ସାଙ୍ଗକୁ , କ୍ଷେପୀ ପବନରେ ବାସନ୍ତି ଫୁଲର ଗ୍ୱେରା ମହକ ସେ ଅନୁଭବ କରୁଥିଲା କେତେ । ମା ତେଣେ ଆକଟ କରି ଡାକ ପକାଉଥିଲେ :

"ମିଶା , ଗହମ କିଆରୀର ବେଶି ଭିତରକୁ ଯାଆ ନା । ଆସିବାକୁ ବାଟ ପାଇବୁ ନାହିଁ !.."

ବାପା ଟିକେ ଚୁପ୍ ରହି ଯାଇ ମିଶାର ମୁଣ୍ଡକୁ ଆଉଁଷି ଆଉଁଷି ପୁଣି କହିଲେ :

"ତୋର ଖିଆଲ ଅଛି ସେ ପାହାଡ଼ ମୁଣ୍ଡିଆଟା କଥା , ଯେଉଁଠିକି ମୋ ସାଙ୍ଗରେ ଥରେ ଯାଇଥିଲୁ ? ସେଠି ଆମର ଗହମ କିଆରୀଟାଏ ଥିଲା ..."

ମିଶାର ସେ କଥାଟା ବି ଖିଆଲ ଥିଲା : ସେହି ବାଲି ପାହାଡ଼ ମୁଣ୍ଡିଆ ତଳେ ରାସ୍ତା ପାଖକୁ ଲଗି ତାଙ୍କର ଥିଲା ସରୁ ପଟିଟିଏ । ସେ ବାପାଙ୍କ ସାଙ୍ଗରେ ଯେଉଁ ଦିନ ସେଠିକି ଯାଇଥିଲା , ସେ ଦିନ କାହାର ଗୋରୁ ଗାଈ ପଶି ପଟିଟିକୁ ଦଳି ଚକଟି ଦେଇଥିଲେ । କିଆରୀର ଏଣେତେଣେ ଗହମ କେଣ୍ଡାସବୁ ଛିଡ଼ିକି ପଡ଼ିଥାଏ । ଥୁଣ୍ଟା ଗହମ ଗଛଗୁଡ଼ାକ ଖାଲି ହଲୁଥାଏ ପବନରେ । ମିଶାର ଆଉ ମନେ ପଡ଼ିଗଲା , ଏସବୁ ଦେଖି ବାପାଙ୍କର ଲମ୍ବା ଚଉଡ଼ା ବଳୁଆ ଚେହେରାଟା କେମିତି ଭୟଙ୍କର ହୋଇ ଉଠିଥିଲା । କିପରି ତାଙ୍କର ସେହି ଧୂଳି ମାଟି ଲାଗିଥିବା ଗାଲ ଦୁଇଟି ଦେଇ ଗଡ଼ି ଆସିଥିଲା ଦୁଇ ଧାର ଲୁହ । ବାପାଙ୍କ ଆଖିରେ ଲୁହ ଦେଖି ମିଶା ବି କାନ୍ଦି ପକାଇଥିଲା ...

ଫେରିଲା ବାଟରେ କ୍ଷେତ ଜଗୁଆଳକୁ ଦେଖି ବାପା ପଚାରିଥିଲେ :

"ଫେଦୋତ୍, ମୋ ଗହମ କିଆରୀକୁ କିଏ ଏମିତି କରିଛି, ତୁ ଜାଣିଛୁ ?"

ଫେଦୋତ୍ ଥୁକରି ଛେପ ମେଞ୍ଚାଏ ତଳକୁ ଫିଙ୍ଗି ଦେଇ କହିଥିଲା :

"ଗାଁ ଦୋକାନୀ ହାଟକୁ ଗୋରୁ ନେଇ ଯାଇଥିଲା । ଇଚ୍ଛା କରି ସେ ତମ କିଆରୀରେ ଛାଡ଼ି ଦେଇଥିଲା ତା' ଗୋରୁଗୁଡ଼ାଙ୍କୁ..."

...ବାପା ବେଞ୍ଚଟାକୁ ଆଉରି ଟିକେ ପାଖକୁ ଘୁଞ୍ଚାଇ ଆଣି ପୁଣି ଆରମ୍ଭ କଲେ :

"ଦୋକାନୀ ଆଉ ଅନ୍ୟାନ୍ୟ ଧନୀ ଲୋକମାନେ ସବୁ ଜମିକୁ ହାତରେ ରଖିଥିଲେ । ଗରିବଙ୍କ ଭାଗ୍ୟରେ ଗୁଣ୍ଡେ ବିଶ୍ୱେ ବି ନଥିଲା । ଖାଲି ଆମ ଗାଁ କଥା ନୁହଁ, ସବୁଠି ଅବସ୍ଥା ଥିଲା ଏହି ଭଳି । ତେଣୁ ସେମାନେ ସେତେବେଳେ ଆମକୁ ଦବେଇ କି ରଖିଥିଲେ, ନାନା ଅନ୍ୟାୟ ଅତ୍ୟାଚାର କରୁଥିଲେ... ବଞ୍ଚିବା ବଡ଼ କଷ୍ଟକର ହୋଇ ପଡ଼ିଥିଲା । ଉପାୟ ନପାଇ ପେଟ ବିକଳରେ ଶେଷକୁ ଗାଁ ଲୋକଙ୍କ ଗାଈ ଚରେଇଲି । ଏମିତି କେତେ ବର୍ଷ ଗଲା ପରେ ମୋତେ ଲଢ଼େଇକୁ ଡକାଗଲା । ସେଠି ବି କେଉଁ ଅବସ୍ଥା ଭଲ – ମହରଗରୁ ଯାଇଁ କାନ୍ତାରରେ ପଡ଼ିବା କଥା ! ସାମାନ୍ୟ ଟିକେ ଭୁଲ ଭଟକା ପାଇଁ ଅଫିସରମାନେ ନିର୍ଘୃମ ମାଡ଼ ଦେଉଥିଲେ... ଏହି ସମୟରେ ବାହାରିଲେ ବଲ୍‌ଶେଭିକ୍‌ମାନେ । ତାଙ୍କର ସବୁଠୁଁ ବଡ଼ ନେତାଙ୍କ ନାଁ ଥିଲା ଲେନିନ୍ । ଦେଖିବାକୁ ଖୁବ୍ ସାଦା ସିଧା, କିନ୍ତୁ ମୁଣ୍ଡରେ ତାଙ୍କର ବହୁତ ବୁଦ୍ଧି ଥିଲା । ଆମରି ଭଳି ଚାଷୀ ଘରର ପୁଅ ସେ ଥିଲେ । ବଲ୍‌ଶେଭିକ୍‌ମାନେ ଆମକୁ ଏମିତି କଥାସବୁ କହିଲେ ଯେ ଆମେ ଅବାକ୍ ହୋଇଗଲୁ । ସେମାନେ କହିଲେ, 'ଚାଷୀ ମଜୁରିଆମାନେ, ଚୁପ୍ ହୋଇ କ'ଣ ଦେଖୁଛ ?.. ମେଳ ବାନ୍ଧ, ଏକଜୁଟ୍ ହୁଅ, ଜମିଦାର ଆଉ ଅଫିସରଙ୍କୁ ସାଫ୍ କରି ଦିଅ ! ସବୁ କିଛି ତୁମମାନଙ୍କର, ତୁମେମାନେ ହିଁ ମାଲିକ !..' "

"ସେମାନଙ୍କର ଏସବୁ କଥା ଶୁଣି ମୁଣ୍ଡ ଆମର ଘୂରେଇ ଗଲା । ଅନେକ ଭାବି ଚିନ୍ତି ଦେଖିଲୁ, ସେମାନେ ଯାହା କହୁଛନ୍ତି, ସବୁ ଠିକ୍ ।



ତା'ପରେ ଆମେ ଜମିଦାରମାନଙ୍କ ହାତରୁ ଜାଗା ଜମି କାଢ଼ି ନେଲୁ । କିନ୍ତୁ ସେମାନେ ଏସବୁକୁ ଭଲ ଆଖିରେ ଦେଖି ନଥିଲେ, ପାଗଳା କୁକୁର ପରି ଆମ ଉପରକୁ – ଆମ ଚାଷୀ ଆଉ ମଜୁରିଆଙ୍କ ଉପରକୁ ଝାମ୍ପି ପଡ଼ିଲେ । ଆମ ସହିତ ଲଢ଼େଇ ଆରମ୍ଭ କରି ଦେଲେ ... ବୁଝିଲୁ ପୁଅ ?"

"କିନ୍ତୁ ବଲ୍‌ଶେଭିକ୍‌ମାନଙ୍କର ସେଇ ବଡ଼ ନେତା ଲେନିନ୍ ଲୋକମାନଙ୍କୁ ଏକାଠି କରି ମତେଇ ଦେଲେ । ଲଙ୍ଗଳ ମୁନରେ ତଳ ମାଟି ଉପରକୁ ଉଠି ଆସିଲା ପରି ଲୋକଙ୍କୁ ଉପରକୁ ଉଠାଇଲେ । ଶ୍ରମିକ ଆଉ ସୈନ୍ୟମାନେ ତାଙ୍କ କଥାରେ ଏକଜୁଟ୍ ହେଲେ ଏବଂ ମାଲିକମାନଙ୍କ ବିରୁଦ୍ଧରେ ଲଢ଼ିଲେ । ସେମାନଙ୍କ ବହପ ଚାଲି ଗଲା ! ଆମ ସୈନିକ ଆଉ ଶ୍ରମିକମାନଙ୍କୁ ଲାଲ ଫୌଜ ବୋଲି କହୁଥିଲେ । ମୁଁ ଥିଲି ସେମାନଙ୍କ ମଧ୍ୟରୁ ଜଣେ । ଆମେ ସମସ୍ତେ ଗୋଟିଏ ବଡ଼ କୋଠା ଭିତରେ ରହୁଥିଲୁ । ତା' ନାଁ ଥିଲା ସ୍ମୋଲ୍‌ନି । ସେଥିରେ ଲମ୍ବା ଲମ୍ବା ଦଲାଣ ଆଉ ଘର ଏତେ ଥିଲା ଯେ ଲୋକ ବାଟ ବଣା ହୋଇ ଯାଉଥିଲେ ।

"ଦିନେ ସେଇ କୋଠାର ସାମନା ଦରିଜାରେ ପହରା ଦେଉଥିଲି ମୁଁ । ବାହାରେ ଖୁବ୍ ହେମାଳ ଲାଗୁଥାଏ ଏବଂ ଦେହରେ ମୋର କେବଳ ଥାଏ ଫୌଜି କୋଟ୍ ଖଣ୍ଡକ । କୋହଲା ପବନଟା ସିଧା ମୁହଁକୁ ମୋର ପିଟୁଥାଏ ... ଏହି ସମୟରେ ଦୁଇ ଜଣ ଲୋକ ବାହାରକୁ ବାହାରିଲେ । ମୋ ପାଖ ଦେଇ ଆଗେଇ ଆସିଲା ବେଳେ ମୁଁ ଦେଖିଲି ଦିଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଲେନିନ୍ । ସେ ମୋ ପାଖକୁ ଲାଗି ଆସି ଆଦରରେ ପଚାରିଲେ :

"କମ୍ରେଡ୍, ତୁମକୁ ଥଣ୍ଡା ଲାଗୁ ନି ?"

ମୁଁ ଉତ୍ତର ଦେଲି :

"ନା, କମ୍ରେଡ୍ ଲେନିନ୍ ! ଖାଲି ଥଣ୍ଡା ନୁହଁ, କୌଣସି ଦୁଶମନ୍‌କୁ ବି ମୋର ଖାତିର ନାହିଁ ! ବୁର୍ଜୁଆମାନଙ୍କୁ ଫେରେଇ ଦବା ପାଇଁ ଆମେ ସେମାନଙ୍କଠୁ କ୍ଷମତା କାଢ଼ି ଆଣିନୁ !.."

"ଲେନିନ୍ ହସି ଦେଇ ମୋ ସହିତ ଜୋରରେ ହାତ ମିଳାଇଲେ । ତା' ପରେ ଧୀରେ ଧୀରେ ସେ ଚାଲି ଯାଇଥିଲେ ଫାଟକ ଆଡ଼କୁ ।"

ବାପା କିଛି ସମୟ ଚୁପ୍ ମାରି ଯାଇ ପକେଟ୍‌ରୁ ତମାଖୁ ଆଉ କାଗଜ ଖଣ୍ଡେ ବାହାର କଲେ । କାଗଜରେ ସିଗାରେଟ୍ ଖଣ୍ଡେ ଦଳି ନିଆଁ ଧରାଇଲା ବେଳେ ମିଶା ବାପାଙ୍କ ନାଲି ଆଉ ହୁଗୁଡ଼ା ନିଶ ଉପରେ ଦେଖିଲା ଲୁହ ବିନ୍ଦୁ କେଇଟି ଚିକ୍ ଚିକ୍ କରୁଛି, ବିଛୁଆତି ପତର ଉପରେ ସକାଳର କାକର ବିନ୍ଦୁ ପରି ।

"ହଁ ଲେନିନ୍ ଥିଲେ ଏହି ପରି ! ସମସ୍ତଙ୍କ ପାଇଁ ଚିନ୍ତା କରୁଥିଲେ । ପ୍ରତ୍ୟେକ ସୈନିକଙ୍କ ପାଇଁ ହୃଦୟରେ ତାଙ୍କର ଦରଦ ପୂରି ରହିଥିଲା ... ତା' ପରେ ବି ମୁଁ ତାଙ୍କୁ ଅନେକ ଥର ଭେଟିଛି । ସେ ଗଲା ବେଳେ ଦୂରରୁ ଦେଖି ହସି ହସି କହୁଥିଲେ :

"ତା ହେଲେ ବୁର୍ଜୁଆମାନେ ଆମକୁ ପାରିବେ ନାହିଁ, ନା ?"

"ସେମାନଙ୍କର ସେ ତାକତ ନାହିଁ, କମ୍ରେଡ୍ ଲେନିନ୍ !" ମୁଁ ତାଙ୍କୁ ଏହି ଜବାବ ଦେଉଥିଲି ।

"ସେ ଯା କହୁଥିଲେ ଠିକ୍ ସେଇଆ ହେଲା, ପୁଅ ! ରକ୍ତଶୋଷା ଜମିମାଲିକ ଆଉ ଧନୀମାନଙ୍କଠାରୁ ଆମେ ଜମି, କଳକାରଖାନା ଦଖଲ କରି ନେଲୁ । ତା 'ପରେ ସେମାନଙ୍କ କମର ଭାଙ୍ଗି ପଡ଼ିଲା !.. ତୁ ବଡ଼ ହେଲେ ଭୁଲିବୁ ନାହିଁ—ତୋ ବାପ ଥିଲା ଜଣେ ଜାହାଜୀ ଆଉ କମ୍ୟୁନ୍ ପାଇଁ ଚାରି ବର୍ଷ କାଳ ବୁକୁର ରକ୍ତ ଦେଇ ଲଢ଼ିଥିଲା । ଦିନ ଆସିବ ମୁଁ ବି ଏ ଦୁନିଆରୁ ଚାଲି ଯିବି, ଲେନିନ୍ ବି ଚାଲି ଯିବେ, କିନ୍ତୁ ଆମ କାମ ସବୁ ଦିନ ପାଇଁ ରହିବ !.. ତୁ ବଡ଼ ହୋଇ ଗଲେ, ତୋ ବାପ ପରି ସୋଭିଏତ୍ ରାଜ ପାଇଁ ଲଢ଼େଇ କରିବୁ, କରିବୁଟି ?"

"ନିଶ୍ଚୟ ଲଢ଼ିବି !" ମିଶା ବଡ଼ ପାଟିରେ କହିଲା । ବିଛଣା ଉପରେ ଛିଡ଼ା ହୋଇ ପଡ଼ି ବାପାଙ୍କ ଗଳାରେ ଲଟକି ଗଲା ଏକେବାରେ । ତା ପାଖରେ ଜେଜେ ଶୋଇଛନ୍ତି ବୋଲି ତା'ର ହୋସ୍ ବି ନଥିଲା । ବିହ୍ୱଳ ହୋଇ ନାଚି ଉଠିଲା ବେଳେ ଜେଜେଙ୍କ ପେଟରେ ଯାଇ ବାଜିଲା ତା ଗୋଡ଼ଟା । ଜେଜେ ଫଟ୍‌କିନା ଚିହିଁକି ଉଠିଲେ । ମିଶାର ଆଗ ବାଳ କେରାକୁ ଧରିବା ପାଇଁ ବୁଢ଼ାଙ୍କ ହାତଟା ଆଗେଇ ଆସୁଥିଲା । ଏତିକି ବେଳେ ବାପା ହଠାତ୍ ମିଶାକୁ ହାତରେ ଉଠାଇ ନେଇ ଆର ଘରକୁ ଚାଲି ଗଲେ ।



ମିଶା ବାପାଙ୍କ କୋଡ଼ରେ ଘୁମେଇ ପଡ଼ିଲା । ଶୋଇବା ଆଗରୁ ସେ ଭାବୁଥିଲା ସେହି ଅସାଧାରଣ ମଣିଷ—ଲେନିନ୍‌ଙ୍କ କଥା, ବଲ୍‌ଶେଭିକ୍‌ଙ୍କ କଥା, ଯୁଦ୍ଧ ଆଉ ବଡ଼ ବଡ଼ ଜାହାଜ କଥା । ଢୋଳ ଆସିଲା ବେଳେ ସେ ଶୁଣୁଥିଲା ଫୁସ୍ ଫୁସ୍ କଥା ଆଉ ନାକରେ ବାରି ପାରୁଥିଲା ଝାଳ ଆଉ ସିଗାରେଟ୍‌ର ଗନ୍ଧ । ତା'ପରେ ମିଶାର ଆଖି ପତା ଦୁଇଟି ବୁଜି ହୋଇ ଗଲା, ମନେ ହେଲା କିଏ ଯେମିତି ସେଗୁଡ଼ିକ ଉପରେ ହାତ ଦେଇ ବନ୍ଦ କରି ଦେଉଛି ।

ମିଶା ଆଖିରେ ନିଦ ଆସି ଗଲା ପରେ ଗୋଟାଏ ବଡ଼ ସହର ତା' ଆଗରେ ଭାସି ଉଠିଲା । ଚଉଡ଼ା ଚଉଡ଼ା ରାସ୍ତା, ପାଉଁଶ ରଙ୍ଗ ଉପରେ କୁକୁଡ଼ାଛୁଆଗୁଡ଼ାକ ଗୋଳେଇ ପୋଳେଇ ହେଉଛନ୍ତି । ଗାଁରେ କୁକୁଡ଼ା ଆଉ ମୁରୁଗୀ ତ ଏମିତି ଅନେକ, କିନ୍ତୁ ସହରରେ ସେମାନଙ୍କ ସଂଖ୍ୟା ଆଉରି ଅନେକ ବେଶି । ତା'ଛଡ଼ା ସହରର ଘରଗୁଡ଼ାକ ବାପା ଯେମିତି କହୁଥିଲେ ଠିକ୍ ସେଇ ଭଳି । ଗୋଟାଏ ବିରାଟ ପକା ଘର, ନୂଆ କରି ଟାଇଲରେ ଛିଆ ହୋଇଛି । ସେ ଘରର ଚିମିନି ଉପରେ ଛିଡ଼ା ହୋଇଛି ଆଉ ଗୋଟେ ଘର, ତା ଉପରେ ପୁଣି ଆଉ ଗୋଟେ ଘର ଏବଂ ସବା ଉପରେ ଥିବା ଘରଟିର ଚିମିନି ଏକେବାରେ ଆକାଶକୁ ଲାଗିଛି ।

ମିଶା ସେ ସହରର ରାସ୍ତାରେ—ମୁହଁ ଉପରକୁ କରି, ଏଣିକି ତେଣିକି ଚାହିଁ ଚାହିଁ ଯାଉଥାଏ । ହଠାତ୍ ଜଣେ ଲମ୍ବା ଚଉଡ଼ା ଲୋକ ଆସି ତା ଆଗରେ ଛିଡ଼ା ହୋଇ ଗଲେ । ଦେହରେ ତାଙ୍କର ନାଲି କମିଜ୍‌ଟିଏ ।

"କିରେ ମିଶା, କାମ ଦାମ ନକରି ସଡ଼କ ଉପରେ ତୁଚ୍ଛାଟାରେ କାହିଁକି ବୁଲୁଛୁ ?" ଲୋକ ଜଣକ ବଡ଼ ଆଦରରେ ପଚାରିଲେ ।

"ଜେଜେ ଖେଳିବା ପାଇଁ ମୋତେ ଛୁଟି ଦେଇଛନ୍ତି ।" ମିଶା ଉତ୍ତର ଦେଲା ।

"ମୁଁ କିଏ ଜାଣିଛୁ ?"

"ନା, ମୁଁ ଜାଣି ନି ..."

"ମୁଁ ପରା କମ୍ରେଡ୍ ଲେନିନ୍ !.."

ମିଶା ଏତେ ଡରି ଗଲା ଯେ ତା ଗୋଡ଼ ଦି'ଟା ଥରିବାକୁ ଲାଗିଲା । ମିଶାର ମନ ହେଉଥିଲା ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ଦୌଡ଼ି କି ସେ ପଳାଇବ । କିନ୍ତୁ ନାଲି କମିଜ୍ ପିନ୍ଧା ଲୋକ ଜଣକ ତା ବାଆଁ ହାତକୁ ଧରି ପକାଇ କହିଲେ :

"ଆରେ ମିଶା, ତୋର ଲାଜ ସରମ ବୋଲି କଡ଼ାକରେ ନାହିଁ! ତୁ ତ ଭଲ କରି ଜାଣୁ, ମୁଁ ଗରିବ ଲୋକଙ୍କ ପାଇଁ ଲଢ଼ୁଛି । ମୋ ଫୌଜରେ ତୁ ଯୋଗ ଦେଉ ନାହୁଁ କାହିଁକି ?.."

"ଜେଜେ ମୋତେ ଛାଡ଼ୁ ନାହାନ୍ତି ପରା !" ମିଶା ଉତ୍ତର ଦେଲା ।

"ହେଉ ତୋ ଖୁସି କଥା, କିନ୍ତୁ ତୋ ବିନା ମୋ କାମ ଚଳୁ ନି! ମୁଁ ଚାହୁଁଛି ତୁ ଆସି ମୋ ଫୌଜରେ ଯୋଗ ଦିଏ !.." କମ୍ରେଡ୍ ଲେନିନ୍ କହିଲେ ।

ମିଶା ଲେନିନ୍‌ଙ୍କ ହାତକୁ ଧରି ପକାଇ ଜୋରରେ କହିଲା :

"ଆଚ୍ଛା, ଠିକ୍ ଅଛି । ଜେଜେଙ୍କ ପଚାରିବାର ଦରକାର ନାହିଁ । ମୁଁ ଆପଣଙ୍କ ଫୌଜରେ ଯୋଗ ଦେବି ଆଉ ଗରିବ ଲୋକଙ୍କ ପାଇଁ ଲଢ଼ିବି । କିନ୍ତୁ ଗୋଟିଏ କଥା, ଜେଜେ ଯଦି ମୋତେ ପିଟିବାକୁ ଆସିବେ, ଆପଣ ମୋ ପାଇଁ ଛିଡ଼ା ହେବେ ତ !.."

"ନିଶ୍ଚୟ ତୋ ପାଇଁ ଛିଡ଼ା ହେବି ।" ଏତକ କହି ଲେନିନ୍ ସଡ଼କ ଦେଇ ଚାଲି ଗଲେ । ମିଶା ଏତେ ଖୁସି ହୋଇ ଯାଇଥିଲା ଯେ ନିଶ୍ୱାସ ମାରି ପାରୁ ନଥିଲା । ତା ଇଚ୍ଛା ହେଉଥିଲା ଚିତ୍କାର କରି କିଛି କହିବ, କିନ୍ତୁ ଜିଭଟା ତା'ର ଶୁଖି ଗଲା, ଲେଉଟିଲା ନାହିଁ ...

ମିଶା ବିଛଣାରେ ଗୋଡ଼ ହାତ ଛିଆଡ଼ିବାକୁ ଲାଗିଲା । ଜେଜେଙ୍କ ଉପରେ ଗୋଡ଼ ବାଜି ଗଲା କ୍ଷଣି ନିଦଟା ତା'ର ଭାଙ୍ଗି ଗଲା ଫଟ୍‌କିନା ।

ଜେଜେ ନିଦରେ ବିଳିବିଳେଇ ହୋଇ ପାଟି ପାକୁ ପାକୁ କରୁଥାନ୍ତି । ଝରକା ବାଟେ ଘର ଭିତରକୁ ପଶି ଆସୁଥାଏ ସକାଳ ଆଲୁଅର ସୁଅ । ପୋଖରୀ ସେ ପାଖର ମହଳ ନୀଳ ଆକାଶରେ ଗୋଲାପୀ ମେଘର ଫେଣଫେଣିଆ ଢେଉସବୁ ପୂର୍ବ ଦିଗରୁ ଭାସି ଯାଉଥାଏ ।

* * *

ଏଣିକି ପ୍ରତିଦିନ ସଞ୍ଜ ବେଳେ ବାପା ମିଶାକୁ ଯୁଦ୍ଧ ଆଉ ଲେନିନ୍‌ଙ୍କ ଗପ କହନ୍ତି । ଯେଉଁସବୁ ଦେଶକୁ ଯାଇଛନ୍ତି ସେସବୁ କଥା ବି କହନ୍ତି ।

ସେଦିନ ଥିଲା ଶନିବାର । ସଞ୍ଜ ବେଳେ ଗାଁ ସୋଭିଏତ୍‌ର ଚୌକିଦାର ଜଣେ ଅଚିହ୍ନା ଲୋକକୁ ଧରି ମିଶାଙ୍କ ଘରେ ଆସି ପହଞ୍ଚିଲା । ଲୋକ ଜଣକ ଥିଲେ ଗେଡ଼ା, ଦେହରେ ପିନ୍ଧିଥିଲେ ଲମ୍ବା ଫୌଜି କୋଟ୍ । ହାତରେ ତାଙ୍କର ଥିଲା ଚମଡ଼ା ବ୍ୟାଗ୍‌ଟିଏ । ଚୌକିଦାର ଜେଜେଙ୍କୁ ଡାକି କହିଲା :

"ମୁଁ ଆପଣଙ୍କ ଘରକୁ ଜଣେ ସୋଭିଏତ୍ କର୍ମଚାରୀଙ୍କୁ ନେଇ ଆସିଛି । ସେ ସହରରୁ ଆସିଛନ୍ତି । ଆଜି ରାତିକ ସେ ଆପଣଙ୍କ ଘରେ ରହିବେ । ତାଙ୍କ ଖାଇବା ପିଇବାର ବନ୍ଦୋବସ୍ତ କରି ଦେବେ, ଜେଜେ ।"

"ହଉ ସେସବୁ ଆମେ କରି ଦେବୁ", ଜେଜେ କହିଲେ । "ଆଚ୍ଛା, କମ୍ରେଡ୍ ଆପଣଙ୍କ ପରିଚୟ ପତ୍ର କାହିଁ ?"

ଜେଜେଙ୍କ ବୁଦ୍ଧି ଦେଖି ମିଶା ଅବାକ୍ ହୋଇ ଗଲା । ଗାଲରେ ଆଙ୍ଗୁଳି ଦେଇ ସବୁ କଥା ଶୁଣିଲା ସେ ।

"ପରିଚୟ ପତ୍ର ଆଦିସବୁ ଅଛି !" ଚମଡ଼ା ବ୍ୟାଗ୍‌ଟି ଧରି ହସି ହସିକା ଲୋକ ଜଣଙ୍କ ଘରକୁ ପଶି ଗଲେ ।

ଜେଜେ ଅଚିହ୍ନା ଲୋକଟି ପଛରେ ଚାଲିଲେ ଏବଂ ମିଶା ତାଙ୍କ ପଛେ ପଛେ ଚାଲିଲା ।

"ଆପଣ କି କାମରେ ଗାଁକୁ ଆସିଛନ୍ତି ?" ଜେଜେ ଯାଉଁ ଯାଉଁ ପଚାରିଲେ ।

"ମୁଁ ନିର୍ବାଚନ କାମରେ ଆସିଛି । ଗାଁ ସୋଭିଏତ୍‌ର ସଭାପତି ଆଉ ସଦସ୍ୟମାନଙ୍କ ନିର୍ବାଚନ ହେବ ।"

କିଛି ସମୟ ପରେ ବାପା ବି ଆସି ଘରେ ପହଞ୍ଚିଲେ । ଆଗନ୍ତୁକଙ୍କ ସହିତ ହାତ ମିଳାଇ ମାଙ୍କୁ ଖିଆପିଆର ବ୍ୟବସ୍ଥା କରିବାକୁ କହିଲେ । ଖିଆପିଆ ସରି ଗଲା ପରେ ବାପା ଓ ଆଗନ୍ତୁକ ଯାଇ ବସିଲେ

ଟେବୁଲ ଉପରେ । ଚମଡ଼ା ବ୍ୟାଗ୍‌ରୁ କାଗଜ ପୁଳାଟିଏ କାଢ଼ି ବାପାଙ୍କୁ ଦେଖାଇଲେ ଆଗନ୍ତୁକ । ମିଶାର ଆଗ୍ରହ କହିଲେ ନସରେ । ବାପାଙ୍କ ସ୍ୱରି ପଟେ ସେ ନସର ପସର ହେଉଥାଏ, କାଗଜଗୁଡ଼ିକ ଉପରେ ଆଖି ପକାଇବା ପାଇଁ । ବାପା କାଗଜ ଖଣ୍ଡେ ଧରି ମିଶାକୁ ଦେଖାଇ କହିଲେ :

"ଦେଖ ମିଶା, ଏଇ ହେଉଛନ୍ତି ଲେନିନ୍ !"

ମିଶା ବାପାଙ୍କ ହାତରୁ ଫଟୋଟିକୁ ଝାମ୍ପି ନେଲା ପରି ନେଇ ନିରିଖେଇ କି ଚାହିଁଲା । ମୁହଁରେ ତା'ର ଖେଳି ଗଲା ବିସ୍ମୟର ଏକ ଝଲକ । ଫଟୋରେ ଥିବା ଲୋକ ଜଣକ ବେଶି ଉଗ୍ର ନୁହନ୍ତି, ଦେହରେ ତାଙ୍କର ସେ ନାଲି କମିଜ୍ ନାହିଁ—କେବଳ ଖଣ୍ଡେ ସାଧାରଣ କୋଟ୍ । ଗୋଟିଏ ହାତ ତାଙ୍କର ପେଣ୍ଟ ପକେଟ୍‌ରେ, ଆଉ ଗୋଟିଏ ହାତ ସାମ୍ନାକୁ ଉଠି କି ରହିଛି—ସତେ ଯେମିତି ବାଟ ଦେଖାଇ ଦେଉଛି । ମିଶା ଏକ ଧ୍ୟାନରେ ଛବିଟିର ଉପରୁ ତଳ ଯାଏ ଦେଖିବାରେ ଲଗିଥାଏ । ତା'ର ସ୍ମୃତି ପଟରେ ସବୁ ଦିନ ପାଇଁ ଆଙ୍କି ହୋଇ ଯାଉଥାଏ ଲେନିନ୍‌ଙ୍କର ଗୋଟିଏ ଗୋଟିଏ ଚିତ୍ର । ତାଙ୍କର ଧନୁ ଭଳି ବଙ୍କା ଭୃଲ୍ଲ, ଆଖି ଆଉ ଓଠରେ ଫୁଟି ଉଠୁଥିବା ଦରଦର ହସ, ମୁହଁରେ ସବୁ କିଛି ଭାବ ମନରେ ତା'ର ଛାପି ହୋଇ ଗଲା ।

ଆଗନ୍ତୁକ ଜଣକ ମିଶା ହାତରୁ ଫଟୋଟିକୁ ନେଇ ତାଙ୍କ ବ୍ୟାଗ୍‌ରେ ରଖି ଦେଲେ ଏବଂ ଶୋଇବା ପାଇଁ ଘର ଭିତରକୁ ଗଲେ । ପୋଷାକପତ୍ର ଖୋଲି, ଫୌଜି କୋଟ୍‌ଟିକୁ ଢାଙ୍କି ହୋଇ ଶୋଇ ପଡ଼ିଲେ ବିଛଣାରେ । ଆଖି ପତା ଦୁଇଟି ତାଙ୍କର ବୁଜି ହୋଇ ଆସୁଥାଏ, ହଠାତ୍ କବାଟଟା କଟକଟ କରି ଉଠିଲା । ଆଗନ୍ତୁକ ମୁଣ୍ଡ ଟେକି ଚାହିଁଲେ :

"କିଏ ସେ ?"

ଖାଲି ପାଦର ଖସ୍ ଖସ୍ ଶବ୍ଦ ଶୁଭିଲା ।

"କିଏ ସେଠି ?" ଆଗନ୍ତୁକ ପୁଣି ଥରେ ପଚାରିଲେ । ବିଛଣାକୁ ଲଗି ଛିଡ଼ା ହୋଇଥିଲା ମିଶା ।

"କ'ଣ ହୋଇଛି ପୁଅ ?"



ମିଶା ପାଟିରୁ କଥା ଫିଟିଲା ନାହିଁ । ଘଡ଼ିକ ପରେ ମନରେ ସାହସ ବାନ୍ଧି ଫୁସ୍ ଫୁସ୍ କରି କହିଲା :

"ବାବୁ, ଆପଣଙ୍କ ... ସେ ଲେନିନ୍‌ଙ୍କ ଫଟୋଟା ମୋତେ ଦିଅନ୍ତୁ !.."

ଆଗନ୍ତୁକ କିଛି କହିଲେ ନାହିଁ, ବିଛଣା ଉପରୁ ମିଶାକୁ ଚାହିଁ ରହିଲେ ।

ମିଶାର ପେଳେଇ ଏକେବାରେ ପାଣି । ଲୋକଟି କାଳେ କୃପଣ ହୋଇଥିବ, ଫଟୋଟି ଯଦି ନଦିଏ ? ଆଗ୍ରହମିଶା ଗଳାରେ ଥଙ୍ଗ ଥଙ୍ଗ ହୋଇ ସେ କହିଲା :

"ମୋତେ ସେ ଫଟୋଟି ଦିଅନ୍ତୁ, ମୁଁ ରଖିବି । ମୋ ପାଖରେ ଗୋଟିଏ ବଢ଼ିଆ ଟିଣ ବାକ୍ସ ଅଛି, ତାକୁ ମୁଁ ଆପଣଙ୍କୁ ଦେଇ ଦେବି । ଆଉ ମୋ ପାଖରେ ଯେଉଁ ପଇସା ଅଛି, ତାକୁ ..." ସ୍ୱରରେ ତା'ର ଏକ ହତାଶାର ଭାବ । ହାତକୁ ହଲେଇ ମିଶା ପୁଣି କହିଲା : "ହଁ, ବାପା ମୋ ପାଇଁ ଯେଉଁ ଜୋତା ଆଣିଛନ୍ତି ସେଟାକୁ ବି ଆପଣଙ୍କୁ ଦେଇ ଦେବି !"

"ତୁ ଲେନିନ୍‌ଙ୍କ ଫଟୋ ନେଇ କ'ଣ କରିବୁ ?" ଆଗନ୍ତୁକ ମୁରୁକି ହସି ପଚାରିଲେ ।

"ଲୋକଟା ତା ହେଲେ ଦେବ ନାହିଁ", ମିଶା ମନେ ମନେ ଭାବିଲା । ଆଖିରେ ଭରି ଆସିଥିବା ଲୁହକୁ ଲୁଚେଇ ଦେବା ପାଇଁ ମୁହଁକୁ ତଳକୁ କରି ଥଙ୍ଗ ଥଙ୍ଗ ହୋଇ କହିଲା :

"ମୋର ଦରକାର ଅଛି !"

"ଆଗନ୍ତୁକ ହସି ଉଠିଲେ । ତକିଆ ତଳୁ ବ୍ୟାଗ୍‌ଟି କାଢ଼ି, ଫଟୋଟିକୁ ବଢ଼ାଇ ଦେଲେ ମିଶା ହାତକୁ । ମିଶା ଫଟୋଟିକୁ ନେଇ କମିଜ୍ ତଳେ, ଠିକ୍ ତା କଲିଜା ଉପରେ କି ରଖିଲା । ଛାତିକୁ ଜୋରରେ ଚାପି ଧରି ଘର ଭିତରୁ ବାହାରି ଆସି ପଶି ଗଲା ଜେଜେଙ୍କ ଘରକୁ । ଜେଜେଙ୍କ ନିଦଟା ଭାଙ୍ଗି ଗଲା ଖଟ୍‌କିନା, ବିରକ୍ତ ହୋଇ ବୁଢ଼ା ପଚାରିଲେ :

"ରାତିଅଧଟାରେ କୁଆଡ଼େ ଯାଇଥିଲୁ କିରେ ? ରାତିରେ ଦୁଧ ପିଇବାକୁ ପରା ମନା କରିଥିଲି—ଏବେ ଥରକୁ ଥର ବାହାରକୁ ଧାଉଁଛୁ ।

ଶୁଣୁ, ସେ ଯେଉଁ ମଇଳା ପାଣି ବାଲ୍‌ଟିଟା ଅଛି ସେଇଟି କାମ ସାରି ଦେ । ତୋତେ ବାହାରକୁ ଏତେ ଥର ନେଇ ଯିବାକୁ ମୁଁ ଉଠି ପାରିବି ନାହିଁ ।"

ମିଶା କିନ୍ତୁ ଫଟୋଟିକୁ ଛାତିରେ ଜାକି ଚୁପ୍‌ଚାପ୍ ଶୋଇ ପଡ଼ିଲା । ଫଟୋଟି ଲେସ୍ରା କୋସ୍ରା ହୋଇ ଯିବ ବୋଲି କଡ଼ ବି ଲେଉଟାଇଲା ନାହିଁ । କ୍ରମଶଃ ବୁଜି ହୋଇ ଆସିଲା ଆଖି ଦୁଇଟି ତା'ର ।

ମୁହଁ ଅନ୍ଧାରୁଆ ବେଳୁ ମିଶାର ନିଦ ଭାଙ୍ଗି ଗଲା । ମା ଦୁଧ ଦୁହିଁ ସାରି ଗାଁ ଗୋଠରେ ଗାଈ ବାଛୁରୀକୁ ଅଡ଼ାଇ ଦେଇଥିଲେ । ମିଶାକୁ ଦେଖିଲା କ୍ଷଣି ମୁଣ୍ଡରେ ହାତ ଦେଇ କହି ଉଠିଲେ :

"ତୋତେ କିଏ ଉଠାଇ ଦେଲା ରେ ? ତୁ ଏତେ ସକାଳୁ କାହିଁକି ଉଠି ପଡ଼ିଲୁ ?"

ମିଶା ଫଟୋଟିକୁ କମିଜ୍ ତଳେ ଜାକି ମାଙ୍କ ପାଖ ଦେଇ ତରବରରେ ଢିଙ୍କିଶାଳ ପାଖ ଖଳା ଘର ଆଡ଼କୁ ପଶି ଗଲା ।

ଖଳା ଘର ଘେରି ପଟେ ବହଳ କଣ୍ଟା ଗଛର ବାଡ଼ । ବାଡ଼ ଉପରେ ବିଛୁଆତି ଲତା । ସତେ ଯେମିତି ଗୋଟାଏ ସବୁଜ ଦିଆଲ । ମିଶା ଝପାଟାଏ ମାରି ଦେଇ ବାଡ଼ଟାକୁ ଡେଇଁ ପଡ଼ି ଖଳା ଘରେ ଯାଇ ହାଜର । ଜମି ଥିବା କୁଟୁଡ଼ା ଗୁହକୁ ହାତରେ ଏଡ଼ାଇ ଦେଇ ଘରର ଗୋଟିଏ ପାଖକୁ ମଜେ ଜାଗା ସଫା କରି ଦେଲା ସେ । କଣ୍ଟା ଗଛରୁ ଗୋଟାଏ ବଡ଼ ହଳଦିଆ ପତର ଆଣି ଫଟୋଟିକୁ ଗୁଡ଼େଇ ସଫା କରିଥିବା ଜାଗାରେ ଥୋଇ ଦେଲା । ପବନରେ ଫଟୋଟି କାଳେ ଉଡ଼ି ଯିବ, ତେଣୁ ଖଣ୍ଡେ ପଥର ରଖି ଦେଲା ତା' ଉପରେ ।

ସେଦିନ ସକାଳୁ ସଞ୍ଜ ଯାଏ ଲଗାଣ ବର୍ଷା, ସବୁବେଳେ ମେଘ ଥମ ଥମ ଆକାଶ । ହତା ଭିତରଟା ଗୋଳିଆ ପାଣିରେ ପଚ ପଚ ଲାଗୁଥାଏ ଏବଂ ସଡ଼କ ଉପରେ ଛୁଟୁଥାଏ ପାଣିର ସୁଅ ।

ଦିନ ତମାମ ମିଶା ଘରୁ ବାହାରି ପାରିଲା ନାହିଁ । ସଞ୍ଜ ବେଳକୁ ବାବା ଆଉ ଜେଜେ ବାହାରି ଗଲେ ଗାଁ ସୋଭିଏତ୍ ସଭାକୁ । ମିଶା ଜେଜେଙ୍କ ଟୋପିଟାକୁ ମୁଣ୍ଡରେ ଦେଇ ତାଙ୍କ ପଛେ ପଛେ ଚାଲିଲା । ଗାଁ ସୋଭିଏତ୍‌ର ଅଫିସ୍‌ଟି ଗିର୍ଜାର ଚୌକିଦାରଙ୍କ ଘରେ । ବଡ଼ କଷ୍ଟରେ



କାଦୁଅ ଖସଡ଼ା ଭଙ୍ଗା ପାହାଚ ଉପର ଦେଇ ମିଶା ଯାଇ ସେଠି ପହଞ୍ଚିଲା । ଘର ଭିତରେ ଏତେ ଲୋକ ଯେ ସୋରିଷ ପକାଇବାକୁ ଜାଗା ନଥାଏ । ପିଙ୍କା ଆଉ ସିଗାରେଟ୍ ଧୂଆଁରେ ରୁନ୍ଧି ହୋଇ ଯାଇଥାଏ ଘରଟା । ଝରକା ପାଖକୁ ପଡ଼ିଥିବା ଟେବୁଲ୍ ଉପରେ ବସି ସେ ଆଗନ୍ତୁକ ଜଣକ କ'ଣ ବୁଝାଉଥିଲେ ।

ମିଶା ଚୁପି ଚୁପି ପଛ ପାଖ ବେଞ୍ଚରେ ଯାଇ ବସି ପଡ଼ିଲା ।

"କମ୍ରେଡ଼୍‌ଗଣ, ଯେଉଁମାନେ ଫମା କୋର୍ଶୁନଭ୍‌ଙ୍କୁ ଗାଁ ସୋଭିଏତ୍‌ର ଚେୟାର୍‌ମ୍ୟାନ୍ କରିବାକୁ ଚାହାନ୍ତି, ସେମାନେ ହାତ ଟେକନ୍ତୁ !"

ମିଶା ଆଗରେ ବସିଥିଲା ଦୋକାନୀର ଜୁଆଇଁ ପ୍ରୋଖର୍ ଲିସେନ୍‌କଭ୍ । ପ୍ରୋଖର୍ ଚିଲେଇ କି କହିଲା :

"ଭାଇମାନେ ମୁଁ ଏ ପ୍ରସ୍ତାବର ବିରୋଧିତା କରୁଛି । ସେ ସତ୍ ଲୋକ ନୁହଁ । ସେ ଗାଁର ଗାଈ ଚରାଉଥିଲା ବେଳେ ଆମେ ତାକୁ ଚିହ୍ନିଛୁ !.."

ମୋଚି ଫେଦୋତ୍ ଝରକା ପିଣ୍ଡିରେ ବସିଥିଲା । ସାଙ୍ଗେ ସାଙ୍ଗେ ହାତକୁ ହଲେଇ କି କହି ଉଠିଲା :

"କମ୍ରେଡ଼୍‌ଗଣ, ଏ ବଡ଼ବଡ଼ିଆମାନେ ଜଣେ ଗାଈ ରଖୁଆଳକୁ ଚେୟାର୍‌ମ୍ୟାନ୍ କରିବାକୁ ଚାହାନ୍ତି ନାହିଁ । କିନ୍ତୁ ମୋ ମତରେ ଫମା ହେଉଛି ସର୍ବହରା, ସେ ସୋଭିଏତ୍ ରାଜ ପାଇଁ ଲଢ଼ିବ ..."

ଫେଦୋତ୍‌ର କଥା ନସରୁଣୁ, ଦୁଆର ମୁହଁରେ ଛିଡ଼ା ହୋଇଥିବା ଧନୀ କସାକ୍‌ମାନେ ଗୋଡ଼ କଚାଡ଼ି ଶୁଷୁରି ମାରିଲେ । ଘରଟା ପାଟିତୁଣ୍ଡରେ ଉଛୁଳି ଉଠିଲା ।

"ଗାଈଆଳ ଆମେ ଚାହୁଁ ନା !"

"ସେ ଯୁଦ୍ଧରୁ ଆସିଛି, ଏଥର ପୁଣି ଗାଁ ଗୋଠ ରଖୁ !.."

"ଫମା କୋର୍ଶୁନଭ୍ ମୁର୍ଦାବାଦ୍ !"

ଗୋଳଚହଳ ଭିତରେ ମିଶା ତା ବାପାଙ୍କ ଆଡ଼କୁ ଚାହିଁଲା । ବେଞ୍ଚକୁ ଲାଗି ସେ ଛିଡ଼ା ହୋଇଥାନ୍ତି । ମୁହଁଟା ଶେତା ପଡ଼ି ଯାଇଥାଏ । ତାଙ୍କୁ ଦେଖି ମିଶାର ମୁହଁଟି ବି ଭୟରେ ମଉଳି ପଡ଼ିଲା ।

"ଗୋଳମାଳ ବନ୍ଦ କରନ୍ତୁ, କମ୍ରେଡ୍‌ଗଣ!.. ନହେଲେ ସଭାରୁ ବାହାର କରି ଦେବାକୁ ବାଧ୍ୟ ହେବୁ ଆମେ," ଟେବୁଲ୍ ଉପରେ ହାତ କଚୁଡ଼ି ଆଗନ୍ତୁକ ଜଣକ ବଡ଼ ପାଟିରେ କହିଲେ ।

"ଜଣେ ଖାଣ୍ଟି କସାକ୍‌କୁ ଚେୟାର୍‌ମ୍ୟାନ୍ କରନ୍ତୁ!.."

"ଫମା ହେବା ଚଳିବ ନାହିଁ!.."

"ଚଳିବ ନାହିଁ, ଚଳିବ ନାହିଁ!.." ସମସ୍ତ ଧନୀ କସାକ୍‌ମାନେ ଚିଲାଉଥାନ୍ତି ଏବଂ ସବୁଠୁ ବେଶି ଚିଲାଉଥାଏ ଦୋକାନଦାରର ଜ୍ୱାଇଁ ପ୍ରୋଖର୍ ।

ଏହି ସମୟରେ ଜଣେ ଲମ୍ବା ନାଲି ଦାଢ଼ିଆ କସାକ୍ ବେଞ୍ଚ ଉପରେ ଛିଡ଼ା ହୋଇ ପଡ଼ିଲେ । କାନରେ ତାଙ୍କର ଦୋହଲୁଥାଏ ନୋଳି । ଦେହର ଫଟା କୋଟ୍‌ଟିରେ ଅସଂଖ୍ୟ ତାଳି ପଡ଼ିଛି ।

"ଭାଇମାନେ, ଏ ବଡ଼ବଡ଼ିଆମାନେ କ'ଣ କରିବାକୁ ଚାହୁଁଛନ୍ତି, ଆପଣମାନେ ବୁଝି ପାରୁଥିବେ!.. ସେମାନେ ଚାହାନ୍ତି, ତାଙ୍କ ଲୋକକୁ ଚେୟାର୍‌ମ୍ୟାନ୍ କରିବାକୁ!.. ତା ଦ୍ୱାରା ସେମାନେ ପୁଣି ଆଗ ଭଳି ସବୁ କିଛି କରି ଚାଲିବେ ..."

ନୋଳିପିନ୍ଧା କସାକ୍ ଜଣକ ଚିତ୍‌କାର କରିବାକୁ ଲାଗିଲେ । ଗୋଳଚହଳ ଭିତରେ ମିଶା କେବଳ ତାଙ୍କର ଦୁଇ ତିନୋଟି କଥା ଶୁଣି ପାରିଥିଲା :

"ଜମି ... ପୁଣି ବଣ୍ଟା ହେବ ... ଆମ ବାଣ୍ଟରେ ଠେଙ୍ଗ ବାଲିଚର ... ଦୋରସାକୁ ସେମାନେ ନିଜେ ନେବେ ..."

"ପ୍ରୋଖର୍‌ଙ୍କୁ ଚେୟାର୍‌ମ୍ୟାନ୍ କରାଯାଉ!.." ଦରିଜା ପାଖରୁ ଲଗାତର ଆବାଜ୍ ଉଠୁଥିଲା ।

"ପ୍ରୋଖର୍!.. ପ୍ରୋ–ଖର୍! ପ୍ରୋ–ଖର୍!"

ଅନେକ ସମୟ ପର୍ଯ୍ୟନ୍ତ ପାଟି ତୁଣ୍ଡ ଚାଲିଲା । ଅପରିଚିତ ଆଗନ୍ତୁକ ରାଗ ତମ୍‌ତମ୍ ହୋଇ ମୁହଁ ବିକୃତ କରି ଚିତ୍‌କାର କରୁଥିଲେ । ମିଶାର ମନେ ହେଉଥିଲା ସେ କାହାକୁ ଗାଳି ଗୁଲଜ କରୁଛନ୍ତି । ପାଟି ତୁଣ୍ଡ ଟିକେ କମିଲା ପରେ ଅପରିଚିତ ବ୍ୟକ୍ତି ଜଣକ ବଡ଼ ପାଟିରେ ପଚାରିଲେ :



"ଫମା କୋର୍ଶୁନଭ୍‌ଙ୍କ ପକ୍ଷରେ କେଉଁମାନେ?"

ଅନେକ ହାତ ଏକ ସଙ୍ଗରେ ଉଠି ପଡ଼ିଲା । ମିଶା ମଧ୍ୟ ଟେକି ଦେଇଥିଲା ତା ହାତଟିକୁ । କିଏ ଜଣେ ବେଞ୍ଚକୁ ବେଞ୍ଚ ଗଣିବାକୁ ଲାଗିଲେ ।

"ତେଷଠି ... ଚଉଷଠି ..." ମିଶା ଆଡ଼କୁ ଆଙ୍ଗୁଳି ଦେଖାଇ, "ପଞ୍ଚଷଠି!"

ଅପରିଚିତ ଲୋକ ଜଣକ କାଗଜ ଉପରେ କ'ଣ ଟିପି ନେଇ ପୁଣି ବଡ଼ ପାଟିରେ କହିଲେ :

"ପ୍ରୋଖର୍ ଲିସେନ୍‌କଭ୍‌ଙ୍କୁ ଯେଉଁମାନେ ସମର୍ଥନ କରୁଛନ୍ତି, ହାତ ଟେକନ୍ତୁ!"

ସତେଇଶ ଜଣ ଧନୀ କସାକ୍‌ଙ୍କ ସମେତ ଗାଁ ଦୋକାନୀ ଯେଗର ଉପରକୁ ହାତ ଟେକିଲେ । ମିଶା ବି ହାତ ଟେକି ଦେଇଥିଲା । କିନ୍ତୁ ହାତ ଗଣୁଥିବା ଲୋକ ଜଣକ ପଛ ବେଞ୍ଚରେ ଉଠିଥିବା ହାତଗୁଡ଼ିକୁ ଗଣିଲା ବେଳକୁ ମିଶାକୁ ଦେଖି ପକାଇଲେ । ମିଶାର କାନକୁ ଜୋରରେ ଧରି ସେ ପଚାରିଲେ :

"ଆରେ ପାଜି, ତୁ ଏଠି କ'ଣ କରୁଛୁ? ଭୋଟ ଚାଲିଛି ପରା! ଯାଉଛୁ ନା ଏଠୁ ... ନଇଲେ ଥଣ୍ଡା କରି ଦେବି!"

ସମସ୍ତେ ଠୋ ଠୋ ହୋଇ ହସି ଉଠିଲେ । ହାତ ଗଣୁଥିବା ଲୋକ ଜଣକ ମିଶାକୁ ଦୁଆର ପର୍ଯ୍ୟନ୍ତ ନେଇ ବାହାରକୁ ବାହାର କରି ଦେଲେ । ମିଶାର ହଠାତ୍ ମନେ ପଡ଼ିଗଲା, ଦିନେ ବାପା ଓ ଜେଜେଙ୍କ ମଧ୍ୟରେ ଝଗଡ଼ା ହେଲା ପରେ ବାପା କ'ଣ କହିଥିଲେ । ଭଙ୍ଗା ଖସଡ଼ା ସିଡ଼ିରେ ଓହ୍ଲାଉ ଓହ୍ଲାଉ ମିଶା ସେହି ଶବ୍ଦଗୁଡ଼ିକୁ ଦୋହରେଇ କି କହିଲା :

"ତୁମକୁ ଏମିତି କରିବାର ଅଧିକାର କିଏ ଦେଇଛି?"

"ରୁହ ମୁଁ କିଏ ତୁମକୁ ବତେଇ ଦଉଛି!"

ଅନ୍ୟାୟଟା ସବୁବେଳେ ପ୍ରାଣକୁ ବାଧେ!

ମିଶା ଘରକୁ ଫେରି ଆସି ଆଖିରୁ ଲୁହ ଗଡ଼ାଇ, ନାକ ସୁଁ ସୁଁ କରି ମାଙ୍କ ପାଖରେ ଫେରାଦି ହେଲା । ମା ଓଲଟି ଧମକ ଦେଇ କହିଲେ :

"ତୁ ସବୁଠି କି କାହିଁକି ଦୌଡ଼ୁଛୁ? ସବୁ କଥାରେ ନାକ

ପୂରାଇବାର ଦରକାର କ'ଣ ତୋର !.. ତୋ ପାଇଁ ମଣିଷ କେତେ ଦହଗଞ୍ଜ ହେବ ଭଲା !"

ତା' ପର ଦିନ ସମସ୍ତେ ସକାଳଖିଆ ପାଇଁ ବସିଲା ବେଳେ ଶୁଣାଗଲା ଏକ ସଂଗୀତର ଆବାଜ୍ । ସଂଗୀତଟି ଭାସି ଆସୁଥିଲା ଦୂରରୁ । ବାପା ଟେବୁଲ୍ ଉପରେ ଚା ଚାମଚଟି ରଖି ଦେଇ ନିଶ ଆଉଁଷି ଆଉଁଷି କହିଲେ :

"ଏ ନିଶ୍ଚୟ ପଲଟଣଙ୍କ ବାଜଣା !"

ମିଶା ସଙ୍ଗେ ସଙ୍ଗେ ସେଠୁ ଏକେବାରେ ହାଉଆ । କବାଟଟା ଧଡ଼୍‌କିନା ହେଲା ପରେ ଅଗଣାରେ କଅଁଳ ପାଦର ଖସ୍ ଖସ୍ ଶବ୍ଦ ଶୁଭିଲା ...

ବାପା ଆଉ ଜେଜେ ବାରଣ୍ଡା ଉପରକୁ ଚାଲି ଆସିଲେ । ଝରକା ବାଟେ ମୁଣ୍ଡ ଗଳାଇ ବାହାରକୁ ଚାହିଁଲେ ମା ।

ସବୁଜ ଲହରୀ ମାଡ଼ି ଆସିଲା ପରି ଗାଁ ଦାଣ୍ଡରେ ଧାଡ଼ିକି ଧାଡ଼ି ଲାଲ ଫୌଜ ଆଗେଇ ଆସୁଛନ୍ତି । ଆଗରେ ବ୍ୟାଣ୍ଡ୍‌ବାଜା ଆଉ ବିଗୁଲ ବଜାଇ ବଜାଇ ଚାଲିଛନ୍ତି ଦଳେ ସୈନ୍ୟ । ବ୍ୟାଣ୍ଡ୍‌ବାଜା ଆଉ ବିଗୁଲ ସହିତ ତାଳ ରଖି ଢୋଲ ଢମ୍ ଢମ୍ ହୋଇ ବାଜୁଛି । ସାରା ଗାଁଟା ଏକେବାରେ ଉଛୁଳି ପଡ଼ୁଛି ବାଜଣାରେ ।

ମିଶା ମନରେ ଉଛୁଳି ଉଠିଲା ଆବେଗର ଲହରୀ । ସେ ଅଥୟ ହୋଇ ଧାଇଁବାକୁ ଲାଗିଲା । ପ୍ରଥମେ ସେ ଖାଲି ଜାଗା ଦେଖି ଦୂରେଇ କି ଟିକେ ଛିଡ଼ା ହୋଇ ଦେଖିଲା । ତା' ପରେ ବ୍ୟାଣ୍ଡ୍‌ବାଲାଙ୍କ ପାଖରେ ଯାଇ ହାଜର । ଛାତି ଭିତରଟା ତା'ର ଅଜଣା ଆନନ୍ଦରେ ଉଛୁଳି ପଡ଼ୁଥାଏ ... ଲାଲ ଫୌଜର ଧୂଳିଧୂସର ହସନ୍ତ ମୁହଁ ଆଉ ବାଜଣାଦାରମାନଙ୍କ ଫୁଲି ଉଠିଥିବା ଗାଲକୁ ସେ ଏକ ଧ୍ୟାନରେ ଚାହିଁ ରହିଥାଏ । ମିଶା ମନେ ମନେ ପଣ କଲା : "ମୁଁ ବି ଏମାନଙ୍କ ସାଙ୍ଗରେ ଯୁଦ୍ଧ କରିବାକୁ ଯିବି !.."

ସେଦିନର ସେ ସ୍ୱପ୍ନ କଥା ଖିଆଲ ପଡ଼ି ଗଲା ତା'ର । ମନରେ ତା'ର ଏତେହିମତ୍ କେମିତି ଆସିଲା କେଜାଣି, ଜଣେ ଲାଲ ଫୌଜର ଗୁଳି ମୁଣିକି ଟାଣି ଧରି ପଚାରିଲା :



"ଆପଣମାନେ କୁଆଡ଼େ ଯାଉଛନ୍ତି ? ଯୁଦ୍ଧକୁ ?"

"ଆଉ କୁଆଡ଼େ ଯିବୁ ? ଯୁଦ୍ଧ ଛଡ଼ା ଆଉ କୁଆଡ଼େ ଯିବୁ !"

"କାହା ପାଇଁ ଯୁଦ୍ଧ କରିବାକୁ ଯାଉଛନ୍ତି ?"

"ସୋଭିଏତ୍ ରାଜ ପାଇଁ, ରେ ପାଗଳା ! ଚାଲିଆ ଏଣିକି, ଏଇ ଧାଡ଼ି ଭିତରକୁ !"

ସୈନ୍ୟ ଜଣକ ମିଶାକୁ ଧାଡ଼ି ଭିତରକୁ ଟାଣି ଆଣିଲେ । ଆଉ ଜଣେ କିଏ ହସି ହସି ମିଶାର ଅଲରା ବାଳକୁ ଟିକେ ଝିଙ୍କି ଦେଲା । ଆଉ କିଏ ପକେଟ୍‌ରେ କେବେଠୁ ପଡ଼ିଥିବା ଚିନିମୁଣ୍ଡାଟାଏ ବାହାର କରି ଗୁଞ୍ଜି ଦେଲା ତା ପାଟିରେ । ଗାଁ ସଡ଼କରେ ପହଞ୍ଚିଲା ପରେ ଜଣେ କିଏ ନିର୍ଦ୍ଦେଶ ଦେଲେ :

"ରୁକ୍ ଯାଅ !"

ସୈନ୍ୟମାନେ ଅଟକି ଗଲେ ଏବଂ ଧାଡ଼ି ଭାଙ୍ଗି ସଡ଼କ ଉପରେ ଏଣେତେଣେ ଖେଳାଇ ହୋଇ ପଡ଼ିଲେ । କେହି କେହି ଯାଇ ଥକା ମେଣ୍ଟାଇଲେ ସ୍କୁଲ ହତାର ବାଡ଼ ଛାଇରେ ଯାଇ । ନଣ୍ଡାମୁଣ୍ଡିଆ ଲମ୍ବା ଚଉଡ଼ା ଚେହେରାବାଲା ଲାଲ ଫୌଜ ଜଣେ ମିଶା ଆଡ଼କୁ ଆଗେଇ ଆସିଲେ । ଅଣ୍ଟାରେ ତାଙ୍କର ତରବାରିଟାଏ ଝୁଲୁଥାଏ । ମୁରୁକି ମୁରୁକି ହସି ମିଶାକୁ ସେ ପଚାରିଲେ :

"ତୁ ଏଠିକି କେମିତି ଆସିଲୁ ?"

ମିଶା ବୀରଦର୍ପରେ ଖସି ଯାଇଥିବା ପ୍ୟାଣ୍ଟଟାକୁ ଅଣ୍ଟା ଉପରକୁ ଟେକି ଦେଇ ଜବାବ ଦେଲା :

"ମୁଁ ପରା ଆପଣମାନଙ୍କ ସହିତ ଯୁଦ୍ଧକୁ ଯାଉଛି !"

"କମ୍ରେଡ୍ ବାଟେଲିଅନ୍ କମାଣ୍ଡର, ଆପଣ ତାକୁ ଆପଣଙ୍କ ସହକାରୀ କମାଣ୍ଡର କରି ନିଅନ୍ତୁ !" ଲାଲ ଫୌଜର ଜଣେ ସୈନିକ ବଡ଼ ପାଟିରେ କହିଲେ ।

ସମସ୍ତେ ହସି ଉଠିଲେ ହୋ ହୋ ହୋଇ । ମିଶା କାନ୍ଦ କାନ୍ଦ ହୋଇ ପଡ଼ିଲା । କିନ୍ତୁ "ବାଟେଲିଅନ୍ କମାଣ୍ଡର" ବୋଲି ସେହି ଅଜଣା ବ୍ୟକ୍ତି ଜଣକ ହସୁଥିବା ଲୋକମାନଙ୍କ ଆଡ଼କୁ ଆଗେଇ ଆସି ଦାଣ୍ଡିକି କହିଲେ :

"ଏଥିରେ ହସିବାର କ'ଣ ଅଛି ରେ ମୂର୍ଖଦଳ ? ଆମେ ତାକୁ ନିଶ୍ଚୟ ସାଙ୍ଗରେ ନେବା, ତେବେ ଗୋଟିଏ ସର୍ତ୍ତରେ ..." ମିଶା ଆଡ଼କୁ ମୁହଁ ବୁଲାଇ ବାଟେଲିଅନ୍ କମାଣ୍ଡର କହିଲେ, "ଦେଖ ତୋ ପ୍ୟାଣ୍ଟରେ ଗୋଟିଏ ମାତ୍ର ଫିତା ଅଛି । ଏଥିରେ କାମ ଚଳିବ ନାହିଁ । ଏଥିରେ ଆମର ମାନ ହାନି ହେବ !.. ହେଇ ଦେଖ, ମୋର ଦୁଇଟି ଫିତା, ଆମ ସମସ୍ତଙ୍କ ପ୍ୟାଣ୍ଟରେ ଦୁଇଟି କରି ଅଛି । ତୁ ଗୋଟିଏ କାମ କର, ଦୌଡ଼ି ଯା, ମାଙ୍କ ପାଖରୁ ଆଉ ଗୋଟିଏ ଫିତା ସିଲେଇ କରି ଆଣିବୁ । ଆମେ ତୋ ପାଇଁ ଅପେକ୍ଷା କରି ରହିବୁ ..." ବାଡ଼ ପାଖରେ ବିଶ୍ରାମ ନେଉଥିବା ସୈନିକଙ୍କ ଆଡ଼କୁ ନିର୍ଦ୍ଦେଶ କରି କମାଣ୍ଡର ବଡ଼ ପାଟିରେ କହିଲେ, "ତେରେଶେଙ୍କୋ, ଆମ ଏ ନୂଆ ଦଳ ସୈନିକ ପାଇଁ ଜଲଦି ଗୋଟାଏ ବନ୍ଧୁକ ଆଉ ଫୌଜି କୋଟ୍ ନେଇ ଆସ !"

ବାଡ଼ ଛାଇରେ ଶୋଇଥିବା ସୈନ୍ୟମାନଙ୍କ ଭିତରୁ ଜଣେ ଉଠି ପଡ଼ି ଗୋଡ଼ିଟାକୁ ସଳାଡ଼ି ନେଇ କହିଲା:

"ଯେ ହୁକୁମ !.." ସୈନ୍ୟ ଜଣକ ଖୁବ୍ ଜୋରରେ କଦମ୍ ବଢ଼ାଇ ବଢ଼ାଇ ଚାଲି ଗଲା ବାଡ଼ କଡ଼େ କଡ଼େ ।

"ତୁ ଏଥର ଦୌଡ଼ି କି ଚାଲି ଯାଆ ! ମାଙ୍କ ପାଖରୁ ଜଲଦି ସିଲେଇ କରେଇ କି ଚାଲି ଆସିବୁ !.."

ମିଶା ବଡ଼ ବଡ଼ ଆଖିରେ କମାଣ୍ଡରଙ୍କୁ ଚାହିଁ କହିଲା:

"ମୋତେ ଠକାଉ ନାହାନ୍ତି ତ !"

"କ'ଣ କହୁଛୁ, ତୋତେ ପୁଣି ଆମେ ଠକାଇବୁ ?.."

ଚୌକିଠାରୁ ମିଶାଙ୍କ ଘରଟା ବହେ ବାଟ । ଫାଟକ ପାଖରେ ପହଞ୍ଚୁ ପହଞ୍ଚୁ ମିଶାର ଦମ୍ ନିକାଲି ଯାଇଥିଲା । ସେଇଠୁ ପ୍ୟାଣ୍ଟକୁ ଖୋଲି ଖୋଲିବା ଖାଲି ପାଆରେ ମିଶା ଦୌଡ଼ିଲା ଘର ଭିତରକୁ ।

"ମା !.. ମୋ ପ୍ୟାଣ୍ଟରେ !.. ଆଉ ଗୋଟେ ଫିତା ଲଗାଇ ଦିଅ !.."

କିନ୍ତୁ ଘରେ କାହାର ସ୍ୱର ଶବ୍ଦ ନାହିଁ, ସବୁ ଶୂନ୍ଶାନ । ଚୂଲୀ ପାଖରେ ବଳେ ଜଳା ମାଛି ଭଣଭଣ ହେଉଛନ୍ତି । ଘର, ଭିଜିଶାଳ, ଖଳାଘର, ବାରି—ସବୁଠି ମିଶା ଦରାଣ୍ଡି ଗଲା । ମା, ବାପା, ଲେଲେ—



କେହି ହେଲେ ଜଣେ ନାହାନ୍ତି । ଶେଷକୁ ସେ ଫେରି ଆସିଲା ଘର ଭିତରକୁ । ଖାଲି ଅଖାପଟ ଉପରେ ନଜର ପଡ଼ିଗଲା ତା'ର । ଛୁରିଟାଏ ଆଣି ସେଥିରୁ ଲମ୍ବା କି ଖଣ୍ଡେ ପଟି କାଟି ନେଲା । ସିଲେଇ କରିବାକୁ ତା'ର ଆଉ ବେଳ କାହିଁ, ତା' ଛଡ଼ା ତାକୁ ବି ସିଲେଇ କରି ଆସେ ନା । ତରବରରେ ପ୍ୟାଣ୍ଟରେ ପଟିଟିକୁ ବାନ୍ଧିଲା ସେ । କାନ୍ଧ ଉପରେ ଫିତାଟିକୁ ଗୁଡ଼ାଇ ଆଣି ସାମ୍ନାରେ ଗଣ୍ଠିଟାଏ ପକାଇ ଦୌଡ଼ିଲା ଖଳାଘର ଆଡ଼କୁ ।

ଖଳାଘର ପଥର ଖଣ୍ଡଟିକୁ କାଢ଼ି ଦେଇ ମିଶା ଲେନିନ୍ଙ୍କ ଫଟୋଟିକୁ ଆଣି ହାତରେ ଧରିଲା । ଆଗକୁ ଇଶାରା ଦେଉଥିବା ଲେନିନ୍ଙ୍କ ହାତଟି ଆଡ଼କୁ ଚାହିଁ ଫୁସ୍ଫୁସ୍ ହୋଇ ସେ କହିଲା:

"ଦେଖିଲ ତ ?.. ମୁଁ ଏଥର ତମ ଫୌଜରେ ଯୋଗ ଦେଲି !.."

ଫଟୋଟିକୁ ପୁଣି ଗୋଟିଏ ବଡ଼ ପତ୍ରରେ ଗୁଡ଼ାଇ ମିଶା ଅତି ସାବଧାନରେ ଛାତି ପକେଟ୍ ତଳେ ରଖିଲା । ଗୋଟିଏ ହାତରେ ହୁଗୁଳା ପ୍ୟାଣ୍ଟ ଆଉ ଅନ୍ୟ ହାତରେ ଜାମା ତଳେ ଥିବା ଫଟୋଟିକୁ ଚାପି ଧରି ମିଶା ଧାଇଁଲା ପଡ଼ିଆ ଆଡ଼କୁ । ପଡ଼ିଆ ଉପରେ ବାଡ଼ ପାଖ ଦେଇ ଦୌଡ଼ି ଦୌଡ଼ି ଯାଉଁ ଯାଉଁ ମିଶା ଡାକ ପକାଇଲା:

"ଆନିସିମଭ୍ନା !"

"କ'ଣ ହେଲା କି ?" ଆନିସିମଭ୍ନା ପଚାରିଲା ।

"ଆମ ଘରେ ଟିକେ କହି ଦେବ, ଖାଇବା ବେଳେ ମୋ ପାଇଁ ଅପେକ୍ଷା କରିବେ ନାହିଁ !.."

"ତୁ କୁଆଡ଼େ ଯାଉଛୁ ରେ ଟଗଲା ?"

ମିଶା ହାତ ହଲାଇ ହଲାଇ ଜବାବ ଦେଲା:

"ମୁଁ ଯୁଦ୍ଧକୁ ଯାଉଛି !.."

କିନ୍ତୁ ଚୌକିରେ ପହଞ୍ଚି ମିଶା ଅବାକ୍ ହୋଇ ଗଲା । ଲୋକ ବାକ କେହି ନାହାନ୍ତି—ସବୁ ଶୂନ୍ଶାନ । ଚୌକିର ବାଡ଼ କଡ଼େ କଡ଼େ ଖଣ୍ଡିଆ ସିଗାରେଟ୍, ଖାଲି ଟିଣ ଆଉ ପୁରୁଣା ଚିରା ପଟିସବୁ । ଗାଁର ଆର ମୁଣ୍ଡରୁ ବ୍ୟାଣ୍ଡବାଜାର ଆବାଜ୍ ଆଉ ଧୂଳିବିଛା ସଡ଼କ ଉପରେ ଯାଉଥିବା ସୈନ୍ୟମାନଙ୍କ ପାଦର ବୁଟ୍ ଶବ୍ଦ ଭାସି ଆସୁଥାଏ ।

ମିଶା ହତାଶାରେ କାନ୍ଦି ଉଠିଲା ଏବଂ ନିଜର କଅଁଳିଆ ଗୋଡ଼ଗୁଡ଼ିକର ସମସ୍ତ ତାକତ ଦେଇ ସେମାନଙ୍କ ପଛେ ପଛେ ଦୌଡ଼ିବାକୁ ଲାଗିଲା । ସେମାନଙ୍କୁ ସେ ଠିକ୍ ଧରି ପକାଇଥାନ୍ତା । କିନ୍ତୁ ସେ ଗଲା ବେଳେ ମୋଚିଶାଳ ଆଗରେ ଗୋଟାଏ ହଳଦିଆ କୁକୁର ବାଟ ଉପରେ କି ଶୋଇଥିଲା । ମିଶାକୁ ଦେଖିଲା କ୍ଷଣି ଦାନ୍ତଗୁଡ଼ାକୁ ଦେଖାଇ କୁକୁରଟା ଚିଙ୍କାରି ଉଠିଲା । ମିଶା ବାଟ କାଟି ସଡ଼କ ଉପରକୁ ପୁଣି ଉଠିଲା ବେଳକୁ ବାଜାର ଆବାଜ୍ ଏବଂ ପଦ ଧ୍ୱନି ଆଉ ଶୁଭୁନଥିଲା ।

* * *

ଦି ଦିନ ପରେ ଚାଳିଶି ଜଣ ସରିକି ଏକ ସୈନ୍ୟ ଦଳ ଆସି ଗାଁରେ ପହଞ୍ଚିଲେ । ମଳିଛିଆ ଛିଡ଼ା ବୁଟ୍ ଜୋତା ଆଉ ମଜ୍‌ଦୁରଙ୍କ ପରି ତେଲ ଚିକିଟିଆ ଜାମା ସେମାନେ ପିନ୍ଧିଥାନ୍ତି । ଗାଧୁଆ ବେଳେ ଗାଁ ସୋଭିଏତ୍ ଅଫିସ୍‌ରୁ ବାପା ଘରକୁ ଖାଇବା ପାଇଁ ଆସି ଜେଜେଙ୍କୁ କହିଲେ :

"ବାପା, ଅମ୍ବାରରୁ ଗହମ ବାହାର କରି ରଖ । ଶସ୍ୟ ସଂଗ୍ରହ କରିବା ପାଇଁ ଆମ ଲୋକେ ଆସିଛନ୍ତି । ସେମାନଙ୍କୁ ବଳକା ଶସ୍ୟତକ ଦେଇ ଦେବାକୁ ହେବ ।"

ସୈନ୍ୟ ଦଳଟି ଘର ଘର ବୁଲି ଦେଖୁଥାନ୍ତି । ଘରର ମେଜିଆରେ ସଙ୍ଗିନମୁନ ମାରି ପରୀକ୍ଷା କରୁଥାନ୍ତି – କାଳେ କିଏ ଛପେଇ କି ଗହମ ରଖିଥିବ । ବଳକା ଗହମତକ ନେଇ ଜମା କରୁଥାନ୍ତି ଗାଁର କୋଠଗୋଲାରେ ।

ଗାଁ ସୋଭିଏତ୍‌ର ଚେୟାରମ୍ୟାନ୍‌ଙ୍କ ଘରକୁ ବି ସେମାନେ ଆସିଲେ । ସୈନ୍ୟମାନଙ୍କ ମଧ୍ୟରୁ ପାଇପ୍ ଟାଣୁଥିବା ଜଣେ ସୈନ୍ୟ ଧୂଆଁ ଛାଡ଼ି କହିଲେ :

"ବୁଢ଼ା ବାବୁ, ସତ କରି କହିବେ କେତେ ଗହମ ଛପେଇଛନ୍ତି !.."

ଦାଢ଼ିରେ ହାତ ବୁଲାଇ ଜେଜେ ଗର୍ବର ସହିତ କହିଲେ :



"ମୋ ପୁଅ ପା ନିଜେ କମ୍ୟୁନିଷ୍ଟ !"

ସେମାନେ ଖଳାଘରକୁ ଗଲେ । ପାଇପ୍ ଟାଣୁଥିବା ସୈନ୍ୟ ଜଣକ ଗହମ ଓଳିଆଗୁଡ଼ିକୁ ଦେଖି ଦେଇ ହସି ହସି କହିଲେ :

"ଏଥିରୁ ଗୋଟିଏ କୋଠଭଣ୍ଡାରକୁ ଦେଇ ଦିଅ, ଆଉ ବାକିତକ ତମ ଘର ଖର୍ଚ୍ଚ ଆଉ ବିହନ ପାଇଁ ରଖ ।"

ଜେଜେ ତାଙ୍କ ବୁଢ଼ା ଘୋଡ଼ାଟିକୁ ଗାଡ଼ିରେ ଜୋତି ଦେଲେ । ଅମ୍ବାରରୁ ଗହମ କାଢ଼ି ଭର୍ତ୍ତି କଲେ ଆଠଟା ଅଖାରେ । ଭର୍ତ୍ତି କଲା ବେଳେ ଦୀର୍ଘଶ୍ୱାସ ଛାଡ଼ୁଥାନ୍ତି ସେ । ଗୁରୁଗୁରୁ ହୋଇ ନିଜକୁ ନିଜେ କ'ଣ ସବୁ କହୁଥାନ୍ତି । ମନେ ହେଉଥାଏ, ଛାତି ଭିତରଟା ତାଙ୍କର ଯେମିତି କରତି ହୋଇ ଯାଉଛି । ଗହମ ବସ୍ତାଗୁଡ଼ିକୁ ଗାଡ଼ିକୁ ଉଠାଇ ଦେଇ ବୁଢ଼ା ବିରକ୍ତିରେ ହାତଟାକୁ ଛିଞ୍ଚାଡ଼ି କୋଠଭଣ୍ଡାରକୁ ଗାଡ଼ି ଛୁଟାଇଲେ । ଏସବୁ ଦେଖି ମାଙ୍କ ଆଖି ମଧ୍ୟ ଛଳଛଳ ହୋଇ ଗଲା । ମିଶାର କିନ୍ତୁ କିଛି ପରବାଏ ନଥାଏ । ଅଖାରେ ଗହମ ଭରିବାଠୁ ଆରମ୍ଭ କରି ଗାଡ଼ିରେ ବସ୍ତାଗୁଡ଼ିକୁ ଲଦିବା ପର୍ଯ୍ୟନ୍ତ ଜେଜେଙ୍କୁ ସେ ସାହାଯ୍ୟ କଲା । ଜେଜେ କୋଠଭଣ୍ଡାରକୁ ଗାଡ଼ି ଛୁଟାଇଲା ପରେ ମିଶା ଚାଲିଲା ପାଦ୍ରି ପୁଅ ଭିତ୍ୟା ସାଙ୍ଗରେ ଖେଳିବା ପାଇଁ ।

ଉଭୟ ଭିତ୍ୟାଙ୍କ ଖଳାଘରେ ବସି କାଗଜରେ ଘୋଡ଼ା ତିଆରି କରି ଖେଳିବାକୁ ଲାଗିଲେ । ଏହି ସମୟରେ ମିଶାଙ୍କ ଘରକୁ ଯାଇଥିବା ସୈନ୍ୟମାନେ ଆସି ହାଜର ହୋଇ ଗଲେ ଭିତ୍ୟାଙ୍କ ଦୁଆର ମୁହଁରେ । ପାଦ୍ରି ସାହେବ ସେମାନଙ୍କୁ ଦେଖି ବଡ଼ ଅତର୍କ ହୋଇ ଘର ଭିତରୁ ଛୁଟିବାକୁ ଲାଗିଲେ । ଆସୁ ଆସୁ ଢିଲା ପୁରୋହିତିଆ ପୋଷାକଟାକୁ ମାଡ଼ି ପକାଇ ସେ ଝୁଣ୍ଟି ପଡ଼ୁଥାନ୍ତି । ବିନୟମିଶା ଆଦରରେ ଆଗନ୍ତୁକମାନଙ୍କୁ ସେ ଡାକିଲେ ତାଙ୍କ ବୈଠକଖାନାରେ ବସିବା ପାଇଁ । କିନ୍ତୁ ପାଇପ୍ ଟାଣୁଥିବା ସୈନ୍ୟ ଜଣକ କଡ଼ା ଗଳାରେ କହିଲେ :

"ଆଗେ ଖଳାଘରକୁ ଚାଲନ୍ତୁ ! ଗହମ କେଉଁଠି ଛପେଇଛନ୍ତି ଦେଖିବା !"

କଥାଟା ପାଦ୍ରିଙ୍କ ସ୍ତ୍ରୀଙ୍କ କାନରେ ଯାଇ ବାଜି ଗଲା । ତରବରରେ ଘର ଭିତରୁ ସେ ଛୁଟି ଆସିଲେ ଦାଣ୍ଡ ଦୁଆରକୁ । ବାଳଗୁଡ଼ାକ ତାଙ୍କର

6—2648

ଅଲରା ମଲରା ହୋଇ ଝୁଲୁଥାଏ । ଓଠରେ ଘେରା ହସ ଟିକିଏ ଫୁଟାଇ ପାଦ୍ରିଙ୍କ ସ୍ତ୍ରୀ କହିଲେ :

"ଆପଣମାନେ ବିଶ୍ୱାସ କରନ୍ତୁ, ଆମେ ଏ ପର୍ଯ୍ୟନ୍ତ ମୁଠାଏ ହେଲେ ଫସଲ ଘରକୁ ଆଣି ନୁ!.. ସ୍ୱାମୀ ତ ମୋର ଏବେ ବି ଜଙ୍ଗଲମାନଙ୍କ ଖଳାକୁ ଯାଇ ପାରି ନାହାନ୍ତି ..."

"ଖଣି କେଉଁଠି ପକାଇଛନ୍ତି ?"

"ଆମେ ପୁଣି ଖଣି ପକାଇବୁ ... ! ଯାହା ଖଣ୍ଡେ ମିଳେ ସେତକ ଏହି ଅମ୍ବାରକୁ ତ ଅଣ୍ଟେ ନା ..."

ଏତିକି ବେଳେ ମିଶାର ଖିଆଲ ପଡ଼ିଗଲା—ସିଏ ଆଉ ଭିତ୍ୟା ଦିନେ ଗୋଟାଏ ବଡ଼ ସୁଡ଼ଙ୍ଗ ଘରେ ଖେଳୁଥିଲେ । ହାଣ୍ଡିଶାଳରୁ ସେ ଘରକୁ ଗୋଟାଏ ବାଟ ଫିଟିଛି ।

"ହାଣ୍ଡିଶାଳ ତଳେ ସେ ଯେଉଁ ସୁଡ଼ଙ୍ଗ ଘରେ ଭିତ୍ୟା ଆଉ ମୁଁ ଖେଳୁଥିଲୁ, ସେଟା କ'ଣ ? ତମ ମନେ ଅଛିଟି ?.." ପାଦ୍ରିଙ୍କ ସ୍ତ୍ରୀଙ୍କ ମୁହଁକୁ ଚାହିଁ ମିଶା କହିଲା ।

ମିଶା କଥା ଶୁଣି ପାଦ୍ରିଙ୍କ ସ୍ତ୍ରୀଙ୍କ ମୁହଁ ଏକେବାରେ ଫିକା ପଡ଼ିଗଲା । କିନ୍ତୁ ସେ ସଙ୍ଗେ ସଙ୍ଗେ ହସି ଦେଇ କହିଲେ :

"ତୁ ପିଲାଲୋକ, ତୋ ଖିଆଲ ନାହିଁ, ଆଉ କେଉଁଠି ଦେଖିଥିବୁ !.. ଯାଆ, ଭିତ୍ୟା ସାଙ୍ଗରେ ବଗିଚାରେ ଖେଳିବୁ । ଏଠି କ'ଣ କରୁଛୁ ?"

ପାଇପ୍‌ବାଲା ସୈନ୍ୟ ଜଣକ ମିଶା ଆଡ଼କୁ ଆଖି ଠାରି ଟିକେ ହସି ଦେଲେ । ପଚାରିଲେ :

"ପୁଅ, କେଉଁ ବାଟେ ସେ ଘରକୁ ଯାଇଥିଲୁ ତୋର ମନେ ଅଛି ?"

ହାତ ଛିଞ୍ଚାଡ଼ି ପାଦ୍ରିଙ୍କ ସ୍ତ୍ରୀ କହି ଉଠିଲେ :

"ଆପଣମାନେ ବି ଏ ଛୁଆଟା କଥାକୁ ବିଶ୍ୱାସ କରୁଛନ୍ତି ? ମୁଁ ପରା କହୁଛି, ଆମ ଘରେ ଲୁଚାଇ ରଖିବାର କୌଣସି ଜାଗା ନାହିଁ !"

ପାଦ୍ରି ଏହି ସମୟରେ ତାଙ୍କ ପୋଷାକଟାକୁ ଟିକେ ସାଉଁଳାଇ ଦେଉଁ ଦେଉଁ କହିଲେ :

"କମ୍ରେଡ଼୍‌ମାନେ, ଆସନ୍ତୁ ଏଥର ମୁହଁରେ ଟିକେ କିଛି ଦିଅନ୍ତୁ ! ଆମ ବୈଠକଖାନା ଭିତରକୁ ଆସି ଟିକେ ବସନ୍ତୁ !"



ପାଦ୍ରିଙ୍କ ସ୍ତ୍ରୀ ମିଶା ପାଖକୁ ଲାଗି ଆସି ମିଶାର ବାଳକୁ ଝିଙ୍କି ଦେଇ ହସ ହସ ମୁହଁରେ କହିଲେ :

"ଯା ପୁଅ, ବଗିଚାରେ ଖେଳିବୁ ଯା । ଏଠି ଗଣ୍ଡଗୋଳ କର ନା !"

ସୈନ୍ୟମାନେ ଆଖି ଠରା ଠରି ହୋଇ ହାଣ୍ଡିଶାଳ ଭିତରକୁ ପଶି ଗଲେ । ଘର ଭିତରେ ଚାରି ଆଡ଼କୁ ଦେଖି ମେଜିଆକୁ ଠକ୍‌ଠକ୍ କଲେ ବନ୍ଧୁକ ଗୋବାରେ । କାନ୍ଥ ପାଖକୁ ଲାଗି ଟେବୁଲ୍‌ଟାଏ ପଡ଼ିଥାଏ, ତା ତଳେ କେଇ ପଟ ଅଖା । ଅଖା ପଟଗୁଡ଼ିକୁ କାଢ଼ି ଦେଲା ପରେ ମେଜିଆ ଉପରେ ତକ୍ତା କେତେ ଖଣ୍ଡ ବିଛା ହୋଇଥିବାର ଦେଖାଗଲା । ପାଇପ୍‌ବାଲା ସୈନ୍ୟ ଜଣଙ୍କ ଖଣ୍ଡେ ତକ୍ତାକୁ ଟେକି ଦେଲା କ୍ଷଣି ଦିଶିଲା ସୁଡ଼ଙ୍ଗ ଘରଟା । ସେ ରାଗି ଉଠି କହିଲେ :

"ଆପଣମାନଙ୍କୁ ଲଜ୍ଜା ଲାଗୁ ନି ? ସୁଡ଼ଙ୍ଗ ଘରେ ଏତେ ଗହମ ରଖି କହୁଛନ୍ତି ଆମ ଘରେ ଗହମ ଦାନାଟିଏ ବି ନାହିଁ, ଛି ଛି !.."

ଏତିକି ବେଳେ ପାଦ୍ରିଙ୍କ ସ୍ତ୍ରୀ ମିଶାକୁ ଏମିତି କଟମଟ କରି ଚାହିଁଲେ ଯେ ମିଶାର କଲିଜାଟା ଥରି ଉଠିଲା । ଘରକୁ କେମିତି ଦୌଡ଼ି କି ପଳାଇବ, ତାକୁ ବୁଦ୍ଧି ଦିଶିଲା ନାହିଁ । ଉଠି ପଡ଼ି ଦୁଆର ମୁହଁକୁ ଧାଇଁ ଆସିଲା ବେଳେ ପାଦ୍ରିଙ୍କ ସ୍ତ୍ରୀ ପଛପଟୁ ତା ଚୁଟିକି ଧରି ଦୁଆର ଚଉକାଠରେ ଆଚ୍ଛା କରି ବାଡ଼ାଇ ଦେଲେ ।

ବିଚରା କ'ଣ କରିବ, ବଡ଼ କଷ୍ଟରେ ପାଦ୍ରିଙ୍କ ସ୍ତ୍ରୀଙ୍କ ହାତରୁ ନିଜକୁ ମୁକୁଳାଇ ଧାଇଁବାକୁ ଲାଗିଲା ଘରକୁ । ଘରେ ପହଞ୍ଚି ମାଙ୍କ ଆଗରେ ସବୁ କଥା ବଖାଣିଲା ଏବଂ ଭେଁ ଭେଁ କରି କାନ୍ଦି ଉଠିଲା । ମା କିନ୍ତୁ ତା' କଥା ଶୁଣି ଏକେବାରେ ଖପା :

"ତୋତେ ଆଉ ପାରିବି ନାହିଁ ମିଶା !... ଯା, ଉଠ ମୋ ଆଗରୁ, ନଗଲେ ତୋ ପିଠିକୁ ପିଟିକି ଫଟାଇ ଦେବି କହୁଛି !.."

ଏଣିକି ମିଶାକୁ ଗାଳି ମନ୍ଦ କଲେ ସେ ସିଧା ଖଳାଘରକୁ ଚାଲି ଯାଏ । ପଥର ଖଣ୍ଡିକୁ କାଢ଼ି ଦେଇ ପଟର ଭିତରୁ ଲେନିନ୍‌ଙ୍କ ଫଟୋଟିକୁ ବାହାର କରେ ଏବଂ ଆଖି ଛଳଛଳ କରି ଫଟୋଟି ଆଗରେ ନିଜର ସବୁ ଦୁଃଖ ଅଭିଯୋଗ ଜଣାଏ ।

ଏମିତି ସପ୍ତାହଟିଏ ବିତି ଗଲା । ମିଶା ସାଙ୍ଗରେ ଖେଳିବା ପାଇଁ କେହି ହେଲେ ଜଣେ ଆସିଲେ ନାହିଁ । ସାଇ ପଡ଼ିଶା ଘର ପିଲମାନେ ତା ସହିତ ମିଶୁ ନଥାନ୍ତି । ଏଣିକି ସେମାନେ ତାକୁ କେବଳ "ବେଧଛୁଆ" ବୋଲି ଡାକୁ ନାହାନ୍ତି, ବଡ଼ବଡ଼ିଆଙ୍କଠାରୁ ଶୁଣି ଆଉ ଗୋଟିଏ ବଡ଼ ନାଁ ଯୋଡ଼ି ଦେଉଛନ୍ତି :

"ଆରେ କମ୍ୟୁନିଷ୍ଟ ଟୋକା ! ପଶୁ କମ୍ୟୁନିଷ୍ଟ ! ଇଆଡ଼େ ଆ !.."

ଦିନେ ଛାଇନେଉଟା ବେଳେ ମିଶା ପୋଖରୀରେ ଗାଧୋଇ ପାଧୋଇ ଘରକୁ ଫେରିଲା । ଶୁଣିଲା ବାପା ବଡ଼ ପାଟିରେ କ'ଣ ସବୁ କହୁଛନ୍ତି । କେହି ମରିଗଲେ ଲୋକେ ଯେମିତି ବାହୁନନ୍ତି, ମା ସେହି ପରି ବାହୁନୁଛନ୍ତି । ମିଶା ଘର ଭିତରକୁ ପଶି ଯାଇ ଦେଖିଲା, ବାପା ପିନ୍ଧୁଛନ୍ତି ତାଙ୍କ ବୁଟ୍ ଜୋତା । ପାଖରେ ତାଙ୍କର ଫୌଜି କୋଟ୍‌ଟା ଥୁଆ ହୋଇଛି ।

"କୁଆଡ଼େ ଯିବେ, ବାପା ?"

ବାପା ହସି ଦେଇ କହିଲେ :

"ଯାଆ ତୋ ମାକୁ ଆଗେ ତୁନି କଲୁ !.. ତା କାନ୍ଦଣା ଶୁଣି ମୋ କଲିଜା ଫାଟି ଯିବାକୁ ବସିଲଣି । ମୁଁ ପୁଣି ଯୁଦ୍ଧକୁ ଯାଉଛି, ତୋ ମା ମୋତେ ଛାଡ଼ୁ ନି !.."

"ମୁଁ ତମ ସାଙ୍ଗରେ ଯିବି, ବାପା !"

ବାପା କମର ପଟିଟା ଭିଡ଼ି, ଫିତାଲଗା ଟୋପିଟିକୁ ପିନ୍ଧି ଦେଇ କହିଲେ :

"ତୁ ବି ଅଜବ୍ କଥା କହିଲୁଣି, ପୁଅ ! ଆମେ ଦିଜଣ ଯାକ ଏକାଠି କେମିତି ଯିବା ? ମୁଁ ଲେଉଟି ଆସିଲେ ସିନା ତୁ ଯିବୁ । ତୁ ଗଲେ ଫସଲ ଅମଳ କରିବ କିଏ ? ମା ତ ଘର କାମରେ ବ୍ୟସ୍ତ, ଜେଜେ ତ ବୁଢ଼ା ହେଲେଣି, ଫସଲ କାଟିବ କିଏ ?"

ଆଖି ଲୁହକୁ ଲୁଚି ରଖି, ହସ ହସ ମୁହଁରେ ବାପାଙ୍କୁ ବିଦାୟ ଦେଲା ମିଶା । ବାପା ଘରକୁ ଫେରିଲା ବେଳେ ସେଦିନ ମା ଯେମିତି କାନ୍ଦିଥିଲେ ତାଠାରୁ ଜୋରରେ ଆଉରି କାନ୍ଦୁଥିଲେ । ଜେଜେ ଖାଲି ଦୀର୍ଘଶ୍ୱାସ ପକାଉଥାନ୍ତି । ବାପାଙ୍କୁ ବିଦାୟ ଚୁମା ଦେଲା ବେଳେ ଜେଜେ କାନରେ ତାଙ୍କର ଫୁସ୍‌ଫୁସ୍ କରି କହିଲେ :



"ଫମା ... ଏଥର ନଗଲେ କ'ଣ ଚଳିବ ନାହିଁ ? ତୁ ନଗଲେ ସେମାନଙ୍କ କାମ କ'ଣ ଅଟକି ଯିବ ?.. ତୋ ବିନା ଆମ ଯଶା କ'ଣ ହେବ ଜାଣିଛୁ ତ, ପୁଅ !.."

"ସେସବୁ କଥା ଭାବିଲେ ଚଳିବ ନାହିଁ ବାପା, ସେସବୁ ଭଲ ନୁହଁ । ସମସ୍ତେ ଯଦି ମାଇପଙ୍କ କାନି ତଳେ ଲୁଚିବେ ତେବେ ଏ ସୋଭିଏତ୍ ରାଜକୁ ରକ୍ଷା କରିବ କିଏ ?"

"ତା' ହେଲେ ତୁ ଯାଆ ପୁଅ ! ତୁ ଯାହା ଠିକ୍ ଭାବୁଛୁ, ତାହା ହିଁ କର !"

ଜେଜେ ମୁହଁ ବୁଲାଇ ନେଇ ଆଖିରୁ ଲୁହ ପୋଛି ପକାଇଲେ । ଜେଜେ, ମା ଆଉ ମିଶା—ସମସ୍ତେ ଗାଁ ସୋଭିଏତ୍ ଅଫିସ୍ ପର୍ଯ୍ୟନ୍ତ ଗଲେ ବାପାଙ୍କୁ ବାଟେଇ ଦେବାକୁ । କୋଡ଼ିଏ ସରିକି ଲୋକ ଯୁଦ୍ଧକୁ ଯିବା ପାଇଁ ସେଠି ବନ୍ଧୁକ ଧରି ଛିଡ଼ା ହୋଇଥାନ୍ତି । ମିଶାର ବାପା ମଧ୍ୟ ବନ୍ଧୁକଟିଏ ଟେକି ନେଲେ ହାତରେ । ମିଶାକୁ ଶେଷ ଥର ପାଇଁ ଚୁମାଟିଏ ଦେଇ ଅନ୍ୟମାନଙ୍କ ସହିତ ଗାଁ ବାହାରକୁ ଯାଇଥିବା ସଡ଼କ ବାଟେ ସେ ଆଗେଇଲେ ।

ମିଶା ଜେଜେଙ୍କ ସାଥିରେ ଲେଉଟିଲା ଘରକୁ । ମା ଅନେକ କଷ୍ଟରେ ଟଳିଟଳିକା ସେମାନଙ୍କ ପଛେ ପଛେ ଫେରିଥିଲେ । ଗାଁରେ ଏଣେତେଣେ କୁକୁରଗୁଡ଼ାକ ଭୋ ଭୋ ହୋଇ ଭୁକୁଥାନ୍ତି ଏବଂ ଝରକା ଫାଙ୍କରେ କାହାରି କାହାରି ଘରୁ ଆଲୁଅ ଦିଶୁଥାଏ । ଶୀତ ଥୁରୁଥୁରୁ ବୁଢ଼ୀଟିଏ କଳା ଲୁଗର ଖଣ୍ଡେ ଢାଙ୍କି ହୋଇ ବସିଲା ପରି ଗାଁଟି ଅନ୍ଧାର ଢାଙ୍କି ହୋଇ ଜାକିଜୁକି କି ବସିଥାଏ । ଆକାଶରୁ ପଡ଼ୁଥାଏ ଝିପି ଝିପି ବର୍ଷା, ଘଡ଼ଘଡ଼ି ଶବ୍ଦ କରି ଷ୍ଟେପୀର କେଉଁ ଦୂର ପ୍ରାନ୍ତରେ ବିଜୁଳି ରହି ରହି ଚମକି ଉଠୁଥାଏ ।

ସେମାନେ ସମସ୍ତେ ନୀରବରେ ଘରକୁ ଫେରି ଆସିଲେ । ଫାଟକ ପାଖରେ ପହଞ୍ଚିବା ପରେ ମିଶା ପଚାରିଲା :

"ଜେଜେ, ବାପା କାହା ସାଥିରେ ଲଢ଼ିବାକୁ ଗଲେ ?"

"ତୁ ଏଠୁ ଗଲୁ ଆଗେ !.."

"ଜେଜେ !"

"କ'ଣ ?"

"କାହା ସାଙ୍ଗରେ ବାପା ଲଢ଼େଇ କରିବେ ?"

ଫାଟକର କିଳିଣୀଟା ଦେଇଁ ଦେଇଁ ଜେଜେ କହିଲେ :

"ଆମ ଗାଁ ପାଖରେ କେତେକ ବଦ୍‌ମାସ ଲୋକ ଗଣ୍ଡଗୋଳ କରୁଛନ୍ତି । ଲୋକେ ସେଗୁଡ଼ାକୁ ଲୁଟତରାଜକାରୀ ବୋଲି କହୁଛନ୍ତି । ମୋ ମତରେ ସେଗୁଡ଼ାକ ପୂରା ଡାକୁ । ତୋ ବାପ ସେଇମାନଙ୍କ ସହିତ ଲଢ଼ିବାକୁ ଯାଇଛି ।"

"ସେମାନେ କେତେ ଜଣ, ଜେଜେ ?"

"ଶୁଣୁଛି, କାଳେ ଦୁଇ ଶହ ଖଣ୍ଡ ହେବେ ... ତୋର ସେସବୁ କଥାରୁ କ'ଣ ମିଳିବ, ଯାଆ ଏଥର ଶୋଇ ପଡ଼ିବୁ !"

ରାତିରେ ପାଟିଗୋଳ ଶୁଣି ମିଶାର ନିଦ ଭାଙ୍ଗି ଗଲା । ଧଡ଼-ପଡ଼ ହୋଇ ଉଠି ପଡ଼ି ଦେଖିଲା, ଜେଜେ ବିଛଣାରେ ନାହାନ୍ତି ।

"ଜେଜେ, କୁଆଡ଼େ ଗଲେ ?"

"ଚୁପ୍ !.. ପାଟି କର ନା, ଶୋଇ ପଡ଼ !"

ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ମିଶା ଝରକା ପାଖରେ ଯାଇ ପହଞ୍ଚିଲା । ଜେଜେ ଅଣ୍ଡର ଉଏର ଖଣ୍ଡେ ପିନ୍ଧି ବେଞ୍ଚ ଉପରେ ବସି ଝରକା ବାଟେ କ'ଣ ଶୁଣୁଥାନ୍ତି । ମିଶା ବି କାନପାତି ଶୁଣିଲା । ରାତିର ନିଶବ୍ଦ ଅନ୍ଧକାର ଭିତରେ ଗାଁ ଆର ପାଖରୁ ଗୁଳିର ଆବାଜ୍ ଭାସି ଆସୁଥାଏ । ପ୍ରଥମେ ରହି ରହି, ତା' ପରେ ଏକ ସଙ୍ଗରେ ଅନେକ ଗୁଳିର ଶବ୍ଦ ।

"ଢୋ-ଢା !.. ଢୋ-ଢା !.. ତା'ପରେ ଢୋ-ଢୋ-ଢୋ !"

ମନେ ହେଉଥାଏ, କିଏ ଯେମିତି ଘଣ୍ଟା ପିଟିବାରେ ଲାଗିଛି ।

ମିଶା ଡରି ଗଲା । ଜେଜେଙ୍କ ପାଖକୁ ଲାଗି ଆସି ପଚାରିଲା :

"ବାପା ଏସବୁ ଗୁଳି ଚଳାଉଛନ୍ତି ନା, ଜେଜେ ?"

ଜେଜେ ଚୁପ୍ ରହିଲେ ଏବଂ ମା କାନ୍ଦିବାକୁ ଲାଗିଲେ ।

ରାତି ତମାମ୍ ଗୁଳିର ଆବାଜ୍ ଶୁଭୁଥାଏ । ଭୋର ବେଳକୁ ସବୁ ବନ୍ଦ ହୋଇ ଗଲା । ବେଞ୍ଚ ଉପରେ ମିଶା ମୋଡ଼ି ମାଡ଼ି ହୋଇ ନିଘୋଡ଼ ନିଦରେ ଶୋଇ ପଡ଼ିଥିଲା ଦୁଃଖରେ । ସକାଳ ହେଲା ପରେ



ଦଳେ ଅଶ୍ୱାରୋହୀ ଗାଁ ସୋଭିଏତ୍ ଅଫିସ୍ ଆଡ଼କୁ ଜୋରରେ ଛୁଟି ଆସୁଥିବାର ଦେଖାଗଲା । ଜେଜେ ମିଶାକୁ ଉଠାଇ ଦେଇ ନିଜେ ଦାଣ୍ଡକୁ ଚାଲି ଆସିଲେ ।

ଗାଁ ସୋଭିଏତ୍ ଅଫିସ୍ ଉପରେ ଧୂଆଁ ଉଠୁଥାଏ । କଳା କଳା ଧୂଆଁର ସ୍ତମ୍ଭ । ଆଖ ପାଖର ଘରକୁ ଡେଇଁ ଡେଇଁ କି ଗଲା ଭଳି ମାଡ଼ି ଯାଉଥାଏ ନିଆଁ । ଅଶ୍ୱାରୋହୀମାନେ ଗାଁ ଦାଣ୍ଡରେ ଘୋଡ଼ା ଛୁଟାଇ ଏଣେତେଣେ ଧାଉଁଥାନ୍ତି । ଜଣେ ଅଶ୍ୱାରୋହୀ ଜେଜେଙ୍କ ପାଖକୁ ଘୋଡ଼ା ଛୁଟାଇ ଧାଇଁ ଆସି ବଡ଼ ପାଟିରେ ପଚାରିଲା :

"ଏ ବୁଢ଼ା, ତୋର ଘୋଡ଼ା ଅଛି ?"

"ଅଛି ..."

"ଜଲଦି ଗାଡ଼ିରେ ଘୋଡ଼ା ଜୋତି ଗାଁ ମୁଣ୍ଡକୁ ଚାଲି ଯା ! ସେ ବୁଦା ତଳେ ତମ କମ୍ୟୁନିଷ୍ଟସବୁ ପଡ଼ିଛନ୍ତି !.. ସେଗୁଡ଼ାକୁ ନେଇଆ, ତାଙ୍କ ଲୋକଙ୍କୁ କହ ସେଗୁଡ଼ାକୁ କବର ଦେଇ ଦେବେ !.."

ଜେଜେ ତରବର ହୋଇ ଗାଡ଼ିରେ ଘୋଡ଼ା ଜୋତିଲେ ଏବଂ ଥର ଥର ହାତରେ ଲଗାମଟିକୁ କୌଣସିମତେ ଧରି ଜୋରରେ ଘୋଡ଼ା ଛୁଟାଇଲେ ।

ଗାଁ ସାରା ହାହାକାର ପଡ଼ି ଗଲା । ଡାକୁମାନେ ପିଢ଼ାରୁ ଛଣ କୁଟାସବୁ ଓଟ୍ଟାରି ପକାଉଥାନ୍ତି, ଛେଳି ମେଣ୍ଢାଗୁଡ଼ାକୁ ହାଣି ପକାଉଥାନ୍ତି । ଜଣେ ଡାକୁ ଆନିସିମଭ୍‌ନାଙ୍କ ବାଡ଼ ପାଖରେ ଘୋଡ଼ା ପିଠିରୁ ଓହ୍ଲାଇ ପଡ଼ି ତାଙ୍କ ଘର ଭିତରକୁ ପଶି ଗଲା । ମୁହୂର୍ତ୍ତକ ମଧ୍ୟରେ ଘର ଭିତରୁ ଆନିସିମଭ୍‌ନାଙ୍କ କରୁଣ ଚିତ୍କାର ଶୁଣିବାକୁ ପାଇଲା ମିଶା । ତା' ପରେ ଡାକୁଟା ତା ତରବାରିଟାକୁ ହଲାଇ ହଲାଇ ଦୁଆର ବାଟେ ବାହାରି ଆସିଲା ଏବଂ ବାରଣ୍ଡା ଉପରେ ବସି ପଡ଼ି ଜୋତାକୁ ଖୋଲିଲା । ଆନିସିମଭ୍‌ନା ପର୍ବପର୍ବାଣିରେ ଦେହରେ ଢାଙ୍କି ହେଉଥିବା ସୁନ୍ଦର ଚାଦରଟାକୁ ହାତରେ ଦିଫାଳ କରି ଫାଡ଼ି ଦେଲା ସେ । ନିଜର ଚିରା ଅସନା ପଟି ଦିଟାକୁ ଖୋଲି ପକାଇ ତା ଜାଗାରେ ଫାଳକରା ଚାଦରକୁ ବାନ୍ଧିଲା ।

ମିଶା ମାଙ୍କ ଶୋଇବା ଘରକୁ ପଳାଇ ଯାଇ ତକିଆ ଉପରେ

ମୁହଁ ମାଡ଼ି ଶୋଇ ପଡ଼ିଲା । କିଛି ସମୟ ପରେ ଫାଟକ ଖୋଲର ଶବ୍ଦ ଶୁଣି ସେ ଉଠି ପଡ଼ି ଦୁଆର ମୁହଁକୁ ଆସି ଦେଖିଲା, ଜେଜେ ଘୋଡ଼ା ଗାଡ଼ିରେ ଆସୁଛନ୍ତି, ଦାଢ଼ି ତାଙ୍କର ଆଖି ଲୁହରେ ଭିଜି ଯାଇଛି ।

ଗାଡ଼ି ଉପରେ ଶୋଇଛନ୍ତି କିଏ ଜଣେ, ପାଦରେ ତାଙ୍କର ଜୋତା ନାହିଁ । ହାତ ଦୁଇଟି ଝୁଲି ପଡ଼ିଛି ତଳକୁ । ଗାଡ଼ିଟା ହଲି ଗଲା ବେଳେ ମୁଣ୍ଡଟି ତାଙ୍କର ବାଆଁ-ଡାହାଣକୁ ଢଳି ପଡ଼ୁଥାଏ । ଗାଡ଼ିର ପଟା ଉପରେ ଗାଢ଼ ଛେଦା ଛେଦା କଳା ରକ୍ତ ପଡ଼ିଥାଏ ମେଞ୍ଚା-ମେଞ୍ଚା ହୋଇ ...

ମିଶା ନଇଁ ନଇଁକା ଗାଡ଼ି ପାଖକୁ ଯାଇ ଚାହିଁଲା ଲୋକଟିର ମୁହଁକୁ । ମୁହଁଟି ତରବାରି ଚୋଟରେ ଚେନା ଚେନା ହେଲା ପରି ଦିଶୁଛି, ଦାନ୍ତଗୁଡ଼ାକ ବାହାରକୁ ବାହାରି ପଡ଼ିଛି । ଗୋଟାଏ ପାଖର ଗାଲ କଟି ଯାଇ ଝୁଲି ରହିଥାଏ ଚମଡ଼ା ଟିକକରେ । ଗୋଟିଏ ଆଖିରୁ ଡୋଳା ବାହାରି ପଡ଼ି ଆଖିର ଗାତରେ ରକ୍ତ ଜମି ଯାଇଛି ଏବଂ ତା ଉପରେ ଗୋଟାଏ ବଡ଼ ନେଳିଆ ମାଛି ବସିଛି ।

ମିଶା ଠଉରାଇ ପାରିଲା ନାହିଁ ମଡ଼ାଟା କାହାର ବୋଲି । ଭୟରେ ଦେହଟା ଖାଲି ତା'ର ଥରୁଥାଏ । ମୃତ ଲୋକଟିର ତଳଠୁଁ ତାଳୁ ପର୍ଯ୍ୟନ୍ତ ସେ ଆଖି ବୁଲାଇ ଦେଖିଲା । ତା ଦୃଷ୍ଟିଟା ଯେତେବେଳେ ରକ୍ତ ଭିଜା ବାଇଗଣୀ ଧଡ଼ିବୋଲା ଜାହାଜି କୋଟ୍‌ଟା ଉପରେ ପଡ଼ି ଗଲା, କମ୍ପି ଉଠିଲା ମିଶାର ଭିତରଟା । ମନେ ହେଲା ତା ମୁଣ୍ଡ ଉପରେ କିଏ ଜଣେ ଯେମିତି ଠେଙ୍ଗାରେ ଢୋ କରି ପାହାରଟାଏ ବସାଇ ଦେଲା । ଆଖିକୁ ଆଉରି ମେଲା କରି ପୁଣି ଥରେ ସେ ନିଶ୍ଚଳ କଇଁଥା ମୁହଁକୁ ଚାହିଁ ଗାଡ଼ି ଉପରକୁ ଡେଇଁ ପଡ଼ିଲା ।

"ବାପା, ବାପା, ଉଠ ବାପା !.." କାନ୍ଦି ଉଠିଲା ମିଶା । ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ ସେ । ଥରି ଥରି ଗାଡ଼ି ଉପରୁ ତଳକୁ ଗଡ଼ି ପଡ଼ି ଚେଷ୍ଟା କଲା ସେଠୁ ପଳାଇ ଯିବାକୁ । କିନ୍ତୁ ପାରିଲା ନାହିଁ । ବଡ଼ କଷ୍ଟରେ ଘୋଷାରି ଘୋଷାରି ହୋଇ ଦରଜା ପର୍ଯ୍ୟନ୍ତ ଯାଇ ଧୂଳିରେ ମୁହଁ ମାଡ଼ି ପଡ଼ି ଗଲା ।



* * *

ଜେଜେଙ୍କ ଡୋଳା ଦୁଇଟି ପଶି ଯାଇଥାଏ ଆଖି ଭିତରକୁ । ମୁଣ୍ଡଟି ଢଳ ଢଳ ହେଉଥାଏ । ଓଠ ଦୁଇଟି ପାକୁ ପାକୁ ସେ କରୁଥାନ୍ତି, କିନ୍ତୁ କୌଣସି କଥା ବାହାରୁ ନଥାଏ ।

ଅନେକ ସମୟ ଧରି ବୁଢ଼ା ମିଶା ପାଖରେ ଚୁପ୍‌ଚାପ୍ ବସି ତା ମୁଣ୍ଡ ବାଳକୁ ଆଉଁଷିଲେ । ବିଛଣାରେ ଲମ୍ବ ହୋଇ ପଡ଼ିଥିବା ବହୂକୁ ଚାହିଁ ମିଶାକୁ କହିଲେ :

"ଚାଲ ନାତି, ବାହାରକୁ ଯିବା ..."

ମିଶାର ହାତକୁ ଧରି ଜେଜେ ଦୁଆର ବାହାରକୁ ଚାଲି ଗଲେ । ଆଉ ଘରର ଖୋଲା ଦୁଆର ଦେଇ ବାହାରି ଆସିଲା କ୍ଷଣି ମିଶାର ଆଖି ଦୁଇଟା ବୁଜି ହୋଇ ଗଲା, ଦେହଟା ଥରି ଉଠିଲା । ଟେବୁଲ ଉପରେ ଶୋଇ ରହିଥାଏ ତା ବାପାଙ୍କ ସ୍ଥିର ନିଶ୍ଚଳ ଦେହଟି । କଳା କଳା ରକ୍ତଗୁଡ଼ାକୁ ଇତି ମଧ୍ୟରେ ଧୋଇ ସଫା କରି ଦିଆଯାଇଥାଏ, କିନ୍ତୁ ସେଇ କଇଁଥା, ରକ୍ତଭିଜା ଆଖିଟି ଦିଶୁଥାଏ ସେଇ ଭଳି, ଯା' ଉପରେ କିଛି କ୍ଷଣ ଆଗରୁ ନେଳିଆ ମାଛିଟାଏ ବସିଥିଲା ।

ଜେଜେ ଅନେକ କଷ୍ଟରେ ଥର ଥର ହାତରେ କୂଅର ରସିଟାକୁ କୂଅ ନଦାରୁ ଖୋଲିଲେ । ଘୋଡ଼ାଶାଳକୁ ଯାଇ ବାହାରକୁ ନେଇ ଆସିଲେ ଘୋଡ଼ାଟିକୁ । ଜାମା କାନିରେ ପୋଛି ଦେଲେ ତା'ର ମୁହଁର ଫେଣଗୁଡ଼ାକୁ । ଲଗାମଟାକୁ ପିନ୍ଧାଇ ଦେଇ କାନ ପାତି ବାହାରୁ ଆସୁଥିବା ଆବାଜକୁ ଶୁଣିଲେ । ହୋ ହୋ ହସ ଆଉ କୁହାଟରେ ଗାଁଟା ଫାଟି ପଡ଼ୁଥାଏ । ଦୁଇଟା ଡାକୁ ଘୋଡ଼ାରେ ଚଢ଼ି ଅନ୍ଧାରରେ ସେ ବାଟେ ଚାଲି ଗଲା ବେଳେ ସେମାନଙ୍କ ସିଗାରେଟ୍‌ର ନିଆଁ ଚକ୍ ଚକ୍ ଦିଶିଲା । ଜଣେ ଆଉ ଜଣକୁ କହୁଥାଏ :

"ବଳକା ଫସଲ କାଢ଼ି ନେବାର ଅର୍ଥ ଏଥର ସଭିଏ ବୁଝି ଗଲେ !.. ଏବେ ଆଉ ଦୁନିଆରେ ଯାଇ ବୁଝିବେ ଫସଲ କାଢ଼ି ନେବାର ଫଳ କ'ଣ ହୁଏ !.."

ଘୋଡ଼ା ଟାପୁର ଆବାଜ୍ ମିଳାଇ ଗଲା ପରେ ଜେଜେ ନଇଁ ପଡ଼ି ମିଶାର କାନ ପାଖରେ ଚୁପ୍ ଚୁପ୍ କରି କହିଲେ :

"ଦେଖ ନାତି, ମୁଁ ବୁଢ଼ା ଲୋକ... ଘୋଡ଼ା ଉପରକୁ ଉଠି ପାରିବି ନାହିଁ... ତୋତେ ଇୟା ଉପରେ ବସାଇ ଦଉଛି, ତୁ ସିଧା ପ୍ରୋଜିନ୍ ଫାର୍ମକୁ ଚାଲି ଯିବୁ... ମୁଁ ତୋତେ ବାଟ ବତେଇ ଦଉଛି... ଆମ ଗାଁକୁ ବାହାବଜାଇ ସେ ଦିନ ଯେଉଁ ପଲଟଣ ଆସିଥିଲେ, ସେମାନେ ସେଠି ଥିବେ... ସେମାନଙ୍କୁ କହିବୁ, ସେମାନେ ସାଙ୍ଗେ ସାଙ୍ଗେ ଆମ ଗାଁକୁ ଚାଲି ଆସିବେ । ଏଠି ଡାକୁମାନେ ଘେରାଉ କରିଛନ୍ତି !.. ମନେ ରହିଲା କ'ଣ କହିବୁ ?.."

ମିଶା ମୁଣ୍ଡ ହଲାଇ ହଁ ଭରିଲା । ଜେଜେ ମିଶାକୁ ଘୋଡ଼ା ଉପରେ ବସାଇ ଦେଲେ । ଜିନ୍ ସହିତ ଗୋଡ଼ ଦୁଇଟିକୁ ତା'ର କୁଅ ଦଉଡ଼ିରେ ଭଲ କରି ବାନ୍ଧି ଦେଲେ ଯେପରି ସେ ପଡ଼ି ନଯାଏ । ତା' ପରେ ଘୋଡ଼ାଟିର ଲଗାମକୁ ଧରି ଖଳାଘର, ପୋଖରୀ, ଡାକୁ ଦଳଙ୍କ ଅଡ଼ାଖାନା ପାର କରାଇ ଘୋଡ଼ାଟିକୁ ନେଇ ଆସିଲେ ଦିଗହଜା ଖୋଲା ଷ୍ଟେପୀ ପାଖକୁ ।

"ଦେଖ ନାତି, ହେଇ ସେଇ ପାହାଡ଼ ମୁଣ୍ଡିଆ ପାଖେ ପାଖେ ଯେଉଁ ନାଳଟା ଯାଇଛି, ତା'ରି ଧାରେ ଧାରେ ଘୋଡ଼ା ଉପରେ ଯିବୁ, ଏଣିକି ତେଣିକି ମୋଡ଼ିବୁ ନାହିଁ !.. ସିଧା ଯାଇ ପଶି ଯିବୁ ସେ କୋଠଘମାର ଭିତରକୁ । ଏଥର ଯା, ବାପା, ଯା !.."

ଜେଜେ ନାତିକୁ ଚୁମାଟିଏ ଦେଇ ଘୋଡ଼ାର ପିଠିକୁ ଥାପୁଡ଼ାଇ ଦେଲେ ।

ଆକାଶରେ ରାଣୀ ପୋଖ ପରି ଜହ୍ନ । ଚାରି ଆଡ଼ ଧୋବ ଫର ଫର ତୋଫା । ଘୋଡ଼ାଟି ଯାଉଥାଏ ଧୀର କଦମରେ, ବେଳେବେଳେ ହେଁ ହେଁ ଶବ୍ଦ କରୁଥାଏ । ଜିନ୍ ଉପରେ ବସିଥିବା ସବାରଟି ହାଲୁକା ଲାଗୁଥିବାରୁ ସେ କଦମର ଗତି ଶିଥିଳ କରି ଦେଲା କ୍ଷଣି ମିଶା ଲଗାମଟିକୁ ଝିଙ୍କି ଦେଉଥାଏ, ଘୋଡ଼ାର ବେକକୁ ଥାପୁଡ଼ାଇ ଦେଉଥାଏ ।

ନାଳ କଡ଼ର ପାଚିଲା ଫସଲଭରା କ୍ଷେତ ଭିତରେ ତିତିର ପକ୍ଷୀମାନେ ଆନନ୍ଦରେ ମତୁଆଲା ହୋଇ ଡାକ ଛାଡ଼ିଥାନ୍ତି । ନାଳ ଭିତରକୁ ପାହାଡ଼ୀ ଝରଣାର ପାଣି କୁଳୁ କୁଳୁ ହୋଇ ବହି ଆସୁଥାଏ ଏବଂ ସିରି ସିରି ଶୀତୁଆ ପବନ ଦେହକୁ ଛୁଇଁ ଯାଉଥାଏ ଥିରି ଥିରି ।



ନିଛାଟିଆ ଷ୍ଟେପୀଟାରେ ମଣିଷର ସ୍ୱର ଶବ୍ଦ ନାହିଁ । ମିଶାକୁ ଡର ଲାଗିଲା । କୁନି କୁନି ହାତ ଦୁଇଟିରେ ସେ ଜାବୁଡ଼ି ଧରିଲା ଘୋଡ଼ାର ବେକକୁ । ତା'ର ଥରିଲା ଥରିଲା ମୁହଁଟି ଚାପି ହୋଇ ଗଲା ଘୋଡ଼ାର ଉଷୁମ ଦେହ ଉପରେ ।

ନାଳ ପାଖେ ପାଖେ ଯାଇଥିବା ରାସ୍ତାଟା କେତେବେଳେ ଉପରକୁ ଉଠି ଯାଇ, ପୁଣି କେତେବେଳେ ତଳକୁ ଡାଲୁ ହୋଇ ଆସିଥାଏ । ପୁଣି କେତେବେଳେ ଉଠାଣି ତ ପୁଣି କେତେବେଳେ ଗଡ଼ାଣି । ପଛକୁ ଚାହିଁବାକୁ ଭୟ ଲାଗୁଥାଏ ମିଶାକୁ । ମନକୁ ମନ କ'ଣ ଫୁସ୍ ଫୁସ୍ ହୋଇ ସେ କହୁଥାଏ ଏବଂ କୌଣସି ଭୟାନକ ଭାବନା ମନରେ ତା'ର ପୂରାଇ ନଦେବା ପାଇଁ ଚେଷ୍ଟା କରୁଥାଏ । ଷ୍ଟେପୀର ନିସ୍ତବ୍ଧ ନୀରବତାରେ ସାଁ ସାଁ କରୁଥାଏ କାନ ଦୁଇଟି ତା'ର । ଆଖି ଦୁଇଟି କ୍ରମଶଃ ବନ୍ଦ ହୋଇ ଆସିଲା ।

ଘୋଡ଼ାଟା ହଠାତ୍ ମୁଣ୍ଡକୁ ହଲାଇ ହେଁ ହେଁ କରି ଉଠିଲା, କଦମର ଗତି ଚଞ୍ଚଳ କରି । ମିଶା ଆଖି ଖୋଲି ତଳକୁ ଅନାଇଲା । ପାହାଡ଼ କାନ୍ଥୀ ତଳେ ଦିଶୁଛି ଧିପି ଧିପି ନିଆଁ । ହାଉଆରେ ଭାସି ଆସୁଛି କୁକୁରମାନଙ୍କର ଭେଉଁ ଭେଉଁ ଆବାଜ୍ ।

ଘଡ଼ିକ ପାଇଁ ମିଶାର କୋଇମରା ଛାତିଟା ଆନନ୍ଦରେ ଉଷୁମ ହୋଇ ଉଠିଲା । ଘୋଡ଼ାର ପେଟକୁ ଗୋଇଠିରେ ଠେଲାଟାଏ ମାରି ଦେଇ ସେ କହି ପକାଇଲା :

"ଟକ୍-ଟ-ଟ-ଟ !.."

କୁକୁର ଭୁକିବାର ଆବାଜଟା ପାଖେଇ ଆସୁଥିଲା ତା ଆଡ଼କୁ । ପାହାଡ଼ର ଚଢ଼ାଣି ଉପରେ ପବନଚକ୍କା କଳର ପଙ୍ଖାଗୁଡ଼ାକ ଜହ୍ନ ଆଲୁଅରେ ଛାଇ ଛାଇ ଦିଶୁଥାଏ ।

"କିଏ ଯାଉଛ ?" କଳ ପାଖରୁ କିଏ ଜଣେ ପଚାରିଲା ।

ମିଶା ଆସ୍ତେ କରି ଘୋଡ଼ା ପେଟରେ ପୁଣି ଝୁଣ୍ଟାଟାଏ ମାରି ଦେଲା । କୁକୁଡ଼ା କେତୋଟି ଏତିକି ବେଳେ କଅ କଅ କରି ଡାକି ଉଠିଲେ ।

"ରୁକ୍ ଯାଅ ! କିଏ ଯାଉଛି ?.. ନଚେତ୍ ଗୁଳି କରିବି !.."

ମିଶା ତରି ଯାଇ ଲଗାମଟାକୁ ଭିଡ଼ି ଧରିଲା । କିନ୍ତୁ ଘୋଡ଼ାଟା ଆଖ ପାଖରେ ଅନ୍ୟ ଘୋଡ଼ାମାନଙ୍କର ଗନ୍ଧ ପାଇ ହେଁ ହେଁ କରି ଆଗକୁ ଦୌଡ଼ିବାକୁ ଲାଗିଲା ।

"ରୁକ୍ ଯାଅ !.."

ପବନଚକ୍କା କଳ ପାଖରୁ ଭାସି ଆସିଲା ଗୁଳିର ଢୋ ଢୋ ଆବାଜ୍ । ମିଶା ଚିତ୍କାର କରି ଉଠିଲା ଏବଂ ସେ ଚିତ୍କାର ମିଶି ଗଲା ଘୋଡ଼ା ଟାପୁର ଆବାଜ୍‌ରେ । ଘୋଡ଼ାଟି ସଁ ସଁ ନିଶ୍ୱାସ ପକାଇ ପଛ ଗୋଡ଼ରେ ଛିଡ଼ା ହୋଇ ପଡ଼ି ଡାହାଣ ଆଡ଼କୁ ଢଳି ପଡ଼ିଲା ।

ମିଶାର ଗୋଡ଼ଟା ଯନ୍ତ୍ରଣାରେ ଫାଟି ପଡ଼ୁଥାଏ, ପ୍ରାଣ ବାହାରି ଗଲା ଭଳି ତା'କୁ ଲାଗୁଥାଏ । ପାଟିରୁ ତା'ର କଥା ବି ବାହାରିଲା ନାହିଁ । ଯନ୍ତ୍ରଣାରେ ଫାଟି ପଡ଼ୁଥିବା ଗୋଡ଼ଟି ଉପରେ ଘୋଡ଼ାଟା ପଡ଼ି ଯାଇଥିଲା ଏବଂ ଗୋଡ଼ଟି କ୍ରମଶଃ ଚୁପି ହୋଇ ଯାଉଥିଲା ।

ଦୂରରୁ ଘୋଡ଼ା ଟାପୁର ଆବାଜ୍ କ୍ରମେ ପାଖେଇ ଆସୁଥିଲା । ଲମ୍ବ ଲମ୍ବ ତରବାରି ଧରି ଦୁଇ ଜଣ ଅଶ୍ୱାରୋହୀ ପହଞ୍ଚି ଗଲେ ଆସି । ଘୋଡ଼ା ପିଠିରୁ ଓହ୍ଲାଇ ପଡ଼ି ମିଶା ଆଡ଼କୁ ଝୁଙ୍କି ପଡ଼ି ଜଣେ ଚିତ୍କାର କରି ଉଠିଲା :

"ହାୟ ଭଗବାନ, ଆମେ କ'ଣ କଲେ ! ଏତ ଏକେବାରେ ପିଲାଟାଏ !.."

"ଆରେ ମରିନି ତ ?"

ଜଣେ ମିଶାର ଜାମା ଭିତରେ ହାତ ପୂରାଇ ଦେଲା ତା' ଛାତିର ଦୁକ ଦୁକି ଦେଖିବା ପାଇଁ । ମିଶା ମୁହଁରେ ବାଜିଲା ତମାଖୁର ଉଷୁମ ଉଷୁମ କଡ଼ା ଗନ୍ଧ । ଲୋକଟି ଖୁସିରେ କହି ଉଠିଲା :

"ଆରେ ବଞ୍ଚିଛି !.. ଘୋଡ଼ାଟା ତା ଗୋଡ଼ ଉପରେ ପଡ଼ି ଯାଇଛି ରେ !.."

ମିଶାର କିନ୍ତୁ ହୋସ୍ ନଥାଏ । ସେଇ ବେହୋସ୍ ଅବସ୍ଥାରେ ଫୁସ୍ ଫୁସ୍ କରି ସେ କହି ପକାଇଲା :

"ଗାଁରେ ଡାକୁମାନେ ପଶିଛନ୍ତି ... ବାପାଙ୍କୁ ମାରି ଦେଇଛନ୍ତି ...



ସୋଭିଏତ୍ ଅଫିସ୍ ପୋଡ଼ି ଦେଇଛନ୍ତି, ଜେଜେ କହିଛନ୍ତି, ଆପଣମାନେ ତୁରନ୍ତ ଗାଁକୁ ଯିବେ !"

ମିଶାର ଆଖି ଆଗରେ ଅନ୍ଧାର ଘୋଟି ଆସୁଥିଲା, ଖେଳି ବୁଲୁଥିଲା ରଙ୍ଗ ବେରଙ୍ଗର ଚକରସବୁ ...

ସେ ଦେଖୁଥିଲା ବାପା ତା'ର ନାଲି ନିଶରେ ହାତ ବୁଲାଇ ବୁଲାଇ ହସି ହସି ଚାଲି ଯାଉଛନ୍ତି । ଆଖି ଉପରେ ତାଙ୍କର ବସି ରହିଛି ସେ ନେଳିଆ ମାଛିଟା । ତା' ପରେ ମୁଣ୍ଡ ଦୋହଲାଇ ଚିଡ଼ିଚିଡ଼ିକା ଆସିଲେ ଜେଜେ । ତାଙ୍କ ପରେ ଦିଶିଲେ ମା । ସବା ଶେଷରେ ଆସିଲେ ଉଚ୍ଚ କପାଳବୋଲା ବାଙ୍ଗରା ଲୋକ ଜଣେ, ହାତଟିଏ ତାଙ୍କର ଆଗକୁ ଉଠି ଯାଇଛି ମିଶା ଆଡ଼କୁ ଇଶାରା କରି ।

"କମ୍ରେଡ୍ ଲେନିନ୍ !.." କ୍ଷୀଣ କଣ୍ଠରେ ମିଶା କହି ପକାଇଲା । ଅତି କଷ୍ଟରେ ମୁଣ୍ଡଟିକୁ ଟେକି ହସ ହସ ମୁହଁରେ ହାତ ଦୁଇଟିକୁ ତା'ର ବଢ଼ାଇ ଦେଲା ସେହି ଲେନିନ୍‌ଙ୍କ ଆଡ଼କୁ ।

୧୯୨୫

# ନୀଳ ଷ୍ଟେପୀ

ଦନ୍ ନଈ କୂଳର ସେହି ପାହାଡ଼ମୁଣ୍ଡିଆ ଉପରେ ଥିବା ବଣୁଆ କଣ୍ଟା ବୁଦା ଛାଇରେ ବୁଢ଼ା ଜାଖାର୍ ଆଉ ମୁଁ ଶୋଇ ଶୋଇ ଟିକେ ଆସକତ ନେଉଥିଲୁ । ଖରା ଖାଇ ଖାଇ ପାହାଡ଼ମୁଣ୍ଡିଆଟା ଟାଙ୍ଗରା ପାଲଟି ଯାଇଛି, ବଡ଼ ଗଛବୃଛ ଗୋଟାଏ ହେଲେ ନାହିଁ । ଆକାଶରେ ଉଠାଉଛି ମାଛକାଡିଆ ମେଘ ଖଣ୍ଡେ, ତଳେ ତା'ର ଚକର କାଟି ଉଡ଼ୁଛି ଚିଲଟାଏ । ଖରା ତାତିରେ କାନ ଦିଇଟା ମୋର ଝାଇଁ ଝାଇଁ କରି ଉଠୁଥାଏ । କଣ୍ଟା ଗଛର ଚଢ଼େଇହଗା ଚିତିରି ମିତିରି ପତର କେଇଟା ତଳେ ବା କି ଛାଇ ମିଳିବ ! ଦନ୍‌ର ଢେଉଢେଉ କିଆ ବିସ୍ତୀର୍ଣ୍ଣ ବିଛାଣି କିମ୍ବା ପାଦ ତଳେ ପଡ଼ିଥିବା ତରଭୁଜର କୁଞ୍ଚିକୁଞ୍ଚିକିଆ ଷ୍ଟେପା କେଇ ଖଣ୍ଡକୁ ଚାହିଁ ଦେଲେ କ୍ଷଣି ମନ ଭିତରଟା ସରଚି ଉଠୁଥାଏ । ବହଳ ଅଠାଳିଆ ଲାଳରେ ପୂରି ଉଠୁଥାଏ ପାଟିଟା । ଲାଳଗୁଡ଼ିକୁ ପାଟିରୁ କାଢ଼ି ଫିଙ୍ଗି ଦେବାକୁ ମନ ବଳୁ ନଥାଏ ।

ପାହାଡ଼ମୁଣ୍ଡିଆର ପାଖ ଗୋହିରୀ ଭିତରେ ଥିବା ଅଧାଶୁଖା ଗାଡ଼ିଆଟାରେ ଜାକିଜୁକି ହୋଇ ଶୋଇ ପଡ଼ିଥାନ୍ତି ବୁଢ଼ାର ମେଣ୍ଢା ପଲଟି । ହାଲିଆ ହୋଇ ମେଣ୍ଢାଗୁଡ଼ାଙ୍କର ପଛପଟସବୁ ନଇଁ ଆସିଥାଏ । ଛୋଟ ଛୋଟ ଲାଞ୍ଜଗୁଡ଼ିକୁ ସେମାନେ ହଲଉଥାନ୍ତି ଏବଂ ଧୂଳି ଶୁଙ୍ଘି ଶୁଙ୍ଘି ଜୋରରେ ଛିଙ୍କୁଥାନ୍ତି । ଗାଡ଼ିଆର ହୁଡ଼ା ଉପରେ ଥାକୁଲ ଥୁକୁଲ ମେଣ୍ଢାଛୁଆଟାଏ ପଛ ଗୋଡ଼ ଦିଇଟାକୁ ମାଟିରେ ଠେସି ଦେଇ ମଳିଛିଆ ହଳଦିରଙ୍ଗୀ ମେଣ୍ଢୀଟାଠୁଁ ଦୁଧ ଖାଇବାରେ ଲାଗିଥାଏ । ମଝିରେ ମଝିରେ ପହ୍ନାକୁ ତା'ର ଜୋରରେ ମାରି ଦେଉଥାଏ ମୁଣ୍ଡିଆଟାଏ ଲେଖାଏ । ମେଣ୍ଢୀଟି ବୋବାଇ ଉଠି ପିଠିଟାକୁ ଟିକେ ଢିଲା କରି ଦେଉଛି, ଅଧିକ



ଦୁଧ ବାହାରି ଆସିବା ପାଇଁ । କୌତୁକରେ ମେଣ୍ଢୀଟି ଆଡ଼କୁ ମୁଁ ଚାହିଁ ଦେଲି । ଆଖିରେ ତା'ର ଏକ ଯନ୍ତ୍ରଣାର ଛାପ ଫୁଟି ଉଠୁଥିଲା ।

ବୁଢ଼ା ଜାଖାର୍ ଟିକେ ଭିଡ଼ି ମୋଡ଼ି ହୋଇ ଉଠି ପଡ଼ି ପାଖକୁ ଲାଗି ମୋର ବସିଲେ । ହାତସିଆଁ ମୋଟା ଜାମାଟାକୁ କାଢ଼ି ପକାଇ ଆଖି ପାଖକୁ ଆଣି ବୁଢ଼ା ଭାଞ୍ଜରେ କ'ଣ ଖୋଜିଲେ ହାତ ମାରି ମାରି । ଆଉ ବର୍ଷକ ପରେ ବୁଢ଼ାଙ୍କର ସତୁରି ପୂରିବ । ପିଠି ଚମଡ଼ାରେ ଗହୀରିଆ ଭାଞ୍ଜସବୁ ପଡ଼ି ଗଲଣି । ଚମଡ଼ା ତଳୁ କାନ୍ଧ ହାଡ଼ ଦିଇଟା ବି ବାହାରକୁ ଫୁଟି ବାହାରି ପଡ଼ିଲା ପରି ଦିଶୁଛି । କିନ୍ତୁ ଆଖି ଦୁଇଟି ଦିଶୁଛି ପୂର୍ବ ପରି ନୀଳ – ତାରୁଣ୍ୟର ଚମକ ସେଗୁଡ଼ିକରୁ ଲିଭି ଯାଇ ନି । ଧଳା ଭୂରୁ ଦୁଇଟି ତଳେ ଏବେ ବି ଅକ୍ଷୁଣ୍ଣ ରହିଛି ତୀକ୍ଷ୍ଣ ଦୃଷ୍ଟିର ପ୍ରଖରତା ।

ଥୁରୁ ଥୁରୁ ହାଡ଼ୁଆ ଆଙ୍ଗୁଳିରେ ଗୋଟାଏ ଛାଡ଼ପୋକକୁ ବୁଢ଼ା ବହୁ କଷ୍ଟରେ ଧରି ପକାଇଛନ୍ତି । କାଳେ ସେଟା ଖସି ପଳାଇ ଯିବ, ତେଣୁ ଚିପିକି ମାଡ଼ି ବସିଛନ୍ତି ଆସ୍ତେ କରି । ତାଙ୍କର ସମସ୍ତ ଶକ୍ତି ଦେଇ ସେ ପୋକଟାକୁ ଯେତେ ଦୂରକୁ ପାରନ୍ତି ମାଟି ଉପରକୁ ଫିଙ୍ଗି ଦେଲେ । ଯିଶୁଙ୍କୁ ସ୍ମରଣ କରି ଛାତି ଉପରେ କ୍ରୁଶ ଚିହ୍ନଟିଏ ଆଙ୍କି ଗୁଣୁ ଗୁଣୁ ହୋଇ କହିଲେ :

"ଏଥର ଯାଆ, ଚାଲି ଯାଆ ରକ୍ତଖୋର ! ବଞ୍ଚିବାକୁ ଇଚ୍ଛା ଯଦି ଅଛି, କହୁଛି ଚାଲି ଯାଆ ! କ'ଣ ଇଚ୍ଛା ନାହିଁ ? ହଁ, ଅଛି, ମନେ ହେଉଛି ... ଯାଆ ... ଅନେକ ରକ୍ତ ତ ଖାଇଛୁ !"

ତା' ପରେ ବୃଦ୍ଧ କାଶୁ କାଶୁ ଜାମାଟାକୁ ପୂରା ଖୋଲି ପକାଇଲେ ଏବଂ ମୁହଁ ଉପରକୁ କରି ତାଙ୍କ କାଠ ତୁମ୍ବାରୁ ଉଷୁମ ପାଣିକୁ ଢୋକ ଢୋକ କରି ପିଇ ଗଲେ । ଖରା ତାତିରେ ତୁମ୍ବାଟା ଗରମ ହୋଇ ଯାଇଥାଏ । ଢୋକ ଢୋକ କରି ପାଣି ପିଇଲା ବେଳେ ବୃଦ୍ଧଙ୍କର ଥୋଡ଼ି ତଳେ ଓହଳି ଆସିଥିବା ଚମଡ଼ା ଓ ଗଳା ମଧ୍ୟରେ ଘଣ୍ଟିକାଟି ଉଠୁଥାଏ ପଡ଼ୁଥାଏ । ଟପ୍ ଟପ୍ କରି ଖସି ପଡ଼ୁଥାଏ ଦାଢ଼ି ଉପରୁ ଟୋପା ଟୋପା ପାଣି । ନୂଆଣିଆ ଗେରୁଆ ଆଖି ପତାର ଉପରଟା ଲାଲ ଦିଶୁଥାଏ ଖରାର ଝଲକରେ ।

ତୁମ୍ବାରେ ଡାଙ୍କୁଣୀଟା ଦେଇ ବୃଦ୍ଧ କଣେଇକି ମୋ ଆଡ଼କୁ

ଚାହିଁଲେ । ମୋ ଆଖି ସହିତ ତାଙ୍କର ନଜର ମିଶି ଗଲା କ୍ଷଣି ସେ ଶୁଖିଲା ଓଠ ଦିଇଟିକୁ ଜିଭରେ ଟିକେ ଭିଜାଇ ନେଇ ଷ୍ଟେପୀ ଆଡ଼କୁ ଅନାଇଲେ । ଦୂରରେ ଗୋହିରୀ ଆର ପାଖରେ ଧୂଧୂ କରି ନିଆଁ ଜଳିଲା ଭଳି ନାଚୁଥାଏ ବୈଶାଖର ଖରା । ଖରାପୋଡ଼ା ପୃଥିବୀ ଉପରେ ସାଇଁ ସାଇଁ ହୋଇ ଝାଞ୍ଜି ପିଟୁଥାଏ ଏବଂ ପବନରେ ବଣ ମହୁର ମହକ ଭାସି ଆସୁଥାଏ । ବୃଦ୍ଧ କିଛି ସମୟ ନୀରବରେ ଚାହିଁ ରହିଲେ ଷ୍ଟେପୀ ଆଡ଼କୁ । ମେଣ୍ଢାରଖା ବାଙ୍ଗଟିକୁ ତାଙ୍କର ଟିକିଏ ପେଲି ଦେଲେ ଏବଂ ପିଙ୍କାଦାଗଲଗା ଆଙ୍ଗୁଳିଟିକୁ ଦୂରକୁ ଦେଖାଇ କହିଲେ :

"ଏ ମାହାରାଟାର ଆର ପାଖରେ ଥିବା ସେ ପପ୍‌ଲର ଗଛଗୁଡ଼ାକୁ ଦେଖି ପାରୁଛ ? ସେ ଜାଗାଟାର ନାମ ହେଉଛି ତୋପଲେଭ୍‌କା । ଆଗେ ସେଟା ଥିଲା ତମିଲିନ୍ ଜମିଦାରଙ୍କ ସଂପତ୍ତି । ଗାଁଟିର ନାମ ବି ତୋପଲେଭ୍‌କା, ଚାଷୀମାନଙ୍କ ଗାଁ । ଆଗେ ସେମାନେ ସମସ୍ତେ ଥିଲେ ଭୂମିଦାସ । ମୋ ବାପ ବି ଥିଲେ ସେମାନଙ୍କ ମଧ୍ୟରୁ ଜଣେ । ଜମିଦାର ୟେଭ୍‌ଗ୍ରାଫ୍ ତମିଲିନ୍‌ଙ୍କ ଘୋଡ଼ାଗାଡ଼ି, ବାପ ମଲା ପର୍ଯ୍ୟନ୍ତ ଚଳାଉଥିଲେ । ମୋତେ ପିଲା ବେଳେ ବାପା ଥରେ କହୁଥିଲେ, ଗୋଟାଏ ପୋଷା ହଂସ ବଦଳରେ ତାଙ୍କ ମାଲିକ ତାଙ୍କୁ ଜଣେ ପଡ଼ିଶା ଘରୁ କିଣି ଆଣିଥିଲା । ବାପା ମରିଗଲା ପରେ ତାଙ୍କ ଜାଗାରେ ମୁଁ ପୁଣି ଚଳାଇଲି ଜମିଦାରର ଘୋଡ଼ାଗାଡ଼ି । ବୁଢ଼ା ମାଲିକଙ୍କୁ ସେତେବେଳେ ଷାଠିଏ ପାଖାପାଖି ବୟସ । କିନ୍ତୁ ଲୋକଟା ଥିଲା ଖୁବ୍ ମଜଭୁତ୍, ମୋଟା ସୋଟା । ସେ ତା ବୟସ ବେଳେ ଜାର୍‌ର ରକ୍ଷୀ ବାହିନୀରେ ଚାକିରୀ କରୁଥିଲା । ଚାକିରୀ ମିଆଦ ପୂରିଗଲା ପରେ ଜୀବନର ବାକୀ ସମୟତକ ସେ କଟାଇବାକୁ ଚାହୁଁଥିଲା ଦନ୍ ନଈ କୂଳରେ । କିନ୍ତୁ କସାକ୍ ଚାଷୀମାନେ ଦନ୍ ନଈ କୂଳରେ ଥିବା ବୁଢ଼ାର ସବୁ ଜମିକୁ ସେତେବେଳେ ଦଖଲ କରି ବସିଥିଲେ । ବୁଢ଼ା ସେମାନଙ୍କୁ ଆଉ ବେଦଖଲ କରି ପାରିଲା ନାହିଁ । କିନ୍ତୁ ସେସବୁର କ୍ଷତିପୂରଣ ବାବଦକୁ ସାରାତଭ୍ ପ୍ରଦେଶରେ ବୁଢ଼ାକୁ ମିଳିଥିଲା ସାତ ହଜାର ଏକର ଜମି । ସବୁତକ ଜମିକୁ ସାରାତଭ୍‌ର ଲୋକଙ୍କୁ ଇଜାରା ଲଗାଇ ଦେଇ ବୁଢ଼ା ନିଜେ ତୋପଲେଭ୍‌କାରେ ରହୁଥିଲା ।



"ଲୋକଟା ଥିଲା ବଡ଼ ବିଚିତ୍ର । ବାହାରକୁ ବାହାରିଲା ବେଳେ ସବୁ ଦିନେ ଜର୍ଜିଆର ସବୁଠୁ ବଢ଼ିଆ ପଶମର ଲମ୍ବା କୋଟ୍ ସେ ପିନ୍ଧୁଥିଲା । କମରରେ ରେଶମୀ ଚାଦର ବାନ୍ଧି ଝୁଲାଇ ଦେଉଥିଲା ଛୁରାଟାଏ । ସେ ବାହାରକୁ ଗଲେ ମୁଁ ତା'ର ଘୋଡ଼ାଗାଡ଼ି ଚଳାଉଥିଲି । ବୁଢ଼ା ତୋପଲେଭ୍‌କାରୁ ବାହାରିଲା ବେଳେ ଗାଡ଼ିରେ ବସି ପଡ଼ି ହୁକୁମ ଦେଉଥିଲା :

"ୟେ ବୁଡ୍‌ବକ୍, ଜଲଦି ଚଲ !"

"ସାଙ୍ଗେ ସାଙ୍ଗେ ଘୋଡ଼ା ଦିଇଟାଙ୍କ ପିଠିରେ ମୁଁ ବସାଇ ଦେଉଥିଲି ଚଟ୍ ଚଟ୍ ଚାବୁକ । ସେମାନେ ପବନ ପରି ଛୁଟି ଚାଲୁଥିଲେ । ସେମାନଙ୍କ ଧାଉଡ଼ି ଦେଖିଲେ ଆଖି ଖୋସି ହୋଇ ଯାଉଥିଲା । ବସନ୍ତ ଋତୁର ବନ୍ୟାରେ ସଡ଼କ ସାରା ଭରି ଯାଉଥିଲା ପାଣି ଆଉ ଗାଡ଼ରେ । ଗାଡ଼ିଟା ବିଜୁଳି ଭଳି ସେସବୁ ଦେଇ ଛୁଟିଲା ବେଳେ ଆଗ ଚକ ଦିଟା ଯଦିଓ କିଛି ହେଉନଥିଲା, କିନ୍ତୁ ପଛ ଚକ ଦିଟା ଧଡ଼ଧାଡ଼ ହୋଇ ଫାଟି ଯାଉଥିଲା । ଦିନେ ଆଗକୁ ଆଉରି ଅଧ ମାଇଲିଏ ବାଟ ଯିବାକୁ ଥାଏ, ବୁଢ଼ା ପାଟି କରି କହିଲା : "ଗାଡ଼ି ଫେରା !" ସଙ୍ଗେ ସଙ୍ଗେ ମୁଁ ଗାଡ଼ି ପଛକୁ ମୁହାଁଇଲି । ପୁଣି ସେହି ପାଣି କାଦୁଅ ରାସ୍ତାରେ ପୂରା ଦମ୍‌ରେ ଚାଲିଲା ଗାଡ଼ି । ଏହି ଭଳି ଦୁଇ ତିନି ଥର ଯିବା ଆସିବା କଲା ପରେ ଗାଡ଼ିର ଗୋଟାଏ ସ୍ପ୍ରିଙ୍ଗ୍ ଏବଂ ଚକ ଭାଙ୍ଗି ଯାଇଥିଲା । ତା' ପରେ ମାଲିକ ମୋର ଗରଗର ହୋଇ ଗାଡ଼ି ଭିତରୁ ବାହାରି ଆସି ବାକି ବାଟ ତକ ଗୋଡ଼ରେ ଚାଲିବାକୁ ଆରମ୍ଭ କରି ଦେଲା । ମୁଁ ତା' ପଛରେ ଘୋଡ଼ା ଦିଇଟାକୁ ଧରି ଧରିକା ଚାଲିଲି । ମଝିରେ ମଝିରେ ସେ ଆଉ ଗୋଟାଏ ମଉଜିଆ କାମ କରୁଥିଲା । ଗାଡ଼ିରେ ଯାଉଁ ଯାଉଁ ବାଟରେ ଗାଡ଼ିଟାକୁ ଅଟକାଇ ଦେଇ ଆସି ବସୁଥିଲା ମୋ ପାଖରେ । ହାତରୁ ମୋର ଚାବୁକଟାକୁ ଛଡ଼ାଇ ନେଇ ଚିତ୍କାର କରି କହୁଥିଲା : "ଆ'ଣ, କିମିତି ଗାଡ଼ି ଚଳାଇବାକୁ ହୁଏ ଦେଖାଇ ଦେଉଛି !" ମୁଁ ଚୁପ୍‌ଚାପ୍ ବସି ରହି ବୁଢ଼ାର ନାଟ ଦେଖୁଥିଲି । ଚାବୁକରେ ପିଟି ପିଟି ଘୋଡ଼ାଗୁଡ଼ାକୁ ସେ ଲହୁଲୁହାଣ କରି ଦେଉଥିଲା । ମାଲିକର ସେତେବେଳେ ତିନିଟା ଘୋଡ଼ା ଥାନ୍ତି ଏବଂ ତିନିଟା ଯାକ ଥିଲେ ଖାଣ୍ଟି ଦନ୍ ଘୋଡ଼ା ।

7—2648

ସାପଫଣା ପରି ବେକକୁ ବଙ୍କାଇ ସେମାନେ ଏମିତି ଦୌଡ଼ନ୍ତି ଯେ ମନେ ହୁଏ, ମାଟିକୁ କାମୁଡ଼ି ପକାଇବାକୁ ଯେମିତି ଚାହୁଁଛନ୍ତି ।

“ମାଲିକ ବନ୍ଧୁକ ଚଳାଇଲା ବେଳେ ଆଖି ବୁଜି କେବଳ ଗୋଟିଏ ଘୋଡ଼ା ପିଠିରେ ବନ୍ଧୁକ ପିଟେ, ବିଚରା ଘୋଡ଼ାର ପାଟିରୁ ଫେଣ ବାହାରି ପଡ଼େ... ବେଳେବେଳେ ଅଣ୍ଟାରୁ ଛୁରାଟାକୁ ବାହାର କରି ଆଗକୁ ଲମ୍ବି ପଡ଼ି ଘୋଡ଼ାର ଫିତାକୁ କାଟି ପକାଏ – ଖୁରରେ ବାଜ ଖାଇଲା ପରି । ଘୋଡ଼ାଟା ଅବସାଦ ହୋଇ ପାଞ୍ଚ ଫୁଟ ଉଚ୍ଚ ଡେଇଁ ପଡ଼ି ତଳେ ମୁହଁ ମାଡ଼ି ପଡ଼ି ଯାଏ । ନାକରୁ ତା’ର ଧାର ଧାର ରକ୍ତ ଛୁଟେ, ଶେଷକୁ ସେଟା ସେଇଠି ପଡ଼ି ଛଟ ଛଟ ହୋଇ ମରି ଯାଏ !.. ତା’ ପରେ ଚଣ୍ଡାଳଟା ପୁଣି ଆଉ ଗୋଟାଏ ଘୋଡ଼ାକୁ ସେଇମିତି କରେ ... ଏବଂ ସବୁଠୁ ଅଗୁଆ ଘୋଡ଼ାଟା ପଡ଼ିକି ମଲା ପର୍ଯ୍ୟନ୍ତ ସେ ଏହିପରି କରି ଚାଲୁଥାଏ । ବୁଢ଼ାର କୌଣସି କିଛିକୁ ଟିକିଏ ହେଲେ ଖାତିରି ନଥିଲା । କ୍ଷଣକର ଆନନ୍ଦ ପାଇଁ ସେ କରୁଥିଲା ଏସବୁ ଏବଂ ଏସବୁ କଲା ବେଳେ ଗାଲ ଦିଟା ତା’ର ଦିଶୁଥିଲା ଲାଲ ଟକ୍ ଟକ୍ ।

“ସହରକୁ ଯାଇଥିଲା ଦିଅଢ଼େ କିଛି ନା କିଛି ଗୋଟାଏ କରିକି ଆସୁଥିଲା ସେ – କେତେବେଳେ ଗାଡ଼ି ଭାଙ୍ଗୁଥିଲା ତ, ଆଉ କେତେବେଳେ ଘୋଡ଼ାଗୁଡ଼ାକୁ ମାରୁଥିଲା । ସବୁ କରିକୁରି ଦେଇ ବାଡ଼ି ବାଟ ତଳ ଚାଲି ଚାଲିକା ଲେଉଟି ଆସୁଥିଲା । କିନ୍ତୁ ସେସବୁ ଯାହା ହେଉ ନା କାହିଁକି, ମୁସିବତଟା ମୋର ଥିଲା ସତରେ ଗୋଟାଏ ମଉଜିଆ ଲୋକ ... ସେତ ମରି ଗଲଣି ... ତା’ ବିଷୟରେ ଭଗବାନ ଜାଣୁଥିବେ । ବୁଢ଼ାର ବି ମୋ ସ୍ତ୍ରୀ ଉପରେ ଭାରି ନଜର ଥିଲା । ସେ ଥିଲା ବୁଢ଼ାର ଚାକରାଣୀଙ୍କ ମଧ୍ୟରୁ ଜଣେ । ଆମେ ଚାକରମାନଙ୍କ ପାଇଁ ଥିବା ଘରେ ରହୁଥିଲୁ । ଦିନେ ଦିନେ ସ୍ତ୍ରୀ ମୋର ଚିତ୍କାର କରି କରି ଦୌଡ଼ି ଆସୁଥିଲା ଆମ ଘରକୁ । ଛାତିର ବ୍ଲାଉଜ୍ ତା’ର ଚିରି ଛୁଟା ଛୁଟା ହୋଇ ଯାଇଥାଏ ଏବଂ ଆଖିରୁ ଲୁହ ଝର ଝର ହୋଇ ଝରୁଥାଏ । ମୁଁ ଧାଇଁ ଆସି ଦେଖେ ଯେ ବୁଢ଼ାଟା ତା’ର ନଖ ଆଉ ଦାନ୍ତ ଦାଗରେ ଲହୁଲୁହାଣ ହୋଇ ଯାଇଛି ... ଦିନେ କ’ଣ ହେଲା ନା, ଡାକ୍ତର ଡାକିବା ପାଇଁ ସେ ବନ୍ଧୁଆ



ବୁଢ଼ା ମୋତେ ସହରକୁ ପଠାଇଲା । ଡାକ୍ତର ଫାଟକରେ ଦରକାର ପ୍ରକୃତରେ ନଥାଏ । ବୁଢ଼ାର ଅସଲ ମତଲବଟା ବୁଝିବାକୁ ମୋତେ ଡେରି ଲାଗିଲା ନାହିଁ । ସହରକୁ ନଯାଇ ଷ୍ଟେପୀ ମଧ୍ୟରେ ଗୋଟାଏ ଜାଗାରେ ଅପେକ୍ଷା କଲି ଏବଂ ଅନ୍ଧାର ହୋଇ ଗଲା ପରେ ଘରକୁ ଫେରିଲି । ସାମ୍ନା ଫାଟକ ବାଟେ ନପଶି ସିଧା ପଛ ବାଟେ ଯାଇ ଘୋଡ଼ାକୁ ଛଟାଇ ପକାଇଲି ବାଡ଼ି ପାଖ ବଗିଚାରେ । ବନ୍ଧୁକଟାକୁ ହାତରେ ଧରି ଚାଲିଲି ଆମେ ରହୁଥିବା ଘର ଆଡ଼କୁ । ଛୋଟ ଘରଟିର କବାଟଟାକୁ ଖୋଲି ଦେଲି ଧକ୍କା ମାରି ଏବଂ ଇଚ୍ଛା କରି ବତି ଜଳାଇଲି ନାହିଁ । ବିଛଣା ଉପରେ ଧସ୍ତାଧସ୍ତିର ଶବ୍ଦ ... ବନ୍ଧୁକଟାକୁ ବାଗେଇକି ଧରିଥାଏ । ମାଲିକ ବିଛଣାରୁ ଉଠି ପଡ଼ିଲା କ୍ଷଣି ଆଖି ବୁଜି ଲଗାଇ ଦେଲି । ବନ୍ଧୁକଟା ଅଗରେ ସୀସା ଛିଆ ହୋଇଥିଲା । ଦେଖିଲି ବୁଢ଼ା ଝରକା ବାଟେ ଖସି ପକାଇବାକୁ ଚେଷ୍ଟା କରୁଛି । ଆଛା କରି ତା କପାଳକୁ ଦେଖି କଷି ଦେଲି ଆଉ ପାହାରେ । ପ୍ରାଣ ବିକଳରେ ସେ ଝରକା ବାଟେ ବାହାରକୁ ଡେଇଁ ପଡ଼ିଲା । ତା’ ପରେ ମୋ ଘରଣୀ ଉପରେ ବିସ୍ତରି ପାହାର ଦେଇ ସେ ଦିନ ମୁଁ ଶୋଇ ପଡ଼ିଲି । ଏହି ଘଟଣା ଘଟିବାର ପାଞ୍ଚ ଦିନ ପରେ ମାଲିକ ଗାଁକୁ ଯିବାକୁ କହିଲା । ଗାଡ଼ିରେ ବିଛଣାପତ୍ର ମୁଁ ସଜଡ଼ା ସଜଡ଼ି କଲା ବେଳେ ଦେଖିଲି ବୁଢ଼ା ମୋ ବନ୍ଧୁକଟାକୁ ନେଇ ତା ଅଗକୁ ଆଙ୍ଗୁଳିରେ ଟିପୁଛି । ଅଗରେ ସୀସା ଲାଗିଛି ଜାଣି ପାରି ବୁଢ଼ା ପଚାରିଲା :

“ଆବେ ଭୁଖା, କାହିଁକା, ଏ ବନ୍ଧୁକ ଅଗରେ ସୀସା କାହିଁକି ଲଗାଇଛୁ ?”

“ଆଜ୍ଞା ଆପଣ ପରା ଲଗାଇବାକୁ କହିଥିଲେ”, ମୁଁ ଉତ୍ତର ଦେଲି ।

“ମାଲିକ ଆଉ କିଛି କହିଲା ନାହିଁ । ସହରରେ ପାଣି ପଡ଼ିବା ପର୍ଯ୍ୟନ୍ତ ଖାଲି ଖୁସୁରି ମାରି ମାରି ଗାଡ଼ିରେ ବସିଥାଏ । ପଛକୁ ମୁହଁ ଫେରାଇ ଅନାଇଲି । ଦେଖିଲି ବୁଢ଼ା ସେଦିନ କପାଳ ଉପରକୁ ବାଳଗୁଡ଼ାକୁ ନୁଆଁଇକି କୁଣ୍ଡାଇଛି, ଟୋପିଟାକୁ ବି ଆଗ ଆଡ଼କୁ ନୁଆଁଇ ଦେଇଛି ...

୭•

"ଏହାର ଦୁଇ ବର୍ଷ ପରେ ବୁଢ଼ାକୁ ଧରିଲା ପକ୍ଷାଘାତ ରୋଗ । ଆମେ ଗାଡ଼ି କରି ତାକୁ ନେଇ ଗଲୁ ଉସ୍ତ-ମେଦ୍‌ଭେଦିହା ସହରକୁ । ଡାକ୍ତରମାନଙ୍କୁ ଦେଖାଇବା ପାଇଁ । ସେମାନେ ଆସିଲା ବେଳକୁ ବୁଢ଼ା ବିଛଣାରେ ପଡ଼ି ରହିଥାଏ, ମୁହଁଟି ଦିଶୁଥାଏ କଳା କାଠ ପରି । ସେ ପକେଟ୍‌ରୁ ନୋଟ୍ ବିଡ଼ାଟାଏ ବାହାର କରି ଆମ ଆଡ଼କୁ ଫିଙ୍ଗି ଦେଲା । ଅବୁଝ ହୋଇ କହି ଉଠିଲା : "ରେ ସୋର୍‌କା ବଗ୍, ମୋତେ ଭଲ କର, ରେ ! ମୋ ପାଖରେ ଯା' ଅଛି ତୁମକୁ ଦେଉଛି, ରେ !.."

"କିନ୍ତୁ କ'ଣ ହେବ, ବିଚରା ତା ଟଙ୍କାକୁ ଧରିକି ମଲା । ଭଗବାନ ତା ଆତ୍ମାର ସଦ୍‌ଗତି କରନ୍ତୁ ! ବୁଢ଼ା ଚାଲିଗଲା ପରେ ତା ସଂପତ୍ତିରେ ମାଲିକ ହେଲା ତା ପୁଅ । ପୁଅଟା ଥିଲା ଗୋଟାଏ ଅଫିସର । ପିଲା ବେଳେ ସେ ଜିଅନ୍ତା କୁକୁର ଛୁଆଗୁଡ଼ାଙ୍କ ଦିହରୁ ଚମଡ଼ା ଛାଲି ଦେଇ ଅଗଣାରେ ଛାଡ଼ି ଦେଉଥିଲା । ଛୁଆଗୁଡ଼ାକ ଛଟ ଛଟ ହୋଇ ଏଣେତେଣେ ଛୁଟୁଥିଲେ । ବାପର ଷୋଳକଳା ଯାକ ପୁଅ ଆଣିଥିଲା । କିନ୍ତୁ ବଡ଼ ହୋଇ ଗଲା ପରେ ତା'ର ସେ ବଦ୍‌ମାସୀ ଆଉ ରହିଲା ନାହିଁ । ଟୋକାଟା ଦେଖିବାକୁ ମଡ଼ମଡ଼ିଆ, ଡେଙ୍ଗା । ମାଇପଙ୍କ ପରି ଆଖିପତା ଦୁଇଟି ଥିଲା ତା'ର କଳା ... ସୁନା ଚଷମା ସେ ପିନ୍ଧୁଥିଲା ଏବଂ ଧରିବା ପାଇଁ ସେଥିରେ ଛୋଟ ଫିତାଟିଏ ବି ଲାଗିଥିଲା । ଜର୍ମାନ୍‌ମାନଙ୍କ ସହିତ ଯୁଦ୍ଧ ଚାଲିଲା ବେଳେ, ସାଇବେରିଆରେ ଥିବା ଏକ ବନ୍ଦୀ ଶିବିରର ଦାୟିତ୍ୱରେ ସେ ଥିଲା । ବିପ୍ଳବ ପରେ ସେ ଫେରି ଆସିଲା ତୋପଲେଭ୍‌କାକୁ ।

ସେତେବେଳକୁ ମୋ ନାତିମାନେ ବଡ଼ ହୋଇ ଯାଇଥାନ୍ତି ଆଉ ସେମାନଙ୍କ ବାପ ଅର୍ଥାତ୍ ମୋ ପୁଅ ମରି ଯାଇଥାଏ । ବଡ଼ ନାତିର ନାମ ସେମ୍ୟୋନ୍ । ମୁଁ ତାକୁ ହାତକୁ ଦିହାତ କରାଇ ଦେଇଥିଲି । କିନ୍ତୁ ଛୋଟ ନାତିଟା ଥିଲା ଅଭିଆଡ଼ା । ସେମାନଙ୍କ ସହିତ ମୁଁ ରହୁଥାଏ । ଆଉ କେଇ ଦିନ ବା ବଞ୍ଚିବି, ମୋର ଦିନ କାଳ ହୋଇ ଆସିଛି । ଜୀବନ ଦଉଡ଼ିର ଫିଟିଗଲା ଅଗଟାକୁ କୌଣସି ମୋତେ ଗଣ୍ଠିପକାଇ ରଖିବାକୁ ଲାଗିଛି ... ଗତ ବସନ୍ତ କାଳରେ ଆଉ ଗୋଟାଏ ବିପ୍ଳବ ଏଠି ହୋଇ ଗଲା । ଆମ ଲୋକମାନେ ଜମିଦାର ପୁଅ ହାତରୁ ସମସ୍ତ ସଂପତ୍ତି



କାଢ଼ି ନେଲେ । ସେଇ ଦିନ ସେମ୍ୟୋନ୍ ଚାଷୀମାନଙ୍କୁ ବୁଝାଇଲା ଜମିକୁ ଲୋକଙ୍କ ମଧ୍ୟରେ ବାଣ୍ଟି ଦେଇ ମାଲିକ ଘରେ ଥିବା ସମସ୍ତ ଧନ ଦୌଲତକୁ ନିଜ ନିଜ ଘରକୁ ବହି ନେବା ପାଇଁ । ଚାଷୀମାନେ ତା କଥା ମୁତାବକ କାମ କଲେ । ମାଲିକ ଘରର ସମସ୍ତ ଜିନ ଦରବ ସେମାନେ ବହି ନେଲେ । ଜମିସବୁ ଲୋକଙ୍କ ମଧ୍ୟରେ ବଣ୍ଟା ହୋଇ ଗଲା, ସମସ୍ତେ ଜମି ଚାଷ କରିବାକୁ ଆରମ୍ଭ କରି ଦେଲେ । ଏମିତି ସପ୍ତାହେ ଖଣ୍ଡ ଗଲା ପରେ ଚାରିଆଡ଼େ ରାଷ୍ଟ୍ର ହୋଇ ଗଲା ଯେ, ମାଲିକ କସାକ୍‌ମାନଙ୍କୁ ଧରି ପୁଣି ଫେରି ଆସୁଛି । ସମସ୍ତଙ୍କୁ ଗୋଟି ଗୋଟି କରି ଖତମ୍ କରିବ । ଗାଁରେ ଆମର ମିଟିଂ ବସିଲା — ଷ୍ଟେସନକୁ ଦିଇଟା ଗାଡ଼ି ପଠା ଗଲା ଅସ୍ତ୍ରଶସ୍ତ୍ର ଆଣିବା ପାଇଁ । ସେଇ ସପ୍ତାହରେ ଯିଶୁଙ୍କ ପୁନର୍ଜନ୍ମ ଉତ୍ସବ — ଇଷ୍ଟର ପର୍ବ ପଡ଼ୁଥାଏ । ଲାଲ ଫୌଜ ଆମ ପାଇଁ ଗୁଳି ବନ୍ଧୁକ ଆଦି ପଠାଇ ଦେଲେ । ତୋପଲେଭ୍‌କା ଗାଁର ଚାରି ପାଖରେ ଆମେ ଖାଇ ଖୋଳିଲୁ । ମାଲିକର ପୋଖରୀ ପର୍ଯ୍ୟନ୍ତ ଖାଇ ଖୋଳା ହୋଇ ଗଲା ।

"ହେଇ ସେଇ ମାହାରା ପଛକୁ ଯେଉଁ ବାସନା ଫୁଲର ବୁଦାସବୁ ଦେଖା ଯାଉଛି ତା'ରି ପାଖେ ପାଖେ ଆମ ଲୋକମାନେ ଖାଇରେ ଜଗି ରହିଲେ । ମୋ ନାତି ଦିହେଁ, ସେମ୍ୟୋନ୍ ଓ ଆନିକେଇ ବି ସେମାନଙ୍କ ମଧ୍ୟରେ ଥିଲେ । ସ୍ତ୍ରୀ ଲୋକମାନେ ସକାଳେ ଘରୁ ଖାଦ୍ୟପେୟ ନେଇ ଖାଇ ପାଖରେ ଦେଇ ଆସୁଥାନ୍ତି । ଦିପହର ବେଳକୁ ସୂର୍ଯ୍ୟ ଯେତେବେଳେ ମୁଣ୍ଡ ଉପରକୁ ଉଠିଲା, ପାହାଡ଼ ଉପରେ ଦଳେ ଅଶ୍ୱାରୋହୀ ସୈନ୍ୟ ଦେଖାଗଲେ । ଆକ୍ରମଣ କଲା ଢଙ୍ଗରେ ସେମାନେ ମାଡ଼ି ମାଡ଼ି ଆସୁଥାନ୍ତି । ସୂର୍ଯ୍ୟ କିରଣରେ ଝଲସି ଉଠୁଥାଏ ସେମାନଙ୍କ ତରବାରିସବୁ । ଆମ ଘର ଅଗଣାରୁ ମୁଁ ଅନିଷା କଲି । ସେମାନଙ୍କ ନେତା ଗୋଟାଏ ଧଳା ଘୋଡ଼ାରେ ଚଢ଼ି ତରବାରି ହଲାଇ ହଲାଇ ଆସୁଥାଏ । ତା' ପରେ ସେମାନେ ପାହାଡ଼ କଡ଼କୁ ଗଡ଼ିବାକୁ ଲାଗିଲେ — ଅଖାପଟ ଭିତରୁ ଚଣାସବୁ ଗଡ଼ିଲା ପରି । ଧଳା ଘୋଡ଼ାଟିର କଦମ୍ ପକା ଚାଲିରୁ ମୁଁ ଜାଣି ପାରିଲି ସେ ମୋ ମାଲିକର ଘୋଡ଼ା । ତା' ପରେ ତା' ଉପରେ ବସିଥିବା ସବାର ଜଣକୁ ଚିହ୍ନିବାରେ ଅସୁବିଧା ରହିଲା ନାହିଁ ... ଦି ଦି

ଥର ସେମାନଙ୍କୁ ଆମ ଲୋକଙ୍କ ଭଗାଇ ଦେଲେ । କିନ୍ତୁ ତୃତୀୟ ଥର ସେମାନେ ଚାଲକି କରି ପଛ ଆଡ଼ୁ ଝାମ୍ପି ପଡ଼ି ହଣା କଟା ଆରମ୍ଭ କରି ଦେଲେ... ସଞ୍ଜ ବେଳକୁ ଲଢ଼ାଇ ଶେଷ । ଘର ଭିତରୁ ବାହାରି ଚାରି ଆଡ଼କୁ ମୁଁ ଆଖି ପକାଇଲି । ଆମର ଦଳେ ଲୋକଙ୍କୁ କସାକ୍ ଘୋଡ଼ାସବାରମାନେ ଜମିଦାରଙ୍କ କୋଠା ଆଡ଼କୁ ଅଡ଼ାଇ ଅଡ଼ାଇ ନେଉଥାନ୍ତି । ମୁଁ ମୋ ବଗୁଲୀ ବାଡ଼ି ଖଣ୍ଡକ ଧରି ସେମାନଙ୍କ ପଛେ ପଛେ ଚାଲିଲି ।

"ଜମିଦାରଙ୍କ ଅଗଣାରେ ଆମ ଚାଷୀମାନେ ମେଣ୍ଢା ପଲଟିଏ ପରି ଜାକିଜୁକି ହୋଇ ଛିଡ଼ା ହୋଇଥାନ୍ତି । ସେମାନଙ୍କ ଚାରି ପାଖରେ ଘେରି ରହିଥାନ୍ତି କସାକ୍‌ମାନେ... ମୁଁ ପାହାଚ ଉପରକୁ ଉଠି ଯାଇ ପଚାରିଲି :

"ପିଲାଏ, କହି ପାରିବ ମୋ ନାତି ଦିହେଁ କେଉଁଠି ଅଛନ୍ତି ?"

"ଗହଳି ଭିତରୁ ସେ ଦିହେଁ ଜବାବ ଦେଲେ । ସେମାନଙ୍କ ସହିତ କଥା ହେବା ପାଇଁ ଆଗେଇ ଗଲା ବେଳେ ଦେଖିଲି, ବାରଣ୍ଡାର ପାହାଚ ଉପରୁ ଓହ୍ଲାଇ ଆସୁଛି ମାଲିକ । ମୋ ଉପରେ ତା' ନଜର ପଡ଼ି ଯିବା କ୍ଷଣି ସେ ଗର୍ଜି ଉଠିଲା :

"ତୁ ବୁଢ଼ା ଜାଖାର୍, ନା ରେ ?"

"ହଁ, ହଜୁର !"

"ତୁ ଏଠି କ'ଣ କରୁଛୁ ?"

"ସାଙ୍ଗେ ସାଙ୍ଗେ ପାହାଚ ପାଖକୁ ଦଉଡ଼ି ଯାଇ ମାଲିକ ପାଦ ତଳେ ଆଣ୍ଠେଇ ପଡ଼ିଲି ।

"ହଜୁର, ମୁଁ ମୋ ନାତି ଦିହିଙ୍କ ଜୀବନ ବଞ୍ଚାଇବାକୁ ଆସିଛି । ଆପଣ ସେମାନଙ୍କୁ ରକ୍ଷା କରନ୍ତୁ, ମାଲିକ ! ଜୀବନ ସାରା ମୁଁ ହଜୁରଙ୍କ ବାପାଙ୍କ ସେବା କରିଛି । ସେ ଆଜି ନାହାନ୍ତି, ତାଙ୍କ ଆତ୍ମାର ସଦ୍‌ଗତି ହେଉ ! ମୁଁ କ'ଣ କରିଛି, ଆପଣଙ୍କ ମନେ ଥିବ, ଆଜି ଏ ବୁଢ଼ା ବୟସରେ ମୋତେ ଦୟା କରନ୍ତୁ, ମାଲିକ !.."

"ଶୁଣ ଜାଖାର୍, ତୁ ମୋ ବାପାଙ୍କ ସେବା କରିଛୁ, ସେଥି ପାଇଁ ତୋ ପ୍ରତି ମୋର ସମ୍ମାନ ରହିଛି । କିନ୍ତୁ ତୋ ନାତିମାନଙ୍କୁ ମୁଁ



ମାପ୍ କରି ପାରିବି ନାହିଁ । ସେ ଦିଇଟା ହାଡ଼େ ହାଡ଼େ ବଦ୍‌ମାସ । ମୁଁ ଚାହେଁ ଭଗବାନ ତୋତେ ଭଲରେ ରଖନ୍ତୁ, ବୁଢ଼ା !"

"ଘୋଷାରି ଘୋଷାରି ହୋଇ ତା ଗୋଡ଼ ପାପୁଲିକୁ ଧରି ଚୁମା ଖାଇଲି । କହିଲି :

"ଦୟା କରନ୍ତୁ ହଜୁର ! ଆପଣଙ୍କର ଏ ବୁଢ଼ା ଜାଖାର୍ ଆପଣଙ୍କୁ ଖୁସି କରାଇବା ପାଇଁ କ'ଣ କରିଛି, ଦୟା କରି ଟିକେ ମନେ କରନ୍ତୁ । ମୋତେ ମାରି ଦିଅନ୍ତୁ ନାହିଁ ହଜୁର । ସେମ୍ୟୋନ୍‌ର ପୁଅଟି ମା ଦୁଧ ଛାଡ଼ି ନି ହଜୁର !"

"ତା' ପରେ ସେ ତା'ର ଖୁସବ୍‌ବୋଲା ସିଗାରେଟ୍‌ଟିଏ ବାହାର କରି ନିଆଁ ଧରାଇଲା । ଉପରକୁ ପୁଳାଏ ଧୂଆଁ ଛାଡ଼ି ଦେଇ କହିଲା :

"ଯାଆ, ତୋ ସେ ବଜ୍ଜାତ୍ ନାତି ଦିଇଟାଙ୍କୁ କହ ମୋ ଘର ଭିତରକୁ ଆସିବେ । ସେମାନେ ଯଦି ମାଫି ମାଗିବେ, ତେବେ ଭଲ କଥା । ନହେଲେ ଛାଟିଆରେ ପିଟି ପିଟି ସାବାଡ଼୍ କରି ସେମାନଙ୍କୁ ମୋ ସେନାଦଳରେ ଭର୍ତ୍ତି କରି ଦେବି । ସେମାନଙ୍କ ପାପର ପ୍ରାୟଶ୍ଚିତ୍ତ ହୁଏତ ଏହି ଭଳି ଭାବେ ହୋଇ ପାରିବ ।"

"ମାଲିକର କଥା ଶୁଣି ସାଙ୍ଗେ ସାଙ୍ଗେ ମୁଁ ଦୌଡ଼ି ଆସିଲି ନାତିମାନଙ୍କ ପାଖକୁ । ସେମାନଙ୍କ ହାତକୁ ଧରି କହିଲି :

"ଯାଆ ଚଗଲା, ହଜୁରଙ୍କ ଗୋଡ଼ ଧରି ମାଫି ମାଗ । ସେ ମାଫି ନଦେଲା ପର୍ଯ୍ୟନ୍ତ ତଳୁ ଉଠିବ ନାହିଁ !"

"ସେମ୍ୟୋନ୍ ମୁଣ୍ଡ ଟେକି ମୋ ଆଡ଼କୁ ଟିକେ ଚାହିଁଲା ବି ନାହିଁ । ଅଗଣାରେ ବସି କାଠି ଖଣ୍ଡକରେ ମାଟି ଉପରେ ଗାର କାଟିବାକୁ ଲାଗିଲା । ଆଉ ମୋ ଆନିକେଇ ! ମୋତେ କଟମଟ କରି ଚାହିଁ, ଧଡ଼କେଇ କି କହିଲା :

"ଯାଅ, ତୁମ ମାଲିକକୁ କୁହ, ଆମ ଜେଜେ ଜାଖାର୍ ଜୀବନ ସାରା ତା ଗୋଡ଼ ଚାଟି ଚାଟି ଆସିଛି, ତା' ପୁଅ ବି ସେଇଆ କରି କରି ମଲା, କିନ୍ତୁ ଜାଖାର୍‌ର ନାତିମାନେ ସେ କଥା କରି ପାରିବେ ନାହିଁ । ଯାଅ, କୁହ ତୁମ ମାଲିକକୁ !"

"ତା ହେଲେ ସୋର୍‌କା ବସ୍ତ, ତୁ ଯିବୁ ନାହିଁ ?"

"ନା, ଯିବି ନାହିଁ!"

"ପାଜି ସଇତାନ, ତୋ ପାଖରେ ତ ମରିବା ଜୀଇବାଟା ସମାନ! ତୁ ସେ ସେମ୍ୟୋନ୍‌ଟାକୁ କାହିଁକି ସାଙ୍ଗରେ ଟାଣୁଛୁ! ତା ସ୍ତ୍ରୀ ପିଲକୁ ଦେଖିବ କିଏ ସେ ?"

"ଦେଖିଲି, ସେମ୍ୟୋନ୍ କାଠିରେ ଗାର କାଟିଲା ବେଳେ ହାତଟା ତା'ର ଥରୁଥାଏ। ମୁହଁରୁ ବାକ୍ୟ ବାହାରୁ ନଥାଏ। ଚୋକାଟା ହୁଣ୍ଡା ପାଲଟି ଯାଇଥାଏ ବଳଦଟାଏ ପରି।

"ଜେଜେ ତୁମେ ଏଠୁ ଚାଲି ଯାଅ, ମୁଁ ହାତ ଯୋଡ଼ିକି କହୁଛି ଚାଲି ଯାଅ। ଆମ ମନକୁ ଦୁର୍ବଳ କରିବାକୁ ଚେଷ୍ଟା କର ନା!" ଆନିକେଇ ନେହୁରା ହୋଇ କହିଲା।

"ମୁଁ ଯିବି ନାହିଁ! ତୋ ଆଖିରେ କ'ଣ ଛୁଆ ନାହିଁ, ଆରେ ହାରାମଜାଦା! ସେମ୍ୟୋନ୍‌ର ଯଦି କିଛି ହୁଏ, ତା ଆନିସ୍ୟା ପରା ଜୀବନ ହରାଇ ଦବ!.."

"ସେମ୍ୟୋନ୍ ଧରିଥିବା କାଠି ଖଣ୍ଡକ କଡ଼ କଡ଼ ହୋଇ ଭାଙ୍ଗି ମାଟିରେ ପଡ଼ି ଗଲା।

"ମୁଁ ଅପେକ୍ଷା କରି ଛିଡ଼ା ହୋଇଥାଏ। କିନ୍ତୁ ସେମ୍ୟୋନ୍ ପାଟିରୁ ପଦେ ହେଲେ କଥା ଫିଟୁ ନଥାଏ।

"ସେମ୍ୟୋନ୍, ମୋ ସୁନାଟା ପରା! ଏ ବୁଢ଼ା ବୟସରେ ତୁ ହିଁ ମୋର ଏକ ମାତ୍ର ସାହା! ମୋ କଥା ଟିକିଏ ବୁଝ ଭଲା! ଚାଲ, ମାଲିକ ପାଖକୁ ଟିକିଏ ଚାଲ!"

"ମୋ କଥା ଶୁଣି ଆନିକେଇ ଏକେବାରେ ନିଆଁବାଣ ହୋଇ ଗଲା। କହିଲା, "ଆମେ ଅନେକ ବୁଝିଛୁ, ଆମେ ଯାଇ ପାରିବୁ ନାହିଁ। ଯାଅ, ତୁମେ ତା ଗୋଡ଼କୁ ଯାଇ ଚାଟ!"

"କ'ଣ କହିଲୁ, ମାଲିକ ଗୋଡ଼ ତଳେ ମୁଁ ପଡ଼ି ଗଲି ବୋଲି ତୁ ମୋତେ ଖୁଣ୍ଟା ଦେଉଛୁ? ମୁଁ ତ ଏମିତି କରି କରି ବୁଢ଼ା ହେଲିଣି। ମାର ଖନ ପରିବର୍ତ୍ତେ ମାଲିକର ଚାବୁକ ମୁଁ ଚୁମି ଆସିଛି... ଆଜି ମୋ ନାତିଙ୍କ ଗୋଡ଼ ଧରି ଦେଲେ ମୋ ମାନ ତଳେ ପଡ଼ି ଯିବ ନାହିଁ।"

"ସାଙ୍ଗେ ସାଙ୍ଗେ ଆଣ୍ଠେଇ ପଡ଼ି, ମାଟିରେ ମୁଣ୍ଡ ଲଗାଇ ନେହୁରା



ହୋଇ କହିଲି। ତାଙ୍କ ପାଖରେ ଥିବା ଅନ୍ୟ ଲୋକମାନେ ନଦେଖିଲା ଭଳି ମୁହଁ ବୁଲାଇ ଦେଲେ।

"ଯାଉଛ ନା ଏଠୁ ଜେଜେ!.. ନଯିବ ଯଦି ତୁମକୁ ଏଠି ଖୁନ୍ କରି ଦେବି କହୁଛି!" ଆନିକେଇ ଗର୍ଜି ଉଠି କହିଲା। ପାଟିରୁ ତା'ର ଫେଣ ବାହାରି ପଡ଼ୁଥାଏ। ଫାନ୍ଦରେ ପଡ଼ିଥିବା ହେଟା ବାଘଟାଏ ପରି ହିଂସ୍ର ହୋଇ ଉଠିଥାଏ ଆଖି ଦିଇଟା ତା'ର।

"ତା' ପରେ, ମୁଁ ଫେରି ଗଲି ପୁଣି ମାଲିକ ପାଖକୁ। ଆଗରେ ତା'ର ଆଣ୍ଠେଇ ପଡ଼ି ଗୋଡ଼ ଦିଇଟାକୁ ଏତେ ଜୋରରେ ଜାବୁଡ଼ି ଧରିଲି ଯେ, ସେ ଆଉ ମୋତେ ଛିଞ୍ଚାଡ଼ି ଦେଇ ପାରିଲା ନାହିଁ। ମୋ ହାତ ଦିଇଟା ଅସାଡ଼ ହୋଇ ଗଲା, ତୁଣ୍ଡରୁ କଥା ଫିଟିଲା ନାହିଁ।

"ମାଲିକ ପଚାରିଲା, "ତୋ ନାତିମାନେ କ'ଣ କହିଲେ ?"

"ହଜୁର ସେମାନେ ଆସିବାକୁ ଭୟ କରୁଛନ୍ତି ..."

"ଓଃ, ସେମାନେ ଭୟ କରୁଛନ୍ତି ..." ଏତକ କହି ମୋ ମୁହଁକୁ ତା ବୁଟ୍ ଜୋତାରେ ଲତିଟାଏ ବସାଇ ଦେଇ ସେ ବାରଣ୍ଡା ଆଡ଼କୁ ଚାଲି ଗଲା।

କହୁଁ କହୁଁ ବୁଢ଼ା ଜାଖାର୍ ଅଟକି ଗଲେ– ନିଶ୍ୱାସର ଗତି ତାଙ୍କର ଚଞ୍ଚଳ ହୋଇ ଉଠିଲା। ମୁହଁଟା କୁଞ୍ଚି ହୋଇ ଯାଇ, ପାଉଁଶିଆ ପଡ଼ି ଆସିଲା। ଫମ୍ପା ଦୀର୍ଘଶ୍ୱାସକୁ ଖୁବ୍ କଷ୍ଟରେ ଆୟତକୁ ଆଣି, ଶୁଖିଲା ଓଠକୁ ହାତରେ ପୋଛି ମୁହଁ ବୁଲାଇ ଦେଲେ। ଏତିକି ବେଳେ ଗାଡ଼ିଆ ସେ ପାଖରେ ଚିଲଟାଏ ଡେଣା ଦିଇଟାକୁ ବଙ୍କେଇ ଝାମ୍ପି ପଡ଼ିଲା ଘାସ ବୁଦା ଭିତରକୁ। ଘାସ ଗହଳି ଭିତରୁ ଧଳା ଚଢ଼େଇଟିଏ ଥାବାରେ ଧରି ପୁଣି ଆକାଶକୁ ଉଠିଗଲା। ଚଢ଼େଇଟିର ଧଳା ଧଳା ପରସବୁ ବରଫ ଟୁକୁରା ପରି ବିଞ୍ଚି ହୋଇ ଗଲା ଚାରିଆଡ଼େ। ସବୁଜ ଘାସବୁଦା ଉପରେ ଧଳା ଚକ୍ ଚକ୍ ପରଗୁଡ଼ିକ ଆଖିକୁ ଅସହ୍ୟ କଟୁ ଲାଗୁଥାଏ। ବୃଦ୍ଧ ସୁଁ ସୁଁ କରି ନାକ ସଫା କରି ତାଙ୍କ ହାତସିଆଁ ଜାମା କାନିରେ ଆଙ୍ଗୁଳିଗୁଡ଼ିକୁ ପୋଛି ନେଇ ପୁଣି ଆରମ୍ଭ କଲେ :

"ମୁଁ କିନ୍ତୁ ମାଲିକର ପିଛା ଛାଡ଼ିଲି ନାହିଁ। ତା ପଛେ ପଛେ ଚାଲିଲି। ସେତିକିବେଳେ ଆନିସ୍ୟା ତା କୋଡ଼ଛୁଆଟିକୁ କାଖେଇ ଧାଇଁ

ଧାଇଁ ଆସୁଥିଲା । ଘାସ ବୁଦା ଉପରକୁ ଝାମି ପଡ଼ିଥିବା ଚିଲଟା ପରି ସେ ସିଧା ଝାମି ପଡ଼ିଲା ତା ସ୍ୱାମୀ ଉପରକୁ । ସେମ୍ୟୋନ୍‌ର ବାହୁ ଦୁଇଟି ଭିତରେ ଏକେବାରେ ଜଡ଼ ଭଳି ଲାଖି ହୋଇ ଗଲା ସେ ...

"ମାଲିକ ସର୍ଜେଣ୍ଟ-ମେଜରକୁ ଡାକି ସେମ୍ୟୋନ୍ ଓ ଆନିକେଇକୁ ଦେଖାଇ ଦେଲା। ସର୍ଜେଣ୍ଟ-ମେଜର ଓ ଆଉ ଛଅ ଜଣ କସାକ୍ ଦୁଇ ଭାଇଙ୍କୁ ଚଲେଇ ଚଲେଇ ମାଲିକର ବଗିଚା ଆଡ଼କୁ ନେଇ ଗଲେ । ମୁଁ ସେମାନଙ୍କ ପଛେ ପଛେ ଚାଲିଲି । ଆନିସ୍ୟା ଛୁଆଟିକୁ ତା'ର ଅଗଣା ମଝିରେ ଛାଡ଼ି ଦେଇ ମାଲିକ ପଛେ ପଛେ ଚାଲିଲା । ସମସ୍ତଙ୍କ ଆଗରେ ଲମ୍ବ ଲମ୍ବ ପାହୁଣ୍ଡ ପକାଇ ସେମ୍ୟୋନ୍ ଚାଲିଥାଏ । ଘୋଡ଼ାଶାଳ ପର୍ଯ୍ୟନ୍ତ ଯାଇ ମାଟି ଉପରେ ବସି ପଡ଼ିଲା ସେ ।

"ବସି ପଡ଼ିଲୁ କାହିଁକି ବେ ?" ମାଲିକ ପଚାରିଲା ।

"ମୋ ଜୋତା ଭିତରଟା ଫୋଡ଼ି ହୋଇ ଯାଉଛି । ଏ ଦିଇଟାକୁ ଆଉ ପିନ୍ଧି ପାରିବି ନାହିଁ ।" ଟିକିଏ ମୁରୁକି ହସା ଦେଇ ସେମ୍ୟୋନ କହିଲା ।

"ତା' ପରେ ଜୋତାକୁ ଗୋଡ଼ରୁ ଖୋଲି ମୋ ହାତକୁ ବଢ଼ାଇ ଦେଇ କହିଲା :

"ଜେଜେ, ଏ ଦିଇଟାକୁ ନେଇ ଯା ପିନ୍ଧିବ । ପିନ୍ଧିବାକୁ ତମକୁ ଆରାମ ଲାଗିବ, ଜୋଡ଼ିକିଆ ତଳି ଏଥିରେ ଲାଗିଛି ।"

"ଜୋତା ହଳକୁ ଧରି ସେମାନଙ୍କ ସାଙ୍ଗରେ ମୁଁ ଚାଲିଲି । ବାଡ଼ ପାଖକୁ ନେଇ କସାକ୍‌ମାନେ ସେମାନଙ୍କୁ ବାଡ଼ ସହିତ ଲଗାଇ ଛିଡ଼ା କରାଇ ଦେଲେ ଏବଂ ବନ୍ଧୁକରେ ଗୁଳି ଭର୍ତ୍ତି କଲେ । ମାଲିକ ଗୋଟାଏ ପାଖକୁ ଛିଡ଼ା ହୋଇ ନଖକଟା କତୁରୀରେ ନଖ କାଟିବାକୁ ଲାଗିଲା । ତା'ର ସେଇ ଧୋବ ଫରଫର ହାତ ପାପୁଲିଟା ମୋତେ ପରିଷ୍କାର ଦିଶୁଥାଏ ।

ମୁଁ ମାଲିକକୁ କହିଲି :

"ହଜୁର, ସେମାନଙ୍କ ପେଣ୍ଟ ଜାମା ଦିଖଣ୍ଡ ଖୋଲି ଦେବାକୁ ଆଜ୍ଞା ହେଉ ! ସେଗୁଡ଼ିକ ଭଲ ଅବସ୍ଥାରେ ଅଛି, ଦରକାର ବେଳେ ପିନ୍ଧା ପିନ୍ଧି କରିବୁ । ଆମେ ପରା ଗରିବ ଲୋକ, ଆଜ୍ଞା !"



"ସେମାନେ ନିଜେ ଖୋଲି ଦେଇ ପାରନ୍ତି", ମାଲିକର ହୁକୁମ ହେଲା ।

"ଆନିକେଇ ପେଣ୍ଟଟାକୁ ଖୋଲି ଓଲଟାଇକି ଟାଙ୍ଗି ଦେଲା ବାଡ଼ରେ । ପେଣ୍ଟ ପକେଟ୍‌ରୁ ତମାଖୁ ପୁଳାଟିଏ କାଢ଼ି ନେଇ ସିଗାରେଟ୍ ଖଣ୍ଡେ ବଳି ନିଆଁ ଧରାଇଲା । ଗୋଟାଏ ଗୋଡ଼କୁ ଆଗକୁ କରି ଉପରକୁ ଧୂଆଁ ଛାଡ଼ିଲା, ବାଡ଼ ଉପରକୁ ଛେପ ଲମ୍ବା ଲମ୍ବା ପକାଇଲା ... ଆନିକେଇର ଦେଖା ଦେଖି ସେମ୍ୟୋନ୍ ବି ଏକେବାରେ ଲଙ୍ଗଳା ହୋଇ ପଡ଼ିଲା । ଦିହରେ ଅଣ୍ଡର ୱେର ପର୍ଯ୍ୟନ୍ତ ବି ରଖିଲା ନାହିଁ । କିନ୍ତୁ ମୁଣ୍ଡରୁ ଟୋପିଟାକୁ କାଢ଼ିବାକୁ ଭୁଲି ଗଲା ସେ ... ମୋତେ ଲାଗୁଥିଲା, ସେ କ'ଣ କରୁଛି ନିଜେ ବି ଜାଣି ପାରୁ ନଥିଲା ... ମୋ କଥା ସେତେବେଳକୁ କହିଲେ ନସରେ, ଘଡ଼ିଏ କାଲୁଆ ମାରି ଯାଉଥିଲି ତ, ଆଉ ଘଡ଼ିକୁ ଝାଳରେ ବୁଡ଼ି ଯାଉଥିଲି । କପାଳରେ ହାତ ମାରି ଦେଖିଲି ଝାଳଗୁଡ଼ାକ ବସନ୍ତ ଋତୁର ନଈ ପାଣି ପରି ଥଣ୍ଡା ଲାଗୁଛି ... ସେମ୍ୟୋନ୍‌ର ଚଉଡ଼ା ଛାତିଟା ବହଳ ବାଳରେ ଢାଙ୍କି ହୋଇ ପଡ଼ିଥାଏ ଏବଂ ମୁଣ୍ଡରେ ଟୋପିଟିକୁ ଦେଇ ଉର୍ଦ୍ଧ୍ୱ ଲଙ୍ଗଳା ହୋଇ ଛିଡ଼ା ହୋଇଥାଏ ... ସ୍ୱାମୀର ଟୋପିପିନ୍ଧା ଲଙ୍ଗଳା ରୂପଟାକୁ ଦେଖି, ଆନିସ୍ୟାର ନାରୀ ହୃଦୟ ଥୟ ଧରି ପାରିଲା ନାହିଁ । ସେମ୍ୟୋନ୍‌କୁ କୁଣ୍ଢାଇ ପକାଇ ତା' ବାହୁ ଦୁଇଟି ଭିତରେ ଓକ୍ ଗଛରେ ଲତା ମାଡ଼ିଲା ପରି ସଟି ଗଲା । ସେମ୍ୟୋନ୍ କିନ୍ତୁ ଆନିସ୍ୟାକୁ ଠେଲି ଦେଇ କହିଲା :

"ମୋଠୁଁ ଦୂରେଇ ଯାଆ କହୁଛି !.. ପାଗିଳୀ ଭଳି ହଅ ନା !.. ସମସ୍ତଙ୍କ ଆଗରେ ଏମିତି କ'ଣ ହେଉଛୁ ! ଦେଖୁଛୁ ପରା ମୋ ଦିହରେ କିଛି ନାହିଁ ... ତୋତେ ଟିକେ ସରମ ଲାଗୁ ନି ?"

ଆନିସ୍ୟା କିନ୍ତୁ ତା ମୁଣ୍ଡ ବାଳକୁ ଛିଣ୍ଡାଇ ମିଣ୍ଡାଇ ଚିତ୍କାର କରି ଉଠିଲା :

"ଆମ ଦିହିଙ୍କୁ ଗୁଳି କର !.."

ମାଲିକ ନଖକଟା ଟିକି କତୁରୀଟିକୁ ପକେଟ୍‌ରେ ପୂରେଇ ଦେଇ ପଚାରିଲା :

"ତେବେ ଗୁଳି କରିବି ?"

"ଜର ଗୁଳି, ବଦ୍‌ମାସ, ସଇତାନ !" ଆନିସ୍ୟା ଜବାବ ଦେଲା ।

"କ'ଣ ? ମାଲିକକୁ ପୁଣି ଏ କଥା !"

"ତା ସ୍ୱାମୀ ସହିତ ତାକୁ ବାନ୍ଧିପକା !" ମାଲିକ ହୁକୁମ ଦେଲା ।

"ଆନିସ୍ୟା ବୁଝି ପାରିଲା ଅଜାଣତରେ ପାଟିରୁ ତା'ର କ'ଣ ବାହାରି ଯାଇଛି । ସାଙ୍ଗେ ସାଙ୍ଗେ ସେ ପଛକୁ ଘୁଞ୍ଚି ଆସିଲା । କିନ୍ତୁ ସେତେବେଳକୁ ଅନେକ ଡେରି ହୋଇ ଯାଇଥିଲା – ନେଡ଼ିଗୁଡ଼ କହୁଣିକୁ ବହିଗଲା ପରି । କସାକ୍‌ମାନେ ଦୌଡ଼ିରେ ଦିଇ ଜଣଙ୍କୁ ବାନ୍ଧିଲା ବେଳେ କିରି କିରି ହୋଇ ହସୁଥାନ୍ତି । ବିଗ୍ରରୀ ନିରୀହା ସ୍ତୀଟି ଆଉ ସମ୍ଭାଳି ପାରିଲା ନାହିଁ, ତଳେ ପଡ଼ିଗଲା । ତା ସହିତ ଟାଣି ହୋଇ ତଳେ ପଡ଼ିଗଲା ସେମ୍ୟୋନ୍ ମଧ୍ୟ ... ମାଲିକ ସେମାନଙ୍କ ପାଖକୁ ଆଗେଇ ଆସି ଦାନ୍ତ କଡ଼ମଡ଼ କରି ପଗ୍ଭରିଲା :

"ତୋ ଛୁଆଟି ପାଇଁ ତୁ ହୁଏତ ମାଫି ଗ୍ଭହିଁବୁ, ନା ?"

"ହଁ ଗ୍ଭହିଁବି", ସେମ୍ୟୋନ୍ ବିକଳରେ କହି ପକାଇଲା ।

"ଖୁବ୍ ଭଲ କଥା, ତେବେ ମୋତେ ମାଫି ମାଗିବାରେ ବିଳମ୍ବ ହୋଇ ଯାଇଛି । ଏଥର ଭଗବାନଙ୍କୁ ମାଫି ମାଗ ।"

"ସେମାନେ ସେମ୍ୟୋନ୍ ଆଉ ଆନିସ୍ୟାକୁ ତଳେ ପଡ଼ିଥିବା ଅବସ୍ଥାରେ ଗୁଳି କରି ଦେଲେ ... ଆନିକେଇକୁ ଗୁଳି କଲା ବେଳେ ସେ ଟିକେ ଆଗକୁ ଝୁଙ୍କି ଆସିଲା, ସାଙ୍ଗେ ସାଙ୍ଗେ ତଳେ ପଡ଼ି ଗଲା ନାହିଁ । ପ୍ରଥମେ ଆଣ୍ଠୁ ଉପରକୁ ନଇଁ ଆସି, ହଠାତ୍ ମୋଡ଼ି ହୋଇ ଯାଇ ମୁହଁ ଉପରକୁ କରି ଦେଲା ଏବଂ ତା' ପରେ ପଡ଼ି ଗଲା ପଛେଇକି । ମାଲିକ ତା ପାଖକୁ ଆଗେଇ ଆସି ଆସ୍ତେ କରି ପଗ୍ଭରିଲା :

"ତୁ ବଞ୍ଚିବାକୁ ଗ୍ଭହୁଁଛୁ ? ତା ହେଲେ ମାଫି ମାଗ । ପରଶ ଗ୍ଭବୁକ ଦେଇ, ଯୁଦ୍ଧକୁ ତୋତେ ପଠାଇ ଦେବି ।"

"ଆନିକେଇ ପାଟିରେ ପାଟିଏ ଛେପ ଭର୍ତ୍ତି ହୋଇ ଯାଇଥିଲା ମାଲିକ ମୁହଁକୁ ଛାଟି ଦେବା ପାଇଁ । କିନ୍ତୁ ସେତେବେଳକୁ ତା'ର ସେ ତାକତ୍ ଆଉ ନଥିଲା । ଛେପଗୁଡ଼ାକ ଧୀରେ ଧୀରେ ଗଡ଼ି ଆସିଲା ତା'ର ଦାଢ଼ି ଉପରକୁ ... ରାଗରେ ମୁହଁଟା ତା'ର ପଡ଼ିଗଲା ଶେତା,



କିନ୍ତୁ କ'ଣ ହେବ, ଇତି ମଧ୍ୟରେ ତିନିଟା ଗୁଳି ତା ଦିହରେ ଫୁଟି ଯାଇଥାଏ ...

"ତାକୁ ନେଇ ଯାଆ, ସଡ଼କ ଉପରେ ଫୋପାଡ଼ି ଦିଅ !" ମାଲିକ ହୁକୁମ ଦେଲା ।

"କସାକ୍‌ମାନେ ଆନିକେଇକୁ ଧରି ବାଡ଼ ଡିଆଁଇ ସଡ଼କ ଉପରକୁ ଫିଙ୍ଗି ଦେଲେ । ଠିକ୍ ସେତିକି ବେଳେ ତୋପଲେଭ୍‌କାରୁ ଦଳେ କସାକ୍ ଅଶ୍ୱାରୋହୀ ଘୋଡ଼ା ଛୁଟାଇ ଆସୁଥାନ୍ତି । ସେମାନଙ୍କ ସାଙ୍ଗରେ ଥିଲା ଦୁଇଟା ଗୋଲନ୍ଦାଜ କମାଣ । ମାଲିକ ସାଙ୍ଗେ ସାଙ୍ଗେ ଗୋଟାଏ ବାହୁଣୀ ବେଙ୍ଗ ପରି ବାଡ଼ଟାକୁ ଫକ୍‌କିନା ଡେଇଁ ପଡ଼ିଲା । ସଡ଼କ ଉପରେ କୁହାଟ ଛାଡ଼ି କହିଲା :

"ଏ ଘୋଡ଼ାସବାର, ଏ ବଜ୍ଜାତ୍ ଉପରେ ଘୋଡ଼ା ଚଢ଼ାଇ ଦିଅ !.."

"ମାଲିକ କଥା ଶୁଣି ମୋ ରୁମସବୁ ଟାଙ୍କୁରି ଉଠିଲା । ଗୋଟିଏ ହାତରେ ସେମ୍ୟୋନ୍‌ର ବୁଟ୍ ଆଉ ଅନ୍ୟ ହାତରେ ତା ଜାମା ପେଣ୍ଟ ମୁଁ ଧରିଥାଏଁ । ଗୋଡ଼ ଦିଟା ମୋର ଲାଗୁଥାଏ ଭାଙ୍ଗି ପଡ଼ିଲା ପରି ... । ଘୋଡ଼ାମାନଙ୍କ ଦିହରେ ତ ପୁଣି ଭଗବାନ ଅଛନ୍ତି । ଗୋଟିଏ ହେଲେ ଘୋଡ଼ା ମୋ ଆନିକେଇ ଉପରେ ଗୋଡ଼ ଦେଲେ ନାହିଁ । ସମସ୍ତେ ତାକୁ ଡେଇଁ ପଡ଼ି ଗ୍ଭଲି ଗଲେ ... ମୁଁ ନିଜକୁ ଆଉ ସମ୍ଭାଳି ପାରିଲି ନାହିଁ, ବାଡ଼ ଉପରକୁ ଟଳି ପଡ଼ିଲି । ଆଖି ଦିଇଟା ମୋର ପଡା ଦିହରେ ଲାଖି ହୋଇ ଗଲା, ପାଟି ବି ଖୋଲିଲା ନାହିଁ ... ଗୋଲନ୍ଦାଜ କମାଣ ଲାଗିଥିବା ଗାଡ଼ିର ଗୋଟାଏ ଚକ ଆନିକେଇର ଗୋଡ଼ ଉପରେ ଚଢ଼ି ଗଲା ... ରୁଟିର ଟାଣୁଆ ଚମଡ଼ା ପରି ପ୍ରଥମେ ଗୋଡ଼ ଦି'ଟା କଡ଼ କଡ଼ କରି ଉଠି, ତା'ପରେ ସୋଲ ପରି ଚେପା ହୋଇ ଗଲା ... ଭାବିଲି ଆନିକେଇ ଆଉ ଏ ଯନ୍ତ୍ରଣା ସହି ପାରିବ ନାହିଁ, ତା ପ୍ରାଣ ବାହାରି ଯିବ । କିନ୍ତୁ ମୁହଁରୁ ତା'ର କୌଣସି ଗୋଟିଏ ହେଲେ ଶବ୍ଦ ବାହାରିଲା ନାହିଁ ... ସଡ଼କ ଉପରୁ ମାଟି ମୁଠାଏ ଗୋଟାଇ ଆଣି ପାଟି ଭିତରେ ସେ ପୂରାଇ ଦେଲା ... ମାଟିତକ ଗ୍ଭେବାଉ ଗ୍ଭେବାଉ ଏକ ଦୃଷ୍ଟିରେ ଗ୍ଭହିଁ ରହିଥିଲା ସେ ମାଲିକକୁ – ଆଖି ଦୁଇଟି ତା'ର ଦିଶୁଥିଲା ଆକାଶ ପରି ସ୍ୱଚ୍ଛ ଆଉ ଉଜ୍ଜ୍ୱଳ ...

"ସେ ଦିନ ବତିଶିଟା ଛେଳିଙ୍କୁ ଗୁଳି କରି ମାଲିକ ମାରି ଦେଲା । କେବଳ ଆନିକେଇ ବଞ୍ଚିଗଲା ତା'ର ମନର ଗର୍ବ ଯୋଗୁ ...

ତୁମ୍ଭାଙ୍କୁ ଢୋକ ଢୋକ କରି ପୁଣି ପେଟେ ପାଣି ପିଇ ନେଲେ ବୃଦ୍ଧ ଜାଖାର୍ । ମଉଳା ଓଠ ଦୁଇଟିକୁ ହାତରେ ପୋଛି ନେଇ ବୃଦ୍ଧ ତୁଣ୍ଡାର ସହିତ ଗପଟି ଶେଷ କଲେ :

"ବୁଝିଲ, ଗତ କଥାକୁ ଖତ ଖାଇଗଲାଣି । କେବଳ ପଡ଼ି ରହିଛି ଏହି ଖାଇସବୁ, ଯେଉଁଠି ଆମ ଚାଷୀମାନେ ଜମି ପାଇଁ ଲଢ଼େଇ କରିଥିଲେ । ଆଜି ଘାସ ମାସରେ ସେସବୁ ପୂରି ଉଠିଛି ... । ଆନିକେଇକୁ ସେ ଦିନ ହରାଇବାକୁ ପଡ଼ିଥିଲା ତା'ର ଗୋଡ଼ ଦୁଇଟିକୁ । ହାତ ଦୁଇଟିରେ ଭରା ଦେଇ ଏବେ ସେ ଯାଆ ଆସ କରୁଛି । କିନ୍ତୁ ମନରେ ତା'ର ଅକଳନ ଆନନ୍ଦ । ପ୍ରତିଦିନ ଦୁଆର ଚଉକାଠ ପାଖରେ ସିଏ ଏବଂ ସେମ୍ୟୋନ୍‌ର ଟିକି ପୁଅଟି ନିଜର ଉଚ୍ଚତା ମାପନ୍ତି । ପୁଅଟି କ୍ରମଶଃ ଆନିକେଇକୁ ଉଚ୍ଚତାରେ ଟପି ଯାଉଛି ... ଶୀତ ଦିନେ ଗାଈଆଳ ଗୋରୁ ପଲକୁ ପାଣି ପେଇବା ପାଇଁ ନଈକୁ ଅଡ଼ାଇ ନେଲା ବେଳେ ଆନିକେଇ ସରୁ ରାସ୍ତା ଉପରକୁ ଘୋଷାରି ଘୋଷାରି ହୋଇ ବାହାରି ଆସେ । ରାସ୍ତା ଉପରେ ସେ ବସି ପଡ଼େ ଉପରକୁ ହାତ ଟେକି ... ବଳଦଗୁଡ଼ାକ ଭୟରେ ଭଷ୍‌ଭାଷ୍ ହୋଇ ରାସ୍ତାର ଦୁଇ କଡ଼ର ବରଫ ଉପରେ ଛୁଟାଛୁଟି କରନ୍ତି । ଆନିକେଇ ହୋ ହୋ ହୋଇ ହସି ଉଠେ ... ଥରେ ଆନିକେଇ କି କ୍ଷେତରେ ଦେଖି ମୁଁ ଅବାକ୍ ହୋଇ ଗଲି ... । ସେଟା ବସନ୍ତ କାଳର କଥା । ଆମ କୋଠଖମାରର ଟ୍ରାକ୍ଟର କସାକ୍‌ମାନଙ୍କର ସେହି ଜମି ଉପରେ ହଳ କରି ଯାଉଥାଏ । ଆନିକେଇ ହାତ ଭରା ଦେଇ ଟ୍ରାକ୍ଟର ପଛେ ପଛେ ଆସୁଥାଏ ଜମି ଉପରକୁ । ଖଣ୍ଡେ ଦୂରରେ ମୁଁ ଚରାଉଥାଏ ମେଣ୍ଢାମାନଙ୍କୁ । ଦେଖିଲି, ମୋ ଆନିକେଇ ହଳକରା କ୍ଷେତ ଉପରେ ଘୋଷାରି ଘୋଷାରି ହୋଇ ଆସି ବସିଲା । ମୋତେ ବଡ଼ ଆଚମ୍ବିତ ଲାଗୁଥାଏ, ସେ ସେଠି କ'ଣ କରିବାକୁ ଆସିଛି ? ଚାରିଆଡ଼କୁ ଭଲ କରି ଅନିଷା କଲା ସେ, ଦେଖିଲା କେହି ଚୁଆଡ଼େ ନାହାନ୍ତି । ତା'ପରେ ତଳକୁ ମୁହଁ ମାଡ଼ି ଲେଟି ଗଲା ମାଟି ଉପରେ । ଲଙ୍ଗଳ ସିଆରରେ ଓଲଟି ପଡ଼ିଥିବା ଗୋଟାଏ ଘାସ ଚେକାକୁ



ଜାବୁଡ଼ି ଧରି କେତେ ଆଦର କରି, ଚୁମା ପରେ ଚୁମା ବୋଳି ଦେଲା ତାଠିଁ ... । ଆନିକେଇକୁ ଚବିଶି ପୂରି ପଚିଶି ବର୍ଷ ଚାଲିଲାଣି । ଜୀବନରେ ତା'ର ସେ ପ୍ରିୟ ମାଟିକୁ ସେ ଆଉ କେବେ ହଳ କରି ପାରିବ ନାହିଁ ... ସେଇଥି ପାଇଁ ତା'ର ଏତେ ଅବ୍‌ଶୋଷ, ଏତେ ଦୁଃଖ ..."

ଗୋଧୂଳିର ଧୂଆଁଳିଆ ମେଘମୁକ୍ତ ଆକାଶ ତଳେ ନୀଳ ଷ୍ଟେପୀ ଢୋଳେଇ ପଡ଼ିଛି । ମଉଳା ଫୁଲ ପାଖୁଡ଼ାଗୁଡ଼ିକରୁ ଶେଷ ମହୁତକ ଗୋଟେଇ ନେବା ପାଇଁ ମହୁମାଛିମାନେ ବ୍ୟସ୍ତ ହୋଇ ପଡ଼ିଲେଣି । ପାଟଳ ସୁନ୍ଦର ଘାସ ବୁଦାର ଫରଫର ଅଗସବୁ ପରଲଗା ମୁକୁଟ ପରି ଦୋଳାୟିତ ହେଉଛନ୍ତି । ପାହାଡ଼ ଉପରୁ ପଲେ ମେଣ୍ଢା ସମତଳକୁ ଓହ୍ଲାଇ ଆସି ମୁହାଁଇଛନ୍ତି ତୋପଲେଭ୍‌କା ଗାଁ ଆଡ଼କୁ । ବୁଢ଼ା ଜାଖାର୍ ତାଙ୍କ ବଙ୍କୁଲୀ ବାଡ଼ିଟି ଠୁକୁ ଠୁକୁ କରି ଚାଲିଛନ୍ତି ମେଣ୍ଢାଙ୍କ ପଛେ ପଛେ । ସଡ଼କ ଉପରେ ଯତ୍‌ନବୁଣା ଚାଦର ପରି ଧୂଳିସବୁ ବିଛାଇ ହୋଇ ଯାଇଛି । ଧୂଳି ଉପରେ ପଡ଼ିଛି ଦୁଇ ରକମର ପାଦ ଚିହ୍ନ—ଗୋଟିଏ ହେଉଛି ହେଟା ବାଘର ଥାବା ଚିହ୍ନ, ନିୟମିତ ମାପରେ ଦୂରେଇ ଦୂରେଇ ଧୂଳି ଉପରେ ଥାପି ହୋଇ ଯାଇଛି । ଆର ଚିହ୍ନଟି ହେଉଛି ତୋପଲେଭ୍‌କା କୋଠଖମାର ଟ୍ରାକ୍ଟରର—ଧୂଳି ଉପରେ ଗହୀରିଆ ଢାଲୁ ଢାଲୁ ଗାର କାଟି ଲମ୍ବି ଯାଇଛି ସଡ଼କ ଉପରେ ଦୂରକୁ ।

ଖରାଦିନିଆ ଗାଡ଼ିଚଲା ରାସ୍ତାଟି ଯାଇ ମିଶିଛି ପୂର୍ବର ସେହି ଘାସ ଉଠା ହେଟ୍‌ମେନ୍‌ସ ବଡ଼ ସଡ଼କରେ । ସେଇଠାରୁ ପରସ୍ପରଠୁଁ ଅଲଗା ହୋଇ ଯାଇଛି ଏ ଦୁଇଟି ଚିହ୍ନ । ହେଟା ବାଘର ଥାବା ଚିହ୍ନଗୁଡ଼ିକ କଡ଼େଇକି ଚାଲି ଯାଇଛି ପାହାଡ଼ ତଳୀ ଆଡ଼କୁ—କଣ୍ଟା ବୁଦା, ବଣୁଆ ଲଟା ଭିତରକୁ, ମଣିଷ ଯେଉଁଠିକି ପଶି ପାରେ ନା । ଆଉ ସେଇଠୁ ସଡ଼କ ଉପରେ ପଡ଼ିଛି କେବଳ ଗୋଟିଏ ମାତ୍ର ବାଟ, ସେ ବାଟଟି ହେଉଛି ମଜଭୁତ୍ ଆଉ ସବୁଦିନିଆ । ଟ୍ରାକ୍ଟର ଇଂଜିନ୍‌ର ପୋଡ଼ା ପେଟ୍ରୋଲି ଗନ୍ଧରେ ମହକି ଉଠୁଛି ସେ ବାଟଟି ।

୧୯୭୬

# ଘୋଡ଼ାଛୁଆ

ପ୍ରଥମେ ବାହାରିଲା ମୁଣ୍ଡଟା , ତା'ପରେ ଆଗ ଗୋଡ଼ ଦୁଇଟି । ମା ପେଟରୁ କ୍ରମଶଃ ବାହାରି ଆସିଲା ଘୋଡ଼ାଛୁଆଟି । ନେଳୀ ମାଛି ଭଣ ଭଣ ଗୋବର ଗଦାଟା ପାଖରେ ସେ ପ୍ରଥମ କରି ଦେଖିଲା ଏକ ଆଲୋକଭରା ଦିନକୁ । ତା'ର ପ୍ରଥମ ଅଭିଜ୍ଞତାରେ ଏ ପୃଥିବୀଟା ତାକୁ ଭୟାନକ ଲାଗିଥିଲା । କାରଣ ମା ପେଟରୁ ପଡ଼ିଲା କ୍ଷଣି ମୁଣ୍ଡ ଉପରେ କି ତା'ର ଫୁଟିଲା ଗୋଟାଏ କମାଣର ଗୋଳା । ଆଖି ପିଛୁଳାକେ ଟୁକୁରାଏ ବାଇଗଣୀ ମେଘ ଆକାଶରେ ଦେଖା ଦେଇ କୁଆଡ଼େ ମିଳାଇ ଗଲା । ବିସ୍ଫୋରଣର ସେହି ପ୍ରଚଣ୍ଡ ଆବାଜ୍‌ରେ କଅଁଳା ଜୀବଟି କୁଙ୍କୁଡ଼ି କାଙ୍କୁଡ଼ି ହୋଇ ପଶି ଗଲା ତା ମାର ଗୋଡ଼ ତଳକୁ । ଫୁଟନ୍ତା ଗୋଳାର କିଛି ଅଂଶ ଘୋଡ଼ାଶାଳର ଟାଇଲ ଛାତ ଉପରେ ପଡ଼ି ଝରି ପଡ଼ିଲା ଝଣ୍ ଝଣ୍ ହୋଇ । ଆଉ କେତେକ ଅଂଶ ଆସି ପଡ଼ିଲା ମାଟି ଉପରେ । ଏଇ ଘୋଡ଼ାଛୁଆର ମା ଅର୍ଥାତ୍ ତ୍ରଫିମ୍‌ର ସେଇ କସରା ଘୋଡ଼ୀଟି ଚମକି ପଡ଼ି ଧଡ଼୍‌କିନା ଉଠି ଠିଆ ହୋଇଗଲା । କିନ୍ତୁ ଛିଡ଼ା ହୋଇ ପାରିଲା ନାହିଁ । ଗୋଟାଏ କ୍ଷୀଣ ଚିତ୍କାର କରି ସଙ୍ଗେ ସଙ୍ଗେ ଟଳି ପଡ଼ିଲା ମାଟି ଉପରେ । ତା'ର ସେଇ ଝାଳବତୁରା କରଟାକୁ ଗୋବର ଗଦା ଉପରେ ଭରା ଦେଇ ପଡ଼ି ରହିଲା ସେଇଠି ।

ଗୋଟାଏ ଅସ୍ୱସ୍ତିକର ନୀରବତା ଘେରି ଆଡ଼େ ଖେଳି ଗଲା । ଘଣଘଣିଆ ମାଛିଗୁଡ଼ାକ ଆଉରି ଭଣଭଣେଇ ଉଠିଲେ । କମାଣ ଆବାଜ୍‌ରେ କୁକୁଡ଼ାଟାଏ ଭୟରେ ବାଡ଼ ଉପରକୁ ଉଠି ନପାରି ବସି ପଡ଼ିଲା ଦୁଦା ଉପରେ । ଡେଣା ଦିଟାକୁ ଥରେ ଦି ଥର ଝାଡ଼ି ଦେଇ ଗୋଟାଏ ଅସଂଯତ ଘୃପା ଗଳାରେ କ-କକରିବାକୁ ଲାଗିଲା । ଘର



ଭିତରେ ଆହତ କମାଣଗୋଳକ ଜଣେ ପଡ଼ି ରହି ଖିଟି ଖିଟିଆ ଗଳାରେ ହାଉଲ ମାଉଲ ହେଉଥାନ୍ତି । ତାଙ୍କର ସେହି ହାଉଲ ମାଉଲ ହେବାଟା ବେଳେବେଳେ କର୍କଶ ଚିତ୍କାର ଆଉ କେତେବେଳେ ଅଶ୍ରାବ୍ୟ ଗାଳି ଗୁଲଜର ରୂପ ଧାରଣ କରୁଥାଏ । ସାମ୍ନାର ଛୋଟ ବଗିଚାର ଲାଲ ରେଶମୀ ଅଫିମ ଗଛର ଫୁଲ ଉପରେ ଗୁଣୁ ଗୁଣୁ ହୋଇ ଉଡ଼ୁଥାନ୍ତି ମହୁମାଛିମାନେ । ଗାଁ ସେପାରିର ପଡ଼ିଆ ଉପରୁ ଗୋଟାଏ କମାଣରୁ ଛୋଡ଼ା ଗୁଳି ଛୁଟୁଥିଲା । ଗୋଳା ଫୁଟୁଥିଲା ରହି ରହି ଏବଂ ଗୋଟିକ ପରେ ଆଉ ଗୋଟାଏ ଗୋଳା ଫୁଟିବାର ବିରତି ସମୟର ସୁଯୋଗ ନେଇ କସରା ଘୋଡ଼ୀଟି ତା'ର ପ୍ରଥମ ଛୁଆଟିକୁ ଆଦରରେ ଗୁଟି ପକାଇଲା । ମାର ଫୁଲିଲା ଫୁଲିଲା ପହ୍ନାଟାକୁ ମୁହଁରେ ଦେଇ ଛୁଆଟି ପ୍ରଥମ କରି ଅନୁଭବ କଲା ଜୀବନର ପୂର୍ଣ୍ଣତା ଆଉ ମାର ଅକଳନ ମଧୁମୟ ସ୍ନେହ ।

ଡିଙ୍କିଶାଳ ପଛରେ ଦ୍ୱିତୀୟ ଗୋଳାଟି ପଡ଼ି ଯେତେବେଳେ ଢୋ କରି ଫୁଟି ଉଠିଲା , ତ୍ରଫିମ୍ ଦୁଆର ଖୋଲି ବାହାରି ଆସି ଛୁଟି ଗଲା ଘୋଡ଼ାଶାଳ ଆଡ଼କୁ । ଗୋବର ଗଦାର ପଛ ଆଡ଼େ ବୁଲି ଯାଇ ସେ ଖରାଝାସକୁ ଆଡ଼ୁଆଳ କରିବା ପାଇଁ ଆଖି ଉପରେ ହାତ ଦେଇ ଚାହିଁଲା । ହଠାତ୍ ଆଖିରେ ତା'ର ପଡ଼ିଲା ଘୋଡ଼ାଛୁଆଟି । ତା'ର ସେଇ କସରା ଘୋଡ଼ୀର ପହ୍ନାଟାକୁ ସେ ଏତେ ଜୋରରେ ଚୁଚୁମୁଥିଲା ଯେ ଦେହଟା ତା'ର କମ୍ପି ଉଠୁଥିଲା । କୌଣସି କିଛି ପ୍ରତି ଖିଆଲ ନଥିଲା ଛୁଆଟିର । ଅବାକ୍ ହୋଇଗଲା ତ୍ରଫିମ୍ । ଥଙ୍ଗ ଥଙ୍ଗ ହୋଇ ପକେଟ୍‌ରୁ ତମାଖୁ ପୁଳାଟାଏ ବାହାର କରି ଥର ଥର ଆଙ୍ଗୁଳିରେ ବଳିଲା ସିଗାରେଟ୍‌ଟିଏ । ମୁହଁରୁ ବାକ୍‌ସ୍ଫୁରିଲା ପରେ ତ୍ରଫିମ୍ କହି ଉଠିଲା :

"ଇତି ମଧ୍ୟରେ ଛୁଆଟାଏ ଜନ୍ମ କରି ପକାଇଲୁଣି ! ତୋତେ ଆଉ ସମୟ ମିଳିଲା ନାହିଁ , ଏହି ସମୟଟାକୁ ବାଛି ନେଲୁ ?" କଥାରେ ତା'ର ଭରି ରହିଥିଲା ତୀବ୍ର ଏକ ବିଦ୍ରୁପ ।

ଘୋଡ଼ୀଟି ଏତେ ଦୁର୍ବଳ କଣ୍ଟାସାର ହୋଇ ପଡ଼ିଥିଲା ଯେ ତାକୁ ଚାହିଁ ହେଉ ନଥିଲା । ଘାସ ଆଉ ଗୋବର ଛିଟିକାରେ ଛାଇ ହୋଇ ଯାଇଥିଲା ଦେହଟା ସାରା । କିନ୍ତୁ ତା'ର ଗଭୀର କ୍ଲାନ୍ତିଭରା ଆଖି ଦୁଇଟିରେ ଫୁଟି

୪—୨୬୪୪

ଉଠୁଥିଲା ଗର୍ବ ଆଉ ଆନନ୍ଦର ଏକ ଝଲକ । ତ୍ରଫିମ୍‌ର ମନେ ହେଲା ଘୋଡ଼ୀଟିର ରେଶମୀ ସାଉଁଳା ଓଠରେ ହସର ସରୁ ଲହରିଟିଏ ଯେମିତି ଖେଳି ଯାଉଛି । ତା'କୁ ଉଠାଇ ସେ ଘୋଡ଼ାଶାଳ ଆଡ଼କୁ ନେଇ ଗଲା । ଖାଇବା ପାଇଁ ଦାନା ତୋବଡ଼ାରେ ମୁହଁ ପୂରାଇ ଘୋଡ଼ୀଟି ସୁଁ ସୁଁ ହେଲା ବେଳେ, ତ୍ରଫିମ୍ ଦୁଆର ବନ୍ଧ ପାଖରେ ନଇଁ ପଡ଼ି ଛୁଆଟାକୁ ଘୃଣା ଆଉ ହତାଦରରେ ଦେଖୁ ଦେଖୁ କହିଲା :

"ତୋ ମଜାର ଫଳ ଏଥର ମିଳିଗଲା ନା ?"

ଘୋଡ଼ୀଟି କୌଣସି ପ୍ରତିକ୍ରିୟା ଜଣାଇଲା ନାହିଁ ।

"ଇଗ୍‌ନାତ୍‌ର ସେ ଘୋଡ଼ାଟା ଦ୍ୱାରା ତୁ ଛୁଆଟାଏ କରି ପାରିଥାନ୍ତୁ । କେଉଁଠି କେଉଁ ଧତରା ଘୋଡ଼ାଠୁ ଏଟାକୁ କରାଇଛୁ, ଭଗବାନଙ୍କୁ ହିଁ ଜଣା ... ଏ ଛୁଆଟାକୁ ନେଇ ବର୍ତ୍ତମାନ ମୁଁ କ'ଣ କରିବି ?"

ଘୋଡ଼ାଶାଳର ଛାୟାଛନ୍ନ ମୌନତା ଭିତରୁ ଘୋଡ଼ାମାନଙ୍କର ଦାନା ଚୋବାଇବାର କଡ଼ ମଡ଼ ଶବ୍ଦ ଶୁଣା ଯାଉଥାଏ । କବାଟରେ ଥିବା କଣାଟିଏ ଦେଇ ସୂର୍ଯ୍ୟ କିରଣର ଛିଟିକା ଟିକିଏ ଘର ଭିତରକୁ ପଶି ଆସି ଲାଗୁଥାଏ ସୁନା ମେଞ୍ଚାଏ ଢାଳି ଦେଲା ପରି । ତ୍ରଫିମ୍‌ର ବାଁ ଗାଲ ଉପରେ ଖରାଟିକକ ପଡ଼ି ଯିବା ଫଳରେ ତା'ର ନାଲି ନିଶ ଆଉ କରଡ଼ା ଦାଢ଼ିଟା ତମ୍ବା ପରି ଟିକ୍ ଟିକ୍ କରି ଉଠିଲା ଏବଂ ତା ମୁହଁର କଳା କୁଞ୍ଚଗୁଡ଼ାକ ଆହୁରି ଗହୀର ଦିଶିଲା । କାଠି ପରି ସରୁ ସରୁ ଗୋଡ଼ରେ ଭରା ଦେଇ ଛିଡ଼ା ହୋଇ ପଡ଼ିଲା ଘୋଡ଼ାଛୁଆଟି, ଛୁଆଙ୍କ କାଠ ଘୋଡ଼ା ପରି ଟିକି ଘୋଡ଼ାଟିଏ ।

"କ'ଣ ଯାକୁ ମାରି ଦେବି ?" ଘୋଡ଼ାଛୁଆଟି ଆଡ଼କୁ ପିଙ୍କାଖିଆ ବଙ୍କା ବିଶିଆଙ୍ଗୁଳିଟି ଦେଖାଇ ପଚାରିଲା ।

ଜଲ ଟକ୍‌ଟକ୍ ଆଖି ଦିଟାକୁ ବୁଲାଇ ମିଟି ମିଟି କରି ଚାହିଁଲା ଘୋଡ଼ୀଟି । ଚାହାଣୀରେ ତା'ର ମୁନିବ ପ୍ରତି ଫୁଟି ଉଠିଲା ଗୋଟାଏ ଉପହାସ ।

* * *

ସେଦିନ ସଞ୍ଜ ବେଳେ ତ୍ରଫିମ୍ ତା କମାଣ୍ଡର ସହିତ କଥା ହେଲା ବେଳେ କହିଲା :

"ଘୋଡ଼ୀଟା ମୋର ସେଇଥି ପାଇଁ ଏତେ ହୁସିଆର ରହୁଥିଲା । ଦୌଡ଼ି ପାରୁ ନଥିଲା କି ଚାଲିଲା ବେଳେ କଦମ୍ ପକାଇ ପାରୁନଥିଲା । ଅଳ୍ପ ଚାଲିଲା ପରେ ଧଇଁ ସଇଁ ହୋଇ ଯାଉଥିଲା । ତାକୁ ଦେଖି ମୁଁ ଭାବୁଥିଲି ନିଶ୍ଚୟ ଗାଭିଲୀ ହୋଇଛି ... ନହେଲେ ଏତେ କାହିଁକି ସାବଧାନ ହୁଅନ୍ତା ... ସତକୁ ସତ ସେ ଗାଭିଲୀ ଥିଲା । ଏବେ ବକଟେନାକୁ ଛୁଆ ଜନ୍ମ କରିଛି, ଦେଖିବାକୁ କସରା ... ବଡ଼ ଅଡ଼ୁଆରେ ପକାଇ ଦେଲା ଘୋଡ଼ୀଟା ..." ତ୍ରଫିମ୍ କଥା ଶେଷ କଲା ।

ସେନାଦଳର କମାଣ୍ଡର ତାଙ୍କ ତମ୍ବା ତିଆରି ଚା କପ୍‌ଟାକୁ ଶକ୍ତ କରି ଧରିଲେ—ଠିକ୍ ଯେମିତି ଯୁଦ୍ଧକୁ ବାହାରିଲା ବେଳେ ତରୁଆଲର ମୁଠାଟାକୁ ଟାଣ କରି ଧରନ୍ତି । ଏଣେ ଆଖିରେ ତାଙ୍କର ନିଦ ଢାଙ୍କି ଆସୁଥାଏ ଏବଂ ସେ ବତିଟି ଆଡ଼କୁ ଚାହିଁ ରହିଥାନ୍ତି । ବତିଟିର ହଳଦିଆ ଶିଖା ଚାରି ପଟରେ ମାତାଲ ହୋଇ ଉଠିଥାନ୍ତି ଗୁଡ଼ାଏ ପୋକ । ଖୋଲା ଝରକା ବାଟେ ସେ ଗୁଡ଼ାକ ଝାଙ୍କକୁ ଝାଙ୍କ ପଶି ଆସୁଥାନ୍ତି ଘର ଭିତରକୁ । କିଛି କ୍ଷଣ ଉଡ଼ିଲା ପରେ ନିଆଁରେ ଝାସ ଦେଲା ପରି ବତିର ଗରମ କାଚ ଉପରେ ପଡ଼ି ମରି ଯାଉଥାନ୍ତି ।

"...କଳା ହେଲେ କ'ଣ ହେବ, ନା କସରା ହେଲେ କ'ଣ ହେବ ? କିଛି ଫରକ ନାହିଁ ।" ସେନାଦଳର କମାଣ୍ଡର କହି ଚାଲିଲେ । "ତୁମକୁ ତାକୁ ଗୁଳି କରି ମାରି ଦେବାକୁ ପଡ଼ିବ । ଆମେ କ'ଣ ବାରବୁଲା ଜିପ୍‌ସି ହୋଇଛେ । ଘୋଡ଼ା ଛୁଆଟାଏ ଧରି ଚାରିଆଡ଼େ ବୁଲୁଥିବା ?"

"କ'ଣ କହୁଛ ? ମୁଁ ପଚାରୁଛି ପରା—ଆମେ କ'ଣ ଜିପ୍‌ସି ? ମନେ କର କମାଣ୍ଡର ପରିଦର୍ଶନରେ ଆସିଛନ୍ତି, ଆମେ କୁଚକାୱାଜ ପାଇଁ ଛିଡ଼ା ହୋଇଛେ । ତୁମର ଏ ଛୁଆଟା ଯଦି ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଏଣେତେଣେ ଦୌଡ଼ିବାରେ ଲାଗେ, ତେବେ କ'ଣ ହେବ କୁହତ ? ସବୁ ପଣ୍ଡ ହୋଇଯିବ । ତା'ପରେ ? ତା' ପରେ, ଲାଲ ଫୌଜ

ଆଗରେ ଆମର ସବୁ ମାନ ମହତ ତଳେ ପଡ଼ିଯିବ । ତ୍ରଫିମ୍, ମୁଁ ଭାବି ପାରୁ ନି, ତୁମେ ଏସବୁ ହେବାକୁ ପ୍ରଶ୍ରୟ ଦେଲ କେମିତି ? ଏ ସମାପୋଟ ଗୃହ ଯୁଦ୍ଧ ଚାଲିଥିଲା ବେଳେ ଏହି ଭଳି ଏକ ବ୍ୟଭିଚାର ! ତମେ ଲଜ୍ଜାବୋଧ କରିବାର କଥା । ସଇସମାନଙ୍କୁ ପରା କଡ଼ା ନିର୍ଦ୍ଦେଶ ଦିଆ ଯାଇଥିଲା, ଅଣ୍ଡିରା ଘୋଡ଼ାମାନଙ୍କୁ ମାଇ ଘୋଡ଼ାଙ୍କଠାରୁ ଦୂରେଇ କି ରଖିବା ପାଇଁ !"

ତହିଁ ଆର ଦିନ ବଡ଼ି ସକାଳୁ ସୂର୍ଯ୍ୟ ଉଇଁବା ଆଗରୁ ତ୍ରଫିମ୍ ତା ବନ୍ଧୁକ ଧରି ଘରୁ ବାହାରିଗଲା । ଘାସ ଉପରେ ତଳ ତଳ ଗୋଲାପୀ ରଙ୍ଗର ଶିଶିର ବିନ୍ଦୁସବୁ ଚିକ୍ ଚିକ୍ କରୁଥାଏ । ଘାସବିଛା ପଡ଼ିଆଟା ସୈନ୍ୟମାନଙ୍କ ବୁଟ୍ ଚିହ୍ନ ଆଉ ଅଙ୍କା ବଙ୍କା ଟ୍ରେଞ୍ଚରେ ଦିଶୁଥାଏ କୌଣସି ଏକ ତରୁଣୀର ଲୁହ ଭରୁଲା ବିଷାଦଭରା ମୁହଁଟି ପରି । ଅଗଣାରେ ବସି ଅର୍ଦ୍ଦଳି ରୋଷେଇଆମାନେ ସକାଳଖିଆ ତିଆରି କରୁଥାନ୍ତି । ଦୁଆର ବନ୍ଧକୁ ଲାଗି ବସିଥାନ୍ତି ସ୍ୱାତ୍ରନ୍ କମାଣ୍ଡର । ଦେହରେ କେବଳ ଖଣ୍ଡେ ଅଣ୍ଡରଉଏର ଆଉ ଗୋଟିଏ ତେଲ ଚିକିଟା ମଇଳା ଗେଞ୍ଜି । କମାଣ୍ଡର ବସି ବସି ଚାଲୁଣୀଟାଏ ବୁଣୁଥାନ୍ତି । ହାତଟା ତାଙ୍କର ଏକଦା ଅତି ପରିଚିତ ଏହି ଘରକରଣା କାମଟା ଅପେକ୍ଷା ଏବେ ରିଭଲଭରର ଶୀତଳ ମୁଠାଟା ସହିତ ଅଧିକ ଅଭ୍ୟସ୍ତ ହୋଇ ଗଲାଣି । ତେଣୁ ବୁଣିଲା ବେଳେ ମଝିରେ ମଝିରେ ସେ ଝୁଣ୍ଟୁଛନ୍ତି ।

"କ'ଣ କରୁଛନ୍ତି କି ? ଚାଲୁଣୀ ବୁଣୁଛନ୍ତି ?" ତ୍ରଫିମ୍ ଯାଉଁ ଯାଉଁ କହିଲା :

"ଏ ମାଇକିନିଆଟା ପରା ମୋତେ ବସାଇ ଉଠାଇ ଦେଉ ନାହିଁ ହେ !" ଚାଲୁଣୀରେ ବେତର ଖିଅଟାଏ ଭିଡ଼ୁ ଭିଡ଼ୁ ଗୁଣୁ ଗୁଣୁ ହୋଇ କମାଣ୍ଡର କହି ଚାଲିଲେ ।

"ଆଗେ ଏସବୁ କାମ ମୋ ହାତରେ ଭଲ ହେଉଥିଲା । ଆଜିକାଲି ଅଡ଼ୁଆ ଅଡ଼ୁଆ ଲାଗୁଛି ।"

"କିନ୍ତୁ, ଦେଖିବାକୁ ଖୁବ୍ ଭଲ ଲାଗୁଛି ତ ।" ତ୍ରଫିମ୍ କହିଲା ।

ଜଙ୍ଘ ଉପରେ ପଡ଼ିଥିବା ବେତ ଟୁକୁରାଗୁଡ଼ାକୁ ଝାଡ଼ି ଦେଇଁ ଦେଇଁ କମାଣ୍ଡର ପଚାରିଲେ :



"ସେ ଘୋଡ଼ାଛୁଆଟିକୁ ଗୁଳି କରିବାକୁ ବାହାରି ପଡ଼ିଲ ନା କ'ଣ ?"

କାନ୍ଧ ଦିଟାକୁ ଟିକିଏ ନଚାଇ ଦେଇ ନୀରବରେ ତ୍ରଫିମ୍ ଘୋଡ଼ାଶାଳ ଆଡ଼କୁ ଚାଲି ଗଲା ।

ମୁଣ୍ଡ ନୁଆଁଇ କମାଣ୍ଡର ବସି ରହିଲେ ଗୁଳି ଶବ୍ଦଟା ଶୁଣିବା ଅପେକ୍ଷାରେ । ମିନିଟିଏ ଗଲା, ଦି ମିନିଟି ଗଲା, କିନ୍ତୁ ଗୁଳିର ଆବାଜ୍ ଶୁଭିଲା ନାହିଁ । କିଛି କ୍ଷଣ ପରେ ଘୋଡ଼ାଶାଳ ଭିତରୁ ବାହାରି ଆସିଲା ତ୍ରଫିମ୍ । ମୁହଁରେ ତା'ର ଗୋଟାଏ ଅସ୍ୱସ୍ତିକର ବିଚଳତା ।

ସ୍ୱାତ୍ରନ୍ କମାଣ୍ଡର ପଚାରିଲେ "କ'ଣ ହେଲା କି ?"

"ଫାୟାରିଂ ପିସ୍ତନ୍‌ଟା ଖରାପ ହୋଇ ଯାଇଛି ବୋଲି ମନେ ହେଉଛି । ରାଇଫଲ୍‌ଟା ଠିକ୍ କାମ କରୁ ନି ।"

"ଦେଖି, ମୋତେ ଦିଅତ ।"

ଅନିଚ୍ଛାରେ ରାଇଫଲ୍‌ଟାକୁ ବଢ଼ାଇ ଦେଲା ତ୍ରଫିମ୍ । ସ୍ୱାତ୍ରନ୍ କମାଣ୍ଡର ରାଇଫଲ୍‌ର ବେଲ୍‌ଟଟା ଖୋଲି ଦେଇ କହି ପକାଇଲେ ।

"ଆରେ, ଗୁଳି ନାହିଁ ଏଥିରେ !.."

"ଆପଣ ସେ କଥା କହି ପାରିବେ ନାହିଁ ।" ତ୍ରଫିମ୍ ବିସ୍ମୟରେ ସଂଯତ ହୋଇ କହିଲା ।

"କହୁଛି ପରା ଏଟାରେ କିଛି ନାହିଁ ।"

"ଓଃ, ମୁଁ କହିବାକୁ ଭୁଲି ଯାଇଛି । ମୁଁ କାଢ଼ି ପକାଇଛି, ଘୋଡ଼ାଶାଳ ପଛରେ ପଡ଼ିଛି ସେଗୁଡ଼ାକ ..."

ରାଇଫଲ୍‌ଟାକୁ ତଳେଥୋଇ ଦେଲେ କମାଣ୍ଡର । ନୀରବରେ ଯନ୍ତ୍ର ପରି ଚାଲୁଣୀଟା ଉପରେ ଆଙ୍ଗୁଳିଗୁଡ଼ିକୁ ବୁଲାଇବାକୁ ଲାଗିଲେ । କଞ୍ଚା ବେତର ମିଠାଳିଆ ସୁବାସ ନାକରେ ତାଙ୍କର ଭରି ଦେଉଥାଏ ଭାଇଲେ ଫୁଲର ମାଦକତାଭରା ସୁଗନ୍ଧ ଆଉ କଞ୍ଚା ମାଟିର ମହକ । ଯୁଦ୍ଧର ଲେଲିହାନ ନିଆଁ ଭିତରେ ସେ ସବୁକୁ ସେ କେବେଠୁ ପାସୋରି ପକାଇଥିଲେ ...

"ଧେତ୍ ସେ ସବୁ ଛାଡ଼ ! ତାକୁ ଆଉ ମାର ନା । ଅନ୍ତତଃ କିଛି ଦିନ ପାଇଁ ରହୁ । ଯୁଦ୍ଧ ସରିଗଲେ କାହାର ଚାଷବାସ କାମରେ

ସେଟା ଇଟି ପାରିବ । ଆଉ କମାଣ୍ଡରଙ୍କ ସହିତ କଥା ହେଉ ହେଉ ତାଙ୍କ ଆଗରେ ଯଦି ଦୁଧ ଖାଏ, ଖାଉ, ସେଥିରେ କ'ଣ ଅଛି – ମା ଦୁଧ ତ ଛୁଆ ଖାଇବାର କଥା । ଆମେ ସମସ୍ତେ ଖାଇଛେ, ଏପରିକି କମାଣ୍ଡର ବି ଖାଇଛନ୍ତି । ଏତେ ଭାବି ଲାଭ ନାହିଁ । ଆଉ ତମ ଏ ରାଇଫଲ୍‌ଟା ଠିକ୍ ଅଛି । ଏଥିରେ କିଛି ଗଣ୍ଡଗୋଳ ନାହିଁ ।"

* * *

ଏହି ଘଟଣାର ପ୍ରାୟ ମାସେ ଖଣ୍ଡ ପରେ ତ୍ରଫିମ୍‌ର ସେନାଦଳଟି ଇସ୍ତ-ଖପେର୍ସାୟା ଗାଁ ନିକଟରେ ଏକ କସାକ୍ ବାହିନୀର ମୁହାଁମୁହିଁ ହୋଇ ଗଲେ । ଛାଇନେଉଟା ବେଳଠୁଁ ଉଭୟ ପକ୍ଷ ମଧ୍ୟରେ ଆରମ୍ଭ ହୋଇଗଲା ଖଣ୍ଡ ଯୁଦ୍ଧ । ଅନ୍ଧାର ହେଲା ବେଳକୁ ତ୍ରଫିମ୍‌ର ସେନାଦଳ ଘମାଘୋଟ ଆକ୍ରମଣ ଆରମ୍ଭ କରି ଦେଲେ । ଅଳ୍ପ ସମୟ ମଧ୍ୟରେ ତ୍ରଫିମ୍ ବିଚରା ତା ଦଳର ପଛରେ ପଡ଼ିଗଲା । ଚାବୁକ ପରେ ଚାବୁକ ମାରି, ଲଗାମ ଛିଣ୍ଡାଡ଼ି ତା ଘୋଡ଼ୀଟାର ଥୋମଣିକୁ ଲହୁ ଲୁହାଣ କରି ଦେଲେ ବି ସେ ଗୋଡ଼ ଉଠାଇ ଦୌଡ଼ି ପାରିଲା ନାହିଁ । ମୁହଁ ପଛକୁ ବୁଲାଇ ଗୋଡ଼ ଛାଟି ହେଁ ହେଁ କରି ବୋବାଳି ଛାଡ଼ିବାକୁ ଲାଗିଲା । ଛୁଆଟା ଲାଞ୍ଜକୁ ଉପରକୁ ଟେକି ପାଖକୁ ତା'ର ନଆସିଲା ପର୍ଯ୍ୟନ୍ତ ଗୋଡ଼ଗୁଡ଼ାକ ତା'ର ଆଉ ଆଗକୁ ଉଠିଲା ନାହିଁ । ରାଗରେ ତ୍ରଫିମ୍‌ର ମୁହଁଟା ଏକେବାରେ ବିକଟାଳ ପଡ଼ିଗଲା । ଘୋଡ଼ା ପିଠିରୁ ଓହ୍ଲାଇ ପଡ଼ି, ତରବାରିଟାକୁ ଖୋଳରେ ପୂରାଇ ଦେଇ ଧରିଲା ରାଇଫେଲ୍‌ଟାକୁ । ନଇ କୂଳରେ ତା ସେନା ଦଳର ଦକ୍ଷିଣ ଅଂଶଟି ଶତ୍ରୁମାନଙ୍କ ସହିତ ମୁହାଁମୁହିଁ ଲଢ଼େଇ କରୁଥିଲେ । ଅଶ୍ୱାରୋହୀ ସୈନ୍ୟମାନେ କେତେବେଳେ ଆଗକୁ ଆଗେଇ ଯାଉଥାନ୍ତି ତ ଆଉ କେତେବେଳେ ପୁଣି ପଛକୁ ଘୁଞ୍ଚି ଆସୁଥାନ୍ତି, ଝଡ଼ର ସାମ୍ନାରେ ହେଲା ଭଳି । ନିସ୍ତବ୍ଧ ନୀରବତା ମଧ୍ୟରେ ତରବାରିସବୁ ବୁଲୁଥାଏ । ବେଳେବେଳେ ସେ, ନୀରବତା ଘୋଡ଼ାମାନଙ୍କ ଖୁରା ପାତରେ ଭାଙ୍ଗି ଯାଉଥାଏ । ତ୍ରଫିମ୍ ଯୁଦ୍ଧରତ ଲୋକମାନଙ୍କୁ ଥରେ ଚାହିଁ ପଛକୁ ମୁହଁ ଫେରାଇ ଆଣିଲା । ସଙ୍ଗେ ସଙ୍ଗେ ବନ୍ଧୁକଟାକୁ ଘୋଡ଼ାଛୁଆଟିର ସାଉଁଳିଆ ମୁଣ୍ଡ ଉପରକୁ ଲକ୍ଷ କରି ଧରିଲା ସେ । ବନ୍ଧୁକର ଘୋଡ଼ାଟାକୁ ଟିପିଲା ବେଳେ ହାତଟା ତା'ର ଟହଲି ଗଲା କି



ଆଉ କ'ଣ ହେଲା, ଗୁଳିଟା ତା ଦେହରେ ବାଜିଲା ନାହିଁ । ଆନନ୍ଦରେ ଘୋଡ଼ାଛୁଆଟି ଡେଇଁ ହେଁ ହେଁ ଶବ୍ଦ କରି ତା ଗୁରି ପାଖରେ ଚକର କାଟି ବୁଲିଲା ବେଳେ ଖୁରାରେ ତା'ର ମେଘ ପଟଳ ପରି ଉଡ଼ିବାକୁ ଲାଗିଲା ଧୂସର ଧୂଳିସବୁ । କିଛି କ୍ଷଣ ପରେ ଛୁଆଟି ତ୍ରଫିମ୍‌ଠାରୁ ଦୂରରେ ଯାଇ ନିଶ୍ଚଳ ହୋଇ ଛିଡ଼ା ହୋଇ ପଡ଼ିଲା । ତ୍ରଫିମ୍ ଆଖି ବୁଜିକି ସାଙ୍ଗେ ସାଙ୍ଗେ ହାତ ପୂରାଇ ଦେଲା ତା କାର୍ତ୍ତୁଜ୍ ଖୋଳରେ । ହାତରେ ପଡ଼ି ଗଲା ଲୁହା ସାଞ୍ଜୁଭେଦକଲାବାଲା ନାଲି ରଙ୍ଗର କାର୍ତ୍ତୁଜ୍‌ଟା । ତ୍ରଫିମ୍ ଆଖି ପିଛୁଡ଼ାକେ ରାଇଫେଲ୍‌ରେ ସେଇ କାର୍ତ୍ତୁଜ୍‌ଟାକୁ ଭର୍ତ୍ତି କରି ଦେଇ ଛୋଟ ସଇତାନ୍‌ଟି ଉପରକୁ ଗୁଳି ଫଏର କରି ଦେଲା । କିନ୍ତୁ ଗୁଳିଟା ତା'ର କିଛି କ୍ଷତି କଲା ନାହିଁ । ତ୍ରଫିମ୍ ବଡ଼ ବିଫଳ ମନରେ ଅଶ୍ରାବ୍ୟ ଗାଳି ଗୁଲଜ ଗୁଡ଼ାଏ ଦେଇ ତା ଘୋଡ଼ା ଉପରକୁ ଉଠି ଗଲା । ଏବଂ ଯେତେ ଶୀଘ୍ର ପାରେ ସେତେ ଶୀଘ୍ର ଘୋଡ଼ାକୁ ଛୁଟାଇ ଦେଲା ତା'ର ସେନା-ଦଳର କମାଣ୍ଡରଙ୍କ ପାଖକୁ । କମାଣ୍ଡର ଏବଂ ତାଙ୍କର ଆଉ ତିନି ଜଣ ସୈନ୍ୟ ସେତେବେଳେ ପ୍ରାଣମୂର୍ଚ୍ଛା ଲଢ଼ାଇ କରି ଚାଲିଥିଲେ ଲାଲମୁହାଁ ଦାଢ଼ିଆ ପ୍ରତିବିପ୍ଳବୀମାନଙ୍କ ସହିତ ।

ସେଦିନ ରାତିରେ ସୈନ୍ୟଦଳଟି ଷ୍ଟେପୀର ଏକ ଶୁଖିଲା ଗୋହିରୀ ଭିତରେ ଛାଉଣି ପକାଇ ରହିଲେ । ରାତିରେ ରନ୍ଧା ବଢ଼ା ହେଲା ନାହିଁ କି ଘୋଡ଼ାମାନଙ୍କ ପିଠିରୁ ଜିନ୍ ବି ଖୋଲା ଗଲା ନାହିଁ । ଶତ୍ରୁ ସୈନ୍ୟଙ୍କ ଗତିବିଧି ଠଉରେଇବା ପାଇଁ ନଇ କୂଳକୁ କେତେ ଜଣ ସୈନ୍ୟଙ୍କୁ ପଠା ଯାଇଥିଲା । ସେମାନେ ଆସି ଖବର ଦେଲେ ଘାଟ କୂଳରେ ଶତ୍ରୁ ଅନେକ ସୈନ୍ୟ ଆଣି ଜମାୟତ କଲେଣି ।

ତ୍ରଫିମ୍ ସେତେବେଳେ ତା ଖାଲି ପାଦରେ ଓ୍ୱାଟରପ୍ରୁଫ କନାକୁ ଗୁଡ଼ାଇ ଛାଇ ଛାଇକିଆ ନିଦରେ ସେ ଦିନର ଘଟଣାବଳୀକୁ ଦେଖୁଥିଲା । ହଠାତ୍ ସେ ଦେଖିଲା, ତା ସେନାଦଳର କମାଣ୍ଡର ଅତଡ଼ାଖିଆ ନଇ ତୀରକୁ ଡେଇଁ ପଡ଼ୁଛନ୍ତି ଏବଂ ବସନ୍ତମୁହାଁ ଧର୍ମଭୀରୁ କସାକ୍ ବୁଢ଼ା ଜଣେ ତରବାରିରେ କମାଣ୍ଡଙ୍କ ଉପରେ କ୍ରୁଶ ଚିହ୍ନ ଆଙ୍କୁଛି । ତା'ଛଡ଼ା ଆଉ ଗୋଟିଏ ମଡ଼ମଡ଼ିଆ କସାକ୍ ଟୋକାକୁ ସେ ହାଣିକି ଚେନା

ଚେନା କରି ଦେଇଛି ଏବଂ ଆଉ କାହାର ଜିନ୍‌ଟା ବୁଡ଼ି ଯାଇଛି କଳା ରକ୍ତରେ । ଏସବୁ ଛଡ଼ା ତା'ର ସେହି ଘୋଡ଼ାଛୁଆଟା ...

ସିନ୍ଦୂରା ଫାଟି ଆସିଲା ବେଳକୁ ସେନାଦଳର କମାଣ୍ଡର ତ୍ରଫିମ୍ ନିକଟକୁ ଆସି ପାଖରେ ତା'ର ବସି ପଡ଼ିଲେ ।

"କ'ଣ ନିଦ ଭାଙ୍ଗି ନି ତ୍ରଫିମ୍ ?"

"ନାହିଁ ଢୋଳଉଛି ।"

ଆକାଶରେ ମଉଳି ଆସିଥିବା ତାରାମାନଙ୍କ ଆଡ଼କୁ ଅନିଷା କରି କମାଣ୍ଡର କହିଲେ :

"କ'ଣ କହୁଥିଲି କି, ତୁମ ସେ ଘୋଡ଼ାଛୁଆଟାକୁ ଗୁଳି କରି ଦିଅ ! ସେଟା ମଣିଷର ମନ ବଳ ପକ୍ଷରେ ଖରାପ ... ତାକୁ ଦେଖିଲା କ୍ଷଣି ମୋ ମନଟା ଏବେ କଅଁଳ ହୋଇ ଯାଉଛି, ମୁଁ ତରବାରି ଚଳାଇ ପାରୁ ନି ... ଘର କଥା ବି ମନେ ପଡ଼ି ଯାଉଛି । ଯୁଦ୍ଧ ବେଳେ ସେ ସବୁ କଥା ଭଲ ନୁହଁ ... ଏହା ଦ୍ୱାରା ମଣିଷର ପଥର ହୃଦୟ ଲହୁଣୀ ପାଲଟି ଯାଏ ... ତୁମେ ଦେଖିଛ, ସେ ଉଖଣ୍ଡକିଆ ସଇତାନ୍‌ଟା ଲଢ଼େଇ ଭିତରକୁ ପଶି ଯାଇଥିଲା । କିନ୍ତୁ ତା ଦିହରେ ଟିକିଏ ହେଲେ ଖଣ୍ଡିଆ ଖାବରା ଦାଗ ନାହିଁ ..." ଘଡ଼ିକ ପାଇଁ ଚୁପ୍ ହୋଇଗଲେ କମାଣ୍ଡର । ଓଠରେ ତାଙ୍କର ଖେଳିଗଲା କାଣିଚାଏ ସ୍ୱପ୍ନଛୁଆଁ ହସ । ତ୍ରଫିମ୍ କିନ୍ତୁ ଲକ୍ଷ୍ୟ କରି ପାରି ନଥିଲା । "ବୁଝିଲ ତ୍ରଫିମ୍, ତା'ର ସେ ଯେଉଁ ଲାଞ୍ଜଟା ନା ! ତୁମେ ଦେଖିଛ, ଲାଞ୍ଜଟାକୁ ଉପରକୁ ଟେକି କିପରି ଡେଇଁ ଡେଇଁ ସେ ଯାଏ ? ଦେଖିଲେ ମନେ ହୁଏ ପବନରେ ଯେମିତି ପହଁରି ପହଁରି ଯାଉଛି ସେ, ସତ କହୁଛି । ତା ଲାଞ୍ଜଟା ଦେଖିବାକୁ କୋକିଶିଆଳିର ଲାଞ୍ଜ ଭଳି ... କେଡ଼େ ସୁନ୍ଦର ସତେ !.."

ତ୍ରଫିମ୍ କିନ୍ତୁ କିଛି ଜବାବ ଦେଲା ନାହିଁ । ଦେହଟା ତା'ର ଜାକରରେ ଭିଜି ଭିଜି ଥରୁଥିଲା । କୋଟ୍‌ରେ ମୁଣ୍ଡଟାକୁ ଘୋଡ଼ାଇ ପକାଇ ସାଙ୍ଗେ ସାଙ୍ଗେ ପୁଣି ଶୋଇ ପଡ଼ିଲା ।

* * *

ଏକ ପୁରାତନ ମଠର ସାମ୍ନାରେ ଦନ୍ ନଈର ଦକ୍ଷିଣ କୂଳରୁ ପାହାଡ଼ଟାଏ ମାଡ଼ି ଆସି ତା'ର ଗତି ପଥକୁ ସଂକୁଚିତ କରି ଦେଇଛି ।



କ୍ରୋଧରେ ବିବେକହରା ହୋଇ ସରୁ ପାହାଡ଼ି ପଥରେ ଦୁର୍ବାର ଗତି ନେଇ ଛୁଟି ଚାଲିଛି ଦନ୍ । ପାହାଡ଼ ମୋଡ଼ରେ ନଈ ସୁଅ ଧକ୍କା ଖାଇ ଫୁଲି ଉଠୁଛି, ଅସଂଖ୍ୟ ବୁଦ୍‌ବୁଦମାଳା ସୃଷ୍ଟିକରି । ସବୁଜ ଢେଉସବୁ ଫଣା ଟେକି ଡେଇଁ ପଡ଼ୁଛନ୍ତି ଫୁଲଖଡ଼ି ପରି ସଫେଦ ପଥରର ଢିମାଗୁଡ଼ିକ ଉପରକୁ । ବସନ୍ତ ସମୟରେ ପର୍ବତ ଧିଅରୁ ଅତଡ଼ାଟାଏ ଖସି ପଡ଼ିଲା ପରି ଲାଗୁଛି ।

ମଠ ସାମ୍ନାରେ ନଈ ପାର ହେବାକୁ ସେନାଦଳର କମାଣ୍ଡର ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେବାର କଥା ନୁହଁ । କିନ୍ତୁ, ଦନ୍ ଯେଉଁଠି ବେଶ୍ ଚଉଡ଼ା ଆଉ ଶାନ୍ତ, ସୁଅ ଯେଉଁଠି ଦୁର୍ବଳ, କସାକ୍‌ମାନେ ସେଠି ଜଗି ରହିଛନ୍ତି । ପାହାଡ଼ ଉପରକୁ ଅନବରତ ଗୁଳି ଚଳାଉଛନ୍ତି । ତେଣୁ ଅନ୍ୟ ଉପାୟ ନଦେଖି କମାଣ୍ଡର ମଠ ସାମ୍ନାରେ ନଈ ପାର ହେବାକୁ ନିର୍ଦ୍ଦେଶ ଦେଲେ ।

ନଈ ପାରି ହେବା ଆରମ୍ଭ ହେଉଁ ହେଉଁ ଦିପହର ହୋଇ ଯାଇଥିଲା । ଗୋଟାଏ କାମଚଳା ମୁତାବକ କାଠଭେଳା ତିଆରି କରି କମାଣ ଖଞ୍ଜା ଗୋଟାଏ ଗାଡ଼ିକୁ କମାଣ ଚଳାଳୀ ଓ ତିନିଟି ଘୋଡ଼ାଙ୍କ ସହିତ ସେମାନେ ପଠାଇଲେ । ନଈ ମଝିରେ ଭେଳାଟା ଗୋଟାଏ ଭଉଁରୀ ଭିତରେ ପଡ଼ିଗଲା । ଚକର କାଟି ବୁଲିଲା ବେଳେ ଟିକେ ଅଣାଇ ଗଲା ତଳକୁ । ବାଁ ପାଖରେ ଥିବା ଘୋଡ଼ାଟା ଇତି ପୂର୍ବରୁ କେବେ ନଈ ପାର ହୋଇ ନଥିଲା । ତେଣୁ ଭୟରେ ଅଧୀର ହୋଇ ପଡ଼ିଲା ସେ । ପାହାଡ଼ ଉପରେ ଘୋଡ଼ାର ଜିନ୍ ଖୋଲୁ ଖୋଲୁ ସୈନ୍ୟମାନେ ନଈ ଭିତରେ ଭୟାର୍ତ୍ତ ଘୋଡ଼ାର ବିକଳ ବୋବାଳି ଏବଂ ଭେଳା ଉପରେ ଟାପୁ ପିଟିବାର ଶବ୍ଦ ଶୁଣିବାକୁ ପାଇଲେ ।

"ଜାନୁଆରଟା ଭେଳାଟାକୁ ବୁଡ଼ାଇ ଦେବ !" ଦୁଃଖରେ ତ୍ରଫିମ୍ ଗୁଣୁ ଗୁଣୁ ହୋଇ କହି ଉଠିଲା । ତା ଘୋଡ଼ୀର ଝାଳ ଜରଜର ପିଠି ଉପରକୁ ଉଠୁଥିବା ହାତଟା ପୁଣି ନଇଁ ଆସିଲା ତଳକୁ । ବିକଳରେ ଘନ ଘନ ବୋବାଳି ଛାଡ଼ି ଭେଳା ଉପରର ଘୋଡ଼ାଟା ଉପରକୁ ଗୋଡ଼ ଟେକି ପଛକୁ ହଟି ହଟି ଆସୁଥିଲା ।

ସେନାଦଳର କମାଣ୍ଡର ନିର୍ଦ୍ଦେଶ ଦେଲେ : "ଗୁଳି କର !.."

ତ୍ରଫିମ୍ ଦେଖିଲା ଜଣେ ଗୋଇନ୍ଦାଙ୍କ ପଛ ଗୋଡ଼ରେ ଛିଡ଼ା ହୋଇ ପଡ଼ିଥିବା ଘୋଡ଼ାର ବେକ ପର୍ଯ୍ୟନ୍ତ ବୁଡ଼ି ଉଠି କାନରେ ତା'ର ଗିଲିଭରର ନଳିଟାକୁ ଲୁଚାଇ ଦେଉଛି । ଛୁଆଙ୍କ ଖେଳନା ବନ୍ଧୁକର ଆବାଜ୍ ପରି କୁହୁକୁ ଆବାଜ୍‌ଟାଏ ଶୁଭିଲା । ଭେଳା ଉପରେ ଥିବା ଆଉ ଦୁଇଟି ଘୋଡ଼ା ପରସ୍ପରର ପାଖକୁ ଲାଗି ହୋଇ ଆସିଲେ । ଭାରସାମ୍ୟ ରଖିବା ପାଇଁ ଗୋଇନ୍ଦାଙ୍କ ଜଣକ ମୃତ ଘୋଡ଼ାଟିକୁ ଠେଲି ଦେଲା । ଆଗ ଗୋଡ଼ ଦୁଇଟି ତା'ର କ୍ରମଶଃ ବାଙ୍କି ଆସିବା ସଙ୍ଗେ ସଙ୍ଗେ ମୁଣ୍ଡଟା ବୁଡ଼ି ଗଲା ପାଣିରେ ...

ଏହାର ଦଶ ମିନିଟ ଖଣ୍ଡ ପରେ ସେନାଦଳର କମାଣ୍ଡର ତାଙ୍କ କଳା ଘୋଡ଼ାରେ ଚଢ଼ି ପାଣି ଭିତରକୁ ପଶିଲେ । କମାଣ୍ଡରଙ୍କ ପଛେ ପଛେ ଛୁଟିଲେ ଶହେ ଆଠ ଜଣ ଅଧାଲଙ୍ଗଳା ମଣିଷ ଏବଂ ସେତିକି ସଂଖ୍ୟକ ରଙ୍ଗ ବେରଙ୍ଗର ଘୋଡ଼ା । ନଈର ସୁଅକଟା ପାଣିଗୁଡ଼ାକ ଅଜାଡ଼ି ହୋଇ ଭୟଙ୍କର ଭାବେ ଛିଟିକି ପଡ଼ୁଥାଏ ସେମାନଙ୍କ ଗତିରେ । ତିନିଟା ଡଙ୍ଗାରେ ଘୋଡ଼ାମାନଙ୍କ ଜିନ୍‌ଗୁଡ଼ାକ ଲଦା ହୋଇଥାଏ । ତ୍ରଫିମ୍ ତା ଘୋଡ଼ୀଟିକୁ ଦଳ ନେତା ନେଚେପୁରେଙ୍କୋ ହାତରେ ଦେଇ ନିଜେ ଗୋଟିଏ ଡଙ୍ଗା ଚଳାଉଥିଲେ । ନଈର ମଝା ମଝିରେ ପହଞ୍ଚି ତ୍ରଫିମ୍ ପଛକୁ ଗ୍ଭହିଁଲା । ସବା ଆଗରେ ଘୋଡ଼ାଗୁଡ଼ିକ ଆଣ୍ଠୁଏ ସରିକି ପାଣି ମଧ୍ୟକୁ ପଶି ଆସିଛନ୍ତି । ଅନିଚ୍ଛାରେ ମୁହଁ ତଳକୁ କରି ପାଣି ପିଇ ଯାଉଛନ୍ତି । ଲୋକମାନେ ଚୁପ୍ ଚୁପ୍ କରି କ'ଣ ସବୁ କହି ଘୋଡ଼ାମାନଙ୍କୁ ଜଲ୍‌ଦି ଜଲ୍‌ଦି ଯିବା ପାଇଁ ମତାଉଛନ୍ତି । ସଙ୍ଗେ ସଙ୍ଗେ ନଈ କୂଳର କୋଇ ଗଛ ଭିତରକୁ ପାଣି ଉପରେ ଅନେକ ଗୁଡ଼ାଏ ଘୋଡ଼ାଙ୍କର ମୁଣ୍ଡ ଦେଖାଗଲା । ସୈନ୍ୟମାନେ ଘୋଡ଼ାମାନଙ୍କ କରେ କରେ ସେମାନଙ୍କ କମରକୁ ଧରି ପହଁରି ପହଁରି ଆସୁଥାନ୍ତି । ମୁଣ୍ଡ ଉପରକୁ ଟେକି ଧରିଥାନ୍ତି ସେମାନଙ୍କ ବନ୍ଧୁକଗୁଡ଼ିକୁ । ବନ୍ଧୁକରେ ବନ୍ଧା ହୋଇଥାଏ ସେମାନଙ୍କ ପୋଷାକ ଆଉ କାର୍ତ୍ତୁଜ ଖୋଳସବୁ ।

କାତସବୁ ରଖି ଦେଇ ଡଙ୍ଗା ଉପରେ ଛିଡ଼ା ହୋଇ ପଡ଼ିଲା ତ୍ରଫିମ୍ । ସାମ୍ନାରୁ ମୁହଁ ଉପରେ ପଡ଼ୁଥାଏ ସୂର୍ଯ୍ୟ କିରଣ । ପହଁରି ପହଁରି ଆସୁଥିବା ଘୋଡ଼ାମାନଙ୍କ ଭିତରେ ତା'ର ସେହି କସରା ଘୋଡ଼ୀଟି



ଉପରେ ଟିକେ ନଜର ପକାଇବାକୁ ଆଖି ମିଞ୍ଜିମିଞ୍ଜି କରି ସେ ଗ୍ଭହିଁଲା । ହଠାତ୍ ଗୁଳିର ଆବାଜ୍‌ରେ ଆକାଶରେ ବିଛୁଡ଼ି ହୋଇ ଉଡ଼ି ଉଡ଼ି ଯାଉଥିବା ପଲେ ବଣ ହଂସ ପରି ସେନା ଦଳଟି ତା'ର ପାଣି ଉପରେ ଦିଶୁଥାନ୍ତି । ସବା ଆଗରେ ଆସୁଥାଏ କମାଣ୍ଡରଙ୍କ କଳା ଘୋଡ଼ାଟି । ପାଣି ଉପରେ ଟିକ୍ ଟିକ୍ ଉଛ ପିଠିଟା ତା'ର ଚହଟି ଉଠୁଥାଏ । ତା' ପଛକୁ ଲାଗି ଫୁଟି ଦିଶୁଥାଏ କମିସାରଙ୍କ ଘୋଡ଼ାର ରୁପେଲି କାନ ଦୁଇଟି । ଅନ୍ୟ ଘୋଡ଼ାମାନେ ପଲ ବାନ୍ଧି ଆଗଉଥାନ୍ତି । ସବା ଶେଷରେ, ସେନା ଦଳର ନେତା ନେଚେପୁରେଙ୍କୋଙ୍କ ଘୋଡ଼ାର ଲୋମଶ ମୁଣ୍ଡଟି ଉଠପଡ଼ ହେଉଥାଏ । ଘୋଡ଼ାଟି କ୍ରମଶଃ ଅନ୍ୟମାନଙ୍କଠୁ ପଛକୁ ପଡ଼ି ଯାଉଥାଏ । ତା'ର ଠିକ୍ ବାଆଁ ପାଖକୁ ଲାଗି ଆସୁଥାଏ ତ୍ରଫିମ୍‌ର ଘୋଡ଼ୀଟି । ତା'ର ଆଉରି ପଛରେ ତ୍ରଫିମ୍ ଅନେକ କଷ୍ଟରେ ଲକ୍ଷ କଲା ତା ଛୁଆଟି ପାଣିରେ ଉବୁଟୁବୁ ଖାଇ ପହଁରୁଛି । କେତେବେଳେ ସୁଅରେ ଅଧା ଉପରକୁ ଉଠି ପଡ଼ୁଛି ତ ଆଉ କେତେବେଳେ ନାକ ପର୍ଯ୍ୟନ୍ତ ବୁଡ଼ି ଯାଉଛି ।

ଦନ୍ ନଈର ଉପର ଦେଇ ପବନରେ ଭାସି ଆସୁଥାଏ ଘୋଡ଼ାମାନଙ୍କର ହେଁଃ ... ହେଁଃ ବୋବାଳି, ଅସ୍ପଷ୍ଟ ଆବାଜ୍ । ସତେ ଯେମିତି ପଶୁଗୁଡ଼ାକ ବିକଳରେ ସାହାଯ୍ୟ ପାଇଁ ଡାକ ପକାଉଛନ୍ତି ।

ତରବାରିର ତୀକ୍ଷ୍ଣ ମୁନ ପରି ଏହି କରୁଣ ଆବାଜ୍‌ଟା ତ୍ରଫିମ୍‌ର ହୃଦୟରେ ବିଦ୍ଧ ହୋଇ ମନଟାକୁ ତା'ର ଅଥୟ କରି ଦେଲା । ଦୀର୍ଘ ପାଞ୍ଚ ବର୍ଷ ଧରି ଲଢ଼ାଇ କରି ଆସିଛି ସେ, ମୃତ୍ୟୁ ସହିତ କେତେ ନା କେତେ ପ୍ରେମ ଅଭିନୟ ବି କରିଛି । କିନ୍ତୁ କେବେହେଲେ ହୃଦୟରେ ତା'ର ଦୁର୍ବଳତା ଦେଖା ଦେଇ ନି, ନିଜକୁ କେବେ ସେ ଭାଙ୍ଗି ପଡ଼ିବାକୁ ଦେଇ ନି । ଆଜି କିନ୍ତୁ ଏହି କରୁଣ ବୋବାଳି ଶୁଣି ତା'ର ନାଲିଆ କରଡ଼ା ଦାଢ଼ି ଭିତରୁ ମୁହଁଟି ପାଉଁଶିଆ ପଡ଼ିଗଲା । ଆହୁଲଟାକୁ ଟାଣି ଧରି ସୁଅ ମୁହଁରେ ଡଙ୍ଗାଟାକୁ ବାହିବାକୁ ଲାଗିଲା ସେଇ ଭଉଁରୀ ଆଡ଼କୁ ଯେଉଁଠି ଘୋଡ଼ାଛୁଆଟି ନିଜକୁ ଉଦ୍ଧାର କରିବା ପାଇଁ ପ୍ରାଣାନ୍ତକ ଚେଷ୍ଟା କରୁଥିଲା । ତା ଘୋଡ଼ୀଟି ମଧ୍ୟ ବିକଳରେ ବୋବାଳି ଛାଡ଼ି ତା ପାଖ ପର୍ଯ୍ୟନ୍ତ ଜୋରରେ ପହଁରି ଯାଉଥିଲା ଛୁଆଟିକୁ ଉଦ୍ଧାର କରିବାକୁ ।

ନେଚେପୁରେଙ୍କୋ ତାକୁ ଅଟକାଇ ପାରୁ ନାହିଁ । ତ୍ରୁଫିମ୍‌ର ବନ୍ଧୁ ସ୍ତେଶ୍‌କା ୟେପ୍ରେମଭ୍ ଚିନ୍ ଉର୍ଦ୍ଧି ଡଙ୍ଗା ଉପରୁ ଚିତ୍କାର କରି ଉଠିଲା :

"ବୋକାମି କର ନା, କହୁଛି ! କୂଳ ଆଡ଼କୁ ଚାଲେ ! କସାକ୍‌ମାନେ ଆସି ଗଲେଣି !.."

"ପାଟି କର ନା କହୁଛି !" ଦୀର୍ଘ ନିଶ୍ୱାସ ପକାଇ ତ୍ରୁଫିମ୍ କହିଲା ଏବଂ ତା'ର ବନ୍ଧୁକଟିକୁ ପ୍ରସ୍ତୁତ କଲା ।

ସୁଅ ମୁହଁରେ ଘୋଡ଼ାଛୁଆଟି ଭାସି ଭାସି ଯାଉଥାଏ ଏବଂ ଗୋଟାଏ ଛୋଟ ଭଉଁରୀ ଭିତରେ ପଡ଼ି ଯାଇ ଆପଣଛାଏଁ ବୁଲିବାରେ ଲାଗିଥାଏ । ସବୁଜ ସାଉଁଳା ଢେଉସବୁ ପାଖକୁ ତା'ର ଯେମିତି ଚାଟି ପକାଉଥାନ୍ତି । ତ୍ରୁଫିମ୍ ପ୍ରାଣମୂର୍ଚ୍ଛା ହୋଇ ଆହୁଲା ମାରୁଥାଏ ଏବଂ ଡଙ୍ଗାଟି ଏ ପାଖ ସେ ପାଖ ଦୋହଲୁଥାଏ । ନଈର ଦକ୍ଷିଣ କୂଳର ପାହାଡ଼ ଭିତରୁ କସାକ୍‌ମାନେ ବାହାରି ପଡ଼ି ଗୋଟାଏ କମାଣରୁ ଗୁଳି ଫାଏର କରିବାକୁ ଲାଗି ଗଲେ । ପାଣି ଉପରେ ଗବ୍‌ଗାବ୍ ହୋଇ ପଡ଼ିଲା ଆସି ଗୁଳିଗୁଡ଼ାକ । ଛିଡ଼ା ଖାକି କମିଜପିନ୍ଧା କସାକ୍ ଅଫିସର ଜଣେ ତା ପିସ୍ତଲଟାକୁ ହଲାଇ କ'ଣ ଗୋଟାଏ କହିଉଠିଲା ।

ଘୋଡ଼ାଛୁଆଟିର ବୋବାଳି କ୍ରମଶଃ କ୍ଷୀଣ ଆଉ ଅସ୍ପଷ୍ଟ ହୋଇ ଆସୁଥାଏ । କାନକୁ ଲାଗୁଥାଏ ଗୋଟାଏ ମଣିଷ ଛୁଆର ବିକଳ କାନ୍ଦଣା ପରି । ନେଚେପୁରେଙ୍କୋ ଘୋଡ଼ୀଟିର ଆଶା ଛାଡ଼ି ଦେଇ ବାଆଁ କୂଳ ଆଡ଼କୁ ତରବରରେ ପହଁରିବାକୁ ଲାଗିଲା । ତ୍ରୁଫିମ୍‌ର ଦେହଟା ଥରି ଉଠିଲା ଏବଂ ବନ୍ଧୁକ ଉଠାଇ ଘୋଡ଼ାଛୁଆଟିର ମୁଣ୍ଡ ତଳକୁ ଲକ୍ଷ୍ୟ କରି ଭଉଁରୀ ଭିତରକୁ ସେ ଗୁଳିଟାଏ ଫାଏର କରି ଦେଲା । ତା'ପରେ କରୁଣ ଶବ୍ଦଟାଏ କରି, ବୁଟ୍ ଦିଟାକୁ ଖୋଲି ଦେଇ ଡେଇଁ ପଡ଼ିଲା ପାଣି ଭିତରକୁ ।

ନଈର ଡାହାଣ କୂଳରେ ଥିବା ଖାକି କମିଜପିନ୍ଧା ଅଫିସର ଜଣକ ହୁକୁମ ଦେଲା :

"ଗୁଳି ବନ୍ଦ କର !.."

ପାଞ୍ଚ ମିନିଟ ଭିତରେ ତ୍ରୁଫିମ୍ ପହଞ୍ଚି ଗଲା ଘୋଡ଼ାଛୁଆଟି ପାଖକୁ । ବାଁ ହାତରେ ତା'ର ଜଡ଼ି ଯାଇଥିବା ପେଟଟାକୁ ଧରି



ଅଣନିଶ୍ୱାସୀ ହୋଇ ବାଁ କୂଳକୁ ପହଁରି ପହଁରି ସେ ଛୁଟିଲା ... ନଈର ଡାହାଣ କୂଳରୁ ଶତ୍ରୁମାନଙ୍କ ପକ୍ଷରୁ ଗୋଟିଏ ହେଲେ ଗୁଳି ଶବ୍ଦ ବି ଶୁଭିଲା ନାହିଁ ।

ଆକାଶ, ବଣ ଆଉ ବାଲି, ସବୁ କିଛି ସବୁଜ ଛାୟାଚ୍ଛନ୍ନ ଦିଶୁଥାଏ ... ଦେହର ସମସ୍ତ ଶକ୍ତି ଖଟାଇ ତ୍ରୁଫିମ୍ ଆସି ପହଞ୍ଚିଲା କୂଳରେ । ଉପରକୁ ଟେକି ଆଣିଲା ପାଣିରେ ଜଡ଼ସଡ଼ ହୋଇ ଯାଇଥିବା ଘୋଡ଼ାଛୁଆଟିକୁ । ଦେହଟାକୁ ତା'ର ବାଲି ଉପରେ ମେଲାଇ ଦେଇ ଢୋକି ପକାଇଥିବା ସବୁଜ ନଈ ପାଣିଗୁଡ଼ାକୁ କାଢ଼ି ନଈ ମଧ୍ୟକୁ ପକାଇ ଦେଲା । ବଣ ଭିତରୁ ଭାସି ଆସୁଥିଲା ତା'ର ସାଥୀ ପଲଟଣଙ୍କର ସ୍ୱର ଆଉ ନଈବାଙ୍କର ଅନେକ ଦୂରରେ କମାଣର ଗର୍ଜ୍ଜନ । ତ୍ରୁଫିମ୍‌ର କସରା ଘୋଡ଼ୀଟି ପାଣିରୁ ଉଠି ଆସି ପାଖରେ ତା'ର ଛିଡ଼ା ହେଲା ଏବଂ ଦେହରେ ଲାଗିଥିବା ପାଣିକୁ ଝାଡ଼ି ଝୁଡ଼ି ଦେଇ ଛୁଆଟିକୁ ତା'ର ଚାଟିଲା । ତା'ର ନରମ ନିସ୍ତେଜ ଲାଙ୍ଗୁଳଟିରୁ ବାଲି ଉପରକୁ ଝରି ପଡ଼ୁଥିବା ଜଳ ବିନ୍ଦୁଗୁଡ଼ିକ କରୁଥିଲା ଟକ୍ ଟକ୍ ... ।

ତ୍ରୁଫିମ୍ ଟଳିଟଳିକା ଉଠି ଛିଡ଼ାହେଲା ଏବଂ ବାଲି ଉପରେ ପାଦେ ଦି ପାଦ ଯାଇଛି କି ନାହିଁ ପୁଣି ଥରି ଥରି ପଡ଼ିଗଲା ତଳେ । ଛାତି ଭିତରେ ତା'ର ଚାଉଁକିନା ତତଲା କ'ଣ ଗୋଟାଏ ପଶିଗଲା ପରି ଲାଗିଲା ଏବଂ ଟଳି ପଡ଼ୁ ପଡ଼ୁ କାନରେ ବାଜିଲା ଗୋଟାଏ ଗୁଳିର ଆବାଜ୍ । ପିଠି ଉପରେ ଗୁଳିର ଚୋଟଟା ଆସି ଲାଗିଥିଲା ନଈର ଦକ୍ଷିଣ କୂଳରୁ । ଛିଡ଼ା ଖାକି କମିଜପିନ୍ଧା ସେଇ ଅଫିସର ଜଣକ ଦକ୍ଷିଣ କୂଳରେ ସେଇଠି ବନ୍ଧୁକ ଭିତରୁ ନିର୍ବିକାରରେ କାର୍ତ୍ତୁଜ୍‌ଟାକୁ କାଢ଼ି ଫିଙ୍ଗି ଦେଉଥିଲା । କାର୍ତ୍ତୁଜ୍‌ଟାରୁ ଧୂଆଁ ବାହାରୁଥାଏ । ବାଲିଚରା ଉପରେ ଘୋଡ଼ାଛୁଆଟିଠାରୁ ମାତ୍ର ପାଦେ ଦି ପାଦ ଦୂରରେ ପଡ଼ିଥାଏ ତ୍ରୁଫିମ୍‌ର ମୃତ ଦେହଟି । ମୁହଁରୁ ବାହାରି ଆସିଥିବା ରକ୍ତମଖା ଫେଣଗୁଡ଼ାକ ନୀଳ ଲୁଖୁରା ଓଠରେ ତା'ର କାଣିଚାଏ ହସ ଫୁଟିଲା ପରି ଚହଟି ଉଠୁଥାଏ, ଯେଉଁ ଓଠରେ ସେ ଦୀର୍ଘ ପାଞ୍ଚ ବର୍ଷ ଧରି ତା'ର ପିଲାମାନଙ୍କୁ ଥରଟିଏ ବି ଚୁମା ଖାଇ ନି ।

୧୯୨୬

# ପର ପୁଅ

ସନ୍ଥ ଫିଲିପ୍‌ସଙ୍କ ଉତ୍ସବ ପରେ ପରେ ଯିଶୁ ଖ୍ରୀଷ୍ଟଙ୍କ ଜନ୍ମ ଉତ୍ସବ ବେଳକୁ ସେଥର ପ୍ରଥମ କରି ବରଫ ପଡ଼ିଲା । ଷ୍ଟେପୀର ଶୁଖିଲା ନାଲି ଘାସ ବୁଦାଗୁଡ଼ାକୁ ଖସ୍ ଖସ୍ କରି ସେ ଦିନ ରାତିରେ ଦନ୍ ଉପର ଦେଇ ସଁ ସଁ ହୋଇ ବହୁଥିଲା ପବନଟା । ଷ୍ଟେପୀ ଉପରେ ପଡ଼ିଥିବା ବରଫକୁ ସେ ସଜାଡ଼ି ଦେଉଥିଲା ଥାକ ଥାକ କରି, ସଡ଼କର ଆବୁଡ଼ା ଖାବୁଡ଼ା ପିଠିକୁ ଘଷି ଘଷି ସାଉଁଳି ଦେଲା ଭଳି ।

ଛୋଟ ଛୁଆଙ୍କ ଦିହରେ ଚଦର ଢାଙ୍କିଲା ଭଳି ରାତି ତା'ର ଗୋଧୂଳିର ନୀରବ ସବୁଜିମାରେ ଢାଙ୍କି ଦେଲା ଛୋଟ ଗାଁଟିକୁ । ଗାଁ ମୁଣ୍ଡର କ୍ଷେତ ଖମାର ବାହାରେ ବୁଦୁବୁଦୁକିଆ ଅନାବନା ଘାସଉଠା ବିସ୍ତୀର୍ଣ୍ଣ ଅନାବାଦୀ ଷ୍ଟେପୀ ଭୂଇଁ ଢୋଳାଇ ପଡ଼ିଲା ଛାଇ ନିଦରେ ।

ସେଦିନ ରାତିଅଧ ବେଳକୁ ପାହାଡ଼ ତଳୀର ଗୋହିରୀ ଭିତରେ କେଉଁଠି ଗୋଟାଏ ହେଟା ବାଘର ଗର୍ଜନ ଶୁଣାଗଲା । ଗାଁର ନେଡ଼ି କୁକୁରଗୁଡ଼ାକ ଭେଉ ଭେଉ କରି ଭୁକି ଉଠିଲେ । ବୁଢ଼ା ଗାଭ୍ରିଲାର ନିଦଟା ହଠାତ୍ ଭାଙ୍ଗି ଗଲା । ଉହ୍ନେଇ ପାଖରେ ଗୋଡ଼ ଦିଇଟାକୁ ଲମ୍ବାଇ ଏବଂ ଚିମିନି ନଳିଟାକୁ ହାତରେ ଧରି ବୁଢ଼ା ଜୋରରେ କାଶିବାକୁ ଲାଗିଲା ଖୁଁ ଖୁଁ ହୋଇ । କାଶୁ କାଶୁ ଖଙ୍କାର ମେଞ୍ଚାଏ ପକାଇ ଦେଇ ତମାଖୁ ଥଳିଟାକୁ ବୁଢ଼ା ଦରାଣ୍ଡିଲା ପିଙ୍କା ଖଣ୍ଡେ ବଳିବା ପାଇଁ ।

ପ୍ରତିଦିନ ରାତିରେ କୁକୁଡ଼ାମାନଙ୍କର ପ୍ରଥମ ଡାକରେ ବୁଢ଼ାର ନିଦ ଭାଙ୍ଗି ଯାଏ । ବୁଢ଼ା ଉଠି ପଡ଼ି ପିଙ୍କା ଲଗାଏ ଏବଂ ଖୁଁ ଖୁଁ ହୋଇ କାଶେ । କାଶୁ କାଶୁ ଅଣନିଶ୍ୱାସୀ ହୋଇ ପଡ଼େ ଏବଂ କଫଗୁଡ଼ାକ ବାହାରି ଗଲା ପରେ ଛାତି ଭିତରଟା ଟିକେ ଉଶ୍ୱାସ ଲାଗେ । ତା'ପରେ



ବୁଢ଼ାର ମନ ଭିତରେ ପୁଣି ମୁଣ୍ଡ ଟେକି ଉଠନ୍ତି ସେହି ପୁରୁଣା ଚିନ୍ତା ଭାବନାଗୁଡ଼ାକ । ତା'ର ଏହିସବୁ ସମସ୍ତ ଚିନ୍ତା ଭାବନା ହେଉଛି ତା'ର ସେହି ପୁଅଟି ପାଇଁ । ପୁଅ ତା'ର ଯୁଦ୍ଧକୁ ଯାଇଥିଲା, ଆଉ ଫେରିଲା ନାହିଁ ।

ବୁଢ଼ାର ଗୋଟିଏ ବୋଲି ପୁଅ । ଆଗକୁ କେହି ନାହାନ୍ତି କି ପଛକୁ କେଇ ନାହାନ୍ତି । ପୁଅ ପାଇଁ ବୁଢ଼ା ଗାଭ୍ରିଲା ଅନେକ କିଛି କରିଛି, ଦିନଟିଏ ବି ବିଶ୍ରାମ ନେଇ ନାହିଁ । ତା'ପରେ ଦେଶରେ ଲାଗିଗଲା ଗୃହ ଯୁଦ୍ଧ । କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ବାହାରିଲା ତା ପୁଅ । ବୁଢ଼ା ହାଟରେ ତା ବଳଦ ହଳକ ବିକି ପୁଅ ପାଇଁ କିଣି ଆଣିଥିଲା ଗୋଟାଏ ଯୁଦ୍ଧ ଘୋଡ଼ା । ଘୋଡ଼ାଟାକୁ ଦେଖିଲେ ମନେ ହେଉଥିଲା ସେଟା ଯେମିତି ଗୋଟେ ଘୋଡ଼ା ନୁହଁ, ଦିଗହଜା ଷ୍ଟେପୀର ଗୋଟାଏ ଅଶାନ୍ତ ଘୂର୍ଣ୍ଣି । ଘରେ ଥିବା ଜିନ୍ ଆଉ ଗୋସାଇଁ ବାପାଙ୍କ ଅମଳର ରୂପାଗେଲୁବସା ଲଗାମଟାକୁ ପୁଅ ହାତକୁ ବଢ଼ାଇ ଦେଇ ବୁଢ଼ା କହିଲା :

"ଦେଖ ପେଟ୍ରୋ, ତୋର ସମସ୍ତ ସାଜ ମୁଁ କରି ଦେଲି । ଏଭଳି ସୁନ୍ଦର ସାଜ ଅଫିସରମାନେ ବି ପିନ୍ଧି ନଥିବେ ... କିନ୍ତୁ ଗୋଟିଏ କଥା, ତୋ ବାପ ପରି ତୁ କସାକ୍ ବାହିନୀର ସେବା କରିବୁ ଆଉ ଏ ଶାନ୍ତ ଦନ୍ ନଦୀର ଗୌରବକୁ ତଳେ ପକାଇବୁ ନାହିଁ । ତୋ ବାପ ଗୋସାପ, ଜାର୍‌ମାନଙ୍କ ସେବା କରି ଆସିଛନ୍ତି, ତୁ ମଧ୍ୟ କରିବୁ !.."

ବୁଢ଼ା ଅତୀତର ସ୍ମୃତିକୁ ମନେ ପକାଉ ପକାଉ ଝରକା ବାଟେ ବାହାରକୁ ଅନାଇଲା । ଧୋବ ଫରଫର ଜହ୍ନ ଆଲୁଅରେ ସବୁ କିଛି ସବୁଜ ଦିଶୁଛି । ଅଗଣାରେ ଶୁଭୁଛି ପବନର ସୁଁ ସୁଁ ଆବାଜ୍ । ମନେ ହେଉଛି ପବନଟା ଯେମିତି କ'ଣ ଗୋଟାଏ ପାଇବା ପାଇଁ ଦରାଣ୍ଡୁଛି, ଯିଏକି ତା'ର ହୋଇ ଆଉ ନାହିଁ—ଅତୀତରେ କୁଆଡ଼େ ହଜି ଗଲଣି । ବୁଢ଼ା ମନରେ ଭାସି ଉଠିଲା ବିଗତ ଦିନର ସେହିସବୁ ଘଟଣା, ଯିଏକି ଆଉ କେବେ ଫେରିବ ନାହିଁ ...

ବୁଢ଼ାର ମନେ ପଡ଼ି ଗଲା, ସେଦିନ ଏଇଠି ପେଟ୍ରୋର ବିଦାୟ ଉତ୍ସବରେ ତା'ର କସାକ୍ ଭାଇମାନେ ଏକାଠି ହୋଇଥିଲେ । ସମସ୍ତେ

ମିଳିତ କଣ୍ଠରେ କସାକ୍‌ମାନଙ୍କର ସେହି ପ୍ରିୟ ଗୀତଟି ଗାଇଲା ବେଳେ ଗାବ୍ରିଲର ଛଣଛିଆ ଛାତର ଲୁଅସବୁ କମ୍ପି ଉଠୁଥିଲା । ଗୀତଟି ଥିଲା :

ଆମେ ଯୁଦ୍ଧ କରୁ, ଦ୍ୱିଧା ଜାଣି ନୁ ଜୀବନେ
ନିର୍ଦ୍ଦେଶ ଆମ ଶିରୋଧାର୍ଯ୍ୟ, ନିର୍ଦ୍ଦେଶେ ଆମେ କରୁ ଯୁଦ୍ଧ,
ସେନାପତି ଆମ ପିତା, ତା'ର ନିର୍ଦ୍ଦେଶେ ଆମେ ରଣମତ୍ତ
ଅଶ୍ୱ ଛୁଟାଇ, ଖଡ୍‌ଗ ଚଳାଇ ଶତ୍ରୁର ଶିର କରୁ ଧୂଳିସାତ୍ !..

କସାକ୍‌ମାନେ ଆତ୍ମହରା ହୋଇ ଗୀତଟିକୁ ଗାଉଥିଲା ବେଳେ ପେଟ୍ରୋ ବସିଥିଲା ଟେବୁଲ ପାଖରେ । ଖୁବ୍ ପିଇ ଦେଇଥିଲା ସେ । ମଦ ନିଶାରେ ମୁହଁ ତା'ର ଏକେବାରେ ନୀଳ ପଡ଼ି ଯାଇଥିଲା । ଘୋଡ଼ା ପିଠିକୁ ଉଠିବା ଆଗରୁ ବିଦାୟକାଳୀନ ପାନପାତ୍ରର ଶେଷ ମଦଟକ ପିଇ ଦେଲା ପରେ କ୍ଳାନ୍ତିରେ ବୁଜି ହୋଇ ଆସିଥିଲା ଆଖି ଦୁଇଟି ତା'ର । କିନ୍ତୁ ତା ସତ୍ତ୍ୱେ ବି ସେ ଘୋଡ଼ା ଉପରକୁ ଉଠି ଯାଇ ଜିନ୍ ଉପରେ ଦୃଢ଼ ଭାବେ ବସିଥିଲା । କମରରେ ଝୁଲନ୍ତ ତରବାରିଟାକୁ ସଜାଡ଼ି ନେଇ ଜିନ୍ ଉପରୁ ତଳକୁ ଉହୁଙ୍କି ପଡ଼ି ହାତରେ ତୋଳି ନେଇଥିଲା ଜନ୍ମ ମାଟିରୁ ମୁଠିଏ । କିନ୍ତୁ ସେ ପେଟ୍ରୋ ଆଜି କେଉଁଠି ? କେଉଁ ଦେଶର ମାଟି ତା ବୁକୁକୁ ଏତେ ଉଷୁମ ଲାଗିଲା ଯେ ସେ ସେଠି ଶୋଇ ପଡ଼ିଛି ? ଆଉ କ'ଣ ସେ ସେଠୁ ଉଠିବ ନାହିଁ ?

ଖୁଁ ଖୁଁ ହୋଇ କାଶି ଉଠିଲା ବୁଢ଼ା—ଶୁଖିଲା ଲହରା କାଶ । ଛାତି ଭିତରଟା ସାଁ ସାଁ ହୋଇ ଉଠ ପଡ଼ ହେଉଥାଏ । ଗଳାରେ ଜମିଥିବା କଫଗୁଡ଼ାକୁ ବାହାର କରି ଦେଲା ପରେ ବୁଢ଼ା ଟିକେ ଆଶ୍ୱାସ ଅନୁଭବ କଲା । ଉହ୍ମେଇର ଚିମିନି ଆଡ଼କୁ ଢୁଙ୍କ ପଡ଼ି ଆସିଥିବା ପିଠିଟିକୁ ଦେଇ ପୁଣି ସେଇ ପୁରୁଣା ଭାବନାଗୁଡ଼ିକ ଗୁନ୍ଥି ଚାଲିଲା ବୁଢ଼ା ।

* * *

ପୁଅ ପେଟ୍ରୋକୁ ଗାବ୍ରିଲ ବିଦାୟ ଦେବାର ମାସକ ପରେ ଲାଲ ଫୌଜ ଗାଁରେ ଆସି ପହଞ୍ଚିଥିଲେ । କସାକ୍‌ମାନଙ୍କର ଯୁଗ ଯୁଗ ଧରି ପରିଚିତ ସେହି ଜୀବନ ଧାରା ଉପରେ ଆକ୍ରମଣକାରୀ ପରି ଧସାଇ



ପଶି ଆସିଥିଲେ ସେମାନେ । ବୁଢ଼ା ଗାବ୍ରିଲର ଅଭ୍ୟସ୍ତ ଜୀବନ ଧାରା ମଧ୍ୟ ଓଲଟ ପାଲଟ ହୋଇଗଲା—ଜାମାର ଖାଲି ପକେଟ୍‌ଟାକୁ ଓଲଟାଇ ଦେଲା ପରି । ପେଟ୍ରୋ ସେତେବେଳେ ଯୁଦ୍ଧ କରୁଥିଲା ଦନେତ୍ସ ନଦୀ ନିକଟରେ । ଯୁଦ୍ଧରେ ସେ ସୁଖ୍ୟାତି ଅର୍ଜନ କରିଛି, ସର୍ଜେଣ୍ଟ ଉପାଧି ମଧ୍ୟ ମିଳିଛି । ଏଣେ ଗାଁରେ ବୃଦ୍ଧ ଗାବ୍ରିଲ, ତା'ର ପୁଅ ପେଟ୍ରୋକୁ ଏକଦା ଆଦରରେ ବଢ଼ାଇଲା କୁଢ଼େଇଲା ପରି, ଲାଲ ଫୌଜ ପ୍ରତି ତା'ର ବୃଦ୍ଧସୁଲଭ ଘୃଣାକୁ ମନ ଭିତରେ ଯତ୍ନର ସହିତ ବଢ଼ାଇବାରେ ଲାଗିଥାଏ ।

ବଲ୍‌ଶେଭିକ୍‌ମାନଙ୍କୁ ସେ ଯେ ଅବଜ୍ଞା କରେ ତା'ର ଚିହ୍ନ ସ୍ୱରୂପ ବୁଢ଼ା ପିନ୍ଧେ ଗୋଟାଏ ମରହଟିଆ ପାଇଜାମା । ପାଇଜାମାଟି ପଶମ କନାରେ ତିଆରି, ତଳୁ ଅଣ୍ଟା ପର୍ଯ୍ୟନ୍ତ ଗୋଟାଏ ଲାଲ ପଟି କଳା ସୂତାରେ ସିଲାଇ ହୋଇଥାଏ । ଏହି ଲାଲ ପଟିଟି ହେଉଛି ମୁକ୍ତ କସାକ୍‌ଙ୍କ ସଙ୍କେତ । ପାଇଜାମା ଉପରେ ବୁଢ଼ା ଗଳାଇ ଦିଏ ତା'ର ଲମ୍ବା କସାକ୍ କୋଟ୍‌ଟି । କସାକ୍ ବାହିନୀରେ ସର୍ଜେଣ୍ଟ ମେଜର ଥିଲା ବେଳେ ବୁଢ଼ା ପୋଷାକରେ ଯେଉଁ ଫିତା ଲଗାଉଥିଲା ସେସବୁକୁ କୋଟ୍‌ରେ ଲଗାଇ ଦିଏ । ତା'ଛଡ଼ା ଛାତି ଉପରେ ସଜାଇ ଦିଏ ଜାର୍ ସମ୍ରାଟ୍‌ଙ୍କ ପ୍ରତି ତା'ର ସେବା ଆଉ ଆନୁଗତ୍ୟ ପାଇଁ ମିଳିଥିବା ପଦକ ଆଉ କ୍ରୁଶ ଚିହ୍ନଗୁଡ଼ିକୁ । ପ୍ରତ୍ୟେକ ରବିବାର ଦିନ ବୁଢ଼ା କୋଟ୍‌ଟିକୁ ପିନ୍ଧି ଛାତି ଉପରେ ପଦକସବୁକୁ ଝୁଲାଇ ଗୋଟାଏ ବେଖାତିରିଆ ଗତିରେ ଗିର୍ଜାକୁ ଯାଏ । ବୁଢ଼ା ଚାହେଁ ସେ କେତେ ବଡ଼ ଲୋକ ସମସ୍ତେ ଟିକେ ଆଖି ପୂରାଇ କି ଦେଖନ୍ତୁ ।

ଦିନେ ବୁଢ଼ା ଦାଣ୍ଡରେ ଗଲା ବେଳେ, ଏହି କସାକ୍ ଗାଁର ସୋଭିଏତ୍ ଚେୟାର୍‌ମ୍ୟାନ୍‌ଙ୍କ ସହିତ ତା'ର ଦେଖା ହୋଇଗଲା । ଚେୟାର୍‌ମ୍ୟାନ୍ ବୁଢ଼ାର ବେଶଭୂଷା ଦେଖି କହି ପକାଇଲେ :

"ଜେଜେ ଏ ଘଣ୍ଟଗୁଡ଼ାକ ଆଉ କାହିଁକି ପିନ୍ଧୁଛ, କାଢ଼ି ପକା ! ସେଗୁଡ଼ାକ ଆଜିକାଲି ତମାଦି ହୋଇ ଗଲାଣି ।"

ବାରୁଦରେ ନିଆଁ ଲାଗିଲା ଭଳି ବୁଢ଼ା କ୍ଷେପି ଉଠିଲା :

"ମୋତେ ହୁକୁମ ଦେବାକୁ ତୁମେ କିଏ ? ତୁମେ କ'ଣ ଏସବୁ ମୋତେ ପିନ୍ଧାଇ ଦେଇଥିଲ ?"

9—2648

"ମୁଁ ପିନ୍ଧାଇ ଦେଇ ନାହିଁ ସତ, କିନ୍ତୁ ଯେଉଁ ଲୋକ ପିନ୍ଧାଇ ଦେଇଥିଲା ସେ ଅନେକ ଦିନ ହେଲା ପୋକଜୋକଙ୍କ ବସା ଜଗୁଛି ।"

"ସିଏ ଯେଉଁଠି ଯା କରୁଛନ୍ତି କରୁଥାନ୍ତୁ !.. ମୁଁ କିନ୍ତୁ ଏସବୁକୁ ଖୋଲିବି ନାହିଁ ! ତା' ଛଡ଼ା, ଏ ବୁଢ଼ା ବଞ୍ଚିଥିଲା ପର୍ଯ୍ୟନ୍ତ ତୁମେ ବି ଖୋଲି ପାରିବ ନାହିଁ ।"

"ଜେଜେ, ତୁମେ କିନ୍ତୁ ବେଜାଏ ବଡ଼ ବଡ଼ କଥା କହୁଛ । ମୁଁ କେବଳ ତମ ଭଲ ପାଇଁ କହୁଥିଲି । ତୁମେ ସେସବୁକୁ ପିନ୍ଧି କି ବିଛଣାରେ ଶୋଉ ନ, ମୋର କିଛି ଯାଏ ଆସେ ନା । କିନ୍ତୁ ବାଟ ଘାଟରେ ଗଲା ବେଳେ ଏ କୁକୁରଗୁଡ଼ାକଙ୍କ କଥା ଟିକେ ଭାବୁଛ ତ ? ତୁମର ଏ ପାଇଜାମା ଆଉ କୋଟ୍‌କୁ ଦେଖି ସେଗୁଡ଼ାକ ଭେଉ ଭେଉ ହୋଇ ଚଢ଼ି ଆସିବେ । ସେମାନଙ୍କର ବା ଦୋଷ କ'ଣ ? ଅନେକ ଦିନ ହେଲା ସେମାନେ ଏସବୁ ଦେଖି ନାହାନ୍ତି, ତେଣୁ ନିଜ ଲୋକକୁ ଚିହ୍ନି ପାରିବେ ନାହିଁ..."

ଅପମାନଟା ବୁଢ଼ାର ମନକୁ କୋଚିଲା ପିତାଠାରୁ ବି ବଳି ପଡ଼ିଲା । ତା'ପରେ ସେ ଖୋଲି ପକାଇଲା ପଦକଗୁଡ଼ାକୁ । କିନ୍ତୁ ରାଗଟା ତା'ର ମନ ଭିତରେ ଥିବା ତୀବ୍ର ଘୃଣା ସହିତ ମିଶି ଅରମା ଗଛ ପରି ଡାଳପତ୍ର ମେଲାଇ ବଢ଼ିବାକୁ ଲାଗିଲା ।

ବୁଢ଼ାର ଅବସ୍ଥା ଦିନକୁ ଦିନ ଖରାପ ଆଡ଼କୁ ଯାଉଥାଏ । ଗୋଟିଏ ବୋଲି ପୁଅ, କୁଆଡ଼େ ଗଲା, ତା'ର କୌଣସି ଖୋଜ ଖବର ନାହିଁ । ବୁଢ଼ାର ଜମିବାଡ଼ି କିଏ ଦେଖିବ, ତାକୁ କିଏ ଦେଖା ଶୁଣା କରିବ ? ଅମାର ଖଣ୍ଡକ ଭାଙ୍ଗିକି ପୁଳା ପୁଳା ଖସିଲାଣି । ଗାଈ ଗୋରୁଗୁଡ଼ାକ ଖୁଆଡ଼ ଭାଙ୍ଗି ଏଣେତେଣେ ପଳାଉଛନ୍ତି । ବାଛୁରୀ ଖଟେଇର ଛପରଟା ଝଡ଼ରେ ଉଡ଼ି ଯାଇଥିଲା, ମରାମତ ହୋଇ ପାରୁ ନି, ଖଣ୍ଡ ଖଣ୍ଡ ହୋଇ ଖସି ପଡ଼ୁଛି ସେସବୁ । ଘୋଡ଼ାଶାଳଟା ତେଣେ ଖାଲି ପଡ଼ିଛି—ମୂଷାଙ୍କ ନାଟଖାନାରେ ପରିଣତ ହେଲାଣି । ଗହମକଟା ଦାଆସବୁ କଳଙ୍କି ମାରିଲାଣି ଖୁଣ୍ଟରେ ଝୋଲା ହୋଇ ହୋଇ ।

କସାକ୍‌ମାନେ ଯୁଦ୍ଧକୁ ଗଲା ବେଳେ ବୁଢ଼ାର ଅଧିକାଂଶ ଘୋଡ଼ାଙ୍କୁ ନେଇ ଯାଇଥିଲେ । ଆଉ ଯେଉଁ କେଇଟା ଥିଲେ ସେସବୁକୁ ନେଇଗଲେ



ଲାଲ ଫୌଜର ଲୋକମାନେ । ବଦଳରେ ସେମାନେ ବୁଢ଼ାକୁ ଅବଶ୍ୟ ଗୋଟାଏ ଲମ୍ବାକାନିଆ ଧୋତରା ଘୋଡ଼ା ଦେଇ ଯାଇଥିଲେ । ସେଟା ବି ବୁଢ଼ା ପାଖରେ ରହି ପାରିଲା ନାହିଁ । ଗତ ଶରତ କାଳରେ ମାହ୍‌ନୋ ଦଳର ନୈରାଜ୍ୟବାଦୀମାନେ ସେଟାକୁ ଜୋର ଜବରଦସ୍ତି ନେଇ ଗଲେ । ବୁଢ଼ାକୁ କ୍ଷତିପୂରଣ ସ୍ୱରୂପ ଦେଇ ଯାଇଥିଲେ ବ୍ରିଟିଶ୍ ତିଆରି ଘୋଡ଼ ପିନ୍ଧା ପଟି ହଳେ ।

ପଟି ହଳକୁ ବୁଢ଼ା ପାଖକୁ ଫିଙ୍ଗି ଦେଇ ଦଳର ଗୋଲନ୍ଦାଜଟାଏ ଆଖି ଦେଖାଇ କହିଥିଲା, "ଜେଜେ, ତମ ଜିନିଷ ଆମେ ନେଉଛୁ, ଆମର ଜିନିଷଟାଏ ତମେ ରଖ । ଆମ ଜିନିଷ ପିନ୍ଧିଲେ ତମେ ବଡ଼ ଲୋକ ପରି ଦିଶିବ !"

ଜୀବନ ସାରା ବୁଢ଼ା ଯାହାସବୁ ସାଇତିଥିଲା, ସବୁ ନଷ୍ଟ ଭ୍ରଷ୍ଟ ହୋଇ ଗଲା । କୌଣସି କିଛି ପ୍ରତି ବୁଢ଼ାର ନିଘା ରହିଲା ନାହିଁ । ଏତେ ମନମରା ହୋଇ ପଡ଼ିଲା ଯେ କୁଟାଖିଏ ଉଠାଇବାକୁ ତା'ର ହାତ ଗଲା ନାହିଁ । କିନ୍ତୁ ସେଥର ବସନ୍ତ ଆସିଗଲା ପରେ ବିସ୍ତୀର୍ଣ୍ଣ ଅନାବାଦୀ ଷ୍ଟେପୀ ଭୂଇଁ ପାଦ ତଳେ ତା'ର କ୍ଳାନ୍ତି ଆଉ ଅବସାଦରେ ମୁଣ୍ଡପାତି ଶୋଇ ପଡ଼ି ବୁଢ଼ାକୁ ଡାକିଲା । ନିଝୁମ ରାତିରେ ବୁଢ଼ା ଷ୍ଟେପୀର ସେ ଡାକ ଶୁଣେ, ସେ ଏକ ଦୁର୍ବାର ଡାକ । ମନର ଜଡ଼ତା ଭାଙ୍ଗି ଚଞ୍ଚଳ ହୋଇ ଉଠିଲା ବୁଢ଼ା । ନିଜକୁ ଆଉ ରୋକି ପାରିଲା ନାହିଁ, ବଳଦ ହଳକ ବେକରେ କୁଆଳି ଯୋଚି ଲଙ୍ଗଳ ଧରି ବାହାରି ଗଲା ଷ୍ଟେପୀକୁ । ଟାଣୁଆ କଳା ମାଟିକୁ ଲଙ୍ଗଳ ମୁନରେ ବିଦାରୀ ତୃଷାର୍ତ୍ତ ଗର୍ଭରେ ତା'ର ବୁଣି ଦେଲା ସରସା ଗହମର ବିହନ ।

ଦେଶ ଛାଡ଼ି ଜାହାଜରେ ସାଗର ଭିତରକୁ ପଳାଇ ଯାଇଥିବା କସାକ୍‌ମାନେ ଘରକୁ ଫେରି ଆସିଲେ ଇତି ମଧ୍ୟରେ । ଆଉ କେହି କେହି ସାଗର ପାରିରୁ ମଧ୍ୟ ବାହୁଡ଼ି ଆସିଲେ । କିନ୍ତୁ ପେତ୍ରୋର ଖବର କେହି ଦେଇ ପାରିଲେ ନାହିଁ । ସେମାନେ ସମସ୍ତେ ବିଭିନ୍ନ ପ୍ରତିବିପ୍ଳବୀ ବାହିନୀରେ ରହି ବିଭିନ୍ନ ରଣ କ୍ଷେତ୍ରରେ ଲଢ଼ୁଥିଲେ । ରୁଷିଆ ଏତେ ବଡ଼ ଏକ ଦେଶ ଯେ କିଏ କେଉଁଠି ଲଢ଼ୁଥିଲା କହିବା ମୁସ୍କିଲ । କେହି

କେହି କହନ୍ତି ପେଟ୍ରୋର ସେନାଦଳଟି ଲୁବାନ୍ ଅଞ୍ଚଳରେ କାଳେ ଲାଲ ଫୌଜ ଦ୍ୱାରା ପୂରାପୂରି ମୂଳପୋଛ ହୋଇ ଯାଇଥିଲେ ।

ବୁଢ଼ା ଗାବ୍ରିଲ ବୁଢ଼ୀକୁ ପୁଅ ବିଷୟରେ କେବେ କିଛି କହେ ନାହିଁ ।

ରାତିରେ ବୁଢ଼ୀ ତକିଆ ଉପରେ ମୁହଁ ମାଡ଼ି ସୁଁ ସୁଁ ହୋଇ କାନ୍ଦୁଥିବାର ବୁଢ଼ା ଶୁଣେ ।

ଟିକିଏ ଖଣ୍ଟିକାଶ ମାରି ବୁଢ଼ା ପଚାରେ, "କାନ୍ଦୁଛ ନା କ'ଣ ?"

ବୁଢ଼ୀ ଟିକିଏ ନୀରବ ରହିଯାଇ ତା'ପରେ କହେ, "ଉହ୍ନେଇଟାରୁ ଧୂଆଁ ବାହାରୁଛି ହୁଏତ, ସେଇଥି ପାଇଁ ମୁଣ୍ଡଟା ମୋର ବଥଉଛି ।"

ବୁଢ଼ା ସବୁ କଥା ବୁଝେ, କିନ୍ତୁ କିଛି ନବୁଝିଲା ପରି କହେ :

"ପାଣିରେ ଟିକେ ଲୁଣ ମିଶେଇ ପିଇ ଦେଉ ନା କାହିଁକି ? ରୁହ, ତୁମର ଉଠିବାର ଦରକାର ନାହିଁ, ମୁଁ ଆଣି ଦେଉଛି !"

"ଆଣିବାର ଦରକାର ନାହିଁ, ଶୋଇ ପଡ଼ । ବଳେ ବଳେ ମୋର ଭଲ ହୋଇଯିବ !.."

ତା'ପରେ ନୀରବତାର ଅଦେଖା ଜାଲଟି ପୁଣି କୋଠରୀ ଭିତରେ ବିଛେଇ ହୋଇ ପଡ଼େ । ଝରକା ବାଟେ ଉଦ୍ଧତ ଜହ୍ନଟା ବୁଢ଼ୀର ଅକୁହା ଦୁଃଖକୁ ଦେଖି ଉତ୍‌ଫୁଲ୍ଲ ହୋଇ ହସି ଉଠେ – ସନ୍ତାନହରା ମାର ବୁକୁଫଟା ଦୁଃଖକୁ ସେ ବୁଝି ପାରେ ନା ।

ବୁଢ଼ା ବୁଢ଼ୀ କିନ୍ତୁ ପୁଅର ଫେରିବା ବାଟକୁ ମନେ ମନେ ଚାହିଁ ରହନ୍ତି । ସେମାନଙ୍କ ଆଶା ଆଉ ବିଶ୍ୱାସ, ପେଟ୍ରୋ ଦିନେ ନା ଦିନେ ଫେରି ଆସିବ ।

ହେମନ୍ତ ଶେଷ ହୋଇ, ଶୀତ ଆସିବା ଆସିବା ହେଉଛି, ବୁଢ଼ା ଦିନେ ମେଣ୍ଢା ଚମଡ଼ାଟାଏ ସଫା କରୁ କରୁ ବୁଢ଼ୀକୁ କହିଲା : "ଆମେ ତ ଏମିତି ଚଳିଯାଇ ପାରିବା, କିନ୍ତୁ ପେଟ୍ରୋ ଆସିଲେ ପିନ୍ଧିବ କ'ଣ ? ଶୀତ ଆସି ଗଲାଣି, ତା ପାଇଁ କୋଟ୍ ଖଣ୍ଡେ ଅନ୍ତତଃ ତିଆରି କରି ରଖିବା ଦରକାର ।"

ତା'ପରେ ସେମାନେ ପେଟ୍ରୋ ମାପରେ କୋଟ୍‌ଟିଏ ତିଆରି କରାଇ ସିନ୍ଦୁକରେ ସାଇତି ରଖିଲେ । ପେଟ୍ରୋ ଆସିଲା ବେଳକୁ



ଘୋଡ଼ାଶାଳଟା ଅଳିଆ ମଳିଆ ହୋଇ ପଡ଼ିଥିବ, ଘୋଡ଼ାଶାଳକୁ ଯିବା ଆସିବା କରିବା ପାଇଁ ତା' ପାଇଁ ହଳେ ଜୋତା ବି ତିଆରି କରି ରଖିଲେ । ବୁଢ଼ା ତା'ର ଫିନ୍‌ଫିନ୍ ସୁନ୍ଦରିଆ ନେଳିଆ ପୋଷାକଟିକୁ ଅତି ଯତ୍ନରେ ସାଇତି ରଖିଛି । ପୋକ କାଟି ଦେବେ ବୋଲି ତଅ ତଅ କରି ସେଥିରେ ଛିଞ୍ଚି ଦେଇଛି ତମାଖୁର ଗୁଣ୍ଡ । ଶୀତ ଦିନେ ପେଟ୍ରୋ ପିନ୍ଧିବ ବୋଲି ମେଣ୍ଢା ଛୁଆଟିଏ ମାରି ଲମ୍ବା ଟୋପିଟିଏ ତିଆରି କରି କଣ୍ଟାରେ ଟାଙ୍ଗି ରଖି ଦେଲା । ବୁଢ଼ା ଯେତେବେଳେ ଦାଣ୍ଡରୁ ଘର ଭିତରକୁ ପଶି ଆସି ସଜଡ଼ା ଅବସ୍ଥାରେ ଏସବୁକୁ ଦେଖିଲା, ମନରେ ତା'ର ଏକ ଅପୂର୍ବ ଅନୁଭୂତି ଖେଳିଗଲା । ତାକୁ ଲାଗିଲା, ପେଟ୍ରୋ ଯେମିତି ହସି ହସି ମେଲାଘରୁ ବାହାରି ଆସି କହୁଛି, "ବାପା, ବାହାରେ କ'ଣ ବେଶି ଥଣ୍ଡା ପଡ଼ିଛି ?"

ଏହାର ଦିନେ ଦୁଇ ଦିନ ପରେ ବୁଢ଼ା ଥରେ ଘୁଆଳ ସଫା କରିବାକୁ ଯାଇଥାଏ । ଗୋରୁ କୁଣ୍ଡରେ କିଛି ବିଚାଲି ପକାଇ କୂଅରୁ ପାଣି ଆଣିବାକୁ ଗଲା ବେଳେ, ବୁଢ଼ାର ମନେ ପଡ଼ିଗଲା : ହାତ ଦସ୍ତାନାଟା ସେ ଘରେ ଛାଡ଼ି ଦେଇ ଆସିଛି । ଦସ୍ତାନା ଆଣିବା ପାଇଁ ଘର ଭିତରକୁ ପଶିଯାଇ ବୁଢ଼ା ଅବାକ୍ ହୋଇଗଲା । ପେଟ୍ରୋ ପାଇଁ ତିଆରି ହୋଇଥିବା ଟୋପିଟିକୁ ବୁଢ଼ୀ ଛାତିରେ ଛାପି ଧରି ମେଜିଆ ଉପରେ ଆଣ୍ଠୁ ମାଡ଼ି ବସି ଝୁଲୁଛି । ଶିଶୁକୁ ମା ଗେଲ କଲା ପରି ସେ ଗେଲ କରିବାରେ ଲାଗିଛି ଟୋପିଟିକୁ ...

ବୁଢ଼ା ଆଖିରୁ ଯେମିତି ତରା ଖସି ପଡ଼ିଲା, ଘରି ଆଡ଼େ ଅନ୍ଧାର ଘୋଟି ଗଲା ପରି ଲାଗିଲା ତାକୁ । ଗୋଟାଏ ହିଂସ୍ର ଜନ୍ତୁ ପରି ସେ ବୁଢ଼ୀ ଉପରକୁ ଝାମ୍ପି ପଡ଼ି ବୁଢ଼ୀକୁ ତଳେ ପକାଇ ଦେଲା । ରାଗରେ ବୁଢ଼ା ପାଟିରୁ ଫେଣ ବାହାରି ପଡ଼ୁଥାଏ । ଫେଣଗୁଡ଼ାକୁ ଜିଭରେ ଗୁଟୁ ଗୁଟୁ ବୁଢ଼ା ଚିତ୍‌କାର କରି ଉଠିଲା :

"ଛା'ଡ଼େ ତାକୁ ... ଡାଆଣୀ !.. କ'ଣ ଭାବିଛୁ କି ତୁ ?!."

ବୁଢ଼ୀ ହାତରୁ ଟୋପିଟିକୁ ଛଡ଼ାଇ ନେଇ ବୁଢ଼ା ସିନ୍ଦୁକରେ ରଖି ତାଲା ଠୁକି ଦେଲା । କିଛି ସମୟ ପରେ ବୁଢ଼ା ଲକ୍ଷ୍ୟ କଲା, ବୁଢ଼ୀର

ବାଁ ଆଖି ପଚାଟା ଛିଡ଼ି ଯାଇ ଫୁଲି ଉଠିଛି, ମୁହଁର ଗୋଟାଏ ପାଖ ଟିକେ ବାଙ୍କି ଯାଇଛି ।

ଶରତ ଋତୁରେ ଦନ୍ ନଈର ସବୁଜ ସ୍ୱଚ୍ଛ ଚଳମାନ ଜଳ ରାଶି ପରି ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ବିତି ଚାଲିଲା ।

ଦିନେ ଦେଖାଗଲା ନଈର ଖାଡ଼ିସବୁ ବରଫ ପାଲଟି ଯାଇଛି । ସନ୍ତଢଳା ଆକାଶରେ ଗାଁ ଉପର ଦେଇ ଉଡ଼ି ଉଡ଼ି ଯାଉଛନ୍ତି ବଣ ହଂସ ପଲଟିଏ । କସାକ୍ରୁ ବାହୁଡ଼ିବାର ବେଳ ଗଡ଼ି ଗଲାଣି, ଡେଣା ଝପଟାଇ ଚଞ୍ଚଳ ଉଡ଼ି ଯାଉଛନ୍ତି । ଏହି ସମୟରେ ପଡ଼ିଶା ଘରୁ ପିଲାଟିଏ ଗାବ୍ରିଲ ଘରକୁ ଦୌଡ଼ି ଆସିଲା ଖବରଟିଏ ନେଇ । ଯିଶୁଙ୍କ ଛବି ଆଗରେ ଛାତିରେ କ୍ରୁଶ ଚିହ୍ନ ଆଙ୍କି ଦେଇ କହିଲା :

"ଜୁହାର ଜେଜେ !"

"ଭଗବାନ ମଙ୍ଗଳ କରନ୍ତୁ ତୋ'ର !"

"ଜେଜେ, ଶୁଣିଲଣି ? ପ୍ରୋଖର୍ ଲିଖଭିଦଭ୍ ତୁରସ୍କରୁ ଫେରି ଆସିଛନ୍ତି । ଆପଣଙ୍କ ପେତ୍ରୋ ଆଉ ସିଏ କାଳେ ଏକା ସେନାଦଳରେ ଥିଲେ !.."

ଖବରଟା ଶୁଣିଲା କ୍ଷଣି ବୁଢ଼ାକୁ ଆଉ କିଏ ସମ୍ଭାଳେ ! କାଶି କାଶିକା ଧଇଁ ସଇଁ ହୋଇ ଗାଁ ଦାଣ୍ଡରେ ଛୁଟି ଗଲା ସେ ପ୍ରୋଖରର ଘରକୁ । କିନ୍ତୁ ପ୍ରୋଖର୍ ସେତେବେଳେ ଘରେ ନଥିଲା । ତା ଭାଇ ସହିତ ଦେଖା କରିବା ପାଇଁ ଯାଇଥିଲା ପାଖ ଗାଁକୁ । କହି ଯାଇଥିଲା ଆସନ୍ତା କାଲି ଫେରି ଆସିବ ।

ସେ ଦିନ ଗାବ୍ରିଲ ଆଖିକୁ ନିଦ ନାହିଁ । ରାତି ସାରା ଉହ୍ନେଇ ପାଖରେ ବୁଢ଼ା ଅସ୍ତବ୍ୟସ୍ତ ହୋଇ ଚାହିଁ ବସିଛି ।

ପାହାନ୍ତା ପହର ବେଳକୁ ବୁଢ଼ା ଉଠିକି ବସିଲା । ଡିବିଟିଏ ଜଳାଇ କୋଟା ବିଲଟାକୁ ସଜାଡ଼ିବାକୁ ଲାଗିଲା ।

ପୂର୍ବ ଆକାଶର ବାଇଗଣୀ ଦିହରେ କ୍ରମଶଃ ଫୁଟି ଉଠିଲା ମହଳ ସକାଳର ଧୂସର ଆଭା । ଆକାଶରେ ଫାଳି ଜହ୍ନଟା ଢୋଳଉଥାଏ ଛାଇ ନିଦରେ । ପାଖରେ ତା'ର ଭାସୁଥିବା ମେଘ ତଳେ ପଶି ଯାଇ ଦିନ ବେଳା ଟିକେ ବିଶ୍ରାମ ନେବାକୁ ତା ଗୋଡ଼ ଯେମିତି ଚଳୁ ନଥାଏ ।



* * *

ସକାଳଖିଆ ଖାଇବା ଆଗରୁ ବୁଢ଼ା ଝରକାରେ ଉଙ୍କି ମାରି ବାହାରକୁ ଚାହିଁଲା ।

"ପ୍ରୋଖର ଆସୁଛି ନା କ'ଣ ?" ଚୁପୁଚୁପୁ ହୋଇ ବୁଢ଼ା ନିଜକୁ ନିଜେ ପଚାରିଲା ।

କିନ୍ତୁ ଘର ଭିତରକୁ ଯେଉଁ ଲୋକ ଜଣକ ପଶି ଆସିଲେ ସେ କସାକ୍ ପରି ମୋଟେ ଦିଶୁ ନଥାନ୍ତି । ମନେ ହେଉଥାନ୍ତି, ଜଣେ କିଏ ବିଦେଶୀ । ଗୋଡ଼ରେ ତାଙ୍କର ବ୍ରିଟିଶ୍ ତିଆରି ଜୋତା ହଳକ ମଚ୍ ମଚ୍ କରୁଥାଏ । ଦିହରେ ପିନ୍ଧିଥିବା କୋଟ୍‌ଟା ଦିଶୁଥାଏ ବି ଅନ୍ୟ ରକମର, ଝୁଲି ପଡ଼ିଥାଏ କାନ୍ଧ ଉପରୁ ତଳକୁ – ଦେଖିଲେ ମନେ ହେଉଥାଏ କୋଟ୍‌ଟା ଯେମିତି ତାଙ୍କ ନିଜର ନୁହଁ ।

"ଦଣ୍ଡବତ୍, ଗାବ୍ରିଲ ଜେଜେ !.."

"ଭଗବାନ ତୋ'ର ମଙ୍ଗଳ କରନ୍ତୁ ଜବାନ୍ !.. ଆଏ, ଭିତରକୁ ଆସି ବସ ।"

ମୁଣ୍ଡରୁ ଟୋପି କାଢ଼ି ପ୍ରୋଖର୍ ଗାବ୍ରିଲର ସ୍ତ୍ରୀକୁ ନମସ୍କାର ଜଣାଇଲା ଏବଂ ବେଞ୍ଚରେ ବସିଲା ।

"ପାଗଟା ଯା ହୋଇଛି ନା ! ପବନରେ ବରଫଗୁଡ଼ାକ ଅଜାଡ଼ି ହୋଇ ପଡ଼ୁଛି । ଆଗୁଆ ପବନରେ ଗୋଡ଼ ଆଗକୁ ଉଠୁ ନି !.."

"ହଁ, ବାପ, ଏଥର ବରଫଟା ଟିକେ ସହଳ ସହଳ ପଡ଼ି ଯାଇଛି ... କିନ୍ତୁ ଆଗ କାଳରେ ଏତେବେଳକୁ ଗାଈ ଗୋରୁସବୁ ପଡ଼ିଆରେ ଚରୁଥିଲେ", ଗାବ୍ରିଲ କହିଲା ।

ତା'ପରେ ସମସ୍ତେ ନୀରବ ରହିଗଲେ । ସେ ନୀରବତା ଭିତରେ ଗୋଟାଏ ଅକୁହା ବ୍ୟଥା ଯେପରି ଭରି ରହିଥିଲା । ଗାବ୍ରିଲ ମନର ଉତ୍‌କଣ୍ଠାକୁ ଲୁଚାଇ ରଖି ସ୍ୱାଭାବିକ ଢଙ୍ଗରେ ପଚାରିଲା :

"ବିଦେଶରେ ରହି ତମ ବୟସ ବଢ଼ିଗଲା ଭଳି ଲାଗୁଛି ବାପା !"

"ଟୋକା ହୋଇ ରହିଲା ଭଳି କୌଣସି ଅବସ୍ଥା ସେଠାରେ ନଥିଲା ଜେଜେ", ପ୍ରୋଖର୍ ହସି ହସି ଉତ୍ତର ଦେଲା ।

ବୁଢ଼ୀ କିନ୍ତୁ ଆଉ ଅପେକ୍ଷା କରି ପାରିଲା ନାହିଁ । ପଚାରିଲା :

"ଆମ ପେଟ୍ରୋ ..."

"ଚୁପ୍ ରହ ପାଟି କର ନା !" ବୁଢ଼ୀର କଥା ନସରୁଣୁ ବୁଢ଼ା ବୁଢ଼ୀର ମୁହଁରୁ କଥା ଛଡ଼ାଇ ନେଇ କହିଲା । "ପିଲଟା ବରଫ ବର୍ଷା ଭିତରେ ଆସିଛି, ଟିକେ ସୁସ୍ଥ ହେବାକୁ ଦିଏ । ତା'ପରେ ତୋର ଯା' ପଚାରିବା କଥା ପଚାର ..."

ପ୍ରୋଖର୍ ଆଡ଼କୁ ବୁଢ଼ା ମୁହଁ ବୁଲାଇ ନେଇ ପଚାରିଲା :

"ହଁ, ପୋଖର୍ ସେଠି ସମୟ କେମିତି କଟିଲା ?"

"ସେମିତି କିଛି ନୁହଁ ଜେଜେ ! ଅଣ୍ଡାଭଙ୍ଗା କୁକୁର ଭଳି ଜୀବନ ନେଇ ଘରକୁ ଫେରି ଆସିଛି, ଏହା ହିଁ ବଡ଼ ଭାଗ୍ୟର କଥା ।"

"ତେବେ ... ତୁରସରେ ସମୟଟା ଭଲରେ କଟି ନି ବୋଲି ମନେ ହେଉଛି, କ'ଣ କହୁଛୁ ?"

"ଯା ମିଳୁଥିଲା ସେତକରେ ପେଟ ଚାଖଣ୍ଡକ ପୂରିବା ମୁସ୍କିଲ ।" ଟେବୁଲ ଉପରେ ଆଙ୍ଗୁଳି ବଜାଇ ବଜାଇ ପ୍ରୋଖର୍ କହିଲା । "କିନ୍ତୁ ତୁମେ ତ ଖୁବ୍ ବୁଢ଼ା ହୋଇ ଗଲଣି ଗାଭ୍ରିଲା ଜେଜେ । ମୁଣ୍ଡର ବାଳସବୁ ତ ପ୍ରାୟ ଧଳା ପାଇଟି ଗଲଣି ... ଏ ସୋଭିଏତ୍ ରାଜ କେମିତି ଲାଗୁଛି ?"

"ପୁଅକୁ ଚାହିଁ ଚାହିଁ କେବଳ ବଞ୍ଚି ରହିବା କଥା । କେବେ ସେ ଫେରିବ, ଏ ବୁଢ଼ା ବୁଢ଼ୀଙ୍କ ପାଟିରେ ଆହାର ଦିଦିଟା ଦେବ ..." ବୁଢ଼ା ଗାଭ୍ରିଲା ମୁହଁରେ ଫିକା ହସ ଟେନାଏ ଖେଳି ଗଲା ।

ପ୍ରୋଖର୍ ଚଟ୍‌କିନା ଦୃଷ୍ଟିଟାକୁ ତା'ର ଅନ୍ୟ ଆଡ଼କୁ ବୁଲାଇ ନେଲା । ଗାଭ୍ରିଲାର ନଜରକୁ ସେଟା କିନ୍ତୁ ଏଡ଼ାଇ ଗଲା ନାହିଁ । ବୁଢ଼ା ସିଧା ସଳଖ ପଚାରିଲା :

"କହ, ମୋ ପେଟ୍ରୋ କେଉଁଠି ଅଛି ?"

"ତୁମେ କ'ଣ ତା ବିଷୟରେ କିଛି ଶୁଣି ନ ?"

"ତା ବିଷୟରେ ଅନେକ କଥା ଆମେ ଶୁଣିଛୁ ।"

ଓହଳି ଆସିଥିବା ଟେବୁଲ କନାର କାନିଟାକୁ ଆଙ୍ଗୁଳିରେ ମୋଡ଼ୁ ମୋଡ଼ୁ ପ୍ରୋଖର୍ କହିଲା :



"ମୋ ମନେ ହୁଏ ଜାନୁଆରୀ ମାସ ହେବ ... ହଁ ଜାନୁଆରୀ ମାସରେ । ଆମ ସେନା ଦଳଟି ନଭରସିଇସ୍କ ସହରରେ ଥିଲେ । ସମୁଦ୍ର କୂଳରେ ସହରଟି । ଅନ୍ୟ ଜାଗା ପରି ସେଠି ବି ଆମେ ରହୁଥିଲୁ ..."

ଗାଭ୍ରିଲା ଆଗକୁ ଆଉରି ଝୁଙ୍କି ଆସି ତୁନି ତୁନି ହୋଇ ପଚାରିଲା, "ସେ କ'ଣ ଆଉ ନାହିଁ ?"

ପ୍ରୋଖର୍ କିଛି ନକହି ତଳକୁ ମୁହଁ ପୋତି ଦେଲା, ସତେ ଯେମିତି ବୁଢ଼ାର ପ୍ରଶ୍ନଟା ସେ ଶୁଣି ପାରି ନି ।

"ଆମେ ସେଇଠି ଥାଉଁ । ଲାଲ ସେନା ଆମ ଛାଉଣୀ ଭେଦ କରି ପାହାଡ଼ ପାଖରେ ପହଞ୍ଚିବାକୁ ଚେଷ୍ଟା କରୁଥାନ୍ତି । ସେମାନେ ଚାହୁଁଥିଲେ ପାହାଡ଼ ଉପରକୁ ଚାଲି ଆସି ପାରିଲେ ଅନ୍ୟ ସୈନ୍ୟମାନେ ସେମାନଙ୍କ ସହିତ ଯୋଗ ଦେବେ । ତେଣୁ ଆମ ସେନାଦଳର କମାଣ୍ଡର ପେଟ୍ରୋ ନେତୃତ୍ୱରେ କେତେ ଜଣ ସୈନ୍ୟଙ୍କୁ ପଠାଇଲେ ଲାଲ ସେନାଦଳଙ୍କ ଗତିବିଧି ଲକ୍ଷ୍ୟ କରିବାକୁ ।... କମାଣ୍ଡର ଆମର ଥିଲେ ଜୁନିଅର କାପ୍‌ଟେନ୍ ସେନିନ୍ ... ତା'ପରେ ... ତା'ପରେ ସେ ଦୁଃଖକର ଘଟଣାଟି ଘଟିଲା ..."

ଏତିକିବେଳେ ହଠାତ୍ ଚୁଲୀ ଉପରୁ ଝଣ୍ କରି ଖସି ପଡ଼ିଲା ଲୁହା କଡ଼େଇଟା । ହାତ ଦୁଇଟିକୁ ବିଛଣା ଆଡ଼କୁ କରି ଗଛ କାଟିଲା ପରି ମୁହଁ ମାଡ଼ି ପଡ଼ିଗଲା ବୁଢ଼ୀ । ଏତେ ସମୟ ଧରି ଭୟରେ ରୁନ୍ଧି ହୋଇ ରହିଥିବା କୋହଟା ଗଳା ଫଟାଇ ଭେଁ ଭେଁ କରି ବାହାରି ଆସିଲା ।

"ତୁ ଆଉ ଭେଁ ଭେଁ ହଅ ନା", ଗାଭ୍ରିଲା ଧଡ଼କାଇ କି ଚିତ୍କାର କରି ଉଠିଲା । ଟେବୁଲ ଉପରେ କହୁଣି ଦୁଇଟିକୁ ଦୃଢ଼ ଭାବେ ଚାପି ପ୍ରୋଖର୍ ଆଡ଼କୁ ଚାହିଁ ଧୀର ଆଉ କ୍ଳାନ୍ତ କଣ୍ଠରେ ପଚାରିଲା ବୁଢ଼ା : "ହଁ, ତା'ପରେ କ'ଣ ହେଲା କହ !"

"ସେମାନେ ତାକୁ ହାଣି ପକାଇଲେ !" ପ୍ରୋଖର୍ ନିଜକୁ ସମ୍ଭାଳି ପାରିଲା ନାହିଁ, ଭୋ ଭୋ ହୋଇ କାନ୍ଦି ଉଠିଲା । ମୁହଁରେ ତା'ର ଘୋଟିଗଲା ଗୋଟାଏ କଳା ଛାଇ । ଛିଡ଼ା ହୋଇ ପଡ଼ି ଟୋପିଟା ଆଣିବା ପାଇଁ ବେଞ୍ଚକୁ ଅଣ୍ଡାଳୁ ଅଣ୍ଡାଳୁ ପୁଣି କହିଲା, "ସେମାନେ

ପେଟ୍ରୋକୁ ହାଣି ... ମାରି ଦେଲେ ... ଆମେ ଗୋଟାଏ ଜଙ୍ଗଲ ଭିତରେ ଘୋଡ଼ାମାନଙ୍କୁ ଟିକିଏ ବିଶ୍ରାମ ଦେବା ପାଇଁ ଅଟକି ଯାଇଥିଲୁ । ପେଟ୍ରୋ ତା ଘୋଡ଼ାର ବେଢ଼ଣଟାକୁ ଟିକିଏ ଢ଼ୁଗୁଲା କରିବାକୁ ଯାଉଥିଲା । ଏହି ସମୟରେ ଲାଲ ସେନା ଦଳ ହଠାତ୍ ଜଙ୍ଗଲ ଭିତରୁ ଆମ ଉପରକୁ ଝାମ୍ପି ପଡ଼ିଲେ ...” ପ୍ରୋଖର୍‌ର କଣ୍ଠ ରୁନ୍ଧି ହୋଇ ଗଲା । ଥର ଥର ହାତରେ ଟୋପିଟିକୁ ଚିପି ଧରି କହିଲା, “ଜିନ୍‌ଟାକୁ ଧରି ପେଟ୍ରୋ ପୁଣି ଘୋଡ଼ା ପିଠିକୁ ଡେଇଁ ପଡ଼ି ବସିଲା ବେଳେ, ଜିନ୍‌ଟା ଖସି ଆସିଲା ଘୋଡ଼ାର ପେଟ ତଳକୁ ... ଘୋଡ଼ାଟା ଏତିକିବେଳେ ବିଜୁଳି ପରି ଛୁଟି ପଳାଇଲା, ପେଟ୍ରୋ ତାକୁ ଅଟକାଇ ପାରିଲା ନାହିଁ ... ପଛରେ ପଡ଼ିଗଲା ସେ ... ତା’ପରେ ଯା’ ଘଟିବାର କଥା ଘଟିଗଲା ସେଇଠି !”

“କିନ୍ତୁ ମୁଁ ଯଦି ତୋ କଥାକୁ ବିଶ୍ୱାସ ନ କରେ ?..” ଗାବ୍ରିଲା ଖୁବ୍ ଧୀର ଅଥଚ ପରିଷ୍କାର ଗଳାରେ ପଚାରିଲା ।

ପ୍ରୋଖର୍ ହଠାତ୍ ଉଠି ପଡ଼ି ଆଗେଇ ଗଲା ଦୁଆର ଆଡ଼କୁ । ପଛକୁ ନଚାହିଁ କହିଲା :

“ଆପଣଙ୍କ ଉପରେ ସେଟା ନିର୍ଭର କରେ ଜେଜେ । କିନ୍ତୁ ମୁଁ ଯା କହିଲି ସେଥିରେ କୌଣସି ମିଛ ନାହିଁ ... । ଏକେବାରେ ନିରାଟ ସତ ... । ମୋ ନିଜ ଆଖି ଆଗରେ ସବୁ କିଛି ଘଟିଛି ...”

“କିନ୍ତୁ ତଥାପି ମୁଁ ଯଦି ବିଶ୍ୱାସ ନ କରେ ?!.” ପୁଣି ଲମ୍ବା ନିଶ୍ୱାସଟାଏ ପକାଇ ଗାବ୍ରିଲା କହିଲା । ମୁହଁରେ ତା’ର ବିଷାଦର କଳା ଛାଇ ଆଉ ନାଲି ନାଲି ଆଖି ଦୁଇଟିରେ ଛଳଛଳ ଲୁହ । ଦେହର ଜାମାଟାକୁ ହାତରେ ଫଡ଼୍‌ କିନା ଫାଡ଼ି ଦେଇ ଲୋମଶ ଛାତିଟାକୁ ବୁଢ଼ା ଦେଖାଇ ଦେଲା ପ୍ରୋଖର୍ ଆଡ଼କୁ । ମୁହଁ ଉପରକୁ କରି ଏକ ଅବ୍ୟକ୍ତ ଯନ୍ତ୍ରଣା ମିଶା ସ୍ୱରରେ ଚିତ୍କାର କରି ଉଠିଲା ସେ : “ମୋର ଏକମାତ୍ର ପୁଅକୁ ସେମାନେ ହତ୍ୟା କରି ପାରିଲେ ?!. ଆମର ଏକମାତ୍ର ଆଶା ଭରସାକୁ ?!. ମୋ ପେଟ୍ରୋକୁ ?!. ନା, ତୁ ବୁଢ଼ୀକା ବସ୍ତ ମିଛୁଆ ! ତୁ ମିଛ କହୁଛୁ ! ସବୁ ମିଛ ! ମୁଁ ବିଶ୍ୱାସ କରି ପାରିବି ନାହିଁ !..”

ସେ ଦିନ ରାତିରେ ମେଣ୍ଢା ଚମଡ଼ା କୋଟ୍‌ଟାକୁ କାନ୍ଧରେ ପକାଇ ବୁଢ଼ା ଅଗଣା ଆଡ଼କୁ ଆସିଲା । ବୁଢ଼ାର ପାଦୁଲା ଜୋତା ତଳେ



ବରଫଗୁଡ଼ାକ ଋଚ୍ ଋଚ୍ କରୁଥାଏ । ଖଳାରେ ଥିବା କୁଟାଗଦା ପାଖରେ ବୁଢ଼ା ଅଟକି ଗଲା ।

ଷ୍ଟେପୀ ଆଡ଼ୁ ପବନ ପିଟୁଥାଏ । ପବନରେ ଭାସି ଆସୁଥାଏ ଟିକି ଟିକି ବରଫ କଣାସବୁ । ଥୁଣ୍ଟା ଚେରୀ ଗଛ ମୂଳରେ ପୁଳାଏ କଳା ଭୟଙ୍କର ଅନ୍ଧାର ଜମାଟ ବାନ୍ଧି ଗଲା ଭଳି ଲାଗୁଥାଏ ।

“ପୁଅ !” ବୁଢ଼ା ଆସ୍ତେ କରି ଡାକିଲା । ଟିକିଏ ରହିଯାଇ, ଦେହ ମୁଣ୍ଡକୁ ହଲଚଲ ନକରି ପୁଣି ପଚାରିଲା, “ପେଟ୍ରୋ !.. ବାବା ମୋର !..”

କହୁଁ କହୁଁ ବୁଢ଼ା ସେଇ କୁଟାଗଦା ପାଖରେ ଗୋଡ଼ଦଳା ବରଫ ଉପରେ ମୁହଁ ମାଡ଼ି ପଡ଼ିଗଲା । ଦୁଃଖ ଆଉ ଯନ୍ତ୍ରଣାରେ ମୁଦି ହୋଇ ଆସିଲା ଆଖିପତା ଦୁଇଟି ।

* * *

ଗାଁ ସାରା ରାଷ୍ଟ୍ର ହୋଇଗଲା ଯେ ଖାଦ୍ୟ ଶସ୍ୟ ଜୋର କରି କାଢ଼ି ନିଆଯିବ, ଦନ୍ ଆର ପାଖରୁ ଡକାଇତ ଦଳସବୁ ଉପର ଅଞ୍ଚଳକୁ ମାଡ଼ି ଆସୁଛନ୍ତି । ଗାଁ ସଭାରେ କାର୍ଯ୍ୟକାରୀ କମିଟିର ସଭ୍ୟମାନେ କାଳେ ନିଜ ନିଜ ମଧ୍ୟରେ ଚୁପ୍ ଚୁପ୍ କରି ଏ ବିଷୟରେ କଥା ହେଉଥିଲେ । ବୁଢ଼ା ଗାବ୍ରିଲା କିନ୍ତୁ ସେ କାର୍ଯ୍ୟକାରୀ କମିଟିର ଦୁଆର ମାଡ଼େ ନା, ଯିବା ଦରକାର ବି ପଡ଼େ ନା ତା’ର । ତେଣୁ ବୁଢ଼ା କାନକୁ ଅନେକ କଥା ଆସେ ନା କି ବୁଢ଼ା ସେସବୁ ବିଷୟରେ ବି ଖବର ରଖେ ନା । ଦିନେ ରବିବାର ସକାଳେ ଗିର୍ଜାରେ ପ୍ରାର୍ଥନା ଶେଷ କରି ଗାଁ ସୋଭିଏତ୍‌ର ଚେୟାର୍‌ମ୍ୟାନ୍ ବୁଢ଼ାର ଦୁଆର ମୁହଁରେ ପହଞ୍ଚିଗଲେ । ସାଙ୍ଗରେ ତାଙ୍କର ଫିକା ନାଲିଆ ରଙ୍ଗର ମେଣ୍ଢା ଚମଡ଼ା କୋଟ୍‌ପିନ୍ଧା ତିନି ଜଣ ବନ୍ଧୁକଧାରୀ ଲୋକ । ସେମାନଙ୍କୁ ଦେଖି ବୁଢ଼ା ଘାବୁରେଇ ଗଲା ।

ସଭାପତି ଗାବ୍ରିଲା ସହିତ ହାତ ମିଳାଇ କହିଲେ :

“ଶୁଣ ଜେଜେ, ଆମକୁ କିଛି ଶସ୍ୟ ଦିଅ ! ତମ ଘରେ ଶସ୍ୟ ଅଛି ତ ?” କଥାଗୁଡ଼ାକ ବୁଢ଼ାକୁ ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା ।

"କ'ଣ କହୁଛ—ଶସ୍ୟ ନାହିଁ, ଆମେ କ'ଣ ହାଉଆ ଖାଇ କି ବଞ୍ଚିଛୁ ?"

"ଗେଁ ଗେଁ ହେଲେ ଚଳିବ ନାହିଁ, କେଉଁଠି ଶସ୍ୟ ରଖିଛ କୁହ !"

"ଗୋଲାରେ ରହିବା କଥା, ଗୋଲାରେ ଥିବ ।"

"ଚାଲ, ଆମକୁ ଦେଖାଇ ଦେବ !"

"ତା ପୂର୍ବରୁ ମୋତେ ଟିକେ ଦୟା କରି କହିବ କି ମୋ ଶସ୍ୟ ସହିତ ତମମାନଙ୍କର କାମ କ'ଣ ?"

ଚେୟାର୍‌ମ୍ୟାନ୍‌ଙ୍କ ସାଙ୍ଗରେ ଆସିଥିବା କହରା ବାଳିଆ ଡେଙ୍ଗା ଯୁବକ ଜଣକ ବରଫ ଉପରେ ଗୋଡ଼ଟାକୁ କଚାଡ଼ି ଦେଇ କହିଲା :

"ସରକାରଙ୍କ ତରଫରୁ ଆମେ ବଳକା ଶସ୍ୟ ସଂଗ୍ରହ କରୁଛୁ, ଯାହାକୁ ସମସ୍ତେ କହୁଛନ୍ତି ଶସ୍ୟ ସଂଗ୍ରହ ବୋଲି । ଆପଣ କ'ଣ ସେସବୁ ଖବର କିଛି ଜାଣନ୍ତି ନି ମଉସା !"

"ମନେ କର ମୁଁ ଯଦି ତୁମକୁ ନଦିଏ, ତା' ହେଲେ ?" ରାଗରେ ମୁହଁକୁ ଫଣ ଫଣ କରି ଗାଭ୍ରିଲ ପଚାରିଲା ।

"ନଦେଲେ, ଆମେ ଜବରଦସ୍ତ କାଢ଼ି ନେବୁ !.."

ସଭାପତି ଏବଂ ତାଙ୍କ ସାଙ୍ଗରେ ଆସିଥିବା ଲୋକମାନେ ନିଜ ମଧ୍ୟରେ କ'ଣ ଫୁସ୍‌ଫାସ୍ ହୋଇ ଗୋଲା ଭିତରକୁ ପଶିଗଲେ । ଧୂଳି ମଳିହୀନ ସୁନେଲି ଗହମ ଉପରେ ଆଙ୍କି ହୋଇଗଲା ସେମାନଙ୍କ ଜୋତାରେ ଲାଗିଥିବା ବରଫ ଗୁଣ୍ଡସବୁ । ଡେଙ୍ଗା ସୁନ୍ଦରିଆ ଯୁବକ ଜଣକ ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରାଇ ତାଙ୍କ ନିଷ୍ପତ୍ତି ଶୁଣାଇ କହିଲେ :

"ବିହନ ଆଉ ସେମାନଙ୍କ ଖାଇବା ପାଇଁ ଯେତେ ବେଶି ଦରକାର, ସେସବୁ ରଖି ବାକିତକ ନେଇ ଚାଲ ।" ଏକ ମାଲିକିଆ ଢଙ୍ଗରେ ଗହମ ଉପରେ ଆଖି ବୁଲାଇ ଆଣି ଗାଭ୍ରିଲଙ୍କୁ ପଚାରିଲେ, "ଏଥର କେତେ ଜମି ବୁଣିବେ ମଉସା ?"

"ମାର୍, ସେ ଜମିକୁ !.." ଥୁକରି ଛେପ ଲଣ୍ଡାଏ ତଳକୁ ଫିଙ୍ଗି ଦେଇ ବୁଢ଼ା କହିଲା । କାଶ ଆଉ ରାଗରେ ବିକଟାଳ ପଡ଼ି ଆସିଲା ବୁଢ଼ାର ମୁହଁଟା । "ନେଇ ଯା, କିନ୍ତୁ ତୁମମାନଙ୍କର ମଙ୍ଗଳ ହେବ ନାହିଁ



କହୁଛି !.. ଯା ଅଛି ସବୁ ଲୁଟ୍ କରି ନେଇ ଯା !.. ଏବେ ସବୁ ତ ତମମାନଙ୍କର !.."

"ଏମିତି କାହିଁକି ହେଉଛ ଜେଜେ, ଟିକେ ଥୟ ଧର ! ତୁମ ମୁଣ୍ଡ କ'ଣ ବିଗିଡ଼ି ଗଲାଣି ନା କ'ଣ ?" ଚେୟାର୍‌ମ୍ୟାନ୍ ଗାଭ୍ରିଲଙ୍କ ଆଡ଼କୁ ହାତର ଦସ୍ତାନା ହଲାଇ ହଲାଇ ପଚାରିଲେ ।

"ପର ଧନ ଖାଇ ଖାଇ ପେଟ ଫୁଲଉ ଥା !.. ଖାଇ ଖାଇ ଦିନେ ପେଟ ଫାଟି ଯିବ କହୁଛି !.."

କହରା ବାଳିଆ ଲୋକ ଜଣକ ଦାଢ଼ିରୁ ବରଫ ଝାଡ଼ୁ ଝାଡ଼ୁ ବୁଢ଼ା ଆଡ଼କୁ କଣେଇକି ଚାହିଁ ମୁରୁକି ହସି ଥଟାରେ କହିଲା :

"ମୁହଁ ସମ୍ଭାଳି କଥାବାର୍ତ୍ତା କର ଜେଜେ ! ଚଲେଇଲେ କିଛି ଲାଭ ହେବ ନାହିଁ । ତୁମ ଲାଙ୍ଗୁଳରେ ଚଢ଼ି ଗଲା ଭଳି ଏମିତି ଫଁ ଫଁ କାହିଁକି ହେଉଛ ?.." ଲୋକଟିର ଭୁରୁ ଦୁଇଟି କୁଞ୍ଚି ହୋଇ ଆସି ଗଳାଟା ହଠାତ୍ ଦୃଢ଼ ହୋଇଗଲା । "ଏଥର ସଞ୍ଜତ ହୋଇ କଥାବାର୍ତ୍ତା କରନ୍ତୁ !.. ଅନେକ କିଛି କହିଗଲେଣି, ଆଉ ପଦଟିଏ କହିଲେ, ଦେଖିବେ ..." କଥା ନସରୁଣୁ ଲୋକଟି ଅଣ୍ଡାରେ ଝୁଲୁଥିବା ହଳଦିଆ ପିସ୍ତଲ ଖୋଳ ଉପରେ ହାତଟାକୁ ବାଡ଼େଇ ଦେଇ ଆସ୍ତେ କରି କହିଲା, "ସାବଧାନ, ଶସ୍ୟସବୁ ଯେଉଁଠି ଜମା ହେଉଛି, ଆଜି ତୁମ ଶସ୍ୟତକ ନେଇ ସେଠି ପହଞ୍ଚାଇ ଦେବ !"

ବୁଢ଼ା ଯେ ଏହା ଦ୍ୱାରା ଭୟ ପାଇଗଲା ତା ନୁହଁ । କିନ୍ତୁ ଲୋକଟାର ଦୃଢ଼ ଆଉ ହୁକୁମ ଦେଲା ଭଳି କଥାଗୁଡ଼ାକ ତା'ର ମିଜାସଟାକୁ ବଦଳାଇ ଦେଲା । କଥା ବଢ଼ାଇ କି କିଛି ଲାଭ ନାହିଁ ବୋଲି ଭାବିଲା ବୁଢ଼ା । ହତାଶାରେ ହାତଟାକୁ ଛିଞ୍ଚାଡ଼ି ଦେଇ ସେ ଚାଲି ଗଲା ବାରଣ୍ଡା ଆଡ଼କୁ । କେଇ ପାହୁଲ ଯାଇଛି କି ନାହିଁ ହଠାତ୍ ଗୋଟାଏ ହିଂସ୍ର ଚିତ୍କାର ଶୁଣି ବୁଢ଼ା ଅଟକି ଗଲା ।

"ଶସ୍ୟ ସଂଗ୍ରହ କଲାବାଲାମାନେ ଗଲେ କୁଆଡ଼େ ?!."

ଗାଭ୍ରିଲ ବୁଲି ପଡ଼ି ଚାହିଁଲା । ବାଡ଼ ସେ ପାଖରେ ଅଶ୍ୱାରୋହୀ ଜଣେ ତା'ର ଅରଣା ଘୋଡ଼ାଟାର ଲଗାମଟାକୁ ଭିଡ଼ି ଧରି ଚିତ୍କାର ଛାଡ଼ୁଛି । ଅଘଟଣ କିଛି ଗୋଟାଏ ଘଟିବାକୁ ଯାଉଛି ଭାବି ବୁଢ଼ାର

ଗୋଡ଼ ଦିଇଟା ଥରି ଉଠିଲା । ପାଟିରୁ ତା'ର କିଛି ବାହାରିବା ଆଗରୁ, ଅଶ୍ୱଆର ଜଣକ ଦେଖି ପକାଇଲା, ଗୋଲା ବାହାରେ କେତେ ଜଣ ଲୋକ ଛିଡ଼ା ହୋଇଛନ୍ତି । ଚର୍‌କିନା ଘୋଡ଼ାଟାକୁ ପଛକୁ ବୁଲାଇ ନେଇ ଆଖି ପିଛୁଳାକେ କାନ୍ଧରୁ ବନ୍ଧୁକଟା କାଢ଼ି ଅଶ୍ୱଆରଟି ଧରିଲା ।

ଢୋ କରି ଶୁଣାଗଲା ବନ୍ଧୁକର ଗୋଟାଏ ଆବାଜ୍ । ତା'ପରେ କିଛି କ୍ଷଣ ପାଇଁ ଅଗଣାରେ ଖେଳି ଗଲା ଗୋଟାଏ ନୀରବତା । ନୀରବତା ମଧ୍ୟରେ ବନ୍ଧୁକର କୁନ୍ଦ ଘୁଞ୍ଚାଇବାର ଦୁଇ ଥର ଠକ୍ ଠକ୍ ଶବ୍ଦ ପରେ କାର୍ତ୍ତୁଜ୍‌ର ଖୋଳଟା ଧୂଆଁ ସହିତ ବାହାରି ଗଲା ।

ସ୍ତମ୍ଭୀଭୂତ ହୋଇ ଯିବାର ପ୍ରଥମ ମୁହୂର୍ତ୍ତଟି କଟିଯିବା ପରେ କହରାବାଳିଆ ଲୋକ ଜଣକ ଆଉଜି ପଡ଼ିଲା ଦୁଆର ଚଉକାଠ ଉପରେ । ଥର ଥର ହାତରେ ଯନ୍ତ୍ରଣାର ସହିତ ଧୀରେ ଧୀରେ ପିସ୍ତଲ ଖୋଳରୁ ବାହାର କଲା ପିସ୍ତଲଟିକୁ । ସଭାପତି ଅଗଣାରେ ପଡ଼ି ପଡ଼ିକା ଖଳାଘର ଆଡ଼କୁ ଦୌଡ଼ି ପଳାଇଲେ – ଠେକୁଆ ଭଳି ଡେଇଁ ଡେଇଁ । ଶସ୍ୟ ସଂଗ୍ରହକାରୀଙ୍କ ମଧ୍ୟରୁ ଆଉ ଜଣେ ଏକ ଆଣ୍ଠିଆ ହୋଇ ବନ୍ଧୁକର କାର୍ତ୍ତୁଜ୍‌ଟି ବାହାର କରୁଥାଏ । ଟୋପିଟା ତା'ର କେତେବେଳେ ମୁଣ୍ଡରୁ ଖସି ଯାଇ ଝୁଲୁଥାଏ ବାଡ଼ ଦିହରେ । ଗୁଳିର ଘନ ଘନ ଆବାଜ୍‌ରେ ଅଗଣାଟା କମ୍ପି ଉଠିଲା । ବରଫରେ ଦବି ଯାଇଥିବା ଗୋଡ଼ ଦୁଇଟିକୁ କାଢ଼ି ଗାଭ୍ରିଲା ଅତର୍ଛା ହୋଇ ପଳାଇ ଗଲା ବାରଣ୍ଡାକୁ । ବାରଣ୍ଡା ଉପରୁ ଏଣିକି ତେଣିକି ଗୁହିଁଲା ବୁଢ଼ା – ଖୋଲା ଫାଟକ ବାଟେ ଦଳେ ଅଶ୍ୱଆର ପଶି ଆସୁଥାନ୍ତି ଅଗଣା ଭିତରକୁ । ଚମଡ଼ା କୋଟ୍ ପିନ୍ଧା ସେ ଶସ୍ୟ ସଂଗ୍ରହକାରୀ ତିନି ଜଣ ଯାକ ବରଫ ବର୍ଷା ଭିତରେ ପଡ଼ି ଉଠି ଧାଉଁଥାନ୍ତି ଖଳା ଆଡ଼କୁ ।

ଅଶ୍ୱଆରମାନଙ୍କ ସର୍ଦ୍ଦାର ଜଣକ ମୁଣ୍ଡରେ ପିନ୍ଧିଥାଏ କୁବାନ୍ ଅଞ୍ଚଳର ଟୋପିଟିଏ । ନାଲିଆସିଆ ଗୋଟାଏ ଅଣ୍ଡିରା ଘୋଡ଼ା ଉପରେ ଉହୁଙ୍କି ପଡ଼ି ମୁଣ୍ଡ ଉପରେ ବୁଲଉଥାଏ ସେ ତରବାରିଟାକୁ । ଟୋପିରେ ଲଗିଥିବା ଧୋବ ଫରଫର ଶିରସ୍ତାଣର ନେତ ଦିଟା ପବନରେ ରାଜ ହଂସର ଡେଣା ଯୋଡ଼ିକ ପରି ଉଡ଼ୁଥାଏ । ଘୋଡ଼ା ଟାପୁରୁ ଛିଡ଼ିକି ପଡ଼ୁଥିବା ବରଫସବୁ ବୋଳି ହୋଇ ଯାଉଥାଏ ମୁହଁରେ ତା'ର ।



ବାରଣ୍ଡାର ବଙ୍କାଳିଆ ଖୁଣ୍ଟଟାର ପଛଆଡ଼େ ଲୁଚି ପଡ଼ି ବୁଢ଼ା ଅନାଇଲା । ନାଲିଆସିଆ ଘୋଡ଼ାଟା ବାଡ଼ଟାକୁ ଖପ୍‌କିନା ଡେଇଁ ପଡ଼ି ଯଅକୁଟା ଗଦା ପାଖରେ ପଛ ଗୋଡ଼ରେ ଛିଡ଼ା ହୋଇଗଲା । ଘୋଡ଼ା ପିଠିରେ ଥିବା ଅଶ୍ୱଆର ଜଣକ ଜିନ୍ ଉପରୁ ଉହୁଙ୍କି ପଡ଼ି ତରବାରିରେ କାଠ ହାଣିଲା ଭଳି ହାଣି ପକାଇଲା ଛଟପଟ ହେଉଥିବା ଜଣେ ଶସ୍ୟ ସଂଗ୍ରହକାରୀକୁ ... ।

ତେଣେ ଖଳା ବାଡ଼ିରୁ ଶୁଣାଗଲା ଧସ୍ତାଧସ୍ତିର ଆବାଜ୍ । କିଏ ଜଣେ ଯନ୍ତ୍ରଣାରେ ହାଉଳ ମାଉଳ ହୋଇ ଚିହିରା ଛାଡ଼ୁଥାଏ । ଏହି ସମୟରେ ଢୋ କରି ଗୁଳିଟାଏ ଫୁଟିଲା । ଗୋଲା ଘର ଉପରେ ବସିଥିବା ପଲେ ପାରା ଫଡ଼ ଫଡ଼ ହୋଇ ଆକାଶକୁ ଉଡ଼ିଗଲେ । ମନେ ହେଲା ବାଇଗଣୀ ଭାଓଲେଟ୍ ଫୁଲରୁ ଗୁଙ୍ଗୁଡ଼ିଏ କିଏ ଯେମିତି ବଛୁଡ଼ି ଦେଲା ଆକାଶରେ । ପ୍ରଥମ ଥର ଗୁଳି ଆବାଜ୍‌ରେ ପାରାଗୁଡ଼ିକ ଉଡ଼ି ଯାଇ ପୁଣି ସେଇ ସାତେ ଛାତ ଉପରେ ଆସି ବସିଥିଲେ । ଖଳା ବାଡ଼ିରେ ଥିବା ଅଶ୍ୱଆର ଜଣକ ତା ଘୋଡ଼ା ପିଠିରୁ ଓହ୍ଲାଇ ପଡ଼ିଲା ସାଙ୍ଗେ ସାଙ୍ଗେ ।

ଏତିକିବେଳେ ସାରା ଗାଁଟା ଢଙ୍ ଢଙ୍ ଘଣ୍ଟା ଧ୍ୱନିରେ କମ୍ପି ଉଠିଲା । ଗାଁର ପାଶା ନାମକ ଜଣେ ନିର୍ବୋଧ ଲୋକ ଗିର୍ଜାର ଗମ୍ବୁଜ ଉପରକୁ ଉଠି ଯାଇ ଘଣ୍ଟାର ସବୁ ଦୌଡ଼ିକୁ ଏକାସଙ୍ଗରେ ଟାଣିବାରେ ଲଗିଥାଏ । ଫଳରେ ଘଣ୍ଟାଟା ବିପଦ କାଳରେ ଯେମିତି ବାଜେ ସେମିତି ନବାଜି ବାଜୁଥାଏ ଯିଶୁ ଖ୍ରୀଷ୍ଟଙ୍କ ଜନ୍ମୋତ୍ସବରେ ବାଜିଲା ପରି ।

କୁବାନ୍ ଟୋପି ପିନ୍ଧା ସର୍ଦ୍ଦାର ଜଣକ ଗାଭ୍ରିଲାଙ୍କ ଆଡ଼କୁ ଆଗେଇ ଆସିଲା । ମୁଣ୍ଡର ସଫେଦ ଶିରସ୍ତାଣଟା ତା'ର କାନ୍ଧ ଉପରକୁ ଝୁଲି ଆସିଥାଏ । ଝାଳ ଜରଜର ମୁହଁଟା ଟିକେ ବାଙ୍କି ଯାଇଥାଏ ଏବଂ ପାଟିର ଗୋଟାଏ ପାଖକୁ ଲାଳ ବୋହି ପଡ଼ୁଥାଏ । ଗାଭ୍ରିଲାକୁ ଲୋକଟା ପଚାରିଲା :

"ଯଅ ଅଛି ତୋ ପାଖରେ ?"

ପାହାଚ ଉପରେ ବୁଢ଼ା ଖୁବ୍ କଷ୍ଟରେ କୌଣସିମତେ ଉଠି ଛିଡ଼ା ହେଲା । କିନ୍ତୁ ଯାହା ଦେଖିଲା ସେଥିରେ ତା' ତୁଣ୍ଡରୁ କଥା ବାହାରିଲା ନାହିଁ । ଜିଭ ଜଡ଼ ପାଲଟି ଗଲା ।

“ହଇବେ ବୁଢ଼ା ଭୂତ, ଓଲୁଟାଏ ନା କ’ଣ ବେ ? ପସ୍ତୁଛି ପରା, ତୋ’ର ଯଅ ଅଛି କି ନାହିଁ । ଯାଆ ଆମ ପାଇଁ ବଟେ ନେଇଆ!”

କିନ୍ତୁ ଘୋଡ଼ାମାନଙ୍କୁ ଦାନା ଖୁଆଇବା ପାଇଁ ନେବା ପୂର୍ବରୁ ଆଉ ଜଣେ ଅଶ୍ୱାର ଫାଟକ ପାଖକୁ ଛୁଟି ଆସି କହିଲା :

“ଘୋଡ଼ା ଉପରକୁ ଉଠି ପଡ଼ !.. ପାହାଡ଼ ଆଡ଼ୁ ପଦାତିକ ସୈନ୍ୟମାନେ ମାଡ଼ି ଆସୁଛନ୍ତି ...”

ଅଶ୍ରାବ୍ୟ ଗାଳିଗୁଲଜ ଦେଇ ସର୍ଦ୍ଦାର ତା’ର ହାଲିଆ ଝାଳ ଜରଜର ଘୋଡ଼ାରେ ଜିନ୍ ଚଢ଼ାଇଲା । ଜାମାର ଡାହାଣ ହାତରେ ଲାଗିଥିବା ରକ୍ତଗୁଡ଼ାକୁ ବରଫ ଖଣ୍ଡକରେ ଘଷି ଛଡ଼ାଇବା ଦେବା ପାଇଁ ସେ ଅଟକି ଗଲା ଟିକେ ।

ପାଞ୍ଚ ଜଣ ଯାକ ଘୋଡ଼ାରେ ଚଢ଼ି ଅଗଣାରୁ ବାହାରି ଗଲା ବେଳେ ଲକ୍ଷ୍ୟ କଲା ଗାଭ୍ରିଲ । ଶସ୍ୟ ସଂଗ୍ରହକାରୀଙ୍କ ମଧ୍ୟରେ ଥିବା ସେହି କହରାବାଳିଆ ଯୁବକଟିର ରକ୍ତଭିଜା କୋଟ୍‌ଟା ଶେଷ ଅଶ୍ୱାରର ଜିନ୍‌ରେ ବନ୍ଧା ହୋଇ ଝୁଲୁଥାଏ ।

* * *

ସନ୍ଧ୍ୟା ନଇଁଲା ପର୍ଯ୍ୟନ୍ତ ଗାଁ ମୁଣ୍ଡ ପାହାଡ଼ ତଳର କଣ୍ଟାବୁଦାଭରା ଘୋହିରିରେ ଗୁଳି ଚାଲିବାର ଆବାଜ୍ ଶୁଭୁଥିଲା । ପାହାରଖିଆ କୁକୁରଟାଏ ଭୟରେ ଲୁଚିଲା ପରି ଗାଁ ଭିତରେ ଲୁଚି ଯାଇଥିଲା ନୀରବତା । ସବୁ ଶୁନ୍‌ଶାନ୍ ଲାଗୁଥାଏ । ନୀଳନିଶା ଛାଇ ଛାଇକିଆ ଅନ୍ଧାର ଚାରିଆଡ଼େ କ୍ରମଶଃ ଢାଙ୍କି ଆସିଲା । ଗାଭ୍ରିଲ ମନରେ ସାହସ ବାନ୍ଧି ତା ଖଳାଘରକୁ ଯିବା ପାଇଁ ବାହାରିଲା । ଛୋଟ ଫାଟକଟି ଦେଇ ଆସୁ ଆସୁ ବୁଢ଼ା ଦେଖିଲା ଜାପେଗି ବାଡ଼ ଉପରେ ଚେୟାର୍‌ମ୍ୟାନ୍ ପଡ଼ିଛନ୍ତି । ଦିହରେ ତାଙ୍କର ଗୁଳି ଗଳି ଗଲା ପରେ ସେ ଯାଇ ପାରି ନାହାନ୍ତି । ବାଡ଼ ତଳେ ପଡ଼ିଛି ତାଙ୍କର ଟୋପିଟା ଏବଂ ହାତ ଦୁଇଟି ଝୁଲି ପଡ଼ିଛି ତଳକୁ । ଦେଖିଲେ ମନେ ହେଉଛି, ଟୋପିଟାକୁ ଟୋକି ଆଣିବା ପାଇଁ ହାତ ଦୁଇଟି ତାଙ୍କର ଯେମିତି ଲମ୍ବି ଯାଉଛି ।



କୁଟା ଗଦାର ଅଳ୍ପ ଦୂରରେ ଅଗାଡ଼ିବିଛା ବରଫ ଉପରେ ଧାଡ଼ି ହୋଇ ଅନ୍ୟ ତିନି ଜଣ ଯାକ ଶସ୍ୟ ସଂଗ୍ରହକାରୀ ପଡ଼ିଛନ୍ତି । ଦେହରେ ତାଙ୍କର ଅଣ୍ଡର ୱେର ଖଣ୍ଡେ ଖଣ୍ଡେ ଛଡ଼ା ଆଉ କିଛି ନାହିଁ । ସେମାନଙ୍କୁ ଦେଖିଲା କ୍ଷଣି ବୁଢ଼ାର ଛାତିଟା ଭୟରେ ଥରି ଉଠିଲା । ସକାଳେ ସେମାନଙ୍କ ପ୍ରତି ଜନ୍ମିଥିବା ବୁଢ଼ାର କୁହୁଳା ରାଗ ଆଉ ଘୃଣା କୁଆଡ଼େ ଉଭାଇ ଗଲା । ସବୁ ତାକୁ ଲାଗିଲା ଗୋଟାଏ ଇନ୍ଦ୍ରଜାଲ, ଭୟଙ୍କର ଦିବାସ୍ୱପ୍ନ ପରି । ଏଇତ ତା’ର ସେହି ଖଳା ବାଡ଼ି । ପଡ଼ିଶା ଘରର ଛେଳିସବୁ ଏଇଠି ଆସି ସବୁବେଳେ ଉତ୍ପାତ କରନ୍ତି, ଛଣକୁଟା ଟାଣିକି ଖାଆନ୍ତି । ସେଇଠି ଏବେ ପଡ଼ିଛି କ୍ଷତ ବିକ୍ଷତ ଦେହ କେତୋଟି । ମୁର୍ଦ୍ଦାରଗୁଡ଼ାକରୁ ପଚା ଗନ୍ଧ ବାହାରିଲାଣି । ମେଞ୍ଚା ମେଞ୍ଚା ରକ୍ତ ଅଧା ବରଫ ପାଲଟି ଯାଇଛି ...

କହରାବାଳିଆ ଯୁବକଟିର ମୁଣ୍ଡଟି ଗୋଟାଏ କଡ଼କୁ ବେବାଗରେ ମୋଡ଼ି ହୋଇ ଯାଇଛି । ବରଫ ଉପରେ ମାଡ଼ି ହୋଇ ପଡ଼ିଥିବା ମୁଣ୍ଡଟାକୁ ଦେଖିଲେ ମନେ ହେଉଛି ଲୋକଟା ହାଲିଆ ହୋଇ ଯେମିତି ଆସକତ ମେଣ୍ଟାଉଛି । ଗୋଡ଼ ଦୁଇଟିକୁ ସଜାଡ଼ିକି ପକାଇବା ପାଇଁ ତା ଧିଅରେ ଯେମିତି ଆଉ ଳୁ ନାହିଁ ।

ଦ୍ୱିତୀୟ ଲୋକଟିର ନିଶ ହଳକ କଳା ମିଟି ମିଟି ଦିଶୁଛି । ଆଗ ଦାନ୍ତରୁ କେଇଟା ଖସି ପଡ଼ିଛି ଭାଙ୍ଗି କି । ପିଠିଟାକୁ ବଙ୍କାଇକି ସେ ପଡ଼ିଛି ଏବଂ ମୁଣ୍ଡଟି କାନ୍ଧ ଉପରକୁ ଝୁଲି ଆସିଛି । ଶୁଖିଲା ଓଠରେ ଉକୁଟି ଉଠୁଛି ଗୋଟାଏ ନିର୍ମମ ବିକଟାଳ କ୍ରୋଧ । ତୃତୀୟ ଜଣକ ଲମ୍ବ ହୋଇ ପଡ଼ିଛି କୁଟା ଉପରେ । ଦେଖିଲେ ମନେ ହେଉଛି ବରଫ ଉପରେ ସେ ଯେମିତି ପହଁରି ପହଁରି ଯାଉଛି । ମରଣର ଜଡ଼ତାରେ ନିଶ୍ଚଳ ହୋଇ ପଡ଼ିଥିବା ଶକ୍ତ ବାହୁ ଦୁଇଟି ଆଗକୁ ଲମ୍ବି ଯାଇଛି ତା’ର ସମସ୍ତ ଶକ୍ତି ଆଉ ପ୍ରୟାସ ନେଇ ।

ଗାଭ୍ରିଲ ସେ କହରାବାଳିଆ ଯୁବକଟି ଉପରକୁ ଟିକେ ଝୁଙ୍କି ପଡ଼ି ଅନିଶା କଲା । ମୁହଁଟି ତା’ର ପାଉଁଶିଆ ପଡ଼ି ଯାଇଛି । ବୁଢ଼ାକୁ ଖୁବ୍ ଦୟା ଲାଗିଲା । ଆଗରେ ତା’ର ଶୋଇ ରହିଛନ୍ତି ଶସ୍ୟ ସଂଗ୍ରହକାରୀ କମିସାର । ବୟସ ଖୁବ୍ କମ୍, ମାତ୍ର ଉଣେଇଶ । ଦେଖିବାକୁ

ଶାଗଛିବ, ଆଖି ପତାର ବାଳଗୁଡ଼ିକ କଣ୍ଟା ପରି ଛିଡ଼ା ହୋଇଛି । ହଳଦିଆ ନିଶ ତଳକୁ ଓଠ ଦୁଇଟି ଉପରେ ଜମି ଯାଇଛି ଧଳା ଧଳା ବରଫ । ମୁହଁରେ କୌଣସି ଦାଗ ନାହିଁ, ଲଲାଟ ଉପରେ କେବଳ ଗହୀରିଆ ରେଖାଟିରେ ଦୁଃଖ ଆଉ ଅବସାଦ ଫୁଟି ଉଠୁଛି ।

ଅଜାଣତରେ ଲକ୍ଷ୍ୟହୀନ ଭାବେ ବୁଢ଼ାର ହାତଟି ଯୁବକଟିର ଖୋଲା ଛାତି ଉପରକୁ ଖସି ଗଲା । ବୁଢ଼ା ସଙ୍ଗେ ସଙ୍ଗେ ଚମକି ଉଠି ଫେରାଇ ଆଣିଲା ହାତଟିକୁ । କିନ୍ତୁ କ୍ଷଣକର ଏହି ସ୍ପର୍ଶରେ ବୁଢ଼ାର ହାତ ପାପୁଲିଟି ଅନୁଭବ କଲା କ୍ଷୀଣ ହୋଇ ଆସୁଥିବା ଏକ ଉଷ୍ମତା ...।

କାଠ ପାଲଟି ଯାଇଥିବା କଳା ରକ୍ତଭିଜା ଦେହଟାକୁ ପିଠିରେ ଥୋଇ ଢଳି ଢଳି କି ବୁଢ଼ା ଫେରିଲା । ଘରେ ପହଞ୍ଚାଇଲା ବେଳକୁ ଧଇଁସଇଁ ହୋଇ ପଡ଼ିଥାଏ । ବୁଢ଼ାକୁ ଦେଖି ବୁଢ଼ୀ ଏକେବାରେ ଅବାକ୍ । ଛାତି ଉପରେ କ୍ରୁଶ ଚିହ୍ନ ଆଙ୍କି ତୁଲୀ ପାଖକୁ ସେ ପଳାଇଗଲା ।

ଯୁବକଟିର ଦେହଟିକୁ ବେଞ୍ଚ ଉପରେ ଶୁଆଇ ଦେଇ ଥଣ୍ଡା ପାଣିରେ ଧୋଇ ଦେଲା ବୁଢ଼ା । ମୋଟା ପଶମ ମୋଜା ଆଣି ତା'ର ଛାତି, ହାତ ଆଉ ଗୋଡ଼କୁ ଘଷିବାରେ ଲାଗିଲା । ବୁଢ଼ାର ହାତ ଦୁଇଟି ଉଷୁମ ହୋଇ କପାଳରେ ଝାଳ ଜକେଇ ଗଲା ପର୍ଯ୍ୟନ୍ତ ସେ ଘଷି ଚାଲିଥାଏ । ତା'ପରେ ଯୁବକଟିର ହିମଶୀତଳ ଛାତି ଉପରେ କାନ ଦେଇ ଛାତି ଭିତରର ଦୁକୁ ଦୁକୁ ଅବାଜ୍ ଶୁଣିବାକୁ ଚେଷ୍ଟା କଲା । ଏକ କ୍ଷୀଣ ଧକ୍ ଧକ୍ ଅବାଜ୍ ବାଜିଲା ବୁଢ଼ା କାନରେ ।

* * *

ତିନି ଦିନ ଆଉ ଚାରି ରାତି ଧରି ବୁଢ଼ାର ବାଞ୍ଚ ଘରେ ଯୁବକଟି ଗୋଟାଏ ମୂର୍ଚ୍ଛାର ପରି ସେଇ ଭଳି ଶୋଇ ରହିଥାଏ । ଦେହଟି ତା'ର ହଳଦିଆ ଦିଶୁଥାଏ ଶୁଖିଲା ପଡ଼ିଯାଇ । କପାଳଠୁ ଗାଲ ପର୍ଯ୍ୟନ୍ତ ଗୋଟାଏ ଲାଲ ଟକଟକ କ୍ଷତର ଦାଗ, ଉପରେ ତା'ର ଟେଙ୍କା ବାନ୍ଧି ଯାଇଥାଏ ରକ୍ତସବୁ । ଲମ୍ବ କରି ପଟି ବନ୍ଧା ହୋଇଥିବା ଛାତି ଉପରେ



ବନ୍ଧା ହୋଇଛି କମ୍ବଳ ଖଣ୍ଡେ । ନିଶ୍ୱାସ ନେଲା ବେଳେ ଛାତିଟା ଉଠୁଥାଏ ପଡ଼ୁଥାଏ । ତଣ୍ଟିଟା ଶୁଭୁଥାଏ ଘଡ଼ ଘଡ଼ ।

ପ୍ରତିଦିନ ଗାବ୍ରିଲ ତା'ର ଥର ଥର ଅସାଡ଼ ଆଙ୍ଗୁଳିରେ ଯୁବକଟିର ପାଟିକୁ ଖୋଲେ, ଜାବ ପଡ଼ି ଯାଇଥିବା ଦାନ୍ତଗୁଡ଼ିକୁ ଛୁରି ମୁନରେ ମେଲା କରେ । ବୁଢ଼ୀ ନଳ ସାହାଯ୍ୟରେ ଉଷୁମ ଦୁଧ ଆଉ ମେଣ୍ଢା ମାଂସର ଝୋଳ ପିଆଇ ଦିଏ ।

ତିନି ଦିନ ପରେ ଚାରି ଦିନ ସକାଳୁ ଯୁବକଟିର ଗାଲରେ ଗୋଟାଏ ଉଜ୍ଜ୍ୱଳ ଆଭା ଫୁଟି ଆସିଲା ପରି ଦେଖାଗଲା । ଦିପହର ବେଳେ କଣ୍ଟାବଣରେ ନିଆଁ ଲାଗିଲେ ଯେମିତି ଦିଶେ, ମୁହଁଟି ତା'ର ସେଇମିତି ଲାଲ ଟକ ଟକ ଦିଶିଲା । ଦେହଟି ଭୟଙ୍କର ଭାବେ ଜଳିବାରେ ଲାଗିଥାଏ । ଥଣ୍ଡା ଝାଳ ବହି ଅଠାଳିଆ ଲାଗୁଥାଏ ଦେହର ଚାମଡ଼ି ।

ସେତିକିବେଳୁ ଯୁବକଟି ବାଉଳେଇ ହେଉଛି ଏବଂ ବିଛଣାରୁ ଉଠି ପଡ଼ିବାକୁ ଚେଷ୍ଟା କରୁଛି । ବୁଢ଼ା ବୁଢ଼ୀ ଦିହେଁ ତେଣୁ ଦିନ ରାତି ଜଗୁଛନ୍ତି ପାଳି କରି ।

ଶୀତ ଋତୁର ଅସରା ରାତିରେ ପୂର୍ବେଇ ପବନ ବନ୍ ଉପରୁ ବହି, କଳା ଧୂସର ଆକାଶକୁ ଚଞ୍ଚଳ କରି ଦେଉଥାଏ । ଗାଁ ଉପରେ ନଇଁ ଆସିଥାଏ ଶୀତଳ ମେଘସବୁ । ବୁଢ଼ା ଗାବ୍ରିଲ ମୁଣ୍ଡରେ ହାତ ଦେଇ ସେଇମିତି ବସି ରହିଥାଏ ଆହତ ଯୁବକଟି ପାଖରେ । ବେଳେ ବେଳେ ଯୁବକଟି ବାଉଳେଇ ଉଠୁଥାଏ । ତା'ର ସେହି ବାଉଳା ଅସଙ୍ଗତ କଥାଗୁଡ଼ାକୁ ଧରି ପାରୁ ନଥାଏ ବୁଢ଼ା । ଖରା ଖାଇ ଖାଇ ଦେହରେ ପଡ଼ିଥିବା କଳା ଚିହ୍ନ ଆଉ ବୁଢ଼ି ହୋଇ ପଡ଼ିଥିବା ଘୋଡ଼ାଟାପୁ ପରି ଧୂସର ଧାରକଟା ନୀଳ ଆଖିପତା ଦୁଇଟିକୁ ବୁଢ଼ା ନିରାଖାଇ କି ଦେଖେ । ଦୀର୍ଘ ଯନ୍ତ୍ରଣାରେ ଯୁବକଟି ବେଳେବେଳେ ବାଉଳେଇ ଉଠେ ବା ସୈନ୍ୟମାନଙ୍କୁ ରାଗି ଯାଇ ଆଦେଶ ଦେଲା ଭଳି କହେ । ଆଉ କେତେବେଳେ ପାଟିରୁ ତା'ର ଗାଳିଗୁଲଜ ବାହାରି ଆସେ, ରାଗ ଆଉ ବେଦନାରେ ମୁହଁଟି ଉତ୍ତେଜିତ ହୋଇ ଉଠେ । ବୁଢ଼ା ନିଜକୁ ସମ୍ଭାଳି ପାରେ ନା, ତତଲା ଲୁହ ଆଖିରୁ ଝରି ପଡ଼େ, ଗଳା ବନ୍ଦ

ହୋଇ ଆସେ । ଯୁବକଟି ପ୍ରତି ଅଜାଣତରେ ହୃଦୟଟା ତା'ର ଭରି ଉଠେ ଏକ କରୁଣାରେ ।

ଗାର୍ଭିଲ ଲକ୍ଷ୍ୟ କଲା, ଆହତ ଯୁବକଟି ପାଖରେ ବୁଢ଼ୀ ଦିନ ରାତି ବସିକି ରହୁଛି । ପ୍ରତିଟି ଦିନ, ପ୍ରତିଟି ନିଦ୍ରାହୀନ ରାତି ବିତିବା ସଙ୍ଗେ ସଙ୍ଗେ ସେ ଦିଶୁଛି ଆଉରି ପାଉଁଶିଆ, ଆଉରି ଜୀର୍ଣ୍ଣ । ବୁଢ଼ୀର ଲେସ୍ କୋସ୍ ଗାଲ ଦୁଇଟି ଦେଇ ଲୁହ ଧାର ବହି ଆସୁଥିବାର ସେ ବେଳେ ବେଳେ ଲକ୍ଷ୍ୟ କରେ । ବୁଢ଼ା ଆଉରି ଅନୁଭବ କରୁଛି, ବୁଢ଼ୀ ତା'ର ମୃତ ପୁଅ ପେଡ୍ରୋ ପାଇଁ ହୃଦୟରେ ଯେଉଁ ସ୍ନେହ ଆଉ ମମତା ସଞ୍ଚି ରଖିଥିଲା ଏବଂ ଏତେ ଦିନ ଧରି ଯାହା ଅଝରା ଲୁହର ସାଗର ତଳେ ଲୁଚି ହୋଇ ରହିଥିଲା, ସେସବୁ କ୍ରମଶଃ ନିଷ୍ଫଳ ମୃତାହତ ଏହି ଯୁବକଟି ଆଡ଼କୁ ବଣର ନିଆଁ ପରି ଖେଳି ଯାଉଛି, ଯିଏକି ତା'ର ନିଜର ନୁହଁ, ଅନ୍ୟ ଏକ ନାରୀର ସନ୍ତାନ ...।

ଲାଲ ଫୌଜର ଏକ ସେନାଦଳର ଜଣେ କମାଣ୍ଡର ଦିନେ ସେଇ ଗାଁ ଦେଇ ଯାଉଥିଲେ । ବୁଢ଼ା ଗାର୍ଭିଲର ଫାଟକ ପାଖରେ ଘୋଡ଼ାରୁ ଓହ୍ଲାଇ ପଡ଼ି, ଅର୍ଦ୍ଦଳି ହାତରେ ଘୋଡ଼ାଟିକୁ ଦେଇ କମାଣ୍ଡର ସିଧା ପଶି ଆସିଲେ ବୁଢ଼ାର ଘର ଆଡ଼କୁ । ବାରନ୍ଦାକୁ ପଡ଼ିଥିବା ପାହାଚ ଉପର ଦେଇ ଦୌଡ଼ି ଦୌଡ଼ି ଗଲା ବେଳେ ତରବାରିର ଝଣ ଝଣ ଶବ୍ଦ ଆଉ ବୁଟ୍‌ର ମଚ୍ ମଚ୍ ଆବାଜ୍ ଶୁଣାଗଲା । ଦାଣ୍ଡ ଘରକୁ ସେ ପଶି ଗଲେ ଏବଂ ମୁଣ୍ଡରୁ ଟୋପିଟିକୁ କାଢ଼ି ଅନେକ ସମୟ ବିଛଣା ପାଖରେ ଛିଡ଼ା ହୋଇ ରହିଲେ । ଆହତ ଯୁବକଟିର ମୁହଁରେ କଳା ଛାଇ ଘୋଟି ଯାଇଥାଏ । ଜରରେ କଳା ପଡ଼ି ଯାଇଥିବା ଓଠ ଦିଓଟି ଫାଙ୍କରେ ଜକାଇ ଆସିଥାଏ ରକ୍ତ । କମାଣ୍ଡର ତାଙ୍କର ଅକାଳରେ ଧଳା ପଡ଼ି ଯାଇଥିବା ମୁଣ୍ଡଟିକୁ ଟିକେ ହଲାଇ ଦେଇ ବୁଢ଼ାର ଆଖିକୁ ଆଡ଼େଇକି ଚାହିଁ କହିଲେ :

"ବୁଢ଼ା ବାବୁ, ଆମ କମ୍ରେଡ୍‌କୁ ଟିକେ ଦେଖୁଥିବେ !"

"ଦେଖୁଛୁ ଆମେ", ଦୃଢ଼ କଣ୍ଠରେ ଉତ୍ତର ଦେଲା ଗାର୍ଭିଲ ।

ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ଗଡ଼ି ଚାଲିଲା । ବହୁ ଦିନ ଆସିଲା, ଗଲା । ଶେଷ ଦିନ ଦିନ ଯୁବକଟି ଆଖି ଖୋଲିଲା ।



ଗାର୍ଭିଲ କାନରେ ବାଜିଲା ଏକ ଚେଁ ଚେଁ କଣ୍ଠର ସ୍ୱର । ସ୍ୱରଟା ଅତି କ୍ଷୀଣବୁଢ଼ିଆଣୀ ଜାଲର ସୂତା ପରି କ୍ଷୀଣ ।

"ଆପଣ ସେଇ ବୁଢ଼ା ବାବୁ, ନା ?"

"ହଁ, ମୁଁ ।"

"ସେମାନେ ମୋତେ ଏମିତି କରି ଦେଇଛନ୍ତି, ନା ?"

"ଯିଶୁ ହିଁ ରଖିଲାବଲି, ବାପା !"

ଗାର୍ଭିଲ ଲକ୍ଷ୍ୟ କଲା, ଯୁବକଟିର ସେହି କ୍ଷୀଣ ନିର୍ମଳ ଦୃଷ୍ଟିରେ ଗୋଟାଏ ସରଳ ଈର୍ଷାହୀନ ବିଦ୍ରୂପ ଫୁଟି ଉଠିଛି ।

"ଅନ୍ୟମାନଙ୍କ ଖବର କ'ଣ ?"

"ସେମାନଙ୍କ ଖବର... । ସେମାନଙ୍କୁ କବର ଦେଇ ଦେଇଛୁ ।"

କମ୍ବଳ ଉପରେ ଯୁବକଟିର ଆଙ୍ଗୁଳିଗୁଡ଼ିକ ଟିକେ ଚଞ୍ଚଳ ହୋଇ ଉଠିଲା । କିଛି କହିଲା ନାହିଁ ସେ, ଛାତର ଅଚଞ୍ଚା କାଠ ବରଗା ଆଡ଼କୁ ଦୃଷ୍ଟି ଫେରାଇ ନେଲା ।

"ତୁମ ନାମ କ'ଣ ?" ଗାର୍ଭିଲ ପଚାରିଲା ।

ଉସତ୍ ନୀଳ ଆଖିପତା ଦୁଇଟିକୁ ବୁଜି ଆଣୁ ଆଣୁ ଯୁବକଟି କହିଲା :

"ନିକଲାଇ ।"

"ତା' ହେଲେ ତୁମକୁ ଆମେ ପେଡ୍ରୋ ବୋଲି ଡାକିବୁ ...। ଆମର ପୁଅଟିଏ ଥିଲା ... ତା' ନାଁ ପେଡ୍ରୋ ..." ବୁଢ଼ା ବୁଝାଇ ଦେଲା ।

ବୁଢ଼ା ଆଉରି କ'ଣ କହିବାକୁ ଯାଉଥିଲା, ହଠାତ୍ ଦେଖିଲା ଯୁବକଟି ଘନଘନ ନିଶ୍ୱାସ ମାରୁଛି । ଦିହର ଭାରସାମ୍ୟ ଠିକ୍ ରଖିବା ପାଇଁ ହାତ ଦୁଇଟିକୁ ଟେକି, ପାଦ ଚିପି ଚିପି ବୁଢ଼ା ଘର ବାହାରକୁ ଚାଲି ଆସିଲା ।

* * *

ଉଲା ବିନ୍ଦୁହରେ ଫେରି ଆସିଲା ଉଜି, ଅତି ଧୀରେ ଧୀରେ ଯୁବକଟିର ଦିହକୁ ଫେରି ଆସିଲା ଜୀବନ । ଦୁଇ ମାସ ବେଳକୁ ବଡ଼ କଷ୍ଟରେ ସେ ତକିଆରୁ ମୁଣ୍ଡ ଟେକି ପାରିଲା । ବିଛଣାରେ ପଡ଼ି ପଡ଼ି ପିଠିରେ ତା'ର ଘା ହୋଇ ଯାଇଥାଏ ।

ଦିନସବୁ ଯେତିକି ଗଡ଼ି ଗଡ଼ି ଯାଉଛି, ଗାଭ୍ରିଲ ସେତିକି ଅଧିକରୁ ଅଧିକ ତା'ର ନୂଆ ପେଡ୍ରୋ ସହିତ ଜଡ଼ିତ ହୋଇ ପଡ଼ୁଛି । ତା'ର ପ୍ରଥମ ପୁଅ, ଅର୍ଥାତ୍, ତା'ର ନିଜ ପୁଅର ଛବିଟି କ୍ରମଶଃ ଫିକା ପଡ଼ି ଆସୁଛି ମନରୁ – ତା ଘରର ଅଭ୍ରବୋଳା ଝରକାରେ ଡୁବନ୍ତ ସୂର୍ଯ୍ୟର ମଇଳା ଝଲକ ପରି ମଉଳି ଆସୁଛି । ଗାଭ୍ରିଲ ବ୍ୟାପାରଟାକୁ ବେଳେବେଳେ ବୁଝି ପାରେ ଏବଂ ବୁଝିଲା କ୍ଷଣି ଦେହଟା ତା'ର ଶୀତେଇ ଉଠେ । ସେ ଚେଷ୍ଟା କରେ, ତା'ର ପୂର୍ବର ସେହି ପୁତ୍ର-ଶୋକ ଆଉ ପ୍ରାଣଥରା ବେଦନାକୁ ମନ ଭିତରକୁ ପୁଣି ଫେରାଇ ଆଣିବ । କିନ୍ତୁ ସେ ପାରେ ନା, ସେସବୁ ଦୂରରୁ ଦୂରକୁ ଚାଲି ଗଲା ପରି ଲାଗେ, ବୁଢ଼ାର ମନଟା ଗୋଳେଇ ଘାଣ୍ଟି ହୁଏ, ଭାବନାର ଖିଅସବୁ ଅଡ଼ୁଆ ହୋଇ ଯାଏ । ନିଜ ପାଖରେ ସେ ଲଜ୍ଜାବୋଧ କରେ ... ନିଜକୁ ଭୁଲାଇବା ପାଇଁ ଅଗଣାକୁ ଚାଲିଯାଏ ଏବଂ ଏଇଟା ସେଇଟା କରି ଘଣ୍ଟା ପରେ ଘଣ୍ଟା କଟାଇ ଦିଏ । କିନ୍ତୁ ମନରେ ତା'ର ଯେତେବେଳେ ପଡ଼ିଯାଏ, ସ୍ତ୍ରୀ ତା'ର ପେଡ୍ରୋ ପାଖରେ ଅନବରତ ବସି ରହିଛି, ଭିତରଟା ତା'ର ବୁଢ଼ୀ ପ୍ରତି ଈର୍ଷାରେ କୁହୁଳି ଉଠେ । ବୁଢ଼ା ସଙ୍ଗେ ସଙ୍ଗେ ଫେରି ଆସେ ଘର ଭିତରକୁ । ପେଡ୍ରୋର ମୁଣ୍ଡ ପାଖରେ ଛିଡ଼ା ହୋଇ କୁଞ୍ଚି ହୋଇ ଯାଇଥିବା ବିଛଣା ଚାଦରଟାକୁ ବିଣ୍ଡିବସା ଆଙ୍ଗୁଳିରେ ତା'ର ସଜାଡ଼ି ଦିଏ । ବୁଢ଼ୀ ରାଗରେ ଆଖି ଲାଲ କରି ବୁଢ଼ାକୁ ଚାହିଁ ଦେଲା କ୍ଷଣି ବୁଢ଼ା ମନମରା ହୋଇ ନିରବରେ ବେଞ୍ଚ ଉପରେ ବସି ପଡ଼େ ।

ପାହାଡ଼ୀମୂଷାର ଚର୍ବି ଆଉ ମୃତସଞ୍ଜୀବନୀ ଫୁଲର ଅର୍କ ବୁଢ଼ୀ ପେଡ୍ରୋକୁ ଖୁଆଇଲା । ବସନ୍ତ ଋତୁରେ ଅଜସ୍ର ମୃତସଞ୍ଜୀବନୀ ଫୁଲ ଫୁଟିଲା ବେଳେ ବୁଢ଼ୀ ଏହି ଅର୍କ ତିଆରି କରି ସାଇତି ରଖିଥିଲା ।

ଔଷଧର ମହିମାରୁ ହେଉ ବା ଯୌବନର ଅପରାଜେୟ ଶକ୍ତିରୁ ହେଉ, ପେଡ୍ରୋର ଚେହେରାରେ ଦେଖା ଦେଲା ପରିବର୍ତ୍ତନ । ଘା ଶୁଖିଗଲା, ପୂରିଉଠିଲା ଶୁଖିଲା ଗାଲ ଦୁଇଟି । ଦେହରେ ତାଜା ରକ୍ତ ସୃଷ୍ଟି ହେବା ଫଳରେ ସେ ଦୁଇଟି ଲାଲ ଟକ୍‌ଟକ୍ ହୋଇ ଆସିଲା । କିନ୍ତୁ ଡାହାଣ ହାତର କହୁଣିଟା ଆଉ ଜୋଡ଼ି ହେଲା ନାହିଁ, ଖସି ଯାଇଥିଲା ହାଡ଼ଟା । ହୁଏତ, ଆଉ ଭଲ ହେବ ନାହିଁ । ଜୀବନ ତମାମ ଏମିତି ଅକାମୀ ହୋଇ ରହିଯିବ ।



ଯିଶୁଙ୍କ ଜନ୍ମୋତ୍ସବର ଦୁଇ ସପ୍ତାହ ପୂର୍ବରୁ ପେଡ୍ରୋ ବିଛଣାରେ ନିଜକୁ ନିଜେ ଉଠି ବସିଲା । ତା' ନିଜ ଶକ୍ତି ଦେଖି ସେ ହୋଇଗଲା ଅବାକ୍ । ନିଜ ପ୍ରତି ଅବିଶ୍ୱାସମିଶା ହସ ଟେନାଏ ଖେଳି ଗଲା ମୁହଁରେ ତା'ର ।

ସେ ଦିନ ରାତିରେ ବୁଢ଼ା ଉହ୍ଲେଇ ପାଖରେ ବସି ନିଆଁ ପୁହିଁଲା ବେଳେ କାଶୁ କାଶୁ ବୁଢ଼ୀକୁ ଡାକିଲା :

"କ'ଣ ଶୋଇ ଗଲୁଣି କି ?"

"ନାଇଁ, କ'ଣ ହେଲା ?"

"ଆମ ପିଲାଟା ତ ଏଥର ଚାଲବୁଲ କରିବ ... ତୁ କାଲି ଆଲମାରିରୁ ତା ପାଇଜାମାଟା ବାହାର କରି ଦେବୁ ... ତା' ଛଡ଼ା ତା'ର ଆଉ କ'ଣ କ'ଣ ଜାମାପଟା ଲାଗିବ ସବୁ ସଜାଡ଼ିକି ରଖ ... କିଛି ପିନ୍ଧିବାକୁ ନାହିଁ ଛୁଆଟାର", ବୁଢ଼ା କହିଲା ।

"ହଁ, ସେସବୁ ମୁଁ ଜାଣିଛି, ସବୁ ସଜାଡ଼ିକି ରଖିଛି ।"

"ତୁ ତା' ହେଲେ ମୋଠୁଁ ଆଉରି ଚଞ୍ଚଳ, ଦେଖୁଛି !.. ତା'ର ସେ କୋଟ୍‌ଟା ବାହାର କରିଛୁ ତ ?"

"ବାହାର କରିବି ନାହିଁ ? ସେ କ'ଣ ଫୁଙ୍ଗୁଳା ଦିହରେ ବୁଲିବ ?"

ବୁଢ଼ା ଉହ୍ଲେଇଟାକୁ ଥରେ ଦି ଥର ଖୁଞ୍ଚି ଦେଇ ଜୋଳାଇବାକୁ ଲାଗିଲା । କିନ୍ତୁ ହଠାତ୍ କ'ଣ ଗୋଟାଏ ମନରେ ପଡ଼ି ଯିବାରୁ ଗଡ଼ କିତିଲା ଭଳି ମୁଣ୍ଡ ଟେକି କହିଲା :

"ସେ ଟୋପିଟା କଥା ତ କାହିଁ କହିଲୁ ନାହିଁ ? ସେଟାକୁ, ନିଶ୍ଚୟ, ଭୁଲି ଯାଇଛୁ ।"

"ବାଃ, ମୁଁ କାଳେ ଭୁଲି ଯାଇଛି ! ସେଇ ବାଟ ଦେଇ ଚାଳିଶି ଥର ପା ଯିବା ଆସିବା କଲଣି, ତମ ନଜରରେ ସେଟା ପଡ଼ୁ ନି । ଗତ ଶନିବାରଠାରୁ ପରା ସେଟା ସେଇ କାନ୍ଥ କଣ୍ଟାରେ ଝୁଲୁଛି !.."

ବୁଢ଼ା ଟିକେ ଚିଡ଼ି ଯାଇ କାଶି ଉଠିଲା । ଆଉ ବେଶି କିଛି କହିଲା ନାହିଁ ।

ବସନ୍ତର ରୋମାଞ୍ଚରେ ଦନ୍ ନଇ ଚପଳା ହୋଇ ଉଠିଛି । ବରଫସବୁ କଳା ପଡ଼ି ଆସିଲାଣି, ଫୁଲି ଫୁଲି ଉଠି ପୋକ କାଟିଲା ପରି ଛିଦ୍ରମୟ ଦିଶୁଛି । ବରଫ ଗଳି ଯିବା ଫଳରେ ଫୁଙ୍ଗୁଳା ଦିଶିଲାଣି

ପାହାଡ଼ କଡ଼ସବୁ । ଷ୍ଟେପୀ ଉପରେ ଜମିଥିବା ବରଫ ପାଣି ହୋଇ ନଈ ନାଳକୁ ପୁଣି ଫେରି ଆସୁଛି । ଖରା ଚକ୍ ଚକ୍ ବର୍ଦ୍ଧିପାଣି ପାଖରେ ବସି ନଈ କୂଳଟା ଖରା ପୁହିଁଲା ଭଳି ଦିଶୁଛି ଅନେକ ଦୂରରୁ । ବସନ୍ତର ପୁଲକରେ ପଲ୍ଲବି ଉଠୁଥିବା ଷ୍ଟେପୀର ଅନାବନା କଣ୍ଟା ବଣରୁ ପବନ ବହି ଆଣୁଛି ଫୁଟନ୍ତ ଫୁଲର ମାଦକଭରା ମହକ ।

ସମୟଟା ହେବ ମାର୍ଚ୍ଚ ମାସ ଶେଷାଶେଷି ।

* * *

"ବାପା, ମୁଁ ଆଜି ଟିକେ ବୁଲାଚଲା କରିବି !"

"ବାପା" ଡାକଟା ଗାର୍ଭ୍ରିଲର ଛାତି ଭିତରେ ଗୁଣ୍ଡୁଁକିନା ଯାଇ ଲାଗିଲା । ବୁଢ଼ା ଘରକୁ ଲାଲ ଫୌଜର ଲୋକମାନେ ଇତି ମଧ୍ୟରେ ଅନେକ ଥର ଆସିଲେଣି । ତା'ର ପାକଲା ବାଳକୁ ଦେଖି ତାକୁ "ବାପା" ବୋଲି ଡାକନ୍ତି । କିନ୍ତୁ ପେଡ୍ରୋର ଆଜି ଏହି ଡାକରେ ଗୋଟାଏ ବିଶେଷ ମମତା ଭରି ରହିଥିଲା ପରି ବୁଢ଼ାକୁ ଲାଗିଲା । ଡାକଟା ତାକୁ, ହୁଏତ, ଏମିତି ଲାଗି ପାରିଥାଏ ବା ପେଡ୍ରୋ ସତକୁ ସତ ପୁତ୍ରୋଚିତ ମମତା ନେଇ ଡାକି ପାରିଥାଏ । ସେ ଯା ହେଉ ନା କାହିଁକି, ବୁଢ଼ାର ମୁହଁରେ ଉଲୁସି ଉଠିଲା ଆନନ୍ଦ । ତା'ର ଏହି ଅସ୍ୱସ୍ତିକର ଉଲ୍ଲାସଟାକୁ ଲୁଚାଇବା ପାଇଁ ସେ କାଶି ଉଠି ତୁନି ତୁନି ହୋଇ କହିଲା :

"ଦି ମାସ ହେଲା ବିଛଣାରେ ପଡ଼ିଛୁ, ବାବା ...। ଏଥର ଟିକେ ଉଠି ବୁଲାଚଲା କର !"

ନିଶ୍ୱାସ ଚାପି ଚାପି, ଛୋଟେଇ ଛୋଟେଇ ପେଡ୍ରୋ ବାରଣ୍ଡାକୁ ଆସିଲା । ବାହାରେ ସଜ ପବନର ସୁଅ ଛୁଟିଥାଏ । ଛାତି ଭିତରଟା ତା'ର ଉଚ୍ଛୁଳି ଉଠିଲା ପବନରେ, ଆକାଶ ହୋଇ ଗଲା ପରି ଲାଗିଲା ତାକୁ । ପଛେ ପଛେ ତା'ର ଗାର୍ଭ୍ରିଲ ବ୍ୟସ୍ତ ହୋଇ ଧାଇଁଥାଏ । ଆଖିରୁ ଝରି ପଡ଼ୁଥିବା କୋହଭରା ଲୁହକୁ କାନିରେ ପୋଛୁ ପୋଛୁ ବୁଢ଼ୀ ବାରଣ୍ଡାରେ ଆଡ଼େଇ ହୋଇ ସୁଁ ସୁଁ ହେଉଥାଏ ।

ଭଙ୍ଗା ଅମ୍ବାରଘର ପାଖ ଦେଇ ଛୋଟେଇ ଛୋଟେଇ ଗଲା ବେଳେ ପେଡ୍ରୋ ପଚାରିଲା :



"ତୁମେ କ'ଣ ସେ ଦିନ ଗହମ ନେଇକି ସେଠିକି ଯାଇଥିଲ ?"

"ହଁ, ଯାଇଥିଲି ..." ଅନିଚ୍ଛାରେ ବୁଢ଼ା ଉତ୍ତର ଦେଲା ।

"ତା ହେଲେ ତୁମେ ଠିକ୍ କରିଛ, ବାପା !"

ପୁଣି ସେହି "ବାପା" ଡାକ ! ବୁଢ଼ାର ଛାତିଟା ଉଷ୍ମତାରେ ଭରି ଉଠିଲା । ପ୍ରତିଦିନ ବାଡ଼ି ଖଣ୍ଡେ ଧରି ପେଡ୍ରୋ ଛୋଟେଇ ଛୋଟେଇ ଅଗଣାରେ ବୁଲାଚଲା କରେ । ଖଳାଘରଠାରୁ ଆରମ୍ଭ କରି, ଢିଙ୍କିଶାଳ ପର୍ଯ୍ୟନ୍ତ ଯୁଆଡ଼କୁ ସେ ଯାଉଥାଏ, ବୁଢ଼ା ତା'ର ନୂଆ ପୁଅଟିକୁ ଲକ୍ଷ୍ୟ ରଖିଥାଏ ବ୍ୟଗ୍ର ହୋଇ । ଛାତିଟା ଦକଦକ ହେଉଥାଏ, ପିଲାଟା କାଳେ କେଉଁଠି ଝୁଣ୍ଟିକି ପଡ଼ି ଯିବ ।

ତେବେ ସେମାନେ ନିଜ ମଧ୍ୟରେ ଖୁବ୍ କମ୍ କଥାବାର୍ତ୍ତା ହେଉଥିଲେ, କିନ୍ତୁ ସେମାନଙ୍କ ମଧ୍ୟରେ କ୍ରମଶଃ ଗଢ଼ି ଉଠୁଥିଲା ଗୋଟାଏ ସରଳ ସ୍ନେହଭରା ସଂପର୍କ ।

ଏମିତି ଦୁଇ ଦିନ ଖଣ୍ଡ ଗଲା ପରେ ପେଡ୍ରୋ ପ୍ରଥମ କରି ରାସ୍ତାକୁ ବାହାରିଲା । ରାସ୍ତାରେ କିଛି ସମୟ ଚାଲବୁଲା କରି ଫେରି ଆସିଲା ଘରକୁ । ଶୋଇବା ପାଇଁ ଯିବା ପୂର୍ବରୁ ଉହ୍ଲେଇ ପାଖରେ ଗୋଡ଼ ହାତ ଉଷୁମ କଲା ବେଳେ ଗାର୍ଭ୍ରିଲ ପଚାରିଲା :

"ପୁଅ, ତମ ଘରଟା କେଉଁଠି ?"

"ଉରାଲ ଆଡ଼େ ।"

"ତା' ହେଲେ ତମେ ଚାଷୀ ଘର ପୁଅ ?"

"ନା, ଶ୍ରମିକ ଘରର ।"

"ସେ ପୁଣି କେମିତିକା କଥା ? ଜାତିଗତ ବେଉସା ତ ପୁଣି କିଛି ଥିବ ? କି ବେଉସା ତମର ? ମୋଚି କାମ ? ନା, କଂସା କାମ ?"

"ନାହିଁ, ବାପା, ମୁଁ କାରଖାନାରେ କାମ କରୁଥିଲି, ଗୋଟିଏ ଲୁହା କାରଖାନାରେ । ପିଲାଟି ଦିନୁ ମୁଁ ସେଇ କାମ କରି ଆସିଛି ।"

"ଏ ଶସ୍ୟ ସଂଗ୍ରହ କାମରେ ଯୋଟିଲୁ କେମିତି ?"

"ସେନା ବିଭାଗ ତରଫରୁ ମୋତେ ପଠାଇଥିଲେ ।"

"ତୁ କ'ଣ ସେନା ବିଭାଗରେ ଥିଲୁ ? କ'ଣ କମାଣ୍ଡର ?"

"ହଁ, ବାପା ।"

ଏହାର ପରବର୍ତ୍ତୀ ପ୍ରଶ୍ନଟି ପଚାରିବାକୁ କଷ୍ଟ ଲାଗୁଥିଲେ ମଧ୍ୟ, ବୁଢ଼ା ପଚାରିଥିଲା :

"ତା' ହେଲେ ତୁ ପାର୍ଟି ଲୋକ ?"

"ହଁ, ମୁଁ କମ୍ୟୁନିଷ୍ଟ", ହସି ହସି ପେଡ୍ରୋ ଉତ୍ତର ଦେଲା ।

ପେଡ୍ରୋର ସେହି ମନଖୋଲା ସରଳ ହସ ଟେନାକ ବୁଢ଼ା ମନରେ ଏହି ଶବ୍ଦଟି ପ୍ରତି ଯେଉଁ ଅସ୍ୱାଭାବିକ ଭୟ ଥିଲା, ସେସବୁକୁ ପୋଛି ଦେଲା ।

ବୁଢ଼ୀ ଅନେକ ବେଳୁ କ'ଣ ଗୋଟାଏ ପଚାରିବାକୁ ତରତର ହେଉଥାଏ । ଏହି ସୁଯୋଗରେ ସେ ପଚାରି ଦେଲା :

"ତୋ'ର ଆଉ କିଏ ଅଛନ୍ତି, ବାବା ପେଡ୍ରୋ ?"

"ଆଉ କେହି ମୋର ଏ ଦୁନିଆରେ ନାହାନ୍ତି !.. ଆକାଶର ଜହ୍ନ ଭଳି ମୁଁ ଏକୁଟିଆ !"

"ବାପା-ମା କ'ଣ ନାହାନ୍ତି ?"

"ହଁ, ମୋତେ ସେତେବେଳେ ମାତ୍ର ସାତ ବର୍ଷ, ବକଟେ ନାକୁଆ ହୋଇଥିଲି ... ମାତାଲ ମାତାଲଙ୍କ ଭିତରେ ଲଢ଼େଇରେ ବାପା ପ୍ରାଣ ଦେଲେ । ମା ପେଟ ବିକଳରେ ଘର ଛାଡ଼ି ଚାଲି ଗଲା ..."

"ଓଃ, କି ଘୁଅଖାଇଟା ! ବକଟେ ନାକୁଆ ଛୁଆକୁ ଛାଡ଼ି ସେ ଚାଲି ଗଲା ? ଆହା, ଚଣ୍ଡାଳୀର ମନଟା କହିଲା କେମିତି ?"

"ଗୋଟେ କୁଲି ଠିକାଦାର ସାଙ୍ଗରେ ଚାଲି ଗଲା ସେ । ତା'ପରେ ମୁଁ କାରଖାନାରେ ବଢ଼ିଲି, ସେଇଠି ବଡ଼ ହେଲି ।"

ବୁଢ଼ା ଗାଲ୍ଭିଆ ଉହ୍ଲେଇ ଆଡ଼କୁ ଗୋଡ଼ ଦେଇ ଏତେ ବେଳ ଯାଏ ଚୁପ୍‌ଚାପ୍ କ'ଣ ଭାବୁଥିଲା । ଟିକିଏ ରହି ଯାଇ ଖୁବ୍ ପରିଷ୍କାର ଆଉ ଧୀର ସ୍ଥିର ଭାବରେ କହିଲା :

"ତେବେ ଭଲ କଥା, ତୋ'ର ତ କେହି ନାହାନ୍ତି, ତୁ ଆମ ପାଖରେ ରହି ଯାଆ ପୁଅ ... ଆମର ବି ଗୋଟିଏ ପୁଅ ଥିଲା, ତା'ରି ନାଁ ଅନୁଯାୟୀ ତୋତେ ବି ପେଡ୍ରୋ ବୋଲି ଡାକୁଛୁ ... କିନ୍ତୁ ସେ ଅନେକ ଦିନ ତଳର କଥା । ଏବେ ଆମର ଆଉ କେହି ନାହାନ୍ତି, କେବଳ ବୁଢ଼ା ବୁଢ଼ୀ ଦିଜଣ ...। ତୁ ବଞ୍ଚିବୁ ବୋଲି ଆମର ଭରସା ନଥିଲା,



ପୁଅ, ତେଣୁ ତୋତେ ଏତେ ଯତ୍ନ କରୁଥିଲୁ । ତୋ'ର ଜାତି ଗୋତ୍ର ଅଲଗା, ଆମେ ତୋ'ର ଜନ୍ମଦାତା ବି ନହୁଁ, କିନ୍ତୁ ହୃଦୟ ଆମର ତୋ ପାଇଁ ଫାଟି ପଡ଼ୁଥିଲା । ତୋତେ ଆମେ ଆମର ଜନ୍ମକଲା ପୁଅ ବୋଲି ଭାବି ଆସିଛୁ ... ତୁ ରହି ଯା ଆମ ପାଖରେ, ବାପା ! ଆମର ଯାହା ଜମି ବାଡ଼ି ଅଛି, ସେଥିରେ ମିଳିମିଶି ଚଳି ଯିବା । ଆମ ଜମିସବୁ ଦନ୍ ନଈ କୂଳରେ । ଖୁବ୍ ଦୋରସା, ବଢ଼ିଆ ଜମି – ଫାଳେ ପକାଇଲେ ଗୌଣୀଏ ଫଳିଲା ଭଳି ଜମି ... ଆମେ ତୋତେ ଦେଖାଶୁଣା କରିବୁ, ହାତକୁ ଦିହାତ କରାଇବୁ ... ମୋର ତ ଦିନ କାଳ ହୋଇ ଆସିଲାଣି, ତୁ ହେବୁ ଆମ ଜମି ଜମାର ମାଲିକ । ମୋର କେବଳ ଗୋଟିଏ କଥା ମାନିବୁ ପୁଅ, ଆମେ ବୁଢ଼ା ବୁଢ଼ୀ ଦିଜଣ ଆଖି ବୁଜିଲା ପର୍ଯ୍ୟନ୍ତ ଆମକୁ ଟିକେ ଦେଖୁଥିବୁ, ତୁ ଯା ଖାଇବୁ ଆମ ପାଟିରେ ଦିଟା ଦେଉଥିବୁ ...। ଏ ବୁଢ଼ା ବୟସରେ ଆମକୁ ଆଉ ଛାଡ଼ିକି ଯାଆ ନା, ରହି ଯା ପେଡ୍ରୋ ... ।"

ଉହ୍ଲେଇ ସେ ପାଖରେ କେଉଁଠି ଝିଟିକାଟାଏ ଚେଁ ଚେଁ କରି ବୋବେଇ ଉଠିଲା ।

ପବନରେ ଝରକାର ଝିଲିମିଲିଗୁଡ଼ାକ ବି କଡ଼ କଡ଼ ଶୁଭିଲା ।

"ବୁଢ଼ୀ ଆଉ ମୁଁ ଦିଜଣ ଯାକ ଇତି ମଧ୍ୟରେ ତୋ ପାଇଁ ବହୂ ଖୋଜା ଆରମ୍ଭ କରି ଦେଇଛୁ !.." ବୁଢ଼ାର ଅନିଚ୍ଛା ସତ୍ତ୍ୱେ ବି ଆଖି ଦୁଇଟି ନାଚି ଉଠିଲା ଉଲ୍ଲାସରେ । କିନ୍ତୁ ଓଠ ଦିଅଟି ଟିକେ ଥରି ଉଠିଲା, ସେଥିରେ ଫୁଟି ଉଠିଲା କରୁଣତାଭରା କାଣିଚାଏ ।

ଫଟା ମେଜିଆଟାକୁ ପେଡ୍ରୋ ଚାହିଁ ଚାହିଁ ବେଞ୍ଚଟାକୁ ବାଆଁ ହାତର ଆଙ୍ଗୁଳିରେ ବଜାଉଥାଏ । ରହି ରହି ଅତି ଧୀରେ ଧୀରେ ଶୁଣା ଯାଉଥାଏ ଆଙ୍ଗୁଳିର ଟପ୍ ଟପ୍ ଶବ୍ଦଟିଏ ଲେଖା ।

କ'ଣ ଉତ୍ତର ଦେବ, ପେଡ୍ରୋ ମନେ ମନେ ଭାବୁଥିଲା । ମନଟାକୁ ସ୍ଥିର କଲା ପରେ ଆଙ୍ଗୁଳି ବଜାଟା ବନ୍ଦ ହୋଇଗଲା । ହଠାତ୍ ମୁଣ୍ଡକୁ ଉପରକୁ ତୋଳି କହିଲା :

"ମୁଁ ଆପଣଙ୍କ ପାଖରେ ରହିଲେ, ଖୁବ୍ ଖୁସି ହେବି, ବାପା । କିନ୍ତୁ ମୁଁ ତ ବେଶି କାମଦାମ କରି ପାରିବି ନାହିଁ । ଡାହାଣ ହାତଟା ତ

ମୋର କାଳ ହୋଇଛି । ଏଟା ଏବେ ବି ଭଲରି ଚଳୁ ନି । ତେବେ ମୋର ସାଧ୍ୟମତେ ମୁଁ କରିବି । ଗ୍ରୀଷ୍ମ କାଳଟା ରହେଁ, ତା'ପରେ ଦେଖିବା ।"

"ତା'ପରେ, ଆମ ପାଖରେ ସବୁ ଦିନ ରହି ଯିବୁ ।" ଗାର୍ଭିଲ କଥା ଶେଷ କଲା ।

ବୁଢ଼ୀ ଚରଖା ସହାଡ଼ୁ ସହାଡ଼ୁ ଶୁଣୁଥିଲା ସବୁ କାନପାରି । ଗାର୍ଭିଲର କଥା ଶୁଣି ବୁଢ଼ୀ ଗୋଡ଼ରେ ଦାବି ଦେଲା ଖଣି ଚରଖାର ଚକଗୁଡ଼ିକ ଘୁମ୍ ଘୁମ୍ ଆବାଜ୍ କରି ଘୁରିବାକୁ ଲାଗିଲା । ମନେ ହେଲା, ଉଲ୍ଲାସରେ ସେ ଯେମିତି ଘୁଡ଼ୁ ଘୁଡ଼ୁ କରି ତାଳୁଡ଼ିରେ ଫୁଲିଲା ପଶମକୁ ଗୁଡ଼ାଇ ଚାଲିଛି ।

ଚରଖାଟି ତା'ର ଏହି ନିଦୁଆଳୀ ଛନ୍ଦଭରା ଘୁଡ଼ୁ ଘୁଡ଼ୁ ଆବାଜ୍ ଭିତର ଦେଇ ଶିଶୁର ସେହି ନାନାବାଇଆ ଗୀତ ଗାଉଥିଲା କି ମଣିଷକୁ ଏକ ପ୍ରାଚୁର୍ଯ୍ୟଭରା ଜୀବନର ପ୍ରତିଶ୍ରୁତି ଦେଉଥିଲା—କିଏ କହିବ ?

* * *

ବସନ୍ତର ରୋମାଞ୍ଚଭରା ଦିନଗୁଡ଼ିକ ପରେ ନିଆଁଝରା ଖରା କାଳ ଆସି ଗଲା । ଷ୍ଟେପୀର ବହଳ କୁଞ୍ଚିତ ଧୂଳି ପଟଳରେ ଦିନର ଆକାଶ ଦିଶିଲା ଧୂସର । ଆକାଶରେ ମେଘସବୁ କୁଆଡ଼େ ଉଭାଇ ଗଲେ, ଘାସ ଶୁଖିଲା ଶୁଖିଲା ଲାଗିଲା । ଚିର ଦୁର୍ବାର ଡନ୍ ନଇର ଚିକ୍କଣୀ ସାଉଁଳା ଢେଉମାଳା ଫୁଲି ଫୁଲି ଉଠିଲେ କ୍ରମଶଃ । ବିସ୍ତୀର୍ଣ୍ଣ ତା'ର ତଟ ଭୂଇଁରେ କିଏ ଯେପରି ପାରି ଦେଲା ସବୁଜିମାଭରା ଏକ ମାଟିର ଗାଲିଚା । ପବନରେ ଭାସି ଆସିଲା ଫୁଲଭରା ପପ୍ଲାର ଗଛର ମହୁମିଶା ମହକ । ସବୁଜିମାବୋଳା ଘାସପଡ଼ିଆରେ ଥିବା ପୋଖରୀ ପାଣିରେ ବଣୁଆ ଆପେଲ ଫୁଲର ପାଖୁଡ଼ାସବୁ ଝରି ପଡ଼ି ଉଷା କାଳର ଗୋଲାପୀ ଆଭା ସୃଷ୍ଟି କଲା । ରାତିର ଆକାଶରେ ତରୁଣୀର ଚଞ୍ଚଳ କଟାକ୍ଷ ପରି ଫୁଟିଲା ବିଜୁଳିର ଚମକ । କ୍ଷଣକ ପାଇଁ ନିଆଁର ଝଲକ ଦେଖାଇ ବିଜୁଳି ଲିଭି ଗଲା ପରି ରାତି କ୍ଷଣକ ପାଇଁ ଦେଖା ଦେଇ ପୁଣି ଉଭାଇ ଗଲା କୁଆଡ଼େ । ଦିନ ତମାମ ଖଟି ଖଟି ବଳଦସବୁ ହାଲିଆ ହୋଇ



ପଡ଼ିଲେ । କ୍ଷଣସ୍ଥାୟୀ ରାତି ତାଙ୍କୁ ଟିକେ ଥକା ମେଣ୍ଟାଇବାକୁ ବି ଦେଲା ନାହିଁ । କୋଠ ପଡ଼ିଆରେ ଚରୁଥିବା ଗାଇ ଗୋରୁଙ୍କ ଫିକା ଚମଡ଼ା ତଳୁ ପଞ୍ଜରା ହାଡ଼ସବୁ ଦିଶିଲା ।

ଗାର୍ଭିଲ ଏବଂ ପେଟ୍ରୋ ସେତେବେଳକୁ ସାତ ଦିନ ରାତ ଷ୍ଟେପୀରେ ଏକାଠି କଟେଇ ସାରିଲେଣି । ଜମିକୁ ହଳ କରି, ମଇ ଦେଇ ମାଟିକୁ ଗୁଣ୍ଡ କରୁଛନ୍ତି, ବିହନ ବୁଣୁଛନ୍ତି । ଦିନ ସାରା ହାଡ଼ଭଙ୍ଗା ଖଟଣି ପରେ ରାତି ଆସିଲେ, ଗାଡ଼ି ଭିତରେ ମେଣ୍ଢା ଚମଡ଼ାକୁ ଢାଙ୍କି ହୋଇ ଉଭୟେ ଶୋଇ ପଡ଼ନ୍ତି । ଗାର୍ଭିଲ ତା'ର ଏହି ନୂଆ ପୁଅ ସହିତ ଏକ ଅଦେଖା ଅଛିଣ୍ଡା ବନ୍ଧନରେ ବାନ୍ଧି ହୋଇ ପଡ଼ିଛି । ସେ କଥା, ଅବଶ୍ୟ, ସେ କେବେ କହି ନି ମୁହଁ ଖୋଲି । ପେଟ୍ରୋର କହରା ବାଳ, ହସ ହସ ମୁହଁ ଆଉ କର୍ମଠତା ବୁଢ଼ା ମନରେ ଥିବା ମୃତ ପେଟ୍ରୋର ସ୍ମୃତିକୁ ଢାଙ୍କି ପକାଇଲଣି । ଏଣିକି ସେ ଖୁବ୍ କମ୍ ତା'ର ପୂର୍ବ ପେଟ୍ରୋ କଥା ଭାବୁଛି । ଭାବିବାକୁ ବା ତା'ର ସମୟ କାହିଁ... ସବୁବେଳେ ସେ ତ କାମରେ ବ୍ୟସ୍ତ ।

ଦିନସବୁ ଚୋର ପରି ଟୁପୁଟୁପୁ ପାହୁଲ ପକାଇ କେମିତି ଚାଲିଗଲେ, ଜଣା ପଡ଼ିଲା ନାହିଁ । ଘାସ କାଟିବା ସମୟ ଆସି ଗଲା ।

ଦିନେ ସକାଳେ ପେଟ୍ରୋ ଗୋଟାଏ ଦାଆକୁ ଅନେକ ସମୟ ଧରି ପଜେଇ ପାଜେଇ ଠିକ୍ କଲା । ପେଟ୍ରୋର କାମ ଦେଖି ଗାର୍ଭିଲ ଏକେବାରେ ଅବାକ୍ । ନିଆଁରେ ପକାଇ ଦାଆକୁ ସେ ସଜାଡ଼ିଲା, ଭାଙ୍ଗି ଯାଇଥିବା ଦାନ୍ତଗୁଡ଼ିକୁ ମୁନିଆ କଲା । ଦିନଟା ସାରା ତା'ର ବିତି ଗଲା ଏହି ଦାଆପଜା କାମରେ । ମୁହଁସଞ୍ଜ ବେଳକୁ ଗଲା ଗାଁ କାର୍ଯ୍ୟକାରୀ କମିଟି ଅଫିସ୍‌କୁ ମିଟିଂରେ ଯୋଗ ଦେବା ପାଇଁ । ପେଟ୍ରୋ ବାହାରକୁ ବାହାରି ଗଲା ପରେ ଗାର୍ଭିଲର ସ୍ତ୍ରୀ ଯାଇଥିଲା କୂଅରୁ ପାଣି ଆଣିବାକୁ । ଫେରିଲା ବେଳେ ବୁଢ଼ୀ ହାତରେ କିଏ ଜଣେ ଚିଠିଟିଏ ଦେଲା । ଚିଠିର ଲଫାଫାଟା ପୁରୁଣା, ତେଲିଆ ମାରିଯାଇଥାଏ । ଉପରେ ଲେଖା ହୋଇଥାଏ, କମ୍ରେଡ୍ ନିକଲଇ କସିଖ୍, ମାର୍ଫତ୍, ଗାର୍ଭିଲ ।

ଚିଠି କଥା ଶୁଣି ଗୋଟାଏ ଅନିଶ୍ଚିତ ଅମଙ୍ଗଳ ଆଶଙ୍କାରେ ଗାର୍ଭିଲର ମନଟା ଶୀତେଇ ଉଠିଲା । ତଟ୍ ପେନସିଲ୍‌ରେ ଅସ୍ପଷ୍ଟ ଅଙ୍କା

ବଙ୍କା ଅକ୍ଷରରେ ଠିକଣା ଲେଖା ଲଫାଫାଟିକୁ ବୁଢ଼ା ଦେଖିଲା ଓଲଟ ପାଲଟ କରି ।

ଆଲୁଅ ପାଖରେ ଲଫାଫାଟିକୁ ଧରି ଗାର୍ଭିଲ ଚେଷ୍ଟା କଲା ପଢ଼ିବାକୁ । କିନ୍ତୁ ଖୋଳଟା ମୋଟା ଥିବା ହେତୁ କିଛି ଦିଶିଲା ନାହିଁ । ଲଫାଫାଟା ସତେ ଯେମିତି ଅହଗୁଣରେ ବୁଢ଼ା ପାଖରେ ତା ଗୋପନତା ଖୋଲି ଦେବାକୁ ଚାହୁଁ ନି! ଜାଣି ଶୁଣିକି ସେଟା ତା' ମନର ଶାନ୍ତିକୁ ନଷ୍ଟ କରି ଦେବାକୁ ଚାହେଁ । ତା ପ୍ରତି ବୁଢ଼ାର ମନଟା ଆପଣାଛାଏଁ ରାଗରେ ଜୁହୁଳି ଉଠିଲା ।

ସେଟାକୁ ଫାଡ଼ି ଦେଇ ଚିଠିଟାକୁ ପଢ଼ିବାକୁ ବୁଢ଼ାର ମନ ହେଉଥାଏ । କିନ୍ତୁ ପରେ ଭାବିଲା, ପେଟ୍ରୋ ହାତରେ ଦେବା ଭଲ । ଫାଟକ ପାଖରେ ପେଟ୍ରୋକୁ ଦେଖି ବୁଢ଼ା ଡାକ ପକାଇଲା :

"ତୋ'ର ଗୋଟିଏ ଚିଠି ଆସିଛି, ପୁଅ!"

"ମୋ ଚିଠି?" ପେଟ୍ରୋ ଆଶ୍ଚର୍ଯ୍ୟ ହୋଇ ଗଲା ।

"ହଁ, ଯାଇ ପଢ଼ ।"

ଘର ଭିତରକୁ ପଶି ଯାଇ ବୁଢ଼ା ବତିଟିକୁ ଜାଳି ଦେଲା ଏବଂ ପେଟ୍ରୋ ଚିଠିଟିକୁ ପଢ଼ିଲା ବେଳେ ତା'ର ଆନନ୍ଦଉଛଳ ମୁହଁକୁ ଏକଧ୍ୟାନରେ ଚାହିଁ ରହିଲା । ବୁଢ଼ା କିନ୍ତୁ ନିଜ ମନର କୌତୂହଳକୁ ସମ୍ଭାଳି ପାରିଲା ନାହିଁ, ପଚାରିଲା :

"କେଉଁଠୁ ଆସିଛି?"

"ଉରାଲରୁ ।"

"କିଏ ଦେଇଛି?" ବୁଢ଼ୀ କୌତୂହଳ ହୋଇ ପଚାରିଲା ।

"ଆମ କାରଖାନାର ସାଙ୍ଗମାନେ ।"

ଗାର୍ଭିଲ ସାଙ୍ଗେ ସାଙ୍ଗେ ପଚାରିଲା :

"କ'ଣ ଲେଖିଛନ୍ତି?"

ପେଟ୍ରୋର ଆଖି ଦୁଇଟି ବୁଜି ହୋଇ ଗଲା ଭଳି ଲାଗିଲା । ଅନିଚ୍ଛାରେ ସେ ଉତ୍ତର ଦେଲା :

"ମୋତେ କାରଖାନାକୁ ଫେରି ଯିବା ପାଇଁ ଲେଖିଛନ୍ତି...



୧୯୧୭ଠାରୁ କାରଖାନାଟି ଅଚଳ ହୋଇ ପଡ଼ିଥିଲା । ଏବେ ସେମାନେ ତାକୁ ଚାଲୁ କରିବାକୁ ଚାହୁଁଛନ୍ତି ।"

"କିନ୍ତୁ... ତୁ କ'ଣ ଯିବୁ?" ବୁଢ଼ାର ସ୍ୱରରେ ବିସ୍ମୟ ।

"କ'ଣ କରିବି ଜାଣି ନି...।"

* * *

ପେଟ୍ରୋର ମୁହଁଟା କ୍ରମଶଃ ଶୁଖି ଶେତା ପଡ଼ି ଆସିଲା । ରାତିରେ ଆଖିକୁ ନିଦ ହେଲା ନାହିଁ । ଦୀର୍ଘ ନିଶ୍ୱାସ ପକାଇ ବିଛଣାରେ ଏପଟ ସେପଟ ହେଉଥାଏ । ବୁଢ଼ା ସେ ଦିନ ରାତିଯାକ ସବୁ ଲକ୍ଷ୍ୟ କରୁଥିଲା । ମନେ ମନେ ଅନେକ ଭାବିଲା ଚିନ୍ତିଲା ପରେ ଠିକ୍ କଲା, ଗାଁରେ ଏ ଜୀବନ ପେଟ୍ରୋକୁ ପୋଷେଇବ ନାହିଁ । ନିଆଁଝରା ଖରାରେ ଷ୍ଟେପୀର ଟାଣୁଆ କଳା ମାଟିକୁ ଲଙ୍ଗଳ ମୁନରେ ଚଷିବା ତା ପକ୍ଷରେ ସହଜ ନୁହଁ । ପିଲଟି ବେଳୁ କାରଖାନାରେ ସେ ବଢ଼ିଛି । ଦିନେ ନା ଦିନେ ସେଇ କାରଖାନାର ଡୋରି ତାକୁ ପୁଣି ପାଖକୁ ଟାଣି ନେବ । ପୁଣି ତା'ର ସେହି ବନ୍ଧ୍ୟା ନିରସ ଦିନସବୁ କଳା ପୋଷାକ ପିନ୍ଧି ଶବ ଯାତ୍ରାରେ ଗଲା ଭଳି ଧୀରେ ଧୀରେ ଚାଲିବ । କାରଖାନା ପ୍ରତି ଘୃଣା ଆଉ ରାଗରେ ଗାର୍ଭିଲର ଭିତରଟା ଜୁହୁଳି ଉଠିଲା । ମନ ହେଉଥିଲା, ସାଙ୍ଗେ ସାଙ୍ଗେ ସେ ସଇତାନ କାରଖାନାଟକୁ ଭାଙ୍ଗି ଚୁରି ଧୂଳିରେ ମିଶାଇ ଦେବ । ସେଠି ଅନାବନା ଘାସ ଆଉ ବିଛୁଆତି ଗଛସବୁ ଉଠିବ, ସେସବୁର ମଞ୍ଜି ପଡ଼ି ସେଠି ମୁଣ୍ଡ ଟେକିବ ଘାସର ଗୋଟାଏ ଅରମା ଜଙ୍ଗଲ!..

ଇତି ମଧ୍ୟରେ ଫସଲକଟା ଆରମ୍ଭ ହୋଇ ଯାଇଛି । ତିନି ଦିନ ହେବ ଷ୍ଟେପୀରେ ତମ୍ବୁ ପକାଇ ବାପ ପୁଅ କାମରେ ଲାଗିଛନ୍ତି । ତୃତୀୟ ଦିନ ପାଣି ପିଇବା ପାଇଁ ଦିହେଁ ତମ୍ବୁକୁ ଫେରିଲା ବେଳେ ପେଟ୍ରୋ ପ୍ରଥମେ କହିଲା :

"ମୋତେ ଆଉ ଏଠି ଭଲ ଲାଗୁ ନି, ବାପା! ମୁଁ ମୋ କାରଖାନାକୁ ଫେରି ଯିବି...। କାରଖାନା ମୋତେ ଡାକିଲାଣି, ମନଟା ମୋର ଆଉ ଏଠି କାହିଁକି ଥୟ ହେଉ ନି...।"

"ଏଠାକାର ଜୀବନ ତୋତେ ଭଲ ଲାଗୁ ନି, ନା ରେ ?.."

"ସେ କଥା ନୁହଁ ...। କାରଖାନାଟା ହେଉଛି ଆମର । କଲ୍‌ଚାକ୍ ଆକ୍ରମଣ କଲା ବେଳେ ଆମେ ଦଶ ଦିନ ଦଶ ରାତି ଧରି ସେ କାରଖାନାକୁ ରକ୍ଷା କରିଥିଲୁ । କାରଖାନା ଦଖଲ କରି ନେଲା ପରେ ଆମର ନଅ ଜଣ ଶ୍ରମିକଙ୍କୁ ସେମାନେ ଫାଶି କାଠରେ ଝୁଲେଇଥିଲେ । ଏବେ ସେନାବାହିନୀରୁ ଶ୍ରମିକମାନେ ଫେରି ଆସି କାରଖାନାଟିକୁ ପୁଣି ଚଳେଇବାକୁ ଚେଷ୍ଟା କରୁଛନ୍ତି ... ସେମାନେ ଅଧାପେଟ ଖାଇ ବଞ୍ଚିଛନ୍ତି, ସେମାନଙ୍କ ପରିବାରସବୁ ଭୋକ ଉପାସରେ ସଢ଼ୁଛନ୍ତି । ତଥାପି ସେମାନେ ପାରୁ ପର୍ଯ୍ୟନ୍ତ ଲାଗିଛନ୍ତି କାରଖାନାଟିକୁ ଚଳାଇବାକୁ ...। ମୁଁ କେମିତି ଏଠି ରହି ପାରିବି ? ମୋ ବିବେକ କ'ଣ ମୋତେ ରହିବାକୁ କହିବ ?.."

"ତୁ ସେଠି ଯାଇ କରିବୁ କ'ଣ, ପୁଅ ? ତୋ'ର ତ ଡାହାଣ ହାତଟି ଚଳୁ ନାହିଁ ?"

"ଆପଣ ବଡ଼ ତାଜ୍ଜୁବ୍ କଥା କହୁଛନ୍ତି, ବାପା । ସେମାନଙ୍କ ପାଖରେ ପ୍ରତ୍ୟେକଟି ଲୋକର ଆବଶ୍ୟକତା ରହିଛି ପରା !"

"ତେବେ ତୋ ଇଚ୍ଛା, ପୁଅ, ତୋତେ ମୁଁ ବାଧା ଦେବି ନାହିଁ," ଉପରକୁ ଆନନ୍ଦ ପ୍ରକାଶ କରି ଗାଭ୍ରିଲ ଉତ୍ତର ଦେଲା । "କିନ୍ତୁ ତୁ ବୁଢ଼ୀକୁ ଏସବୁ କଥା କହିବୁ ନାହିଁ ...। କହିବୁ, ଅଳ୍ପ କେଇ ଦିନ ପାଇଁ ଯାଉଛି, ପୁଣି ଫେରି ଆସିବି ..। ନହେଲେ, ସେ ସହି ପାରିବ ନାହିଁ ... ତା' ପ୍ରାଣ ଛାଡ଼ି ଯିବ ...। ତୋ' ଛଡ଼ା ଆମର ଆଉ କିଏ ଅଛି, ପୁଅ ... "

ବୁଢ଼ା ମନରେ ଏବେ ବି ଶେଷ ଆଶା ଟିକକ ଲିଭି ନି । ସେହି ଆଶାଟିକୁ ମନେ ମନେ ଜାବୁଡ଼ି ଧରି ଦୀର୍ଘ ଶ୍ୱାସ ପକାଇ ବୁଢ଼ା ଶ୍ୱାସରୁଦ୍ଧ କଣ୍ଠରେ ପଚାରିଲା :

"ତୁ, ସତରେ, କ'ଣ ଫେରି ଆସିବୁ ନି, ପୁଅ ? ଆମ ଏ ବୁଢ଼ା ବୁଢ଼ୀ ଦିହିଙ୍କ ଉପରେ ତୋ'ର କ'ଣ ଟିକେ ଦୟା ହେଉ ନି ? କ'ଣ ହେଉ ନି ?.."



* * *

କେଁ କଟକଟ କରି ଗାଡ଼ି ଗଡ଼ି ଗଡ଼ି ଚାଲିଛି । ବଳଦ ଦିଇଟା ଟାଣି ଟାଣି ଧଇଁ ସଇଁ ହୋଇ ଗଲେଣି । ଧୂଳିସବୁ ଗାଡ଼ି ଚକରେ ଲାଗି ଫୁଲ ଖଡ଼ି ପରି ଝୁରୁ ଝୁରୁ ହୋଇ ଝରି ପଡ଼ୁଛି । ଗାଡ଼ି ଚାଲାଟି ସଡ଼କ ପାଖେ ପାଖେ ଏକ କ୍ରୁଶଅଙ୍କା ଫଳକ ପର୍ଯ୍ୟନ୍ତ ଯାଇ ସେଇଠୁ ବାଆଁ ଆଡ଼େ ବାଙ୍କି ଯାଇଛି ଦନ୍ ନଈର କୂଳେ କୂଳେ । ଏହି ବାଙ୍କ ଉପରୁ ଅନାଇଲେ, ଜିଲ୍ଲା କେନ୍ଦ୍ରର ଗିର୍ଜାସବୁ ନଜରରେ ପଡ଼ନ୍ତି, ସବୁଜିମାଭରା ଫଳଫୁଲର ବଗିଚାସବୁ ଦେଖାଯାଏ ।

ରାସ୍ତା ତମାମ ଗାଭ୍ରିଲ କଥା କହି କହି ଯାଉଛି । ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରୁଛି ।

"ସେ ତିନି ବର୍ଷ ତଳର କଥା । ଦନ୍‌ର ଏହି ଗଣ୍ଡରେ କେତେ ଜଣ ଝିଅ ବୁଢ଼ି ମରି ଯାଇଥିଲେ । ତାଙ୍କରି ନାଁରେ ଏହି କ୍ରୁଶ ଚିହ୍ନଟି ଏଠି ରହିଛି, ବାପ", ପରିତ୍ୟକ୍ତ କ୍ରୁଶଅଙ୍କା ଫଳକଟି ଆଡ଼କୁ ହାତର ଛାଟଟାକୁ ବଢ଼ାଇ ଦେଇ ବୁଢ଼ା କହିଲା । "ଏଇଠି ଆମକୁ ବିଦାୟ ନେବାକୁ ପଡ଼ିବ । ଆଉ ଆଗକୁ ବାଟ ନାହିଁ । ଆଗର ସେ ପାହାଡ଼ କଡ଼ରେ ଗୋଟାଏ ବଡ଼ ଅତଡ଼ା ଖାଇଛି, ଗାଡ଼ି ଘୋଡ଼ା ଆଗକୁ ଯାଇ ପାରୁ ନି । ଏଠୁ ମାଇଲିଏ ଖଣ୍ଡ ହେବ ଗାଁ । ତୁ ଏତକ ଚାଲିକି ଯାଇ ପାରିବୁ, ପୁଅ ।"

ଜିନିଷପତ୍ର ଭର୍ତ୍ତି ବ୍ୟାଗ୍‌ଟିକୁ ସଜାଡ଼ି ନେଇ ପେଟ୍ରୋ ଗାଡ଼ିରୁ ଓହ୍ଲାଇ ପଡ଼ିଲା । ଗାଭ୍ରିଲ ହାତରୁ ଖସି ପଡ଼ିଲା ଛାଟଟା । ଛାତିର କୋହକୁ ଚାପି ରଖି ଥର ଥର ହାତ ଦୁଇଟିକୁ ବଢ଼ାଇ ଦେଲା ସେ ପେଟ୍ରୋ ଆଡ଼କୁ ।

"ଏଥର ଯାଅ, ପୁଅ !.. ତୁ ଗଲା ପରେ ଆମର ଏବେ ଦଶଦିଗ ଅନ୍ଧାର ହୋଇ ଯିବ, ବାପ୍..." ଆଖିର ଅଚପା ଲୁହ ଆଉ ମନର ଅକୁହା ବେଦନାରେ ବୁଢ଼ାର ମୁହଁ କୁଞ୍ଚି ହୋଇ ଆସିଲା । କଇଁ କଇଁ ହୋଇ ବୁଢ଼ା ବଡ଼ ପାଟିରେ କହି ଉଠିଲା, "ସେ ଘୋଡ଼ପିଠାଟାକୁ ଭଲ

କରି ରଖିଛୁ ତ ?.. ବୁଢ଼ୀ ତୋ ପାଇଁ ତିଆରି କରି କି ଦେଇଛି ... ଭଲକି ରଖିଛୁ ତ ?.. ହେଉ ଯାଆ !.. ଯା , ପୁଅ ... ଯା ... ”

ସଡ଼କର କଡ଼େ କଡ଼େ ଛୋଟେଇ ଛୋଟେଇ ଗ୍ଭଲିଲା ପେଡ୍ରୋ । ଏତେ ଜୋରରେ ଯାଉଥାଏ ଯେ , ଦୌଡ଼ିଲା ଭଳି ଲଗୁଥାଏ ।

“ଫେରି ଆସିବୁ , ବାପା !..” ଗାଡ଼ିର ଦଣ୍ଡାକୁ ମୁଠେଇ ଧରି ବୁଢ଼ା କହି ଉଠିଲା ।

“ଆଉ ସେ ଫେରିବ ନାହିଁ !” ଛାତି ଭିତରୁ ତା’ର କଇଁ କଇଁ ହୋଇ ଅଶୁଣା କଥା କେଇଟି ଗୁମୁରି ଉଠିଲା ।

ଶେଷ ଥର ପାଇଁ ପେଡ୍ରୋର ସେହି ପ୍ରିୟ କହରା ବାଳଗୁଡ଼ିକ ସଡ଼କ ବାଙ୍କରେ ଦେଖାଗଲା , ଶେଷ ଥର ପାଇଁ ମୁଣ୍ଡର ଟୋପିଟିକୁ କାଢ଼ି କି ହଲଇଲା ପେଡ୍ରୋ । ପେଡ୍ରୋର ଚଲା ପଥ ଉପରେ ପବନଟା ଖଣ୍ଡିଆଭୂତ କାଟି ପାଉଁଶିଆ ଧୂଳି ସବୁକୁ ଉଡ଼ାଇ ନେଉଥାଏ । ନିର୍ବୋଧଙ୍କ ଭଳି ଲିଭାଇ ଦେଉଥାଏ ତା’ର ପାଦ ଚିହ୍ନଗୁଡ଼ିକୁ ।

୧୯୨୬

# ମଣିଷର ଭଗ୍ୟ

ଗତ ମହାଯୁଦ୍ଧ ବେଳେ ସାଧାରଣ ମଣିଷର ଭାଗ୍ୟ ସଂପର୍କରେ ମୁଁ ଥିଲି ବିଶେଷ ଆଗ୍ରହୀ । ମହାନ୍ ଦେଶପ୍ରେମୀ ଯୁଦ୍ଧରେ ଆମ ସୈନିକମାନେ ଅପୂର୍ବ ଶୌର୍ଯ୍ୟ ଆଉ ସାହସର ପରିଚୟ ଦେଇଥିଲେ । ସମଗ୍ର ପୃଥିବୀ ରୁଷ୍ ଜବାନ୍, ତା'ର ସାହସ, ମହାନ୍ ରୁଷ୍ ସେନାପତି ସୁଭୋରଭ୍‌ଙ୍କ ଗୁଣ କଥା ଜାଣିଛି । କିନ୍ତୁ ଏହି ଯୁଦ୍ଧ ଆମ ଜବାନ୍‌ମାନଙ୍କର ଆଉରି ଅନେକ ଗୁଣର ପରିଚୟ ଦେଇଥିଲା । ଯୁଦ୍ଧ ମଧ୍ୟରେ ସୋଭିଏତ୍ ଜବାନ୍‌ଙ୍କୁ ଏକ ମହତ୍ ପର୍ଯ୍ୟାୟକୁ ଉନ୍ନୀତ କରିଥିବା ସେହି ନୂତନ ଗୁଣାବଳୀର ପରିଚୟ ଦେବାକୁ ମୁଁ ଚାହେଁ ।

ମିଖାଇଲ୍ ଶୋଲଖଭ୍

୧୯୦୩ ମସିହାରୁ ସୋଭିଏତ୍ ୟୁନିଅନ୍ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟା ୟେଭ୍‌ଗେନିୟା ଗ୍ରିଗୋରିୟେଭ୍‌ନା ଲେଭିଟ୍‌ସ୍କାୟାଙ୍କୁ ଉତ୍ସର୍ଗିତ ।

ଦନ୍ ନଇର ଉପର ଅଞ୍ଚଳରେ ବସନ୍ତଟା ସେଥର ଅପୂର୍ବ ରଙ୍ଗ ଆଉ ଚଞ୍ଚଳତାରେ ଉଦାମ ହୋଇ ଉଠିଥିଲା । ଯୁଦ୍ଧ ଶେଷ ହେଲା ପରେ ସେ ଥିଲା ପ୍ରଥମ ବସନ୍ତ । ମାର୍ଚ୍ଚ ମାସ ଶେଷ ବେଳକୁ ଆଜୋଭ୍ ସାଗରର ଉପକୂଳରୁ ଉଷ୍ମ ପବନର ସୁଅ ଛୁଟି ଆସୁଥାଏ । ଦିନ ଦୁଇଟା ଭିତରେ ଦନ୍ ନଇର ବାଲିବିଛା ବାଆଁ କୂଳରୁ ବରଫର ସ୍ତରଟା କୁଆଡ଼େ ଉଭାଇ ଗଲା, ଫୁଲି ଉଠିଲେ ବରଫରେ ରୁନ୍ଧି ହୋଇ ପଡ଼ିଥିବା ତୃଣଭୂମି ଷ୍ଟେପୀର ନଇ ନାଳ, ଗିରି ମାହାରାସବୁ । ବନ୍ୟାଉଚ୍ଛୁଳା ଝରଣାସବୁ ପାଗଳୀଙ୍କ ପରି ଛୁଟିବାକୁ ଲାଗିଲେ । ରାସ୍ତାରେ ଯାଆ ଆସ କରିବା ଦୁଷ୍କର ହୋଇ ପଡ଼ିଲା ।

ସେ ବର୍ଷ ଏହି ଭଳି ଏକ ଦୁର୍ଯୋଗ ଆଉ ପାଣି ପଚପଚ ପାଗରେ ମୋତେ ଯିବାକୁ ପଡ଼ିଥିଲା ବୁକାନଭ୍‌ସ୍କାୟା ଗାଁକୁ । ବାଟ ଖୁବ୍ ବେଶି ନୁହଁ – ମାତ୍ର ଷାଠିଏ କିଲୋମିଟର – କିନ୍ତୁ ସେତକ ଯିବା ଥିଲା କାଠିକର ପାଠ । ମୁଁ ଆଉ ମୋର ବନ୍ଧୁ ସୂର୍ଯ୍ୟ ଉଇଁବା ଆଗରୁ, ବଡ଼ିସକାଳୁ ବାହାରି ପଡ଼ିଥିଲୁ । ତାଗଡ଼ା ଘୋଡ଼ା ଯୋଡ଼ାକ ଚମଡ଼ା ଦଉଡ଼ିରେ ଭିଡ଼ି ଓଟାରି ଓଜନିଆ କାଠଲଦା ଗାଡ଼ିଟାକୁ ଟାଣୁ ଟାଣୁ ନାକେଦମ୍ ହୋଇ ପଡ଼ୁଥାନ୍ତି । ବରଫମିଶା ବାଲିଆଁସିଆ କାଦୁଅରେ ଗାଡ଼ିର ଚକଗୁଡ଼ାକ ଅଖ ପର୍ଯ୍ୟନ୍ତ ଗଳି ପଡ଼ୁଥାଏ । ଘଣ୍ଟାକ ଭିତରେ ଘୋଡ଼ା ଯୋଡ଼ିକର କଡ଼ପଟ ଜଙ୍ଘ ଓ ଜିନର ଚମ ଦଉଡ଼ିରେ ଦୁଧ ସର ପରି ଧଳା ଧଳା ଫେଣସବୁ ବାହାରି ପଡ଼ିଲା । ସକାଳର ସଜ ପବନରେ– ଘୋଡ଼ା ଝାଳର କେମିତି ଗୋଟାଏ ମଦୁଆ ତୀବ୍ର ଗନ୍ଧ ସାଙ୍ଗକୁ ବହଳ ଆଲକାତରାବୋଳା ଘୋଡ଼ା ସଜର ଉଷୁମୁଳିଆ ଗନ୍ଧ ଫାଟି ପଡ଼ୁଥାଏ ।

ଘୋଡ଼ା ଯୋଡ଼ିକ ପକ୍ଷରେ ଯେଉଁଠି ଯିବାଟା କଷ୍ଟକର ହେଉଥାଏ, ଆମେ ସେଠି ଓହ୍ଲାଇ ପଡ଼ି ଗାଡ଼ି କଡ଼େ କଡ଼େ ଚାଲୁଥାଉ । କଷ୍ଟ ଲାଗୁଥାଏ ତରଳା ବରଫଭିଜା ଓଦା ସଡ଼ ସଡ଼ ରାସ୍ତା ଉପରେ ଚାଲିବାକୁ । ରାସ୍ତା କଡ଼ସବୁ ଏବେ ବି ଟାଣୁଆ ବରଫ ପରସ୍ତରେ ଢାଙ୍କି ହୋଇ ଚକ୍ ଚକ୍ ଦିଶୁଥାଏ । ତିରିଶ କିଲୋମିଟର୍ ରାସ୍ତାକୁ ପାରି ହୋଇ ଯେଲଙ୍କା ନଈ ବାଙ୍କରେ ପହଞ୍ଚିବାକୁ ଆମକୁ ଲାଗି ଗଲା ଛଅ ଘଣ୍ଟା ।

ମଖୋଭ୍‌ସି ଗାଁ ଧାରରେ ବହି ଯାଉଥିବା ଏହି ଛୋଟ ନଈଟି ଖରା ଦିନେ ପ୍ରାୟ ଶୁଖି ଠକ୍ ଠକ୍ ହୋଇ ଯାଏ । କିନ୍ତୁ, ଏବେ ଗୋଟିଏ କିଲୋମିଟର୍‌ରୁ ବେଶି ଆକାରରେ ଆଲ୍‌ଡର ଗଛସବୁ ଭର୍ତ୍ତି ହୋଇ ଏକ ଜଳାଭୂଇଁ ସୃଷ୍ଟି ହୋଇଛି । ଗୋଟାଏ ଫୁଟା ଚଟକା ଚଟୁଆରେ ଆମକୁ ପାରି ହେବାକୁ ପଡ଼ିବ । ସେଥିରେ ଥରକେ ଖୁବ୍ ବେଶି ହେଲେ ତିନି ଜଣରୁ ଅଧିକ ଲୋକ ଯାଇ ପାରିବେ ନାହିଁ । ଘୋଡ଼ା ଯୋଡ଼ାକୁ ଆମେ ସେଠି ଫିଟାଇ ଦେଲୁ । ନଈ ଆର ପାରିରେ ଥିବା କୋଠଖମାରର ଗୋଟେ ଗଳିଆରେ ସାରା ଶୀତ କାଳଟା ଧରି ପଡ଼ିଥିବା ବୁଢ଼ା ଧତରା ଜିପ୍‌ଟାଏ ଆମକୁ ଅପେକ୍ଷା କରି ରହିଥାଏ । ଟଳଟଳ ଛୋଟ ଡଙ୍ଗାଟିରେ ମୁଁ ଏବଂ ଡ୍ରାଇଭର ଦୁହେଁ ଉଠିଲୁ ବଡ଼ ମନଦୁଃଖରେ । ବନ୍ଧୁଜଣକ ଆମ ଜିନିଷପତ୍ର ଜଗି କୂଳରେ ରହିଲେ । ଡଙ୍ଗାଟିକୁ କୂଳରୁ ଟିକେ ଠେଲି ଦେଇଛୁ କି ନାହିଁ, ତା'ର ପୋପରା ପଟାଗୁଡ଼ିକ ଦେଇ ପାଣିର ପୋଲିଅସବୁ ଛୁଟିବାକୁ ଲାଗିଲା । ହାତ ପାହାନ୍ତାରେ ଯାହା କିଛି ଥିଲା, ସେ ସବୁକୁ ଦେଇ ଘୋଳିଆର ମୁହଁଗୁଡ଼ାକୁ ବନ୍ଦ କରିବାକୁ ଲାଗି ଗଲୁ ଆମେ । ଆର ପାରିରେ ପହଞ୍ଚିବା ପର୍ଯ୍ୟନ୍ତ ପାଣିଗୁଡ଼ାକୁ ଆଞ୍ଜୁଳା ଆଞ୍ଜୁଳା କରି ବାହାର କରି ଦେଉଥାଉ । ନଈର ଦୂର ଆର ପାରିରେ ପହଞ୍ଚିବାକୁ ଆମକୁ ପ୍ରାୟ ଘଣ୍ଟେ ଖଣ୍ଡ ସମୟ ଲାଗିଥିଲା । ଡ୍ରାଇଭର ଗାଁ ମୁଣ୍ଡର ଜିପ୍‌ଟି ଆଣି ଛିଡ଼ା କରାଇ ଦେଇ ପୁଣି ଫେରି ଆସିଲା ଡଙ୍ଗାକୁ କହିଲା:

"ଏ ଦଦରା କାଠ ଜୁଣ୍ଡଟା ଯଦି ଖଣ୍ଡ ଖଣ୍ଡ ହୋଇ ପାଣିରେ ବୁଡ଼ିନଯାଏ ତେବେ ଆପଣଙ୍କ ବନ୍ଧୁଙ୍କୁ ନେଇ ଦି ଘଣ୍ଟା ଭିତରେ ଫେରି ଆସିବି", ଆହୁଲାଟାକୁ ଉଠାଉ ଉଠାଉ ସେ କହିଲା । "ଏହାଠୁଁ ଆଉ ସହଜ ହେବ ବୋଲି ଆଶା ନାହିଁ ।"



ଗାଁଟି ଥିଲା ନଦୀଠାରୁ ବେଶ୍ ଦୂରରେ ଏବଂ ପାଣି କୂଳେ କୂଳେ ବିରାଜୁଥିଲା ଏକ ନୀରବତା । ସେ ନୀରବତା କେବଳ ଲୋକ ବାକହୀନ ଜାଗାରେ ଶରତର ଶେଷ ବା ବସନ୍ତର ଆଗମନରେ ଦେଖିବାକୁ ମିଳେ । ପାଣି ଉପରେ ପବନରେ ଭାସି ବୁଲୁଥିଲା ପଗ୍ ଆଲ୍‌ଡର ଗଛର ସନ୍ତସନ୍ତିଆ ତୀବ୍ର ଗନ୍ଧ । କିନ୍ତୁ ଦୂର ତୃଣଭୂଇଁରୁ ଲାଇଲାକ୍ ଫୁଲ ଭଳି କୁହୁଡ଼ିହକଲା ସୁଲୁସୁଲିଆ ପବନ ବହି ଆଣୁଥିଲା ତୁଷାର କବଳରୁ ସଦ୍ୟମୁକ୍ତ ଧରଣୀର ଚିର ସବୁଜ ସ୍ପର୍ଶାତୀତ ସୌରଭ ।

ଅଦୂରରେ, ପାଣି ଧାରର ବାଲିରାଶି ଉପରେ ଭଙ୍ଗା କାମଡ଼ା ଦିଆ ତାଟି ଖଣ୍ଡେ ପଡ଼ିଥାଏ । ତାଟିଟା ଉପରେ ବସି ପଡ଼ିଲି ସିଗାରେଟ୍‌ଟାଏ ଟାଣିବା ପାଇଁ, କିନ୍ତୁ ପକେଟ୍‌ରେ ହାତଟା ପୂରାଇ ଦେଇ ହତାଶ ହୋଇ ଦେଖିଲି, ସିଗାରେଟ୍ ପାକେଟ୍‌ଗୁଡ଼ିକ ପାଣିରେ ଜଡ଼ସଡ଼ ହୋଇ ଯାଇଛି । କାଦୁଅ ପଙ୍କରେ ଘାଣ୍ଟି ଚକଟି ହୋଇ ପଟୁଆଟା ଯାଉଥିଲା ବେଳେ ଢେଉଟାଏ କଡ଼ରେ ତା'ର ପିଟି ହୋଇ ଅଣ୍ଟା ପର୍ଯ୍ୟନ୍ତ ମୋର କାଦୁଅ ପାଣିରେ ଭିଜାଇ ଦେଇଥିଲା । ସେତେବେଳେ ସିଗାରେଟ୍ କଥା ଭାବିବାକୁ ସମୟ ନଥିଲା ମୋର । କାରଣ, ଆହୁଲାଟାକୁ ରଖି ଦେଇ ତରବରରେ ଆଞ୍ଜୁଳା ଆଞ୍ଜୁଳା କରି ପାଣି ବାହାର କରିବାକୁ ପଡ଼ିଥିଲା । ନହେଲେ, ପଟୁଆଟି ବୁଡ଼ି ଯାଇଥାନ୍ତା । କିନ୍ତୁ ବର୍ତ୍ତମାନ ସେ ଅସାବଧାନତା ପାଇଁ ଅନୁତାପ କରୁଛି । ନିଜ ଉପରେ ଘୋଷା ହେଉଛି । ସତର୍କରେ ପକେଟ୍‌ରୁ ସିଗାରେଟ୍ ତକ କାଢ଼ିଲି, ସବୁଗୁଡ଼ାକ ଫୁରୁସି ଯାଇଥାଏ । ଆଣ୍ଠୁ ମାଡ଼ି ବସି କି ବାଦାମୀ ପଡ଼ି ଯାଇଥିବା ଭିଜା ସିଗାରେଟ୍‌ଗୁଡ଼ାକୁ ତାଟି ଖଣ୍ଡକ ଉପରେ ଶୁଖାଇ ଦେଲି ଗୋଟି ଗୋଟି କରି ।

ବେଳ ସେତେବେଳେ ଦିପହର ହେବ । ମେ ମାସ ପରି ପ୍ରଚଣ୍ଡ ଖରା । ଭାବୁଥିଲି, ସିଗାରେଟ୍‌ଗୁଡ଼ିକ ସହଜ ସହଜ ଶୁଖି ଯିବ । ଗରମ ଏତେ ଲାଗୁଥିଲା ଯେ, ମନେ ମନେ ଅନୁତାପ କରୁଥିଲି, କାହିଁକି ଏ ଫୌଜି ପେଣ୍ଟ ଆଉ ତୁଳାଦିଆ ଜାକେଟ୍‌ଟା ପିନ୍ଧି କି ଆସିଲି । ଜାଡ଼ ପରେ ସେ ଦିନଟା ଥିଲା ପ୍ରକୃତରେ ଖୁବ୍ ଗରମ । କିନ୍ତୁ ତଥାପି ଭଲ ଲାଗୁଥିଲା ଏହି ନିର୍ଜନତା ଆଉ ତା' ମଧ୍ୟରେ ଏକୁଟିଆ ବସି ନିଜକୁ

ସେହି ନିସ୍ତବ୍ଧତା ମଧ୍ୟରେ ହଜାଇ ଦେବାକୁ । ପୁରୁଣା ଗରମ ଫୌଜି ଟୋପିଟାକୁ କାଢ଼ି ରଖି ଦେଲି, ଅଣନିଶ୍ୱାସୀ ହୋଇ ଆହୁଲ ମାରିବା ଫଳରେ ଝାଳେଇ ପଡ଼ିଥିବା ବାଳଗୁଡ଼ାକୁ ଶୁଖାଇ ଦେଲା ଥିରି ଥିରି ପବନ । ଆକାଶର ଫିକାଳିଆ ନୀଳିମାରେ ଛାତି ଫୁଲାଇ ଭାସି ଭାସି ଯାଉଥିବା ମାଳ ମାଳ ଧଳା ବଉଦକୁ ଅଳସ ଆଖିରେ ଦେଖିବାକୁ ଭାରି ଭଲ ଲାଗୁଥିଲା ।

ଏତିକିବେଳେ ଗାଁ ପଛର ସଡ଼କ ପାଖ ଘରଗୁଡ଼ିକରୁ କିଏ ଜଣେ ସଡ଼କ ଉପରକୁ ଆସିବାର ଦେଖିଲି । ଲୋକଟି ଗୋଟିଏ ଛୋଟ ପିଲାର ହାତ ଧରି ଧରି ଆସୁଥିଲା । ପିଲାଟିକୁ ପାଞ୍ଚ ଛଅ ବର୍ଷରୁ ବେଶି ହେବ ନାହିଁ । ସେମାନେ ଉଦାସ ଗତିରେ ଧୀରେ ଧୀରେ ନଈ ପାରି ହେବାର ଘାଟଟି ଆଡ଼କୁ ଆଗଉଥାନ୍ତି । ଜିପ୍ ନିକଟରେ ପହଞ୍ଚିଲା ପରେ ସେ ବୁଲି ପଡ଼ି ମୋ ଆଡ଼କୁ ପୁଣି ମୋହିଁଲେ । ଲୋକଟି ଦେଖିବାକୁ ଲମ୍ବା ଆଉ ନହକା । ମୋ ଆଡ଼କୁ ସିଧା ସଳଖ ଆଗେଇ ଆସି ଗୋଟାଏ ଘାଇଁ ଘାଇଁଆ ଗମ୍ଭୀର ଗଳାରେ କହିଲା :

“କ’ଣ ଭାଇ, ଭଲତ !”

“କ’ଣ କୁହନ୍ତୁ”, କହି କରମର୍ଦ୍ଦନ ପାଇଁ ବଢ଼ାଇ ଦେଇଥିବା ତା’ର କର୍କଶ ହାତ ସହିତ ମୁଁ ହାତ ମିଳାଇଲି ।

ଲୋକ ଜଣକ ପିଲାଟି ଆଡ଼କୁ ଟିକେ ନଇଁ ପଡ଼ି କହିଲା : “ମଉସାଙ୍କୁ ନମସ୍କାର କର, ପୁଅ । ମନେ ହେଉଛି ତୋ ବାପା ପରି ସେ ବି ଜଣେ ଡ୍ରାଇଭର । ତଫାତ୍‌ଟା ଖାଲି ତୁ ଆଉ ମୁଁ ଲରୀ ଚଳାଉଥିଲେ, ଆଉ ସେ ଛୋଟ ମଟର ଗାଡ଼ିରେ ଏବେ ଯାଆସ କରୁଛନ୍ତି ।”

ଆକାଶ ପରି ସ୍ୱଚ୍ଛ ଚକ୍ ଚକ୍ ଆଖି ଯୋଡ଼ିକରେ ମୋତେ ସିଧା ଭି ଚାହିଁ ସେ ଟିକେ ହସି ଦେଲା ଏବଂ ସାହସର ସହିତ ମୋ ଆଡ଼କୁ ବଢ଼ାଇ ଦେଲା ତା’ର ଶୀତଳ ଗୋଲାପୀ ହାତଟିକୁ । ଆସ୍ତେ କରି ତା’ର ହାତଟିକୁ ଚାପି ଦେଇ ପଚାରିଲି :

“ଥଣ୍ଡାରେ ଏକେବାରେ କାଠିରି ଯାଇଛ, ହେ ବୁଢ଼ା ବାବୁ ? ଆଜି ଏତେ ଗରମରେ ବି ତୁମ ହାତ ଏତେ କାକୁଆ ପାଲଟି ଯାଇଛି ?”

ଶିଶୁସୁଲଭ ହୃଦୟଛୁଆଁ ବିଶ୍ୱାସରେ ପିଲାଟି ମୋ ଆଣ୍ଠୁକୁ ଆଉଜି



ଆସି ଛଣପଟ ପରି ନୀଳାଭ ଛୋଟ ଭ୍ରୁ ଦୁଇଟିକୁ ବିସ୍ମୟରେ ଉପରକୁ ଟେକି ଦେଲା ।

“ମୁଁ ତ କିଛି ବୁଢ଼ା ନୁହେଁ, ମଉସା । ମୁଁ ତ ପିଲାଟାଏ, ମୋତେ ତ କାହିଁ ଥଣ୍ଡା ଲାଗୁ ନାହିଁ, କେବଳ ହାତ ଦିଟା ଟିକେ ଥଣ୍ଡା ଲାଗୁଛି – ବରଫରେ ବଲ ତିଆରି କରୁଥିଲି ପରା ।”

ପିଠି ଉପରୁ ଅଧାଖାଲି ଫୌଜି ଥଳିଟାକୁ ଓହ୍ଲାଇ ଦେଇ ବାପା ତା’ର ମୋ ପାଖରେ ଲଥ୍‌କିନା ବସି ପଡ଼ି କହିଲେ :

“ମୋର ଏ ଯାତ୍ରୀଟି ଗୋଟିଏ ସଦାବେଳିଆ ଛୁଆ ବିଛୁଆଟି – ନିଜେ ସେ ଧଇଁସଇଁ ହେଲାଣି, ମୋତେ ବି ଧଇଁସଇଁ କଲାଣି । କ’ଣ ଯେ ତାକୁ କହିବି ! ତମେ ଯଦି ଲମ୍ବା ପାହୁଣ୍ଡ ପକାଇ ଚାଲିବ, ସେ କଦମ୍ ପକାଇ ଚାଲିବ । ଏ ପାଦ ଘୋଷରଟା ସାଙ୍ଗରେ ଥରେ ପାଦ ମିଳାଇ ଚାଲନ୍ତୁ କି ଦେଖନ୍ତୁ ! ପାଦେ ବାଟକୁ ମୋତେ ତିନି ପାଦ କରିବାକୁ ପଡ଼ୁଛି, ଏବଂ, ଫଳରେ, ଆମେ ଦୁହେଁ ଘୋଡ଼ା ଆଉ କଇଁଛ ପରି ଚାଲି ଚାଲି ଯାଉଛୁ । ତା’ଛଡ଼ା ଆପଣଙ୍କ ମୁଣ୍ଡ ପଛ ପଟେ ଆଉ ଗୋଟେ ଆଖି ଥିବା ଦରକାର, ନହେଲେ ସେ କ’ଣ କରୁଛି ନକରୁଛି, ଆପଣ ଜାଣି ପାରିବେ ନାହିଁ । ଆପଣ ପିଠି ଆଡ଼େଇ ଦେଲା କ୍ଷଣି କେଉଁଠି ପଡ଼ିଆ ମଧ୍ୟକୁ ପଶି ଯାଇ କାଦୁଅ ପାଣିକୁ ଚକଟିବାରେ ସେ ଲାଗି ଯିବ, ନତୁବା ବରଫ ଖଣ୍ଡେ ଭାଙ୍ଗି ଆଣି ମିଠାଇ ପରି ଚୁଚୁମୁଥିବ । ନାହିଁ, ଭାଇ, ଏଭଳି ପିଲାକୁ ସାଙ୍ଗରେ ନେଇକି ଯିବା, ପୁଣି ପାଦରେ ଚାଲି ଚାଲି – ଗୋଟାଏ କାଠିକର ପାଠ । କେଉଁ ମଣିଷର ତାକତ୍ ଅଛି, କୁହ ତ !” ଟିକିଏ ଚୁପ୍ ହୋଇ ଯାଇ ପୁଣି ସେ ପଚାରିଲେ, “ଆଉ ତମ ଖବର କ’ଣ, ଭାଇ ! ତମ ଉପରବାଲାଙ୍କ ପାଇଁ ଅପେକ୍ଷା କରିଛ, ନା କ’ଣ ?”

କାହିଁକି କେଜାଣି ମୋତେ କହିବାକୁ ଅଡ଼ୁଆ ଲାଗିଲା ଯେ, ମୁଁ ଡ୍ରାଇଭର ନୁହଁ ବୋଲି । ତେଣୁ ଉତ୍ତର ଦେଲି :

“ଅପେକ୍ଷା କରିବାକୁ ପଡ଼ିବ ।”

“ସେ ନଈ ଆର ପଟରୁ ଆସୁଛନ୍ତି, ବୋଧ ହୁଏ ?”

“ହଁ, ସେ ଆସିବେ ।”

"ଡଙ୍ଗାଟା ଚଞ୍ଚଳ ଫେରିବ କି ନାହିଁ, ଜାଣିଛ କିଛି ?"

"ପ୍ରାୟ ବି ଘଣ୍ଟା ଲାଗି ଯିବ ।"

"ତା' ହେଲେ ଅନେକ ସମୟ । ଠିକ୍ ଅଛି, ଟିକେ ନିଶ୍ୱାସ ମରା ଯାଉ, ତରବର ହେବାରେ କିଛି ଦରକାର ନାହିଁ । ଜାଣିଲ, ଏଇ ବାଟ ଦେଇ ଗଲା ବେଳେ ତମ ଉପରେ ଆଖି ପଡ଼ି ଗଲା । ଭାବିଲି, ଆମରି ଡ୍ରାଇଭର ଭାଇଙ୍କ ମଧ୍ୟରୁ କେହି ଜଣେ ଖରା ପୋଉଁଛନ୍ତି । ମନ ହେଲା ଏକାଠି ବସି ପିକାଟାଏ ଟାଣିବାକୁ । ଏକୁଟିଆ ଏକୁଟିଆ ଧୂଆଁ ପିଇବାରେ ମୋଟେ ସୁଖ ନାହିଁ – ଏକା ଏକା ମରିବାରେ ଯେମିତି ସୁଖ ନଥାଏ ! ଆରେ, ତମେ ତ ବେଶ୍ ଅଛ, ସିଗାରେଟ ପିଉଛ, ଦେଖୁଛି । ସେଗୁଡ଼ାକ ଭିଜି ଯାଇଛି, ନା କ'ଣ ? ବୁଝିଲ, ଭାଇ, ଭିଜା ସିଗାରେଟ୍ ଆଉ ବେମାରିଆ ଘୋଡ଼ା – ଉଭୟ କଡ଼ାକର କାମକୁ ଯୋଗ୍ୟ ନୁହନ୍ତି । ଠିକ୍ ଅଛି, ଆସ ସିଗାରେଟ୍ ବଦଳରେ ମୋର ଏ ପୁରୁଣା ତମାଖୁ ମେଞ୍ଚାକୁ ଦଳି କି ଟାଣିବା ।"

ପତଳା ଖାକି ପ୍ୟାଣ୍ଟ ପକେଟ୍‌ରୁ ରେଶମୀ କନାର ପୁରୁଣା ତମାଖୁ ଡବାଟା ବାହାର କଲେ ସେ । ଡବାଟିକୁ ଫିଟାଇଲା ବେଳେ ତା'ର ଗୋଟିଏ କୋଣକୁ ହାତ ସିଲେଇ କରା କେତୋଟି ଶବ୍ଦ ମୁଁ ପଢ଼ି ଦେଲି । ଶବ୍ଦଗୁଡ଼ିକ ହେଉଛି "ଆମର ଜଣେ ପ୍ରିୟ ସୈନିକଙ୍କୁ – ଲେବେଦ୍ୟାନ୍‌ସାୟା ମାଧ୍ୟମିକ ସ୍କୁଲର ଷଷ୍ଠ ଶ୍ରେଣୀର ଜଣେ ଛାତ୍ରୀ ।"

ଦେଶୀ ତମାଖୁ ବେଶ୍ କଡ଼ା । ଦିହେଁ ଟାଣିବାକୁ ଲାଗିଲୁ । ଅନେକ ବେଳ ଧରି କାହାରି ପାଟିରୁ କଥା ବାହାରୁ ନଥାଏ । ଭାବୁଥିଲି, ଲୋକଟିକୁ ପଚାରିବି – ପିଲାଟିକୁ ଧରି କୁଆଡ଼େ ଯାଉଛ । ଏମିତି କି କାମ ପଡ଼ିଛି ଯେ, ଏ ଖରାପ ରାସ୍ତାରେ ବାହାରି ପଡ଼ିଲ ? କିନ୍ତୁ ମୁଁ ପଚାରୁ ପଚାରୁ ସେ ପ୍ରଥମେ ପ୍ରଶ୍ନଟି ଉଠାଇ ଦେଲେ :

"କ'ଣ, ପୁରା ଯୁଦ୍ଧଟା ଯାକ ଗାଡ଼ି ଚଲାଉଥିଲ ?"

"ପ୍ରାୟ ଯୁଦ୍ଧଟା ସାରା ।"

"ମୁହାଁମୁହିଁ ଯୁଦ୍ଧରେ ବି ?"

"ହଁ ।"



"ଆଃ, ମୋତେ ବି କମ୍ ଯାତନା ଭୋଗିବାକୁ ପଡ଼ି ନି ସେଠି, ଭାଇ ! ଯେତିକି ହେବାର କଥା, ତାଠୁଁ ଅନେକ ବେଶି ।"

ବଡ଼ ବଡ଼ କଳା ହାତ ଦୁଇଟିକୁ ଆଣ୍ଠୁ ଉପରେ ସେ ରଖି ଦେଲା, କାନ୍ଧ ଦୁଇଟି ଝୁଙ୍କି ଆସିଲା ଆଗକୁ । କରେଇ କି ତାକୁ ଚାହିଁ ଦେଲା କ୍ଷଣି ମୁଁ ବିସ୍ମୟରେ ଅସ୍ଥିର ହୋଇ ଉଠିଲି ... । ଆପଣ କ'ଣ କେବେ ଏମିତି ଆଖି ଦେଖିଛନ୍ତି, ଯେଉଁଥିରେ ପାଉଁଶଗୁଡ଼ାଏ ଛିଞ୍ଚା ହୋଇଛି, ଯେଉଁଥିରେ ଭରି ରହିଛି ଅସହ୍ୟ ଯନ୍ତ୍ରଣା ଆଉ ହା ହୁତାଶ, ଯାହାକୁ ଦେଖିବାକୁ ମଣିଷର ସାହସ ବି ପାଏ ନା ? ଅଗ୍ରନକ ଭାବେ ଦେଖା ହୋଇ ଯାଇଥିବା ମୋର ସେହି ଲୋକଟିର ଆଖି ଦୁଇଟି ଥିଲା ଠିକ୍ ସେହି ପରି ।

ବାଡ଼ଟାରୁ ଖଣ୍ଡେ ଶୁଖିଲା କାଠି ସେ ଭାଙ୍ଗି ଆଣିଲା । ମିନିଟିଏ କାଳ ସେଥିରେ ସେ ଆଙ୍କି ଗଲିଲା କେତେ ଅଜବ୍ ଚିତ୍ରସବୁ । ତା'ପରେ କହିଲା :

"କେବେ କେବେ ଆଖିକୁ ମୋର ନିଦ ଆସେ ନା, ଫମ୍ପା ଆଖିରେ ଅନ୍ଧାରକୁ ଚାହିଁ ମୁଁ ଭାବେ : 'ଜୀବନ, ତୁ କାହିଁକି ଏପରି କଲୁ ? କାହିଁକି ଏମିତି ପଙ୍ଗୁ କରି ଦେଇ ଗଲୁ ମୋତେ ? କାହିଁକି ମୋର ସମସ୍ତ ଅଙ୍ଗରୁ ପ୍ରାଣକୁ ନିଗାଡ଼ି ନେଲୁ ? କାହିଁକି ମୋତେ ଏତେ ଦଣ୍ଡ ଦେଉଛୁ ?' ମୋର ଏ ପ୍ରଶ୍ନର ଉତ୍ତର ମୁଁ ପାଏ ନା । ସେ ମିଚି ମିଚି ଅନ୍ଧାର ଦିଏ ନାହିଁ କି ଦାଉ ଦାଉ ଜ୍ୱଳନ୍ତ ସୂର୍ଯ୍ୟ ବି ଦିଏ ନି ... ନା, ମୋତେ କେହି ସେସବୁର ଜବାବ ଦେଇ ନାହାନ୍ତି । ଆଉ କେବେ ବି ସେ ଜବାବ ମିଳିବ ନାହିଁ !" ଲୋକଟି ହଠାତ୍ ସଚେତନ ହୋଇ ଉଠି, ନିଜ ମଧ୍ୟକୁ ଫେରି ଆସିଲା । ସ୍ନେହରେ ପୁଅକୁ ଟିକିଏ ଠେଲି ଦେଇ କହିଲା, "ବାପ, ଯା ପାଣି ପାଖରେ ଖେଳିବୁ, ଯା ! ବଡ଼ ବଡ଼ ନଈ କୂଳରେ ପିଲାଙ୍କ ଖେଳିବା ପାଇଁ କିଛି ନା କିଛି ସବୁ ବେଳେ ଥାଏ । କିନ୍ତୁ ଦେଖ, ଗୋଡ଼ରେ ଯେମିତି ପାଣି ନଲାଗେ !"

ଚୁପ୍‌ଚାପ୍ ପିକା ଟାଣୁଥିଲା ବେଳେ ବାପ ପୁଅ ଦୁହିଙ୍କ ଉପରେ ଥରେ ତରବରରେ ଆଖି ବୁଲାଇ ନେଇଥିଲି । କଥାଟା ମୋତେ ଖୁବ୍ ଅଜବ୍ ଲାଗିଲା । ପିଲାଟି ପିନ୍ଧିଥିଲା ସାଧା ସିଧା ପୋଷାକ, କିନ୍ତୁ ସେଥିରେ

ଥିଲା ପରିପାଟି । ଲମ୍ବ ସାର୍ଟଲଗା ପୁରୁଣା ଚମତ୍କାର ଅସ୍ତରଦିଆ ଛୋଟ କୋଟ୍‌ଟି ଦେହକୁ ତା'ର ଖୁବ୍ ମାନୁଥିଲା । ପଶମ ମୋଜା ଉପରେ ତୁନି ତୁନି ଆରାମଦାୟକ ବୁଟ୍ ଯୋଡ଼ିକ ସୁନ୍ଦର ଦିଶୁଥାଏ । କୋଟ୍‌ଟି ହାତରେ ଗୋଟିଏ ଚିରାକୁ ଏପରି ସୁନ୍ଦର ଭାବେ ରଫୁ କରାଯାଇଥାଏ ଯେ, ଦେଖିଲେ, ମନେ ହେଉଥିଲା, ଏସବୁ କରିବାରେ ଗୋଟିଏ ନାରୀର ହାତ, ଗୋଟିଏ ସ୍ନେହମୟୀ ମା'ର କୁଶଳୀ ହାତ, ନିଶ୍ଚୟ, ଲାଗିଛି । କିନ୍ତୁ ବାପର ଚେହେରାଟା ସଂପୂର୍ଣ୍ଣ ଅଲଗା ଲାଗୁଥିଲା । ତା'ର ତୂଳାପଟିଆ ଜାକିଟ୍‌ଟା କେବେ ଫାଟି ଯାଇଥିଲା ଅନେକ ଜାଗାରେ । ପରେ ଯାଇତାଇ ଭାବେ ରଫୁ ହୋଇଛି । ପୁରୁଣା ଖାକି ପେଣ୍ଟଟିରେ ପଡ଼ିଥିବା ତାଳିଗୁଡ଼ିକ ବି ଠିକ୍ ଭାବେ ସିଲେଇ ହୋଇ ନଥାଏ । ମୋଟା ମୋଟା ଟାଙ୍କ ଦେଇ ଯୋଡ଼ି ଦିଆଯାଇଥାଏ ସେଗୁଡ଼ିକୁ । ଦେଖିଲେ, ମନେ ହେଉଥାଏ, ଏସବୁ କୌଣସି ମରଦ ହାତର କାମ । ତା'ର ଫୌଜି ବୁଟ୍ ଯୋଡ଼ା ହଲକ ନୂଆ ଦିଶୁଥାଏ, କିନ୍ତୁ ମୋଟା ପଶମ ମୋଜା ଦିଟା ଫୁଟି ଯାଇଥାଏ ଅନେକ ଜାଗାରେ । ସେସବୁ ଦେହରେ ନାରୀ ହାତର ମଧୁର ସ୍ପର୍ଶ କେବେ ବି ବାଜି ନଥିଲା ...। ସେସବୁ ଦେଖି ମନେ ହେଲା, ଲୋକଟି ହୁଏତ ବିପତ୍ନିକ, ଅଥବା ତା ସ୍ତ୍ରୀ ଏବଂ ତା ମଧ୍ୟରେ କେଉଁଠି କିଛି ଗଡ଼ବଡ଼ ରହିଛି ।

ସତର୍କ ଆଖିରେ ସେ ଚାହିଁ ରହିଥାଏ – ପୁଅଟି ତା'ର ପାଣି ପାଖକୁ ଧାଇଁ ଧାଇଁ ଯାଉଛି । ଟିକିଏ କାଶି ଦେଇ ପୁଣି କଥା ଆରମ୍ଭ କଲା । ମନୋଯୋଗ ଦେଇ ତା'ର କଥାଗୁଡ଼ିକୁ ମୁଁ ଶୁଣିବାକୁ ଲାଗିଲି ।

"ପ୍ରଥମେ ଜୀବନଟା ମୋର ଥିଲା ଖୁବ୍ ସାଧାରଣ । ଭରୋନେଜ୍ ପ୍ରଦେଶର ଲୋକ ମୁଁ, ଜନ୍ମ ମୋର ସେଇଠି, ୧୯୦୦ ମସିହାରେ । ଗୃହ ଯୁଦ୍ଧ ବେଳେ ଲାଲ ସେନାରେ କିକ୍‌ଭିଦ୍‌ଜେ ଡିଭିଜନ୍‌ରେ ଥିଲି । ୧୯୨୨ର ଦୁର୍ଭିକ୍ଷ ସମୟରେ ପଳାଇଥିଲି କୁବାନ୍‌କୁ ଏବଂ ସେଠି ବଡ଼ ଜମି ମାଲିକ କୁଲକ୍‌ଙ୍କ ପାଖରେ ବଳଦ ପରି ଖଟୁଥିଲି । ତା' ନହୋଇ ଥିଲେ, ଆଜି ଜୀବନରେ ମୁଁ ନଥାନ୍ତି । କିନ୍ତୁ ମୋର ପରିବାର ଆଉସବୁ – ବାପ, ମା ଏବଂ ଭଉଣୀ ଘର ଛାଡ଼ିକି ଗଲେ ନାହିଁ – ସମସ୍ତେ ଅନାହାରରେ ମଲେ । ମୁଁ ହିଁ କେବଳ ଏକୁଟିଆ ରହି ଗଲି । ଭାଇ,



କୁଟୁମ୍ବ ହୋଇ ମୋର ଆଉ ଏ ଦୁନିଆରେ କେହି ନାହାନ୍ତି । ବର୍ଷକ ପରେ କୁବାନ୍‌ରୁ ଫେରି ଆସି ଗାଁର ଘର ଖଣ୍ଡକ ବିକି ଦେଇ ପୁଣି ଭରୋନେଜ୍‌କୁ ପଳାଇଲି । ସେଠି ପ୍ରଥମେ ବଢ଼େଇ ହିସାବରେ କାମ କଲି ଏବଂ ପରେ ଗୋଟିଏ କାରଖାନାରେ ଭର୍ତ୍ତି ହୋଇ ଫିଟର କାମ ଶିଖିଲି । ଏହାର ଠିକ୍ ପରେ ପରେ ମୋର କଲଦି ବାହାଘର ହୋଇ ଗଲା । ସ୍ତ୍ରୀଟି ମୋର ଥିଲା ବାପା ମା ଛେଉଣ୍ଡ । ଶିଶୁସେବା ସଦନରେ ବର୍ଦ୍ଧି ମଣିଷ ହୋଇଥିଲା ସେ । ସତରେ, ଭଲ ଝିଅଟିଏ ମୁଁ ପାଇ ଯାଇଥିଲି ! କେତେ ସୁଧୀର, କେତେ ହସ ଖୁସ୍ – ସବୁବେଳେ ଅନ୍ୟକୁ ସୁଖୀ କରିବା ପାଇଁ ତା'ର ଥିଲା ଆଗ୍ରହ । କାମ ଦାମ ଚାଲି ଚଳନରେ ସେ ଥିଲା ବିଚକ୍ଷଣ, ମୁଁ ତା' ପାଖରେ ବି ପଡ଼ୁ ନଥିଲି । ପିଲାଦିନୁ ସେ ବୁଝିଥିଲା ଦୁଃଖ କ'ଣ । ସେହି ସବୁ ଦୁଃଖ କଷ୍ଟର ପ୍ରଭାବ ତା' ଚରିତ୍ର ଉପରେ ପଡ଼ିଥିଲା ବୋଲି ମୋର ଧାରଣା । କରରୁ ତାକୁ ଦେଖି-ଥିଲେ ଆପଣ କହିଥାନ୍ତେ, ସେ ସେମିତି କିଛି ଦେଖିଲା ଭଳିଆ ସୁନ୍ଦରୀ ନଥିଲା । କିନ୍ତୁ, ବୁଝିଲେ, ମୁଁ ତା'କୁ କେବେ କରଆଡ଼ୁ ଦେଖି ନାହିଁ । ସବୁବେଳେ ସାମ୍ନାସାମ୍ନି ଦେଖୁଥିଲି ତା'ର ପୂର୍ଣ୍ଣତା ଅନୁଭବ କରୁଥିଲି । ମୋ ପାଇଁ ତା'ଠାରୁ ବଳି ସୁନ୍ଦରୀ ନାରୀ କେବେ ଦୁନିଆରେ ନଥିଲେ କି ହେବେ ନାହିଁ !

"ପ୍ରତିଦିନ କାମରୁ କ୍ଳାନ୍ତ ଶ୍ରାନ୍ତ ହୋଇ ମୁଁ ଫେରୁଥିଲି । ବେଳେବେଳେ ମିଜାସଟା ମୋର ଏକେବାରେ ଜଘନ୍ୟ ପାଲଟି ଯାଉଥିଲା । କିନ୍ତୁ ସେ କେବେ ମୋର ରୁକ୍ଷତାର ଜବାବ ଦେଉ ନଥିଲା ରୁକ୍ଷତାରେ । କେଡ଼େ ଶାନ୍ତ, ଅମାୟିକ ସେ – ତା' ଭାବ ଭଙ୍ଗିରୁ ଫୁଟି ଉଠୁଥିଲା ସେ, ଯେମିତି ତୁମ ପାଇଁ ବେଶି କିଛି କରି ପାରୁ ନି । ସବୁବେଳେ ମୋ ପାଇଁ ଭଲ କିଛି ତିଆରି କରି ଦେବାକୁ ତା'ର ଥିଲା ଉତ୍‌କଣ୍ଠା । ଏପରିକି ଘରେ ଯଥେଷ୍ଟ କିଛି ନଥିଲା ବେଳେ ମଧ୍ୟ। ସେସବୁ ଦେଖି ମନ ମୋର ହାଲୁକା ହୋଇ ଯାଉଥିଲା ଏବଂ କ୍ଷଣକ ପରେ ବାହୁ ବନ୍ଧନରେ କଟିକୁ ତା'ର ଭିଡ଼ି ଧରି କହୁଥିଲି, 'ଇରିନା, ମୋ ପ୍ରାଣର ଇରିନା, ମୋତେ କ୍ଷମା କର ! ତୁମ ପ୍ରତି ବଡ଼ ଖରାପ ବ୍ୟବହାର ମୁଁ କରିଛି । ଜାଣିଛ, ଦିନଟା ସାରା କାମ କରି କରି ମନ ମିଜାସ ସବୁ ବିଗିଡ଼ି ଯାଇଛି ଆଜି ।'

ତା'ପରେ ଆମ ଭିତରେ ପ୍ରଶାନ୍ତି ଫୁଟି ଉଠୁଥିଲା ଏବଂ ମନ ମୋର ସ୍ଥିର ହୋଇ ଯାଉଥିଲା । ଜାଣିଛ, ଭାଇ! ତମ କାମ ପାଇଁ ମନର ସେହି ସ୍ଥିରତାର ଅର୍ଥ କ'ଣ ? ସକାଳୁ ବନ୍ଧୁକରୁ ଗୁଳି ଫୁଟିଲା ପରି ବିଛଣାରୁ ଉଠି ମୁଁ ଛୁଟୁଥିଲି କାରଖାନାକୁ, ଏବଂ ଯେଉଁ କାମରେ ହାତ ଦେଉଥିଲି, ଘଡ଼ିର କଣ୍ଟା ପରି ସେ ସଠିକ୍ ଭାବେ ଚାଲୁଥିଲା ! ଜାଣିଛ, ସ୍ତ୍ରୀ ହିସାବରେ ପ୍ରକୃତ ଚାଲାକ ଚତୁର ଝିଅଟିଏ ପାଇବାର ସୌଭାଗ୍ୟ ଏ ।

"କଦବା କେମିତି ବେତନ ମିଳିଲା ଦିନ ସାଙ୍ଗମାନଙ୍କ ସହିତ ମିଶି ମଦ ପିଇ ଦେଉଥିଲି ଏବଂ ଥରେ ଥରେ ପଡ଼ି ଉଠି ଟଳି ଟଳି ଫେରୁଥିଲି ଘରକୁ । ମୋତେ ଦେଖିଲେ, ସେତେବେଳେ, ନିଶ୍ଚୟ, ଭୟାନକ ଲାଗୁଥିବ । ଗଳିକନ୍ଦି କଥା ଛାଡ଼, ବଡ଼ ରାସ୍ତା ବି ମୋତେ ଅଣଓସାରିଆ ଲାଗୁଥିଲା । ସେତେବେଳେ ମୁଁ ଥିଲି ଗଜା ଟୋକା, ଦେହରେ ଥିଲା ଖୁବ୍ ତାକତ୍ । ବୋତଲ୍ ବୋତଲ୍ ମଦ ପିଇ ପାଣି କରି ଦେଉଥିଲି ଏବଂ ଅନ୍ୟମାନଙ୍କ ସାହାଯ୍ୟ ବିନା ନିଜକୁ ନିଜେ ଘରକୁ ଫେରୁଥିଲି । କିନ୍ତୁ କେବେ କେମିତି ଶେଷ ଆଡ଼କୁ ଗାଡ଼ିଟା ଏକେବାରେ ତଳଗିଅରରେ ଚାଲୁଥିଲା ଏବଂ ହାତ ଆଉ ଗୋଡ଼ରେ ହାମୁଡ଼ି ହାମୁଡ଼ି ଘରେ ପହଞ୍ଚି ଯାଉଥିଲି । ତଥାପି ବି ସ୍ତ୍ରୀ ମୋର ଟିକିଏ ହେଲେ ଗାଳି ଗୁଲଜ କି କଳି ଗୋଳ କରୁ ନଥିଲା । ଇରିନା ମୋର ଖାଲି ହସି ଦେଉଥିଲା, ଆଉ ସେ ଏମିତି ହୁସିଆରରେ ହସୁଥିଲା ଯେ, ମୁଁ ଯେତେ ମାତାଲ ହୋଇଥିଲେ ବି, ତାକୁ ଖରାପ ଅର୍ଥରେ ନେଉ ନଥିଲି । ପାଦରୁ ମୋର ସେ ବୁଟ୍ ହଳକ କାଢ଼ି ଦେଉଥିଲା ଏବଂ ଥିରି ଥିରି କରି କହୁଥିଲା, 'ଆନ୍ଦ୍ରେଇ, ତମେ ଆଜି କାନ୍ଥ ପାଖରେ ଶୁଅ, ନିଦରେ କାଳେ ଖଟ ଉପରୁ ଗଡ଼ି ପଡ଼ିବ ।' ଆଉ ମୁଁ ଜଅ ବସ୍ତାଏ ଭଳି ଖଟ ଉପରେ ଲଥ୍‌କିନା ଢଳି ପଡ଼ୁଥିଲି, ଏବଂ ଆଖି ଆଗରେ ମୋର ଜିନିଷପତ୍ରସବୁ ନାଚିଲା ପରି ଲାଗୁଥିଲା । ତା'ପରେ ଆଖି ପତାଗୁଡ଼ିକ ବୁଜି ହୋଇ ପଡ଼ୁଥିଲା ମୋର । ମୁଁ ଅନୁଭବ କରୁଥିଲି, ସେ ଧୀରେ ଧୀରେ ମୁଣ୍ଡକୁ ମୋର ଆଉଁଷି ଦେଇଁ ଦେଇଁ କଅଁଳ ସ୍ୱରରେ ତୁନି ତୁନି କ'ଣ ସବୁ



କହୁଛି । ମୋତେ ଲାଗୁଥିଲା, ମୋ ପାଇଁ ଦୁଃଖରେ ମନ ତା'ର ଭାରୀ ହୋଇ ଉଠିଛି ଯେପରି ... ।

"ସକାଳୁ କାମକୁ ଯିବାର ପ୍ରାୟ ଦୁଇ ଘଣ୍ଟା ପୂର୍ବରୁ ସେ ମୋତେ ଉଠାଇ ଦେଉଥିଲା ପୂରା ହୋସ୍ ଆସିବା ପାଇଁ ସମୟ ଦେବା ପାଇଁ । "ମଦ ପିଇ ଦେଲା ପରେ ମୁଁ କିଛି ଖାଉ ନଥିଲି ବୋଲି ସେ ଜାଣିଥିଲା, ତେଣୁ କାକୁଡ଼ି ଆଚାର ବା ସେହି ଜାତୀୟ କିଛି ଖଟା ଜାତୀୟ ଜିନିଷ ସେ ମୋତେ ଖାଇବାକୁ ଦେଉଥିଲା । ନିଶାର ପ୍ରଭାବଟାକୁ କାଟିବା ପାଇଁ ଗ୍ଲାସ୍‌ରେ କଷି କରି ଗ୍ଲାସେ ଭୋଦ୍‌କା ଢାଳି ଦେଇ କହୁଥିଲା, 'ହେଇ ନିଅ, ଆନ୍ଦ୍ରେଇ, କିନ୍ତୁ ଆଉ ଏମିତି ପିଆ ପିଇ କରିବ ନାହିଁ, ଛି !' ଏହି ଭଳି ବିଶ୍ୱାସ କରୁଥିବା ଲୋକଙ୍କୁ କେହି କ'ଣ କେବେ ତଳକୁ ଠେଲି ଦେଇ ପାରେ ? ସଙ୍ଗେ ସଙ୍ଗେ ମୁଁ ଗ୍ଲାସ୍ ଖାଲି କରି ଦେଉଥିଲି । ଆଖି ଭରି ତାକୁ ଦେଖି ନେଇ, ଚୁମାଟିଏ ଆଙ୍କି ମୌନ ଧନ୍ୟବାଦ ଜଣାଇ ଶାନ୍ତଶିଷ୍ଟ ମେଣ୍ଢାଛୁଆଟି ପରି ଚାଲି ଯାଉଥିଲି କାମକୁ । କିନ୍ତୁ ମୁଁ ନିଶାରେ ଥିଲା ବେଳେ ସେ ଯଦି ମୋତେ ପଦଟିଏ ଏଣୁ ତେଣୁ କହୁଥାନ୍ତା ବା ଗାଳି ଗୁଲଜ କରୁଥାନ୍ତା, ତେବେ, ବିଶ୍ୱାସ କର ମୋତେ, ମୁଁ ପୁଣି ମାତାଲ ହୋଇ ଫେରୁଥାନ୍ତି । ଯେଉଁ ପରିବାରରେ ସ୍ତ୍ରୀ ବେକୁଫ୍, ସେଠି ଏହି ଭଳି ଘଟିଥାଏ । ମୁଁ ଏଭଳି ଅନେକ ଥର ଦେଖିଛି ଏବଂ ଅନେକ ମଧ୍ୟ ଜାଣିଛି ।

"ତା' ପରେ ପିଲମାନେ ଜଲ୍‌ଦି ଜଲ୍‌ଦି ଆସି ଯିବାକୁ ଲାଗିଲେ । ପ୍ରଥମେ ଜନ୍ମ ହେଲା କୁନି ପୁଅଟି, ତା' ପରେ ଦୁଇଟି ଝିଅ ... । ତା' ପରେ ମୁଁ ମୋର ବନ୍ଧୁମାନଙ୍କଠାରୁ ଦୂରେଇ ଗଲି ଏବଂ ସବୁତକ ବେତନ ଟଙ୍କା ଘରକୁ ଆଣି ବଢ଼ାଇ ଦେଉଥିଲି ସ୍ତ୍ରୀ ହାତକୁ । ସେତେବେଳକୁ ପରିବାର ଆମର ବଢ଼ି ଯାଇଥିଲା, ଏବଂ ମଦ ପିଇବା କଥା ଭାବିବାକୁ ଅବକାଶ ନଥିଲା । ଛୁଟି ଦିନମାନଙ୍କରେ ଖୁବ୍ ବେଶି ହେଲେ ଗ୍ଲାସେ କରି ବିଅର ପିଇ ମନଟାକୁ ଖୁସି କରି ନେଉଥିଲି ।

"୧୯୨୯ରେ ମଟରଗାଡ଼ି ପ୍ରତି ମନ ମୋର ବଳିଲା । ଡ୍ରାଇଭରି ଶିଖି ନେଇ ଲରି ଚଳାଇବାକୁ ଆରମ୍ଭ କରି ଦେଲି । ଥରେ ଏ ରାସ୍ତାକୁ ଆସି ଗଲା ପରେ ଆଉ କାରଖାନାକୁ ଯିବା ପାଇଁ ମନ ହେଲା ନାହିଁ ।

ଗାଡ଼ି ଚଳାଇବାରେ ମୋତେ ବେଶି ଆନନ୍ଦ ମିଳୁଥିଲା । ଏହି ପରି ଦଶଟି ବର୍ଷ ମୁଁ ବିତାଇ ଦେଲି ଏବଂ ଜାଣି ପାରିଲି ନାହିଁ, ସମୟ କେମିତି ଆସି କେମିତି ଅଜାଣତରେ ଚାଲି ଗଲା । ସବୁ କିଛି ଯେପରି ଥିଲା ଏକ ସ୍ୱପ୍ନ ଭଳି । କିନ୍ତୁ ଦଶଟା ବର୍ଷ ବା କ'ଣ ? ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ବୟସର ଯେ କୌଣସି ଲୋକକୁ ପଚାର, ସେ କ'ଣ ଦେଖି ପାରିଛି ଯେ, ତା'ର ବର୍ଷଗୁଡ଼ିକ କେମିତି ବିତି ଯାଇଛି ? ସେ କହିବ, ସେ କିଛି ଦେଖି ପାରି ନି! ଅତୀତଟା ହେଉଛି କୁହୁଡ଼ିଘେରା ସେହି ଦୂର ଦୂରାନ୍ତର ଜୁଣଭୂଇଁ ଷ୍ଟେପୀ ପରି । ଆଜି ସକାଳେ ସେହି ଷ୍ଟେପୀ ଭୂଇଁ ଦେଇ ଆସିଲା ବେଳେ ସବୁ କିଛି ମୋତେ ସ୍ୱଚ୍ଛ ପରିଷ୍କାର ଦିଶୁଥିଲା । କିନ୍ତୁ କୋଡ଼ିଏ କିଲୋମିଟର ଆସିଗଲା ପରେ, ତା' ଉପରେ ଢାଙ୍କି ହୋଇ ପଡ଼ିଲାଣି କୁହୁଡ଼ି । ବର୍ତ୍ତମାନ ଘାସଠାରୁ ଗଛଗୁଡ଼ିକୁ ବାରି ହେଉ ନାହିଁ କି ଘାସ ପଡ଼ିଆକୁ ହଳକରା ଜମିରୁ ଅଲଗା କରି ଦେଖି ହେଉ ନି ... ।

"ସେ ଦଶ ବର୍ଷ କାଳ ଦିନ ରାତି ମୁଁ ଖଟିଛି । ଆୟ ବି ବେଶ୍ ହେଉଥିଲା, ଏବଂ ଅନ୍ୟମାନଙ୍କଠାରୁ କୌଣସି ଗୁଣରେ ଆମେ ଖରାପ ଅବସ୍ଥାରେ ଚଳୁନଥିଲୁ । ପିଲାଗୁଡ଼ିକୁ ଦେଖିଲେ, ହୃଦୟ ଆନନ୍ଦରେ ପୂରି ଉଠୁଥିଲା । ତିନିହେଁ ସ୍କୁଲରେ ଭଲ ପଢ଼ୁଥାନ୍ତି ଏବଂ ସବା ବଡ଼ ଆନାତୋଲି ଗଣିତରେ ଏପରି ଚମକାଇ ଦେଉଥିଲା ଯେ, ତା ନାଁ ମସ୍କୋର ଏକ ଖବରକାଗଜରେ ବାହାରିଥିଲା । ଏହି ମହାନ୍ ପ୍ରତିଭା ସେ କେଉଁ ଉତ୍ତରାଧିକାର ସୂତ୍ରରୁ, କାହାଠାରୁ ପାଇଥିଲା ମୁଁ ଭାଇ, କହି ପାରିବି ନି ତୁମକୁ । କିନ୍ତୁ ମୋ ପକ୍ଷରେ ସେ ଥିଲା ବଡ଼ ଆନନ୍ଦର କଥା, ହୃଦୟ ମୋର ତା' ପାଇଁ ଗର୍ବରେ ଫୁଲି ଉଠୁଥିଲା, କେତେ ଗର୍ବରେ ସତେ !

"ଦଶ ବର୍ଷ ଭିତରେ ଆମେ କିଛି ପଇସା ସଞ୍ଚୟ କରିଥିଲୁ ଏବଂ ଯୁଦ୍ଧ ଲାଗିବା ପୂର୍ବରୁ ନିଜ ପାଇଁ ଛୋଟ ଘରଟିଏ ବି ତୋଳିଥିଲୁ — ଦୁଇଟି ବଖରା, ଗୋଟିଏ ଭଣ୍ଡାରଘର ଆଉ ଗୋଟିଏ ସାନ ଅଳିନ୍ଦ । ଇରିନା ଦୁଇଟି ଛେଳି କିଣିଥାଏ । ଆଉ ଅଧିକ ବା କ'ଣ ଦରକାର ? ପିଲାଙ୍କ ପାଇଁ ଘରେ ଥାଏ ଦୁଧ, ମୁଣ୍ଡ ଗୁଞ୍ଜିବାକୁ ଛାତ, ଦେହ



ଢାଙ୍କିବାକୁ କପଡ଼ା ଆଉ ଗୋଡ଼କୁ ଜୋତା ! କୌଣସି କିଛି ଅଭାବ ନଥାଏ, ସବୁ ଠିକ୍ ଚାଲିଥାଏ । ତେବେ ସବୁ ଠିକ୍ ଭିତରେ ଗୋଟିଏ କଥା ବେଠିକ୍ ରହି ଯାଇଥିଲା — ଘର ପାଇଁ ଭଲ ଜାଗାଟିଏ ବାଛି ପାରିନଥିଲି । ମୋତେ ମିଳିଥିବା ଜାଗାଟି ଉଡ଼ାଜାହାଜ କାରଖାନାର ବେଶି ଦୂରରେ ନଥିଲା । ମୋର ସେ ଜାଗା ଖଣ୍ଡକ ଯଦି ସେଠି ନହୋଇ ଆଉ କେଉଁଠି ହୋଇଥାନ୍ତା, ତେବେ କିଏ କହି ପାରନ୍ତା ଯେ, ଜୀବନର ଗତି ମୋର ଭିନ୍ନ ହୋଇନଥାନ୍ତା ବୋଲି ... ।

"ତା' ପରେ ଆସିଗଲା — ଆସି ଗଲା ସେହି ଯୁଦ୍ଧ । ଯୁଦ୍ଧ ଲାଗିବାର ପରଦିନ ମୋ ପାଖକୁ ଆସିଲା ଯୁଦ୍ଧ ଡାକରାର କାଗଜ ଏବଂ ତହିଁ ଆର ଦିନ ଆସିଲା ନିର୍ଦ୍ଦେଶ, 'ଅନୁଗ୍ରହ କରି ଥାନାରେ ହାଜିରା ଦିଅନ୍ତୁ !' ମୋ ଜୀବନର ଚାରିଟି ଯାକ ଧନ — ଇରିନା, ଆନାତୋଲି ଏବଂ ଝିଅ ଯୋଡ଼ିକ — ନାସ୍ତେଙ୍କା ଏବଂ ଓଲ୍ୟୁଶ୍କା — ମୋତେ ବିଦାୟ ଦେଲେ । ପିଲାମାନେ ଖୁବ୍ ଧୈର୍ଯ୍ୟର ପରିଚୟ ଦେଇଥିଲେ । କିନ୍ତୁ ଝିଅ ଦୁଇଟି ଆଖିରୁ ଲୁହ ଦି ଟୋପା ଢଳ ଢଳ ହୋଇ ଝରି ପଡ଼ିଥିଲା — ସେମାନେ ରୋକି ପାରିନଥିଲେ । ଆନାତୋଲି ମୋର ଥରି ଉଠିଥିଲା — ଲାଗୁଥିଲା ତାକୁ ଯେମିତି ଥଣ୍ଡା ଧରିଛି । ସେତେବେଳେ ତାକୁ ସତର ବର୍ଷ ପଶିବା ଉପରେ, କିନ୍ତୁ ମୋର ସେହି ଇରିନା ... । ଆମେ ଦୁହେଁ ସତର ବର୍ଷ କାଳ ଏକାଠି ରହିବା ଭିତରେ ମୁଁ ତାକୁ ଏଭଳି କେବେ ଦେଖିନଥିଲି । ରାତି ସାରା ତା'ର ଲୁହରେ ମୋର ଜାମା ଆଉ କାନ୍ଧ ଭିଜି ଯାଇଥାଏ । ସକାଳେ ବି ଶୁଖିନଥାଏ ସେ ଲୁହର ଝରଣା ... । ଷ୍ଟେସନରେ ଆମେ ଯାଇଁ ପହଞ୍ଚିଥିଲୁ, ଏବଂ ତା ପାଇଁ ଦୁଃଖରେ ହୃଦୟ ମୋର ଏତେ ଭାଙ୍ଗି ପଡ଼ିଥିଲା ଯେ, ମୁହଁକୁ ତା'ର ମୁଁ ଚାହିଁ ପାରିନଥିଲି । ଲୁହ ଝରି ଝରି ଓଠ ଦୁଇଟି ତା'ର ଫୁଲି ଉଠିଥାଏ । ମୁଣ୍ଡର ବାଳସବୁ ପୁଳା ପୁଳା ହୋଇ ବାହାରି ପଡ଼ିଥାଏ ଦରଭିଡ଼ା ରୁମାଲ ତଳୁ ବାହାରକୁ । ପାଗଳୀର ଆଖି ପରି ଆଖି ଦୁଇଟି ଭରି ଉଠିଥାଏ କଇଁଥିଆ ଶୂନ୍ୟତାରେ । ଅଫିସରମାନେ ହୁକୁମ ଦେଲେ ଗାଡ଼ିକୁ ଉଠିଯିବା ପାଇଁ, କିନ୍ତୁ ସେ ମୋର ବୁକୁ ଉପରେ ଅକାଡ଼ି ହୋଇ ପଡ଼ି, ଗଳାକୁ ବାହୁରେ ତା'ର ଛନ୍ଦି ଦେଇଥିଲା । କୁରାଢ଼ୀରେ ହଣା ହୋଇଥିବା ଗଛଟି ପରି ସାରା ଦେହ

12—2648

ତା'ର କମ୍ପୁଥାଏ ...। ପିଲାଏ ତାକୁ ବୁଝାଇବାକୁ ଚେଷ୍ଟା କଲେ, ମୁଁ କେତେ ସାନ୍ତ୍ୱନା ଦେଲି, କିନ୍ତୁ ସବୁ କିଛି ବିଫଳ ହେଲା ! ଅନ୍ୟ ସ୍ତ୍ରୀଲୋକମାନେ ସେମାନଙ୍କ ଯୁଦ୍ଧଗାମୀ ସ୍ୱାମୀ ଆଉ ପୁଅମାନଙ୍କ ସହିତ ଗପସପ କରୁଥାନ୍ତି, କିନ୍ତୁ ଇରିନା ମୋର ଡାଳରେ ପତ୍ର ଲାଗି ରହିଲା ପରି ଦେହରେ ମୋର ଲାଗି ରହିଥାଏ । ଦେହ ତା'ର ଥରୁଥାଏ ଅନବରତ ଏବଂ ସେ ମୂକ ପାଲଟି ଯାଇଥାଏ । କହିଲି, 'ଇରିନା, ଧୈର୍ଯ୍ୟ ଧର, ନିଜକୁ ଟିକେ ସମ୍ଭାଳ । ଯିବା ଆଗରୁ ପଦଟିଏ ହେଲେ କିଛି କହ !' କାନ୍ଦି କାନ୍ଦି କୋହର ଉଚ୍ଛ୍ୱାସରେ ପ୍ରତିଟି ଶବ୍ଦ ମଧ୍ୟରେ ଅଟକି ଅଟକି ଏତିକି ସେ କହିଥିଲା, 'ଆନ୍ଦ୍ରେଇ ... ପ୍ରାଣର ଆନ୍ଦ୍ରେଇ ... ଆମର ଆଉ କେବେ ... ଏ ଜଗତ୍‌ରେ ... ଭେଟ ହେବ ନାହିଁ ...।'

"ଯାହା ପାଇଁ ହୃଦୟ ମୋର ଦୟା ଆଉ ଦରଦରେ ଫାଟି ପଡ଼ୁଥାଏ, ତା ମୁହଁରେ ପୁଣି ଏଭଳି କଥା ! ତା'ର ବୁଝିବା ଦରକାର ଥିଲା ତା' ଠାରୁ ଅନ୍ତର ହୋଇ ଯିବାଟା ମୋ ପକ୍ଷରେ କେଡ଼େ ଦୁଃଖଦାୟକ ଥିଲା । ମୁଁ ତ ଆଉ ଭୋଜିଭାତ ଖାଇବାକୁ ଯାଉନଥିଲି । ନିଜକୁ ସମ୍ଭାଳି ପାରିଲି ନାହିଁ, ଭାଇ – ମୁଣ୍ଡକୁ ମୋର ଖୁଣ୍ ଚଢ଼ି ଗଲା ! ହାତ ଦୁଇଟିକୁ ତା' ଠାରୁ ଛିଡ଼ି ଆଣି ତା'କୁ ଠେଲି ଅଲଗା କରି ଦେଲି । ମୋତେ ଲାଗିଲା, ମୁଁ ଯେପରି ତା'କୁ ଆସ୍ତେ କରି ଠେଲି ଦେଲି – କିନ୍ତୁ ଦେହରେ ମୋର ସେତେବେଳେ ବଳଦ ଗୋଟାକର ବଳ ଥିଲା । ଟଳମଳ ହୋଇ ତିନି ପାଦ ହଟି ଗଲା ସେ ପଛକୁ । ତା'ପରେ ଛୋଟ ଛୋଟ ପାଦଟି ମାନ ପକାଇ ମୋ ଆଡ଼କୁ ହାତ ବଢ଼ାଇ ସେ ଆଗେଇ ଆସିଲା ବେଳେ ମୁଁ ପାଟି କରି କହିଲି, 'ଏମିତି କ'ଣ ବିଦାୟ ଦିଆଯାଏ ? ମୋର କାଳ ପୂରିବା ଆଗରୁ ମୋତେ କ'ଣ କବର ଦେବାକୁ ଚାହଁ ?..' କିନ୍ତୁ ତା'ର ଦୟନୀୟ ଅବସ୍ଥା ଦେଖି ତା'କୁ ପୁଣି ଛାତି ଉପରକୁ ଟାଣି ଆଣି ବାହୁ ପାଶରେ ଭିଡ଼ି ଧରିଲି ।"

ଏହା ପରେ ଲୋକଟି ପାଟିରୁ ହଠାତ୍ ଆଉ କଥା ସ୍ଫୁରିଲା ନାହିଁ, ସ୍ୱରର ଗତି ରୁଦ୍ଧ ହୋଇ ଗଲା । ସେହି ମୌନତା ମଧ୍ୟରେ ମୁଁ ଶୁଣିବାକୁ ପାଇଲି ନିରୁଦ୍ଧ ଗଳାର କଁ କଁ ଶବ୍ଦ । ପ୍ରାଣର ଆବେଗ ତା'ର ଅନ୍ତରକୁ ମୋର ସ୍ପର୍ଶ କରିଗଲା । କଣାଇ କି ଅନାଇଲି ତା ଆଡ଼କୁ, ତା'ର



ସେ ମୁର୍ଦ୍ଦାରିଆ କାଇଁଥା ଆଖିରେ ଟୋପାଏ ହେଲେ ଲୁହ ନଥାଏ । ଅବସାଦର ଭାରାରେ ନଇଁ ପଡ଼ିଥିଲା ମୁଣ୍ଡଟି ତା'ର । ବଡ଼ ବଡ଼ ହାତ ଦୁଇଟି ଦେହର ଦୁଇ କରକୁ ଝୁଲି ପଡ଼ି ଧୀରେ ଧୀରେ କମ୍ପୁଥାଏ ...। ଚିବୁକ ଦୁଇଟି ଥରି ଉଠୁଥାଏ ଏବଂ ତା' ସହିତ କମ୍ପୁଥାଏ ଶକ୍ତ ସବଳ ଓଠ ଦିଓଟି ମଧ୍ୟ ...।

ଧୀରେ ଧୀରେ କହିଲି, "ଗଲା କଥା ଗଲାଣି, ବନ୍ଧୁ, ସେସବୁ ଭାବି ଆଉ ଦୁଃଖ କରିବାରେ ଲାଭ ନାହିଁ ।" କିନ୍ତୁ ମନେ ହେଲା, ମୋ କଥା ଯେପରି ତା' କାନରେ ବାଜିଲା ନାହିଁ । ନିଜର ଉଚ୍ଛୁଳା ଆବେଗକୁ ଖୁବ୍ କଷ୍ଟରେ ଘୁପି ରଖି ଭଙ୍ଗା ଭଙ୍ଗା ଏକ ଅଜବ୍ ଅଲଗା କଣ୍ଠରେ କହିଲା :

"ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ, ମୃତ୍ୟୁର ଦିନ ଯାଏ ମୁଁ ନିଜକୁ କ୍ଷମା କରି ପାରିବି ନି – ତା'କୁ ଯେମିତି ଭାବେ ମୁଁ ଠେଲି ଦେଇଛି...।"

ପୁଣି ସେ ନୀରବ ହୋଇଗଲା, ଏବଂ ସେ ନୀରବତାଟା ଥିଲା ଅନେକ ସମୟ ଧରି । ସିଗାରେଟ୍‌ଟିଏ ବଳିବାକୁ ଚେଷ୍ଟା କରୁଥିଲା ସେ, କିନ୍ତୁ ଖବରକାଗଜର ଟୁକୁରାଟି ଆଙ୍ଗୁଳିରୁ ଖସି ପଡ଼ିବା ଫଳରେ ତମାଖୁଗୁଡ଼ାକ ଆଣ୍ଠୁ ଉପରେ ବିଛୁଡ଼ି ହୋଇ ପଡ଼ିଲା । ଶେଷକୁ କୌଣସିମତେ ଏଣୁ ତେଣୁ କରି ସିଗାରେଟ୍‌ଟିଏ ସିଏ ବଳିଲା ଏବଂ ବିକଳିଆଙ୍କ ପରି ଦୁଇ ତିନି ଢୋକ ଟାଣି ଗଳାଟାକୁ ସଫା କରି ନେଇ ପୁଣି ଆରମ୍ଭ କଲା :

"ଇରିନାଠାରୁ ନିଜକୁ ଛଡ଼ାଇ ନେଇ, ମୁହଁଟିକୁ ତା'ର ଦୁଇ ହାତରେ ଘୁପି ଧରି ଚୁମା ଦେଇଥିଲି । ଓଠ ତା'ର ବରଫ ପରି ଥଣ୍ଡା ଲାଗୁଥାଏ, ପିଲାମାନଙ୍କୁ 'ଯାଉଛି' ବୋଲି କହି ବିଦାୟ ନେଇ ଏକାନିଶ୍ୱାସକେ ଚଳନ୍ତି ଟ୍ରେନ୍‌କୁ ଉଠି ଗଲି । ଟ୍ରେନ୍‌ଟି ଧୀରେ ଧୀରେ ଆଗକୁ ଗଡ଼ୁଥିଲା, ତେଣୁ ପୁଣି ଥରେ ମୋ ପରିବାରଟିର ଆଗ ଦେଇ ଯିବାକୁ ହୋଇଥିଲା ମୋତେ । ମୋର ସେହି କୁନି କୁନି ବାପଛେଉଣ୍ଡ ଅନାଥ ଛୁଆଗୁଡ଼ିକ ମେଞ୍ଚାଟିଏ ହୋଇ ଛିଡ଼ା ହୋଇଥାନ୍ତି, ହାତଗୁଡ଼ିକୁ ହଲାଉଥାନ୍ତି । ହସିବାକୁ ସେମାନେ ଚେଷ୍ଟା କରୁଥାନ୍ତି ଖୁବ୍, କିନ୍ତୁ ପାରୁନଥାନ୍ତି । ଇରିନା ମୋର ଛାତି ଉପରେ

ହାତକୁ ଜାକି ଛିଡ଼ା ହୋଇଥାଏ – ଓଠ ଦୁଇଟି ତା'ର ଶେତା ଦିଶୁଥାଏ ଫୁଲ ଖଡ଼ି ପରି । ସେ କ'ଣ ଚୁପ୍ ଚୁପ୍ କରି କହୁଥାଏ ଏବଂ ପଲକହୀନ ଆଖିରେ ମୋ ଆଡ଼କୁ ଚାହିଁ ରହିଥାଏ । ସାରା ଦେହଟି ତା'ର ନଇଁ ଆସିଥାଏ ଆଗକୁ – ମନେ ହେଉଥାଏ, ଗୋଟାଏ ପ୍ରବଳ ତୋଫାନ ମୁହଁରେ ଆଗକୁ ଆଗେଇବାକୁ ସେ ଯେମିତି ଚେଷ୍ଟା କରୁଛି...। ସେହି ଛବିଟି ଜୀବନ ସାରା ମୋର ଆଖି ଆଗରେ ସବୁ ଦିନେ ନାଚୁଥିବ – ଛାତି ଉପରେ ଜାକି ହୋଇ ରହିଥିବା ଦୁଇଟି ହାତ, ଶେତାଳିଆ ଓଠ ଆଉ ଲୁହ ଛଳ ଛଳ ମେଲ ମେଲ ଦୁଇଟି ଆଖି...। ସ୍ୱପ୍ନରେ ତା'କୁ ମୁଁ ପ୍ରାୟ ଠିକ୍ ଏହି ଭଳି ଅନେକ ସମୟରେ ଏବେ ଦେଖିଥାଏ ...। କାହିଁକି ମୁଁ ସେ ଦିନ ତାକୁ ଏମିତି ଠେଲି ଦେଇଥିଲି ? ଏବେ ବି ସେ କଥା ମନେ ପଡ଼ି ଗଲେ, ଗୋଟିଏ ଦଛରା ଛୁରି ଛାତି ଭିତରଟାକୁ ମୋର ଅଛାଳି ପକାଇଲା ପରି ଲାଗେ ...।

"ୟୁକ୍ରେନ୍‌ର ବେଲ୍‌ୟା ହେର୍କଭ୍‌ରେ ଥିବା ଆମ ସେହି ସୈନ୍ୟ ୟୁନିଟ୍‌ରେ ଆମେ ଯୋଗ ଦେଲୁ । ତିନିଟନିଆ ଲରୀଟିଏ ମୋତେ ଦିଆଗଲା ଚଳାଇବାକୁ, ଏବଂ ମୁଁ ସେହି ଲରୀଟି ଧରି ଚାଲିଲି ଛାମୁଆଁ ଯୁଦ୍ଧ କ୍ଷେତ୍ରକୁ ।

ଯୁଦ୍ଧ କଥା ତମକୁ ବେଶି କ'ଣ କହିବି । ତୁମେ ତ ନିଜ ଆଖିରେ ସବୁ ଦେଖିଛ, ଏବଂ ଯୁଦ୍ଧ ଆରମ୍ଭରେ ଅବସ୍ଥା କ'ଣ ଥିଲା, ଜାଣିଛ । ଘରୁ ମୋ ପାଖକୁ ଅନେକ ଚିଠି ଆସୁଥିଲା, ମୁଁ କିନ୍ତୁ ବେଶି ଲେଖି ପାରୁ ନଥିଲି । କେବେ କେବେ ଲେଖି ଦେଉଥିଲି – ସବୁ ସୁରୁଖୁରୁରେ ଚାଲିଛି, ଶତ୍ରୁ ସହିତ ଅଳ୍ପ ଅଳ୍ପ ଲଢ଼ାଇ ବି କରୁଛୁ । ବର୍ତ୍ତମାନ ଆମକୁ ଅଳ୍ପ ପଛକୁ ହଟିବାକୁ ହେଉଛି, ସେଥି ପାଇଁ ଚିନ୍ତା କରିବାର ନାହିଁ । ଶକ୍ତି ଠୁଳ କରିବା ପାଇଁ ଆମକୁ ବେଶି ସମୟ ଲାଗିବ ନାହିଁ । ଜର୍ମାନ୍‌ମାନଙ୍କୁ ଏମିତି ମାଡ଼ ଦେବୁ ଯେ, ଜୀବନ ସାରା ଭୁଲି ପାରିବେ ନାହିଁ । ଏହା ଛଡ଼ା ଆଉ କ'ଣ ବା ଅଧିକ ଲେଖାଯାଇ ପାରିଥାନ୍ତା ? ସମୟଟା ଥିଲା ବଡ଼ ଭୟଙ୍କର ସେତେବେଳେ । କିଛି ଲେଖାଲେଖି କରିବାକୁ ମନ ବଳୁନଥିଲା । ଏଠାରେ ମୁଁ କହି ଦେବାକୁ ଚାହେଁ ଯେ, ନିଜର ଦୁଃଖ କଷ୍ଟ କହି ବାହୁନି ହେବାଟା ମୋ ଜାତକରେ ନାହିଁ । ଯେଉଁମାନେ ସକେଇ ସକେଇ ନିଜର ସ୍ତ୍ରୀ ଆଉ



ପ୍ରେମିକାକୁ ପ୍ରତିଦିନ ଅକାରଣରେ ଚିଠି ଲେଖନ୍ତି, ସେମାନଙ୍କୁ ଦେଖିଲେ ମୋ ହାଡ଼ ଜଳିଯାଏ । କାଗଜ ଖଣ୍ଡକ ଉପରେ ଲୁହ ସିଙ୍ଘାଣି ଏକାକାର କରି ସେ ନାକକାନ୍ଦୁରାଗୁଡ଼ାକ ଲେଖୁଥାନ୍ତି – କି କଷ୍ଟକର ଜୀବନ ଏଠି ! ଯେ କୌଣସି ମୁହୂର୍ତ୍ତରେ ଜୀବନ ଚାଲିଯିବ । ସେହି ସବୁ କୁଭୀକା ବସ୍ତୁଗୁଡ଼ାକ ଅଲଣା ଅଭିଯୋଗ ବାଢ଼ି ଅନ୍ୟଠାରୁ ସହାନୁଭୂତି ଚାହାନ୍ତି । ଭେଁ ଭେଁ ହୋଇ ବୋବାଳି ଛାଡ଼ନ୍ତି । ସେମାନେ ବୁଝନ୍ତି ନାହିଁ ଯେ, ଘରେ ସେହିସବୁ ଦୁଃଖିନୀ ନାରୀ ଆଉ ଶିଶୁମାନେ ବି ଆମମାନଙ୍କ ଭଳି ଦୁଃଖରେ ସମୟ କାଟୁଛନ୍ତି । ସତରେ, ସେହିସବୁ ନାରୀ, ଶିଶୁ, ସାରା ଦେଶର ଭାରକୁ କାନ୍ଧରେ ବହନ କରିଥିଲେ ! ଟିକେ ଭାବନ୍ତୁ ତ, ସେମାନଙ୍କ କାନ୍ଧସବୁ କେମିତି ଥିଲା, ସେହି ପ୍ରଚଣ୍ଡ ବୋଝ ତଳେ ଦବି ପେଷି ହୋଇ ଗଲା ନାହିଁ । ପ୍ରକୃତରେ ସେମାନେ ଦବି ଯାଇନଥିଲେ କି ଘୁଞ୍ଚିନଥିଲେ, ସେ ବୋଝକୁ ସମ୍ଭାଳିଥିଲେ ! ଅଥଚ, ସେହି ନାକସକୁଆମାନଙ୍କ ଭିତରୁ କିଏ ଜଣେ ଏପରି ଏକ କରୁଣ ଚିଠି ଲେଖି ଦେଉଥିଲା, ଯାହାକୁ ପଢ଼ି, ହୁଏତ, କୌଣସି ନାରୀ ଶ୍ରମିକ ମାଟିରେ ଲୋଟି ଯାଇଥିବ । ଏଭଳି ଚିଠି ଖଣ୍ଡେ ପାଇଲା ପରେ ବିଚାରୀଟି ଦୁଃଖରେ ଏତେ ବୁଡ଼ି ଯାଇଥିବ ଯେ, ସେ ଜାଣି ପାରୁନଥିବ, ନିଜକୁ କିପରି ସମ୍ଭାଳିବ ଆଉ ତା'ର କାମ କେମିତି କରିବ । ନା ତୁମର ପରିଚୟ ହେଉଛି ତୁମେ ପୁରୁଷ, ତୁମେ ସୈନିକ – ଆବଶ୍ୟକ ହେଲେ, ତୁମକୁ ସବୁ କିଛିର ସମ୍ମୁଖୀନ ହେବାକୁ ପଡ଼ିବ, ସବୁ କିଛି ସହ୍ୟ କରିବାକୁ ହେବ । କିନ୍ତୁ ତୁମ ଭିତରେ ଯଦି ପୁରୁଷତ୍ୱ ଅପେକ୍ଷା ନାରୀତ୍ୱ ଅଧିକ, ତେବେ ଯାଅ ଝାଲିରୀଲଗା ଶାଢ଼ୀ ପିନ୍ଧି ତମର ସେ ହାଡ଼ୁଆ ପିଚା ଦୁଇଟାକୁ ଫୁଲିଲା ଫୁଲିଲା କରି କି ଦେଖାଅ, ଆଗ ଆଡ଼ୁ ନହେଲେ, ପଛ ଆଡ଼ୁ ତ ଅନ୍ତତଃ ନାରୀ ଭଳି ଦେଖାଯିବ ! ତା'ପରେ ଯାଇ ଗାଜର କ୍ଷେତରେ ଘାସ ବାଛ, କିମ୍ବା ଗାଈ ଦୁହଁ, ତୁମ ଭଳି ଲୋକଙ୍କର ଦରକାର ରଣ କ୍ଷେତ୍ରରେ ନାହିଁ । ତୁମ ବିନା ବି ସେଠି ଅନେକ ପଚା ସଢ଼ା ଦୁର୍ଗନ୍ଧ ରହିଛି !

"ମୁଁ କିନ୍ତୁ ପୂରା ବର୍ଷଟିଏ ବି ଲଢ଼ାଇ କରି ପାରିଲି ନାହିଁ...। ଦୁଇ ଦୁଇ ଥର ଆହତ ହେଲି, ଅବଶ୍ୟ, ଦୁଇ ଥର ଯାକ ବେଶି ନୁହଁ –

ଥରେ ବାହୁରେ ଆଉ ଥରେ ପାଆରେ । ପ୍ରଥମ ଥର ଗୋଟିଏ ଉଡ଼ାଜାହାଜରୁ ଗୁଳି ଲାଗିଥିଲା, ଦ୍ୱିତୀୟ ଥର ଗୋଟାଏ ବୋମାର କାଚ ଆଉ ଛୁରି ପଶିଗଲା । ଜର୍ମାନ୍‌ମାନେ ମୋ ଲରୀଟିର ଛାତ ଆଉ କଚରୁ ଗୁଳି ମାରି ଜଣା କରି ଦେଇଥିଲେ – କିନ୍ତୁ ଭାଗ୍ୟ ଜୋର, ଭାଇ, ମୁଁ ବଞ୍ଚିଗଲି । ପ୍ରଥମରୁ ଭାଗ୍ୟ ସବୁବେଳେ ମୋର ସହାୟକ ହୋଇ ଆସିଥିଲା । କିନ୍ତୁ ପରେ ଓଲଟି ଗଲା ସବୁ ...।

"୧୯୪୨ ମସିହା ମେ ମାସରେ ଲଜଭେନ୍‌କିଠି ଜର୍ମାନ୍‌ମାନଙ୍କ ହାତରେ ବନ୍ଦୀ ହେଲି ମୁଁ । ଗୋଟାଏ ବଡ଼ ଅଖାଡ଼ୁଆ ପରିସ୍ଥିତି ଭିତରେ ସେସବୁ ହେଲା । ଜର୍ମାନ୍‌ମାନେ ପ୍ରବଳ ଆକ୍ରମଣ ଚଳାଇଥାନ୍ତି । ଆମ ୧୨୨ ମିଲିମିଟରବାଲା ତୋପରୁ ଗୁଳି ଖତମ୍ ହୋଇ ଆସିଥିଲା ପ୍ରାୟ । ମୋ ଲରୀରେ ଗୁଳି ଗୁଳା ଭର୍ତ୍ତି କରି ଦେଲୁ । ଝାଳରେ ମୋ ଜାମାଟା ପିଠିରେ ସଟି ଗଲା ପର୍ଯ୍ୟନ୍ତ, ମୁଁ ଖଟି ଚାଲିଥାଏ । ଖୁବ୍ ଜଲ୍‌ଦି କାମ କରିବାକୁ ପଡ଼ୁଥାଏ, କାରଣ, ଶତ୍ରୁ ଆମର ଖୁବ୍ ପାଖକୁ ମାଡ଼ି ଆସୁଥାଏ । ବାଁ ପାଖରେ ଟ୍ୟାଙ୍କର ଘର୍ଘର ଶବ୍ଦ, ଡାହାଣ ପଟ ଆଉ ସାମ୍ନାରେ ସେମାନଙ୍କ କମାଣରୁ ଅବିରାମ ଗୁଳି ବୃଷ୍ଟି । ଅବସ୍ଥାଟା ଭଲ ଜଣା ଯାଉ ନଥାଏ...।

"ଏହିସବୁ ଭିତର ଦେଇ ତୁମେ ଯାଇ ପାରିବ, ସକଲେଭ୍ ?' – ଆମ ଫୌଜର କମାଣ୍ଡର ପଚାରିଲେ । ତାଙ୍କର ସେ କଥା ପଚାରିବାର ଦରକାର ନଥିଲା । ମୋର ସାଥୀ ସହଯୋଦ୍ଧାମାନେ ଗୁଳି ମୁହଁରେ ଟଳି ପଡ଼ିଲା ବେଳେ ମୁଁ କ'ଣ ହାତ ଉପରେ ହାତ ରଖି ବସିଥାନ୍ତି ? ତେଣୁ ଜବାବ ଦେଲି, 'ଏଥିରେ ପଚାରିବାର କ'ଣ ଅଛି ? ମୋତେ ଭିତର ଦେଇ ଯିବାକୁ ହିଁ ହେବ ।' କମାଣ୍ଡର ଆଦେଶ ଦେଲେ, 'ତାହେଲେ ମାଡ଼ିଯାଅ... ଯାଅ ଲରୀରେ ବସ ।'

"ସଙ୍ଗେ ସଙ୍ଗେ ଲରୀ ଛୁଟାଇ ଦେଲି । ଜୀବନରେ ମୋର ସେଥରକ ଭଳି କେବେ ଗାଡ଼ି ଚଳାଇ ନଥିଲି ଆଗରୁ ! ମୁଁ ଜାଣିଥିଲି, ଆଳୁ ବସ୍ତାସବୁ ନେଇକି ମୁଁ ଯାଉ ନି – ଲରୀରେ ଥିବା ଜିନିଷଗୁଡ଼ିକ ପାଇଁ ମୋତେ ଖୁବ୍ ସାବଧାନ ହେବାକୁ ପଡ଼ିବ । କିନ୍ତୁ ସାବଧାନ ବା ହୋଇ ପାରିଥାନ୍ତି କେମିତି, ସାଥୀ ଜବାନମାନେ ସେତେବେଳେ



ଖାଲି ହାତରେ ଲଢ଼ୁଥାନ୍ତି, ଏବଂ ସାରା ରାସ୍ତାଟା କମାଣ ନିଆଁରେ ଦାଉ ଦାଉ କରୁଥାଏ । ଛଅ କିଲୋମିଟର ପାର ହୋଇ ଲକ୍ଷ୍ୟ ସ୍ଥଳର ପାଖାପାଖି ଯାଇ ପହଞ୍ଚି ଗଲି । ଏଥର ମୋତେ କମାଣବାଲା ଆସ୍ଥାନଟି ପାଖରେ ପହଞ୍ଚିବା ପାଇଁ ରାସ୍ତାର ମୋଡ଼ ଦେଇ ଘୁରି ଯିବାର କଥା । କିନ୍ତୁ କ'ଣ ଦେଖିଲି, ଜାଣନ୍ତି ? ଦେଖିଲି, ଖାଲି ଚାରି ଆଡ଼ୁ ଗୁଳି ବର୍ଷୁଛି । ରାଣ ଖାଇ କହୁଛି, ଆମ ପଦାତିକ ଜବାନମାନେ ସଡ଼କର ଦୁଇ ଧାର ଆଉ ପଡ଼ିଆ ଉପରେ ପଛ ଆଡ଼ୁ ଧାଇଁ ଆସୁଛନ୍ତି । କ'ଣ ମୁଁ କରିବି ? ପଛକୁ ଫେରି ଯିବି ? ତା'ତ ...କରି ପାରିବି ନାହିଁ । ଲରୀଟିକୁ ପୂରା ଦମ୍‌ରେ ଛୁଟାଇ ଦେଲି ! କମାଣବାଲା ଫୌଜଙ୍କ ପାଖରେ ପହଞ୍ଚିବାକୁ ଆଉ ମାତ୍ର ଗୋଟିଏ କିଲୋମିଟର ବାକି ଥାଏ । ସଡ଼କର ମୋଡ଼ କାଟି ଆଗେଇ ଆସିଥାଏ ସେତେବେଳକୁ । କିନ୍ତୁ, ଭାଇ, ଆମ କମାଣବାଲା ଫୌଜଙ୍କ ପାଖରେ ପହଞ୍ଚି ପାରିଲି ନାହିଁ ...। ଲରୀ ନିକଟରେ ଗୋଟାଏ ଦୂରକ୍ଷମରା କମାଣରୁ ଗୁଳି ଆସି, ସମ୍ଭବତଃ, ଫୁଟିଲା । ମୁଁ କିନ୍ତୁ କୌଣସି ବିସ୍ଫୋରଣ ଆବାଜ୍ ବା ଅନ୍ୟ କୌଣସି ଶବ୍ଦ ଶୁଣି ପାରି ନଥିଲି । ହଠାତ୍ ମୁଣ୍ଡ ଭିତରେ ମୋର କ'ଣ ଗୋଟାଏ ଢୋ କରି ଫୁଟି ଉଠିଲା, ତା'ପରେ କ'ଣ ହେଲା ଆଉ ମୋର ଖିଆଲ ନାହିଁ । ମୁଁ ଜାଣେ ନା, କେମିତି ମୁଁ ବଞ୍ଚି ଗଲି ଏବଂ କେତେବେଳ ପର୍ଯ୍ୟନ୍ତ ସେ ଖାଇ ପାଖରେ ଅଚେତ୍ ହୋଇ ପଡ଼ି ରହିଥିଲି । ଆଖି ଖୋଲି ଦେଖେ ତ, ମୁଁ ଉଠି ପାରୁ ନି, ମୁଣ୍ଡଟା ମୋର ଘୁରାଇ ଦେଉଥାଏ, ଏବଂ ଦେହଟା କଂପିଲା ପରି ଥରୁଥାଏ ଜରରେ । ଚାରି ଆଡ଼ ଅନ୍ଧାର ଲାଗୁଥାଏ, ଏବଂ ବାଆଁ କାନ୍ଧ ଭିତରେ କ'ଣ ଗୋଟାଏ ଆଞ୍ଚୁରି ଆଞ୍ଚୁରି କୋରି ପକାଉଥାଏ । ଦେହ ସାରା ଏତେ ଦରଜ ଯେ, ମନେ ହେଉଥାଏ, କିଏ ଜଣେ ହାତ ପାହାନ୍ତାରେ ଯାହା ପାଇଛି, ସେଥିରେ ଦୁଇ ଦିନ କାଳ ମୋତେ ପିଟିଛି । ପେଟେଇ ପେଟେଇ ଅନେକ ସମୟ ପଡ଼ି ଉଠି ଆଗେଇଲା ପରେ ଶେଷକୁ କୌଣସିମତେ ଉଠି ଛିଡ଼ା ହେଲି । କିନ୍ତୁ ତଥାପି ଜାଣି ପାରୁନଥାଏ – ମୁଁ କେଉଁଠି, ମୋର କ'ଣ ହୋଇଛି । ସ୍ମୃତି ଶକ୍ତି ମୋର ସଂପୂର୍ଣ୍ଣ ଲୋପ ପାଇ ଯାଇଥାଏ । ତଳେ ଶୋଇ ପଡ଼ିବାକୁ ବି ଭୟ ଲାଗୁଥାଏ, ଭୟ

ହେଇଥାଏ, କାଳେ ପୁଣି ଉଠି ପାରିବି ନାହିଁ । ତେଣୁ ତୋଫାନରେ ପତଳା ଗଛଟି ପରି ଯେଉଁଠି ଛିଡ଼ା ହୋଇଥିଲି, ସେଇଠି ଛିଡ଼ା ହୋଇ ଏପାଖ ସେପାଖ ନଇଁ ନଇଁ ଦୋହଲିବାକୁ ଲାଗିଲି ।

"କିଛି ସମୟ ପରେ ମୋର ଚେତା ପଶିଲା, ମୁଁ ଚାରି ଆଡ଼କୁ ଚାହିଁଲି, ମନେ ହେଲା, କିଏ ଯେମିତି ଗୋଟାଏ ସଣ୍ଡୁଆସିରେ ମୋ ଶ୍ୱାସ ଯନ୍ତ୍ରଟାକୁ ଚାପି ଧରିଛି । ଯେଉଁ ଗୋଳାଗୁଡ଼ିକୁ ଲରୀରେ ଆଣିଥିଲି, ସେସବୁ ମୋ ଚାରି ପାଖରେ ବିଛୁଡ଼ି ହୋଇ ପଡ଼ିଥିଲା । ଅଳ୍ପ ଦୂରରେ ଲରୀଟି ମୋର ପଡ଼ିଥାଏ ଚୂରମାର ହୋଇ, ଚକଗୁଡ଼ାକ ତା'ର ଆକାଶରେ ଝୁଲିଲା ପରି ଲାଗୁଥାଏ । ଆଉ ଲଢ଼େଇ ? ଲଢ଼େଇ ଚାଲିଥାଏ ମୋ ପଛ ଆଡ଼େ ...। ହଁ, ପଛ ଆଡ଼େ କେଉଁଠି ?

"ଆଜି କହିବାକୁ ମୋର ସଂକୋଚ ନାହିଁ—ଯେତେବେଳେ ମୁଁ ଅବସ୍ଥାଟା କ'ଣ ବୁଝି ପାରିଲି, ମୋ ଗୋଡ଼ ଦିଟା ପୂରା ନହସି ଗଲା, କୁରାଢ଼ୀରେ କଟା ଗଛ ପରି ଧୁସ୍‌କିନା ପକାଇ ଦେଲା କିଏ ମୋତେ । କାରଣ, ମୁଁ ବୁଝି ପାରିଲି ଯେ, ମୁଁ ଆମ ଜବାନମାନଙ୍କଠାରୁ ବିଛିନ୍ନ ହୋଇ ଶତ୍ରୁ ସୈନ୍ୟମାନଙ୍କ ଧାଡ଼ି ପଛରେ ରହି ଯାଇଛି, ଅର୍ଥାତ୍, ଆଉରି ସିଧାସଳଖ କହିଲେ, ଫାସିଷ୍ଟମାନଙ୍କ ଦ୍ୱାରା ମୁଁ ବନ୍ଦୀ ହୋଇ ଯାଇଛି । ଯୁଦ୍ଧରେ ଏମିତି ଅନେକ କିଛି ଘଟିଥାଏ ...।

"ନା, ସେ କଥା ବୁଝିବା ଏତେ ସହଜ ନୁହଁ, ଭାଇ ! ଏଇଥି ପାଇଁ କି ତୁମେ ତୁମ ଇଚ୍ଛା ବିରୁଦ୍ଧରେ ବି ବନ୍ଦୀ ହୋଇ ଯାଅ । ଯିଏ ସେ ଭଳି ଅବସ୍ଥାରେ ନ ପଡ଼ିଛି, ତାକୁ ସେସବୁର ମାନେ ବୁଝାଇବାକୁ ବହୁତ ସମୟ ଲାଗିବ ।

"ମୁଁ ସେଇଠି ପଡ଼ି ରହିଥାଏ । ସଙ୍ଗେ ସଙ୍ଗେ କାନରେ ମୋର ବାଜିଲା ଟ୍ୟାଙ୍କର ଘଡ଼ ଘଡ଼ ଶବ୍ଦ । ଚାରିଟା ମଧ୍ୟମ ଧରଣର ଜର୍ମାନ୍ ଟ୍ୟାଙ୍କ୍ ପୂରା ଦମ୍‌ରେ ମୋ ପାଖ ଦେଇ ସେଇ ଆଡ଼କୁ ମାଡ଼ି ଗଲେ, ଯେଉଁ ଆଡ଼ୁ ମୁଁ ଗୋଳା ନେଇକି ଆସିଥିଲି ...। ସେତେବେଳେ ମୋତେ କେମିତି ଲାଗିଥିବ ଭାବି ପାରୁଛ ତ ? ତା' ପରେ ତୋପ ଖଞ୍ଜା ଟ୍ରାକ୍ଟର କେତୁଟା ଆଉ ଗୋଟାଏ ଚଳନ୍ତ ବବୁର୍ଚ୍ଚିଖାନା । ସେସବୁ ପଛରେ ଥିଲେ ପଦାତିକ ସୈନ୍ୟମାନେ । ସେମାନଙ୍କ ସଂଖ୍ୟା ଖୁବ୍ ବେଶି ହେବ ନାହିଁ ।



ସବୁ ମିଶି ଗୋଟାଏ କଂପାନି ହେବେ । ମୁଁ ସେମାନଙ୍କୁ କଣେଇକି ଦେଖି ଦେଇ ମାଟିରେ ମୁହଁ ମାଡ଼ି ଦେଲି । ଦେଖିବାକୁ ଘୃଣା ଲାଗୁଥାଏ ସେମାନଙ୍କୁ ଏବଂ ପେଟ ଭିତରୁ ଅଇ ଉଠି ଆସୁଥାଏ ମୋର ...।

"ସେମାନେ ସମସ୍ତେ ଚାଲି ଗଲେଣି ବୋଲି ଯେତେବେଳେ ମୋର ମନେ ହେଲା, ମୁଁ ମୁଣ୍ଡ ଉପରକୁ ଟେକିଲି । ଛଅ ଜଣ ସବ୍‌ମେସିନ୍‌ଗନ ଚାଳକ ମୋଠାରୁ ପ୍ରାୟ ଶହେ ପାଉଣ୍ଡ ଦୂରରେ ମାର୍ଚ୍ଚ କରି କରିକା ମୋ ଆଡ଼କୁ ଆସୁଥାନ୍ତି । ଦେଖୁ ଦେଖୁ ଛଅ ଜଣ ଯାକ ରାସ୍ତା ଭାଙ୍ଗି ସିଧା ଚୁପ୍‌ଚାପ୍ ମୋ ଆଡ଼କୁ ମାଡ଼ି ଆସିଲେ । ଭାବିଲି, ଏଥର ଶେଷ ବେଳ ପହଞ୍ଚି ଗଲା । ତେଣୁ ଉଠି କି ବସି ପଡ଼ିଲି—ଶୋଇ କି ମରିବି କାହିଁକି, ଛିଡ଼ା ହୋଇ ପଡ଼ିଲି ତେଣୁ । ସେମାନଙ୍କ ମଧ୍ୟରୁ ଜଣେ ଅଳ୍ପ ଦୂରରେ ଛିଡ଼ା ହୋଇ ଯାଇ ଝଟ୍‌କିନା ବନ୍ଧୁକଟାକୁ କାନ୍ଧରୁ କାଢ଼ି ପକାଇଲା । ମଣିଷ କି ଅଜବ୍ ଧାତୁରେ ତିଆରି ଜାଣିବା ମୁସ୍କିଲ ଭାଇ । ସେତେବେଳେ ମୋ ମନରେ ମୋର ଟିକିଏ ହେଲେ ଶଙ୍କା ଦେଖା ଦେଲା ନାହିଁ କି ଛାତି ଭିତରଟା ବି ଟିକିଏ ଥରିଲା ନାହିଁ । ଲୋକଟାକୁ ଚାହିଁ ଚାହିଁ ଭାବୁଥିଲି, ଫଟ୍‌କିନା ଗୋଟେ ଫୁଟାଇ ଦେଲେ, ମୋ ଖେଳ ଖତମ୍ ହୋଇ ଯିବ । ତା'ପରେ ଦେଖୁଥିଲି, କେଉଁଠିକୁ ସେ ନିଶାଣ କରୁଛି—ମୋ ମୁଣ୍ଡକୁ ନା ଛାତିକୁ ? ତେବେ ଦେହର ଯେଉଁଠି କଣା କଲେ ବି, ସେଥିରେ ତଫାତ୍ କ'ଣ !

"ଲୋକଟା ଥିଲା ତରୁଣ, ସୁଗଠିତ ଦେହ, କଳା କଳା ବାଳ । କିନ୍ତୁ ଓଠ ଦୁଇଟି ଥିଲା ସୂତା ପରି ସରୁ ଏବଂ ଆଖିରେ ଫୁଟି ଉଠିଥିଲା କେମିତି ଗୋଟାଏ କୁତ୍ସିତ ଝଲକ । ମନେ ହେଲା, ମୋତେ ଗୁଳି ମାରି ଉଡ଼ାଇ ଦେବା ପାଇଁ ଥରକରୁ ଦି ଥର ବି ସେ ଚିନ୍ତା କରିବ ନାହିଁ । ସତକୁ ସତ, ସେଇଆ ବି ହେଲା, ଲୋକଟା ତା'ର ବନ୍ଧୁକଟାକୁ ଉପରକୁ ଉଠାଇଲା । ତା ଆଖି ସହିତ ଆଖି ମିଳାଇ ସିଧା ସଳଖ ମୁଁ ଚାହିଁଲି ଟିକିଏ ହେଲେ ଊଁ ଚୁଁ ନହୋଇ । କିନ୍ତୁ ଏହି ସମୟରେ ବୟସରେ ତା'ଠାରୁ ବଡ଼, ଜଣେ ସୈନିକ କି ସେଇ ଭଳି କିଛି ହେବ, ଚିତ୍କାର କରି କ'ଣ କହିଲା, ଏବଂ ସେ ଲୋକଟାକୁ ଠେଲି ଦେଇ ମୋ ଆଡ଼କୁ ଆଗେଇ ଆସିଲା । ନିଜ ଭାଷାରେ କ'ଣ ଗୁଡ଼ାଏ ଭଡ଼ ଭଡ଼ କରି

କହି ଦେଇ ମୋ ଡାହାଣ କହୁଣିଟାକୁ ଝିଙ୍କି ଦେଲା ଏବଂ ମାଂସ ପେଶୀକୁ ମୋର ଦରାଣ୍ଡିଲା । ମାଂସ ପେଶୀକୁ ଟିପୁଟିପୁ ଖୁସିରେ କହିଲା, 'ଓହୋ' ! ତା'ପରେ ସୂର୍ଯ୍ୟ ବୁଡ଼ି ଯାଉଥିବା ରାସ୍ତା ଆଡ଼କୁ ଇଶାରା ଦେଖାଇ କ'ଣ କହି ପକାଇଲା – ଯା ଅର୍ଥ, 'ଚାଲ ...କୁଲି ! ଚାଲ ଆମ "ରାଇଖ୍" ପାଇଁ କାମ କରିବୁ ...।' ସତରେ, ଶଳାଟା ବଡ଼ ମଖିଚୋଷ ଥିଲା !

"କଳାବାଳିଆ ସେ ଟୋକାଟାର ଆଖି ଥାଏ ମୋ ବୁଟ୍ ହଳକ ଉପରେ । ବୁଟ୍ ହଳକ ଦେଖିବାକୁ ବେଶ୍ ସୁନ୍ଦର ଆଉ ମଜବୁତ୍ ଥିଲା । ତେଣୁ ମୋତେ ସେ ଠାରିଲା, 'କାଢ଼ି ପକା !' ମାଟି ଉପରେ ମୁଁ ବସି ପଡ଼ିଲି ଏବଂ ଜୋତା ହଳକ କାଢ଼ି ତା ଆଡ଼କୁ ବଢ଼ାଇ ଦେଲି । ଟୋକାଟା ମୋ ହାତରୁ ଛଡ଼ାଇ ନେଲା ପରି ଝିଙ୍କି ନେଲା । ତା'ପରେ ଖୋଲି ପକାଇଲି ମୋ ଗୋଡ଼ର ପଟି ଦିଇଟାକୁ । ଆଖିକୁ ଚାହିଁ ସେ ଦିଇଟାକୁ ତା ଆଡ଼କୁ ଧରି ଯାଚିଲି । ଏହା ଦ୍ୱାରା ସେ ଖୁବ୍ ଖେପି ଯାଇ ଗାଳି ଗୁଲଜ ଆରମ୍ଭ କରିବାକୁ ଲାଗିଲା, ବନ୍ଧୁକଟା ଟେକି ମୋ ଆଡ଼କୁ ଦେଖାଇଲା । ଅନ୍ୟମାନେ ହୋ ହୋ ହୋଇ ହସି ଉଠିଲେ ଏବଂ ସେଠାରୁ ଚାଲି ଗଲେ । ସେ କଳା ବାଳିଆ ଟୋକାଟା ସଡ଼କ ଉପରକୁ ଉଠିଲା ପୂର୍ବରୁ ପଛକୁ ବୁଲି ଚାହିଁଲା ଦୁଇ ତିନି ଥର । ଆଖିରେ ତା'ର ହେଟା ଛୁଆର ଆଖି ପରି ନିଆଁ ଝକ୍ ଝକ୍ କରି ଉଠୁଥାଏ । ତାକୁ ଦେଖି ମନେ ହେଉଥିଲା, ସେ ମୋ ଜୋତା ନେଇ ଯାଇ ନି, ମୁଁ ଯେପରି ତା'ର ନେଇ ଯାଇଛି ।

"ହଁ, ଭାଇ, ଆଉ କ'ଣ ବା ହୋଇ ପାରିଥାନ୍ତା । ମୁଁ ବା କ'ଣ କରି ପାରିଥାନ୍ତି । ତା'ପରେ ଉଠି ଆସିଲି ସଡ଼କ ଉପରକୁ ଏବଂ ଭରୋନେଜ୍ ଭାଷାରେ ଯେତେ ପଚା କଦର୍ଯ୍ୟ ଗାଳି ମୋ ପାଟିକୁ ଆସିଲା, ଶୋଧି ଗଲି । କ୍ରମଶଃ ପାଦ ବଢ଼ାଇଲି ପଶ୍ଚିମ ଆଡ଼କୁ – ସେତେବେଳେ ମୁଁ ଏକ ବନ୍ଦୀ !..

କିନ୍ତୁ ଚାଲିବାକୁ ମୋର ବଳ ପାଉ ନଥାଏ । ଘଣ୍ଟାକୁ ମାତ୍ର କିଲୋମିଟର ଟିଏ ଯାଇ ପାରୁଥିଲି – ତାଠୁ ବେଶି ନୁହଁ । ଚାଲିଲା ବେଳେ ଲାଗୁଥାଏ, ମୁଁ ଯେପରି ମଦ ପିଇ ମାତାଲ ହୋଇ ଯାଇଛି । ସିଧା ଯିବା ପାଇଁ ଚେଷ୍ଟା କଲା ବେଳେ କିଏ ଜଣେ ମୋତେ ସଡ଼କର ଗୋଟାଏ କଡ଼ରୁ ଆଉ ଗୋଟାଏ



କଡ଼କୁ ଠେଲି ଦେଉଥାଏ । ଏହି ପରି ଭାବେ କିଛି ଦୂର ଗଲା ପରେ ଆମ ଡିଭିଜନର ଆଉ କେତେକ ସୈନ୍ୟ ବନ୍ଦୀ ଅବସ୍ଥାରେ ମୋ ସହିତ ମିଶିଲେ । ଦଶ ଜଣ ଖଣ୍ଡ ଜର୍ମାନ୍ ସବ୍‌ମେସିନ୍‌ଗନ୍‌ବୋଲା ସୈନ୍ୟ ସେମାନଙ୍କୁ ଜଗିଥାନ୍ତି । ସମସ୍ତଙ୍କ ଆଗରେ ଯାଉଥିବା ଜର୍ମାନ୍ ଜଣକ ମୋ ଆଡ଼କୁ ଆଗେଇ ଆସି, କିଛି କୁହା ବୋଲା ନାହିଁ, ମୋ ମୁଣ୍ଡ ଉପରେ କି ବନ୍ଧୁକରେ ଢିଅଟାଏ ପକାଇଲା । ମୁଁ ଯଦି ପଡ଼ି ଯାଇଥାନ୍ତି, ତେବେ ସେ ଜର୍ମାନ୍‌ଟା ଫଟ୍‌କିନା ଗୁଳି କରି ମୋତେ ମାଟିରେ ମିଶାଇ ଦେଇଥାନ୍ତା । କିନ୍ତୁ ମୋର ସାଥୀ ସୈନିକମାନେ ମୋତେ ପଡ଼ି ଯାଉଁ ଯାଉଁ ଧରି ପକାଇଲେ ଏବଂ ସେମାନଙ୍କ ମଝିକୁ ଟାଣି ନେଲେ । ତା'ପରେ କିଛି ବାଟ ସେମାନେ ମୋତେ ନେଇ ଯାଇଥିଲେ ଆଶରା ଦେଇ ଦେଇ । ଟିକେ ସମ୍ଭାଳି ଗଲା ପରେ ଆମ ସାଥୀମାନଙ୍କ ମଧ୍ୟରୁ ଜଣେ ମୋ କାନ ପାଖରେ ଫୁସ୍ ଫୁସ୍ କରି କହିଲା, 'ଭଗବାନଙ୍କ ଦ୍ୱାହି, ପଡ଼ିବୁ ନି ! ଟିକିଏ ବୋଲି ଶକ୍ତି ଥିଲା ପର୍ଯ୍ୟନ୍ତ ଚାଲୁଥାଆ, ନଇଲେ, ସେମାନେ ତୋତେ ମାରି ପକାଇବେ ।' ମୋ ଦେହରେ ଯଦିଓ ଶକ୍ତି ବୋଲି କିଛି ନଥିଲା, ତେବେ ବି ମୁଁ କୌଣସିମତେ ଚାଲିଲି ।

"ସଞ୍ଜ ନଇଁଲା ବେଳକୁ ଜର୍ମାନ୍‌ମାନେ ସେମାନଙ୍କ ଜଗୁଆଳୀ ସଂଖ୍ୟା ବଢ଼ାଇ ଦେଲେ । ଗୋଟାଏ ଲରୀରେ ଆଉରି କୋଡ଼ିଏ ଜଣ ସବ୍‌ମେସିନ୍‌ଗନ୍‌ବୋଲା ସୈନ୍ୟ ପହଞ୍ଚି ଗଲେ ଆସି ଏବଂ ଆମକୁ ଆଉରି ଦ୍ରୁତ ଗତିରେ ଅଡ଼ାଇବାରେ ଲାଗିଲେ । ଆମ ଭିତରୁ ଯେଉଁମାନେ ଅଧିକ ଘାଉଲା ହୋଇ ଅନ୍ୟମାନଙ୍କ ସହିତ ପାଦ ମିଳାଇ ଚାଲି ପାରୁ ନଥିଲେ, ସେମାନଙ୍କୁ ଜର୍ମାନ୍‌ମାନେ ରାସ୍ତାରେ ଗୁଳି କରି ମାରି ଦେଲେ । ଦୁଇ ଜଣ ଦୌଡ଼ିକି ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ ଭୁଲି ଯାଇଥିଲେ ଯେ, ଜହ୍ନ ରାତିରେ ପଡ଼ିଆ ଉପରେ ଲୋକକୁ ମାଇଲିକ ଦୂରରୁ ବି ଦେଖି ହେବ । ଫଳରେ, ଗୁଳି ଖାଇବା ହିଁ ସାର ହେଲା । ରାତି ଅଧ ବେଳକୁ ଆମେ ଯାଇ ଗୋଟାଏ ଦରଜଳା ଗାଁରେ ପହଞ୍ଚିଲୁ । ଶତ୍ରୁମାନେ ଆମକୁ ଗୋଟାଏ ଗିର୍ଜା ମଧ୍ୟରେ ଭର୍ତ୍ତି କରି ଦେଲେ । ଗିର୍ଜାଟାର ଗମ୍ବୁଜଟା ଚୂରମାର ହୋଇ ଯାଇଥାଏ । ରାତିଟା ସାରା ପଥର ଚଟାଣ ଉପରେ ଆମେ ସମସ୍ତେ କଟାଇଲୁ – ପାରି

ଶୋଇବା ପାଇଁ ଚଟା ଖଣ୍ଡେ ବି ନଥାଏ । କାହାରି ପାଖରେ ଶୀତ ବିଲିଆ ଓଭରକୋଟ୍ ନଥିଲା, ଏପରିକି କେତେକଙ୍କ ଦେହରେ ଫୌଜି ପତେଇ ବା ପାଇଜାମା ବି ନଥାଏ, ଖାଲି ସୂତା ଗେଞ୍ଜି ଖଣ୍ଡେ ଖଣ୍ଡେ ପିନ୍ଧିଥାନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ନନ୍ କମିଶନ୍ଡ ଅଫିସର । ସାଧାରଣ ସୈନିକଙ୍କ ପରି ଦେଖାଯିବା ପାଇଁ ସେମାନେ ଦେହରୁ ପତେଇ କାଢ଼ି ଫିଙ୍ଗି ଦେଇଥାନ୍ତି । ତୋପଚାଳକମାନଙ୍କ ଦେହରେ ବି ପତେଇ ନଥାଏ । ଅଧାଲଙ୍ଗଳା ଅବସ୍ଥାରେ ତୋପ ଚଳାଉଥିବା ବେଳେ ସେମାନଙ୍କୁ ବନ୍ଦୀ କରି ଅଣାଯାଇଥିଲା ।

"ସେ ଦିନ ରାତିରେ ମୁଷଳ ଧାରାରେ ବର୍ଷା ହେଲା, ଆମେ ସମସ୍ତେ ପାଣିରେ ଭିଜି ଜଡ଼ସଡ଼ ହୋଇ ଗଲୁ । ଗିର୍ଜାର ଗମ୍ବୁଜଟାକୁ ଭାରୀ ଗୋଳା ମାରି କିମ୍ବା ବୋମା ମାରି ଉଡ଼ାଇ ଦିଆଯାଇଥିଲା । ଛାତଟା ଫାଟି ଛତର ଛାଉଳ ହୋଇ ଯାଇଥାଏ, ଏପରିକି ଦିଅଁଙ୍କ ବେଦି ଉପରେ ବି ସ୍ଥଖଣ୍ଡେ ଶୁଖିଲା ଜାଗା ନଥାଏ । ଏହି ଭଳି ଅବସ୍ଥାରେ ଅନ୍ଧାରୁଆ ଖୁଆଡ଼ ଭିତରେ ମେଣ୍ଢାମାନେ ରହିଲା ପରି ଆମେ ସେ ଗିର୍ଜାଟାରେ ରାତି ଯାକ କଟାଇଲୁ । ରାତି ଅଧ ବେଳକୁ କିଏ ଜଣେ ମୋ ବାହୁ ଉପରେ ହାତ ରଖି ଆସ୍ତେ କି ପଚାରିଲା, 'ତୁମର କ'ଣ ଚୋଟ ଲାଗିଛି, କମ୍ରେଡ୍ ?' ମୁଁ କହିଲି, 'ଏଠି ପଚାରି ଲାଭ କ'ଣ, ଭାଇ?' ସେ ଜବାବ ଦେଲା, 'ମୁଁ ଜଣେ ଡାକ୍ତର, ତୁମକୁ କୌଣସି ପ୍ରକାରେ କ'ଣ ଟିକେ ସାହାଯ୍ୟ କରି ପାରନ୍ତି ନାହିଁ?' ମୋ ବାଆଁ କାନ୍ଧଟା କଡ଼ କଡ଼ ଶବ୍ଦ କରୁଛି ଏବଂ ଫୁଲି ଯାଇ ଯାଇ ଭୟଙ୍କର ଦରଜ ଲାଗୁଛି ବୋଲି ତାକୁ କହିଲି । ସେ ଦୃଢ଼ ଭାବରେ କହିଲା, 'ତମ ପତେଇ ଆଉ ଗେଞ୍ଜି ବାହାର କରି ପକା ।' ତା କହିବା ମୁତାବକ ମୁଁ ସବୁ ବାହାର କରି ପକାଇଲି, ଏବଂ ସେ ତା ସରୁ ସରୁ ଆଙ୍ଗୁଳିରେ ମୋ କାନ୍ଧକୁ ଟିପି ଟିପି କ'ଣ ପରୀକ୍ଷା କରିବାରେ ଲାଗିଲା । ଓଃ, କି ଯନ୍ତ୍ରଣା ! ଦାନ୍ତକୁ ଚାବି ଧରି କହିଲି, 'ତୁମେ, ନିଶ୍ଚୟ, ପଶୁ ଡାକ୍ତର, ମଣିଷ ଡାକ୍ତର ନୁହଁ । ଯେଉଁଠି ଦରଜ ଲାଗୁଛି, ସେଇଠି ତମେ ଟିପିବାରେ ଲାଗିଛ, କି ନିର୍ଦ୍ଦୟ ସଇତାନ ତୁମେ!' ସେ କିନ୍ତୁ ସେଇ ଭଳି ଏଣେତେଣେ ଟିପିବାରେ ଲାଗିଥାଏ । ମୋ କଥା ଶୁଣି ସେ ରାଗି ଗଲା ଭଳି କହିଲା, 'ତମ କାମ ହେଉଛି ଚୁପ୍‌ଚାପ୍ ରହିବା, ବୁଝିଲ । ଏମିତି



ବକ୍ ବକ୍ ହେଲେ ଚଳିବ ନାହିଁ । ଶକ୍ତ ହେବାକୁ ହେବ, ବର୍ତ୍ତମାନ ଆଉରି ବି ଦରଜ ଲାଗିବ ।' ତା'ପରେ ସେ ମୋ ହାତକୁ ଏତେ ଜୋରରେ ଝିଙ୍କି ଦେଲା ଯେ, ଆଖିରୁ ମୋର ଜୁଳୁଜୁଳିଆ ପୋକ ବାହାରି ପଡ଼ିଲା ।

"ହୋସ୍ ଆସିଲା ପରେ ତାକୁ ପଚାରିଲି, 'ଆବେ ପଶୁ ଫାସିଷ୍ଟ, ତୁ ଏମିତି କ'ଣ କରୁଛୁ । କାନ୍ଧଟା ପରା ମୋର ଭାଙ୍ଗି ଟିକି ଟିକି ହୋଇ ଯାଇଛି, ତାକୁ ପୁଣି ତୁ ଝିଙ୍କିବାରେ ଲାଗିଛୁ ?' ଲୋକଟି କିରି କିରି ହୋଇ ହସି ଉଠି କହିଲା, 'ମୁଁ ତ ଭାବୁଥିଲି, ତୁମେ ଡାହାଣ ହାତରେ ମୋତେ ଗୋଟେ ଚାପୁଡ଼ା ଲଗାଇ ଦେବ ବୋଲି, କିନ୍ତୁ ଦେଖୁଛି ତୁମେ ବଡ଼ ଶାନ୍ତଶିଷ୍ଟ ଲୋକ । ତୁମ ହାତ ଭାଙ୍ଗି ଯାଇ ନଥିଲା, ଯୋଡ଼ ଖସି ଯାଇଥିଲା, ମୁଁ ତାକୁ ଠିକ୍ କରି ବସାଇ ଦେଇଛି । ଏବେ ଭଲ ଲାଗୁଛି ତ ?' ସତକୁ ସତ, ମୋ ଦରଜ କମି ଆସିଲା । ମୁଁ ସେ ଡାକ୍ତରକୁ ଆନ୍ତରିକ ଧନ୍ୟବାଦ ଜଣାଇଲି । ସେ ଅନ୍ଧାର ଭିତରେ ଧୀରେ ଧୀରେ ପଚାରି ପଚାରି ଚାଲି ଗଲେ, 'ଆଉ କାହାର ଚୋଟ ଲାଗିଛି କି ?' ସେ ଥିଲେ ପ୍ରକୃତରେ ଜଣେ ଡାକ୍ତର ! ନିଆଁ ଆଉ କିଟି କିଟି ଅନ୍ଧାର ଭିତରେ ବି ସେ ତାଙ୍କ ମହାନ୍ କର୍ତ୍ତବ୍ୟ କରି ଚାଲିଥିଲେ ।

"ସେ ଦିନ ସେ ରାତିଟା ବଡ଼ ଅସ୍ଥିର ଥିଲା । ମୁତି ହଗି ଯିବାକୁ ବି ସେମାନେ ଆମକୁ ବାହାରକୁ ଯିବାକୁ ଦେଉ ନଥାନ୍ତି । ଗିର୍ଜା ଭିତରେ ଯୋଡ଼ି ଯୋଡ଼ି କରି ପୂରାଇଲା ବେଳେ ଜଗୁଆଳ କମାଣ୍ଡର ଆମକୁ ଆଗରୁ ସେ କଥା ଜଣାଇ ଦେଇଥିଲା । କିନ୍ତୁ ଦୁର୍ଭାଗ୍ୟକୁ ଆମ ଭିତରେ ଥିବା ଜଣେ ଖ୍ରୀଷ୍ଟିଆନକୁ ଲାଗିଲା ପାଇଖାନା । ବିଚରା ଅନେକ ସମୟ ଚାପି ରଖିଲା ପରେ ଆଉ ସମ୍ଭାଳି ପାରିଲା ନାହିଁ, ଭୋ ଭୋ କରି କାନ୍ଦି ଉଠିଲା, 'ଏ ପବିତ୍ର ସ୍ଥାନକୁ ମୁଁ ଅପବିତ୍ର କରି ପାରିବି ନାହିଁ । ମୁଁ ଆସ୍ତିକ, ଖ୍ରୀଷ୍ଟିଆନ । ଭାଇମାନେ, ମୁଁ କ'ଣ କରିବି, କହନ୍ତୁ ?' ତୁମେ ତ ଜାଣି ପାରୁଥିବ, ଆମେ ସବୁ କେମିତିକା ଲୋକ ଥିଲୁ ! ତା କଥା ଶୁଣି ଆମ ଭିତରୁ କେତେ ଜଣ ହସି ଉଠିଲେ, କେତେ ଜଣ ଗାଳି ଫଜିତ କଲେ, ଏବଂ ଆଉ କେତେକ ନାନା ଉପଦେଶ ବାଣି ଶୁଣାଇ ତାକୁ ଟିହାଇବାକୁ ଲାଗିଲେ । ଆମକୁ ସିନା ସେ ହସାଇ ରସାଇ ଦେଲା, କିନ୍ତୁ ଶେଷକୁ ତା'ର ପରିଣାମ ଖରାପ ହେଲା ବହୁତ । ଦୁଆରଟାକୁ

ବାରମ୍ବାର ଯିଟି ବିକଳରେ ଡାକ ଛାଡ଼ିଲା ତା'କୁ ବାହାରକୁ ନେଇ ଯିବା ପାଇଁ । ତା'ର ସେ ବିକଳିଆ ଡାକର ବି ଉତ୍ତର ଠିକ୍ ମିଳି ଗଲା । ଫାସିଷ୍ଟଟାଏ ଗୁଳି ଫାଏର କରିବାକୁ ଆରମ୍ଭ କରି ଦେଲା ଦୁଆର ସନ୍ଧିରେ । ଖ୍ରୀଷ୍ଟିଆନଟିକୁ ମିଶାଇ ଆଉ ତିନି ଜଣ ଢଳି ପଡ଼ିଲେ ଏବଂ ଆଉ ଜଣଙ୍କ ଦେହରେ ଏତେ ଜୋରରେ ଗ୍ରେଟ ଲାଗିଲା ଯେ, ସକାଳ ନହେଉଣୁ ତା ପ୍ରାଣବାୟୁ ଉଡ଼ିଗଲା ।

"ଶବଗୁଡ଼ିକୁ ଗୋଟାଏ କୋଣକୁ ଟାଣି ନେଲୁ ଏବଂ ଚୁପ୍‌ଚାପ୍ ବସି ମନେ ମନେ ଭାବିବାକୁ ଲାଗିଲୁ, ଆରମ୍ଭଟା କିନ୍ତୁ ଶୁଭ ହେଲା ନାହିଁ ...। ଏହି ସମୟରେ ଆମ ଭିତରେ ଫୁସ୍ ଫୁସ୍ ହୋଇ କଥାବାର୍ତ୍ତା ଆରମ୍ଭ ହୋଇ ଗଲା, ଏବଂ ସମସ୍ତେ ନିଜ ନିଜ ମଧ୍ୟରେ ପଚରା ପଚରି ହେଲେ, କିଏ କେଉଁଠିକାର, କିଏ କେମିତି ଶତ୍ରୁ ହାତରେ ପଡ଼ିଲେ; ଯେଉଁମାନେ ଏକା ସେନାଦଳର ଲୋକ ଥିଲେ, ସେମାନେ ଅନ୍ଧାରରେ ଆସ୍ତେ ଆସ୍ତେ ଡକାଡକି ହେଲେ । ପାଖରେ ମୋର ସେହି ଭଳି ଦି ଜଣ କଥା ହେଉଥିବାର ଶୁଣିଲି । ଜଣେ କହୁଥାଏ, 'କାଲି ସକାଳେ ଆମକୁ ଏଠାରୁ ନେବା ଆଗରୁ ଧାଡ଼ି କରି ଛିଡ଼ା କରାଇ ପଚାରିବେ, ଆମ ଭିତରୁ କିଏ କମିସାର, କିଏ କମ୍ୟୁନିଷ୍ଟ ଆଉ କିଏ ଇହୁଦୀ, ସେତେବେଳେ ତୁମେ ନିଜକୁ ଛପାଇବାକୁ ଚେଷ୍ଟା କରିବ ନାହିଁ, ପ୍ଲାଟୁନ୍ କମାଣ୍ଡର । ଏମିତି କରି ତମେ ବର୍ତ୍ତି ଯାଇ ପାରିବ ନାହିଁ । ତୁମେ ଭାବୁଛ, ଦେହରୁ ଫୌଜି ଫତେଇଟାକୁ କାଢ଼ି ଫିଙ୍ଗି ଦେଇଛ ବୋଲି ସେମାନେ ତୁମକୁ ସାଧାରଣ ସୈନ୍ୟ ବୋଲି ଭାବିବେ ? ତା ଦ୍ୱାରା କିଛି ଫଳ ମିଳିବ ନାହିଁ! ତୁମ ପାଇଁ ମୁଁ ଭୋଗିବାକୁ ଯିବି ନାହିଁ । ପ୍ରଥମେ ହିଁ ମୁଁ ତୁମକୁ ଧରାଇ ଦେବି! ମୁଁ ଜାଣେ, ତୁମେ କମ୍ୟୁନିଷ୍ଟ । ମୋତେ ପାର୍ଟିକୁ ଆଣିବା ପାଇଁ ତୁମେ କେତେ ଚେଷ୍ଟା କରିଥିଲ । ଏବେ ତା'ର ଜବାବ ତୁମକୁ ଏଠି ଦେବାକୁ ହେବ ।' ଏ କଥା ଯିଏ କହୁଥିଲା, ସେ ମୋ ପାଖରେ, ଏକେବାରେ ବାଆଁ ପାଖରେ ବସିଥାଏ । ତା'ର ଆର ପାଖରୁ ଯୁବକସୁଲଭ ଗଳାରେ କିଏ ଜଣେ ଉତ୍ତର ଦେଲା, 'କ୍ରିଜ୍‌ନେଭ୍, ତୁମକୁ ସବୁବେଳେ ମୁଁ ସନ୍ଦେହ କରୁଥିଲି, ତୁମେ ଭଲ ଲୋକ ନୁହଁ ବୋଲି । ବିଶେଷତଃ ତୁମେ ଲେଖି



ପଢ଼ି ଜାଣି ନ ବୋଲି ବାହାନା କରି ଯେତେବେଳେ ପାର୍ଟି ସଭ୍ୟ ହେବାକୁ ମନା କଲ । ସେତେବେଳେ କିନ୍ତୁ ମୁଁ ଭାବି ପାରି ନଥିଲି ଯେ, ତୁମେ ଦେଶଦ୍ରୋହୀ ବୋଲି । ତୁମକୁ ଚଉଦ ବର୍ଷ ହେଲା ପର୍ଯ୍ୟନ୍ତ ତୁମେ ସ୍କୁଲରେ ପଢ଼ୁଥିଲ, ନା ?' ସେ ଲୋକଟା ଅଳସରେ ହାଇଟାଏ ମାରି କହିଲା, 'ହଁ, ପଢ଼ୁଥିଲି, ସେଥିରେ କ'ଣ ହେଲା ?'

ତା'ପରେ ସେ ଦୁହେଁ ଅନେକ ସମୟ ଚୁପ୍ ରହି ଗଲେ । ପରେ ସ୍ୱରରୁ ବାରିଲି, ପ୍ଲାଟୁନ୍ କମାଣ୍ଡର କହୁଛି, 'ମୋତେ ଧରାଇ ଦିଅ ନା, କମ୍ରେଡ୍ କ୍ରିଜ୍‌ନେଭ୍ ।' ଲୋକଟା ଆସ୍ତେ କରି ହସି ଦେଇ କହିଲା, 'କମ୍ରେଡ୍ ଫମ୍ରେଡ୍‌ସବୁ ଯୁଦ୍ଧ ଭୂଇଁର ଆର ପାରିରେ ରହି ଯାଇଛି । ମୁଁ ତୁମ କମ୍ରେଡ୍ ନୁହଁ, ବାବୁ, ମୋତେ ଅନୁରୋଧ କରି କିଛି ଲାଭ ନାହିଁ! ମୁଁ ତୁମକୁ ଚିହ୍ନାଇ ଦେବି ହିଁ ଦେବି । ନିଜେ ବଞ୍ଚିଲେ, ବାପର ନା, ବୁଝିଲ!'

"ତା'ପରେ ସେମାନେ ଚୁପ୍ ହୋଇ ଗଲେ । ଲୋକଟାର ସେ ଜଘନ୍ୟ ସଇତାନୀ କଥା ଶୁଣି ଦେହଟା ମୋର ଶୀତେଇ ଉଠିଲା । ଭାବିଲି, 'କୁତ୍ତୀକା ବଚ୍ଚା, ତୋତେ ତୋ କମାଣ୍ଡର ସାଥୀରେ ବେଇମାନି କରିବାକୁ ଦେବି ନାହିଁ! ତୁ ପାଦରେ ଚାଲି ଚାଲି ଏ ଗିର୍ଜା ଭିତରୁ ବାହାରି ଯାଇ ପାରିବୁ ନାହିଁ, ସେମାନେ ତୋ ଗୋଡ଼କୁ ଧରି ଘୋଷାରି ଘୋଷାରି ବାହାର କରିବେ!' ଟିକିଏ ଫରଚ୍ଚ ହୋଇ ଆସିବା ପରେ ଦେଖିଲି, ମୁଣ୍ଡ ତଳେ ହାତ ରଖି ମୋ ପାଖରେ ଚିତ୍‌କାତ ହୋଇ ଫୁଲୁକାମୁହାଁ ଲୋକଟାଏ ଶୋଇଛି, ଆଉ ପାଖକୁ ତା'ର ଗେଞ୍ଜି ଖଣ୍ଡେ ପିନ୍ଧି ନାକଚେପ୍‌ଟା ମଡ଼ମଡ଼ିଆ ରୋଗା ଟୋକାଟିଏ ଆଣ୍ଠୁ ଉପରେ ହାତ ଦୁଇଟି ଜାକି ବସିଛି । ମୁହଁଟି ତା'ର ଏକେବାରେ ଫିକା ପଡ଼ି ଯାଇଥାଏ । ଭାବିଲି, 'ଏ ଟୋକା କ'ଣ ସେ ମୋଟା ବଳଦଟାକୁ ପାରିବ! ମୋତେ ହିଁ ତାକୁ ଖତମ୍ କରିବାକୁ ହେବ ।'

"ଟୋକାଟିର ବାହୁରେ ହାତ ମାରି ଫୁସ୍ ଫୁସ୍ କରି ପଚାରିଲି, 'ତୁମେ ପ୍ଲାଟୁନ୍ କମାଣ୍ଡର, ନା ?' ସେ କିଛି ନକହି କେବଳ ମୁଣ୍ଡ ଟୁଙ୍ଗାରି ଦେଲା । 'ଏହି ଲୋକଟା ତୁମକୁ ଧରାଇ ଦେବ, କହୁଛି, ନା ?' ଚିତ୍ ହୋଇ ଶୋଇଥିବା ଲୋକଟା ଆଡ଼କୁ ଦେଖାଇ ଦେଇ ପଚାରିଲି । ପୁଣି ସେ ମୁଣ୍ଡ ହଲାଇ ହଁ କଲା । କହିଲି, 'ଦେଖ୍ ତେବେ, ତା

ଗୋଡ଼ ବିଟାକୁ ମାଡ଼ି ବସ, ସେ ଯେମିତି ନାଟ ନମାରି ପାରେ । ଜଲ୍ଦି !' ତା'ପରେ ସଙ୍ଗେ ସଙ୍ଗେ ମୁଁ ଲୋକଟା ଉପରକୁ ଝାମ୍ପି ପଡ଼ି ତା ତଣ୍ଟିକି ଆଙ୍ଗୁଳିରେ ଟିପି ଧରିଲି । ଟିକିଏ ଊଁଚୁଁ ହେବାକୁ ବି ତାକୁ ସମୟ ମିଳିଲା ନାହିଁ । କେଇ ମିନିଟ ଟିପି ଧରିଲା ପରେ ଟିକିଏ କୋହଳ କରି ଦେଲି । ଜିଭଟା ତା'ର ବାହାରି ପଡ଼ିଲା, ବେଇମାନ ଏକା ଥରକେ ଶେଷ !

"ତା'ପରେ ହାତ ଦୁଇଟା ମୋର ଏମିତି ଗନ୍ଧେଇ ଉଠିଲା ଯେ, ଭୟଙ୍କର ଇଚ୍ଛା ହେଉଥିଲା, ଯାଇ ହାତଟାକୁ ଧୋଇ ପକାଇବି...। ସତେ ଯେମିତି ମଣିଷ ନୁହଁ, ଗୋଟାଏ ମାଲୁବାଲୁଆ ସାପକୁ ଟିପି ମାରି ଦେଇଛି...। ଜୀବନରେ ଏଇ ପ୍ରଥମ କରି ମଣିଷ ମାରିଲି, ସେ ପୁଣି ଆମ ନିଜ ଲୋକ...। ଧେତ୍, ସେ ଆମ ନିଜ ଲୋକ ? ନା, ନିଜ ଲୋକ ସେ ହୋଇ ପାରେ ନା । ସେ ଥିଲା ଶତ୍ରୁଠାରୁ ଅଧମ, ଦେଶଦ୍ରୋହୀ, ବେଇମାନ । ଛିଡ଼ା ହୋଇପଡ଼ି କମାଣ୍ଡରଙ୍କୁ କହିଲି, 'ଗ୍ଲ ଏଠୁ ପଳାଇବା, କମ୍ରେଡ୍, ଗିର୍ଜା ଭିତରେ ଆଉରି ଅନେକ ଜାଗା ଅଛି ।'

"କ୍ରିଜ୍‌ନେଭ୍ ଯାହା କହିଥିଲା, ଠିକ୍ ସେଇଆ ହେଲା । ସକାଳେ ଆମ ସମସ୍ତଙ୍କୁ ଗିର୍ଜା ବାହାରେ ଧାଡ଼ି କରି ଛିଡ଼ା କରି ଦିଆଗଲା । ସବ୍‌ମେସିନ୍‌ଗନଧାରୀମାନେ ଆମ ଗ୍ଲରି ପଟରୁ ଘେରି ଗଲେ । ତିନି ଜଣ ଜର୍ମାନ୍ ଅଫିସର ଆମ ଭିତରୁ ବିପଜ୍ଜନକ ମନେ କରୁଥିବା ଲୋକମାନଙ୍କୁ ବାଛି ବାହାର କରିବାକୁ ଲଗିଲେ । ସେମାନେ ପଗ୍ଲରିଲେ, କିଏ କମ୍ୟୁନିଷ୍ଟ, କିଏ କମାଣ୍ଡର, କିଏ କମିସାର। କିନ୍ତୁ ଜଣେ ହେଲେ ସେପରି କାହାକୁ ପାଇଲେ ନାହିଁ । ଧରାଇ ଦେବା ପାଇଁ କେହି ହେଲେ ଜଣେ ବେଇମାନ ବାହାରିଲେ ନାହିଁ, କାରଣ, ଆମ ମଧ୍ୟରୁ ପ୍ରାୟ ଅଧିକରୁ ଅଧିକ ଥିଲେ କମ୍ୟୁନିଷ୍ଟ ଏବଂ ଅନେକ ଥିଲେ ଅଫିସର ଓ କମିସାର । ଦୁଇ ଶହରୁ ଅଧିକ ଲୋକଙ୍କ ମଧ୍ୟରୁ ମାତ୍ର ଗ୍ଲରି ଜଣଙ୍କୁ ସେମାନେ ବାଛିଲେ । ଜଣେ ଇହୁଦୀ ଓ ତିନି ଜଣ ସାଧାରଣ ରୁଷ ସୈନିକ । ରୁଷ୍ କେଇଟାଙ୍କର କାଳ ହୋଇଥିଲା ସେମାନଙ୍କ ଫିକା ରଙ୍ଗ ଆଉ କୁଞ୍ଚିକୁଞ୍ଚିକିଆ ବାଳ । ଜର୍ମାନ୍ ଅଫିସରଗୁଡ଼ାକ ସିଧା



ସେମାନଙ୍କ ପାଖକୁ ଆସି ପଗ୍ଲରିଥିଲେ, 'ଇହୁଦୀ ?' ଯେଉଁ ଲୋକଟିକୁ ପଗ୍ଲରିଥିଲେ, ସେ ନିଜକୁ ରୁଷ୍ ବୋଲି କହିଲା । ତା କଥାକୁ ସେମାନେ କାନ ଦେଲେ ନାହିଁ, ଖାଲି ଆଦେଶ ଦେଲେ, 'ବାହାରି ଆ ଧାଡ଼ିରୁ !'– ସେତିକିରେ କଥା ଶେଷ ।

"ସେ ଅଭାଗା ଗ୍ଲରି ଜଣଙ୍କୁ ସେମାନେ ଗୁଳି ମାରି ଖତମ୍ କରି ଦେଇ ଆମକୁ ଅଡ଼ାଇ ଅଡ଼ାଇ ନେଇ ଗଲେ । ଯେଉଁ କମାଣ୍ଡରର ସାହାଯ୍ୟରେ ସେ ବିଶ୍ୱାସଘାତକଟାକୁ ଖତମ୍ କରିଥିଲି, ସେ ପୋଜ୍‌ନାନ୍ ପର୍ଯ୍ୟନ୍ତ ମୋ ସହିତ ଥିଲେ । ଏହି ଘଟନାର ପର ଦିନ ସେ ମୋ ପାଖକୁ ଆଉଜି ଆସିଥିଲେ ଏବଂ ଯାଉଁ ଯାଉଁ ଥରକୁ ଥର ହାତଟାକୁ ମୋର ଟିପି ଦେଉଥିଲେ । ପୋଜ୍‌ନାନ୍‌ରେ ଆମେ ପରସ୍ପରଠାରୁ ଅଲଗା ହୋଇ ଯାଇଥିଲୁ – ଘଟନାଟି ଏମିତି ଘଟିଥିଲା ।

"ବୁଝିଲ ଭାଇ, ଶତ୍ରୁ ହାତରେ ବନ୍ଦୀ ହେଲା ଦିନୁ ସବୁବେଳେ ମନେ ମନେ ପାଞ୍ଚୁଥିଲି ଖସି ପଳାଇବା ପାଇଁ । କିନ୍ତୁ ପଳାଇବାଟା ସୁନିଶ୍ଚିତ ନହେଲା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲି । ପୋଜ୍‌ନାନ୍‌ରେ ଆମକୁ ପୂରା ଦସ୍ତୁର ଏକ ବନ୍ଦୀ ଶିବିରରେ ରଖାଯାଇଥାଏ – ତା ଆଗରୁ ସେପରି କୌଣସି ଭଲ ସୁଯୋଗ ମିଳିନଥିଲା । କିନ୍ତୁ ପୋଜ୍‌ନାନ୍ ବନ୍ଦୀ ଶିବିରରେ ସେଇ ଭଳି ଗୋଟାଏ ସୁଯୋଗ ମିଳି ଗଲା – ମେ ମାସ ଶେଷ ବେଳକୁ ସେମାନେ ଆମକୁ ପଠାଇ ଦେଲେ ପାଖ ଜଙ୍ଗଲକୁ, ମଲା ଯୁଦ୍ଧ ବନ୍ଦୀଙ୍କ ପାଇଁ କବର ଖୋଳିବା ପାଇଁ । ସେତେବେଳେ ଆମ ମଧ୍ୟରୁ ଅନେକ ରକ୍ତ ଆମାଶୟରେ ମରୁଥାନ୍ତି । ମୁଁ ମାଟି ଖୋଳୁଥାଏଁ ଏବଂ ଏଣିକି ତେଣିକି ନଜର ପକାଉଥାଏଁ । ଦେଖିଲି, ଆମର ଦୁଇ ଜଣ ଜଗୁଆଳି କ'ଣ ଖାଉଛନ୍ତି, ଏବଂ ଆଉ ଜଣେ ଖରାରେ ଢୋଳାଉଛି । ଏତିକିବେଳେ କୋଦାଳଟିକୁ ରଖି ଦେଇ ଆସ୍ତେ ଆସ୍ତେ ବୁଦା ପଛରେ ଯାଇ ଲୁଚି ପଡ଼ିଲି...। ତା'ପରେ – ଦେଲି ସିଧା ଦୌଡ଼ଟାଏ ଯେଉଁ ଆଡ଼୍ ସୂର୍ଯ୍ୟ ଉଇଁ ଆସୁଥିଲା...।

"ଜଗୁଆଳିଗୁଡ଼ାକ ଚଟ୍‌କିନା ମୋତେ ଦେଖି ପାରି ନଥିଲେ । ଦେହର ହାଡ଼ସବୁ ମୋର ଗଣି ହୋଇ ଯାଉଥାଏ ସେତେବେଳେ । ସେଇ ଅବସ୍ଥାରେ ମୋର ଏତେ ବଳ କେଉଁଠୁ ଆସିଲା, ମୁଁ ଦିନକରେ

ଚାଳିଶ କିଲୋମିଟର ପାର ହୋଇ ଯାଇଥିଲି । କିନ୍ତୁ ହେଲେ କ'ଣ ହେବ, ମୋର ପଳିବା କାମ ଦେଲା ନାହିଁ : ନରକ ଭଳି ସେ ବନ୍ଦୀ ଶିବିରଟାଠାରୁ ଅନେକ ଦୂରକୁ ଚାଲି ଯାଇଥିଲି, କିନ୍ତୁ ଚାରି ଦିନ ଦିନ ସେମାନେ ମୋତେ ଧରି ପକାଇଲେ । ରକ୍ତମୁଖା କୁକୁରଗୁଡ଼ାକୁ ଲଗାଇ ଦେଇଥିଲେ ମୋ ପଛରେ । ଗୋଟାଏ ଅକଟା ଯଅ କିଆରୀରେ ସେମାନେ ମୋତେ ବରାଣ୍ଡିବାରେ ଲାଗିଲେ ।

"ସେତେବେଳକୁ ଭୋର ହୋଇ ଯାଇଥାଏ, ଜଙ୍ଗଲଟା ପଡ଼ିବ ଯାଇ ପ୍ରାୟ ତିନି କିଲୋମିଟର ଦୂରରେ । ଦିନ ଆଲୁଅରେ ଖୋଲା ପଡ଼ିଆ ଉପର ଦେଇ ଯିବାକୁ ମୋତେ ଭୟ ଦେଲା । ତେଣୁ ଯଅ କିଆରୀରେ ଶୋଇ ରହି ସେ ଦିନଟା କଟାଇ ଦେଲି । ପାଚିଲା ଯଅକୁ ହାତ ପାପୁଲିରେ ଦଳି ପାଟିରେ ପକାଉଥାଏ ଏବଂ କିଛି ପକେଟ୍‌ରେ ଭରି ରଖୁଥାଏ ଭବିଷ୍ୟତ ପାଇଁ । ହଠାତ୍ ଶୁଣିବାକୁ ପାଇଲି କୁକୁରଗୁଡ଼ାକର ଡାକ ଆଉ ମୋଟର ସାଇକେଲର ଆବାଜ୍...। ଛାତି ଭିତରଟା ମୋର ଥରି ଉଠିଲା, ସେଗୁଡ଼ାକ ମୋ ଆଡ଼କୁ ଖେଦି ଆସୁଥାନ୍ତି । ଦୁଇ ହାତରେ ମୁହଁକୁ ଢାଙ୍କି ପେଟେଇ କି ପଡ଼ି ରହିଲି, ମୁହଁଟାକୁ ଅନ୍ତତଃ ସେମାନେ କାମୁଡ଼ି ନ ଦିଅନ୍ତୁ । କିନ୍ତୁ କୁକୁରଗୁଡ଼ାକ ଧାଇଁ ଆସି ମିନିଟକ ମଧ୍ୟରେ ମୋର କନାପଟା ଦିଖଣ୍ଡକୁ ଭିଣି ଟୁକୁରା ଟୁକୁରା କରି ଦେଲେ । ମା ପେଟରୁ ଯେମିତି ଲଙ୍ଗଳା ହୋଇ ଜନ୍ମିଥିଲି, ଠିକ୍ ସେଇ ଭଳି ଉଭା ଲଙ୍ଗଳା ହୋଇ ଗଲି । ଯଅ କିଆରୀଟା ମଝିରେ ମନଇଚ୍ଛା ସେମାନେ ମୋତେ ଝିଣିଝାଣି ଟଣା ଓଟରା କରିବାକୁ ଲାଗିଲେ । ଶେଷକୁ ଗୋଟାଏ ପ୍ରକାଣ୍ଡ କୁକୁର ଛାତି ଉପରେ ମୋର ତା ଆଗ ଗୋଡ଼ର ଥାବା ଦିଟାକୁ ଲଦି ଦେଇ ତଣ୍ଟିକୁ ମୋର ଚାହିଁ ରହିଲା । ତେବେ, ସଙ୍ଗେ ସଙ୍ଗେ କାମୁଡ଼ିଲା ନାହିଁ ।

"ଦୁଇଟା ମୋଟର ସାଇକେଲରେ ଦୁଇ ଜଣ ଜର୍ମାନ୍ ଆସି ପହଞ୍ଚି ଗଲେ । ପ୍ରଥମେ ସେମାନେ ମନଇଚ୍ଛା ମୋତେ କୁନ୍ଦି ଗଲେ ଏବଂ ତା'ପରେ କୁକୁରଗୁଡ଼ାକୁ ଲଗାଇ ଦେଲେ । ଦେହରୁ ମୋର ମାଂସ ପୁଳା ପୁଳା ହୋଇ ବାହାରି ପଡ଼ିଲା । ତା'ପରେ ସେହି ଉଲଗ୍ନ ଆଉ ରକ୍ତାକ୍ତ ଅବସ୍ଥାରେ ମୋତେ ଶିବିରକୁ ଫେରାଇ ନେଲେ । ପଳାଇ



ଯାଇଥିବା ଅପରାଧ ହେତୁ ମାସେ କାଳ ମୋତେ ଏକଲା ଅଟକ ରଖାଗଲା, ତେବେ ପ୍ରାଣଟା ଗଲା ନାହିଁ...। କୌଣସିମତେ ବଞ୍ଚି ଗଲି !..

"ଭାଇ, ବନ୍ଦୀ ଶିବିରରେ ଯାହାସବୁ ଭୋଗିବାକୁ ହୋଇଛି, ସେସବୁ ଭାବିବାକୁ କଷ୍ଟ ଲାଗେ, କହିବା ତ ଆଉରି ଦୂରର କଥା । ଜର୍ମାନୀରେ ଆମ ଉପରେ ଯେଉଁସବୁ ଅମାନୁଷିକ ଅତ୍ୟାଚାର ହୋଇଛି ଏବଂ ସେହି ବନ୍ଦୀ ଶିବିରରେ ମୋର ସାଥୀମାନେ ଯେଉଁସବୁ ଅକଥ୍ୟ ଦୁଃଖ ଯାତନା ଭୋଗି ପ୍ରାଣତ୍ୟାଗ କରିଛନ୍ତି, ସେସବୁ ମନେ ପଡ଼ି ଗଲେ – ହୃତ୍‌ପିଣ୍ଡଟା ମୋର ତଣ୍ଟି ପାଖରେ ଲାଗିଯାଏ, ନିଶ୍ୱାସ ବନ୍ଦ ହୋଇ ଆସେ ...।

"ବନ୍ଦୀ ଅବସ୍ଥାରେ ଦୁଇ ବର୍ଷ କାଳ ସେମାନେ ଆମକୁ କ'ଣ ନ କରିଛନ୍ତି ! ଜର୍ମାନୀର ଅର୍ଦ୍ଧେକ ଜାଗା ପ୍ରାୟ ମୋତେ ବୁଲିବାକୁ ପଡ଼ିଛି : ସାକ୍‌ସୋନିଆରେ ଥିଲି, ଖଟୁଥିଲି ଏକ ସିଲିକେଟ୍ କାରଖାନାରେ, ରୁର୍ ଇଲାକାରେ ବି ରହି କୋଇଲା ଖଣିରୁ କୋଇଲା ତୋଳିଛି, ବାଭାରିଆରେ ମାଟି ଖୋଳି ଖୋଳି ପିଠି ବାଙ୍କି ଯାଇଛି। ଟ୍ୟୁରିଙ୍ଗିଆରେ ବି କିଛି ଦିନ କଟାଇବାକୁ ପଡ଼ିଥିଲା । ଜର୍ମାନୀର କେଉଁ ଅଞ୍ଚଳରେ ମୋ ପାଦ ପଡ଼ି ନି, ସେ କଥା ସଇତାନକୁ ହିଁ ଜଣା । ଜର୍ମାନୀର ବିଭିନ୍ନ ସ୍ଥାନରେ ଦେଖିଛି ଭିନ୍ନ ଭିନ୍ନ ପ୍ରାକୃତିକ ଦୃଶ୍ୟ, କିନ୍ତୁ ପ୍ରତ୍ୟେକ ସ୍ଥାନରେ ସେମାନେ ଆମ ଲୋକଙ୍କୁ ଯେପରି ପିଟିଛନ୍ତି, ଗୁଳି କରି ମାରିଛନ୍ତି, ସେ ଦୃଶ୍ୟଟା ସର୍ବତ୍ର ସମାନ ଥିଲା । ସେ ସଇତାନ ନର୍କକୀଟଗୁଡ଼ାକ ଆମକୁ ଯେପରି ପିଟୁଥିଲେ, ଆମ ଏଠି କେହି ଗୋଟାଏ ପଶୁକୁ ବି ସେପରି ପିଟିବ ନାହିଁ, ଭାଇ ! ବିଧା ମାରୁଥିଲେ, ଗୋଇଠା ମାରୁଥିଲେ, ରବର ବେତରେ ପିଟୁଥିଲେ । ହାତ ପାହାନ୍ତାରେ ଲୁହାର ଯାହା କିଛି ପଡ଼ୁଥିଲା, ସେସବୁରେ ବାଡ଼ାଉଥିଲେ ସେମାନେ । ବନ୍ଧୁକର ମୁନ ଆଉ ବାଡ଼ି କଥା କିଏ ପଚାରୁଛି !

"ସେମାନେ ଆମକୁ ପିଟୁଥିଲେ, କାରଣ, ଆମେ ଥିଲୁ ରୁଷିଆର ଲୋକ, ଆମେ ଜୀଇଥିଲୁ ଏବଂ ସେମାନଙ୍କ ପାଇଁ କାମ କରୁଥିଲୁ ବୋଲି। ସେମାନେ ପିଟୁଥିଲେ, ଆମ ଚାହିଁବାଟା ସେମାନଙ୍କ ମନ ମୁତାବକ ହେଲା ନି, ଚାଲିବାଟା ମନକୁ ପାଇଲା ନି, ବୁଲିବାଟା ଠିକ୍ ହେଲା ନି

13*

ବୋଲି । ସେମାନେ ଏମିତି ପିଟୁଥିଲେ ପିଟି ପିଟି ଦିନେ ମାରି ପକାଇବେ ବୋଲି, ନିଜର ରକ୍ତ ନିଜ ଗଳାରେ ଅଟକି ଯାଇ ନିଜେ ଆମେ ମରି ଯିବୁ ବୋଲି । ଆମ ସମସ୍ତଙ୍କୁ ପୋଡ଼ି ମାରିବା ପାଇଁ ଜର୍ମାନୀରେ ଗ୍ୟାସ୍ ଚୁଲୀ, ସମ୍ଭବତଃ, ଯଥେଷ୍ଟ ନଥିଲା ସେତେବେଳେ !

"ଆଉ ଖାଇବାଟା ବି ସବୁଠି ଥିଲା ସମାନ – ଯେଉଁଠି କି ଯାଇଛୁ, ସେଠି ଅଧା କରତଗୁଣ୍ଡମିଶା ଦେଢ଼ ଶହ ଏର୍ଙ୍ଗାମ ରୁଟି ଏବଂ ସାଲଗମ୍‌ସିଝା ଝୋଳ । ପିଇବା ପାଇଁ କେଉଁଠି ଗରମ ପାଣି ଦେଉଥିଲେ ତ କେଉଁଠି ଦେଉ ନଥିଲେ । ସେସବୁ ବେଶି ଆଉ କ'ଣ କହିବି, ତୁମେ ନିଜେ ଭାବିକି ଦେଖି ପାରିବ – ଲଢ଼ାଇ ଆଗରୁ ମୋର ଓଜନ ଥିଲା ଛୟାଅଶୀ କିଲୋଗ୍ରାମ ଏବଂ ଶରତ କାଳକୁ ତାହା ପଚାଶ କିଲୋଗ୍ରାମରେ ଆସି ରହିଲା । ଖାଲି ହାଡ଼ ଆଉ ଚମଡ଼ା – ସେଇ ହାଡ଼ କେଇ ଖଣ୍ଡକୁ ବି ବହିବା ପାଇଁ ମୋର ବଳ ପାଉନଥିଲା । ସେଇଥିରେ କାମ କରି ଯିବାକୁ ହେବ, ଉଁ ଚୁଁ କଲେ ଚଳିବ ନାହିଁ, ସେ ପୁଣି କି କାମ, ଘୋଡ଼ାର ଗାଡ଼ିଟଣାକୁ ବଳି ପଡ଼ିବ ।

"ସେପ୍‌ଟେମ୍ବର ମାସ ଆରମ୍ଭରେ ଆମ ଶହେ ବୟାଳିଶ ଜଣ ସୋଭିଏତ୍ ଯୁଦ୍ଧ ବନ୍ଦୀଙ୍କୁ ଜର୍ମାନୀର କ୍ୟୁସ୍‌ଟ୍ରିନ୍ ସହର ନିକଟବର୍ତ୍ତୀ ବନ୍ଦୀ ଶିବିରରୁ ପଠାଇ ଦିଆଗଲା ଭି-୧୪ ନମ୍ବର ଶିବିରକୁ । ଡ୍ରେସ୍‌ଡେନ୍‌ଠାରୁ ଜାଗାଟା ଖୁବ୍ ବେଶି ଦୂର ନୁହଁ । ସେତେବେଳେ ସେଠି ପ୍ରାୟ ଦୁଇ ହଜାର ଖଣ୍ଡ ବନ୍ଦୀ ରହୁଥାନ୍ତି । ଆମ ସମସ୍ତଙ୍କୁ କାମ କରିବାକୁ ପଡ଼ୁଥିଲା ପଥର ଖଣିରେ, ହତିଆର ନଥାଏ, ଖାଲି ହାତରେ ଜର୍ମାନ୍ ପଥର ଭାଙ୍ଗୁଥିଲୁ, ଖୁଆଡିଆରି କରୁଥିଲୁ । ଲୋକପିଛା ଦିନକୁ ଚାରି ଘନ ମିଟର ପଥର କାଟି ଭାଙ୍ଗିବାକୁ ପଡ଼ୁଥିଲା । ତୁମେ ଚିନ୍ତା କରି ପାରୁଛ, ଯେଉଁମାନେ ଏସବୁ କରୁଥିଲେ, ସେମାନେ ଥିଲେ କଣ୍ଢାସାର, ପିଣ୍ଡରେ ପ୍ରାଣଟା କେବଳ ଲାଖି ରହିଲା ପରି ରହିଥିଲା । ଏହାର ପରିଣାମ ଯାହା ହେବାର କଥା ହେଲା – ଦୁଇ ମାସ ମଧ୍ୟରେ ଆମ ଶହେ ବୟାଳିଶ ଜଣଙ୍କ ମଧ୍ୟରୁ ମାତ୍ର ବଞ୍ଚିଥିଲେ ସତାବନ ଜଣ । କିଛି ଅନୁମାନ କରି ପାରୁଛ, ଭାଇ ? ଖୁବ୍ ଶକ୍ତ, ନା ? ନିଜ ଲୋକମାନଙ୍କୁ କବର ଦେବାକୁ ସମୟ ମିଳୁ ନଥାଏ । ଏତିକିବେଳେ ଶିବିରରେ ଗୁଜବ



ଉଠିଲା, ଜର୍ମାନ୍‌ମାନେ ଷ୍ଟାଲିନ୍‌ଗ୍ରାଡ୍ ଦଖଲ କରି ନେଇଛନ୍ତି, ସାଇବେରିଆ ଉପରେ ଚଢ଼ାଉ କରୁଛନ୍ତି । ଗୋଟାକ ପରେ ଗୋଟାଏ ଆଘାତ । ସେସବୁ ଆମକୁ ଏତେ ଦବାଇ ଦେଉଥିଲା ଯେ, ମାଟି ଉପରୁ ଆଖି ଟେକି ପାରୁ ନଥିଲୁ, ସତେ ଯେମିତି କହୁଥିଲୁ ସେହି ଜର୍ମାନ୍ ମାଟିରେ ମିଶି ଗଲେ ରକ୍ଷା ପାଇ ଯାଆନ୍ତୁ । ବନ୍ଦୀ ଶିବିର ପ୍ରହରୀମାନେ ତେଣେ ପ୍ରତିଦିନ ମଦ ପିଇ, ଚିତ୍କାର କରି ଗୀତ ଗାଉଥାନ୍ତି, ମତୁଆଲା ହୋଇ ନାଚୁଥାନ୍ତି ।

"ଦିନେ ସଞ୍ଜବେଳେ କାମରୁ ଆମେ ଶିବିରକୁ ଫେରିଥାଉ । ଦିନ ସାରା ବର୍ଷା ହେଉଥାଏ, ଏବଂ ଆମ କନାପଟା ଦିଖଣ୍ଡ ଭିଜି ଜଡ଼ସଡ଼ ହୋଇ ଯାଇଥାଏ । କନକନିଆ ହେମାଳ ପବନରେ ହାଡ଼ ଥରି ଉଠୁଥାଏ, ଠକ୍ ଠକ୍ କରୁଥାଏ ଦାନ୍ତସବୁ । କନାପଟା ଦିଖଣ୍ଡକୁ ଶୁଖାଇବାକୁ, ଦେହକୁ ଟିକେ ଉଷୁମ କରିବାକୁ ବି ଜାଗା ବକଟେ ନଥାଏ । ପ୍ରାଣ ବାହାରି ଗଲା ପରି କି ତାଠାରୁ ଆଉରି ଭୟଙ୍କର ଲାଗୁଥାଏ । ସେଥିରେ ପୁଣି ଆମକୁ ସଞ୍ଜକୁ କିଛି ଖାଇବାକୁ ଦିଆଯାଉ ନଥାଏ ।

"ଦେହରୁ ଓଦା କନାପଟା ଦିଖଣ୍ଡ ଖୋଲି ଶୋଇବା ଭାଡ଼ି ଉପରକୁ ଫିଙ୍ଗି ଦେଇ କହିଲି, 'ସେମାନେ ଚାହାନ୍ତି ପ୍ରତିଦିନ ଆମେ ଚାରି ଘନ ମିଟର କରି ଖୋଳିବାକୁ, କିନ୍ତୁ ଆମ ଭିତରୁ ପ୍ରତ୍ୟେକଙ୍କୁ କବର ଦେବା ପାଇଁ ତ ଗୋଟିଏ ଲେଖାଏ ଘନ ମିଟର ଯଥେଷ୍ଟ ହେବ ।' ବାସ୍, ଏତିକି ମୋ ପାଟିରୁ ବାହାରିଛି କି ନାହିଁ, ଆମ ଭିତରେ କେଉଁଠି ଗୋଟାଏ ନୁଙ୍ଗୁଡ଼ା କୁତା ଥିଲା, ମୋର ସେ କଡ଼ା କଥା ଦିପଦକୁ ଯାଇ ଫୋଡ଼ି ଦେଲା ଶିବିର କମାଣ୍ଡାଣ୍ଟ କାନରେ ।

"ଶିବିର କମାଣ୍ଡାଣ୍ଟକୁ ସେମାନେ ଶିବିରର ଫ୍ୟୁରେର୍ ବୋଲି କହୁଥିଲେ, ଲୋକଟା ଥିଲା ଜର୍ମାନ୍, ନାଁ ତା'ର ମ୍ୟୁଲେର୍ । ବେଶି ଲମ୍ବା ନୁହଁ, ବଳିଲା ଭଳି ଦେହ । ଝୋଟ ଭଳି ମୁଣ୍ଡରେ ଜେରାଏନାକୁ ବାଳ – ପୂରା ମଣିଷଟା ଯେମିତି ଧୋବାଘରୁ ଧୂଳେଇ ହୋଇ ଆସିଛି । ତା ମୁଣ୍ଡ ଆଉ ଭ୍ରୂରର ବାଳ ଏପରିକି ଡିମାଡିମା ଆଖି ଦିଟା ବି ଫିକାଳିଆ ଦିଶୁଥିଲା । ତୁମ ମୋ ଭଳି ରୁଷ୍ ଭାଷାରେ କଥା କହୁଥାଏ

ସେ । ଏମିତି କି ଉଚ୍ଚାରଣରେ ତା'ର ଭଲ୍‌ଗା ଅଞ୍ଚଳର ପ୍ରଭାବ ଥାଏ, ସତେ ଯେମିତି ସେଇ ଅଞ୍ଚଳରେ ସେ ଜନ୍ମିଛି ଆଉ ବଢ଼ିଛି । ଗାଳି ଗୁଲଜ କରିବାରେ ଲୋକଟା ଥିଲା ଭୟଙ୍କର ଓସ୍ତାଦ । ଶଳା ବେଜନ୍ମାଟା ସେସବୁ କେଉଁଠୁ ଶିଖିଥିଲା କେଜାଣି ?

ବନ୍ଦୀ ଶିବିରକୁ ସେମାନେ ବ୍ଲକ ବୋଲି କହୁଥିଲେ, ଏବଂ ସେହି ବ୍ଲକ ସାମ୍ନାରେ ସେ ଆମକୁ ଧାଡ଼ି କରି ଛିଡ଼ା କରାଇ ଦେଉଥିଲା । ଜର୍ମାନ୍ ସୈନ୍ୟମାନଙ୍କ ବେଢ଼ ଭିତରେ ଡାହାଣ ହାତଟାକୁ ବାଗେଇ କି ଗୋଟିଏ ଧାଡ଼ିରୁ ଅନ୍ୟ ଧାଡ଼ିକୁ ଯାଉଥିଲା ସେ । ହାତରେ ପିନ୍ଧୁଥିଲା ଚମଡ଼ାର ଦସ୍ତାନା, ଏବଂ ଦସ୍ତାନା ତଳେ ଥିଲା ସୀସାର ପଟି, ଫଳରେ, ତା ଆଙ୍ଗୁଳିକୁ ଚପଟ ଲାଗୁ ନଥିଲା । ଧାଡ଼ିର ସାମ୍ନାରେ ସେ ଯାଉଥିଲା ଏବଂ ଜଣକ ଛଡ଼ା ଜଣକ ନାକରେ ଭୁଷି ମାରି ଲହୁ ଲୁଆଣ କରି ଦେଉଥିଲା । ଏହାକୁ ସେ କହୁଥିଲା 'ଇନ୍‌ଫ୍ଲୁଏଞ୍ଜାର ଟିକା' ବୋଲି । ଏଟା ଦିନ ଅଧକର କଥା ନୁହଁ, ପ୍ରତିଦିନ ଚାଲିଥିଲା । ବନ୍ଦୀ ଶିବିରରେ ଥିଲା ଚାରିଟା ବ୍ଲକ, ଏବଂ ସେ ଏହି 'ଟିକା' ଦେବା କାମଟା କରୁଥିଲା ଆଜି ଏ ବ୍ଲକରେ ତ କାଲି ସେ ବ୍ଲକରେ – ପାଳି କରି । ଶଳା ଛୋକାରଟା ଥିଲା ପକ୍କା ଗୋଟାଏ ହାରାମି, ଦିନେ ହେଲେ ଛୁଟି ନେଉ ନଥିଲା । କିନ୍ତୁ ବୋକାଟା ବୁଝି ପାରୁ ନଥିଲା ଗୋଟାଏ କଥା – ତା ଗସ୍ତ ଆରମ୍ଭ କରିବା ଆଗରୁ ସାମ୍ନାରେ ଆସି ଛିଡ଼ା ହୋଇ ଯାଉଥିଲା ଏବଂ ନିଜକୁ ପ୍ରସ୍ତୁତ କରିବା ପାଇଁ ଗାଳି ଗୁଲଜ ଆରମ୍ଭ କରି ଦେଉଥିଲା । ଗାଳି ଗୁଲଜ କରୁଥିଲା ମାନେ ତା ମନ ଭରି ଗାଳି ଗୁଲଜ କରୁଥିଲା, ଆଉ ତୁମେ ବିଶ୍ୱାସ କରିବ ନି, ଭାଇ, ସେସବୁ ଶୁଣି ଆମ ମନଟା ଟିକେ ଉଲ୍ଲସି ଉଠୁଥିଲା । କଥାଗୁଡ଼ିକ ତା'ର ଠିକ୍ ଆମରି କଥା ପରି ଶୁଭୁଥିଲା, ଏବଂ ମନେ ହେଉଥିଲା, ଆମ ମୁଲକରୁ ଦମକାଏ ହାଉଆ ସତେ ଯେମିତି ବହି ଆସୁଛି...। କିନ୍ତୁ ମୁଁ ଭାବୁଛି, ସେ ଯଦି ଜାଣି ପାରିଥାନ୍ତା ଯେ, ତା'ର ସେ ଗାଳି ଫଜିତ ଆମକୁ ଆନନ୍ଦ ଦେଉଛି, ତେବେ ସେ ରୁଷ୍ ଭାଷାରେ ନକହି ତା ନିଜ ଭାଷାରେ କହୁଥାନ୍ତା । ତା, ଗାଳି ଶୁଣି ମୋର ଜଣେ ମସ୍କୋବାସୀ ସାଥୀ ତା' ଉପରେ ଖୁବ୍ ଖପା ହୋଇ ଯାଉଥିଲା, କହୁଥିଲା, 'ସେ ଯେତେବେଳେ



ଗାଳି ବର୍ଷଣ କରେ, ମୁଁ ଆଖି ବୁଜି ଦିଏଁ, ମୋତେ ଲାଗେ ମସ୍କୋର କୌଣସି ଏକ ବିୟରଶାଳାରେ ମୁଁ ବସିଛି । ସେତେବେଳେ ମନଟା ମୋର ଗ୍ଲାସେ ବିୟର ପାଇଁ ପାଗଳ ହୋଇ ଉଠେ ।'

"ହଁ, ଯେଉଁ ଦିନ ମୁଁ ସେ ଘନ ମିଟର ମାଟି କଥା କହିଥିଲି ନା, ତା ପର ଦିନ ସେ କମାଣ୍ଡାଣ୍ଟଟା ମୋତେ ଡାକି ପଠାଇଲା । ସଞ୍ଜ ବେଳକୁ ଦୁଇଟା ସିପାହୀ ସାଙ୍ଗରେ ଗୋଟାଏ ଦୋଭାଷୀ ଆସି ଆମ ଛାଉଣିରେ ହାଜିର୍ । ସେମାନେ ଡାକିଲେ, 'ଆନ୍ଦ୍ରେଇ ସକଲୋଭ୍ କିଏ?' କହିଲି, 'ମୁଁ' । 'ଚାଲ, ଜଲ୍‌ଦି ଚାଲ ! ଶିବିରର ହେର୍ ଫ୍ୟୁରେର୍ ଖୋଦ୍ ଡାକି ପଠାଇଛନ୍ତି ।' ଡାକିବାର କାରଣଟା ମୁଁ ଅନୁମାନ କରି ପାରିଲି । ସାଥୀମାନଙ୍କଠାରୁ ବିଦାୟ ନେଇ ଦୀର୍ଘ ନିଶ୍ୱାସ ପକାଇ ଚାଲିଲି । ସେମାନେ ସମସ୍ତେ ଜାଣିଥିଲେ ଯେ, ମୁଁ ମରିବାକୁ ଯାଉଛି ।

"ଛାଉଣିର ଆଗ ଦେଇ ଗଲା ବେଳେ ତାରାମାନଙ୍କ ଆଡ଼କୁ ଚାହିଁ ସେମାନଙ୍କଠାରୁ ଶେଷ ବିଦାୟ ନେଲି ଏବଂ ଭାବିଲି, 'ଏଥର ତୋର ଦୁଃଖ ଯନ୍ତ୍ରଣାର ଅବସାନ ହେବ, ଆନ୍ଦ୍ରେଇ ସକଲୋଭ୍, ତିନିଶ ଏକତିରିଶ ନମ୍ବର !' ଏହି ସମୟରେ ଇରିନା ଆଉ ପିଲାମାନଙ୍କ ପାଇଁ ମନଟା ମୋର ଭାରୀ ହୋଇ ଉଠିଲା । କିନ୍ତୁ ଦୁଃଖଟାକୁ କ୍ରମଶଃ ସମ୍ଭାଳି ବୁକୁରେ ସାହସ ବାନ୍ଧିଲି, ଜଣେ ସୈନିକ ଭଳି ପିସ୍ତଲର ମୁହଁକୁ ଅବିଚଳ ଭାବେ ଚାହିଁ ରହିବା ପାଇଁ, ପ୍ରାଣ ହରାଇଲା ବେଳେ ଯେତେ କଷ୍ଟ ହେଲେ ବି, ଶେଷ ମୁହୂର୍ତ୍ତରେ ଶତ୍ରୁ ଯେପରି ସେସବୁ ଦେଖି ନପାରେ ...।

"କମାଣ୍ଡାଣ୍ଟର କୋଠରୀଟା ଖୁବ୍ ଫିଟ୍‌ଫାଟ୍, ଝରକା ପିଣ୍ଡିରେ ଫୁଲସବୁ ସଜ୍ଜା ହୋଇଥାଏ – ମନେ ହେଉଥାଏ, ଆମ ଦେଶର ଭଲ ଏକ କ୍ଲବ ଘର ଭଳି । ଟେବୁଲକୁ ଘେରି ବସିଥାନ୍ତି ଶିବିରର ପାଞ୍ଚ ଜଣ ଯାକ ଅଫିସର । ସ୍ନାପ୍‌ସ ମଦ ପିଉଥାନ୍ତି ଏବଂ ଘୁଷୁରି ଚର୍ବି ଚୋବାଉଥାନ୍ତି । ଟେବୁଲ ଉପରେ ସ୍ନାପ୍‌ସର ଖୋଲା ବଡ଼ ଏକ ବୋତଲ୍ – ରୁଟି, ଚର୍ବି, ସିଝା ସେଓ ଓ ଟିଣରେ ଥିବା ନାନା ରକମର ଖାଦ୍ୟ । ସେସବୁ ଉପରେ ଆଖି ଥରେ ବୁଲାଇ ଆଣିଲା କ୍ଷଣି, ତମେ ବିଶ୍ୱାସ କରିବ ନାହିଁ, ପେଟ ଭିତରୁ ମୋର ଅଇ ଉଠି ଆସିଲା, ଆଉ

ଚିଲେକେ ମୁଁ ବାନ୍ତି କରି ପକାଇଥାନ୍ତି । ପେଟରେ ମୋର ସେତେବେଳେ ହେଟାବାଘ ଭଳି କ୍ଷୁଧା – ମଣିଷ ଭଳି ଖାଇବା ଅଭ୍ୟାସ ତ ଅନେକ ଦିନରୁ ଭୁଲି ଯାଇଥିଲି, ହଠାତ୍‌କିନା ଆଗରେ ମୋର ଏହିସବୁ ଭୂରିଭୋଜନର ସାମଗ୍ରୀ...।

"କୌଣସି ପ୍ରକାରେ ଅଇଟାକୁ ଦବାଇ ଦେଲି ସତ, କିନ୍ତୁ ଟେବୁଲ ଉପରୁ ଦୃଷ୍ଟି ଫେରାଇ ଦେବାକୁ ଖୁବ୍ କଷ୍ଟ ହୋଇଥିଲା ।

"ସାମ୍ନାକୁ ମୋର ବସିଥିଲା ଅଧା ମାତାଲ ମ୍ୟୁଲେର୍, ପିସ୍ତଲଟାକୁ ଏ ହାତ ସେ ହାତ କରି ଖେଳୁଥାଏ । ମୋ ଆଡ଼କୁ ସାପ ଭଳି ଅନାଇ କି ରହିଛି, ଆଖିରେ ତା'ର ପଲକ ପଡ଼ୁ ନି । ମୁଁ ସହଜ ଭାବେ, ଚଳ ଚିଣ୍ଡା ଜୋତାଟାକୁ ଖଡ଼୍‌କିନା କରି ଆଟେନ୍‌ସନ ଭଙ୍ଗୀରେ ରିପୋର୍ଟ କଲି, 'ହେର୍ କମାଣ୍ଡାଣ୍ଟ, ଯୁଦ୍ଧ ବନ୍ଦୀ ଆନ୍ଦ୍ରେଇ ସକଲୋଭ୍ ଆପଣଙ୍କ ହୁକୁମ ଅନୁଯାୟୀ ହାଜିର୍!' ସେ କହିଲା, 'କିରେ, ରୁଷ୍ ଇଭାନ୍, ଚାରି ଘନ ମିଟର କାମଟା ତୋ ପାଇଁ ବେଶି ହୋଇ ଯାଉଛି, ନା?' ମୁଁ ଜବାବ ଦେଲି, 'ହଁ, ହଜୁର, ହେର୍ କମାଣ୍ଡାଣ୍ଟ, ଖୁବ୍ ବେଶି ହେଉଛି ।' 'ଗୋଟାଏ ଘନ ମିଟର ତୋ କବର ପାଇଁ ଯଥେଷ୍ଟ, ନା?' 'ହଁ, ହେର୍ କମାଣ୍ଡାଣ୍ଟ, ଯଥେଷ୍ଟ ହୋଇ ଆଉରି କିଛି ବଳି ପାରେ ବରଂ ।'

"ସେ ସଙ୍ଗେ ସଙ୍ଗେ ଛିଡ଼ା ହୋଇ ପଡ଼ି କହିଲା, 'ତୋତେ ଆଜି ମୁଁ ବହୁତ ସମ୍ମାନ ଦେବି । ତୋର ଏହି କଥା ପାଇଁ ତୋତେ ନିଜ ହାତରେ ଗୁଳି କରି ମାରିବି । କିନ୍ତୁ ଏଠି କାଗାଟା ଅସନା ହେବ, ଚାଲ, ବାହାରକୁ ଚାଲ, ସେଇଠି ମରିବାକୁ ଆରାମ ଲାଗିବ ।' କହିଲି, 'ଆପଣଙ୍କର ଯେମିତି ଇଚ୍ଛା ।' ସେ ଟିକିଏ ଛିଡ଼ା ହୋଇ ଯାଇ କ'ଣ ଭାବି ପିସ୍ତଲଟାକୁ ଟେବୁଲ ଉପରେ ରଖି ଦେଲା ଏବଂ ଗ୍ଲାସରେ ଗ୍ଲାସେ ମଦ ଢାଳିଲା, ରୁଟି ଖଣ୍ଡକରେ ଟକୁରାଏ ଚର୍ବି ରଖି ବଢ଼ାଇ ଦେଲା ମୋ ଆଡ଼କୁ । କହିଲା, 'ରୁଷ୍ ଇଭାନ୍, ମରିବା ଆଗରୁ ଜର୍ମାନ୍ ସେନାର ବିଜୟ ପାଇଁ ପିଇ ଦିଏ ଏତକ ।'

"ହାତକୁ ତା'ର ମଦର ଗ୍ଲାସ ଆଉ ରୁଟିଟାକୁ ନେବାକୁ ଯାଉଥିଲି, କିନ୍ତୁ ତା' କଥାଟା ଶୁଣିଲା କ୍ଷଣି, ଭିତରେ ମୋର ଗୁଣ୍ଡିକିନା



କ'ଣ ଗୋଟାଏ ଲାଗି ଗଲା! ଭାବିଲି, 'ମୁଁ ରୁଷ୍ ସୈନିକ, ଜର୍ମାନ୍ ସେନାର ବିଜୟ ପାଇଁ ପୁଣି ମଦ ପାନ କରିବି?! ତୋର ତ କମ୍ ସାଥକ ନୁହଁରେ, ହେର୍ କମାଣ୍ଡାଣ୍ଟ? ମୋତେ ତ ମରିବାକୁ ହେବ, ତୁ ଆଉ ତୋର ଏ ମଦକୁ ଧିକ୍!'

"ଗ୍ଲାସ ଆଉ ରୁଟିକୁ ଟେବୁଲ ଉପରେ ରଖି ଦେଲି ଏବଂ କହିଲି, 'ଆପଣଙ୍କ ଆତିଥ୍ୟ ପାଇଁ ଧନ୍ୟବାଦ, ମଦ ପିଏ ନା ମୁଁ ।' କମାଣ୍ଡାଣ୍ଟ ହସିଲା, 'ଆମ ବିଜୟ ପାଇଁ ପିଇବାକୁ ଚାହୁଁ ନୁ ତ? ତେବେ ନିଜର ମୃତ୍ୟୁ ପାଇଁ ପିଇ ଦିଏ ।' ସେଥିରେ ମୋର ହରାଇବାର କ'ଣ ଥିଲା? 'ନିଜର ମୃତ୍ୟୁ ଆଉ ଯନ୍ତ୍ରଣାରୁ ନିଷ୍କୃତି ପାଇଁ ପିଉଛି' ବୋଲି କହି ଗ୍ଲାସଟାକୁ ଦି ଢୋକରେ ଶେଷ କରି ଦେଲି । ରୁଟିଟାକୁ କିନ୍ତୁ ଛୁଇଁଲି ନାହିଁ, ହାତରେ ଓଠକୁ ଆସ୍ତେ କରି ପୋଛି ଦେଇ କହିଲି, 'ଆତିଥ୍ୟ ପାଇଁ ଧନ୍ୟବାଦ, ଏଥର ମୁଁ ପ୍ରସ୍ତୁତ, ହେର୍ କମାଣ୍ଡାଣ୍ଟ, ଆପଣ ଏବେ ମୋତେ ଗୁଳି କରି ମାରି ପାରନ୍ତି ।'

"ସେ କିନ୍ତୁ ମୋତେ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହି କହିଲା, 'ମରିବା ଆଗରୁ ରୁଟି ଖଣ୍ଡକ ଅନ୍ତତଃ ଖାଇ ଦେ ।' ମୁଁ ଉତ୍ତର ଦେଲି, 'ପ୍ରଥମ ଗ୍ଲାସ ପରେ ମୁଁ କିଛି ଖାଏ ନା ।' ସେ ସଙ୍ଗେ ସଙ୍ଗେ ଆଉ ଗ୍ଲାସେ ଢାଳି ଦେଇ ମୋ ଆଡ଼କୁ ବଢ଼ାଇ ଦେଲା । ମୁଁ ସେ ଗ୍ଲାସତକ ବି ପିଇ ଦେଲି । କିନ୍ତୁ ରୁଟି ଛୁଇଁଲି ନାହିଁ । ସାହସ ଉପରେ ସବୁ କିଛି ଭରସା ରଖି, ଭାବିଲି, 'ବାହାରକୁ ଯିବା ଆଗରୁ, ଜୀବନ ନିକଟରୁ ମେଲାଣି ନେବା ଆଗରୁ ମାତାଲ ହୋଇ କି ଯିବି ।' କମାଣ୍ଡାଣ୍ଟ ତା'ର ସେ ଫିକା ଭ୍ରୂରୁ ହଳକ କପାଳକୁ ଟେକି ଦେଇ କହିଲା, 'ଖାଉ ନାହୁଁ କାହିଁକି, ରୁଷ୍ ଇଭାନ୍? ଲଜ୍ଜା କର ନା!' ମୁଁ ମୋ କଥାରେ ଅବିଚଳ ରହିଥାଏ, 'ମାଫ୍ କରିବେ, ହେର୍ କମାଣ୍ଡାଣ୍ଟ, ଦୁଇ ଗ୍ଲାସ ପରେ ବି ମୋର ଖାଇବାର ଅଭ୍ୟାସ ନାହିଁ ।' ଗାଲ ଦିଟାକୁ ଫୁଲାଇ ଘୁତ୍ ଘୁତ୍ କରି ଠୋ ଠୋ ହସି ଉଠିଲା କମାଣ୍ଡାଣ୍ଟ ଏବଂ ହସୁ ହସୁ ଜର୍ମାନ୍ ଭାଷାରେ ତରତରରେ କ'ଣଗୁଡ଼ାଏ କହି ଗଲା, ସମ୍ଭବତଃ, ମୋ କଥାଗୁଡ଼ିକୁ ଜର୍ମାନ୍ ଭାଷାରେ ଅନୁବାଦ କରି ସେ କହୁଥିଲା । ସେମାନେ ସମସ୍ତେ ହସି ଉଠିଲେ ଏବଂ ଚିଆର ସବୁକୁ ପଛକୁ ଠେଲଠେଲି କରି

ମୋ ଆଡ଼କୁ ମୁହଁ ବୁଲାଇ ଚାହିଁଲେ । ଦେଖିଲି, ଏଥର ସେମାନଙ୍କ ଚାହାଣୀରେ ଗୋଟାଏ ଅଲଗା ଭାବ ଫୁଟି ଉଠିଛି – କେମିତି ଟିକିଏ ନରମ ନରମ ଭାବ ।

"କମାଣ୍ଡାଣ୍ଟ ମୋ ପାଇଁ ତୃତୀୟ ଥର ଗ୍ଲାସରେ ମଦ ଢାଳିଲା, ଏତେ ସେ ହସୁଥାଏ ଯେ, ହାତଟା ତା'ର କଂପି ଉଠୁଥାଏ । ଧୀରେ ଧୀରେ ସେ ଗ୍ଲାସଟକ ପିଇ ଦେଲି ଆଉ ରୁଟିରୁ ଟିକିଏ ପାଟିକୁ ନେଇ ବାକିତକ ରଖି ଦେଲି ଟେବୁଲ ଉପରେ । ସେ ବେଜନ୍ମାଗୁଡ଼ାକୁ ଦେଖାଇ ଦେବାକୁ ଚାହୁଁଥିଲି, ଭୋକରେ ହଂସା ଉଡ଼ି ଯାଉଥିଲେ ବି, ସେମାନେ ମୋ ଆଗକୁ ଯେଉଁ ଟୁକୁରା ଫିଙ୍ଗି ଦେଉଥିଲେ, ତା'କୁ ମୁହଁରେ ଦେବି ନାହିଁ । ମୋର ତ ପୁଣି ଗୋଟାଏ ରୁଷୀୟ ମାନ ମର୍ଯ୍ୟାଦା ଅଛି, ଯେତେ ଚେଷ୍ଟା କଲେ ବି, ସେମାନେ ମୋତେ ଜାନୁଆର କରି ପାରି ନାହାନ୍ତି !

"ତା'ପରେ କମାଣ୍ଡାଣ୍ଟର ମୁହଁଟା ଗମ୍ଭୀର ହୋଇ ଉଠିଲା । ଛାତି ଉପରର ଲୁହାର କ୍ରୁଶ ଯୋଡ଼ିକୁ ସଜାଡ଼ି ନେଇ ବିନା ପିସ୍ତଲରେ ଟେବୁଲ ଆଗକୁ ଚାଲି ଆସି କହିଲା, 'ଦେଖ, ସକଲେଭ୍, ତୁ ହେଉଛୁ ସଚ୍ଚା ରୁଷ୍ ସୈନିକ, ସାହସୀ ସୈନିକ । ମୁଁ ବି ଜଣେ ସୈନିକ – ଯୋଗ୍ୟ ଶତ୍ରୁକୁ ମୁଁ ସମ୍ମାନ କରେ । ତୋତେ ମାରିବି ନାହିଁ । ତା'ଛଡ଼ା ଆମର ଦୁର୍ଦ୍ଧର୍ଷ ବାହାଦୁର ସୈନ୍ୟମାନେ ଆଜି ଭଲ୍‌ଗା ନଦୀ କୂଳରେ ପହଞ୍ଚି ଯାଇଛନ୍ତି ଏବଂ ପୂରାପୂରି ଦଖଲ କରି ନେଇଛନ୍ତି ଷ୍ଟାଲିନ୍‌ଗ୍ରାଦକୁ । ଆମ ପାଇଁ ଏ ହେଉଛି ମହା ଆନନ୍ଦର କଥା, ତେଣୁ ଉଦାରତାର ସହିତ ତୋତେ ତୋ ଜୀବନ ଦାନ କରୁଛି । ଯା, ତୋ ବ୍ଲକକୁ ଫେରି ଯାଆ, ଆଉ ଏ ହେଉଛି ତୋ ସାହସିକତାର ପୁରସ୍କାର, ସାଥୀରେ ଯାକୁ ନେଇ ଯାଆ ।' ଏତକ କହି ଟେବୁଲ ଉପରୁ ଗୋଟାଏ ପାଉଁରୁଟି ମୋଟାଏ ଚର୍ବି ମୋ ହାତକୁ ବଢ଼ାଇ ଦେଲା ।

"ରୁଟିଟାକୁ କଷିକି ଛାତିରେ ଜାବୁଡ଼ି ଧରି ବାଆଁ ହାତରେ ଚର୍ବିତକ ଧରିଲି । ଘଟଣାର ଅଚାନକ ପରିବର୍ତ୍ତନ ମୋତେ ଏତେ ହତବମ୍ବ କରି ଦେଇଥିଲା ଯେ, ଧନ୍ୟବାଦଟାଏ ବି ଜଣାଇ ପାରିଲି ନାହିଁ । କେବଳ ବାଆଁକୁ ଘୂରି ଦୁଆର ଆଡ଼କୁ ଆଗଉ ଆଗଉ ମନେ



ମନେ ଭାବୁଥିଲି, 'ଏଇ ଥର ମୋ ପିଠିକୁ ଲକ୍ଷ୍ୟ କରି ଗୁଳି ଛାଡ଼ି ଦେବ, ରୁଟି ଆଉ ଚର୍ବିତକ ନେଇ ସାଥୀମାନଙ୍କ ପାଖରେ ପହଞ୍ଚିବା ହେବ ନାହିଁ ।' କିନ୍ତୁ କିଛି ହେଲା ନାହିଁ । ଏଥର ବି ମୃତ୍ୟୁଟା ମୋର ଦେହରେ ଘଷି ହୋଇ ଚାଲି ଗଲା, ତା'ର ବରଫଶୀତଳ ନିଶ୍ୱାସର ଛୁଆଁଟା ଖାଲି ଅନୁଭବ କଲି ... ।

"କମାଣ୍ଡାଣ୍ଟର କୋଠରୀରୁ ବାହାରିଲା ବେଳେ ପୂରା ସିଧା ହୋଇ ବାହାରିଥିଲି, କିନ୍ତୁ ବାହାରକୁ ଆସି ଏକେବାରେ ବେସମ୍ଭାଳ ହୋଇ ଆଗେଇଲି ଦୋହଲି ଦୋହଲି । ସେହି ଟଳମଳ ଅବସ୍ଥାରେ ଛାଉଣି ଭିତରକୁ ପଶି ଯାଇ ସିମେଣ୍ଟ ଚଟାଣଟା ଉପରେ ଭୁଷ୍‌କିନା ପଡ଼ି ଅଚେତ ହୋଇ ଗଲି । ତହିଁ ଆର ଦିନ ସିନ୍ଦୁରା ଫାଟିବା ଆଗରୁ ଅନ୍ଧାରୁଆ ଅନ୍ଧାରୁଆ ସାଥୀମାନେ ମୋତେ ସାଷ୍ଟମ କରି ପଚାରିଲେ, 'କ'ଣ ହେଲା ତୋର, କହ !' କମାଣ୍ଡାଣ୍ଟ ଅଫିସ୍‌ରେ ଯାହା ସବୁ ଘଟିଥିଲା, ମନେ ପକାଇ ସବୁ କହିଲି । 'ଏ ରୁଟି ଆଉ ଚର୍ବିତକ କେମିତି ବାଣ୍ଟିବୁ, କହ ?' ମୋ ପାଖ ଭାଡ଼ିର ଲୋକଟି ଥର ଥର ଗଳାରେ ପଚାରିଲା । କହିଲି, 'ସମସ୍ତଙ୍କ ଭାଗ ସମାନ ।'

''ସକାଳ ହେଲା ଯାଏ ଅପେକ୍ଷା କଲୁ ଏବଂ ତା'ପରେ ଖଣ୍ଡେ ମୋଟା ସୂତା ଖିଅରେ କାଟିଲୁ ରୁଟି ଆଉ ଚର୍ବିକୁ । ପ୍ରତ୍ୟେକଙ୍କ ଭାଗରେ ଡିଆସିଲି ବାକ୍‌ସ ଭଳି ଟୁକୁରାଏ ଲେଖା ରୁଟି, କଣାଟିଏ ବି ନଷ୍ଟ କରାଗଲା ନାହିଁ । ଆଉ ରହିଲା ଚର୍ବିତକ, ତା'କୁ ତ ଖାଇବା କଥା ନୁହଁ – ଓଠ ଚିକ୍କଣ କରିବା କଥା । ତଥାପି ତାକୁ ଏମିତି ଭାଗ କରାଗଲା ଯେ, କିଛି କା'ର ନାଲିଶ କରିବାର ନଥିଲା ।

"ଖୁବ୍ ଶୀଘ୍ର ଜର୍ମାନ୍‌ମାନେ ଆମ ଭିତରୁ ସବୁଠୁ ମଜବୁଦ୍ ଦେଖି ତିନି ଶହ ଖଣ୍ଡ ଲୋକଙ୍କୁ ଲଗାଇ ଦେଲେ ଗୋଟାଏ ଜଳାଜମିକୁ ଓଝାଳିବା କାମରେ । ତା'ପରେ ଆମକୁ ପଠାଗଲା ରୁର୍ ଅଞ୍ଚଳକୁ ଖଣିରେ କାମ କରିବା ପାଇଁ । ସେଠାରେ ମୁଁ ରହିଥିଲି ୧୯୪୪ ପର୍ଯ୍ୟନ୍ତ । ସେତେବେଳକୁ ଆମ ସୈନ୍ୟମାନେ ଜର୍ମାନ୍‌ମାନଙ୍କ ଅକଲକୁ କିଛି ପରିମାଣରେ ଗୁଡ଼ୁମ୍ କରି ଦେଇଥିଲେ, ଏବଂ ଆମ ବନ୍ଦୀମାନଙ୍କ ପ୍ରତି ଫାସିଷ୍ଟମାନଙ୍କ ନାକ ଟେକିବାଟା ବନ୍ଦ ହୋଇ ଯାଇଥିଲା ।

"ଦିନେ ଜର୍ମାନ୍‌ମାନେ ଆମ ଦିନ ସିଫ୍‌ଟରେ କାମ କରୁଥିବା ସବୁ ଲୋକଙ୍କୁ ଧାଡ଼ି କରି ଛିଡ଼ା କରାଇ ଦେଲେ । ପରିଦର୍ଶନରେ ଆସିଥିବା ଜଣେ କିଏ ଓବେର-ଲେଫ୍‌ଟନାଣ୍ଟ ଦୋଭାଷୀ ଜରିଆରେ କହିଲା, 'ତୁମ ଭିତରୁ ଯିଏ ଯୁଦ୍ଧରେ କିମ୍ବା ଯୁଦ୍ଧ ପୂର୍ବରୁ ମୋଟର ଡ୍ରାଇଭର କାମ କରୁଥିଲ – ଗୋଟିଏ କଦମ୍ ଆଗେଇ ଆସ !' ଆଗେଇ ଗଲୁ ଆମେ ସାତ ଜଣ ସରିକି ଲୋକ, ଆଗରୁ ଯିଏ ଡ୍ରାଇଭରି କରୁଥିଲୁ । ଆମ ଭିତରୁ କେତେକଙ୍କୁ ଜର୍ମାନ୍‌ମାନେ ପୁରୁଣା ଉପରପିନ୍ଧା ପ୍ୟାଣ୍ଟ କୁର୍ତ୍ତା ଦେଇ, ସୈନ୍ୟ ପହରା ଭିତରେ ପଟସ୍‌ଡାମ୍ ପଠାଇ ଦେଲେ ।

"ସେଠାରେ ପହଞ୍ଚିଲା ପରେ ଆମକୁ ଅଲଗା ଅଲଗା କରି ରଖାଗଲା । ମୋତେ ପଠାଗଲା 'ତଦ୍‌ତ'ରେ କାମ କରିବାକୁ । 'ତଦ୍‌ତ' ହେଉଛି ଜର୍ମାନ୍‌ର ସାମରିକ ରାସ୍ତା ଘାଟ ନିର୍ମାଣର ବାରିକ୍‌ମିସ୍ତ୍ରୀ ଦସ୍ତର ।

" 'ତଦ୍‌ତ'ର ଜଣେ ଜର୍ମାନ୍ ଇଞ୍ଜିନିୟର ମେଜରର 'ଓପେଲ-ଆଡ୍‌ମିରାଲ୍' ଗାଡ଼ି ଚଳାଇଲି । ଫାସିଷ୍ଟଟା ଯେ କି ମୋଟା ଥିଲା ! ଦେଖିବାକୁ ଠୁଣ୍ଟକା, ଅନ୍ତଲ ପେଟ, ଲମ୍ବ ଚଉଡ଼ା ସମାନ, ପିଠିଦିଟା ଯେମିତି ଖାନିକିର ପିଣ୍ଡ ଭଳି । ଆଗକୁ କଲର ଉପରେ ଥାକ ହୋଇ ତିନି ଥାକ ଥୋଡ଼ି ବାହାରି ଆସିଥାଏ, ଏବଂ ପିଠି ପଟେ ବେକ ଉପରେ ତିନିଟା ମୋଟା ଭାଙ୍ଗ ପଡ଼ିଥାଏ । ମୋର ଅନୁମାନ, ଦେହରେ ତା'ର ମହଣେ ଖଣ୍ଡ ଖାଣ୍ଟି ଚର୍ବି ଥିଲା । ଗ୍ଲଲିଲା ବେଳେ ଇଞ୍ଜିନ୍ ଭଳି ପାଟିରୁ ତା'ର ଭସ୍ ଭସ୍ କରି ଧୂଆଁ ବାହାରୁଥାଏ, ଏବଂ ଖାଇ ବସିଲା ବେଳେ ତା'କୁ ଦେଖିଲେ, ତମ ଆଖି ଖୋସି ହୋଇ ଯିବ ! ଦିନ ସାରା ପାଟି ଗ୍ଲଲିଥାଏ ଏବଂ ଫ୍ଲାସ୍କରୁ ଢୋକ ଢୋକ କରି ବ୍ରାଣ୍ଡି ପିଉଥାଏ । ମଝିରେ ମଝିରେ ମୋ ଭାଗ୍ୟରେ ବି ସେସବୁରୁ କିଛି ମିଳି ଯାଏ । ଯାଉଁ ଯାଉଁ ରାସ୍ତା କଡ଼ରେ ଗାଡ଼ି ଅଟକାଇ ସସେଜ ଆଉ ଛେନା କାଟି କାଟି ସେ ଖାଏ ଏବଂ ମଦ ପିଏ; ମିଜାଜ ଭଲ ଥିଲେ କୁକୁରକୁ ଦେଲା ଭଳି – ମୋ ଆଡ଼କୁ ଦୁଇ ତିନି ଟୁକୁରା ଫିଙ୍ଗି ଦିଏ । କିନ୍ତୁ କେବେହେଲେ ସେ ହାତରେ ମୋର ଦେଉନଥିଲା – ଭାବୁଥିଲା, ଏହା ଦ୍ୱାରା ତା'ର ସମ୍ମାନରେ ଆଞ୍ଚ ଆସିବ । ସେ ଯା ହେଉ ପଛେ, ବନ୍ଦୀ ଶିବିରର ଜୀବନ ସହିତ ଏ ଜୀବନର ତୁଳନା କରାଯାଇ ପାରେ ନା । କ୍ରମଶଃ



ମଣିଷ ଭଳି ଟିକେ ଦେଖାଗଲି, ହାଡ଼ ଉପରେ ଟିକେ ଟିକେ ମାଂସ ବି ଲାଗିଲା ।

"ଦୁଇ ସପ୍ତାହ ଖଣ୍ଡ ସେ ମେଜରକୁ ମୁଁ ପଟସ୍‌ଡାମ୍‌ରୁ ବର୍ଲିନ୍ ଏବଂ ବର୍ଲିନ୍‌ରୁ ପଟସ୍‌ଡାମ୍ ନେବା ଆଣିବା କଲି । ତା'ପରେ ମେଜର ବଦଳି ହୋଇ ଗଲା ଯୁଦ୍ଧ ଗ୍ଲଲିଥିବା ଅଞ୍ଚଳକୁ – ଆମ ବିରୁଦ୍ଧରେ ଗଡ଼ଖାଇ ତିଆରି କରିବା ପାଇଁ । ସେଠାରେ ନିଦ କ'ଣ, ଭୁଲି ଯିବାକୁ ପଡ଼ିଲା । ରାତି ସାରା ଖାଲି ଭାବୁଥାଏ, କିପରି ନିଜ ଦେଶକୁ, ନିଜ ଲୋକଙ୍କ ପାଖକୁ ପଳାଇ ଯିବି ।

"ପୋଲତ୍‌ସ୍କ ନାମକ ସହରକୁ ଆମେ ଆସିଲୁ । ଦୁଇ ବର୍ଷ ମଧ୍ୟରେ ସେ ଦିନ ଭୋର ବେଳା ପ୍ରଥମ କରି ଶୁଣିବାକୁ ପାଇଲି ଆମ କମାଣର ଆବାଜ୍ । ଛାତିଟା ମୋର କିମିତି ନାଚି ଉଠିଲା । ସତ କହୁଛି ଭାଇ, ବିବାହ ପୂର୍ବରୁ ଇରିନା ସାଙ୍ଗରେ ଦେଖା କରିବାକୁ ଗଲା ବେଳେ ସେପରି ବି ହୋଇ ନଥିଲା ! ଯୁଦ୍ଧ ସେତେବେଳେ ଗ୍ଲଲିଥିଲା ପୋଲତ୍‌ସ୍କର ପୂର୍ବରେ, ଅଠର କିଲୋମିଟର ଦୂରରେ । ସହରର ଜର୍ମାନ୍‌ମାନେ ଆଉରି ହିଂସ୍ର ଆଉରି ଭୟଭୀତ ହୋଇ ଉଠିଲେ, ଆଉ ମୋର ସେ ଅନ୍ତଲପେଟା ମେଜରଟା ଘନ ଘନ ସୁରା ଦେବୀଙ୍କ ସେବାରେ ଲାଗି ପଡ଼ିଲା । ଦିନ ବେଳେ ସହର ବାହାରେ ଏଣେ ତେଣେ ଗାଡ଼ିରେ ବୁଲି କେମିତି ଘାଟି ତିଆରି କରିବାକୁ ହେବ, ମେଜର ନିର୍ଦ୍ଦେଶ ଦେଉଥିଲା, ଏବଂ ରାତିରେ ଏକୁଟିଆ ବସି ମଦ ପିଇବାରେ ଲାଗୁଥିଲା । ମଦ ପିଇ ପିଇ ଚେହେରା ତା'ର ଫୁଲିବାକୁ ଲାଗିଲା, ଏବଂ ଆଖି ତଳର ଚମଡ଼ା ଥଲ ଥଲ ହୋଇ ଝୁଲି ପଡ଼ିଲା ...।

"ଭାବିଲି, 'ଆଉ ଡେରି କରି ଲାଭ ନାହିଁ, ଏଥର ମୋର ମଉକା ଆସି ଯାଇଛି ! କିନ୍ତୁ ଏକୁଟିଆ ଯିବି ନାହିଁ, ଅନ୍ତଲ ପେଟାକୁ ବି ସାଙ୍ଗରେ ନେଇ ଯିବି, ସେଠି କାମରେ ଲାଗିବ !'

"ଭଙ୍ଗାରୁଜା ଜିନିଷ ମଧ୍ୟରୁ ଗୋଟେ ଓଜନିଆ ଲୁହା ମୁଣ୍ଡା ମୋତେ ମିଳିଗଲା । ଛିଣ୍ଡା କନାରେ ସେଟାକୁ ଭଲ କରି ଗୁଡ଼ାଇ ଦେଲି, ଯେମିତି ସେଥିରେ ବାଡ଼େଇଲେ ରକ୍ତ ବାହାରିବ ନାହିଁ । ତା'ଛଡ଼ା ଗୋଟାଏ ଲମ୍ବା ଟେଲିଫୋନ୍ ତାର ବି ରାସ୍ତାରୁ ଉଠାଇ ନେଲି । ଆଉ

ଯାହା କିଛି ଦରକାର, ସବୁ ଯୋଗାଡ଼ କରି ରଖି ଦେଲି ଗାଡ଼ିର ସାମନା ସିଟ୍ ତଳେ ।

“ଜର୍ମାନ୍‌ରୁ ଯେଉଁ ଦିନ ବିଦାୟ ଜଣାଇ ପଳାଇ ଆସିଲି, ତା’ର ଦୁଇ ଦିନ ଆଗରୁ ସଞ୍ଜ ବେଳେ ଗାଡ଼ିରେ ତେଲ ପକାଇ ଫେରୁଥାଏ ପେଟ୍ରୋଲ ଟାଙ୍କିରୁ । ଦେଖିଲି, ଏକ ଜର୍ମାନ୍ ହାବିଲ ଦାର ମାତାଲ ଅବସ୍ଥାରେ ଦିଆଲକୁ ଧରି ଧରି ଯାଉଛି । ଗାଡ଼ିଟାକୁ ରୋକି ଦେଇ ଲୋକଟାକୁ ଘୋଷାରି ନେଲି ଗୋଟାଏ ଭଙ୍ଗା କୋଠା ଭିତରକୁ । ଦେହରୁ ତା’ର ବାହାର କରି ନେଲି ପୋଷାକ ଏବଂ ମୁଣ୍ଡରୁ ଟୋପି । ସେତକ ବି ମୋ ସିଟ୍ ତଳେ ଲୁଚାଇ ଦେଲି ଏବଂ ପ୍ରସ୍ତୁତ ହୋଇ ଗଲି ।

“ଜୁନ୍ ଅଣତିରିଶ ତାରିଖ ଦିନ ସକାଳେ ମେଜର ହୁକୁମ ଦେଲା ସହର ବାହାରେ ତ୍ରସ୍‌ନିସ୍ତା ଆଡ଼କୁ ତାକୁ ନେଇ ଯିବା ପାଇଁ । ସେଠାରେ ଘାଟି ତିଆରି କରିବାର କାର୍ଯ୍ୟ ସେ ଦେଖା ଶୁଣା କରୁଥିଲା । ଆମେ ମୋଟରରେ ବସି ଚାଲିଲୁ । ପଛ ସିଟ୍‌ରେ ବସି ମେଜରଟା ଆରାମରେ ଢୋଳାଉଥାଏ ଆଉ ଆଗ ସିଟ୍‌ରେ ବସି ମୁଁ ଗାଡ଼ି ଚଳାଉଥାଏ । ମନେ ହେଉଥାଏ, କଲିଜାଟା ଯେମିତି ମୋର ପାଟି ବାଟେ କୁଦା ମାରି ବାହାରି ପଡ଼ିବ । ଗାଡ଼ି ଖୁବ୍ ଜୋରରେ ଛୁଟାଇ ଦେଇଥାଏ । ସହର ବାହାରେ କିନ୍ତୁ ଗତିକୁ ଟିକେ ଧିମାଇ ଦେଲି । କିଛି ବାଟ ଗଲା ପରେ ଗାଡ଼ି ବନ୍ଦ କରି ଦେଇ ଗାଡ଼ିରୁ ବାହାରି ଆସ ଚାହିଁଲି ଚାରି ଆଡ଼କୁ । ପଛରେ ଅନେକ ଦୂରରେ ଦୁଇଟା ମାଲବୁହା ଲରୀ ଧୀରେ ଧୀରେ ଆସୁଥାଏ । ଲୁହା ମୁଣ୍ଡାଟା ବାହାର କରି ଆଣି ଦରଜାଟାକୁ ଆଛା କରି ମେଲା କରି ଦେଲି । ଅନ୍ତଲପେଟା ସିଟ୍‌କୁ ଆଉଜି ଘୁଙ୍ଗୁଡ଼ି ମାରୁଥାଏ, ସତେ ଯିମିତି ଶଳାଟା ମାଇପ ପାଖରେ ଶୋଇଛି । ବାଆଁ ପାଖ ଗିଲି ମୁଣ୍ଡ ଉପରେ କି ଲୁହାରେ ବସାଇ ଦେଲି ପାହାରଟାଏ । ମୁଣ୍ଡଟା ଛାତି ଉପରକୁ ଢଳି ପଡ଼ିଲା, ତା’ପରେ ପୁଣି ବଜାଇଲି ଆଉ ଏକ ପାହାର । ଜୀବନରେ ତାକୁ ମାରି ଦେବାକୁ ମୋର ଇଚ୍ଛା ନଥାଏ । ତାକୁ ଜିଅନ୍ତା ନେଇ ଯିବା ଦରକାର—ଆମ ଲୋକମାନଙ୍କୁ ଅନେକ ଖବର ଦେଲା ଭଳି ତା’ର ଟିକେ ଜୀବନ ଥିବା ଦରକାର । ଖୋଳରୁ ତା ପିସ୍ତଲଟାକୁ ବାହାର



କରି ନେଇ ପକେଟ୍‌ରେ ମୋର ଗୁଞ୍ଜି ଦେଲି । ପଛ ସିଟ୍ ପଛରେ ଟାୟାର ଖୋଲିବା ଲିଭରଟାକୁ ଭର୍ତ୍ତି କରି ଦେଇ, ଟେଲିଫୋନ୍ ତାରରେ ମେଜରର ବେକକୁ ବାନ୍ଧି ସେଥିରେ ଲଟକାଇ ଦେଲି । ଜୋରରେ ଗାଡ଼ି ଛୁଟାଇଲା ବେଳେ ସେ ଆଉ ଢଳିକି ପଡ଼ି ଯିବ ନାହିଁ । ତା’ପରେ ସେଇ ଜର୍ମାନ୍ ପୋଷାକ ଆଉ ଟୋପି ପିନ୍ଧି ପକାଇ ଏକମୁହାଁ ହୋଇ ଗାଡ଼ି ଛୁଟାଇ ଦେଲି ସେଇ ଆଡ଼କୁ, ଯେଉଁ ଆଡ଼େ ଗୁଡ଼ୁମ ଗୁଡ଼ୁମ ଶବ୍ଦରେ ପୃଥିବୀ କଂପି ଉଠୁଥିଲା ଆଉ ଯୁଦ୍ଧ ଚାଲିଥିଲା ।

“ଜର୍ମାନ୍‌ମାନଙ୍କ ସମ୍ମୁଖ ଲାଇନଟାକୁ ଦୁଇ ଦିଗରେ ଦୁଇ କମାଣ ଘାଟିର ମଧ୍ୟ ଦେଇ ମୁଁ ପାର ହୋଇ ଗଲି । ଟ୍ରେଞ୍ଚ ତଳୁ ଦଳେ ସବ୍‌ମେସିନ୍‌ଗନଚାଳକ ମୁଣ୍ଡ ଟେକି ଉଠି ପଡ଼ିଲେ । ଜାଣି ଶୁଣି ଗାଡ଼ିର ଗତି ମୁଁ ମନ୍ଥର କରି ଦେଲି—ସେମାନେ ଯେମିତି ଦେଖି ପାରନ୍ତି ଯେ, ଗାଡ଼ିରେ ଆଉ କେଇ ନୁହଁ, ମେଜର ବସିଛନ୍ତି । ପାଟି କରି ହାତ ହଲାଇ ଆଗକୁ ନଆଗେଇବା ପାଇଁ ସେମାନେ ସଂକେତ ଦେଲେ, ମୁଁ କିନ୍ତୁ କିଛି ନବୁଝିଲା ପରି ବାହାନା କରି ଗାଡ଼ିକୁ ଅଶୀ କିଲୋମିଟର ବେଗରେ ଛୁଟାଇ ଦେଲି । ଅସଲ ବ୍ୟାପାରଟାକୁ ବୁଝି ସେମାନେ ଗୁଳି ଚଳାଇଲା ବେଳକୁ ମୁଁ ଠେକୁଆ ପରି ଗୋଳା ଗାଡ଼ଗୁଡ଼ିକୁ ଘୂରି ଘୂରି, ଡେଇଁ ଡେଇଁ ଅଧିକାରହୀନ ଇଲାକାକୁ ଆସି ଯାଇଥିଲି ।

“ଜର୍ମାନ୍‌ମାନେ ପଛରୁ ଗୁଳି କଲା ବେଳେ ଆମ ଲୋକେ ସାମନାରେ ଖେପି ଉଠି ମୋ ଆଡ଼କୁ ସବ୍‌ମେସିନ୍‌ଗନ୍ ଚଳାଇଲେ । ସାମ୍ନା କାଚ ପରଦା ଦେଇ ଚାରିଟା ଗୁଳି ବାହାରି ଗଲା ଏବଂ ରାଡ଼ିଏଟରଟା ଛାଇ ହୋଇଗଲା ଗୁଳିରେ ...। ଏତିକିବେଳେ ପାଖରେ ଗୋଟାଏ ହ୍ରଦ କୂଳରେ ବୁଦୁ ବୁଦୁକିଆ ଜଙ୍ଗଲଟିଏ ଆଖିରେ ମୋର ପଡ଼ିଲା, ଆମ ସୈନ୍ୟମାନେ ସେଇ ଆଡ଼ୁ ମୋ ଗାଡ଼ି ଆଡ଼କୁ ଧାଇଁ ଆସୁଥାନ୍ତି । ମୁଁ ବି ସେଇ ବଣ ଭିତରକୁ ଗାଡ଼ି ଭର୍ତ୍ତି କରି ଦେଲି ଏବଂ ଗାଡ଼ି ଭିତରୁ ବାହାରି ପଡ଼ି ମାଟି ଉପରେ ପଡ଼ି ଯାଇ ତା’କୁ ଚୁମ୍ବନ କରିବାକୁ ଲାଗିଲି । ସେତେବେଳେ ନିଶ୍ୱାସ ମୋର ଯେପରି ଯିବା ଆସିବା କରୁ ନଥିଲା...।

“ପ୍ରଥମେ ମୋ ପାଖକୁ ଛୁଟି ଆସିଲା ଟୋକା ସୈନିକ ଜଣେ,

ଦେହରେ ତା'ର ସାମରିକ ଫତେଇ ଉପରେ ଖାକି ସାମରିକ କାନ୍ଧ-ପଟି—ଆଗରୁ କେବେ ସେଭଳି ଖାକି କାନ୍ଧ-ପଟି ମୁଁ ଦେଖିନଥିଲି । ସୈନିକଟି ଦାନ୍ତ ଚିପୁଲଇ ହୋଇ କହିଲା, 'ଆରେ ସଇତାନ ଜର୍ମାନ୍, ବାଟ ଛୁଡ଼ି ଗଲୁ, ନା କ'ଣ ?' ଜର୍ମାନ୍ ସାମରିକ ଫତେଇ ଆଉ ଟୋପିକୁ କାଢ଼ି ସଙ୍ଗେ ସଙ୍ଗେ ପାଦରେ ଦଳି ଦେଇ କହିଲି, 'ବାପରେ ମୋର! ଧନରେ ମୋର! ଜର୍ମାନ୍ କିଏ ରେ! ଭରୋନେଜ୍‌ରେ ମୋର ଘର, ବନ୍ଦୀ ହୋଇଥିଲି ପରା, ଜାଣିଛୁ ? ଏଥର ସେ ଗାଡ଼ିରେ ଯେଉଁ ମୋଟା ଘୁଷୁରିଟା ବସିଛି, ତାକୁ ଖୋଲି ପକା, ବ୍ରିଫ୍‌କେଶ୍‌ଟା ବି ନେଇଆ । ଆଉ ମୋତେ ନେଇ ଚାଲ ତୁମ କମାଣ୍ଡର ପାଖକୁ ।'

"ପିସ୍ତଲଟା ହାତକୁ ତା'ର ବଢ଼ାଇ ଦେଲି । ତା'ପରେ ଏ ଲୋକଠୁ ସେ ଲୋକ, ସେ ଲୋକଠୁ ସେ ଲୋକ ହୋଇ ସନ୍ଧ୍ୟାରେ ଯାଇ ଡିଭିଜନ କମାଣ୍ଡର—କର୍ଣ୍ଣେଲଙ୍କ ଆଗରେ ହାଜିର ହେଲି । ଇତି ମଧ୍ୟରେ ମୋତେ ଖୁଆଇ ପିଆଇ, ଗାଧୋଇ ଦେଇ, ନୂଆ ସାମରିକ ପୋଷାକ ପିନ୍ଧାଇ ଦିଆଯାଇଥାଏ, ପ୍ରଶ୍ନ ପଚରା ଯାଇଥାଏ । ତେଣୁ କର୍ଣ୍ଣେଲଙ୍କ ଗଡ଼ଖାଇରେ ହାଜିର ହେଲି ପୂରା ସାଜ ପୋଷାକ ପିନ୍ଧି—ଦେହ ମନରେ ଏକେବାରେ ନିର୍ମଳତା ନେଇ । ଚିଆର ଉପରୁ ଉଠି ପଡ଼ି କର୍ଣ୍ଣେଲ ମୋ ଆଡ଼କୁ ଆଗେଇ ଆସିଲେ, ସବୁ ଅଫିସରଙ୍କ ସାମନାରେ କୁଣ୍ଢାଇ ପକାଇ କହିଲେ, 'ସାବାସ, ଜବାନ୍! ଜର୍ମାନ୍‌ମାନଙ୍କ ନିକଟରୁ ଯେଉଁ ଦାମି ଭେଟିଟି ନେଇ ଆସିଛ, ସେଥି ପାଇଁ ଧନ୍ୟବାଦ । ତୁମର ଏ ଜର୍ମାନ୍ ଆଉ ତା'ର ବ୍ରିଫ୍‌କେଶ୍‌ଟା ଆମ ପାଖରେ କୋଡ଼ିଏ ଜଣ ବନ୍ଦୀଙ୍କଠାରୁ ଆଉରି ଦାମି । ତୁମକୁ ସରକାରୀ ପୁରସ୍କାର ଦେବା ପାଇଁ ସୁପାରିସ୍ କରି ଉପରକୁ ମୁଁ ଲେଖିବି ।' କର୍ଣ୍ଣେଲଙ୍କର ସେଇ କେଇ ପଦ କଥା ଆଉ ମମତାଭରା ଆଦରରେ ମୁଁ ଅଭିଭୂତ ହୋଇ ପଡ଼ିଥିଲି, ଆବେଗରେ ଓଠ ଦିଓଟି ମୋର ଥରିବାରେ ଲାଗିଥାଏ, କୌଣସିମତେ ଥର ଥର ଗଳାରେ କହିଲି, 'କମ୍ରେଡ୍ କର୍ଣ୍ଣେଲ, ମୋତେ ପଦାତିକ ବାହିନୀର ଗୋଟାଏ ୟୁନିଟ୍‌ରେ ଭର୍ତ୍ତି କରି ଦିଅନ୍ତୁ ।'

"କର୍ଣ୍ଣେଲ ହସି ଉଠିଲେ, କାନ୍ଧକୁ ମୋର ଥାପୁଡ଼ାଇ ଦେଇ କହିଲେ, 'ଗୋଡ଼ରେ ଛିଡ଼ା ହେବାକୁ ତ ନାହିଁ, ଲଢ଼ାଇ କରିବ



କେମିତି ? ଆଜି ତୁମକୁ ସିଧା ପଠାଇ ଦେବି ହାସ୍‌ପାତାଳକୁ । ସେଠାରେ ଟିକେ ଭଲ ହୁଅ, ଖିଆପିଆ କର, ଦେହରେ ମାଂସ ଲାଗୁ, ତା'ପରେ ମାସକ ପାଇଁ ଘରକୁ ଯାଇ ପିଲାପିଲିଙ୍କୁ ଦେଖି କି ଆସ । ଫେରି ଆସିଲା ପରେ ଯାଇ ଆମେ ସ୍ଥିର କରିବୁ, କେଉଁଠି ତୁମକୁ ଭର୍ତ୍ତି କରାଯାଇ ପାରେ ।'

"କର୍ଣ୍ଣେଲ ଏବଂ ଗଡ଼ଖାଇରେ ଯେତେ ଅଫିସର ଥିଲେ, ସମସ୍ତେ ମୋ ସହିତ ହାତ ମିଳାଇ ବିଦାୟ ଦେଲେ । ବାହାରକୁ ଆସିଲା ବେଳେ ମୁଁ ଖୁବ୍ ଭାବବିଭୋର ହୋଇ ପଡ଼ିଲି । କାରଣ, ଦୁଇ ବର୍ଷ କାଳ ଯୁଦ୍ଧ ବନ୍ଦୀ ହେବା ଫଳରେ ଭୁଲି ଯାଇଥିଲି, ମଣିଷ ସହିତ ମଣିଷ କେମିତି ବ୍ୟବହାର କରେ । ତା'ଛଡ଼ା ଆଉରି ମଜା କଥା ହେଉଛି, ଉପରବାଲାଙ୍କ ସହିତ କଥା କହିବାକୁ ଗଲା ବେଳେ ଏହା ପରେ ଅନେକ ଦିନ ପର୍ଯ୍ୟନ୍ତ ମୁଣ୍ଡଟିକୁ କାନ୍ଧ ଉପରକୁ ନୁଆଁଇ ଆଣିବାର ଅଭ୍ୟାସଟା ମୋର ଗଲା ନାହିଁ । ସବୁବେଳେ ମନ ଭିତରେ ଗୋଟାଏ ଭୟ ରହିଥିଲା—ହେଇ ତାଙ୍କ ହାତ ଉଠିଲା, ଏଥର ବସିଯିବ । ଫାସିଷ୍ଟ ଶିବିରରେ ଆମକୁ ସେମାନେ ଏହି ଭଳି ରଖିଥିଲେ ।

"ହାସ୍‌ପାତାଳରେ ପହଞ୍ଚିବା କ୍ଷଣି, ଇରିନାକୁ ଚିଠି ଲେଖି ବସିଲି । ବେଶି ଲେଖିଲି ନି, ଠିକେ ଠିକେ ତାକୁ ଜଣାଇ ଦେଲି—କେମିତି ବନ୍ଦୀ ହେଲି, ଜର୍ମାନ୍ ମେଜରକୁ ଘେନି କିପରି ପଳାଇ ଆସିଲି । ଆଉ ଦେଖ ଭାଇ, କେଉଁଠୁ ସେ ପିଲାଳିଆ ଗର୍ବଟା ମୋ ଛାତି ଭିତରେ ଆସିଲା ଜାଣି ନି, କଥାଟାକୁ କୌଣସିମତେ ଚପାଇ ରଖି ପାରିଲି ନାହିଁ—ଲେଖି ଦେଲି, କର୍ଣ୍ଣେଲ ମୋତେ ପୁରସ୍କାର ଦେବେ ବୋଲି କହିଛନ୍ତି ... ।

"ଦି ସପ୍ତାହ କାଳ ଖାଲି ଶୋଇଲି ଆଉ ଖାଇଲି । ଅଳ୍ପ କରି, କିନ୍ତୁ ଘନଘନ ଖାଇବାକୁ ଦେଉଥିଲେ ସେମାନେ । ଡାକ୍ତର କହିଲେ, ମୁଁ ଯେମିତି ଖାଇବାକୁ ହାଇଁ ପାଇଁ ହେଉଥିଲି, ସେମାନେ ସେମିତି ଦେଇଥିଲେ ମୁଁ ମରି ଯାଇଥାନ୍ତି । ମନ ଭିତରେ ଅନେକ ବଳ ମୁଁ ସଂଗ୍ରହ କଲି । ଦି ସପ୍ତାହ ପରେ ଆଉ ଖାଇବା ଚିଜକୁ ଅନାଇବାକୁ ମନ ହେଲା ନାହିଁ । ଘରୁ ଚିଠି ପତ୍ର ଆସୁ ନଥାଏ, ତମ ପାଖରେ

14—2648

ମାନୁଛି ଭାଇ, ମନଟା ମୋର ଘର ପାଇଁ ଏକେବାରେ କାନ୍ଦି ଉଠୁଥାଏ । ଖାଇବାକୁ ମନ ହେଉ ନଥାଏ କି ଆଖିକୁ ନିଦ ଆସୁନଥାଏ, ମନ ଭିତରେ ସବୁ କିଛି ଦୁଶ୍ଚିନ୍ତା ଆଉ ଦୁର୍ଭାବନା ...। ତୃତୀୟ ସପ୍ତାହ ବେଳକୁ ଭରୋନେଜ୍‌ରୁ ଚିଠି ଖଣ୍ଡେ ପାଇଲି । କିନ୍ତୁ ଇରିନାଠୁ ନୁହଁ – ମୋର ଜଣେ ପଡ଼ୋଶୀ କାଠମିସ୍ତ୍ରୀ ଇଭାନ୍ ତିମଫେୟେଭିଚ୍‌ଠାରୁ । ଭଗବାନ କରନ୍ତୁ, କାହାରିକୁ ସେପରି ଚିଠି ନମିଳୁ ...। ପଡ଼ୋଶୀ ଲେଖିଥିଲା, ଉଣେଇଶ ବୟାଳିଶ ମସିହା ଜୁନ୍ ମାସରେ ଜର୍ମାନ୍‌ମାନେ ଉଡ଼ାଜାହାଜ କାରଖାନା ଉପରେ ବୋମା ବର୍ଷଣ କଲେ, ଗୋଟାଏ ଭାରୀ ବୋମା ସିଧା ସଳଖ ଆସି ପଡ଼ିଲା ମୋ ଘର ଉପରେ । ଇରିନା ଆଉ ଝିଅ ଯୋଡ଼ିକ ସେତେବେଳେ ଘରେ ଥିଲେ...। ତା'ପରେ... ତା'ପରେ ... ଲେଖିଥିଲା, ସେମାନଙ୍କର କୌଣସି ଚିହ୍ନ ବର୍ଣ୍ଣ ସେ ପାଇ ନି । ଘରଟା ଯେଉଁଠି ଥିଲା – ସେଠି ଗୋଟାଏ ବିରାଟ ଗାଡ଼...। ତେଣିକି ଆଉ ପଢ଼ି ପାରିଲି ନାହିଁ । ଆଖି ଆଗରେ ଅନ୍ଧକାର ଘୋଟି ଗଲା, ବୁକୁ ଭିତରଟା ପାଲଟି ଗଲା ଗୋଟାଏ ଜମାଟବନ୍ଧା ଟାଣୁଆ ପଥର । ସେ ହୃଦୟ ଆଉ କେବେ ଖୋଲୁ ନାହିଁ କି ହାଲୁକା ବି ହେଉ ନାହିଁ । ଚିତ୍ ହୋଇ ବିଛଣାରେ ଶୋଇ ପଡ଼ିଲି, ଟିକିଏ ଦମ୍ ନେଲା ପରେ ପୁଣି ଶେଷ ପର୍ଯ୍ୟନ୍ତ ପଢ଼ିବାକୁ ଲାଗିଲି । ପଡ଼ୋଶୀଟି ଲେଖିଥାଏ, ବୋମା ପଡ଼ିବା ବେଳେ ଆନାତୋଲି ସହରକୁ ଯାଇଥିଲା, ସନ୍ଧ୍ୟାରେ ଫେରି ଆସି ଦେଖିଲା ଘର ନାହିଁ, ସେଠି ଖାଲି ଗାଡ଼ଟାଏ । ସେହି ଦିନ ରାତିରେ ସେ ପୁଣି ସହରକୁ ଫେରି ଗଲା । ଯିବା ବେଳେ ପଡ଼ୋଶୀଙ୍କୁ ଖାଲି କହିଗଲା, ଯୁଦ୍ଧରେ ସ୍ୱେଚ୍ଛାସେବକ ହେବା ପାଇଁ ସେ ଦରଖାସ୍ତ କରିବ । ଏତିକି ମାତ୍ର ଖବର ।

"ଛାତିଟା ଯେତେବେଳେ ଟିକେ ହାଲୁକା ହୋଇ ଆସିଲା, ଶିରାରେ ରକ୍ତ ଛୁଟିବାର ଶବ୍ଦ କାନରେ ଶୁଣି ପାରିଲି, ସେତେବେଳେ ମନେ ପଡ଼ି ଗଲା, ଷ୍ଟେସନରେ ବିଦାୟ ନେଲା ବେଳେ ଇରିନା କିପରି ମୋତେ ଚାପି ଧରିଥିଲା । ତା'ର ମାଇପୀ ମନଟି ସେତେବେଳେ, ହୁଏତ, ବାରି ପାରିଥିଲା ଯେ, ଏ ଜୀବନରେ ତା ସହିତ ଆଉ ଭେଟ ହେବ ନାହିଁ । ମୁଁ ତଣ୍ଟାଳ ତାକୁ ଠେଲି ଦେଇଥିଲି ...। ପିଲାପିଲି ଥିଲେ,



ଘର ବାଡ଼ି ଥିଲା, କେତେ ବର୍ଷ ଲାଗିଥିଲା ସେସବୁ ହେବା ପାଇଁ । ଆଖି ପିଛୁଳାକେ ସବୁ ଛାଇଖାର ହୋଇ ଗଲା । କେବଳ ରହିଲି ମୁଁ ଏକୁଟିଆ । ମନେ ହେଲା, 'ମୋର ଏ ଘଣ୍ଟାଚକଟା ଜୀବନଟା ଗୋଟାଏ ସ୍ୱପ୍ନ ନୁହେଁ ତ ?' ବନ୍ଦୀ ଥିଲା ବେଳେ ପ୍ରାୟ ପ୍ରତ୍ୟେକ ରାତିରେ ମନେ ମନେ, ଇରିନା ଆଉ ପିଲାମାନଙ୍କ ସଙ୍ଗରେ କଥା କହୁଥିଲି, ସାନ୍ତ୍ୱନା ଦେଉଥିଲି – 'ଛି, କାନ୍ଦ ନା, ମୁଁ ଶୀଘ୍ର ଘରକୁ ଫେରି ଆସିବି, ମୁଁ– ଶକ୍ତ ଜୋରଦାର ଲୋକ, ସବୁ କିଛି ସହି ପାରିବି, ଆମେ ପୁଣି ଦିନେ ନା ଦିନେ ଏକାଠି ହେବା'...। ତେବେ ମୁଁ କ'ଣ ଦୁଇ ବର୍ଷ କାଳ ମରା ମଣିଷଙ୍କ ସହିତ କଥା କହୁଥିଲି ?!"

ଲୋକଟି ମିନିଟକ ପାଇଁ ଚୁପ୍ ହୋଇ ଗଲା, ତା'ପରେ ସ୍ୱର ବଦଳାଇ ଥଙ୍ଗ ଥଙ୍ଗ ଗଳାରେ କହିଲା : "ଆସ, ଭାଇ, ଏଥର ଗୋଟାଏ ସିଗାରେଟ୍ ଟଣାଯାଉ, ଗଳାଟା କାହିଁକି ବନ୍ଦ ହୋଇ ଗଲା ଭଳି ଲାଗୁଛି ।"

ସିଗାରେଟ୍ ଲଗାଇଲୁ ଆମେ । ତରଳ ବରଫର ବଢ଼ିରେ ଭାସୁଥିବା ବଣ ମଧ୍ୟରେ କାଠହଣା ଚଢ଼ାଇଟାଏ କେଉଁଠି ଜୋରରେ ଠକ୍ ଠକ୍ କରି ଉଠିଲା । ଉଷୁମ ମଳୟ ପବନଟା ଆଲଡାର ଗଛଗୁଡ଼ିକର ଶୁଖିଲା ପତ୍ରସବୁକୁ ସର ସର କରି ବହି ଯାଉଥାଏ, ଆକାଶର ବଉଦସବୁ ଶୁଭ୍ର ସଫେଦ ପାଲ ମେଲି ଭାସି ଯାଉଥାନ୍ତି । ଏହି ବିଷାଦଭରା ନୀରବ ମୁହୂର୍ତ୍ତରେ ବସନ୍ତର ମହାଆଗମନରେ ଉନ୍ମୁଖ, ଜୀବନ କ୍ଷେତ୍ରରେ ପ୍ରାଣର ଚିରନ୍ତନ ପ୍ରତିଷ୍ଠା ପାଇଁ ପ୍ରସ୍ତୁତ ସୀମାହୀନ ବିଶ୍ୱଟା କେମିତି ସଂପୂର୍ଣ୍ଣ ଭିନ୍ନ ରକମ ଲାଗିଲା ।

ଚୁପ୍ ହୋଇ ରହିବାକୁ ଖୁବ୍ କଷ୍ଟ ହେଲା । ପଚାରିଲି :

"ତା'ପରେ ... ତା'ପରେ କ'ଣ ହେଲା ?"

"ତା'ପରେ କ'ଣ ହେଲା ?" ଅନିଚ୍ଛାର ସହିତ ଲୋକଟି ଉତ୍ତର ଦେଲା । "ତା'ପରେ କର୍ଣ୍ଣେଲଙ୍କଠୁ ପାଇଲି ମାସେ ଛୁଟି । ସପ୍ତାହକ ପରେ ଯାଇ ପହଞ୍ଚିଲି ଭରୋନେଜ୍‌ରେ । ପାଦରେ ଚାଲି ଚାଲି ସେହି ଜାଗାଟିକୁ ଯାଇଥିଲି, ଯେଉଁଠି ଦିନେ ପାତିଥିଲି ମୋର ସୁଖର ସଂସାର । ଦେଖିଲି କେବଳ ଗୋଟାଏ ବିରାଟ ଗାଡ଼, ସେଥିରେ ଜଙ୍ଗ ଲଗା

ପାଣିଗୁଡ଼ାଏ ଜମିଛି । ଘରି ପାଖରେ ମାଡ଼ି ଯାଇଛି ଅଣ୍ଟାଏ ଉଆର ବଣୁଆ ଘାସ...। ଘରି ଆଡ଼େ ଗୋଟାଏ ଖାଁ ଖାଁ ଭାବ, କବରସ୍ଥାନ ଭଳି ସବୁ ଶୁନ୍‌ଶାନ୍, ଚୁପ୍‌ଚାପ୍ । ଉଃ, କି ଅସହ୍ୟ ଲାଗୁଥାଏ ମୋତେ, ସେ କଥା କହି ପାରିବି ନାହିଁ, ଭାଇ! ସନ୍ତାପଭରା ମନରେ କିଛି ସମୟ ଛିଡ଼ା ହେଲି ସେଠି, ତା'ପରେ ଫେରି ଆସିଲି ଷ୍ଟେସନକୁ । ଘଣ୍ଟାକରୁ ବେଶି ସମୟ ବି ସେଠାରେ ରହି ପାରିଲି ନାହିଁ, ସେଇ ଦିନ ପୁଣି ଫେରି ଗଲି ସୈନ୍ୟ ଡିଭିଜନକୁ ।

"କିନ୍ତୁ ତିନି ମାସ ଖଣ୍ଡ ପରେ ମେଘ ଉଢ଼ାଳରେ ସୂର୍ଯ୍ୟର ଝଲକ ପରି ସୁଖର ଝଲକ ଟିକିଏ ଦେଖିବାକୁ ପାଇଲି: ଖବର ମିଳିଲା ଆନାତୋଲିର । ଆଉ ଏକ ଯୁଦ୍ଧ ଭୂଇଁରୁ ଚିଠି ଲେଖିଥାଏ ସେ, ଠିକଣାଟି ମୋର ପାଇଥାଏ ଆମ ସେହି ପଡ଼ୋଶୀଠାରୁ । ମୋତେ ଲାଗୁଛି, ପ୍ରଥମେ ସେ ଭର୍ତ୍ତି ହୋଇଥିଲା କମାଣୀ ଫୌଜ କଲେଜରେ, ଗଣିତରେ ପ୍ରତିଭାଟା ସେଠି ତା'ର କାମରେ ଲାଗିଥିଲା । ବର୍ଷକ ପରେ ଅନର୍ସ ସହ ପାସ୍ କରି ସେ ଚାଲି ଯାଇଥିଲା ଯୁଦ୍ଧଭୂଇଁକୁ । ଲେଖିଥାଏ, କ୍ୟାପ୍‌ଟେନ୍ ପଦ ପାଇଛି, ହାଲୁକା କମାଣର ଏକ ବାଟେରିର କମାଣ୍ଡର ହୋଇଛି, ସେ ପର୍ଯ୍ୟନ୍ତ ତା'କୁ ଛ'ଟି ଅର୍ଡର ଆଉ କେତୋଟି ପଦକ ମିଳି ସାରିଥାଏ । ମୋଟ ଉପରେ କହିବାକୁ ଗଲେ, ସେ ତା ବୁଢ଼ା ବାପକୁ କେତେ ପଛରେ ପକାଇ ଦେଇ ଆଗେଇ ଯାଇଥାଏ । ତା' ପାଇଁ ଛାତିଟା ମୋର ଗର୍ବରେ ଫୁଲି ଉଠିଲା! ଯାହା କୁହ ପଛେ, ପୁଅ ମୋର କ୍ୟାପ୍‌ଟେନ୍, ଗୋଟାଏ କମାଣୀ ଫୌଜର କମାଣ୍ଡର, ସେ କ'ଣ ଯାଇ ତାଇ କଥା! ସେଥିରେ ପୁଣି ଆଉରି କେତେ ପଦକ ଆଉ ଅର୍ଡର! ବୁଢ଼ା ବାପ ତା'ର ଗୋଟାଏ ଷ୍ଟୁଡ଼ିବେକର ଲରୀରେ ଗୁଳି ଗୋଳା ବୁହେ, ସେଥିରେ କ'ଣ ଯାଏ ଆସେ? ବାପର ଦିନ କାଳ ତ ଶେଷ ହୋଇ ଯାଇଛି, କିନ୍ତୁ ତା'ର, ମୋର ସେହି କ୍ୟାପ୍‌ଟେନ୍‌ର ସାରା ଭବିଷ୍ୟତ୍‌ଟା ହସୁଛି ତା ଆଗରେ ।

"ରାତିରେ ଏଣିକି ମୋର ଆରମ୍ଭ ହୋଇ ଗଲା ଯେତେ ସବୁ ବୁଢ଼ାକାଳିଆ ସ୍ୱପ୍ନ: ଯୁଦ୍ଧ ସରିଯିବ, ପୁଅକୁ ହାତକୁ ବିହାତ କରିବି, ସେହିମାନଙ୍କ ସାଙ୍ଗରେ ରହିବି, ଠୁକ୍ ଠାକ୍ କରି ଏଣୁ ତେଣୁ କାଠ



କାମ କରିବି ଆଉ ନାତି ନାତୁଣୀଙ୍କୁ ବଢ଼ାଇ କୁଢ଼ାଇବି । ତା' ମାନେ, ବୁଢ଼ାମାନେ ଯାହା ସବୁ କରନ୍ତି, ସେଇଆ । କିନ୍ତୁ ଭାଇ, ସବୁ ଧୂଳିସାତ୍ ହୋଇ ଗଲା । ଶୀତକାଳରେ ବିଜୟ ପରେ ବିଜୟ ହାସଲ କରି ଆମେ ଆଗେଇ ଚାଲିଲୁ, ଘନ ଘନ ଚିଠି ଲେଖିବାକୁ ସମୟ ନଥାଏ । ଯୁଦ୍ଧ ଶେଷ ହୋଇ ଆସିଲା ବେଳକୁ ଠିକ୍ ବର୍ଲିନ୍ ନିକଟରେ ଦିନେ ସକାଳେ ଚିଠି ଲେଖିଲି ଆନାତୋଲିକୁ । ତହିଁ ଆର ଦିନ ଉତ୍ତର ପାଇଲି ତା'ଠୁ । ଜଣାଗଲା, ବାପ ଆଉ ପୁଅ ଆମେ ଉଭୟେ ଅଲଗା ଅଲଗା ପଥରେ ଜର୍ମାନୀର ରାଜଧାନୀ ଆଡ଼କୁ ଆଗେଇଛୁ, ପରସ୍ପରର ଖୁବ୍ ନିକଟକୁ ଆସି ଯାଇଥାଉ । ଅପେକ୍ଷା କରିବାକୁ ଆଉ ଧୈର୍ଯ୍ୟ ନଥାଏ, କେବଳ ଭାବୁଥାଏଁ, କେମିତି ଦେଖା ହେବ । ଶେଷକୁ ସେ ମୁହୂର୍ତ୍ତଟି ଆସିଗଲା...। ସେଇ ମେ ମାସ ନଅ ତାରିଖ, ସକାଳେ ଠିକ୍ ବିଜୟ ଦିନ ଆନାତୋଲି ମୋର ଢଳି ପଡ଼ିଲା ଗୋଟାଏ ଜର୍ମାନ୍ ଗୋଲନ୍ଦାଜ ଗୁଳିରେ ...।

"ଉପରବେଳା ଆମ କଂପାନିର କମାଣ୍ଡର ମୋତେ ଡକାଇ ପଠାଇଲେ । ଦେଖିଲି, ପାଖରେ ତାଙ୍କର ବସିଛନ୍ତି ଜଣେ ଅପରିଚିତ କମାଣ ଫୌଜ ଅଫିସର । ମୁଁ କୋଠରୀ ଭିତରକୁ ପଶିଛି କି ନାହିଁ, ସେ ଛିଡ଼ା ହୋଇ ପଡ଼ିଲେ, ଉପରବାଲା ଅଫିସରଙ୍କ ଆଗରେ ଲୋକେ ଯେମିତି ଉଠି ଛିଡ଼ା ହୁଅନ୍ତି । ଆମ କଂପାନିର କମାଣ୍ଡର କହିଲେ, 'ସକଲେଭ୍, ତୁମ ସହିତ ଦେଖା କରିବାକୁ ଏ ଆସିଛନ୍ତି ।' ଏତକ କହି ଝରକା ପାଖକୁ ମୁହଁ ବୁଲାଇ ଦେଲେ ସେ । ଦେହରେ ମୋର ବିଜୁଳିର ଚମକଟାଏ ଯେମିତି ଖେଳି ଗଲା । ଭାବିଲି, କିଛି ଗୋଟାଏ ଦୁର୍ଯ୍ୟୋଗ, ନିଶ୍ଚୟ, ଘଟିବାକୁ ଯାଉଛି । ଅଫିସରଟା ମୋ ପାଖକୁ ଆଗେଇ ଆସି କହିଲେ, 'ବାପା, ଆପଣଙ୍କୁ ଧୈର୍ଯ୍ୟ ଧରିବାକୁ ହେବ, ଆପଣଙ୍କ ପୁଅ, କ୍ୟାପ୍‌ଟେନ୍ ସକଲେଭ୍ ଆଜି ଯୁଦ୍ଧ କରୁ କରୁ ତା କମାଣ ପାଖରେ ମରି ଯାଇଛି । ଆସନ୍ତୁ, ମୋ ସାଙ୍ଗରେ ଆସନ୍ତୁ!'

"ଦେହଟା ମୋର ଟଳମଳ ହେବାକୁ ଲାଗିଲା, କିନ୍ତୁ ପାଦ ଉପରେ କୌଣସିମତେ ଛିଡ଼ା ହୋଇ ରହିଥିଲି । ଏବେ ବି ମୋତେ ସ୍ୱପ୍ନ ପରି ଲାଗୁଛି, ଯେମିତି ଭାବେ ସେହି ଲେଫ୍‌ଟନାଣ୍ଟ କର୍ଣ୍ଣେଲଙ୍କ ସହିତ

ଗୋଟାଏ ମସ୍ତ ବଡ଼ ଗାଡ଼ିରେ ଭଙ୍ଗାରୁଜା ରାସ୍ତା ଉପର ଦେଇ ମୁଁ ସେଦିନ ଯାଇଥିଲି । ସୈନ୍ୟମାନେ ଧାଡ଼ି ହୋଇ ଛିଡ଼ା ହୋଇଥାନ୍ତି, ଇଫିନ୍‌ଟି ଢଙ୍କା ହୋଇଥାଏ ଲାଲ ମଖମଲ କନାରେ, ଆଜି ସବୁ ଛାଇ ଛାଇ ହୋଇ ମନେ ପଡ଼ୁଛି । କିନ୍ତୁ ମୋର ଆନାତୋଲିକୁ ମୁଁ ଆଜି ବି ସ୍ପଷ୍ଟ ଭାବେ ଦେଖି ପାରୁଛି, ଠିକ୍ ଯେମିତି ତୁମକୁ ହେଇ ଦେଖୁଛି ସାମ୍ନାରେ, ଭାଇ ।

"କଫିନ୍ ପାଖକୁ ମୁଁ ଗଲି । ପୁଅ ମୋର ଶୋଇଥିଲା ସେଥିରେ, ନା, ସେ ପୁଅ ନୁହଁ । ମୋ ପୁଅ ଥିଲା ପିଲାଟାଏ, ସବୁବେଳେ ହସ ହସ ମୁହଁ, କାନ୍ଧ ଦୁଇଟି ଛାକିଲା ଛାକିଲା, ସରୁ ବେକ ଉପରେ ଥୁଆ ହେଲା ଭଳି ତଣ୍ଡି । କିନ୍ତୁ ଯିଏ ଶୋଇଥିଲା, ସେ ତ ପୂରା ଭେଣ୍ଡିଆଟାଏ – ଓସାରିଆ କାନ୍ଧ, ଦେଖିବାକୁ କେଡ଼େ ସୁନ୍ଦର, ଦରବୁଜା ଆଖି, ମୋର ଅଦେଖା କେଉଁ ଅଜଣା ଦୂରାନ୍ତକୁ ଗୁହିଁ ରହିଛି ସେ । ଖାଲି, ଓଠରେ ତା'ର ମୋର ପୁଅର ସେହି ହସକୁ କାଣିଚାଏ ଫୁଟି ଉଠୁଥାଏ, ମୋ ପୁଅ ଆନାତୋଲିର ହସ, ଯେଉଁ ଆନାତୋଲିକୁ ଦିନେ ମୁଁ ଜାଣିଥିଲି ... । କପାଳରେ ତା'ର ଚୁମାଟିଏ ଆଙ୍କି ଦେଇ ଘୁଞ୍ଚି ଆସିଲି ଗୋଟାଏ କଡ଼କୁ । ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଛୋଟ ବକ୍ତୃତାଟିଏ ଦେଲେ । ମୋ ଆନାତୋଲିର ବନ୍ଧୁମାନେ ଆଖିରୁ ସମସ୍ତେ ଲୁହ ପୋଛୁଥାନ୍ତି, ମୋ ଆଖିରୁ କିନ୍ତୁ ବିନ୍ଦୁଟିଏ ଲୁହ ବି ଝରୁନଥାଏ । ମୋତେ ଲାଗୁଛି, ହୃଦୟର କେଉଁ ଗହନରେ ସେସବୁ ଯେମିତି ଶୁଖି ଲିଭି ଯାଇଥିଲା । ସେଇଥି ପାଇଁ, ହୁଏତ, ଭିତରଟା ମୋର ଜଳାପୋଡ଼ା କରେ, ବ୍ୟଥା ଲାଗେ ?..

"ମୋର ଶେଷ ଆଶା, ଶେଷ ଆନନ୍ଦଟିକୁ କବର ଦେଇଥିଲି ସେଇଠି, ସେହି ବିଦେଶୀ ଜର୍ମାନ୍ ମାଟିରେ ସେ ଦିନ । କମାଣୀ ଫୌଜମାନେ ତୋପ ଧ୍ୱନି କରି ସେମାନଙ୍କ କମାଣ୍ଡରକୁ ବିଦାୟ ଦେଲେ ତା'ର ସୁଦୀର୍ଘ ଯାତ୍ରା ପଥରେ । ବୁକୁ ଭିତରେ ମୋର କ'ଣ ଗୋଟାଏ ଚିରକାଳ ପାଇଁ ଛିଡ଼ି ଗଲା ଯେମିତି...। ନିଜ ୟୁନିଟ୍‌କୁ ଫେରି ଆସିଲି ସଂପୂର୍ଣ୍ଣ ଗୋଟାଏ ଅଲଗା ମଣିଷ ହୋଇ । ତା'ପରେ ଶୀଘ୍ର ସୈନ୍ୟ ଦଳରୁ ଖଲାସ ପାଇଲି । କିନ୍ତୁ ଯିବି କୁଆଡ଼େ ? ଭରୋନେଜ୍‌କୁ କ'ଣ ଯିବି ? ନା, କେବେ ନୁହଁ ! ମନେ ପଡ଼ି ଗଲା, ଉର୍ୟୁପିନ୍‌ସ୍‌ରେ ମୋର



ଜଣେ ବନ୍ଧୁ ଅଛନ୍ତି, ଜଖମ ହୋଇ ଶୀତକାଳରେ ସୈନ୍ୟ ଦଳରୁ ଛାଡ଼ ପାଇଥିଲେ ସେ । ଗଲା ବେଳେ ବହୁତ କରି କହିଥିଲେ ତାଙ୍କ ଘରକୁ ଯିବା ପାଇଁ । ବାହାରିଲି ବନ୍ଧୁଙ୍କ ଘରକୁ ।

"ବନ୍ଧୁ ଆଉ ବନ୍ଧୁ ପତ୍‌ନୀ ଥିଲେ ନିଃସନ୍ତାନ । ସହର ନିକଟରେ ନିଜର ଘର ଖଣ୍ଡିକରେ ରହୁଥିଲେ । ଅକର୍ମଣ୍ୟ ହେତୁ ପେନ୍‌ସନ ପାଉଥିଲେ ଆଉ ଲରୀ ଡିପୋରେ ଡ୍ରାଇଭରି ବି କରୁଥିଲେ । ମୋ ପାଇଁ ଗୋଟାଏ କାମ ସେଠି ସେ ଯୋଗାଡ଼ କରି ଦେଲେ । ବନ୍ଧୁଙ୍କ ପାଖରେ ସେଇଠି ରହିଲି, ଘର ବଖରାଏ ସେ ମୋ ପାଇଁ ଯୋଗାଇ ଦେଲେ । ଲରୀରେ ନାନା ପ୍ରକାରର ଜିନିଷପତ୍ର ବୁହାବୁହି କଲୁ । ଶରତ ଋତୁରେ ଗହମ ଯଅ ଆଦି ଶସ୍ୟ ବହି ରାଷ୍ଟ୍ରୀୟ ଗୋଦାମରେ ପହଞ୍ଚାଇ ଦେବା ପାଇଁ ଆମକୁ ପଠାଗଲା । ସେହି ସମୟରେ ମୋର ଏ ନୂଆ ପୁଅଟି ସହିତ ଦେଖା ହେଲା ମୋର – ହେଇ, ସେଠି ଯିଏ ବାଲି ଉପରେ ଖେଳୁଛି ।

"ଆମେ ଡ୍ରାଇଭରମାନେ ବହେ ବାଟ ଗାଡ଼ି ଛୁଟାଇ ସହରକୁ ଫେରିଲା ପରେ ପ୍ରଥମେ ଗୋଟାଏ କାଫେ ଭିତରେ ପଶି ଯାଉ । ପାଟିରେ କିଛି ଟିକିଏ ପକାଇ ଦେଇ ଗିଲାସେ ଖଣ୍ଡ ଭୋଦ୍‌କା ପିଇ ଦେଉଁ ଥକା ମେଣ୍ଟାଇବାକୁ । ଅଭ୍ୟାସଟା ବଡ଼ ଖରାପ, କିନ୍ତୁ କ'ଣ କରିବି, ମାନୁଛି, ଭାଇ, ସେତେବେଳକୁ ଅଭ୍ୟାସଟା ରକ୍ତରେ ମିଶି ଯାଇଥାଏ ... । ଦିନେ କାଫେ ପାଖରେ ଏହି ପିଲାଟିକୁ ଦେଖିଲି । ତା'ପର ଦିନ ବି ପୁଣି ଭେଟିଲି ସେଇଠି । ଅସନା ମସନା, ଲଙ୍ଗଳା ଫୁଙ୍ଗୁଳା ପିଲାଟାଏ । ମୁହଁଟା ସାରା ତରଭୁଜ ରସ ଆଉ ଧୂଳିରେ ସାଲୁ ବାଲୁ, କି ମେଳଛାଟାଏ – ବାଳଗୁଡ଼ାକ ପୁଣି ନେସି ହୋଇ ଯାଇଥାଏ ସେଥିରେ । କିନ୍ତୁ ଆଖି ଦୁଇଟି ତା'ର ଯେମିତି ବର୍ଷା ପରେ ରାତିର ତାରା ଭଳି ଝକ୍ ଝକ୍ କରୁଥାଏ । ମୋତେ ଏତେ ଭଲ ଲାଗିଲା ଯେ, ତମେ ଆଶ୍ଚର୍ଯ୍ୟ ହେବ, ତାକୁ ଘଡ଼ିଏ ନଦେଖିଲେ, ମନଟା ମୋର କ'ଣ ହୋଇ ଯାଉଥିଲା – ତରବରରେ କାମ ସାରି କାଫେକୁ ଫେରି ଆସୁଥିଲି ତା'କୁ ଦେଖିବି ବୋଲି । ସେଇ କାଫେ ପାଖରେ ଖାଇବା ଦିଟା ତା'ର ଯୋଟି ଯାଉଥିଲା–ଗଲା ଆଇଲା ଯିଏ ଯେମିତି ଖଣ୍ଡେ ଅଧେ ତା ଆଡ଼କୁ ପକାଇ ଦେଉଥିଲେ ।

"ଚତୁର୍ଥ ଦିନ ରାଷ୍ଟ୍ରୀୟ କୃଷି ଫାର୍ମରୁ ଫସଲ ବୋଝାଇ ଲରୀଟାକୁ ନେଇ ସିଧା ଆସି କାଫେ ଆଗରେ ଧଡ଼୍‌କିନା ଅଟକାଇ ଦେଲି । କୁନି ମଣିଷଟି ମୋର କାଫେର ପାହାଚ ଉପରେ ବସି ଗୋଡ଼ ଦିଓଟିକୁ ହଲଉଥାଏ, ଦେଖିଲେ, ବୁଝାଯାଉଥାଏ, ପେଟରେ ଯେମିତି କିଛି ପଡ଼ିନଥାଏ ତା'ର । ଲରୀର ଝରକା ଭିତରୁ ମୁହଁ କାଢ଼ି ଡାକିଲି, 'ଏ ଭାନ୍ୟା ! ଦୌଡ଼ିଆ । ଲରୀ ଉପରକୁ ଉଠିଆ, ଗୋଦାମରେ ମାଲ ପହଞ୍ଚାଇ ଦେଇ ଏକାଠି ବସି ଖାଇବା ।' ମୋ ଡାକ ଶୁଣି ପିଲଟା ଚମକି ପଡ଼ିଲା, ପାହାଚ ଉପରୁ ଛୁଟି ଆସି ଲରୀର ପାଦାନିକୁ କୁଦାଟାଏ ମାରି ଦେଇ ଆସ୍ତେ କରି ପଚାରିଲା, 'ମୋ ନାଆଁ ଭାନ୍ୟା ବୋଲି କେମିତି ଜାଣିଲ ?' ସୁନ୍ଦରିଆ ଆଖି ଦୁଇଟିକୁ ମେଲଇ ଚାହିଁ ରହିଲା, କ'ଣ ମୁଁ କହିବି । କହିଲି, 'ବାପୁ, ମୋତେ ସବୁ କିଛି ଜଣା, ସବୁ କିଛି ମୁଁ କହି ପାରେ ।'

"ମୋର ଡାହାଣ ପାଖ ଦେଇ ଉଠିଲା ସେ, ଦୁଆର ଖୋଲି ପାଖରେ ବସାଇ ଗାଡ଼ି ଛୁଟାଇ ଦେଲି । ହସଖୁସିଆ ଚଞ୍ଚଳ ପିଲଟିଏ ସେ, ହଠାତ୍ କେମିତି ଗୁମ୍ ମାରିଗଲା । ଲମ୍ବାଳିଆ କୁଞ୍ଚୁକୁଞ୍ଚିଆ ବହଳ ଆଖି ବାଳକୁ ଟେକି ମୋ ଆଡ଼କୁ ଅନାଉଥାଏ, ନିଶ୍ୱାସ ପରେ ନିଶ୍ୱାସ ମାରୁଥାଏ । ବକଟେନାକୁ ପିଲା, ଇତି ମଧ୍ୟରେ ସେ ପୁଣି ଦୁଃଖରେ ନିଶ୍ୱାସ ମାରିବା ଶିଖି ଯାଇଛି ! ତା' ପକ୍ଷରେ ସେଟା କ'ଣ ସାଜେ ? ପଚାରିଲି, 'ତୋ ବାପା କେଉଁଠିରେ, ଭାନ୍ୟା ?' 'ଯୁଦ୍ଧରେ ମରି ଯାଇଛନ୍ତି', ଫୁସ୍ ଫୁସ୍ କରି କହିଲା । 'ଆଉ ମାଆ?' 'ମାଆ ବି ! ରେଳ ଗାଡ଼ିରେ ଗଲା ବେଳେ, ବୋମା ପଡ଼ିଲା, ମାଆ ମରିଗଲା !' 'କେଉଁଠିକୁ ରେଳ ଗାଡ଼ିରେ ଆସୁଥିଲେ ?' 'ଜାଣେ ନି, ମନେ ନାହିଁ...!' 'ତୋର କ'ଣ ଆଉ କେହି ନାହାନ୍ତି ଏଠି ?' 'କେହି ନାହାନ୍ତି !' 'ରାତିରେ କେଉଁଠି ରହୁ ?' 'ଯେଉଁଠି ପାରେ ସେଠି ।'

"ଭିତରୁ ମୋର ଉଷୁମ ଲୁହ ଉଛୁଳି ଆସିଲା ପରି ଲାଗିଲା । ସଙ୍ଗେ ସଙ୍ଗେ ମନେ ମନେ ସ୍ଥିର କରି ନେଲି, 'ଆମେ ଦୁହେଁ ତ ଏକା ଏକା, ଅଲଗା ଅଲଗା ହୋଇ ଦହଗଞ୍ଜ ହେବାରେ ଲାଭ କ'ଣ ! ମୁଁ ତାକୁ ପୁଅ କରି ନେବି ।' ଏତିକି ଭାବିବା ପରେ ସଙ୍ଗେ ସଙ୍ଗେ



ଛାତି ଭିତରଟା ମୋର ହାଲୁକା ହୋଇ ଆସିଲା, ମନ ଭିତରେ ଜଳି ଉଠିଲା ଗୋଟାଏ ଆଲୁଅ । ତା ଆଡ଼କୁ ଜାକି ହୋଇ ଯାଇ ଚୁପ୍ ଚୁପ୍ କରି କହିଲି, 'ଭାନ୍ୟା, ମୁଁ କିଏ ଜାଣୁ ?' ସତେ ଯେମିତି ନିଶ୍ୱାସରେ ତା'ର ବାହାରି ଆସିଲା, 'କିଏ ?' 'ମୁଁ ପରା ତୋ ବାପା', ପ୍ରଥମ ଥର ପରି ଥିରି ଥିରି କରି କହିଲି ।

"ତା'ପରେ ଯାହା ହେଲା, ଭଗବାନ ହିଁ ଜାଣନ୍ତି ! ମୋ ଗଳାକୁ ଜାବୁଡ଼ି ଧରି, ମୋ ଗାଲ, ଓଠ ଆଉ କପାଳକୁ ଚୁମାରେ ବୋଲି ଦେଲା ସେ । ଗାଉଣା ଚଢ଼ାଇଟି ପରି ମିଠା ଗଳାରେ କହିବାକୁ ଲାଗିଲା ଖାଲି, 'ବାପା, ମୋ ବାପା ! ମୁଁ ଠିକ୍ ଜାଣିଥିଲି ! ତୁମେ ମୋତେ ଖୋଜି ପାଇବ ! ଯାହା ହେଲେ ପଛେ, ତମେ ମୋତେ ପାଇବ ! ତୁମ ପାଇଁ ମୁଁ କେତେ ଦିନ ଧରି ଅନାଇ ବସିଥିଲି, ବାପା !' ଦେହରେ ମୋର ଜଡ଼େଇ ଯାଇ ପବନରେ ଘାସ ପତରଟି ଥରିଲା ପରି ସେ ଗୋଟିପଣେ ଥରୁଥାଏ । ମୋ ଆଖି ବି ଲୁହରେ ଝାପ୍‌ସା ପଡ଼ି ଆସିଥାଏ, ସାରା ଦେହ ଶିହରି ଉଠୁଥାଏ, ହାତ କଂପୁଥାଏ...। ଷ୍ଟିଅରିଂର ଚକଟିକୁ କେମିତି ଧରିଥିଲି, ଭଗବାନଙ୍କୁ ହିଁ ଜଣା ! ତଥାପି ବି ସେଟାକୁ ସମ୍ଭାଳି ପାରିଲି ନାହିଁ, ଗାଡ଼ିଟା ଗଡ଼ି ଗଲା ଗୋଟାଏ ନାଳି ଭିତରକୁ । କୌଣସିମତେ ଇଞ୍ଜିନ୍‌ଟାକୁ ବନ୍ଦ କରି ଦେଲି । ଆଖିରୁ କୁହୁଡ଼ିଟା ନକଟିଲା ପର୍ଯ୍ୟନ୍ତ ଗାଡ଼ି ଚଳାଇବାକୁ ଭୟ ହେଲା, କାହାକୁ କାଳେ ଚପା ଦେଇ ଦେବି । ପାଞ୍ଚ ମିନିଟ ଯାଏ ଦିହେଁ ସେଇମିତି ରହିଥାଉଁ, ପୁଅ ମୋର ପ୍ରାଣପଣେ ଭିଡ଼ି ଧରିଥାଏ ମୋତେ, ମୁହଁରେ କଥା ନଥାଏ, କେବଳ କଂପୁଥାଏ । ଡାହାଣ ହାତରେ ତାକୁ ବେଢ଼ାଇ ଧରି ବାଆଁ ହାତରେ ଗାଡ଼ି ବୁଲାଇ ନିଜ ବସାକୁ ଫେରି ଆସିଲି । କିଏ ଆଉ ଗୋଦାମକୁ ଯାଉଛି, ଯିବା ଭଳି ଅବସ୍ଥାରେ ବି ମୁଁ ସେତେବେଳେ ନଥିଲି ।

"ଦୁଆର ମୁହଁରେ ଲରୀଟିକୁ ଭିଡ଼ି ଦେଇ, ନୂଆ ପୁଅଟିକୁ ମୋର କାଖକୁ ନେଇ ପଶି ଗଲି ଘର ଭିତରକୁ । କୁନି କୁନି ହାତରେ ଗଳାକୁ ମୋର ସେ ସେହିପରି ଜାବୁଡ଼ି ଧରିଥାଏ । ଗାଲଟିକୁ ତା'ର ରୁକ୍ଷ ଗାଲରେ ମୋର ଅଠାରେ ସଟା ହେଲା ପରି ସଟାଇ ଦେଇଥାଏ ।

ସେଇ ଭଳି ଅବସ୍ଥାରେ ତାକୁ ଘରକୁ ନେଇ ଗଲି । ବନ୍ଧୁ ଆଉ ବନ୍ଧୁ ପତ୍ନୀ ଦୁହେଁ ସେତେବେଳେ ଘରେ ଥାଆନ୍ତି । ଭିତରକୁ ଯାଇ ସେମାନଙ୍କୁ ଆଖି ମିଟିକା ମାରି ଦମ୍ଭ ଆଉ ଖୁସିରେ କହିଲି, 'ହେଇ, ମୋ ଭାନ୍ୟାକୁ ଏଥର ଖୋଜି ପାଇଛି! ଆମେ ଆସି ଯାଇଛୁ, ଦେଖି ପାରୁଛ!' ମୋର ସନ୍ତାନହୀନ ବନ୍ଧୁ ଆଉ ବନ୍ଧୁ ପତ୍ନୀ ସଙ୍ଗେ ସଙ୍ଗେ ମୋ କଥା ବୁଝି ପାରିଲେ ଏବଂ ଅଥୟ ବିଥୟ ହୋଇ ଏଣେ ତେଣେ ଖାଲି ଧାଁ ଦୌଡ଼ କଲେ । ମୁଁ କିନ୍ତୁ ପୁଅର ହାତକୁ ଛାଡ଼ି ପାରୁନଥାଏ । ଯା ହେଉ, କୌଣସିମତେ ବୁଝାଇ ସୁଝାଇ ଛାତିରୁ ଓହ୍ଲାଇଲି ତାକୁ । ସାବୁନରେ ମୁହଁ ହାତ ତା'ର ଧୋଇ ଦେଇ ଖାଇବା ଟେବୁଲ ପାଖରେ ବସାଇଲି । ବନ୍ଧୁ ପତ୍ନୀ ପ୍ଲେଟରେ ପ୍ଲେଟେ ଆଗ ସୁପ୍ ଆଣି ଦେଲେ । ସେ ଯେଉଁ ଭଳି ଭାବେ ବିକଳିଆ ହୋଇ ସେଗୁଡ଼ିକୁ ଖାଇବାକୁ ଲାଗିଲା, ତାକୁ ଦେଖି ଆଖିରୁ ତାଙ୍କର ଲୁହ ଝରିବାକୁ ଲାଗିଲା । ଚୁଲୀ ପାଖରେ ଛିଡ଼ା ହୋଇ ମୁହଁରେ କାନି ଦେଇ ସେ ସୁଉଁ ସୁଉଁ ହୋଇ କାନ୍ଦିବାକୁ ଲାଗିଲେ । ଭାନ୍ୟା ମୋର ତାଙ୍କ କାନ୍ଦଣା ଦେଖି ପାଖକୁ ତାଙ୍କର ଦୌଡ଼ି ଗଲା । କାନିଟିକୁ ତାଙ୍କର ଧରି ପକାଇ କହିଲା, 'କାନ୍ଦୁଛ କାହିଁକି, ଖୁଡ଼ୀ! ବାପା ତ ମୋତେ ଚା' ଦୋକାନ ପାଖରେ ଖୋଜି ପାଇଛନ୍ତି । ସମସ୍ତେ ଖୁସି ହେବାର କଥା, ତୁମେ କ'ଣ କାନ୍ଦୁଛ!' ଏଥିରେ କାହାର କୋହ ନଉଠିବ ଭଲା, ବନ୍ଧୁ ପତ୍ନୀ ମୋର କାନ୍ଦରେ ଫାଟି ପଡ଼ିଲେ!

"ଖୁଆଇ ପିଆଇ ସାରି ସେଲୁନ୍‌କୁ ନେଇ ତା'ର ବାଳ କଟାଇ ଆଣିଲି । ଘରେ ପାଣି କୁଣ୍ଡରେ ବସାଇ ନିଜ ହାତରେ ଘଷି ମାଜି ଧୋଇ ଦେଇ ଦେହରେ ତା'ର ବେଢ଼ାଇ ଦେଲି ସଫା ଚାଦରଟିଏ । ବେକରେ ମୋର ହାତ ଗୁଡ଼ାଇ କୋଳରେ ଶୋଇ ପଡ଼ିଲା ସେ ଚଟ୍‌କିନା । ଆସ୍ତେ ବିଛଣାରେ ତାକୁ ଶୁଆଇ ଦେଇ ଗାଡ଼ି ନେଇ ଗୋଦାମକୁ ଗଲି । ମାଲ ଖଲାସ କଲା ପରେ ଗାଡ଼ିଟିକୁ ରଖି ଦେଇ ସିଧା ଛୁଟିଲି ଦୋକାନକୁ । ତା ପାଇଁ ସର୍ଜ କପଡ଼ାରେ ହଳେ ପ୍ୟାଣ୍ଟ, ଗୋଟିଏ ଛୋଟ କମିଜ, ହଳେ ଚଟି ଆଉ ଟୋପିଟିଏ କିଣିଲି । ଜିନିଷଗୁଡ଼ିକ କିନ୍ତୁ ଠିକ୍ ମାପ ମୁତାବକ ହେଲା ନାହିଁ କି ଭଲ ପଡ଼ିଲା ନାହିଁ । ପ୍ୟାଣ୍ଟକୁ ଦେଖି ବନ୍ଧୁ ପତ୍ନୀ ମୋର ବିପଦ ଶୁଣାଇ ଦେଇ



କହିଲେ, 'ତୁମ ମୁଣ୍ଡ କ'ଣ ବିଗିଡ଼ି ଯାଇଛି, ନା କ'ଣ, ଏଇ ତାତିରେ ଛୁଆଟା ପାଇଁ କିଣି ଆଣିଛ ସର୍ଜର ପ୍ୟାଣ୍ଟ!' ସଙ୍ଗେ ସଙ୍ଗେ ସିଲାଇ କଳ ଧରି ବସି ଯାଇ ସିନ୍ଦୁକ ବାକ୍‌ସ ଦରାଣ୍ଡି କନା ଖଣ୍ଡେ ସେ ବାହାର କଲେ । ଘଣ୍ଟାକ ମଧ୍ୟରେ ମୋ ଭାନ୍ୟା ପାଇଁ ସୂତାର ଗୋଟିଏ ପୁରା ପ୍ୟାଣ୍ଟ ଆଉ ଧଳା କମିଜଟିଏ ତିଆରି ହୋଇ ଗଲା । ରାତିରେ ପୁଅକୁ ପାଖରେ ଶୋଇ ପକାଇଲି ଏବଂ ଅନେକ ଦିନ ପରେ ସେଇ ପ୍ରଥମ ଥର ପାଇଁ ଶାନ୍ତିରେ ଶୋଇ ପଡ଼ିଲି ମୁଁ । ରାତିରେ ଚାରି ଥର ଖଣ୍ଡ ନିଦ ମୋର ଭାଙ୍ଗି ଯାଇଥିଲା । ଉଠି ଦେଖେ, ମୋ ପାଖରେ କାକି କୁକି ହୋଇ ଘରଚଟିଆ ଚଢ଼ାଇଟି ପରି ଶୋଇକି ଥିରି ଥିରି ନିଶ୍ୱାସ ମାରୁଛି ସେ । ମନରେ ମୋର ସେତେବେଳେ ଯେ କି ଆନନ୍ଦ, ତା କହି ହେବ ନାହିଁ! ହଲଚଲ ହେବାକୁ ମୋତେ ଭୟ ଲାଗୁଥାଏ, କାଳେ ତା ନିଦ ଭାଙ୍ଗି ଯିବ । ତଥାପି ବି ଚୁପ୍ ଚୁପ୍ ହୋଇ ଉଠୁଥିଲି ଏବଂ ଦିଆସିଲି କାଠି ମାରି ତାକୁ ଚାହିଁ ରହୁଥିଲି...।

"ଭୋର ହେବା ଆଗରୁ ନିଦଟା ମୋର ଭାଙ୍ଗି ଗଲା, ବୁଝି ପାରିଲି ନାହିଁ, ଏମିତି ଅଣନିଶ୍ୱାସୀ କାହିଁକି ଲାଗୁଛି? ଦେଖେଁ, ପୁଅ ମୋର ବିଛଣା ଉପରୁ ଉଠି ଆସି ଛାତି ଉପରେ ମୋର ଶୋଇଛି ଏବଂ କୁନି ପାଦଟିକୁ ତା'ର ମୋ ଗଳା ଉପରେ ଲଦି ଦେଇଛି । ସେ ଅଥୟ ଚଗଲଟା ସାଙ୍ଗରେ ଶୋଇବାରେ କ'ଣ କମ୍ ହରକତ୍ ହେବାକୁ ହୁଏ ଭାଇ, କିନ୍ତୁ ଅଭ୍ୟାସ ହୋଇ ଗଲାଣି—ସେ ବିଛଣାରେ ନଥିଲେ, ମନଟା ଖାଁ ଖାଁ କରି ଉଠେ । ରାତିରେ ନିଘୋଡ଼ ନିଦରେ ଶୋଇଥିଲା ବେଳେ ତାକୁ ଆଉଁସି ଦିଏ, ତା'ର କୁଞ୍ଚିକୁଞ୍ଚିକିଆ ବାଳର ଗନ୍ଧ ନାକରେ ନିଏ—ହୃଦୟର ଦୁଃଖ ଯନ୍ତ୍ରଣା କୁଆଡ଼େ ମିଳାଇ ଯାଏ, ମନଟା ଟିକେ ଉଶ୍ୱାସ ଲାଗେ । ଏ ହୃଦୟଟା ଦୁଃଖ ସହି ସହି ପଥର ପାଲଟି ଯାଇଛି ଭାଇ...।

"ପ୍ରଥମେ ପ୍ରଥମେ ମୋ ସହିତ ଲରୀରେ ସେ ଯା ଆସ କରୁଥିଲା, ପରେ ବୁଝିଲି, ଏଭଳି ଭାବେ କାମ ଚଳିବ ନାହିଁ । ମୋ ନିଜ ପାଇଁ କ'ଣ ବା ଦରକାର? ଡେନାଏ ରୁଟି, ଖଣ୍ଡେ ପିଆଜ, ଲୁଣ ଟିକିଏ ହେଲେ ଜଣେ ସୈନିକର ଦିନଟାଏ ଚଳିଯିବ । କିନ୍ତୁ ସିଏ ସାଙ୍ଗରେ

ଥିଲେ, କଥାଟା ସଂପୂର୍ଣ୍ଣ ଅଲଗା – କେତେବେଳେ ଦୁଧ ଆଣିବାକୁ ହେବ ତ କେତେବେଳେ ଅଣ୍ଡାଟାଏ ସିଝାଇବାକୁ ପଡ଼ିବ । ଉଷୁମ ଉଷୁମ ନହେଲେ ସେତ କିଛି ପାଟି କି ନେଇ ପାରିବ ନାହିଁ । ତେଣେ ମୋତେ ପୁଣି ମୋ କାମ କରିବାକୁ ପଡ଼ିବ । ଯା ହେଉ, ବୁକୁରେ ସାହସ ବାନ୍ଧି, ବନ୍ଧୁ ପତ୍ନୀଙ୍କ ପାଖରେ ଦିନେ ତାକୁ ରଖି ଦେଇ ଗଲି । ଦିନ ସାରା କାନ୍ଦି କାନ୍ଦି ଶେଷକୁ ସଞ୍ଜ ବେଳକୁ ଗୋଦାମ ପାଖକୁ ପଳାଇ ଆସିଲା ମୋତେ ଦେଖିବ ବୋଲି । ମୋ ହାତରୁ ବା କେଉଁଠି କାମ ସରୁଛି, ରାତି ଅଧ ଯାଏ ମୋ ପାଇଁ ସେ ସେଇଠି ଚାହିଁ ବସିଥାଏ ।

"ପ୍ରଥମେ ପ୍ରଥମେ ତା ପାଇଁ ବଡ଼ ହଇରାଣ ହେବାକୁ ପଡ଼ିଥିଲା । ଥରେ ଦିନ ତମାମ ଖୁବ୍ ଖଟଣି ପରେ ଟିକେ ସଞ୍ଜସଞ୍ଜୁଆ ଶୋଇବାକୁ ଗଲି ବିଛଣାକୁ, କିନ୍ତୁ ଘରଚଟିଆ ପରି ସବୁବେଳେ କିଚିରି ମିଚିରି ହେଉଥିବା ଚଗଲଟି ମୋର କାହିଁକି ବା ତୁନି ତାନି ହୋଇ ରହିବ । ପଚାରିଲି, 'କ'ଣ ଭାବୁଛୁ କିରେ, ବାବୁ ?' କଡ଼ି କାଠକୁ ଚାହିଁ ଚାହିଁ ସେ ମୋତେ ଓଲଟି ପଚାରିଲା, 'ତମର ସେ ଚମଡ଼ା କୋଟ୍‌ଟା କ'ଣ କଲ, ବାପା ?' ଜୀବନରେ ତ ମୋର କେବେ କେଉଁଠି ଚମଡ଼ା କୋଟ୍ ନଥିଲା ! କଥାଟାକୁ ମୋତେ ବୁଲେଇ ବାଲେଇ କହିବାକୁ ହେଲା । କହିଲି, 'ଭରୋନେଜ୍‌ରେ ଛାଡ଼ି ଆସିଛି, ବାପ ।' 'ମୋତେ ଖୋଜି ପାଇବାକୁ ତୁମକୁ ଏତେ ଦିନ ଲାଗିଲା କାହିଁକି, ବାପା ?' ଉତ୍ତର ଦେଲି, 'ଅନେକ ଖୋଜିବାକୁ ପଡ଼ିଲା, ଜର୍ମାନୀରେ ଖୋଜିଲି, ପୋଲାଣ୍ଡରେ ଖୋଜିଲି, ସାରା ବେଲରୁଷିଆ ଖୋଜି ଶେଷରେ ତୋତେ ପାଇଲି ଏହି ଉର୍ୟୁପିନ୍‌ସ୍କରେ ।' 'ଉର୍ୟୁପିନ୍‌ସ୍କ କ'ଣ ଜର୍ମାନୀ ପାଖରେ ? ପୋଲାଣ୍ଡ ଏଠୁ ଅନେକ ଦୂର ନା ?' ଏହି ଭଳି କେତେ କ'ଣ ପଚରା ଉଚୁରା ହେଲା ପରେ ସେଦିନ ଶୋଇ ପଡ଼ିଲୁ ଦିହେଁ ।

"ତୁମେ କ'ଣ ଭାବୁଛ, ସେ ଚମଡ଼ା କୋଟ୍ କଥାଟା ପଚାରିବା ପଛରେ କିଛି କାରଣ ନଥିଲା ? ହଁ, ଥିଲା, କାରଣଟିଏ ଥିଲା ଠିକ୍ । ତା ଅର୍ଥ, ତା'ର ଅସଲ ବାପଟି କେବେ ଚମଡ଼ା କୋଟ୍‌ଟିଏ ପିନ୍ଧୁଥିଲା, ସେ କଥାଟା ହଠାତ୍ ତା'ର ମନେ ପଡ଼ି ଯାଇଛି । ପିଲାଙ୍କ ମନ ବୈଶାଖର ବିଜୁଳି ପରି – ଝଲସି ଉଠେ, ସବୁ ଝଲମଲ କରି ଦିଏ,



ତା'ପରେ ମିଳାଇ ଯାଏ । ତା ସ୍ମୃତିଟା ଠିକ୍ ସେଇ ଭଳି, ବିଜୁଳି ପରି ମଝିରେ ମଝିରେ ଝଲସି ଉଠେ ।

"ଉର୍ୟୁପିନ୍‌ସ୍କ ସହରରେ ଆଉରି ବର୍ଷେ ଖଣ୍ଡ ଏକାଠି ହୁଏତ କଟାଇ ପାରିଥାନ୍ତୁ । ନଭେମ୍ବର ମାସରେ କିନ୍ତୁ ଗୋଟାଏ ଦୁର୍ଘଟଣା କରି ପକାଇଲି । ଦିନେ ଗୋଟାଏ ଗାଁ ଭିତରେ କାଦୁଆ ରାସ୍ତା ଦେଇ ଲରୀ ଚଳାଇ ଯାଉଥାଏ । ସଟ୍‌କିନା ଖସଡ଼ାରେ ଖସି ଗଲା ଲରୀଟା, ବାଟରେ ଗାଈଟାଏ ଥିଲା, ଧକା ଲାଗିଲା ତା'ଠି । ଏସବୁ ଘଟଣାରେ କ'ଣ ହୁଏ, ଜାଣିଛ ତ – ମାଇପେଗୁଡ଼ାଏ ହୋହୋ କରି ଉଠିଲେ, ଲୋକସବୁ ଜମା ହୋଇ ଗଲେ, ଟ୍ରାଫିକ୍ ଇନ୍‌ସପେକ୍ଟର ଆସି ହାଜିର । ମୋ ଡ୍ରାଇଭରି ଲାଇସେନ୍‌ସଟା କାଢ଼ି ନେଲା ସେ, କେତେ କାକୁତି ମିନତି କରି କହିଲି, କିଛି ଫଳ ହେଲା ନାହିଁ । ଠିକ୍ ଏହି ସମୟରେ ଗାଈଟା ଉଠି ପଡ଼ିଲା, ଲାଙ୍ଗୁଳଟାକୁ ଉପରକୁ ଟେକି ରାସ୍ତାରେ କୁଦା ମାରି ଛୁଟିବାକୁ ଲାଗିଲା । ମୁଁ କିନ୍ତୁ ହରାଇ ବସିଲି ମୋ ଲାଇସେନ୍‌ସଟି । ଶୀତକାଳଟା ଯାକ କାଠମିସ୍ତ୍ରୀ କାମ କରି ଚଳିଲି, ତା'ପରେ ଚିଠି ଲେଖିଲି ମୋର ଜଣେ ବନ୍ଧୁଙ୍କୁ – ସିଏ ବି ମୋ ସହିତ ଏକେଇ ଯୁଦ୍ଧ କ୍ଷେତ୍ରରେ ଥିଲେ – ତୁମ ଏଇ ଇଲାକାର ଲୋକ, କାଶାରି ଜିଲାରେ ଡ୍ରାଇଭରି କରନ୍ତି । ମୋତେ ତାଙ୍କ ପାଖକୁ ଯିବା ପାଇଁ ସେ ଲେଖିଛନ୍ତି । ଛଅ ମାସ ଖଣ୍ଡ କାଠମିସ୍ତ୍ରୀ କାମ କରି ଚଳାଇବାକୁ ପଡ଼ିବ, ତା'ପରେ ତାଙ୍କ ଇଲାକାରେ ନୂଆ ଲାଇସେନ୍‌ସ ମିଳି ଯିବ ବୋଲି ବନ୍ଧୁ ଲେଖିଛନ୍ତି । ତେଣୁ ପୁଅ ସାଙ୍ଗରେ ମାର୍ଚ୍ଚ କରି କରିକା ଚାଲିଛି ଏବେ କାଶାରିକୁ ।

"ତେବେ ଗାଈଟା ଦେହରେ ଧକା ବାଜି ଦୁର୍ଘଟଣା ଘଟିନଥିଲେ ବି ଉର୍ୟୁପିନ୍‌ସ୍କରେ ମୁଁ ରହି ନଥାନ୍ତି । ଗୋଟାଏ ଜାଗାରେ ବେଶି ଦିନ ମୁଁ ରହି ପାରେ ନା, ମନଟା ଖାଁ ଖାଁ କରି ଉଠେ । ମୋ ଭାନ୍ୟା ବଡ଼ ହୋଇ ଗଲେ ତାକୁ ଯେତେବେଳେ ସ୍କୁଲରେ ଭର୍ତ୍ତି କରିବି, ସେତେବେଳେ, ହୁଏତ, ମୋତେ ସ୍ଥିର ହେବାକୁ ହେବ, ନିଶ୍ଚୟ, ବସା ବାନ୍ଧିବାକୁ ପଡ଼ିବ । ବର୍ତ୍ତମାନ କିନ୍ତୁ ତାକୁ ନେଇ ଏ ରୁଷ୍ ଦେଶଟାକୁ ବୁଲିବାରେ ଲାଗିଛି ।

ପଚାରିଲି, "ଚାଲି ଚାଲି ସେ ଥକି ପଡ଼ୁ ନି ତ ?"

"ନିଜ ପାଦରେ ସେ ଖୁବ୍ କମ୍ ଚାଲେ, ଅଧିକାଂଶ ସମୟ ସେ ମୋ ଉପରେ ଲଦନ ହୋଇ ଯାଏ । କେତେବେଳେ କାନ୍ଧରେ ବସାଇ, କେତେବେଳେ ପିଠିରେ ଲଉ କରି କରି ନିଏ । ଗୋଡ଼ ଖେଳାଇବାକୁ ଇଚ୍ଛା ହେଲେ କାନ୍ଧ ଉପରୁ ଖପାଟାଏ ମାରି ଦେଇ ସଡ଼କର କରେ କରେ ଛେଳିଛୁଆଟି ପରି ଖୁପୁରୁ ଖୁପୁରୁ ହୋଇ ଦୌଡ଼େ ସେ । ଏସବୁ କିଛି ନୁହଁ ଭାଇ, ଆମେ ଆମ ବାଟ ଧରି ଠିକ୍ ଚାଲି ଯିବୁ । କେବଳ ସମସ୍ୟାଟା ହେଉଛି ମୋର ଏ ଛାତିଟା...। କେଉଁଠି ଗୋଟାଏ ବଡ଼ ଧକା ଲାଗିଛି ସେଥିରେ, ସେ ମସିନଟାର ପିଷ୍ଟନ ବଦଳାଇବା ଖୁବ୍ ଜରୁରୀ ହୋଇ ପଡ଼ିଲାଣି...। ବେଳେବେଳେ ଭିତରେ ଏମିତି ଭୁଷି ଦେଉଛି ଯେ, ଆଖିର ତରା ଲେଉଟି ପଡ଼ୁଛି । ଡର ମାଡ଼ୁଛି, ଶୋଇଥିବା ବେଳେ କେବେ ପ୍ରାଣଟା ମୋର ବାହାରି ଯିବ ଆଉ ପୁଅଟି ମୋର ଚିହିଁକି ଉଠିବ । ସେତିକି କେବଳ ନୁହଁ, ପ୍ରାୟ ପ୍ରତିଦିନ ରାତିରେ ସ୍ୱପ୍ନରେ ଦେଖୁଛି ମୋ ପ୍ରାଣର ସେଇ ପ୍ରିୟତମମାନଙ୍କୁ, ଯେଉଁମାନଙ୍କୁ ହରାଇଛି ମୁଁ । ଅଧିକାଂଶ ସମୟରେ ଦେଖେ, ମୁଁ ଯେପରି କଣ୍ଟା ତାର ବାଡ଼ ମଧ୍ୟରେ ବନ୍ଦୀ, ସେମାନେ ବାଡ଼ ଆର ପାଖରେ ସ୍ୱାଧୀନ...। ମୋର ପ୍ରାଣର ଇରିନା ସହିତ, ପିଲାମାନଙ୍କ ସହିତ ଟିକିନିଖି କେତେ କଥା କହେଁ, କିନ୍ତୁ କଣ୍ଟା ତାରଗୁଡ଼ାକୁ ଦିହାତରେ ଯେତେବେଳେ ଛିଡ଼ାଇବାକୁ ଯାଏ, ସଙ୍ଗେ ସଙ୍ଗେ ସେମାନେ ଦୂରେଇ ଯାଆନ୍ତି, ହଠାତ୍ କୁଆଡ଼େ ମିଳାଇ ଯାଆନ୍ତି ଆଖି ଆଗରେ ମୋର...। ଏହା ଛଡ଼ା ଆଉ ଗୋଟାଏ ଅବାକ୍ କଥା ବି ଘଟୁଛି, ଦିନ ବେଳେ ବେଶ୍ ଠିକ୍ ରହୁଛି, ଲୁହ କି ଆହା କିଛି ହେଉ ନି, କିନ୍ତୁ ରାତିରେ ବେଳେବେଳେ ନିଦ ଭାଙ୍ଗି ଗଲେ, ଦେଖେ ଲୁହରେ ତକିଆ ଭିଜି ଯାଇଛି...।"

ଏହି ସମୟରେ ନଈ ଭିତରୁ ଭାସି ଆସିଲା ମୋ ବନ୍ଧୁର ସ୍ୱର ଆଉ ଅହୁଲର ଖଟ୍ଖାଟ୍ ଶବ୍ଦ ।

ଆପଣାର ହୋଇ ପଡ଼ିଥିବା ସେ ଅଚିହ୍ନା ଲୋକଟି ଉଠି ପଡ଼ି ତା'ର ଲମ୍ବ, କାଠ ଭଳି ଶକ୍ତ ହାତଟିକୁ ବଢ଼ାଇ ଦେଇ କହିଲା :



"ଯାଉଛି ଭାଇ, ଯାତ୍ରା ତୁମର ଶୁଭ ହେଉ !"

"ତୁମ ଯାତ୍ରା ବି ଶୁଭ ହେଉ !"

"ଧନ୍ୟବାଦ ! ପୁଅ, ଏଥର ଡଙ୍ଗାକୁ ଚାଲ ।"

ପିଲାଟି ଧାଇଁ ଆସିଲା ବାପ ପାଖକୁ । ବାପର କୁରୁତାକାନିକୁ ଧରି ତା'ର କୁନି କୁନି ପାଦଟିମାନ ପକାଇ ବାପର ଲମ୍ବା ଲମ୍ବା ପାହୁଣ୍ଡ ସହିତ ତାଳ ମିଳାଇ ଚାଲିବାକୁ ଲାଗିଲା ।

ଦୁଇଟି ଅନାଥ ମଣିଷ, ଦୁଇଟି ବାଲିକଣା—ଯୁଦ୍ଧର ଭୟଙ୍କର ଝଡ଼ରେ ଉଡ଼ି ଆସି କେଉଁ ଅଜଣା ଭୂଇଁରେ ପଡ଼ିଛନ୍ତି...। ଭବିଷ୍ୟତ ତାଙ୍କ ପାଇଁ କ'ଣ ରଖିଛି ? ମନରେ ମୋର ପୂରା ବିଶ୍ୱାସ ଜନ୍ମିଥିଲା, ଏହି ରୁଷୀ ଲୋକଟି, ଅନମନୀୟ ମନବଳର ଏହି ମଣିଷଟି କେବେହେଲେ ଭାଙ୍ଗି ପଡ଼ିବ ନାହିଁ, ପିଲାଟି ତା'ର ବାପର ସ୍ନେହ ଛାୟା ତଳେ ବଢ଼ି ଉଠିବ, ଆଉ ଜନ୍ମଭୂଇଁର ଡାକ ଆସିଲେ, ସବୁ କିଛିକୁ ସେ ସହ୍ୟ କରି ସମସ୍ତ ବାଧା ବିଘ୍ନକୁ ଅତିକ୍ରମ କରିଯିବାର ଶକ୍ତି ସେ ଲାଭ କରିବ।

ସେମାନଙ୍କ ଯିବା ପଥକୁ ବିଷାଦ ବିଷଣ୍ଣ ଦୃଷ୍ଟିରେ ଚାହିଁ ରହିଥିଲି...। ଆମର ବିଦାୟଟା ଏତେ ବିଷାଦଭରା ହୋଇ ନଥାନ୍ତା, ଯଦି ଭାନ୍ୟା ଟିକି ଟିକି ପାଦ ଦୁଇଟିରେ କିଛି ବାଟ ଗଲା ପରେ ମୋ ଆଡ଼କୁ ମୁହଁ ଫେରାଇ ତା'ର କୁନି କୁନି ଗୋଲାପୀ ହାତଟିକୁ ହଲାଇନଥାନ୍ତା । ହଠାତ୍ ଗୋଟାଏ ନରମ, ନଖଭରା ଥାବା ବୁକୁ ଭିତରକୁ ମୋର ଚାପି ଧରିଲା, ସଙ୍ଗେ ସଙ୍ଗେ ମୁହଁ ଫେରାଇ ଆଣିଲି ମୁଁ । ନା, ନା, ବର୍ଷ ବର୍ଷ ଧରି ଯୁଦ୍ଧ ଭିତରେ ବାଳ ପାଚି ସଫେଦ ହୋଇ ଯାଇଥିବା ଏହି ସବୁ ବୟସ୍ଥ ଲୋକମାନେ କେବଳ ନିଦରେ ଲୁହ ଗଡ଼ାନ୍ତି ନାହିଁ । ନିଦରେ ବି କାନ୍ଦନ୍ତି, ଚଲାଫେରା କଲା ବେଳେ କାନ୍ଦନ୍ତି । ସବୁଠୁ ବଡ଼ କଥା ହେଉଛି—ଠିକ୍ ସମୟରେ ମୁହଁ ଫେରାଇ ନେବା, ଆଖିରୁ ଲୁହ ପୋଛି ପକାଇବା । ତାଠାରୁ ଆଉରି ବଡ଼ କଥା ହେଉଛି—ଶିଶୁର ହୃଦୟରେ ସେସବୁର ଆଘାତ ଯେପରି ନଲାଗୁ, ମଣିଷ ମୁହଁକୁ ଚାହିଁ ଚାହିଁ ଝରି ଆସୁଥିବା ସେହି ଅମାଚିଆ ତପତ ଲୁହକୁ ସେ ଯେପରି ଦେଖି ନପାରୁ...।

୧୯୪୭

## ପାଠକମାନଙ୍କ ପ୍ରତି

ଏହି ପୁସ୍ତକର ଅନୁବାଦ ଏବଂ ଅଙ୍ଗସଜ୍ଜା ବିଷୟରେ ଆପଣମାନଙ୍କର ମତାମତ ଜଣାଇଲେ, ପ୍ରଗତି ପ୍ରକାଶନ ବାଧିତ ହେବ । ଅନ୍ୟାନ୍ୟ ପରାମର୍ଶ ମଧ୍ୟ ଜଣାଇବାକୁ ଅନୁରୋଧ ।

ଆମର ଠିକଣା –

ପ୍ରଗତି ପ୍ରକାଶନ, ୧୭, ଜୁବଭ୍‌ସ୍କି ବୁଲ୍‌ଭାର, ମସ୍କୋ, ସୋଭିଏତ୍ ୟୁନିଅନ୍ ।

ИБ № 8362

Редактор русского текста *Н. С. Кочарова*. Контрольный редактор *Н. М. Иванова*. Художественный редактор *С. Е. Барабаш*. Технический редактор *М. В. Данилушкина*. Корректор *Е. В. Ларина*. Сдано в набор 3.11.81. Подписано в печать 27.05.81. Формат 70×90/32. Бумага типографская № 1. Гарнитура ория. Печать высокая. Условн. печ. л. 8,19. Уч.-изд. л. 12,69. Тираж 2200 экз. Заказ № 2648. Цена 1 р. 42 к. Изд. № 23259. Ордена Трудового Красного Знамени издательство «Прогресс» Государственного комитета СССР по делам издательств, полиграфии и книжной торговли. Москва 119021, Зубовский бульвар, 17. Ордена Трудового Красного Знамени Московская типография № 7 «Искра революции» «Союзполиграфпрома» Государственного Комитета СССР по делам издательств, полиграфии и книжной торговли. Москва 121019, пер. Аксакова, 13.